# ଧରିତ୍ରୀ
DHARITRI

ସମ୍ବଲପୁର, ବୁଧବାର, ନଭେମ୍ବର ୬/୨୦୧୯ (୨୦ ପୃଷ୍ଠା) | Sambalpur, Wednesday, November 6 / 2019 | ★★

୧୫୩ ଭାଗ ୩୧୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-





**ଦୀପକଙ୍କୁ ଅଲିମ୍ପିକ ଯୋଗ୍ୟତା**

ଏସିଆନ ଶୁଟିଂ ଚାମ୍ପିୟନଶିପ୍ ପୁରୁଷ ୧୦ ମିଟର ଏୟାର ରାଇଫଲ ଇଭେଣ୍ଟରେ ଦୀପକ କୁମାର ବ୍ରୋଞ୍ଜ୍ ପଦକ ଜିତିବା ସହ ଅଲିମ୍ପିକ ଯୋଗ୍ୟତା ହାସଲ କରିଛନ୍ତି। **୧୮**

**୦୨** **'ସବ୍ କୁଶଲ ମଙ୍ଗଲ ହେ'ରେ ରିୟା**

ଫିଲ୍ମ 'ସବ୍ କୁଶଲ ମଙ୍ଗଲ ହେ'ର ରିଲିଜ ଜାନୁୟାରୀ ୩ରେ ହେବାକୁ ଯାଉଛି। ଏଥିରେ ଭୋଜପୁରୀ ସୁପରଷ୍ଟାର ରବି କିଶନଙ୍କ ଝିଅ ରିୟା ଡେବ୍ୟୁ କରିବାକୁ ଯାଉଛନ୍ତି।









# ଜନତା ଆଖିରେ ଶତ୍ରୁ

ଭାରତରେ ଜମିଜମା ସମ୍ପର୍କିତ ଅନେକ ମାମଲା ଆଇନ ଜାଲରେ ଦୀର୍ଘବର୍ଷ ଛନ୍ଦି ହୋଇରହିଛି। ବିଶେଷକରି ଭାଇ ଭାଇ ଏବଂ ପଡ଼ୋଶୀଙ୍କ ମଧ୍ୟରେ ଜମିକୁ ନେଇ ବିବାଦ ବହୁ ସମୟରେ ଉଗ୍ରରୂପ ଧାରଣ କରିଥାଏ। ଏହି ଜମିକୁ ନେଇ ପରିବାର ଭିତରେ ହତ୍ୟା ଘଟିବା ଏକ ସାଧାରଣ କଥା। ଏପରିକି ଓଡ଼ିଶାର ଯେକୌଣସି କାରାଗାରକୁ ଦେଖିଲେ ସ୍ପଷ୍ଟ ଜଣାପଡ଼େ ଯେ, ପ୍ରାୟ ୭୦ଭାଗରୁ ଊର୍ଦ୍ଧ୍ୱ ଆଜୀବନ କାରାଦଣ୍ଡରେ ଦଣ୍ଡିତ ଅନ୍ତେବାସୀ ଜମିଜନିତ ହିଂସାରେ ଜଡ଼ିତ ହୋଇ ଅଛନ୍ତି। ଅର୍ଥାତ୍ ଆମ ଦେଶରେ ଜମି ସହ ଯେଉଁ ଆବେଗିକ ବନ୍ଧନ ରହିଛି, ତାହା ଆଧୁନିକ ଯୁଗରେ ହ୍ରାସ ପାଇବାର କୌଣସି ଲକ୍ଷଣ ଦେଖାଦେଉନାହିଁ। ଅନ୍ୟପଟେ ଘରୋଇ ଶିଳ୍ପାୟନ ଏବଂ ବିଭିନ୍ନ ସରକାରୀ ପ୍ରକଳ୍ପ ଯୋଗୁ ଜମି ହରାଉଥିବା ନାଗରିକ ଘୋର ମାନସିକ ଯନ୍ତ୍ରଣା ଦେଇ ଗତି କରିଥାଆନ୍ତି। ଏଭଳି ମନୋଭାବ କେବଳ ଗ୍ରାମାଞ୍ଚଳରେ ସୀମିତ ନୁହେଁ, ଭାରତର ସହରାଞ୍ଚଳରେ ମଧ୍ୟ ଜମି ସମ୍ପର୍କିତ ବିବାଦର ସଂଖ୍ୟା ପ୍ରବଳ ମାତ୍ରାରେ ବୃଦ୍ଧି ପାଇ ଚାଲିଛି।

ଏହି ପ୍ରଚ୍ଛଦପଟରେ ତୀବ୍ର କ୍ରୋଧ ପ୍ରକାଶ ପାଇବାର ଉଦାହରଣ ତେଲଙ୍ଗାନାର ଅବ୍ଦୁଲ୍ଲାପୁରମେଟ୍ ମଣ୍ଡଳର ମହିଳା ତହସିଲଦାର ବିଜୟା ରେଡ୍ଡୀଙ୍କୁ ନିଆଁ ଲଗାଇ ପୋଡ଼ି ହତ୍ୟାକରିବା ଘଟଣାରେ ପ୍ରତିଫଳିତ ହୋଇଛି। ଉଲ୍ଲେଖଯୋଗ୍ୟ ଯେ, ଏହି ଘଟଣାରେ ଗୁରୁତର ହୋଇ ଚିକିତ୍ସିତ ହେଉଥିବା ତହସିଲଦାରଙ୍କ ଡ୍ରାଇଭରଙ୍କ ୫ ନଭେମ୍ବରରେ ମୃତ୍ୟୁ ଘଟିଛି। ଏଠାରେ ହତ୍ୟାକାରୀ ହେଉଛନ୍ତି କୃଷକ କୁରା ସୁରେଶ। ଜଣେ କେଉଁସ୍ତରରେ ପହଞ୍ଚିଲେ ଏଭଳି ଆପରାଧିକ ପଦକ୍ଷେପ ନେଇପାରେ, ତାହା ଏବେ ଆଲୋଡ଼ନ ସୃଷ୍ଟି କରିଛି। କେଉଁଥିପାଇଁ ଜଣେ ତହସିଲଦାରଙ୍କୁ ହତ୍ୟା କରାଯାଇଛି, ତାହାର କାରଣ ସ୍ପଷ୍ଟ ହୋଇ ନ ଥିଲେ ମଧ୍ୟ ସୁରେଶ ଓ ତାଙ୍କ ଭାଇଙ୍କ ମଧ୍ୟରେ ଜମିକୁ ନେଇ ରହିଥିବା ବିବାଦକୁ ମୁଖ୍ୟ ହେତୁ ଭାବେ ସନ୍ଦେହ କରାଯାଉଛି। ତେବେ ତହସିଲଦାରଙ୍କୁ ପୋଡ଼ି ମାରିଦେବାର କୌଣସି ଯଥାର୍ଥତା ବୁଝିବା ଅସମ୍ଭବ। ଅନ୍ୟପଟେ ଏହା ଭାରତର ବ୍ୟବସ୍ଥା ସମ୍ପର୍କରେ ଆଲୋକପାତ କରୁଛି। ସୁରେଶଙ୍କ ପ୍ରତିକ୍ରିୟା ଦର୍ଶାଉଛି ଯେ, ଜଣେ ସାଧାରଣ ନାଗରିକ ପାଇଁ ସ୍ୱାଭାବିକ ନ୍ୟାୟ ପାଇବା ଆମ ଦେଶର ବ୍ୟବସ୍ଥା ମାଧ୍ୟମରେ ସମ୍ଭବପର ହେଉନାହିଁ। ସହଜ ସମାଧାନକୁ ଗ୍ରହଣ କରିବା ପରିବର୍ତ୍ତେ ଭାରତୀୟ ସରକାରୀ ବ୍ୟବସ୍ଥାରେ ସବୁ ବିଷୟକୁ ଜଟିଳ କରିଦିଆଯାଉଛି। ଜମି ସହିତ ସମ୍ପୃକ୍ତ ସରକାରୀ ବିଭାଗ, ପୋଲିସ ଏବଂ କଚେରି ପର୍ଯ୍ୟନ୍ତ ସବୁଠାରେ ସାଧାରଣ ନାଗରିକକୁ ଅନାବଶ୍ୟକ ହଇରାଣ ହରକତ ହେବାକୁ ପଡ଼ିଥାଏ। ଯଦି କାହାରିକୁ ପୋଲିସ ଥାନାକୁ କୌଣସି ଗୋଟିଏ କାରଣ ପାଇଁ ଯିବାକୁ ପଡ଼େ, ତାହାର ପରିଣାମ ଭୋଗିବା ପାଇଁ ସେହି ଅଭିଯୋଗକାରୀ ପ୍ରସ୍ତୁତ ହେବା ଦରକାର। ପୋଲିସ ବ୍ୟବସ୍ଥାରେ ଅଭିଯୋଗକାରୀ ଉପରେ ପ୍ରଥମ ସନ୍ଦେହ ସୃଷ୍ଟି ହେଉଛି। ଦୀର୍ଘକାଳ ଅପେକ୍ଷା କରିବା, ଜେରାର ସମ୍ମୁଖୀନ ହେବା ଏବଂ କାକୁତିମିନତି ହୋଇ ଅର୍ଥ ଘୁଷ୍ ଦେଇପାରିଲେ ପୋଲିସର କିଛି ସକ୍ରିୟତା ଆଶା କରାଯାଇପାରେ। ଅନୁରୂପଭାବେ ପୋଲିସ ଭଳି ବାସ୍ତବ ସରକାର ବୋଲାଉଥିବା ଅନ୍ୟ ଏକ ଅଙ୍ଗ ହେଉଛି ତହସିଲ କାର୍ଯ୍ୟାଳୟ। ସେଠାରେ ରାଜସ୍ୱ ନିରୀକ୍ଷକ (ଆରଆଇ) ଠାରୁ ଆରମ୍ଭ କରି ତହସିଲଦାରଙ୍କ ଜୁଲମ ସହିବା ନାଗରିକଙ୍କ ପାଇଁ ଅସମ୍ଭାଳ ହୋଇପଡ଼େ। କେବଳ ଘୁଷ୍ ଦେଲେ ହେବନାହିଁ, ସାଧାରଣ ନ୍ୟାୟ ପାଇବା ମଧ୍ୟ ସାତସପନ।

**ତଥାଗତ ସତପଥୀ**

ଭାରତୀୟ ସମାଜରେ ଧନୀ ଓ ଗରିବର ବିଭେଦ ଥାଇପାରେ। କିନ୍ତୁ ଧନୀ ଭିତରେ ମଧ୍ୟ ସୁପର ଧନୀ ଓ ସାଧାରଣ ଧନୀର ତଫାତ୍ ରହିଛି। ଯେଉଁ ଦେଶରେ ସାଧାରଣ ନାଗରିକର ମୌଳିକ ସମସ୍ୟାରେ ନ୍ୟାୟ ପାଇବା ସମ୍ଭବପର ହୋଇପାରେନାହିଁ, ସେଠାରେ ସାମାଜିକ ଅସ୍ଥିରତା ସୃଷ୍ଟି ହେବାର ପରିସ୍ଥିତି ଗଢ଼ିଉଠେ। ନ୍ୟାୟକୁ ଯେଉଁମାନେ ହାତେଇ ପାରିଲେ, ସେହିମାନେ ଏହି ଦେଶରେ ସୁଖ ପାଇପାରିବେ, ଯେଉଁ ପର୍ଯ୍ୟନ୍ତ ତାଙ୍କଠାରୁ ଆହୁରି ଶକ୍ତିଶାଳୀ ବ୍ୟକ୍ତି ପ୍ରକଟ ହୋଇ ନ୍ୟାୟ ହାତେଇ ନେଇନାହାନ୍ତି।

ଆମ ଦେଶରେ ଯେଉଁ ବାତାବରଣ ସୃଷ୍ଟି ହେବାରେ ଲାଗିଛି, ତାହାକୁ ଦେଖିଲେ କେତୋଟି କଥା ବୁଝିହେଉଛି। ଜନସାଧାରଣଙ୍କ ମନରେ ବ୍ୟବସ୍ଥା ପ୍ରତି ଅସହିଷ୍ଣୁତା ସୃଷ୍ଟି ହେବାର ମୁଖ୍ୟ କାରଣ ହେଉଛି ଯେ, ସ୍ୱାଭାବିକ ଭାବେ ଛୋଟବଡ ସମସ୍ୟାରେ ଜଡ଼ିତ ହେଲେ ନ୍ୟାୟ ମିଳିବା ସମ୍ଭବପର ହେଉନାହିଁ। ସେଥିପାଇଁ ଯେଉଁମାନେ ବ୍ୟବସ୍ଥାର ପ୍ରତୀକ ଭାବରେ ଆଖିଦୃଶିଆ ହେଉଛନ୍ତି ଯଥା-ସରକାରୀ ଅଧିକାରୀ ଓ କର୍ମଚାରୀ, ନ୍ୟାୟାଧୀଶ, ରାଜନେତା ଏବଂ ପୋଲିସ, ଏହି କେତୋଟି ବର୍ଗର ଲୋକ ଜନତାଙ୍କ ଆଖିରେ ଶତ୍ରୁ ଭାବେ ପରିଲକ୍ଷିତ ହେଲେଣି। କ୍ରମଶଃ ଜଟିଳ ପରିସ୍ଥିତି ବୃଦ୍ଧି ପାଇଲା ବେଳକୁ ଏହି ଲୋକଙ୍କ ଜୀବନ ପ୍ରତି ବିପଦ ମଧ୍ୟ ଘନେଇ ଆସିଲାଣି। ସେଥିପାଇଁ ତେଲଙ୍ଗାନା ତହସିଲଦାରଙ୍କୁ ନିର୍ମମ ହତ୍ୟା ହୁଏତ ଏକ କାଁ ଭାଁ ଘଟଣା ପରିବର୍ତ୍ତେ ସାମାଜିକ ପରିସ୍ଥିତିର ପରିବର୍ତ୍ତିତ ମୋଡ଼ର ସଙ୍କେତ ଭାବେ ଦେଖାଯିବା ଉଚିତ।

■ ପଶ୍ଚିମବଙ୍ଗ, ବାଂଲାଦେଶ ମୁହାଁ ହେଉଛି 'ବୁଲ୍‌ବୁଲ୍'

# ଓଡ଼ିଶାକୁ ବିପଦ ନାହିଁ



ଭୁବନେଶ୍ୱର,୫।୧୧(ବ୍ୟୁରୋ)

ଦକ୍ଷିଣ ପଶ୍ଚିମ ବଙ୍ଗୋପସାଗର ଏବଂ ଉତ୍ତର ଆଣ୍ଡାମାନ ନିକଟରେ ସୃଷ୍ଟି ହୋଇଥିବା ଲଘୁଚାପ ଅବପାତ(ଡିପ୍ରେଶନ)ରେ ପରିଣତ ହୋଇଛି। ଧୀରେ ଧୀରେ ଏହା ଶକ୍ତିଶାଳୀ ହେଉଛି। ଘଣ୍ଟା ପ୍ରତି ୧୧ କିଲୋମିଟର ବେଗରେ ଏହା ପଶ୍ଚିମ ଦିଗକୁ ଗତି କରୁଛି। ସାମୁଦ୍ରିକ ଝଡ଼ ଆଣ୍ଡାମାନର ମାୟାବନ୍ଦରଠାରୁ ୨୭୦ କିଲୋମିଟର,ପାରାଦୀପଠାରୁ ୮୯୦ କିଲୋମିଟର ପଶ୍ଚିମବଙ୍ଗଠାରୁ ୯୮୦ କିଲୋମିଟର ଏବଂ ବାଲାଂଦେଶ ଖେପୁରାଠାରୁ ୯୯୦ କିଲୋମିଟର ଦୂରରେ କେନ୍ଦ୍ରୀଭୂତ ହୋଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଏହା ଭୟଙ୍କର ସାମୁଦ୍ରିକ ଝଡ଼ (ବାତ୍ୟା 'ବୁଲ୍‌ବୁଲ୍')ରେ ପରିଣତ ହେବ। ବାତ୍ୟା ପ୍ରଥମେ ପଶ୍ଚିମ-ଉତ୍ତର-ପଶ୍ଚିମ ଦିଗ ଏବଂ ଏହା ପରେ ଉତ୍ତର- ଉତ୍ତର ପଶ୍ଚିମ ଦିଗ ଦେଇ ପଶ୍ଚିମବଙ୍ଗ ଏବଂ ବାଂଲାଦେଶ ଆଡ଼କୁ ମୁହାଁଇବା ସମ୍ଭାବନା ରହିଛି ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ତେବେ ଏହାର ପ୍ରଭାବ ଓଡ଼ିଶା ଉପରେ ପଡ଼ିବ ନାହିଁ। ବାତ୍ୟା ଯୋଗୁ ଉପକୂଳ ଓଡ଼ିଶାରେ ଘଣ୍ଟାକୁ ୫୦ରୁ ୬୦ ଓ ବେଳେବେଳେ ୭୦ କିଲୋମିଟର ବେଗରେ ପବନ ବହିବାର ସମ୍ଭାବନା ରହିଛି ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ଏଥିଯୋଗୁ ୯ ଓ ୧୦ ତାରିଖରେ ଉପକୂଳ ଓଡ଼ିଶାରେ ବର୍ଷା ହେବାର ସମ୍ଭାବନା ରହିଛି। କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ପୂର୍ବାନୁମାନ କରାଯାଇଛି। ତେବେ ବାତ୍ୟା ଉପକୂଳ ଅତିକ୍ରମ କରିବା ବେଳେ ଘଣ୍ଟାକୁ ୧୨୦ରୁ ୧୩୦ କିଲୋମିଟର ଏବଂ ବେଳେବେଳେ ୧୪୦ କିଲୋମିଟର ବେଗରେ ପବନ ବହିବ ବୋଲି ପାଣିପାଗ ବିଭାଗ ଅନୁମାନ କରିଛି। ଓଡ଼ିଶା ଉପରେ ବାତ୍ୟାର ପ୍ରଭାବ କେତେ ରହିବ ବୁଧବାର ସନ୍ଧ୍ୟା ସୁଦ୍ଧା ସ୍ପଷ୍ଟ ହୋଇଯିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ☞ପୃଷ୍ଠା-୧୫

- ■ ଉପକୂଳ, ଉତ୍ତର ଓଡ଼ିଶାରେ ବର୍ଷା ସମ୍ଭାବନା
- ■ ସତର୍କ ରହିବାକୁ ୧୫ ଜିଲାପାଳଙ୍କୁ ନିର୍ଦ୍ଦେଶ
- ■ ସମୁଦ୍ର ମଧ୍ୟକୁ ଯିବାକୁ ମତ୍ସ୍ୟଜୀବୀଙ୍କୁ ବାରଣ
- ■ ଧାନ ସୁରକ୍ଷିତ ସ୍ଥାନକୁ ନେବାକୁ ଚାଷୀଙ୍କୁ ପରାମର୍ଶ
- ■ ବାତ୍ୟା ଚାନ୍ଦବାଲି-ପଶ୍ଚିମବଙ୍ଗର ସାଗର ଦ୍ୱୀପ ମଧ୍ୟରେ ଅତିକ୍ରମ କରିବ:ସ୍କାଏମେଟ୍

## ହୋଟେଲ ସାମ୍ନାରେ ଗୁଳିକାଣ୍ଡ, ଯୁବକ ନିହତ

ବ୍ରଜରାଜନଗର, ୫।୧୧(ଡି.ଏନ୍.ଏ.)

ଝାରସୁଗୁଡା ଜିଲା ବ୍ରଜରାଜନଗର ଥାନା ଅନ୍ତର୍ଗତ ମୁଖ୍ୟବଜାରସ୍ଥିତ ଲକ୍ଷ୍ମୀ କ୍ୟାମ୍ପ ହୋଟେଲ କାଉଣ୍ଟର ସାମନାରେ ମଙ୍ଗଳବାର ରାତିରେ ଗୁଳି ଫୁଟିଛି। ରାତି ପ୍ରାୟ ୮ଟାରେ ହୋଇଥିବା ଗୁଳିକାଣ୍ଡରେ ଦୁର୍ଦ୍ଧାନ୍ତ ଅପରାଧୀ ସୋନୁ ଘୋଷଙ୍କ ଭାଇ ମଣ୍ଟୁ ଘୋଷ ନିହତ ହୋଇଛନ୍ତି। ମଣ୍ଟୁ ହୋଟେଲ କାଉଣ୍ଟର ପାଖରେ ଠିଆ ହୋଇଥିବାବେଳେ ଦୁର୍ବୃତ୍ତ ଅତି ନିକଟରୁ ତାଙ୍କ ମୁଣ୍ଡକୁ ଲକ୍ଷ୍ୟକରି ଗୁଳି ମାରି ଫେରାର ହୋଇଯାଇଥିଲେ। ଗୁଳି ମାଡ଼ରେ ମଣ୍ଟୁ ସେହିଠାରେ ହିଁ ଟଳି ପଡ଼ିଥିଲେ। ପୋଲିସ ମୃତଦେହ ଜବତ କରି ଡାକ୍ତରଖାନା ପଠାଇଛି। ପୂର୍ବ ଶତ୍ରୁତାରୁ ଏହି ଗୁଳିକାଣ୍ଡ ଘଟିଥାଇ ପାରେ ବୋଲି ପୋଲିସ କହିଛି। ଏସପି ଅଶ୍ୱିନୀ ମହାନ୍ତି ଅନ୍ୟ ପୋଲିସ ଅଧିକାରୀଙ୍କ ସହ ଘଟଣାସ୍ଥଳକୁ ଯାଇ ଘଟଣାର ଅନୁସନ୍ଧାନ କରିଛନ୍ତି। ଘଟଣା ପରେ ପୋଲିସ ସହରରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିଛି।

## ୭ ସହର ଅତି ପ୍ରଦୂଷିତ

- ■ ଅନେକ ନଦୀ, ଗଙ୍ଗୁଆ ନାଳ ଜହର
- ■ ବିଧାନସଭା ଗୃହ କମିଟିର ଉଦ୍‌ବେଗ

ଭୁବନେଶ୍ୱର, ୫।୧୧ (ବ୍ୟୁରୋ)

ଅତି ପ୍ରଦୂଷିତ ସହର ତାଲିକାରେ ସାମିଲ ହୋଇଛି ରାଜ୍ୟର ୭ଟି ସହର ଭୁବନେଶ୍ୱର, ଅନୁଗୋଳ, ବାଲେଶ୍ୱର, କଟକ, ତାଳଚେର, ରାଉରକେଲା ଓ କଳିଙ୍ଗନଗର। ପ୍ରଦୂଷଣ ଯୋଗୁ ଅନେକ ନଦୀ ଏବଂ ରାଜଧାନୀ ଭୁବନେଶ୍ୱରର ଗଙ୍ଗୁଆ ନାଳ ଜହର ପାଲଟିଛି। ☞ପୃଷ୍ଠା-୧୫

### ଆଜିର ମନ୍ତବ୍ୟ

" ଭାଜପାର 'ନ୍ୟୁ ଇଣ୍ଡିଆ' କେଉଁଠି ଓ ଶାସକ ଦଳ ଦେଶକୁ କେଉଁଆଡ଼େ ନେଉଛି?

**-ରଣଦୀପ ସୁର୍ଜେୱାଲା, କଂଗ୍ରେସ ମୁଖପାତ୍ର**


Vencobb Fresh Chicken — Taste the difference!

05.11.2019

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 64 | 111 | 121 |
| CTC | 63 | 110 | 120 |
| DKL | 65 | 113 | 123 |
| BDK | 65 | 113 | 123 |
| BLS | 65 | 113 | 123 |
| ANG | 65 | 113 | 123 |
| BHM | 60 | 106 | 116 |

*Conditions Apply

Issued in the Interest of Consumers


## ପ୍ରଦୂଷଣ, ବାତ୍ୟା ସ୍ଥିତି ସମୀକ୍ଷା କଲେ ମୋଦି

ନୂଆଦିଲ୍ଲୀ,୫।୧୧(ପି.ଟି.)

ଦିଲ୍ଲୀ ଓ ଜାତୀୟ ରାଜଧାନୀ କ୍ଷେତ୍ର (ଏନ୍‌ସିଆର୍) ଅଞ୍ଚଳରେ ବାୟୁପ୍ରଦୂଷଣ ବଢ଼ିବାରେ ଲାଗିଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ଉତ୍ତର ଭାରତର ସ୍ଥିତି ସମୀକ୍ଷା କରିଛନ୍ତି। ସେ ଏକ ବୈଠକରେ ଅଧ୍ୟକ୍ଷତା କରି ପ୍ରଦୂଷଣ ସମ୍ପର୍କିତ ସ୍ଥିତି ସମ୍ପର୍କରେ ଆଲୋଚନା କରିଥିବା ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍ଓ) ପକ୍ଷରୁ ଟୁଇଟ୍ କରାଯାଇଛି। ପ୍ରଧାନମନ୍ତ୍ରୀଙ୍କ ପ୍ରଧାନ ସଚିବ ପି.କେ. ମିଶ୍ର ଦିଲ୍ଲୀ, ପଞ୍ଜାବ ଓ ହରିୟାଣାରେ ପ୍ରଦୂଷଣକୁ ନେଇ ବରିଷ୍ଠ ଅଧିକାରୀଙ୍କ ସହ ରବିବାର ସମୀକ୍ଷା ବୈଠକ କରିବା ଦିନକ ପରେ ମୋଦି ଏହି ସମୀକ୍ଷା କରିଛନ୍ତି। ସେହିପରି ପଶ୍ଚିମ ଭାରତରେ ସମ୍ଭାବ୍ୟ ଝଡ଼ ସ୍ଥିତିକୁ ନେଇ ମଧ୍ୟ ମୋଦି ସମୀକ୍ଷା କରିଥିବା ଜଣାପଡ଼ିଛି। କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ମିଳିଥିବା ସୂଚନାନୁସାରେ ଦିଲ୍ଲୀର ବାୟୁ ଗୁଣବତ୍ତା ସୂଚକାଙ୍କ(ଏକ୍ୟୁଆଇ) ପୂର୍ବାହ୍ନ ୯ଟା ୪୫ରେ ୩୬୫ ଥିବାବେଳେ ଅପରାହ୍ନ ୩ଟା ୪୫ରେ ୩୩୧କୁ ଖସିଥିଲା। ଏନ୍‌ସିଆର୍‌ର ଗ୍ରେଟର ନଏଡାରେ ୩୪୮, ନଏଡା ୩୫୮, ଗାଜିଆବାଦ ୩୫୧, ଫରିଦାବାଦ ୩୧୧ ଓ ଗୁରଗାଓଁରେ ୩୨୮ ରହିଥିଲା। ଏକ୍ୟୁଆଇ ୦-୫୦ ରହିଲେ ଭଲ, ୫୧-୧୦୦ ସନ୍ତୋଷଜନକ, ୧୦୧-୨୦୦ ମଧ୍ୟମ, ୨୦୧-୩୦୦ ନିମ୍ନ, ୩୦୧-୪୦୦ ଅତି ନିମ୍ନ ଓ ୪୦୧-୫୦୦ ରହିଲେ ତାକୁ ଖରାପ କୁହାଯାଏ। ସେହିପରି ଏହି ସୂଚକାଙ୍କ ସ୍ତର ୫୦୦ ଅତିକ୍ରମ କଲେ ସିଭିଅର ପ୍ଲସ୍ ଭାବେ ବର୍ଗୀକରଣ କରାଯାଏ।








> ଉତ୍ତମ ପ୍ରସ୍ତୁତି ହିଁ ସଫଳତାର ମୂଳମନ୍ତ୍ର ବୋଲି ମୋ ଜେଜେବାପା ଅମ୍ରିସ୍ ପୁରୀ ସବୁବେଳେ କହୁଥିଲେ।
> -ବର୍ଦ୍ଧନ ପୁରୀ, ବଲିଉଡ୍ ଅଭିନେତା

# ଅଚେତ ନ କରି ଯୁବତୀଙ୍କ ବ୍ରେନ ସର୍ଜରି

**ଲଣ୍ଡନ:** ଚିକିତ୍ସା ଇତିହାସରେ ପ୍ରଥମ ଥର ରୋଗୀକୁ ଅଚେତ ନ କରି ବ୍ରେନ ସର୍ଜରୀ କରାଯାଇଥିବା ଘଟଣା ସାମ୍ନାକୁ ଆସିଛି। ଶୁଣିଲା ବେଳକୁ ଆଶ୍ଚର୍ଯ୍ୟ ଲାଗୁଥିଲେ ମଧ୍ୟ କଥାଟି ସତ। ଏଭଳି ଆଶ୍ଚର୍ଯ୍ୟକର ଘଟଣା ଦେଖିବାକୁ ମିଳିଛି ଆମେରିକାର ଏକ ହସ୍ପିଟାଲରେ। ଜୈନା ସ୍କ୍ରେଡ ନାମକ ଜଣେ ଯୁବତୀଙ୍କ ବ୍ରେନ ସର୍ଜରୀର ଦୃଶ୍ୟ ଡାକ୍ତରମାନେ କେବଳ ଭିଡିଓ ନୁହେଁ ବରଂ ଫେସ୍‌ବୁକରେ ଲାଇଭ କରିଥିଲେ। ଏହି ଭିଡିଓରେ ଜୈନା ଡାକ୍ତରଙ୍କ ସହ କଥାବାର୍ତ୍ତା କରୁଥିବା ଦେଖିବାକୁ ମିଳିଛି। ସୂଚନାଯୋଗ୍ୟ, ଜୈନାଙ୍କ ବ୍ରେନର ରକ୍ତବାହୀ ନଳୀରେ ଥିବା ସମସ୍ୟାକୁ ଠିକ୍‌କରିବା ପାଇଁ ଏହି ସର୍ଜରୀ କରାଯାଇଥିଲା। ତେବେ ସର୍ଜରୀ ସମୟରେ ମସ୍ତିଷ୍କରେ କୌଣସି



ଅସୁବିଧା ନ ଉପୁଜିବା ପାଇଁ ଡାକ୍ତର ଜୈନାଙ୍କ ସହ କଥାବାର୍ତ୍ତା କରିଥିଲେ। କାରଣ ସର୍ଜରୀ ସମୟରେ ଯଦି କିଛି ବି ଭୁଲ ହୋଇଯାଇଥାନ୍ତା, ତେବେ ଯୁବତୀ ଜଣଙ୍କ ଜୀବନ ସାରା ଆଉ କଥା କହି ପାରି ନ ଥାନ୍ତେ। ଅନ୍ୟପଟେ ଏନେଇ ଜଣେ ଡାକ୍ତର ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି, ଏଭଳି ଅପରେଶନ୍ ସମୟରେ ରୋଗୀଙ୍କ ସହ ଲଗାତର ଡାକ୍ତର କଥା କରିବା ଉଚିତ, ଯେପରି ରୋଗୀଙ୍କ ସହ କୌଣସି ଭୁଲ ନ ହୁଏ। ତେବେ ଏହି ଭିଡିଓକୁ ଦେଖି ଅନ୍ୟମାନଙ୍କୁ ବି ସର୍ଜରୀରେ ସାହାଯ୍ୟ ମିଳିପାରିବ ବୋଲି ଜୈନା କହିଛନ୍ତି। ଏହି ଲାଇଭ ସର୍ଜରୀକୁ ୨୩୦୦ରୁ ଉର୍ଦ୍ଧ୍ୱ ଲୋକ ଫେସବୁକ୍‌ରେ ଦେଖିସାରିଥିବା ବେଳେ ଏବେ ଏହା ଚର୍ଚ୍ଚାର ବିଷୟ ପାଲଟିଛି।

# ମୃତଦେହ ପାଇଁ ସ୍ଥାନ ନାହିଁ

**ଜାକର୍ତ୍ତା:** ଇଣ୍ଡୋନେସିଆର ରାଜଧାନୀ ଜାକର୍ତ୍ତାରେ ବୃଦ୍ଧିପାଉଥିବା ଜନସଂଖ୍ୟାର ପ୍ରତିଫଳନ ଦେଖିବାକୁ ମିଳିଛି କବରଖାନାରେ। ଜମି ସଙ୍କଟ କାରଣରୁ ଗୋଟିଏ କବରରେ ଏକାଧିକ ମୃତଦେହକୁ କବର ଦିଆଯାଉଛି। ସହରର ଅନ୍ୟତମ ପ୍ରମୁଖ କବରଖାନା 'କରାତେ ବିଭାକ୍'ରେ ଏହି ସମସ୍ୟା ଏବେ ଜଟିଳ ରୂପ ଧାରଣ କରିଛି। ସ୍ଥାନୀୟ ପ୍ରଶାସନ ଏହାର ସମାଧାନ ଲାଗି ଉଦ୍ୟମ କରୁଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଏକ ରିପୋର୍ଟ ଅନୁଯାୟୀ, ୨୦୧୭ରେ ପ୍ରଶାସନ ଶ୍ମଶାନରେ ନୂତନ କବର ଖୋଳିବା ଉପରେ ରୋକ ଲଗାଇଛନ୍ତି। ହେଲେ ଏହାର ବିକଳ୍ପ କରିନାହାନ୍ତି। ଫଳରେ ଦିନକୁ ଦିନ ସମସ୍ୟା ବଢ଼ିବାରେ ଲାଗିଛି। ଏବେ ପରିସ୍ଥିତି ଏମିତି ହେଲାଣି ଯେ, ଗୋଟିଏ କବରରେ ହାରାହାରି ୬ଟି ମୃତଦେହର ଶେଷକୃତ୍ୟ କରାଯାଉଛି। ପାରିବାରିକ ମାଲିକାନାରେ ଥିବା କବରଗୁଡ଼ିକରେ ମୁଖ୍ୟତଃ ଏପରି କରାଯାଉଛି। ଏଠାରେ ୪୮ ହଜାର କବର ରହିଛି। ହେଲେ ଏବେସୁଦ୍ଧା ୧ଲକ୍ଷରୁ ଉର୍ଦ୍ଧ୍ୱ ମୃତଦେହର କବର ଦିଆସରିଲାଣି। କେବଳ 'କରାତେ ବିଭାକ୍' ନୁହେଁ, ଜାକର୍ତ୍ତାରେ ୮୪ ଛୋଟବଡ଼ କବରଖାନା ରହିଛି। ହେଲେ ଏଥିରୁ ଏକଚତୁର୍ଥାଂଶ କବରଖାନାରେ କବର ଦେବାକୁ ଜମିନାହିଁ। କବରଖାନାକୁ ପରିଚାଳନା କରୁଥିବା କମିଟି ଏବଂ ପ୍ରଶାସନ ନୂତନ କବର ଖୋଳିବାକୁ ଅନୁମତି ଦେଉନାହାନ୍ତି। ସ୍ଥାନୀୟ ପ୍ରଶାସନ ମଧ୍ୟ ନିଜର ଅସହାୟତା ପ୍ରକାଶ କରୁଛି। କବରଖାନାରେ ଦୁଇଟି ମୃତଦେହ ପୋତିବା ଲାଗି ଏକ ମିଟର



ବ୍ୟବଧାନ ରହିବା ଜରୁରୀ। ସେହିପରି କବର ୩ବର୍ଷ ପୁରୁଣା ହୋଇଥିଲେ ହେଁ ଆଉ ଗୋଟିଏ ଶବ ପୋତାଯାଇପାରିବା ଭଳି ନିୟମ ରହିଛି।

ଜାକର୍ତ୍ତାର ଜନସଂଖ୍ୟାର ଘନତ୍ୱ ଅଧିକ। ସହରର ଦକ୍ଷିଣ ପ୍ରାନ୍ତରେ 'କାଲିବାତା କବରସ୍ଥାନ ରହିଛି। ଏହା ଏକଦା ସବୁଜ ଉଦ୍ୟାନ ଥିଲା। ହେଲେ ଶ୍ମଶାନ ପାଇଁ ସ୍ଥାନ ଅଭାବରୁ ଏହାକୁ ନିକଟ ଅତୀତରେ କବରଖାନାରେ ରୂପାନ୍ତରିତ କରାଯାଇଛି। ସେହିପରି ଉତ୍ତର ଜାକର୍ତ୍ତାରେ ୪୯୫ ଏକର ପରିମିତ ଜମିରେ ନୂତନ କବରଖାନା ନିର୍ମାଣ କାର୍ଯ୍ୟ ଚାଲିଛି। ଏହା ୨୦୨୧ ସୁଦ୍ଧା ଶେଷ ହେବ। ଜଣେ ଅଧିକାରୀ କହିଛନ୍ତି, କବରଖାନାରେ ଦେଖାଦେଇଥିବା ଜମି ଅଭାବ ସମସ୍ୟାରେ ସବୁଠାରୁ ବେଶି ପ୍ରଭାବିତ ହେଉଛନ୍ତି ଗରିବଗୁରୁବା। ସହରରେ ଦୈନିକ ୮୦ରୁ ୧୦୦ ମୃତଦେହକୁ କବର ଦିଆଯାଉଛି। ଏଥିଲାଗି ଜଣକା ୫୫୦୦ ଟଙ୍କା ଦେଉଛନ୍ତି। ଏହାବାଦ୍ ପ୍ରତି ୩ବର୍ଷରେ ଥରେ କବର ପାଇଁ ଲାଇସେନ୍ସ ଫି ମଧ୍ୟ ଦେବାକୁ ପଡୁଛି।

# ଶଗଡ଼ରେ ନମ୍ବର ପ୍ଲେଟ୍

**ବିଜାପୁର:** ଗାଡ଼ିରେ ନମ୍ବର ପ୍ଲେଟ୍ ରହିବା ପାଇଁ ପରିବହନ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଜାରି ହୋଇଥାଏ। ତେବେ ଛତିଶଗଡ଼ ବିଜାପୁରରେ ପ୍ରତି ଶଗଡ଼ରେ ନମ୍ବର ପ୍ଲେଟ୍ ରହିଛି। ଏଥିରେ ମାଲିକଙ୍କ ନାମ ସହିତ ନମ୍ବର, ଫୋନ୍ ନମ୍ବର, ଠିକଣା ଆଦି ରହିଛି। ଏହି ଜିଲାରେ ଇନ୍ଦ୍ରାବତୀ ଜାତୀୟ ଉଦ୍ୟାନ ରହିଛି। ଉଦ୍ୟାନ ଦେଖିବାକୁ ଆସୁଥିବା ପର୍ଯ୍ୟଟକଙ୍କର ଯିବା ଆସିବାର ଏକ ମାତ୍ର ସାହାରା ହେଉଛି ଶଗଡ଼। ଏଠାକାର ରାସ୍ତାଘାଟ ଭଲ ନ ଥିବାରୁ ଏଠାରେ ଶଗଡ଼ରେ ଯିବା ଆସିବା ସହଜ ହୋଇଥାଏ। ଜିଲାର ୪ଟି ପଞ୍ଚାୟତର ୩୩ଟି ଗାଁରେ ଗାଡ଼ିମୋଟର ଚଳାଚଳ କରିବା କଷ୍ଟକର। ଏହି ଦୁର୍ଗମ ଅଞ୍ଚଳର ଲୋକେ ପରିବହନ ପାଇଁ ଶଗଡ଼ ଉପରେ ଭରସା କରିଥାନ୍ତି। ତେଣୁ ଶଗଡ଼ ମାଲିକମାନେ ନିଜ ନିଜ ଶଗଡ଼ ପଛରେ ନମ୍ବର ପ୍ଲେଟ୍ ଲଗାଇଥାନ୍ତି। ନମ୍ବର ପ୍ଲେଟ୍‌ରେ ଥିବା ଠିକଣା ଏବଂ ଫୋନ୍ ନମ୍ବର ଦ୍ୱାରା ମାଲିକଙ୍କ ସହିତ ଯୋଗାଯୋଗ କରିବା ସହଜ ହୋଇଥାଏ।




# ହେଲମେଟ୍ ପିନ୍ଧି ଅଫିସ୍ କାମ

ବାନ୍ଦା: ଗାଡ଼ି ଚଳାଇବା ବେଳେ ହେଲମେଟ୍ ପିନ୍ଧିବାକୁ ନିୟମ ରହିଛି। ହେଲମେଟ୍ ନ ପିନ୍ଧିଲେ ଜରିମାନା ଗଣିବାକୁ ପଡ଼ିବ। ତେବେ ଉତ୍ତରପ୍ରଦେଶ ବାନ୍ଦା ସ୍ଥିତ ବିଦ୍ୟୁତ୍ ବିଭାଗର ଏକ କାର୍ଯ୍ୟାଳୟରେ କର୍ମଚାରୀ ହେଲମେଟ୍ ପିନ୍ଧି କାମ କରୁଛନ୍ତି। ଏହି କାର୍ଯ୍ୟାଳୟଟି ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ଫଳରେ ଏହାର ସିଲିଂରୁ ଖଣ୍ଡ ଖଣ୍ଡ ପ୍ଲାଷ୍ଟର ଖସୁଛି। କେତେକ କର୍ମଚାରୀଙ୍କ ମୁଣ୍ଡରେ ଆଘାତ ଲାଗିବାରୁ ଏବେ ସବୁ କର୍ମଚାରୀ ସୁରକ୍ଷା ଦୃଷ୍ଟିରୁ ମୁଣ୍ଡରେ ହେଲମେଟ୍ ପିନ୍ଧି କାମ କରୁଛନ୍ତି। ଏନେଇ ଜିଲା ବିଦ୍ୟୁତ୍ ବିଭାଗ ବରିଷ୍ଠ କର୍ମକର୍ତ୍ତାଙ୍କୁ ସୂଚନା ଦିଆଯାଇଥିଲେ ମଧ୍ୟ ସ୍ଥିତିରେ ସୁଧାର ଆସିପାରି ନାହିଁ।



# 'ପାନିପତ୍' ଟ୍ରେଲର୍ ରିଲିଜ୍

## ଅର୍ଜୁନ, କ୍ରିତିଙ୍କ ଦମ୍‌ଦାର ଲୁକ୍

**ମୁମ୍ବାଇ:** ବଲିଉଡ୍‌ରେ ହିଷ୍ଟୋରିକାଲ୍ ପିରିୟଡ୍ ଡ୍ରାମା ଉପରେ ଆଧାରିତ ଫିଲ୍ମଗୁଡ଼ିକୁ ଦର୍ଶକ ଅଧିକ ପସନ୍ଦ କରୁଥିବାବେଳେ ପୁଣି ଖୁବ୍‌ଶୀଘ୍ର ଏହି ତାଲିକାରେ ଆଉ ଏକ ଫିଲ୍ମ ସାମିଲ ହେବାକୁ ଯାଉଛି। ଏହି କ୍ରମରେ ଇତିହାସ ପୃଷ୍ଠାର ବହୁଚର୍ଚ୍ଚିତ ପାନିପତ୍ ଯୁଦ୍ଧ ଉପରେ ଆଧାରିତ ବଲିଉଡ୍ ଫିଲ୍ମ 'ପାନିପତ୍'ର ଟ୍ରେଲର୍ ରିଲିଜ୍ ହୋଇଯାଇଛି। ପ୍ରଥମେ ଆକର୍ଷଣୀୟ ପୋଷ୍ଟର ଆଉ ଏବେ ଟ୍ରେଲର୍ ଦର୍ଶକଙ୍କୁ ଆକୃଷ୍ଟ କରୁଛି। ଫିଲ୍ମରେ ଲିଡ୍ ରୋଲ୍‌ରେ ଅର୍ଜୁନ କପୁର, କ୍ରିତି ସାନନ୍ ଏବଂ ସଞ୍ଜୟ ଦତ୍ତଙ୍କୁ ଦେଖିବାକୁ ମିଳିବ। ଟ୍ରେଲର୍‌ରେ ଅର୍ଜୁନ, କ୍ରିତି ଓ ସଞ୍ଜୟଙ୍କଠାରୁ ଆରମ୍ଭ କରି ମୋହନୀଷ ବହଲ୍, ପଦ୍ମିନୀ କୋହ୍ଲାପୁରେ, ମିର୍ ସରଓ୍ୱର, କୁନାଲ କପୁର, ନୱାବ୍ ଶାହ ଓ ଜିନତ୍ ଅମାନଙ୍କ ଭଳି କଳାକାରଙ୍କ ଦମ୍‌ଦାର ଅଭିନୟ ଓ ଡାଏଲଗ୍‌ର ଝଲକ ଦେଖିବାକୁ ମିଳିଛି। ଏହାସହ ଫିଲ୍ମରେ ବ୍ୟବହୃତ ସିଜିଆଇ ଇଫେକ୍ଟ ଚିତ୍ର ଓ କାହାଣୀକୁ ବାସ୍ତବତାର ଅନୁଭବ କରାଉଛି। ସେହିପରି ବ୍ୟାକ୍‌ଗ୍ରାଉଣ୍ଡ ମ୍ୟୁଜିକ୍ ସହ ଡାଏଲଗ୍ ଏବଂ ସିନ୍ କାହାଣୀର ଗମ୍ଭୀରତାକୁ ବୁଝିବାରେ ସହାୟକ ହେଉଛି। ତେବେ ପ୍ରଥମଥର ପାଇଁ ଅର୍ଜୁନ କପୁର ଏପରି ଏକ ଐତିହାସିକ କଥାବସ୍ତୁ ଉପରେ ଆଧାରିତ ଫିଲ୍ମରେ ନଜରକୁ ଆସିବେ। ଟ୍ରେଲର୍ ଦେଖିବା ପରେ ପୂର୍ବ ଅପେକ୍ଷା ଅର୍ଜୁନଙ୍କ ଅଭିନୟକୁ ଅଧିକ ପସନ୍ଦ କରାଯାଉଛି। ଅନ୍ୟପଟେ ପ୍ରତିଥର ଭଳି ଏଥର ମଧ୍ୟ ସଞ୍ଜୟ ଦତ୍ତ ଧ୍ୟାନଆକର୍ଷଣ କରିଛନ୍ତି। ସେହିପରି କ୍ରିତି ମଧ୍ୟ ଏକ ଇନ୍‌ଟେନ୍‌ସ ଚରିତ୍ରରେ ନଜରକୁ ଆସିଛନ୍ତି। ୧୭୬୧ରେ ହୋଇଥିବା ପାନିପତ୍ ଯୁଦ୍ଧ ଉପରେ ଫିଲ୍ମଟି ଆଧାରିତ। ଅର୍ଜୁନ କପୁର ଫିଲ୍ମରେ ମରାଠା ସୈନ୍ୟଙ୍କ ସେନାପତି ସଦାଶିବ ରାଓ ଭାଉ ଚରିତ୍ରରେ ଏବଂ ତାଙ୍କ ପତ୍ନୀ ପାର୍ବତୀ ବାଈ ଭୂମିକାରେ କ୍ରିତି ସାନନ୍ ଅଭିନୟ କରିଛନ୍ତି। ସେହିପରି ସଞ୍ଜୟ ଦତ୍ତ ନେଗେଟିଭ୍ ଚରିତ୍ର ଅହମ୍ମଦ ଶାହ ଅବ୍‌ଦାଲୀ ଭୂମିକାରେ ଦେଖିବାକୁ ମିଳିବେ। ଆଶୁତୋଷ ଗୋୱାରିକରଙ୍କ ନିର୍ଦ୍ଦେଶନାରେ ନିର୍ମିତ ଫିଲ୍ମ 'ପାନିପତ୍' ଡିସେମ୍ବର ୬ରେ ରିଲିଜ୍ ହେବ।



# ଜାନୁଆରୀ ୩ ରେ 'ସବ୍ କୁଶଲ ମଙ୍ଗଲ ହେ'ର ରିଲିଜ



## ରିୱା କରିବେ ଡେବ୍ୟୁ

**ମୁମ୍ବାଇ:** ଅପ୍‌କମିଂ ଫିଲ୍ମ 'ସବ୍ କୁଶଲ ମଙ୍ଗଲ ହେ'ର ରିଲିଜ ଡେଟ୍ ଏଇ ନିକଟରେ ଧାର୍ଯ୍ୟ ହୋଇସାରିଛି। ଆସନ୍ତା ବର୍ଷ ଜାନୁୟାରୀ ୩ ତାରିଖରେ ଫିଲ୍ମଟି ଥିଏଟରରେ ମୁକ୍ତିଲାଭ କରିବାକୁ ଯାଉଛି। ଟ୍ରେଡ୍ ଆନାଲିଷ୍ଟ ତରନ ଆଦର୍ଶ ଟୁଇଟ ଜରିଆରେ ଏହି ସୂଚନା ଦେଇଛନ୍ତି। ଏଥିସହିତ ଫିଲ୍ମଟିର ଫାଷ୍ଟ ଲୁକ୍ ପୋଷ୍ଟରକୁ ମଧ୍ୟ ଜାରି କରାଯାଇଛି। ଅକ୍ଷୟ ଖାନ୍ନା, ପ୍ରିୟଙ୍କ ଶର୍ମା ଏବଂ ରିୱା କିଶନଙ୍କୁ ଏହି ଫିଲ୍ମରେ ପ୍ରମୁଖ ଭୂମିକାରେ ଅଭିନୟ କରୁଥିବା ଦର୍ଶକ ଦେଖିବାକୁ ପାଇବେ। ଏହି ଫିଲ୍ମ ଜରିଆରେ ପଦ୍ମିନୀ କୋହ୍ଲାପୁରୀଙ୍କ ପୁଅ ପ୍ରିୟଙ୍କ ଶର୍ମା ଏବଂ ଭୋଜପୁରୀ ସୁପରଷ୍ଟାର ରବି କିଶନଙ୍କ ଝିଅ ରିୱା କିଶନ୍ ବଲିଉଡରେ ଡେବ୍ୟୁ କରିବାକୁ ଯାଉଛନ୍ତି। ଏଥିସହିତ ଜଣାଶୁଣା ଫିଲ୍ମ ମେକର୍ ନୀତିନ ମନମୋହନଙ୍କ ଝିଅ ପ୍ରାଚୀ ଏହାର ପ୍ରଯୋଜିକା ଅଟନ୍ତି। ତେବେ ପ୍ରାଚୀ ମଧ୍ୟ ପ୍ରଯୋଜିକା ଭାବେ ଏହି ମୁଭିରୁ ନିଜର ଡେବ୍ୟୁ କରିବାକୁ ଯାଉଛନ୍ତି। କରନ ବିଶ୍ୱନାଥ କଶ୍ୟପ ଏହାର ନିର୍ଦ୍ଦେଶନା ଦାୟିତ୍ୱ ସମ୍ଭାଳିଛନ୍ତି। ଏହା ଏକ ରୋମାଣ୍ଟିକ କମେଡି ଫିଲ୍ମ ଅଟେ।

# ସାମ୍ନାକୁ ଆସିଲା 'କୁଲି ନଂ-୧' ଶୁଟିଂର ଫଟୋ

## ମୁଣ୍ଡରେ ଗାମୁଛା ବାନ୍ଧି ନଜରକୁ ଆସିଲେ ବରୁଣ

**ମୁମ୍ବାଇ:** କିଛିଦିନ ତଳେ ଶୁଣିବାକୁ ମିଳିଥିଲା ଯେ, ବଲିଉଡ ଅଭିନେତା ବରୁଣ ଧୱନ ଏବଂ ଅଭିନେତ୍ରୀ ସାରା ଅଲ୍ଲୀ ଖାନ୍ ବହୁ ଦିନ ହେଲା 'କୁଲି ନଂ –୧'ର ସୁଟିଂକୁ ନେଇ ବ୍ୟସ୍ତ ଅଛନ୍ତି। ଚଳିତ ବର୍ଷ ଅଗଷ୍ଟରେ ଏହି ଫିଲ୍ମର ସୁଟିଂ ବ୍ୟାଙ୍କକ୍‌ରେ ଆରମ୍ଭ ହୋଇଥିଲା। ତେବେ ସୁଟିଂ ପରେ ଉଭୟେ ଡ୍ୟାନ୍ସ ରିହଲସଲ ପାଇଁ ପୁନଶ୍ଚ ମୁମ୍ବାଇ ଚାଲି ଆସିଥିଲେ। ତେବେ ପ୍ରଥମ ଥର ପାଇଁ ଏକାଠି ବଡ଼ ପରଦାରେ ଅଭିନୟ କରିବାକୁ ଯାଉଛନ୍ତି ସାରା ଅଲ୍ଲୀ ଖାନ୍ ଏବଂ ବରୁଣ। ଏଥିପାଇଁ ଲୋକଙ୍କ ମନରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଛି। ଏବେ ଏହି ଫିଲ୍ମ ସୁଟିଂର ଏକ ଫଟୋ ସୋଶିଆଲ ମିଡିଆରେ ଭାଏରାଲ ହୋଇଛି। ଯାହାକୁ ସାରା ନିଜେ ନିଜ ଇନଷ୍ଟାଗ୍ରାମ ଆକାଉଣ୍ଟରେ ଶେୟାର କରିଛନ୍ତି।

ଏହି ଫଟୋରେ ବରୁଣ ମୁଣ୍ଡରେ ଗାମୁଛା ପିନ୍ଧିଥିବାବେଳେ କୁଲିର ପୋଷକ ପିନ୍ଧିଥିବା ଦେଖିବାକୁ ମିଳିଛି। ଅପରପକ୍ଷେ ସାରା ଏକ ଧଳା ରଙ୍ଗର ସାଲୱାର ସୁଟ୍‌ରେ ବହୁତ ସୁନ୍ଦର ଦିଶୁଛନ୍ତି। ଫିଲ୍ମ 'କେଦାରନାଥ'ରୁ ବଲିଉଡରେ ଡେବ୍ୟୁ କରିଥିବା ସାରା ଫଟୋ ଶେୟାର କରି କ୍ୟାପସନରେ ଲେଖିଛନ୍ତି ଯେ, 'କୁଲ ଆଣ୍ଡ କୁଲି'। ଫିଲ୍ମକୁ ନେଇ ଉଭୟେ ଆଶାବାଦୀ ଅଛନ୍ତି। ଫିଲ୍ମ ଡାଇରେକ୍ଟର ଡେଭିଡ ଧୱନଙ୍କ ନିର୍ଦ୍ଦେଶନାରେ ନିର୍ମିତ ହୋଇଥିବା ଗୋବିନ୍ଦା ଏବଂ କରିଷ୍ମା କପୁର ଷ୍ଟାରର ଫିଲ୍ମ 'କୁଲି ନଂ–୧'ର ଏହା ରିମେକ୍ ଅଟେ। ୨୪ ବର୍ଷ ପରେ ପ୍ରସ୍ତୁତ ହେଉଥିବା ଏହି ଫିଲ୍ମରେ ବରୁଣ ଏବଂ ସାରା ଅଲ୍ଲୀ ଖାନ୍ ଅଛନ୍ତି। ଏହି ଫିଲ୍ମଟି ୨୦୨୦ ମସିହା ମେ'୧ ତାରିଖରେ ରିଲିଜ ହେବ ବୋଲି ଜଣାପଡ଼ିଛି। ତେବେ ଏହି ଫିଲ୍ମର ନିର୍ଦ୍ଦେଶନା ଦାୟିତ୍ୱ ପୁନର୍ବାର ଡେଭିଡ ଧୱନ ସମ୍ଭାଳୁଛନ୍ତି।





**ନୂଆଦିଲ୍ଲୀ:** ଷ୍ଟାଚ୍ୟୁ ଅଫ୍ ୟୁନିଟି ସପ୍ତାଶ୍ଚର୍ଯ୍ୟ ତାଜମହଲଠାରୁ ଅଧିକ ଆୟ କରି ରେକର୍ଡ କରିଛି। ଅକ୍ଟୋବର ୩୧ ସୁଦ୍ଧା ତାଜମହଲ ୫୬ କୋଟି ଟଙ୍କା ଆୟ କରିଛି। ତେବେ ଏହି ସମୟ ମଧ୍ୟରେ ଗୋଟିଏ ବର୍ଷରେ ଷ୍ଟାଚ୍ୟୁ ଅଫ୍ ୟୁନିଟି ୬୩ କୋଟି ଟଙ୍କା ଆୟ କରିଛି। ଅଧିକ ସଂଖ୍ୟକ ପର୍ଯ୍ୟଟକ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଷ୍ଟାଚ୍ୟୁ ଅଫ୍ ୟୁନିଟି ଦେଖିବାକୁ ଆସିଥିବା ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ କରାଯାଇଥିବା ଏକ ସର୍ଭେ ରିପୋର୍ଟରେ ପ୍ରକାଶ ପାଇଛି। ୧୮୨ ମିଟର ଉଚ୍ଚ ଷ୍ଟାଚ୍ୟୁ ଅଫ୍ ୟୁନିଟି ନିର୍ମାଣରେ ୨,୯୮୯ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ଏହାର ନିର୍ମାଣରେ ୨୫୦ରୁ ଅଧିକ ଇଞ୍ଜିନିୟର ଏବଂ ୩ ହଜାରରୁ ଅଧିକ କର୍ମଚାରୀ ନିୟୋଜିତ ହୋଇଥିଲେ।

## ଷ୍ଟାଚ୍ୟୁ ଅଫ୍ ୟୁନିଟିର ଆୟ ତାଜମହଲଠୁ ଅଧିକ



ପ୍ରତ୍ୟେକ ଲୋକ ଯଦି ନିଜ ଜମି ଖଣ୍ଡିକର ଯତ୍ନ ନିଅନ୍ତା, ଏ ପୃଥିବୀଟି କେତେ ସୁନ୍ଦର ହୋଇ ଯାଆନ୍ତା।

- ରବର୍ଟ ୱାଲ୍‌ପୋଲ୍



## ସଂକ୍ଷେପରେ

ମାନସିକ ଭିନ୍ନକ୍ଷମଙ୍କ ଉନ୍ମତ୍ତ କାଣ୍ଡ

### ଠେଙ୍ଗାରେ ପିଟି ମା’ଙ୍କୁ ହତ୍ୟା

**କାମାକ୍ଷାନଗର, ୫।୧୧(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ଥାନା ମକୁଆକାଟେଣୀ ଗ୍ରାମରେ ସୋମବାର ରାତିରେ ଅଭାବନୀୟ କାଣ୍ଡ ଘଟିଛି। ଜଣେ ମାନସିକ ଭିନ୍ନକ୍ଷମ ଯୁବକଙ୍କ ଠେଙ୍ଗାମାଡ଼ରେ ପ୍ରାଣ ହରାଇଛନ୍ତି ତାଙ୍କ ବୃଦ୍ଧା ମା’। ମୃତା ମହିଳା ଜଣକ ହେଲେ ବୈଦେଈ ସାହୁ (୭୨)। ଅଭିଯୁକ୍ତ ବିଷ୍ଣୁ ପ୍ରସାଦ ସାହୁଙ୍କୁ ପୋଲିସ ଅଟକ ରଖି ପଚରାଉଚୁରା କରୁଛି। ଏହି ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ମିଳିଥିବା ସୂଚନା ଅନୁଯାୟୀ, ବୈଦେଈ ଏବଂ ବିଷ୍ଣୁପ୍ରସାଦ ସୋମବାର ରାତିରେ ଖାଇସାରି ଗୋଟିଏ ଘରେ ଶୋଇଥିଲେ। ରାତି ପ୍ରାୟ ୩ଟା ବେଳେ ବିଷ୍ଣୁ ଘରୁ ବାହାରକୁ ପଳାଉଥିବା ଦେଖି ମା’ ଅଟକାଇଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ବିଷ୍ଣୁପ୍ରସାଦ ଏକ ଠେଙ୍ଗାରେ ମା’ଙ୍କୁ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ବୈଦେଈଙ୍କ ମୃତ୍ୟୁ ହୋଇଯାଇଥିଲା। ପାଟିତୁଣ୍ଡ ଶୁଣି ପାଖ ପଡ଼ୋଶୀ ପହଞ୍ଚି ଅଭିଯୁକ୍ତଙ୍କୁ କାବୁ କରିବା ସହ ପୋଲିସକୁ ସୂଚନା ଦେଇଥିଲେ। ଥାନାଧିକାରୀ ପ୍ରମୋଦ କୁମାର ଲେଙ୍କା ସଦଳବଳ ପହଞ୍ଚି ତଦନ୍ତ କରିବା ସହ ଅଭିଯୁକ୍ତ ପୁଅକୁ ନିଜ ହେପାଜତକୁ ନେଇଛନ୍ତି।

### ବିଜେଡିରେ ଯୋଗଦେଲେ ଭି. ରବିନାରାୟଣ ରାଜୁ

**ଭୁବନେଶ୍ୱର, ୫।୧୧(ବ୍ୟୁରୋ):** ଦିଗପହଣ୍ଡି ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍‌ଏସି)ର ୨ଥର ଅଧ୍ୟକ୍ଷ ହୋଇଥିବା କଂଗ୍ରେସର ଭି. ରବିନାରାୟଣ ରାଜୁ ଏବଂ ତାଙ୍କ ଶତାଧିକ ସମର୍ଥକ ମଙ୍ଗଳବାର ବିଜେଡିରେ ଯୋଗଦେଇଛନ୍ତି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ନବୀନ ନିବାସରେ ହୋଇଥିବା ମିଶ୍ରଣ ପର୍ବରେ ରାଜୁ ଏବଂ ତାଙ୍କ ସମର୍ଥକ ବିଜେଡିରେ ସାମିଲ ହୋଇଥିଲେ। ରବି ନାରାୟଣଙ୍କ ଯୋଗଦାନ ସ୍ଥାନୀୟ ଅଞ୍ଚଳ ତଥା ଗଞ୍ଜାମ ଜିଲାରେ ଦଳର ଶକ୍ତି ବୃଦ୍ଧି କରିବ ବୋଲି ବିଜେଡି ସଭାପତି ମତ ରଖିଛନ୍ତି। ଭି.ଆର ରାଜୁଙ୍କ ସମେତ ଗଞ୍ଜାମ ଜିଲା ଯୁବ କଂଗ୍ରେସ ସମ୍ପାଦକ ତିରୁପତି ପାତ୍ର, ପୂର୍ବତନ କାଉନ୍‌ସିଲର ନୀର ସେଠୀ, ଶିବ ପ୍ରଧାନ, ସଦାନନ୍ଦ ଦୋରା, ରମେଶ କୁଣ୍ଡୁ, ସଦାନନ୍ଦ ସାହୁ, ରବି ଚାନ୍ଦ ପ୍ରମୁଖ କଂଗ୍ରେସ ଛାଡ଼ି ବିଜେଡିରେ ଯୋଗଦେଇଛନ୍ତି। ଏହି ମିଶ୍ରଣ ପର୍ବରେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ର ଶେଖର ସାହୁ, ମୁଖ୍ୟମନ୍ତ୍ରୀଙ୍କ ରାଜନୈତିକ ସଚିବ ଗୋପବନ୍ଧୁ ଦାସ, ବିଜେଡି ନେତା ମାଗି ସେଠୀ, ଶିବ ଶଙ୍କର ଗୌଡ଼, କାହ୍ନୁ ପଟ୍ଟନାୟକ, ପ୍ରଦୀପ୍ତ କୁମାର ପଟ୍ଟନାୟକ ଏବଂ ଦୀନବନ୍ଧୁ ପ୍ରମୁଖ ଉପସ୍ଥିତ ଥିଲେ।

### ଗୁଳି ବିନିମୟ: ୨ ମାଓବାଦୀ ନିହତ

**ମାଲକାନଗିରି, ୫।୧୧(ଡି.ଏନ୍.ଏ.):** ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ଦାନ୍ତେୱାଡ଼ା ଜିଲାରେ ପୋଲିସ-ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇ ୨ ଜଣ ମାଓବାଦୀ ନିହତ ହୋଇଛନ୍ତି। ଦାନ୍ତେୱାଡ଼ା ଜିଲାର କଟେକଲ୍ୟାଣ ଥାନା ଅନ୍ତର୍ଗତ ମୁନଗା ଜଙ୍ଗଲରେ ମାଓବାଦୀମାନେ ଡେରା ପକାଇଥିବା ଖବର ପାଇ ଡିଆରଜି ଯବାନମାନେ ସୋମବାର ରାତିରେ ତଲାସି ଅଭିଯାନରେ ବାହାରି ସେଠାରେ ପହଞ୍ଚିଥିଲେ। ଯବାନଙ୍କୁ ଦେଖି ମାଓବାଦୀମାନେ ଗୁଳିଚାଳନା କରିଥିଲେ।




# ହ୍ୟାଣ୍ଡକପ୍ ଭାଙ୍ଗି ଥାନାରୁ ଅଭିଯୁକ୍ତ ଫେରାର

- ଶୋଇ ରହିଥିଲେ ନାଇଟ ପାଟ୍ରୋଲିଂ ଅଧିକାରୀ
- ଏଏସଆଇଙ୍କ ସମେତ ୩ ପୋଲିସ କର୍ମଚାରୀ ନିଲମ୍ବିତ

**ବାରିପଦା ଅଫିସ,୫।୧୧**

ସୋମବାର ରାତିରେ ବାରିପଦା ଟାଉନ ଥାନାରୁ ହ୍ୟାଣ୍ଡକପ୍ ଭାଙ୍ଗି ଜଣେ ଅଭିଯୁକ୍ତ ଚମ୍ପଟ ମାରିବା ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି। ରାତି ଡ୍ୟୁଟିରେ ଥିବା କର୍ମଚାରୀମାନେ ଶୋଇ ରହିଥିବା ସୁଯୋଗ ନେଇ ଅଭିଯୁକ୍ତ ଫେରାର ହୋଇଯାଇଥିଲେ। ତେବେ ମଙ୍ଗଳବାର ଅପରାହ୍ନ ୨ଟା ବେଳେ ପୋଲିସ ତାଙ୍କୁ ଗିରଫ କରିଛି। ଏହି ଘଟଣାରେ ଏସ୍‌ପି ୩ ପୋଲିସ କର୍ମଚାରୀଙ୍କୁ ନିଲମ୍ବନ କରିଛନ୍ତି।

ସୂଚନା ଅନୁଯାୟୀ, ବାରିପଦା ମଧୁବନ ଅଞ୍ଚଳର ଜଣେ ମହିଳାଙ୍କୁ ଦୁର୍ବ୍ୟବହାର କରାଯାଇଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ପୋଲିସ ଏକ ମାମଲା (ନଂ.୩୩୨/୧୯) ରୁଜୁକରି ମାସି ଟୁଟି ନାମକ ଜଣେ ଯୁବକଙ୍କୁ ଅଟକ ରଖିଥିଲା। ରାତିରେ ଡ୍ୟୁଟିରେ ଥିବା ପୋଲିସ କର୍ମଚାରୀମାନେ ମାସିଙ୍କ ହାତରେ ହ୍ୟାଣ୍ଡକପ୍ ଦେଇ ହାଜତ ଗେଟରେ ଲକ୍ କରିଦେଇଥିଲେ। ରାତି ଡ୍ୟୁଟିରେ ଥିବା ପୋଲିସ କର୍ମଚାରୀମାନେ ନିଘୋଡ ନିଦରେ ଶୋଇଯିବା ପରେ ମାସି କୌଶଳ କ୍ରମେ ହ୍ୟାଣ୍ଡକପ୍‌କୁ ଭାଙ୍ଗି ବିଳମ୍ବିତ ରାତିରେ ଚମ୍ପଟ ମାରିଥିଲେ। ନିଦ ଭାଙ୍ଗିବା ପରେ ମାସି ହାଜତରେ ନ ଥିବା ଦେଖି ପୋଲିସ କର୍ମଚାରୀମାନେ ତାଙ୍କୁ ଖୋଜିବା ପାଇଁ ଲାଗି ପଡ଼ିଥିଲେ। ହେଲେ ତାଙ୍କ ପତ୍ତା ମିଳି ନ ଥିଲା। ପରେ ଥାନାର କର୍ମଚାରୀମାନେ ରାତ୍ରି ପାଟ୍ରୋଲିଂ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ଏସମ୍ପର୍କରେ ଜଣାଇଥିଲେ। ହେଲେ ସେ ଡ୍ୟୁଟି ଛାଡି ଘରେ ଶୋଇଥିବାରୁ ତୁରନ୍ତ ଆସିପାରି ନ ଥିଲେ। ଶେଷରେ ମଙ୍ଗଳବାର ଅପରାହ୍ନ ୨ଟା ବେଳେ ଫେରାର ଅଭିଯୁକ୍ତ ମାସି ଥାନାର ଅଭ୍ୟର୍ଥନା କକ୍ଷ ପଛରେ ଲୁଚି ରହିଥିବା ଜଣାପଡ଼ିବାରୁ ପୋଲିସ ତାଙ୍କୁ କାବୁ କରିନେଇଥିଲା। କାର୍ଯ୍ୟରେ ଅବହେଳା କାରଣକୁ ନେଇ ଏସପି ପରମାର ସ୍ମିଥ ପୁରୁଷୋତ୍ତମଦାସ ସୋମବାର ରାତିରେ ଡିସିଓ ଚାର୍ଜରେ ଥିବା ଏଏସଆଇ ବାସନ୍ତୀ ସିଂ, କନଷ୍ଟେବଲ ତପନ କୁମାର ବାରିକ ଏବଂ ଓଏପିଏଫ ଚୈତନ୍ୟ ଅମାନ୍ତ୍ୟଙ୍କୁ ଚାକିରିରୁ ନିଲମ୍ବନ କରିଛନ୍ତି। ଥାନାରୁ ଫେରାର ହେବା ଘଟଣାରେ ଅନ୍ୟ ଏକ ମାମଲା(ନଂ. ୩୩୩/୧୯) ରୁଜୁ କରି ପୋଲିସ ଅଭିଯୁକ୍ତ ମାସିଙ୍କୁ କୋର୍ଟ ଚାଲାଣ କରିଛି।

ବାରିପଦା ଟାଉନ ଥାନାରୁ ଅଭିଯୁକ୍ତ ଖସିଯିବା ଏହା ପ୍ରଥମ ଘଟଣା ନୁହେଁ। ପୂର୍ବରୁ ଗତ ସେପ୍ଟେମ୍ବର ୨୯ ତାରିଖରେ ମଧ୍ୟ ଦିନ ବେଳା ଜଣେ ଅଭିଯୁକ୍ତ ଚମ୍ପଟ ମାରିଥିଲେ। ଏହି ଘଟଣାରେ ୨ଜଣ କନଷ୍ଟେବଲଙ୍କୁ ଏସ୍‌ପି ପରମାର ସ୍ମିଥ ପୁରୁଷୋତ୍ତମଦାସ ନିଲମ୍ବନ କରିଥିଲେ। ତେବେ ପୋଲିସର କାର୍ଯ୍ୟଶୈଳୀରେ ତ୍ରୁଟି ଯୋଗୁ ବାରମ୍ବାର ଏଭଳି ଘଟଣା ଘଟୁଥିବା ଜଣାପଡ଼ିଛି। ଥାନାରେ ଦକ୍ଷ ଅଧିକାରୀଙ୍କ ଅଭାବ ଯୋଗୁ ସହରରେ ଆଇନ ଶୃଙ୍ଖଳା ପରିସ୍ଥିତି ତଥା ଚୋରି, ଡକାୟତି ଭଳି ଘଟଣା ଘଟୁଥିବା ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

# ଶ୍ରୀମନ୍ଦିର ରୀତିନୀତିରେ ଶଙ୍କରାଚାର୍ଯ୍ୟ ସାଜିବେ ମାର୍ଗଦର୍ଶକ

**‘ଅନ୍ଧ ପରମ୍ପରା ଉଚ୍ଛେଦ ହେବ’**



ଖବରଦାତା ସମ୍ମିଳନୀରେ ଗୋବର୍ଦ୍ଧନ ପୀଠର ମୁଖପାତ୍ର ମନୋଜ କୁମାର ରଥ ଓ ଅନ୍ୟମାନେ।

**ପୁରୀ ଅଫିସ, ୫।୧୧**

ଶ୍ରୀମନ୍ଦିର ସଂସ୍କାର ମାମଲାରେ ସୁପ୍ରିମ୍‌କୋର୍ଟ ସୋମବାର ମଧ୍ୟବର୍ତ୍ତିକାଳୀନ ରାୟ ଦେଇଛନ୍ତି। ଶ୍ରୀମନ୍ଦିରରେ ଶୃଙ୍ଖଳିତ ଦର୍ଶନ, ଶ୍ରଦ୍ଧାଳୁଙ୍କ ରହଣି, ମହାପ୍ରଭୁଙ୍କ ସେବାପୂଜା, ଶ୍ରୀମନ୍ଦିର ପରିଚାଳନା ବ୍ୟବସ୍ଥା, ମହାପ୍ରଭୁଙ୍କ ଜମିଜମାର ହିସାବ ଏହିଭଳି ୨୨ଟି ନିର୍ଦ୍ଦେଶନାମା ଜାରି କରିଛନ୍ତି। ଠାକୁରଙ୍କ ସେବାପୂଜାରେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ ପରାମର୍ଶ ନେବାକୁ ମଧ୍ୟ ସର୍ବୋଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଛନ୍ତି। ତେବେ ସୁପ୍ରିମ୍‌କୋର୍ଟଙ୍କ ଏହି ରାୟକୁ ନେଇ ମଙ୍ଗଳବାର ଗୋବର୍ଦ୍ଧନ ପୀଠ ପରିସରରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ପୀଠ ମୁଖପାତ୍ର ମନୋଜ କୁମାର ରଥ ଏହି ଅନ୍ତରୀଣ ରାୟକୁ ସ୍ୱାଗତ କରି କହିଥିଲେ ଯେ, ପୂଜ୍ୟପାଦ ଶଙ୍କରାଚାର୍ଯ୍ୟଙ୍କ ବାବଦରେ ସୁପ୍ରିମକୋର୍ଟଙ୍କ ନିର୍ଣ୍ଣୟ ଐତିହାସିକ। ଏହି ରାୟ ଫଳରେ ଶ୍ରୀମନ୍ଦିର ପରିଚାଳନାର ମୁଖ୍ୟ ଅଙ୍ଗ ଗୋବର୍ଦ୍ଧନ ପୀଠର ଶଙ୍କରାଚାର୍ଯ୍ୟ ଏବେ ସାମ୍ନାକୁ ଆସିଲେ। ଆଜି ପର୍ଯ୍ୟନ୍ତ ସବୁ ସରକାର ଓ ପ୍ରଶାସନ ଶଙ୍କରାଚାର୍ଯ୍ୟଙ୍କ ଗୁରୁତ୍ୱ ଏବଂ ଭୂମିକାକୁ ଗୌଣ ଭାବେ ଦେଖିଆସୁଥିଲେ। ହେଲେ ସୁପ୍ରିମ୍‌କୋର୍ଟ ଗୁରୁଜୀଙ୍କ ଭୂମିକା ସ୍ପଷ୍ଟ କରିଛନ୍ତି।

ଆମିକସ୍ କ୍ୟୁରି ରଞ୍ଜିତ୍ କୁମାର ପୁରୀ ଆସିଥିବାବେଳେ ଶଙ୍କରାଚାର୍ଯ୍ୟ ତାଙ୍କୁ ଶ୍ରୀମନ୍ଦିରର ରୀତିନୀତି ଠିକ୍ ଢଙ୍ଗରେ ହେଉ ନ ଥିବା କହିଥିଲେ। ଏହାକୁ ଆମିକସ୍ କ୍ୟୁରି ଗମ୍ଭୀରତାର ସହ ଗ୍ରହଣ କରିଥିବା ସୁପ୍ରିମ୍‌କୋର୍ଟଙ୍କ ରାୟରେ ସ୍ପଷ୍ଟ ହୋଇଛି। ଆମିକସ୍ କ୍ୟୁରିଙ୍କୁ ଶଙ୍କରାଚାର୍ଯ୍ୟ ୩୦ଟି ପ୍ରସ୍ତାବ ଦେଇଥିଲେ। ପରବର୍ତ୍ତୀ ସମୟରେ ସତ୍ୟପାଠ ମାଧ୍ୟମରେ ପୀଠ ପକ୍ଷରୁ ମଧ୍ୟ କୋର୍ଟରେ ଏହି ପ୍ରସ୍ତାବ ଦାଖଲ କରାଯାଇଥିଲା। ଏଥିରୁ ଅନେକ ପ୍ରସ୍ତାବ କୋର୍ଟ ଗ୍ରହଣ କରିବା ସହ ତାଙ୍କ ରାୟରେ ସ୍ପଷ୍ଟ କରିଛନ୍ତି। କେଉଁ ଗ୍ରନ୍ଥ ଆଧାରରେ ସେବାପୂଜା, ରୀତିନୀତି କରାଯିବା ତାହା ବି ସ୍ପଷ୍ଟ କରିଛନ୍ତି। ଆଗାମୀ ଦିନରେ ରାଜ୍ୟ ସରକାର ଏବଂ ଶ୍ରୀମନ୍ଦିର ପ୍ରଶାସନ ଏକ ବିଶାଳ ହୃଦୟର ପ୍ରମାଣ ଦେଇ ଶଙ୍କରାଚାର୍ଯ୍ୟଙ୍କୁ ମାର୍ଗଦର୍ଶକ ଭାବେ ଗୁରୁତ୍ୱ ଦେବେ ବୋଲି ଆଶା କରୁଛୁ। ସମସ୍ତ ଧାର୍ମିକ ପରିଚାଳନାରେ ଗୁରୁଜୀଙ୍କ ସହଯୋଗ ଲୋଡି କାର୍ଯ୍ୟ କରିବେ ବୋଲି ମୁଖପାତ୍ର ରଥ କହିଥିଲେ। ଅନ୍ୟପକ୍ଷରେ ଶଙ୍କରାଚାର୍ଯ୍ୟଙ୍କ ମତକୁ ଆଧାର କରି ଶ୍ରୀମନ୍ଦିରରେ ଯେଉଁ ବିଭ୍ରାଟ ଚାଲିଛି ଏବଂ ବିଭିନ୍ନ ପ୍ରକାର ଅନ୍ଧ ପରମ୍ପରା ମନ୍ଦିର ସହିତ ଯୋଡି ଦିଆଯାଇଛି ତାହାର ଉଚ୍ଛେଦ ହେବ। ନୀତିକାନ୍ତି ଠିକ୍ ଭାବେ ଚାଲିବ ଏବଂ ଭକ୍ତମାନେ ଶୃଙ୍ଖଳିତ ଭାବେ ଠାକୁରଙ୍କୁ ଦର୍ଶନ କରିପାରିବେ ବୋଲି ରଥ କହିଥିଲେ। ତେବେ ଆବଶ୍ୟକ ପଡିଲେ ସଂସ୍କାର ମାମଲାର ଚୂଡ଼ାନ୍ତ ରାୟ ପୂର୍ବରୁ ପୀଠ ପକ୍ଷରୁ ସୁପ୍ରିମକୋର୍ଟରେ ସତ୍ୟପାଠ ଦାଖଲ କରାଯାଇପାରେ ବୋଲି ସମ୍ମିଳନୀରେ ଉପସ୍ଥିତ ଥିବା ବରିଷ୍ଠ ଆଇନଜୀବୀ ଅଶୋକ ମହାପାତ୍ର ସୂଚନା ଦେଇଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଗବେଷକ ପ୍ରଫୁଲ୍ଲ କୁମାର ରଥ, ଆଦିତ୍ୟବାହିନୀ ମୁଖ୍ୟ ଜିତେନ୍ଦ୍ର ମହାପାତ୍ର ଓ ବିଜୟ କୁମାର ବ୍ରହ୍ମା ଯୋଗଦେଇଥିଲେ।

# #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ



ସୀମା ବେଉରା



ରାଜେନ୍ଦ୍ର କୁମାର ମିଶ୍ର

ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ
plasticfreeodishadht@gmail.com

ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର

■ ପିଆଜ, ପନିପରିବା ଦର ଆକାଶ ଛୁଆଁ

# ରିହାତି ଦରରେ ପିଆଜ ଯୋଗାଇବେ ସରକାର:ମନ୍ତ୍ରୀ

**ଭୁବନେଶ୍ୱର,୫।୧୧(ବ୍ୟୁରୋ)**

ଆକାଶ ଛୁଆଁ ପିଆଜ ଦର ଖାଉଟିଙ୍କୁ କନ୍ଦାଇଲାଣି। ଗୋଦାମରେ ହୋଲସେଲ ଦର ୬୦ ଟଙ୍କା ହୋଇଥିବା ବେଳେ ଖୁଚୁରା ବଜାରରେ ୬୫କୁ ଟପିଲାଣି। ଏହି ଦର ଆହୁରି ଆଗକୁ ବଢିବ । ଗରିବ ଲୋକମାନଙ୍କର ମୁଖ୍ୟ ଆହାର ପିଆଜ ଏବେ ଚିନ୍ତା ବଢାଇ ଦେଇଛି । କିଲେ ଦି କିଲୋ କିଣୁଥିବା ଲୋକମାନେ ଏବେ ଅଢେଇଶରେ କାମ ଚଳାଉଛନ୍ତି। ଗତ ଦୁଇ ସପ୍ତାହରେ ପିଆଜ ଦର ୪୫ରୁ ଟଙ୍କା ଥିବା ବେଳେ ହଠାତ କେ.ଜି ପିଛା ୧୫ ଟଙ୍କା ବୃଦ୍ଧି ହେବା ଜନସାଧାରଣଙ୍କୁ ଅତିଷ୍ଠ କରିଛି। ମହାରାଷ୍ଟ୍ର, କର୍ନାଟକ ଓ ଆନ୍ଧ୍ର ପ୍ରଦେଶରେ ପ୍ରବଳ ବର୍ଷା ଯୋଗୁ ପିଆଜ ଦର ବୃଦ୍ଧି ଘଟିଛି। କିଲୋ ପିଛା ଆହୁରି ୫ରୁ ୬ ଟଙ୍କା ବୃଦ୍ଧି ପାଇବ। ରିହାତି ଦରରେ ପିଆଜ ଯୋଗାଇବାକୁ ସରକାର ଚିନ୍ତା କରୁଛନ୍ତି ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି। ତେବେ ଖୁବଶୀଘ୍ର ଏ ନେଇ ନିଷ୍ପତ୍ତି ନିଆଯିବ ବୋଲି ମନ୍ତ୍ରୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

କେବଳ ପିଆଜ ନୁହେଁ ପନି ପରିବା ଦର ବୃଦ୍ଧି ମଧ୍ୟ ଲୋକମାନଙ୍କୁ ଆହୁରି କଷ୍ଟ ଦେଇଛି। କାର୍ତ୍ତିକ ମାସରେ ପରିବାର ଦର ଏକ ପ୍ରକାର ଆକାଶ ଛୁଆଁ ହୋଇଛି। ପୋଟଳ, ବାଇଗଣ, ବିନ, ଝୁଡଙ୍ଗ, କଲରା, ଟମାଟୋ, ଗାଜର ଆଦି ପରିବା ଦର ୫୦ ଟଙ୍କା ଉପରେ ରହିଛି। ଡାଲି ଦର ମଧ୍ୟ ବୃଦ୍ଧି ଘଟିଛି। ଆଳୁ ପିଆଜ ଠାରୁ ଆରମ୍ଭ କରି ପନିପରିବା ଓ ଡାଲି ଦର ବୃଦ୍ଧି ସାଧାରଣ ଲୋକଙ୍କୁ ଅଣନିଃଶ୍ୱାସୀ କରିଛି। ତେବେ ବଜାରକୁ ନିୟନ୍ତ୍ରଣ କରିବା କିମ୍ବା ଅଭାବ ପୂରଣ କରିବା ପାଇଁ ସରକାରଙ୍କ ପାଖରେ କିଛି ବିକଳ୍ପ ନାହିଁ। ଖାଉଟିମାନଙ୍କୁ ଦର କମିବା ଯାଏ ଅପେକ୍ଷା କରିବା ଛଡା ଅନ୍ୟ ଉପାୟ ନାହିଁ।

■ କେନ୍ଦ୍ରାପଡ଼ା ବଳଦେବଜୀଉ ମନ୍ଦିର, ବଡ଼ଦାଣ୍ଡର ଉନ୍ନତୀକରଣ ଚିନ୍ତା

# ୮.୫ କୋଟି ଅନୁମୋଦନ କଲେ ମୁଖ୍ୟମନ୍ତ୍ରୀ

**ରଥଯାତ୍ରା ପୂର୍ବରୁ କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ**

**ଭୁବନେଶ୍ୱର, ୫।୧୧(ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ରାପଡ଼ାର ପ୍ରସିଦ୍ଧ ବଳଦେବଜୀଉ ମନ୍ଦିର ଏବଂ ଗ୍ରାଣ୍ଡରୋଡ୍(ବଡ଼ଦାଣ୍ଡ)ର ଉନ୍ନୟନ ପାଇଁ ୮ କୋଟି ୫୦ ଲକ୍ଷ ଟଙ୍କା ଅନୁମୋଦନ କରିଛନ୍ତି। ଲୋକସେବା ଭବନର ସମ୍ମିଳନୀ କକ୍ଷରେ ମଙ୍ଗଳବାର ଏ ସମ୍ପର୍କିତ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକ ସମୟରେ ଭିଡିଓ କନ୍‌ଫରେନ୍ସି ଜରିଆରେ କେନ୍ଦ୍ରାପଡ଼ା ଏମ୍‌ପି, ଜିଲାପାଳ, ବିଧାୟକ, ବଳଦେବଜୀଉ ମନ୍ଦିର ଟ୍ରଷ୍ଟ ଏବଂ ସେବାୟତମାନଙ୍କ ସହ ଆଲୋଚନା କରାଯାଇଥିଲା। ଗତ ସ୍ନାନ ପୂର୍ଣ୍ଣିମାରେ ମୁଖ୍ୟମନ୍ତ୍ରୀ କେନ୍ଦ୍ରାପଡ଼ା ଗସ୍ତ କରିବା ସହ ବଳଦେବଜୀଉଙ୍କ ଦର୍ଶନ କରିଥିଲେ। ଏହି ସମୟରେ ସ୍ଥାନୀୟ ଜନସାଧାରଣ ଏବଂ ମନ୍ଦିର ସହ ଜଡ଼ିତ ଥିବା ବ୍ୟକ୍ତିବିଶେଷ ବିଭିନ୍ନ ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପରେ ମୁଖ୍ୟମନ୍ତ୍ରୀ ଏହାର ସମାଧାନ ଓ ଉନ୍ନୟନ ପାଇଁ ମଧ୍ୟ ପ୍ରତିଶ୍ରୁତି ଦେଇଥିଲେ।

ଅନୁମୋଦନ କରାଯାଇଥିବା ଅର୍ଥରାଶିରେ ବଳଦେବଜୀଉ ମନ୍ଦିର ଏବଂ ଏହାର ପରିସରକୁ ସୁଦୃଶ୍ୟ ଆଲୋକମାଳାରେ ସଜ୍ଜିତ କରାଯିବ। ବଡ଼ଦାଣ୍ଡର ଉନ୍ନତୀକରଣ କରାଯାଇ ଏହାର ଦୁଇପାର୍ଶ୍ୱକୁ ଆଲୋକମାଳାରେ ସଜାଯିବ। ସ୍ଥାନୀୟ ଅଞ୍ଚଳରେ ଏକ ଆଧ୍ୟାତ୍ମିକ ଉଦ୍ୟାନ କରାଯିବା ସହ ବଳଦେବଜୀଉଙ୍କ ପୁଷ୍କରିଣୀର ପୁନରୁଦ୍ଧାର କରାଯିବ। ମନ୍ଦିର ପୁରାତନ କୀର୍ତ୍ତିରାଜିର ସଂରକ୍ଷଣ ପାଇଁ ପଦକ୍ଷେପ ନିଆଯିବ। ସେହିଭଳି ମନ୍ଦିରର ନିରାପତ୍ତା, ସୁରକ୍ଷା ଓ ଜଳ ନିଷ୍କାସନ ପ୍ରଣାଳୀକୁ ମଧ୍ୟ ଉନ୍ନତଧରଣର କରାଯିବ। ଏହିସବୁ କାର୍ଯ୍ୟର ଗୁଣାତ୍ମକ ମାନ ବଜାୟ ରଖିବା ଉପରେ ବିଶେଷ ଧ୍ୟାନ ଦିଆଯାଇଛି। ଏହି ସମସ୍ତ କାର୍ଯ୍ୟ ଆସନ୍ତା ରଥଯାତ୍ରା ପୂର୍ବରୁ ସାରିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏହି କାର୍ଯ୍ୟର ପୂର୍ଣ୍ଣାଙ୍ଗ ସଫଳତା ପାଇଁ ମୁଖ୍ୟମନ୍ତ୍ରୀ କେନ୍ଦ୍ରାପଡ଼ାବାସୀଙ୍କ ସହଯୋଗ କାମନା କରିଛନ୍ତି। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଶାସନ ସଚିବ, ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ମୁଖ୍ୟ ଉପଦେଷ୍ଟା, ମୁଖ୍ୟମନ୍ତ୍ରୀଙ୍କ ୫-ଟି ସଚିବ ଏବଂ ପୂର୍ତ୍ତ ସଚିବ ପ୍ରମୁଖ ଉପସ୍ଥିତ ରହିଥିଲେ।

# ବିଧାନସଭାରେ ଘେରିବାକୁ ବିରୋଧୀଙ୍କ ଧମକ

**ସ୍ମିତାରାଣୀ ମୃତ୍ୟୁ ପ୍ରସଙ୍ଗ**

- ସବୁ ଜିଲାପାଳ କାର୍ଯ୍ୟାଳୟ ଘେରିଲା ଭାଜପା
- ଆନ୍ଦୋଳନ ଧମକ ଦେଲା କଂଗ୍ରେସ
- ବିଜେଡି କହିଲା ଭବିଷ୍ୟତ କଥା ଭୁଲିଯାଉଛି ଭାଜପା

**ଭୁବନେଶ୍ୱର,୫।୧୧(ବ୍ୟୁରୋ)**

ଯାଜପୁର ଜିଲା ହରିଦାସପୁର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ) ସ୍ମିତାରାଣୀ ବିଶ୍ୱାଳଙ୍କ ମୃତ୍ୟୁକୁ ନେଇ ରାଜନୀତି ଥମିବାର ନାଁ ଧରୁନାହିଁ। ଭାଜପା ଏହି ପ୍ରସଙ୍ଗକୁ ଆୟୁଧ କରି ବାରମ୍ବାର ସରକାରଙ୍କ ଉପରେ ବର୍ଷିବାରେ ଲାଗିଛି। ଅନ୍ୟପଟେ ଆସନ୍ତା ୧୩ ତାରିଖରେ ବିଧାନସଭାର ଶୀତ ଅଧିବେଶନ ଆରମ୍ଭ ହେବାକୁ ଥିବାବେଳେ ଏହି ଘଟଣାରେ ଶାସକ ଦଳକୁ ଘେରିବା ଲାଗି ଉଭୟ କଂଗ୍ରେସ ଓ ଭାଜପା ଆଗୁଆ ଘୋଷଣା କରିସାରିଛନ୍ତି। ମଙ୍ଗଳବାର ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ରାଜ୍ୟର ସମସ୍ତ ଜିଲାପାଳ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିବା ବେଳେ ଖବରଦାତା ସମ୍ମିଳନୀ ଜରିଆରେ ଆନ୍ଦୋଳନ ଚେତାବନୀ ଦେଉଛି କଂଗ୍ରେସ।

ଭାଜପା ଅଭିଯୋଗ କରିଛି ଯେ, ସ୍ମିତାରାଣୀଙ୍କୁ ବଳାତ୍କାର କରାଯାଇ ହତ୍ୟା କରାଯାଇଛି। ପୀଡ଼ିତାଙ୍କୁ ନ୍ୟାୟ ଦେବା ପାଇଁ ଦାବି ହେଉଥିଲେ ମଧ୍ୟ ସରକାର ଏବଂ ଜିଲା ପ୍ରଶାସନ ଚୁପ୍ ବସିଛନ୍ତି । ପୋଲିସ କେବଳ ରୂପେଶ ଭଦ୍ରକୁ ଗିରଫ କରିଛି। ସେଠାରେ ଉପସ୍ଥିତ ଅନ୍ୟ ୩ଜଣ ଅଧିକାରୀଙ୍କୁ ତଦନ୍ତ ପରିସରଭୁକ୍ତ କରିନାହିଁ । ଯାଜପୁର ଏସ୍‌ପି ବୃତ୍ତିଗତ ତଦନ୍ତ ନ କରି ବ୍ୟକ୍ତିଗତ ତଦନ୍ତ କରି ମୃତା ସ୍ମିତାରାଣୀଙ୍କ ଚରିତ୍ର ଉପରେ ଟିପ୍ପଣୀ ଦେଇଛନ୍ତି। ମହିଳା କମିଶନ ଅଧ୍ୟକ୍ଷା ତଦନ୍ତ ନ କରି ମାମଲା ସରିଗଲାଣି ବୋଲି କହି ସମଗ୍ର ମହିଳା ସମାଜକୁ ନିନ୍ଦିତ କରିଛନ୍ତି । କେନ୍ଦ୍ରାପଡା କ୍ରେଡିଟ କୋ-ଅପରେଟିଭ ସଭାପତି ପ୍ରମୋଦ ସାହୁ ଜଣେ କର୍ମଜୀବୀ ମହିଳାଙ୍କୁ ଯୌନ ନିର୍ଯାତନା ଦେବା ଅତ୍ୟନ୍ତ ଲଜ୍ଜାଜନକ ଘଟଣା। ରାଜ୍ୟରେ ସରକାରୀ ମହିଳା କର୍ମଚାରୀଙ୍କ ଉପରେ ନିର୍ଯାତନା ବୃଦ୍ଧି ହେବାରେ ଲାଗିଛି। ସ୍ମିତାରାଣୀ ମୃତ୍ୟୁ ଘଟଣାର ସିବିଆଇ ତଦନ୍ତ ସହ ଯାଜପୁର ଏସ୍‌ପି ଏବଂ ମହିଳା କମିଶନ ଅଧ୍ୟକ୍ଷାଙ୍କୁ ବହିଷ୍କାର କରିବା ଦାବିରେ ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ରାଜ୍ୟର ସମସ୍ତ ଜିଲାପାଳ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ସେହିପରି ଭୁବନେଶ୍ୱର ଜିଲା ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ସ୍ଥାନୀୟ ଉପଜିଲାପାଳ ଅଫିସ ଆଗରେ ବିକ୍ଷୋଭ କରାଯାଇଛି।

ପ୍ରଦେଶ କଂଗ୍ରେସ କମିଟି (ପିସିସି) ରାଜ୍ୟ କାର୍ଯ୍ୟାଳୟରେ ମଙ୍ଗଳବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ମିଡିଆ ସେଲ୍ ଅଧ୍ୟକ୍ଷ ସତ୍ୟପ୍ରକାଶ ନାୟକ କହିଛନ୍ତି, ସ୍ମିତାରାଣୀ ବିଶ୍ୱାଳ ପରିବାରବର୍ଗଙ୍କୁ ତୁରନ୍ତ ଠାବକରି ସେମାନଙ୍କ ପୈତୃକ ବାସଭବନକୁ ଫେରାଇ ଅଣାଯାଉ। ସେମାନଙ୍କୁ ସୁରକ୍ଷା ଯୋଗାଇ ଦେବାରେ ଯାଜପୁର ଏସ୍‌ପି ଅବହେଳା କରିଛନ୍ତି। ଏହି ଘଟଣାର ତଦନ୍ତ ଅଧିକାରୀଙ୍କୁ ବଦଳି କରିବା ଦରକାର। କଂଗ୍ରେସ ବିଚାର ବିଭାଗୀୟ ଓ ସିବିଆଇ ତଦନ୍ତ ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ବାରମ୍ବାର ଦୃଷ୍ଟି ଆକର୍ଷଣ କରିଛି। ଏପରି ସ୍ପର୍ଶକାତର ଘଟଣାର ପର୍ଦ୍ଦାଫାଶ ନ ହେଲା ପର୍ଯ୍ୟନ୍ତ କଂଗ୍ରେସ ବିଧାନସଭା ଭିତରେ ଏବଂ ବାହାରେ ଆନ୍ଦୋଳନ ଜାରି ରଖିବ ବୋଲି ସତ୍ୟପ୍ରକାଶ କହିଛନ୍ତି।

ବିଜେଡି ନେତ୍ରୀ ସୁଲତା ଦେଓ କହିଛନ୍ତି, ସ୍ମିତାରାଣୀ ବିଶ୍ୱାଳଙ୍କ ମୃତ୍ୟୁ ଘଟଣାରେ ଭାଜପା ନାଟକ କରୁଛି। ହାତରେ କୌଣସି ତଥ୍ୟ ପ୍ରମାଣ ନ ଥାଇ ଭାଜପା ଗତ କିଛିଦିନ ଧରି ଖବରଦାତା ସମ୍ମିଳନୀ ଓ ବିବୃତି କରିବାରେ ଲାଗିଛି, ତାହା ଅତ୍ୟନ୍ତ ହାସ୍ୟାସ୍ପଦ। ଯଦି କିଛି ଅଛି, ତାହା ପୋଲିସ୍ ଓ ଅଦାଲତକୁ ଦେବା ପାଇଁ ବିଜେଡି ବାରମ୍ବାର ଅନୁରୋଧ କରିଆସୁଥିବା ବେଳେ ଭାଜପା କିନ୍ତୁ ମନଗଢ଼ା କଥା କହି ହୀନ ରାଜନୀତି କରୁଛି । କିଛିବର୍ଷ ପୂର୍ବେ ଅନୁରୂପ ଏକ ସମ୍ବେଦନଶୀଳ ମାମଲାର ତଦନ୍ତ ଭାର ସିବିଆଇକୁ ଦିଆଯାଇଥିଲା । କିନ୍ତୁ ସିବିଆଇ କିଛି କରିପାରିଲାନାହିଁ । ଏହି ଘଟଣାରେ ଭାଜପା ସମେତ ଅନ୍ୟ ବିରୋଧୀ ଦଳଗୁଡିକ ଜଣେ ନିର୍ଦ୍ଦିଷ୍ଟ ରାଜନେତାଙ୍କ ସମ୍ପୃକ୍ତି ଅଭିଯୋଗ ଆଣିବା ସହିତ ତାଙ୍କ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ମାତ୍ର ଲଜ୍ଜାର ବିଷୟ ଯେଉଁ ନେତାଙ୍କ ବିରୋଧରେ ସେମାନେ ହଙ୍ଗାମା କରୁଥିଲେ, ପରବର୍ତ୍ତୀ ସମୟରେ ତାଙ୍କୁ ନିଜ ଦଳରେ ସାମିଲ କରିଛନ୍ତି । ସେତେବେଳେ ଭାଜପାର ନୈତିକତା କୁଆଡ଼େ ଯାଇଥିଲା ବୋଲି ସୁଲତା ପ୍ରଶ୍ନ କରିଛନ୍ତି।

# ଜାତୀୟ ରାଜପଥରେ ରାହାଜାନି

- ଚାଳକଙ୍କୁ ବନ୍ଧୁକ ଦେଖାଇ ନେଇଗଲେ କଣ୍ଟେନର
- ଲୁଟିନେଲେ ୨ କୋଟିର ସିଗାରେଟ



**ଟାଙ୍ଗୀ (ଖୋର୍ଦ୍ଧା),୫।୧୧ (ଡି.ଏନ.ଏ.)**

୧୬ନଂ. ଜାତୀୟ ରାଜପଥର ଟାଙ୍ଗୀ ଥାନା ଉଗ୍ରତାରା ଛକରେ ସୋମବାର ବିଳମ୍ବିତ ରାତିରେ ଲୁଟେରାମାନେ ଏକ ବଡଧରଣର ରାହାଜାନି ଘଟାଇଛନ୍ତି। ଚାଳକଙ୍କୁ ବନ୍ଧୁକ ଦେଖାଇ ସେମାନେ ଏକ ସିଗାରେଟ୍ ବୋଝେଇ କଣ୍ଟେନରକୁ ନିଜ ହେପାଜତକୁ ନେଇଥିଲେ। ପରବର୍ତ୍ତୀ ସମୟରେ କଣ୍ଟେନର ଠାବ ହୋଇଥିଲେ ମଧ୍ୟ ସେଥିରେ ଥିବା ସିଗାରେଟ୍ ଦୁର୍ବୃତ୍ତମାନେ ଗାଏବ କରିନେଇଥିଲେ। କମ୍ପାନୀର ଜଣେ ଅଧିକାରୀଙ୍କ କହିବା ଅନୁଯାୟୀ ଲୁଟ୍ ହୋଇଥିବା ସିଗାରେଟ ମୂଲ୍ୟ ୨ କୋଟି ଟଙ୍କାରୁ ଅଧିକ ହେବ।

ଜିରୋ ସୁଲତାନ ଟବାକୋ (ଭିଏସ୍‌ଟି) କମ୍ପାନୀର ଚାର୍ମସ ସିଗାରେଟ୍ ବୋଝେଇ କଣ୍ଟେନର ହାଇଦ୍ରାବାଦରୁ କଲିକତା ଅଭିମୁଖେ ଯାଉଥିଲା। ଲୁଟେରାମାନେ ଟାଙ୍ଗୀ ଥାନାର ୧୬ନଂ ଜାତୀୟ ରାଜପଥ ଉଗ୍ରତାରା ଛକରେ ଉକ୍ତ କଣ୍ଟେରକୁ ଅଟକାଇଥିଲେ। ସେମାନେ ଚାଳକଙ୍କୁ ବନ୍ଧୁକ ଦେଖାଇ ଗାଡିକୁ ନିଜ ନିୟନ୍ତ୍ରଣକୁ ନେଇଥିଲେ । ପରେ ଗାଡି ଚାଳକଙ୍କ ହାତଗୋଡ ବାନ୍ଧି ଉଗ୍ରତାରା ଜଙ୍ଗଲରେ ଫିଙ୍ଗି ଦେଇ କଣ୍ଟେନରକୁ ନେଇ ପଳାଇଯାଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ଚାଳକ ମୁକୁଳିବା ପରେ ଚାନ୍ଦପୁର ଥାନାରେ ପହଞ୍ଚି ଅଭିଯୋଗ କରିଥିଲେ। ମାତ୍ର ସେଠାକାର ପୋଲିସ ତାଙ୍କ ଅଞ୍ଚଳ ନୁହେଁ କହି ଫେରାଇଦେବା ପରେ ସେ ଟାଙ୍ଗୀ ଥାନାକୁ ଆସି ଅଭିଯୋଗ କରିଥିଲେ । ଗାଡିଚାଳକଙ୍କ ନାମ ରୀଙ୍କୁ ଯାଦବ ବୋଲି ଜଣାପଡିଛି । ଟାଙ୍ଗୀ ପୋଲିସ ଏ ନେଇ ଏକ ମାମଲା ରୁଜୁ କରି ତଦନ୍ତ ଜାରିରଖିଛି। ଲୁଟ୍ କଣ୍ଟେନର ଟାଙ୍ଗୀ ଥାନା ଜୟମଙ୍ଗଳପୁର ନିକଟ ଫାଲକନ୍ ଫିଡସ୍ ପାଖରେ ପୋଲିସ ଠାବ କରିଛି। କିନ୍ତୁ ସେତେବେଳକୁ କଣ୍ଟେନରରୁ ସମସ୍ତ ସିଗାରେଟ୍ ଲୁଟ୍ ହୋଇଯାଇଥିଲା। ଏହାର ଆନୁମାନିକ ମୂଲ୍ୟ ୨ କୋଟିରୁ ଅଧିକ ହେବ ବୋଲି କମ୍ପାନୀର ଓଡିଶା ମୁଖ୍ୟ ସୁଦୀପ କସେରଙ୍କଠାରୁ ପ୍ରକାଶ।

**କିଛି ତଥ୍ୟ**
ଇନ୍‌ସଲ୍‌ଭେନ୍ସି ଆଣ୍ଡ ବ୍ୟାଙ୍କରପ୍ସି କୋଡ ଅଧିନରେ ଫଇସଲା ଲାଗି ଆସିଥିବା ୨୫୪୨ ମାମଲା ମଧ୍ୟରୁ ପ୍ରାୟ ୫୯%ର ବିଚାର ଏବେ ଯାଏ ଚାଲିଥିବା ବେଳେ ମାତ୍ର ୧୫%ର ସମାଧାନ ହୋଇଛି। – ଇକ୍ରା




## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ: ....................................
ଜନ୍ମ ତାରିଖ: ..............................


ସାଇ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି–୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଏସ୍‌ସିବି ମେଡିକାଲ: ଦାୟିତ୍ୱ ନେଲେ ନୂଆ ଅଧୀକ୍ଷକ

କଟକ ଅଫିସ, ୫।୧୧

ଏସ୍‌ସିବି ମେଡିକାଲର ନୂଆ ଅଧୀକ୍ଷକ ଭାବେ ପ୍ରଫେସର ଡାକ୍ତର ସରୋଜକାନ୍ତ ସାହୁ ମଙ୍ଗଳବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ବିଦାୟୀ ଅଧୀକ୍ଷକ ପ୍ରଫେସର ଡାକ୍ତର ସିବିକେ ମହାନ୍ତିଙ୍କଠାରୁ ସେ ଏହି ଦାୟିତ୍ୱ ଗ୍ରହଣ କରିଥିଲେ। ଏହି ସମୟରେ ମେଡିକାଲର ବହୁ ବରିଷ୍ଠ ପ୍ରଫେସର ଓ ପ୍ରଶାସନିକ ଅଧିକାରୀଙ୍କ ସମେତ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ସୂଚନାଥାଉ କି, ପ୍ରଫେସର ମହାନ୍ତି ଡିଏମ୍‌ଇଟିର ନିର୍ଦ୍ଦେଶକ ଭାବେ ପଦୋନ୍ନତି ପାଇ ବଦଳି ହେବା ପରେ ତାଙ୍କ ସ୍ଥାନରେ ସରକାର ପ୍ରଫେସର ସାହୁଙ୍କୁ ନିଯୁକ୍ତ କରିଛନ୍ତି। ଉତ୍ତମ ରୋଗୀ ସେବା ଓ ସରକାରୀ ଯୋଜନାର ସଫଳ ରୂପାୟନ କ୍ଷେତ୍ରରେ ସମସ୍ତ କର୍ମଚାରୀଙ୍କ ସହାୟତା ଆବଶ୍ୟକ ବୋଲି ନୂଆ ଅଧୀକ୍ଷକ ସାହୁ କହିଛନ୍ତି।

# classifieds Everyday

0674-2580101, 2549302




## BRIDE WANTED

Son age 30, B.Tech, M.Tech, IIT Delhi working in Google India salary 25lakhs, 8144589551. D-15098

Kaibarta boy 1982, 5'9" B.Tech, serving Engineer, Pune. "SUNASANSAR" 9937512659. D-15071

ବ୍ରାହ୍ମଣ, କରଣ, ଖଣ୍ଡାୟତ, ତେଲି, ଗଉଡ Bengali ଜାତିର କନ୍ୟାପାତ୍ରୀ ଆବଶ୍ୟକ। 7978736177. D-68211

## GROOM WANTED

Girl age 31, B.Tech IIT MBA XIMB working in HCL, New Delhi (Caste-no-bar) 7008986003. D-15097

Girl age 30, PhD researcher/scientist (icar) Govt. of Odisha, caste Karana, 6372748613. D-15099

ଗଞ୍ଜାମ, 42ବର୍ଷ LIC Agent ଭାବେ କାର୍ଯ୍ୟରତ ସୁଶୀଳ ଝିଅ ପାଇଁ ମଧ୍ୟବିତ୍ତ ପରିବାରର ପୁଅ ଦରକାର । 7290959879. D-15093

Beautiful Brahmin girl 1990, CA father Central Government employee. 7205853365. D-15090

Bride Homoeopathic doctor, D.B. 12.03.1989 ଧନୁ୨୦/୯ Height 5'5". Contact: 9439612903. D-15004

Divorcee bride Engineer 37, Lecturer 39, Business 42 (Caste-no-bar)-7873374269. D-68601

Groom wanted for Brahmin software Engineer 25/ 5'3". 8338083380, 8480611745. D-68156

Khandayat girl 1989 MBBS, PG Doctor, father retired officer: 9437555525. D-67250

Nationalised Bank ରେ Grade-II Officer Bhubaneswar ସ୍ଥିତ 35 ବୟସ୍କା ଅବିବାହିତା ବ୍ରାହ୍ମଣ ଝିଅଙ୍କ ପାଇଁ ପୁଅ ଦରକାର। 9658674636. D-67915

Wanted Govt. officer, Established business man for Khandayat bride B.Tech, MBA, 24+, white, (Caste-no-bar) Early Marriage-7008468672. D-15041

Khandayat Girl M.A, M.Phil, English Lecturer born 1993 parents Professors inviting marriage proposal from deserving Khandayat/ Karan/ Brahmin groom-9970119909. D-67100

Suitable match from Delhi for Oriya, Karan girl. 30/ 5'8" NIT Alumni. wkg in MNC Gurugram, 18 LPA. Father class I Officer, 9868539120. D-15043

Now Matrimonial ads. only on Wednesday & Sunday Book 1 Get 1 FREE

Do you want a land in Bhubaneswar, Sundarpada near Xavier University at Lowprice? Litigation free land, first possession then registration. 8847851850. D-68413




3store building for rent cum sale 1/2/3BHK available for family, bachelor Dhauli, Bhubaneswar. 9337730923. D-15091

1,60,000sqft vacant land with compound wall to-let for godown stock yard and ware housing purpose at Totapada, Adjacent to NH-16 near Khurdha Contact: 9937033933, 8328835823. D-60953




Part time business start କରନ୍ତୁ। Monthly:- 5,000/- 15,000/- କମାନ୍ତୁ। Mob: 9777434078. D-15040




ଖବରଦାର କଳାଇଲମ, ଶ୍ମଶାଣୀ ଶକ୍ତି ଦ୍ୱାରା ବାବା ସିକନ୍ଦର ସ୍ପେଶାଲିଷ୍ଟ– ମହାବଶୀକରଣ, ପ୍ରେମବିବାହ, କାନ୍ଦୁଥିବାକୁ ହସେଇବା, ମୁଠକରଣୀ, ଜଟିଳରୁ ଜଟିଳ ସମସ୍ୟାର ସମାଧାନ (କାମ ନ ହେଲେ ପଇସା ଫେରସ୍ତ) 9997928820, 9780806657. D-14886

## LOST

ମୁଁ, ସଞ୍ଜୟ କୁମାର ପାଇକରାୟ, ପିତାଙ୍କ ନାମ– ସ୍ୱର୍ଗତ ଧରଣୀଧର ପାଇକରାୟ, ରସୁଲଗଡ, ଜଣାଉଅଛୁ କି, ମୋର ଦୁଇଟି ବିକ୍ରୟ କବଲା ଯାହାର କ୍ରମିକ ନଂ. ହେଲା ୧୦୮୧୩୧୫୯୮୦ ଏବଂ ୧୦୮୧୩୧୫୯୮୧ ତାରିଖ ୦୮।୧୧।୨୦୧୩, ଭୁବନେଶ୍ୱର ସବ୍ ରେଜିଷ୍ଟ୍ରି ଅଫିସ୍, କେଉଁଠାରେ ହଜିଯାଇଛି। ଯଦି କେହି ବ୍ୟକ୍ତି ପାଆନ୍ତି ତାହେଲେ ଦୟାକରି ମୋର ଫୋନ ନଂ. ୯୪୩୭୦୦୮୬୬୯ ରେ ୧୫ଦିନ ଭିତରେ ଜଣାଇବାକୁ ଅନୁରୋଧ। ଧ–୧୫୧୦୦

ଏକ ପଟ୍ଟା/ROR (ମାଳତୀ ଲତା ସାହୁ) ହଜିଯାଇଛି। ଯାହାର Khata No.1330/1531. ଯଦି କେହି ଏହି ପଟ୍ଟା ପାଆନ୍ତି, ତାହେଲେ ମତେ ଦୟାକରି inform କରନ୍ତୁ। Ph- 9437382558. Name- Ashisa Kumar Nanda. D-15103

I, son of Sub Narayan Moharana have changed my name from Prabhudutta Moharana to Prabhudutta Moharana. I will be known as Prabhudutta Moharana for all purpose. D-15094

## LEGAL NOTICE

**In the Court of the Civil Judge (Senior Division), Hindol, District-Dhenkanal.**

Intestate Case No.01 of 2018

Sukanti Barik ... Petitioners
Versus
Bidyutprava Barik & others ... Opposite party

**General Notice to whom so ever, it may concern.**

Where as the petitioner, namely - Sukanti Barik, aged about 54 years, W/o - Late Gangadhara Barik, Village/ P.O/ P.S. - Rasol, District - Dhenkanal has filed an application u/s - 372 of the Indian Succession Act, 1925 for grant of succession certificate in their favour along with opposite parties, namely- 1. Bidyutprava Barik, Aged about 29 years, 2. Swarnaprava Barik, aged about 27 years, 3. Girija Sankar Barik, aged about 32 years. All are daughter and son of Late Gangadhara Barik, resident of Village/P.O./ P.S- Rasol, District -Dhenkanal due to death of Gangadhara Barik who is the holder of the below mentioned accounts having deposits as the claimed amount.

Notice is hereby published for information of general public that if anybody has got any interest or objection on grant of succession certificate to release the amount lying in the loan A/C No. 0743180986 under department of Post, India, Bhubaneswar GPO i.e., Rs. 4,06,720/- (Four lakhs six thousand seven hundred twenty rupees) with the said Deaprtment of Posts, India may appear and contest the case in support of his/their claim in person or through his/their duly instructed agent on 14th day of November, 2019 at 10.30 A.M., failing which the case will be heard and determined according to law holding that none else except the parties in this case, has got any claim over such money.

Give under my hand and seal of the Court on this the 30th day of September, 2019.

Place - Hindol.
Dt. 30.09.2019

Civil Judge
(Senior Division),
Hindol.
D-56183




## SALE

Toyota Fortuner, WagonR-2015 (Dec), Lancer, Elentra for sale. 7381091234, 9861194627. D-68418




## SALE

4BHK duplex with gated community at Balianta (Land-1400 & construction-2200 @ 60,00,000/-, 2600 @ 70,00,000/-) Mplanets: 9938219397, 9861022055. D-14975

**Bhubaneswar Kesura SBI Colonyକୁ ଲାଗି ଘରବାଡି ପ୍ଲଟ ପାଚେରି ସହ ମିଳୁଅଛି। 9777100826.** D-68407

2000sqft. 40x50 Yellow zone Gharabari sthitiban plot behind DAV. Phokhariput, price 60Lakh. Contact: 6370277430, 7978306620, rojinaranidash@gmail.com. D-15012

**Gharabari plot for sale at Amanapada, near Anantapur, Phulnakhara. Contact: 9438826479, 9776581412.** D-68022

ଭୁବନେଶ୍ୱର ଗ୍ୟାରେଜଛକ ନିକଟରେ ପ୍ଲଟ୍ ବିକ୍ରିହେବ। possession, registration immediately. Contact: 9178660666. D-68155

**NH-16 ପିତାପଲ୍ଲୀ ଛକରେ ସ୍ଥିତିବାନ ପ୍ଲଟ୍ ପୋଜେସନ୍ ଥାଇ 399/ରେ ମିଳୁଛି। 7873894075.** D-68415

36 decimal land with 2storied building at Plot No. 629/2492, Khata No.2676, Mouza-Nayapalli, Bhubaneswar for sale. Contact: 8763055738. D-68162

Ready to move 2BHK/ 4BHK flat near Hotel Mayfair, Jaydev Vihar, Price Rs.5800/- per sqft. & triplex and duplex at Rangabazar near BJEM English Medium School-II. Price start Rs.47 lakhs. Contact: 9040046767, 9040007267. D-68152

**2400sqft GA plot immediately sale at Bharatpur (Sum Hospital) Bhubaneswar, only buyer directly contact Deepak-9937329999.** D-68025

ଭୁବନେଶ୍ୱର New Railwaystation 30ft Road ଥାଇ sqft. 480/-, Ragistration, Conversion, Mutation free. 6371406921, 9439690111. D-68505

**ଭୁବନେଶ୍ୱର Airport ଠାରୁ 5K.M ଦୂରତାରେ ସୁନ୍ଦରପଦାରେ ବାସୋପଯୋଗୀ ପ୍ଲଟ୍ Possession ସହ ମିଳୁଛି। 9040008777.** D-68414

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/–ରେ। ରଙ୍ଗୀନ ଟ୪୨୦/–ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

ଭୁବନେଶ୍ୱର ଜଟଣୀଗେଟ୍‌ଠାରେ 1200sqft. 2,16,000/-, ଅରଗୁଳ IIT ରେଲୱେଷ୍ଟେସନ ପାଖରେ 1200କୁ 2,00,000/- plot (outright/ installment) 8144706560, 9348817649. D-68416

**3800sqft GA plot immediately sale at Surya nagar, Bhubaneswar, only buyer directly contact Deepak-9937329999.** D-68024

Plot for sale Nakhara & Sundarpada, Bhubaneswar. Gharabari demarcated 30' wide road. Immediate registration & possession. Contact: 7008683329, 9348243488. D-67719

**ଭୁବନେଶ୍ୱର ନୂଆଗାଁରେ Yellowzone ଘରବାରି ପ୍ଲଟ୍ 1200sqft. @2300/- ବିକ୍ରିହେବ– 9861082584.** D-68417

**ଭୁବନେଶ୍ୱର ପିତାପଲ୍ଲି Biswas +2 Science College backsideରେ Yellowzone ପ୍ଲଟ୍ ମିଳୁଅଛି। 8594954102.** D-68419

Single patch of land 15-20Acre available for sale on state High-way near Brahmagiri on Puri-Satapada Road. Contact: 9437062777. D-15095

**House site required of size 20000 + square feet in elite areas of Bhubaneswar with good road clear title, possession and litigation free. Whatsapp to 7381054136 or mail to needhs19@gmail.com** D-15102




Rejuvenate and ayurvedic full body massage by smart therapist. 9114402304. D-68145

Refresh your mind and soul with best therapy at Orchid Salon/Spa. 9937287222. D-66991

Ayurvedic full body massage ladies & gents smart therapist. 9040900385. D-66992

Newly open full body massage by ladies, gents therapist. 8018656899 D-60847

Ayurvedic herbal body massage trend therapist Mob: 8018246332. D-66993

Ayurvedic full body massage by ladies, gents therapist. 7008773793 D-60848

Full body herbal massage with refreshment expert therapist. 7381239385, 06742540855. D-68158

Experience full body massage with us (expert). Call: 7377048581, 06742597822. D-68159

Herbal full body massage by smart / expert therapist. Contact: 8338067247. D-68160

Summer special mesmerizing offer expert therapeutic refreshing massage appointment. 9668374480. D-68161

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

AFFIDAVIT

By virtue of an affidavit sworn before the Notary Public, Bhubaneswar on 06.09.2019 my name recorded as Sonerika Suhani in all educational documents except my Matriculation Certificate from CBSE as N. Sonerika Behera. That N. Sonerika Behera and Sonerika Suhani is the same person. Henceforth I shall be known as Sonerika Suhani for all purposes.

Sonerika Suhani
D-15086

I, wife of JC- 767588L Sub Narayan Moharana have changed my name from Kumari Sasmita Ojha to Sasmita Moharana. I will be known as Sasmita Moharana for all purpose. D-15096

**Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:–**
classifieddharitri@gmail.com

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ବ୍ୟବସାୟ, ପରିବହନ, ବାଣିଜ୍ୟ ଓ ନିର୍ମାଣାଦି କ୍ଷେତ୍ରରେ ଅସମ୍ପୂର୍ଣ୍ଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବେ। ବିବାଦୀୟ ପରିସରରେ ଉପସ୍ଥିତି ବୁଦ୍ଧି ଖଟାଇ ପରିସ୍ଥିତିକୁ ସମ୍ଭାଳି ନେବାରେ ସମର୍ଥ ହେବେ। ଏକାଧାରରେ ଅର୍ଥଲାଭ, କାର୍ଯ୍ୟସିଦ୍ଧି ସାଙ୍ଗକୁ ମନୋରଞ୍ଜନର ମଉକା ପାଇପାରିବେ। ସାହିତ୍ୟ, କଳା, କାରିଗରି ପ୍ରତି ରୁଚି ବଳିବ।

**ବୃଷ** କର୍ମକ୍ଷେତ୍ର, ପ୍ରକାଶନ, ପ୍ରଶାସନିକ କ୍ଷେତ୍ରରେ ଉନ୍ନତମାନର ଫଳ ପାଇବେ । ସାମାନ୍ୟ ବଚସାରୁ ପ୍ରିୟ ବନ୍ଧୁଙ୍କ ସହ ସମ୍ପର୍କହାନି ଯୋଗୁ ଚିନ୍ତା ପ୍ରକଟ କରିପାରନ୍ତି। ଭୁଲ୍ ବୁଝାମଣାରୁ ସ୍ତ୍ରୀଙ୍କ ସହ ମତ ପାର୍ଥକ୍ୟ ଦେଖାଦେବ। ସାଙ୍ଗକୁ ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ପିଲାଙ୍କ କଳହକୁ କେନ୍ଦ୍ରକରି ପଡ଼ୋଶୀ କ୍ରୋଧ ପ୍ରକାଶ କରିପାରନ୍ତି।

**ମିଥୁନ** ସହଜରେ ମୁଣ୍ଡ ନୁଆଁଇବାକୁ ପସନ୍ଦ ନ କଲେ ପ୍ରତ୍ୟେକ କ୍ଷେତ୍ରରେ କିଛି ନା କିଛି ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିପାରେ। କଠିନ ଶ୍ରମଜନିତ ମାନସିକ ଓ ଶାରୀରିକ ଅସୁସ୍ଥତାର ଆଶଙ୍କା ରହିଛି। ବାଣିଜ୍ୟ, ବ୍ୟବସାୟ କ୍ଷେତ୍ରରେ ନିଜକୁ ପ୍ରତିଷ୍ଠିତ କରାଇପାରନ୍ତି ଓ ଅଫିସିଆଲି କାମ ହାସଲ କରିବା ସକାଶେ ଆଗନ୍ତୁକଟି ଆପଣଙ୍କ ପ୍ରଶଂସାଗାନ କରିପାରେ।

**କର୍କଟ** ସହକର୍ମୀ ତଥା ଆତ୍ମୀୟମାନଙ୍କ ସହଯୋଗରେ କାର୍ଯ୍ୟ ହାସଲ କରିପାରିବେ। ଅନ୍ୟମାନଙ୍କର ଚାପରେ ପଡି ଏକାଧିକ କାମ ହାତକୁ ନେଇ ବ୍ୟସ୍ତ ବିବ୍ରତ ହୋଇପାରନ୍ତି। ଆନୁଷ୍ଠାନିକ କ୍ଷେତ୍ରରେ କାର୍ଯ୍ୟଦକ୍ଷତା କାରଣରୁ ପ୍ରଶଂସିତ ହେବେ। କଚେରି ମାମଲାର ଶୁଣାଣି ବିଳମ୍ବରେ ଘଟିବା ହେତୁ ଟେନ୍‌ସନ ବୃଦ୍ଧି ପାଇପାରେ।

**ସିଂହ** ପାରିବାରିକ ସମସ୍ୟା ସଙ୍ଗକୁ କର୍ମହାନି, ଆର୍ଥିକ ଅନଟନ, ପରୋକ୍ଷ ଶତ୍ରୁତା ଯୋଗୁ ସାମୟିକ ବ୍ୟସ୍ତ ରହିବେ। ତଥାପି କେତେକ କ୍ଷେତ୍ରରେ ଉପସ୍ଥିତ ବୁଦ୍ଧି ପ୍ରୟୋଗ କରି କାର୍ଯ୍ୟ ସାଧନ କରିପାରନ୍ତି। ବ୍ୟବସାୟ ଓ ପରିବହନ କ୍ଷେତ୍ରରେ କିଛିମାତ୍ରାରେ ସଫଳତା ପାଇବେ। କର୍ମକ୍ଷେତ୍ରରେ ଉଚ୍ଚବର୍ଗର ବ୍ୟକ୍ତିବିଶେଷ ସହଯୋଗ କରିବେ।

**କନ୍ୟା** ପାରିବାରିକ ଜୀବନରେ କିଛିଟା ସ୍ନେହ, ଶ୍ରଦ୍ଧା ଓ ଆଦରର ଅଭାବ ଅନୁଭବ କରିବେ। କିନ୍ତୁ ବାହାର ଲୋକଙ୍କ ସହ ସମ୍ପର୍କ ବେଶ୍ ମଜଭୁତ ରହିବ। କର୍ମକ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ହେବାର ସମ୍ଭାବନା ରହିଛି। ଗୃହ ସଜ୍ଜାରେ ମନୋନିବେଶ କରିବା ସାଙ୍ଗକୁ କେତେକ କ୍ଷେତ୍ରରେ ଯେସାକୁ ତେସା ନୀତିରେ କାମ କରିପାରନ୍ତି। ପଡ଼ୋଶୀ କେହି ପ୍ରତିବାଦର ସ୍ୱର ଉଠାଇ ପାରନ୍ତି।

**ତୁଳା** ବାଣିଜ୍ୟ ଓ ବ୍ୟବସାୟରେ ସମସ୍ୟା ଲାଗି ରହିଥିଲେ ମଧ୍ୟ ତାହା ବିଶେଷ ଉତ୍କଟ ହେବ ନାହିଁ। ଯାହା ଖୋଜୁଛନ୍ତି ତାହା ପାଇବେ ଏବଂ ସ୍ଥଗିତ କାମଗୁଡ଼ିକ ତ୍ୱରାନ୍ୱିତ ହୋଇପାରିବ। ବିବାଦୀୟ ପରିସ୍ଥିତିରେ ଉପସ୍ଥିତି ବୁଦ୍ଧି ଖଟାଇ ପରିସ୍ଥିତିକୁ ସମ୍ଭାଳି ନେବେ। ପରିବାରରେ ସ୍ତ୍ରୀଙ୍କ ସହ ମତାନ୍ତର ସୃଷ୍ଟି ହେବାର ଆଶଙ୍କା ରହିଛି।

**ବିଛା** ଇଚ୍ଛା ନ ଥିଲେ ମଧ୍ୟ ପରିସ୍ଥିତିରେ ପଡ଼ି ଦୂରସ୍ଥାନକୁ ଯାତ୍ରା କରିବାକୁ ପଡ଼ିପାରେ। ରୋଗପୀଡ଼ାଜନିତ ସ୍ୱାସ୍ଥ୍ୟ ସମସ୍ୟା ସମ୍ପୂର୍ଣ୍ଣ ଭାବରେ ନିୟନ୍ତ୍ରଣାଧୀନ ରହିବ। କଳା, କ୍ରୀଡ଼ା, ଚଳଚ୍ଚିତ୍ର ତଥା ପ୍ରତିଯୋଗିତା କ୍ଷେତ୍ରରେ ସଫଳତା ମିଳିପାରେ। ଅର୍ଥ ସମ୍ପର୍କକୁ କେନ୍ଦ୍ରକରି ତର୍କର ସମ୍ମୁଖୀନ ହେବେ। ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କାମ ହାସଲ କରି ପାରିବେ।

**ଧନୁ** ଅନ୍ୟମାନଙ୍କ ଅନୁରୋଧରେ ଦୂରଯାତ୍ରା କରିବାକୁ ବାଧ ହୋଇପାରନ୍ତି। ନିକଟ ସମ୍ପର୍କୀୟମାନଙ୍କ ଭିତରି ଶତ୍ରୁତାରୁ ପାରିବାରିକ କ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢିପାରେ। ଅନ୍ୟମାନଙ୍କର କାନକୁହା କଥା ଶୁଣି ଉପର ଅଧିକାରୀମାନେ ଆପଣଙ୍କ ଉପରେ ଖପ୍ପା ହୋଇପାରନ୍ତି। କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡିପାରେ।

**ମକର** କର୍ମକ୍ଷେତ୍ରରେ ସମସ୍ୟା ସମାଧାନ କରିବା ଚେଷ୍ଟା କଲେ ମଧ୍ୟ ସୁଫଳ ପାଇ ନ ପାରନ୍ତି। ଆକସ୍ମିକଭାବରେ ବନ୍ଧୁଦ୍ୱାରକୁ ଗମନ କରିପାରନ୍ତି ଏବଂ ସୌଜନ୍ୟମୂଳକ ସାକ୍ଷାତରୁ ଉପକୃତ ହେବେ। ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବେ ଏବଂ ଆକସ୍ମିକ ଦୂରଯାତ୍ରାର ସୁଯୋଗ ପାଇବେ। ଛୋଟ ଛୋଟ କଥାକୁ ଧରି ବସିଲେ ଅଶାନ୍ତି ବଢ଼ିବ।

**କୁମ୍ଭ** ବିଭିନ୍ନ ପ୍ରକାରର ଯୋଜନା କରିବାରେ ମନ ଦେବେ, କିନ୍ତୁ ସହଜରେ କରିବା କଷ୍ଟକର ହୋଇ ପଡ଼ିବ । ଗୁପ୍ତ ଶତ୍ରୁମାନଙ୍କର ସକ୍ରିୟତା ବୃଦ୍ଧି ପାଇପାରେ । ଆଜିର ପ୍ରତ୍ୟୁଷ ଯାତ୍ରା, ଆନୁଷ୍ଠାନିକ କାମରୁ ଖୁସି ରହିବେ। ଏକ ଭିନ୍ନ ପରିବେଶରେ ନିକଟ ସମ୍ପର୍କୀୟମାନଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ।

**ମୀନ** ପୂର୍ବାବସ୍ଥା କେତେକାଂଶରେ ବଦଳିଯାଇଥିବା କାରଣରୁ ମନ ଏକ ପ୍ରକାର ଭଲ ରହିବ । କିନ୍ତୁ ଜମିଜମା କାରବାର, ବୈବାହିକ କିମ୍ବା ଅର୍ଥ ସମ୍ପର୍କକୁ ନେଇ ବିବାଦଗ୍ରସ୍ତ ହୋଇପାରନ୍ତି। ନିଜର ଲୋକମାନଙ୍କ କଦର୍ଯ୍ୟ ବ୍ୟବହାରରେ ଅସନ୍ତୁଷ୍ଟ ହୋଇପାରନ୍ତି। ଶିଳ୍ପ, ବାଣିଜ୍ୟ, ନିର୍ମାଣ, ଶେୟାର ବଜାର, ପରିବହନରେ ଲାଭବାନ ହେବେ।

ଆଜି କାର୍ତ୍ତିକ ଶୁକ୍ଳପକ୍ଷ ଦଶମୀ ବୁଧବାର, ନଭେମ୍ବର ୬ ତାରିଖ, ଭାଗବତ ସପ୍ତାହ ଆରମ୍ଭ, ରାଶି, ନକ୍ଷତ୍ର– ଶତଭିଷା/କୁମ୍ଭ, କର୍କଟ ରାଶିର ଘାତବାର, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ ଦିବା ଘ୭।୨୪ମି. ଗତେ ଘ୮।୦୯ମି. ମଧ୍ୟେ, ଘ୧୦।୨୩ମି. ଗତେ ଘ୧୨।୩୮ମି. ମଧ୍ୟେ ଅମୃତବେଳା। ସକାଳ ଘ୬।୩୯ମି. ଗତେ ଘ୭।୨୪ମି. ମଧ୍ୟେ, ଘ୧।୨୨ମି. ଗତେ ଘ୩।୩୭ମି. ମଧ୍ୟେ ମାହେନ୍ଦ୍ର ବେଳା । ଦିବା ଘ୧୧।୩୦ମି. ଗତେ ଘ୧୨।୫୪ମି. ମଧ୍ୟେ ରାହୁ କାଳ।

ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ନଭେମ୍ବର ୬/୨୦୧୯



ଏକ ଭଦ୍ର ପନ୍ଥା ଦୁନିଆକୁ ଦୋହଲାଇ ପାରେ।
- ମହାତ୍ମା ଗାନ୍ଧୀ



## ସଂକ୍ଷେପରେ

### ବଳାତ୍କାରୀଙ୍କୁ ୧୦ ବର୍ଷ ଜେଲ

ଫୁଲବାଣୀ ଅଫିସ, ୫।୧୧: ଏକ ବଳାତ୍କାର ମାମଲାର ବିଚାର କରି ଫୁଲବାଣୀ ସହକାରୀ ଦୌରାଜଜ୍ ସୌଭାଗ୍ୟ ରଞ୍ଜନ ସ୍ୱାଇଁ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ୧୦ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୫ ହଜାର ଟଙ୍କା ଜରିମାନା ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହା ଅନାଦେୟ ଅଧିକ ଅଢ଼େଇ ବର୍ଷ ଜେଲ ଭୋଗିବାକୁ ରାୟରେ କୋର୍ଟ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ହେଲେ ଦାରିଙ୍ଗବାଡି ଥାନା ଅଞ୍ଚଳର ରାମସିଂ ପ୍ରଧାନ। ୨୦୧୫ ମେ ୨୧ ତାରିଖରେ ଦାରିଙ୍ଗବାଡି ଥାନା ଅଞ୍ଚଳର ଜଣେ ବିଧବା ମହିଳା (୩୨) ଜଙ୍ଗଲକୁ କାଠ ଆଣିବାକୁ ଯାଇଥିଲେ। ରାମସିଂ ସେଠାରେ ପହଞ୍ଚି ତାଙ୍କୁ ଛୁରି ଦେଖାଇ ପାଟିକଲେ ଜୀବନରେ ମାରିଦେବାକୁ ଧମକ ଦେଇ ବଳାତ୍କାର କରିଥିଲେ। ରାମସିଂ ଏପରି ଭୟଭୀତ କରି ଆଉ ୨/୩ ଥର ବଳାତ୍କାର କରିଥିଲେ ମଧ ଭୟରେ ମହିଳା ଜଣକ କାହାରିକୁ ଏ ବିଷୟରେ କହି ନ ଥିଲେ। ପରେ ସେ ଗର୍ଭବତୀ ହୋଇଥିବା ଜାଣିବାରୁ ୨୦୧୫ ଅକ୍ଟୋବର ୧୫ରେ ଦାରିଙ୍ଗବାଡି ଥାନାରେ ଏତଲା ଦେଇଥିଲେ। ପୋଲିସ ନଂ.୧୧୫/୧୫ରେ ଏକ ମାମଲା ରୁଜୁ କରି ରାମସିଂଙ୍କୁ ଗିରଫ କରି କୋର୍ଟଚଲାଣ କରିଥିଲା। ଉପଯୁକ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ବିଚାରପତି ଉପରୋକ୍ତ ରାୟ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ଅତିରିକ୍ତ ପିପି ପ୍ରତାପ କୁମାର ପାତ୍ର ମାମଲା ପରିଚାଳନା କରୁଥିଲେ।

## ସାକ୍ଷୀଗୋପାଳ ମନ୍ଦିରରେ ଅଁଳା ନବମୀ

# ଫିକା ପଡ଼ିଲା ରାଧାପାଦ ଦର୍ଶନ

ସାକ୍ଷୀଗୋପାଳ, ୫।୧୧(ଡି.ଏନ୍.ଏ)

ପୁରୀ ଜିଲା ସାକ୍ଷୀଗୋପାଳ ମନ୍ଦିରରେ ମଙ୍ଗଳବାର କାର୍ତ୍ତିକ ଶୁକ୍ଳ ନବମୀ ତିଥିରେ ପବିତ୍ର ଅଁଳା ନବମୀ ପର୍ବପାଳିତ ହୋଇଯାଇଛି। ଏହି ଅବସରରେ ଶ୍ରୀରାଧା ଓଡ଼ିଆଣୀ ଓ ସାକ୍ଷୀଗୋପାଳ ଠାକୁର ନଟବର ବେଶରେ ସଜ୍ଜିତ ହୋଇଥିଲେ। ମା' ରାଧାରାଣୀ ଓଡ଼ିଆ ଘର ବୋହୂ ବେଶରେ ପାରମ୍ପରିକ ରୀତିରେ କାଣିଆ କଚ୍ଛାମାରି ପାଟଶାଢ଼ି ପରିଧାନ କରିଥିଲେ। ଫଳରେ ବର୍ଷକୁ ଥରେ ଶ୍ରୀରାଧାଙ୍କ ପାଦ ଯୁଗଳ ଦର୍ଶନର ସୁଯୋଗ ମିଳିଥିଲା। ଶ୍ରଦ୍ଧାଳୁମାନେ ଦୁର୍ଲଭ ପାଦ ଦର୍ଶନ ପରେ ବେଢ଼ା ପରିକ୍ରମା କରି ଅଁଳାବୃକ୍ଷ ପୂଜାର୍ଚ୍ଚନା ଓ ବନ୍ଦାପନା ସହିତ ମାନସିକ ପୂରଣ ଆଶାରେ ବୃକ୍ଷରେ ଶଙ୍ଖା ସିନ୍ଦୁର ଓ ଡୋରି ବାନ୍ଧିଥିଲେ। ଏଥିପାଇଁ ପୂର୍ବରାତ୍ର ୧ଟାରୁ ଦ୍ୱାର ଖୋଲାଯାଇ ମଙ୍ଗଳ ଆଳତି, ବେଶ ମଇଲମ, ମର୍ଦ୍ଦନ, ଅବକାଶ, ସକାଳ ଧୂପ ଓ ବାଲଧୂପ ଆଦି ଦେବନୀତି ସମ୍ପନ୍ନ କରାଯାଇଥିଲା। ନିର୍ଦ୍ଧାରିତ ସମୟ ପୂର୍ବରୁ ମଙ୍ଗଳବାର ଭୋର ୫.୪୫ରେ ସାହାଣମେଲା ଦର୍ଶନ ଆରମ୍ଭ ହୋଇଥିଲା। ପୂର୍ବବର୍ଷଗୁଡ଼ିକ ଭଳି ଶ୍ରଦ୍ଧାଳୁମାନେ ଗର୍ଭଗୃହକୁ ଯାଇ କେବଳ ପାଦ ଦର୍ଶନ କରିଥିଲେ।

ଅନ୍ୟପକ୍ଷରେ ପୂର୍ବ ବର୍ଷଗୁଡ଼ିକ ପରି ଚଳିତବର୍ଷ ଏହି ଯାତ୍ରାରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହେବା ଆଶା କରାଯାଇଥିଲା। ମାତ୍ର ଭିଡ଼ କମ୍ ଯୋଗୁ ରାଧାପାଦ ଦର୍ଶନ ଏକରକମ ଫିକା ପଡ଼ିଯାଇଥିଲା। ସକାଳେ ଭିଡ଼ ହୋଇଥିବାବେଳେ ମଧ୍ୟାହ୍ନ ଓ ଅପରାହ୍ନରେ କମିଯାଇଥିଲା। ଭୋଗ, ମନୋହରି, ଜଳଖିଆ ଗୁପଚୁପ, ଚାଟ ଓ ଫାଷ୍ଟଫୁଡ୍ ଆଦି ଦୋକାନୀଙ୍କୁ ହାତ ବାନ୍ଧି ବସିବାକୁ ପଡ଼ିଥିଲା। ଗତବର୍ଷଠାରୁ ରାଧାପାଦ ସ୍ପର୍ଶ ବନ୍ଦ କରାଯାଇଥିବାରୁ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଅଁଳାନବମୀ ଯାତ୍ରା ପ୍ରତି ଆଗ୍ରହ କମିଯାଇଛି ବୋଲି କେତେଜଣ ସେବାୟତ ଓ ଭକ୍ତ ମତ ଦେଇଛନ୍ତି। ସେହିପରି ଦର୍ଶନ ପାଇଁ ବାରିକେଡ୍‌ରେ ୩ଘଣ୍ଟା କଷ୍ଟରେ ଠିଆହେବା, ପ୍ରଶାସନ -ସେବାୟତଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ଅଭାବକୁ ମଧ ଦାୟୀ କରାଯାଇଛି। ପୂର୍ବ ବର୍ଷଗୁଡ଼ିକରେ ସାକ୍ଷୀଗୋପାଳ ବଜାରରେ ୨କି.ମି. ପର୍ଯ୍ୟନ୍ତ ଲମ୍ବାଧାଡ଼ି ଲାଗୁଥିବାବେଳେ ଚଳିତ ବର୍ଷ ମନ୍ଦିର ଆଗରେ ହୋଇଥିବା ବାରିକେଡ ଦିନତମାମ ଖାଲି ପଡ଼ିଥିଲା। ତେବେ ଯେତିକି ସଂଖ୍ୟକ ଶ୍ରଦ୍ଧାଳୁ ଆସିଛନ୍ତି ସେମାନେ ସୁନ୍ଦର ଭାବେ ଦର୍ଶନ କରିଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି। ସେବାୟତ ପରିବାରଙ୍କ ଦର୍ଶନ ନିମନ୍ତେ ଦକ୍ଷିଣଦ୍ୱାର ଖୋଲା ନ ଯିବା ଓ ମନ୍ଦିରକୁ ଯିବା ପାଇଁ ଅକ୍ଷମତା ପ୍ରକାଶ କରୁଥିବା ଶ୍ରଦ୍ଧାଳୁଙ୍କୁ ଅରୁଣସ୍ତମ୍ଭ ପର୍ଯ୍ୟନ୍ତ ଛଡ଼ା ନ ଯିବାରୁ ସେବାୟତମାନେ ଅସନ୍ତୋଷ ପ୍ରକାଶ କରି ମନ୍ଦିର ଭିତରେ ଧାରଣା ଦେଇଥିଲେ। ଫଳରେ ଅଧଘଣ୍ଟାଏ ପର୍ଯ୍ୟନ୍ତ ଦର୍ଶନ ବନ୍ଦ ରହିଥିଲା। ଭିଆଇପି ପାସ୍‌କୁ ନେଇ ପୂର୍ବରୁ ସୃଷ୍ଟି ହୋଇଥିବା ବିବାଦକୁ ଏଡ଼ାଇବା ଲାଗି ଗତବର୍ଷଠାରୁ ଭିଆଇପି ନାମକୁ ବଦଳାଇ ପ୍ରିଭିଲେଜ ପାସ୍, ଡ୍ୟୁଟି ପାସ୍, କାର୍ ପାସ୍ ଆଦି ରାଜ୍ୟ ଦେବୋତ୍ତର କମିଶନରଙ୍କ ଦାୟିତ୍ୱରେ ଛପାଯାଇ ବଣ୍ଟାଯାଇଥିଲେ ମଧ ପ୍ରେସ୍ ପାସ୍ ଦିଆଯାଇ ନ ଥିବାରୁ ସ୍ଥାନୀୟ ଖବରଦାତାମାନେ ଅସନ୍ତୋଷ ପ୍ରକାଶ କରି ଉପଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ।



ସାକ୍ଷୀଗୋପାଳ ମନ୍ଦିର।

### ସେବାୟତଙ୍କ ଧାରଣା ଯୋଗୁ ଅଧଘଣ୍ଟା ଦର୍ଶନ ବନ୍ଦ

ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ, ପୁରୀ ଜିଲାପାଳ ବଲୱନ୍ତ ସିଂ, ଉପଜିଲାପାଳ ଭବତାରଣ ସାହୁ, ଏସ୍‌ପି ଉମାଶଙ୍କର ଦାଶ, ଅତିରିକ୍ତ ଏସ୍‌ପି ପ୍ରତାପ କୁମାର ସ୍ୱାଇଁ, ଏସ୍‌ଡିପିଓ ଦେବଦତ୍ତ ବରାଳ, ସତ୍ୟବାଦୀ ତହସିଲଦାର କସ୍ତୁରୀ ପ୍ରଧାନ, ଅତିରିକ୍ତ ତହସିଲଦାର ଉଲ୍ଲାସ ଚନ୍ଦ୍ର ସେଠୀ, ବିଡିଓ ସରୋଜ କୁମାର ଦତ୍ତ, ଆଇଆଇସି ସଞ୍ଜୁକ୍ତା ପତି, ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାସ ଚନ୍ଦ୍ର ମିଶ୍ର ଏବଂ ସେବାୟତ ସଂଘ କର୍ମକର୍ତ୍ତାମାନେ ଉପସ୍ଥିତ ରହି ଅଁଳାନବମୀ ଯାତ୍ରାକୁ ପରିଚାଳନା କରିଥିଲେ। ଅଗ୍ନିଶମ ବାହିନୀ, ଆମ୍ବୁଲାନ୍ସ, ଆଶୁ ଚିକିତ୍ସାକେନ୍ଦ୍ର, ସୂଚନା ଓ ଲୋକ ସମ୍ପର୍କ ବିଭାଗ ସମେତ ବିଭିନ୍ନ ସଙ୍ଗଠନର ସ୍ୱେଚ୍ଛାସେବୀମାନେ ପାନୀୟଜଳ, ପରିମଳ ସେବା ଯୋଗାଇ ଦେଇଥିଲେ। ମନ୍ଦିରକୁ ଫୁଲ ଓ ରଙ୍ଗବେରଙ୍ଗ ଆଲୋକମାଳାରେ ସଜାଯାଇଥିଲା। ପଞ୍ଚସଖା ପଡ଼ିଆରେ ପଲ୍ଲିଶ୍ରୀ ମେଳା ବସିଥିବାବେଳେ ଚାରିଦିନିଆ ସାଂସ୍କୃତିକ କାର୍ଯ୍ୟକ୍ରମରେ ନୃତ୍ୟ, ସଙ୍ଗୀତ ପରିବେଷଣ କରାଯିବ।

## ଆଜି କ'ଣ କେଉଁଠି

**ବୌଦ୍ଧ**

- କନିଷ୍ଠ ଶିକ୍ଷକ ଆଶୟୀ ସଂଘର ନିଯୁକ୍ତି ଦାବିରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ, ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ପୂର୍ବାହ୍ନ ୧୧ଟା।

**କଣ୍ଟାବାଞ୍ଜି**

- ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ କ୍ରୀଡା, ଆମ୍ବପଡା ଫୁଟବଲ ପଡିଆ, ସକାଳ ୮ଟା।

**ସମ୍ବଲପୁର**

- ଜିଲା କୃଷକ ସୁରକ୍ଷା ସଂଗଠନର ୨୪ ଘଣ୍ଟିଆ ରିଲେ ଅନଶନ, ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟସ୍ଥ ରାସ୍ତା, ପୂର୍ବାହ୍ନ ସାଢ଼େ ୧୦ଟା ।
- ହୀରାଖଣ୍ଡ ନାଗରିକ ପରିଷଦର ବାର୍ଷିକ ସମାରୋହ, ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନ, ପୂର୍ବାହ୍ନ ସାଢ଼େ ୧୦ଟା ।
- ସୈରେନ୍ଦ୍ରୀ ନାୟକ ଟ୍ରଫି ଫୁଟବଲ ଟୁର୍ନାମେଣ୍ଟ, ହାୱା ମଇଦାନ, ଅପରାହ୍ନ ୨ଟା ।
- ଜାତୀୟ ବହୁଭାଷୀ ନାଟ୍ୟ ଉତ୍ସବ ଉଦ୍‌ଯାପନୀ କାର୍ଯ୍ୟକ୍ରମ, ଝାଡୁଆପଡା ଆରଣ୍ୟକ ମଞ୍ଚ, ସନ୍ଧ୍ୟା ସାଢ଼େ ୬ଟା ।

**ଦେବଗଡ଼**

- ୪୯ନଂ. ଜାତୀୟ ରାଜପଥ ମରାମତି ଦାବିରେ ଜିଲା କଂଗ୍ରେସ ତରଫରୁ ଅନଶନ, ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ପୂର୍ବାହ୍ନ ୧୧ଟା।

बैंक ऑफ़ बड़ौदा Bank of Baroda
ବିଜୟା ବ୍ୟାଙ୍କ VIJAYA BANK | ଦେନା ବ୍ୟାଙ୍କ DENA BANK
କ୍ଷେତ୍ରୀୟ କାର୍ଯ୍ୟାଳୟ : ଭୁବନେଶ୍ୱର କ୍ଷେତ୍ର, ପ୍ରଥମ ମହଲା, ବିଭବ ଗୁଲମୋହର, ବେହେରା ସାହି, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୨
**ଲିଜ୍ ଭିତ୍ତିରେ ଗୃହ ଆବଶ୍ୟକ**
ବ୍ୟାଙ୍କ ଅଫ ବରୋଦା ଏହାର ଶାଖା ଖୋଲିବା ପାଇଁ ଦୁଇ ବିଡ୍ ବ୍ୟବସ୍ଥା ମାଧ୍ୟମରେ ନିମ୍ନଲିଖିତ ସ୍ଥାନରେ ଲିଜ୍ ଭିତ୍ତିରେ ଆବଶ୍ୟକ କରୁଥିବା ଗୃହ ନିମନ୍ତେ ପ୍ରସ୍ତାବମାନ ଆହ୍ୱାନ କରୁଅଛି । ଗୃହ ତଳ ମହଲାରେ ହୋଇଥିଲେ ପସନ୍ଦଯୋଗ୍ୟ।
ବରମୁଣ୍ଡା, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା | ୨୦୦୦ ବର୍ଗଫୁଟ
ସବିଶେଷ ବିବରଣୀ ନିମନ୍ତେ ଆମର ୱେବସାଇଟ www.bankofbaroda.com ର ଟେଣ୍ଡର ବିଭାଗକୁ ଲଗ୍ ଅନ୍ କରନ୍ତୁ କିମ୍ବା ୦୬୭୪-୨୪୨୧୨୧୦ରେ ଯୋଗାଯୋଗ କରନ୍ତୁ ।
ପ୍ରସ୍ତାବ ଦାଖଲର ଅନ୍ତିମ ତାରିଖ: ୨୯.୧୧.୨୦୧୯ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ।
ଉପ-ମହାପ୍ରବନ୍ଧକ

SLB MEDICAL COLLEGE & RESEARCH
Recognised by Govt. of Odisha
Affl. to SAMBALPUR UNIVERSITY
SPOT ADMISSION Limited seats
BACHELOR IN PHYSIOTHERAPY
Duration:- 4 1/2 years. Eligibility:- +2 Sc. with Biology
Other courses- ANM/ DHN,10th & above (2yrs)
AT- MALIPALI (BHALUPALI)
P.O.- SANKARMA - 768006, SAMBALPUR
Contact:- 8895325800, 9178719974, 9437860677
www.slbmedicalcollege.com

## ଜିଲା ଚିଠି



### ନୂଆପଡ଼ା

# ଜେଲ୍‌ରେ ସର୍ଦ୍ଦାର

ମାଲିକଙ୍କଠାରୁ ଅଗ୍ରିମ ଟଙ୍କା ନେଇ ଚୁକ୍ତି ମୁତାବକ ରାଜ୍ୟ ବାହାରକୁ ଯାଇ କାମ କରୁଥିବା ଶ୍ରମିକଙ୍କୁ ଦାଦନ ଶ୍ରମିକର ଆଖ୍ୟା ଦେଇଛନ୍ତି ସରକାର। ଏହି କ୍ରମରେ ନୂଆପଡ଼ା ଜିଲାରୁ ପ୍ରତିବର୍ଷ ଅନ୍ୟୂନ ୩୦ ହଜାର ଦାଦନ ଶ୍ରମିକ ରାଜ୍ୟ ବାହାରକୁ ଯାଇ ଇଟାଭାଟିରେ ବିପଦସଙ୍କୁଳ ଅବସ୍ଥାରେ କାମ କରିଥାନ୍ତି। ସରକାର ମଧ୍ୟ ବୈଧ ଶ୍ରମିକ ଚାଲାଣ ସକାଶେ ନିୟମ କରିଛନ୍ତି। ହେଲେ ସବୁ ନୀତିନିୟମକୁ ଉଲ୍ଲଂଘନ କରି ସର୍ଦ୍ଦାର ଏବଂ ଶ୍ରମିକ ଶୋଷଣର ଶିକାର ହେଉଥିବା ଅଭିଯୋଗ ହୋଇଆସୁଛି। ଏଇ କିଛିଦିନ ହେବ ପୋଲିସ ଉପରୋକ୍ତ ଅନିୟମିତତା ଉପରେ ତୀକ୍ଷ୍ଣ ନଜର ରଖିଛି। ଫଳ ସ୍ୱରୂପ ପୋଲିସ ସର୍ଦ୍ଦାର ଗିରଫଦାରି ଅଭିଯାନ ଚଳାଇଛି। ହେଲେ ଏହାର ସୁପ୍ରଭାବ ଯେତିକି ପଡିବା କଥା ତା'ଠାରୁ କୁପ୍ରଭାବ ବଳି ଯାଉଛି। କୋଟିପତି ସର୍ଦ୍ଦାର ଗିରଫ ହେଲା ପରେ ଗରିବ ଦାଦନଙ୍କ ପେଟପାଟଣା କଥା ବୁଝିବାକୁ କେହିନାହିଁ। ଜିଲାରେ କୌଣସି ରୋଜଗାରର ମାଧ୍ୟମ ମିଳୁ ନାହିଁ। ସେଥିପାଇଁ ଲୋକେ ବାଧ୍ୟ ହୋଇ ରାଜ୍ୟ ବାହାରକୁ ଦାଦନ ଖଟିଯାଇଥାନ୍ତି। ଏକ ହିସାବକୁ ବିଚାରକୁ ନିଆଗଲେ ଜିଲାର ବିଭିନ୍ନ ଯୋଜନା ବାବଦକୁ ବାର୍ଷିକ ଅନ୍ୟୂନ ଶହେ କୋଟି ଟଙ୍କା ଆସିଥାଏ। ସେହିପରି ପ୍ରତି ଶ୍ରମିକ ପିଛା ୫୦ ହଜାର ଟଙ୍କା ହିସାବରେ ଜିଲାର ୩୦ ହଜାର ଶ୍ରମିକଙ୍କ ପାଇଁ ଦେଢ କୋଟି ଟଙ୍କା ଆସିଥାଏ। ଶ୍ରମିକଙ୍କ ନାଁରେ ଆସୁଥିବା ୫୦ ହଜାର ଟଙ୍କାରୁ ଶ୍ରମିକ ମାତ୍ର ୩୦ ହଜାର ଟଙ୍କା ପାଏ। ବାକି ଟଙ୍କା ସର୍ଦ୍ଦାରଠାରୁ ଆରମ୍ଭ କରି ରାଜନୈତିକ ବ୍ୟକ୍ତି ଓ ଅଧିକାରୀଙ୍କ ପକେଟକୁ ଯାଉଥିବା ଅଭିଯୋଗ ହୁଏ। ଉପରୋକ୍ତ ଉଦାହରଣ ଶ୍ରମିକ ଶୋଷଣକୁ ଜନ୍ମ ଦେଇଛି। ତେବେ ବିଳମ୍ବରେ ହେଲେ ବି ସରକାର ଏହା ଉପରେ ଅଙ୍କୁଶ ଲଗାଇବାକୁ ଉଦ୍ୟମ ଆରମ୍ଭ କରିଛନ୍ତି। ଶ୍ରମିକମାନେ ଦଶହରା ପରେ ଦାଦନ ଖଟିବାକୁ ଯାଇଥାନ୍ତି। କିନ୍ତୁ ସର୍ଦ୍ଦାରମାନେ ଜେଲରେ ଥିବାରୁ ସେଥିରେ ବ୍ୟତିକ୍ରମ ଦେଖାଦେଇଛି। ସର୍ଦ୍ଦାରମାନଙ୍କ ବ୍ୟତୀତ ବାହାରୁ କିଏ ଟଙ୍କା ଆଣି ଶ୍ରମିକମାନଙ୍କୁ ଦେବ ସେ ନେଇ କାହା ପାଖରେ ଉତ୍ତର ନାହିଁ। ଅନ୍ୟପକ୍ଷେ ଏତେ ସଂଖ୍ୟକ ଶ୍ରମିକଙ୍କ ପାଇଁ ରୋଜଗାର ବ୍ୟବସ୍ଥା କରିବ କିଏ ତାହା ଏକ ବିରାଟ ପ୍ରଶ୍ନବାଚୀ ହୋଇ ଛିଡା ହୋଇଛି। ଏଥିସକାଶେ ସରକାରଙ୍କ ସ୍ୱତନ୍ତ୍ର ଶ୍ରମ ମନ୍ତ୍ରଣାଳୟ ରହିଛି। ହେଲେ ସେହି ବିଭାଗ ହାତ ବାନ୍ଧି ବସିଥିବା ଅଭିଯୋଗ ହୋଇଛି। ଲୋକେ ସର୍ଦ୍ଦାରଙ୍କ ଗିରଫଦାରିକୁ ସ୍ୱାଗତ କରିଛନ୍ତି। ହେଲେ ରୋଜଗାର ଖୋଜୁଥିବା ଦାଦନମାନଙ୍କ ପାଇଁ ସରକାର ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ବିଭିନ୍ନ ମହଲରେ କଥା ଉଠିଛି।

– ଘନଶ୍ୟାମ ଭୋଇ

## ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଯାଇ ମହିଳାଙ୍କୁ ଅସଦାଚରଣ ଘଟଣା

# ଏଏସଆଇଙ୍କୁ ଗିରଫ କଲା ପୋଲିସ

କପ୍ତିପଦା,୫।୧୧(ଡି.ଏନ୍.ଏ.)



ଏଏସ୍‌ଆଇ ଶୁଭେନ୍ଦୁ ବେହେରା

ଏକ ପୁରୁଣା ମାମଲାରେ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଯାଇ ଜଣେ ମହିଳାଙ୍କୁ ଅସଦାଚରଣ କରିବା ଅଭିଯୋଗରେ କପ୍ତିପଦା ଥାନାର ତତ୍କାଳୀନ ଏଏସଆଇ ଶୁଭେନ୍ଦୁ ବେହେରାଙ୍କୁ ଗିରଫ କରାଯାଇଛି। ସୋମବାର ବିଳମ୍ବିତ ରାତିରେ ବାରିପଦାସ୍ଥିତ ବାସଭବନରୁ ପୋଲିସ ତାଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି।

ସୂଚନା ଅନୁଯାୟୀ, ଗତ ମେ ମାସ ୧୨ ତାରିଖ ବିଳମ୍ବିତ ରାତିରେ କପ୍ତିପଦା ଗଡସାହିର ଜଣେ ବ୍ୟକ୍ତିଙ୍କୁ ଏଏସଆଇ ବେହେରା ସଦଳବଳେ ଏକ ପୁରୁଣା ମାମଲାରେ ଗିରଫ କରିବାକୁ ଯାଇଥିଲେ। ମାତ୍ର ଘଟଣା ସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏଏସଆଇ ବେହେରାଙ୍କୁ ସମ୍ପୃକ୍ତ ବ୍ୟକ୍ତିଙ୍କ ପରିବାର ଲୋକେ ସଂଘବଦ୍ଧ ଭାବେ ଆକ୍ରମଣ କରିଥିବା ଅଭିଯୋଗ ହୋଇଥିଲା। ଏସମ୍ପର୍କରେ ପାଲଟା ଏତଲା ଦେବାକୁ ତହିଁ ପରଦିନ ସମ୍ପୃକ୍ତ ବ୍ୟକ୍ତିଙ୍କ ସ୍ତ୍ରୀ ଓ ତାଙ୍କ ଭାଇଙ୍କ ସ୍ତ୍ରୀ ଥାନାକୁ ଯାଇଥିଲେ। ମାତ୍ର ପୋଲିସ ଏତଲା ଗ୍ରହଣ ନ କରି ସେମାନଙ୍କୁ ମଧ ଉକ୍ତ ମାମଲାରେ ଅଭିଯୁକ୍ତ ଦର୍ଶାଇ କୋର୍ଟ ଚାଲାଣ କରିଥିଲା। ତେବେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଗିରଫ କରିବା ଆଳରେ ତାଙ୍କ ଘରକୁ ଯାଇ ତାଙ୍କ ସ୍ତ୍ରୀଙ୍କୁ ଏଏସଆଇ ବେହେରା ଅସଦାଚରଣ କରିଥିବା ଅଭିଯୋଗ ହୋଇଥିଲା। ଏଏସଆଇ ବେହେରାଙ୍କୁ ବାରିପଦା ବଦଳି କରାଯାଇଥିଲା। ନ୍ୟାୟ ନ ପାଇ କିଛି ଦିନ ତଳେ ସେହି ପରିବାର ଲୋକେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରିବା ସହିତ ନବୀନ ନିବାସ ସମ୍ମୁଖରେ ଆତ୍ମାହୁତି ଦେବାକୁ ଉଦ୍ୟମ କରିଥିଲେ। ଖବରପାଇ ମୟୂରଭଞ୍ଜ ଏସପି ଓ ଉଦଳା ଏସଡିପିଓ କପ୍ତିପଦା ଥାନା ଗସ୍ତରେ ଯାଇ ଅଭିଯୋଗକାରିଣୀଙ୍କ ଘରକୁ ଯିବା ସହିତ ତଦନ୍ତ କରିଥିଲେ। ଘଟଣାର ତଦନ୍ତ ଦାୟିତ୍ୱ ଡିଏସପି ସବିତା ମାଝୀଙ୍କୁ ଦିଆଯାଇଥିଲା। ଉଲ୍ଲେଖଯୋଗ୍ୟ ଯେ, କିଛି ଦିନ ତଳେ ଏଏସଆଇ ବେହେରା ନିଶାସକ୍ତ ଅବସ୍ଥାରେ ଗାଡ଼ି ଚଳାଇ ଦୁର୍ଘଟଣା ଘଟାଇଥିବା ଅଭିଯୋଗରେ ନିଲମ୍ବିତ ହୋଇଥିଲେ।

## ବ୍ଲାକରୋଜରେ ପିଟିହୋଇ ବୁଡ଼ିଗଲା ମାଛଧରା ଟ୍ରଲର

# ବୁଡ଼ି ଯାଉଥିବାବେଳେ ୬ ମତ୍ସ୍ୟଜୀବୀ ଉଦ୍ଧାର

ପାରାଦୀପ,୫।୧୧(ସ୍ୱ.ପ୍ର.)

ପାରାଦୀପ ବନ୍ଦରଠାରୁ ପ୍ରାୟ ୬କି.ମି. ଦୂର ସମୁଦ୍ରରେ ବୁଡ଼ିଥିବା ବ୍ଲାକ୍‌ରୋଜ ଜାହାଜରେ ପିଟିହୋଇ ମଙ୍ଗଳବାର ଏକ ମାଛଧରା ଟ୍ରଲର ବୁଡ଼ିଯାଇଛି। ସୌଭାଗ୍ୟବଶତଃ ଏହି ଟ୍ରଲରରେ ଥିବା ସମସ୍ତ ମତ୍ସ୍ୟଜୀବୀ ସୁରକ୍ଷିତଭାବେ ଉଦ୍ଧାର ହୋଇଛନ୍ତି। ଉଦ୍ଧାର ମତ୍ସ୍ୟଜୀବୀ ହେଲେ ଟ୍ରଲର ଚାଳକ କାଳୀଚରଣ ଦାସ, ସୁରେଶ ଦାସ, ଜୟଚନ୍ଦ୍ର ଦାସ, କାହ୍ନୁ ଦତ୍ତ, ଅମୂଲ୍ୟ ମଲ୍ଲିକ, ସନ୍ତୋଷ ଗୌଡ଼। ଏଥିରେ ୫ଜଣ ଭଦ୍ରକ ଚାନ୍ଦବାଲିର ଥିବାବେଳେ ଜଣଙ୍କ ଘର ଗଞ୍ଜାମ ଜିଲାର ଆସିକା ଅଞ୍ଚଳରେ ବୋଲି ଜଣାପଡ଼ିଛି।

ପ୍ରତ୍ୟୁଷରେ ମା'ଜଗଜ୍ଜନନୀ ନାମକ ମାଛଧରା ଟ୍ରଲର ସମୁଦ୍ରରୁ ନେହେରୁ ବଙ୍ଗଳା ମାଛଧରା ବନ୍ଦରକୁ ଫେରୁଥିଲା। ଏହି ସମୟରେ ଟ୍ରଲରଟି ବ୍ଲାକରୋଜ ଜାହାଜ ସହ ପିଟି ହୋଇ ଘଟଣାସ୍ଥଳରେ ବୁଡ଼ି ଯାଇଥିଲା। ଫଳରେ ଟ୍ରଲରରେ ଥିବା ଉପରୋକ୍ତ ସମସ୍ତ ମତ୍ସ୍ୟଜୀବୀ ବୁଡ଼ି ଯାଇଥିଲେ। ସେଠାରେ ଥିବା ଦୁଇଟି ନୋଳିଆ ଡଙ୍ଗା ଓ ଅନ୍ୟ ଏକ ମାଛଧରା ଟ୍ରଲର ସମସ୍ତ ମତ୍ସ୍ୟଜୀବୀଙ୍କୁ ଉଦ୍ଧାର କରିଥିଲେ। ଘଟଣା ପରେ ସମ୍ପୃକ୍ତ ଟ୍ରଲର ମାଲିକ ପୂର୍ଣ୍ଣଚନ୍ଦ୍ର ନାୟକ ସ୍ଥାନୀୟ ଜଟାଧାର ମୁହାଣ ସାମୁଦ୍ରିକ ପୋଲିସ ଓ କୋଷ୍ଟଗାର୍ଡକୁ ଖବର ଦେଇଥିଲେ। ଥାନାଧିକାରୀ ଭରତ କୁମାର ବେହେରା ମାଛଧରା ବନ୍ଦରରେ ପହଞ୍ଚି ଉଦ୍ଧାର ମତ୍ସ୍ୟଜୀବୀଙ୍କ ସହ ଆଲୋଚନା କରିଥିଲେ। ଏହି ଦୁର୍ଘଟଣାକୁ ନେଇ ମାଛଧରା ଟ୍ରଲର ମାଲିକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଟ୍ରଲର ମାଲିକ ପୁରୁଷୋତ୍ତମ ବିଶ୍ୱାଳ, ଅଶୋକ ସାହୁ ପ୍ରମୁଖ କହିଛନ୍ତି, ବ୍ଲାକ୍‌ରୋଜ ବୁଡ଼ିଥିବା ଅଞ୍ଚଳରେ ଭାସମାନ ପ୍ରତୀକ(ବୟାଁ) ଲଗାଇବାକୁ ୧୦ ବର୍ଷ ହେଲା ଓମ୍ଫା (ଓଡ଼ିଶା ସାମୁଦ୍ରିକ ମତ୍ସ୍ୟ ଉତ୍ପାଦକ ସଂଘ) ମତ୍ସ୍ୟବିଭାଗ ଓ ପାରାଦୀପ ବନ୍ଦରକୁ ଲିଖିତ ଭାବେ ଅନୁରୋଧ କରାଯାଇଛି। ହେଲେ ପଦକ୍ଷେପ ଶୂନ। ପୂର୍ବରୁ ସେଠାରେ ଛୋଟ ଦୁର୍ଘଟଣା ଘଟୁଥିଲା। ମଙ୍ଗଳବାର ଭୋର ସମୟରେ କୁହୁଡ଼ି ଯୋଗୁ ଚାଳକ ଜାଣି ନ ପାରି ସେହିବାଟେ ଫେରୁଥିବାବେଳେ ଏପରି ଦୁର୍ଘଟଣା ଘଟିଛି।

ସୂଚନାଯୋଗ୍ୟ, ୨୦୦୯ ସେପ୍ଟେମ୍ବର ୯ରେ ମଙ୍ଗୋଲିଆ ଜାହାଜ ଏମ୍.ଭି.ବ୍ଲାକରୋଜ ପାରାଦୀପ ବନ୍ଦରରୁ ଅଧା ଲୁହାପଥର ବୋଝେଇ କରି ଆଙ୍କରେଜ ଏରିଆରେ ଥିବାବେଳେ ବୁଡ଼ିଯାଇଥିଲା। ସେଥିରେ ଥିବା ୨୭ ନାବିକଙ୍କ ମଧ୍ୟରୁ ୨୬ଜଣଙ୍କୁ ବନ୍ଦର ମେରାଇନ୍ ବିଭାଗ ପକ୍ଷରୁ ଉଦ୍ଧାର କରାଯାଇଥିଲା। ୟୁକ୍ରେନ୍ ନାଗରିକ ତଥା ଜାହାଜ ମୁଖ୍ୟଯନ୍ତ୍ରୀ ଆଲେକ୍‌ଜାଣ୍ଡାର ୟୁଲୋଶ୍ଳୋଙ୍କୋଙ୍କ ମୃତ୍ୟୁ ଘଟିଥିଲା। ଜାହାଜ ବୁଡ଼ିବା ପରେ ପ୍ରାୟ ୪୦ ଭାଗ ଅଂଶ ଉପରକୁ ଦୃଶ୍ୟ ହେଉଥିଲା। ଜାହାଜ ଲୁହାକୁ ଅନବରତ ଚୋରି କରିବା ଏବଂ ସାମୁଦ୍ରିକ ପରିବର୍ତ୍ତନ ଯୋଗୁ ତାହା ୨ ବର୍ଷ ହେଲା ସମ୍ପୂର୍ଣ୍ଣ ବୁଡ଼ିଗଲାଣି। ଏବେ ଆଉ ବାହାରକୁ ଦେଖାଯାଉନାହିଁ। ତେଣୁ ମାଛଧରା ଟ୍ରଲରକୁ ସେଠାରୁ ଆଉ ଉଦ୍ଧାର କରିହେବ ନାହିଁ ବୋଲି ଟ୍ରଲର ମାଲିକ ପୂର୍ଣ୍ଣଚନ୍ଦ୍ର କହିଛନ୍ତି।

GOVT. OF INDIA
MINISTRY OF FINANCE
DEPARTMENT OF FINANCIAL SERVICES
DEBTS RECOVERY TRIBUNAL
COURT OF THE RECOVERY OFFICER
Plot No.: C/71, Sector-7, CDA, Cuttack - 753014
सत्यमेव जयते
FORM NO. ITCP-1
NOTICE OF DEMAND TO THE CERTIFICATE DEBTORS
(See Rule 2 of the Second Schedule as referred to in Section 29 of the Recovery of Debts due to Banks & Financial Institutions Act, 1993)
Recovery proceeding No. 145/2015/CTC
Next Date: 09.12.2019
**State Bank of India, RASMECCC-SARC,** At: Shivlok Complex Gaiety Road, Sambalpur, Dist.: Sambalpur-768001 (Odisha) ...Certificate Holder Bank
Vs.
**M/s. Sri Vijay Goel,** S/o- Raj Kumar Goel, At: Tiwarigali, Talbhatapada, P.O.: Khetrajpur, Dist.: Sambalpur-768003 (Odisha) ...Certificate Debtors
To
1. **Sri Vijay Goel,** S/o- Raj Kumar Goel, At: Tiwarigali, Talbhatapada, P.O.: Khetrajpur, Dist.: Sambalpur-768003 (Odisha)
Take notice that Certificate arising out of **OA No. 476 of 2014** issued by the Hon'ble Presiding Officer, Debts Recovery Tribunal, Cuttack under Section 19 (22) of the Recovery of Debts due to Banks and Financial Institutions Act, 1993 and forwarded to the undersigned for recovery of **Rs. 21,98,042.00 (Rupees Twenty One Lac Ninety Eight Thousand and Forty Two only)** together with interest till realisation of the dues, cost, charges as per the certificate, the details of which are given below:
1. Decretal Dues : Rs. 21,98,042.00
2. Cost allowed (+) : Rs. 24,000.00
Total : Rs. 22,22,042.00
(**Rupees Twenty Two Lac Twenty Two Thousand and Forty Two Only)** with Interest @13% p.a. with quarterly rests on the amount due from the date of filing till realization of the entire Dues.
2. You are hereby directed to pay the above stated sum **within 15 (Fifteen) days** of the publication of this notice, failing which the recovery shall be made in accordance with the provisions contained in Chapter V of the Recovery of Debts due to Banks & Financial Institutions Act, 1993.
3. In addition to the aforesaid amount you will also be liable for all future interest, costs, charges and expenses incurred in respect of the service of this notice and of warrants and other processes etc. and of all the other proceedings taken for realising of arrears.
4. You are hereby directed to appear in person or through legal representative before the undersigned on 09.12.2019 and report the details of payment made by you.
Given under my hand & seal at Cuttack on this 30th day of October, 2019.
Sd/- (S.R. Parida)
Recovery Officer




### ବୃଦ୍ଧଙ୍କୁ ଦଳିଦେଲା ହାତୀ

କାମାକ୍ଷାନଗର, ୫।୧୧ (ଡି.ଏନ୍.ଏ.) : ଢେଙ୍କାନାଳ ଜିଲା ତୁମୁସିଙ୍ଗା ଥାନା ପଣ୍ଡୁଆ ଫାଣ୍ଡି ଶାଳୁଆ ଛକ ନିକଟରେ ମଙ୍ଗଳବାର ହାତୀ ଆକ୍ରମଣରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗୋଦରବିଲି ଗ୍ରାମର ହୃଦାନନ୍ଦ ମଲ୍ଲିକ (୭୦)। ସେ ସକାଳେ ଶୌଚ ଯାଇଥିବାବେଳେ ହାତୀ ହାବୁଡ଼ରେ ପଡ଼ିଥିଲେ। ହାତୀ ତାଙ୍କୁ ଦଳିଦେବାରୁ ତାଙ୍କର ମୃତ୍ୟୁ ଘଟିଥିଲା। କ୍ଷତିପୂରଣ ଦାବିରେ ସ୍ଥାନୀୟ ବାସିନ୍ଦା ଢେଙ୍କାନାଳ-କାମାକ୍ଷାନଗର ରାସ୍ତାକୁ ୨ଘଣ୍ଟା ଅବରୋଧ କରିଥିଲେ। ପୂର୍ବାଞ୍ଚଳ ରେଞ୍ଜ ଅଧିକାରୀ ବିଭୁଦାନନ୍ଦ ମିଶ୍ର, ପୋଲିସ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। ବନ ବିଭାଗ ପକ୍ଷରୁ ପ୍ରାଥମିକ ପର୍ଯ୍ୟାୟରେ ମୃତକଙ୍କ ପରିବାରକୁ ୪୦ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଛି।



ON YOUR WEDDING
ARRIVE IN STYLE
Let the world be amazed by your gorgeous style statement. For a forever kind of wedding, choose from the trendiest collection of suits, sherwanis and the most breathtaking range of sarees and wedding lehengas from Kalamandir. Make your special day, **a truly special one!**
kalamandir କଳାମନ୍ଦିର
ODISHA'S MOST POPULAR FASHION SHOP
ଓଡ଼ିଶାର ସବୁଠୁ ଲୋକପ୍ରିୟ ଫ୍ୟାଶନ ଶପ୍
Shop with a smile.
3, Western Market, Bhubaneswar 751009
R K SWAMY BBDO KALA 2859/18
Benarasis | Kanjeevarams | Odissis | Printed Silks | Brocades | Jamevars
South Silks | Gadwals | Fancy Sarees | Lehengas | Suitings | Shirtings
Suits | Jackets | Kurta Pyjamas | Sherwanis | Exclusive Readymades
Women's Wear | Kidswear | Furnishings | Dress Materials

ଏପରି ଏକ ଦିନ ଆସିବ–ଯେତେବେଳେ କି ଏ ପୃଥିବୀର ସବୁ ଧନସଂପଦ ଭଗବତ୍ ବିରୋଧୀମାନଙ୍କ ଅଧିକାରରୁ ମୁକ୍ତ ହେବା ଏବଂ ଭଗବାନଙ୍କ କାର୍ଯ୍ୟ ଏ ପୃଥିବୀରେ ଚାଲିବା ପାଇଁ ସେଗୁଡ଼ିକ ସ୍ୱଚ୍ଛନ୍ଦରେ ବ୍ୟୟିତ ହେବେ। – ଶ୍ରୀମା



# ଜନସ୍ୱାସ୍ଥ୍ୟରେ ଜନ ସହଯୋଗ



ଡା. ଅଂଶୁମାନ କର

ଜନସ୍ୱାସ୍ଥ୍ୟର ଚାରୋଟି ମୂଳ ଆଧାର ହେଲା– ୧. ଜନସ୍ୱାସ୍ଥ୍ୟ ସୁରକ୍ଷା, ୨. ଜନସ୍ୱାସ୍ଥ୍ୟ ନୀତି, ୩. ରୋଗ ନିରାକରଣ ଅନୁସନ୍ଧାନ, ୪. ଜନସ୍ୱାସ୍ଥ୍ୟ ଶିକ୍ଷା। ସ୍ୱାସ୍ଥ୍ୟ ସୁରକ୍ଷା ଓ ସ୍ୱାସ୍ଥ୍ୟ ନୀତି ଉପରେ ଆଜିକାଲି ଖୁବ୍ ପ୍ରାଧାନ୍ୟ ଦିଆଯାଉଛି, ମାତ୍ର ଯେ ପର୍ଯ୍ୟନ୍ତ ଆମର ଅନୁସନ୍ଧାନ, କ୍ଷମତା ଓ ଜନଶିକ୍ଷାର ଉନ୍ନତି ନ ହୋଇଛି ସେ ପର୍ଯ୍ୟନ୍ତ କୌଣସି କାର୍ଯ୍ୟର ସଫଳ ରୂପାୟନ ସମ୍ଭବ ନୁହେଁ। ନିଜର ସ୍ୱଳ୍ପ ସମୟର ଡାକ୍ତରୀ ବୃତ୍ତି ଭିତରେ ଅନୁଭବ କରିଥିବା କିଛି ଦୃଷ୍ଟାନ୍ତ ଦ୍ୱାରା ପ୍ରସଙ୍ଗଟି ଆଗକୁ ନେବାକୁ ଚେଷ୍ଟା କରୁଛି।

୨୦୧୬ରେ ଡାକ୍ତରୀ ଡିଗ୍ରୀ ପାଇଲା ପରେ ୨ ବର୍ଷ କାଳ ଭାରତର ଏକ ଖ୍ୟାତନାମା ଘରୋଇ ହସ୍ପିଟାଲରେ କାର୍ଯ୍ୟ କରୁଥିଲି ଦିଲ୍ଲୀରେ। ଏହି ସମୟରେ ପୁସ୍ତକ ଓ ପୁସ୍ତକ ବାହାରେ ପଢ଼ିଥିବା ଅନେକ ଅତ୍ୟାଧୁନିକ ଚିକିତ୍ସା ପ୍ରଣାଳୀର ଜ୍ଞାନ ଓ କୌଶଳ ପ୍ରାପ୍ତ କରିବାର ସୁଯୋଗ ମିଳିଲା। ରାଜାଙ୍କଠାରୁ ରଙ୍କ ପର୍ଯ୍ୟନ୍ତ ସବୁ ଶ୍ରେଣୀର ଲୋକଙ୍କୁ ମିଳୁଥିବା ସ୍ୱାସ୍ଥ୍ୟସେବାକୁ ଖୁବ୍ ନିକଟରୁ ଦେଖିଲି। ଏହି ସମୟରେ ଆରମ୍ଭ ହେଇଥିଲା ବିଶ୍ୱର ସର୍ବବୃହତ୍ ସ୍ୱାସ୍ଥ୍ୟ ଯୋଜନା– ଆୟୁଷ୍ମାନ ଭାରତ। ଏହା ଏକ ଯୁଗାନ୍ତକାରୀ ପରିକଳ୍ପନା, ମାତ୍ର ଏହାର ସମ୍ପୂର୍ଣ୍ଣ ଲାଭ କ'ଣ ପ୍ରକୃତ ହିତାଧିକାରୀଙ୍କୁ ମିଳିପାରୁଛି? ଉପଯୁକ୍ତ ପ୍ରଚାର ପ୍ରସାର ହେଲେ ଲୋକେ ଏହି ଯୋଜନା ବିଷୟରେ ଜାଣିପାରିବେ। ମାତ୍ର ଏକବିଂଶ ଶତାବ୍ଦୀରେ ମଧ୍ୟ ଯେଉଁ ଜାଗାରେ ଟେଲିଫୋନ ତାରଟିଏ ନାହିଁ ସେଠି ଆୟୁଷ୍ମାନ ଭାରତ କ'ଣ, ବିଜୁ ସ୍ୱାସ୍ଥ୍ୟ ବି ପହଞ୍ଚି ପାରିବନି।

ଆୟୁଷ୍ମାନ ଭାରତର ବିଶ୍ଳେଷଣ କରି ଏକ ଖବରକାଗଜରେ ଲେଖିଥିଲି–ଆୟୁଷ୍ମାନ ଭାରତର ଆୟୁଷ ଶିକ୍ଷିତ ଭାରତ ଉପରେ ନିର୍ଭର କରୁଛି। ଆଶାତୀତ ଜନ ସମାଗମ ଯୋଗୁ ଦିଲ୍ଲୀ ଆଜି ଏକ ବଡ଼ ସମସ୍ୟା ପାଲଟିଛି। ପ୍ରତିଦିନ ସେଠାକାର ବାୟୁ, ଜଳ ଓ ସ୍ଥଳ ଜୀବନ ଲାଗି ଅନୁପଯୋଗୀ ହୋଇ ଚାଲିଛି। ମୁଁ ନିଜେ ଦିନେ ଏକ ସ୍ୱାସ୍ଥ୍ୟ ଶିବିରରେ ଟିବି (ଯକ୍ଷ୍ମା) ଆକ୍ରାନ୍ତ ଏକ ପରିବାରର ଯନ୍ତ୍ରଣା ଦେଖି ଡରିଯାଇଥିଲି। ମା'ଟି ନିଜର ଦୁଃଖ କହିବାକୁ ଯାଇ କହିଲା– ଏ ପିଲାଟି ମୋର ତୃତୀୟ ସନ୍ତାନ। ତା' ବାପା ଟିବିରେ ଗଲେ। ମୋ ବଡ଼ପୁଅ ବି ଟିବିରେ ଗଲା। ଦ୍ୱିତୀୟ ପୁଅର ଧୀରେ ଧୀରେ ସେଇସବୁ ଲକ୍ଷଣ ଦେଖାଯାଉଛି। ଏବେ ଏଇ ଛୁଆଟିକୁ କ'ଣ କରିବି? ଡାକ୍ତରବାବୁ ମୋତେ ମୁକ୍ତି ଦେଇଦିଅ। ପ୍ରଶ୍ନ କଲି, ଏଠି ଏତେ ଗହଳିରେ କାହିଁକି ରହୁଛ? ନିଜ ଗାଁକୁ ଫେରି ଯାଉନ। ଉତ୍ତର ଆସିଲା– ବାବୁ ଯେତେ ହେଲେ ବି ଗାଁ ଲୋକେ ଜାଣନ୍ତି ଆମେ ଦିଲ୍ଲୀରେ ଅଛୁ। ଏହା ଆମ ଲାଗି ବଡ଼ କଥା।

ଏହି ଉତ୍ତର ମୋତେ କ୍ଷଣକ ଲାଗି କରିଦେଇଥିଲା ଅବାକ୍। ଆଜି ମଧ୍ୟ ଆମ ଗାଁ ଗହଳି ଲୋକଙ୍କର ସହରରେ ମିଳୁଥିବା ସୁବିଧା ସୁଯୋଗ ପ୍ରତି ଏକ ଅନ୍ଧ ଆକର୍ଷଣ ଅଛି। କୃଷିପ୍ରଧାନ ଦେଶର କୃଷକ ନିଜ ପୁଅକୁ ଚାଷୀ କରିବାକୁ ଚାହୁଁନି। ସେ ତାକୁ ଡାକ୍ତର, ଅଫିସର, ଇଞ୍ଜିନିୟର, ଓକିଲ ଆଦି କରିବାକୁ ଇଚ୍ଛୁକ। ଏହା ତ ଏକ ବିକାଶଶୀଳ ରାଷ୍ଟ୍ର ଲାଗି ଭଲ କଥା। ତେବେ ଭୁଲ୍ ରହିଲା କେଉଁଠି? ଭୁଲ୍ ରହିଲା ଆମ ଶିକ୍ଷାର ସ୍ତର ଓ ସୁବିଧାରେ। ପ୍ରଥମେ ଭଲ ଶିକ୍ଷା ପରେ ଭଲ ଚାକିରି ଆଶାରେ ଯୁବକମାନେ ସହର ଅଭିମୁଖୀ ହେଉଛନ୍ତି। ଗାଁରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲିଲା ସତ ମାତ୍ର ଗାଁ ଲୋକଙ୍କୁ ସେଠାକୁ ଯିବା ଲାଗି ପ୍ରେରିତ କରିବାବାଲା ପାଠୁଆ ଲୋକ ରହିଲେ ସହରରେ। ଅଜ୍ଞ ଲୋକ ଯେ ପର୍ଯ୍ୟନ୍ତ ସାଂଘାତିକ ଭାବେ ରୋଗାକ୍ରାନ୍ତ ନ ହୋଇଛି ସେ ଡାକ୍ତରଖାନା ଯିବନି। ଆଉ ଯେବେ ଯାଏ ତା' ଲାଗି ଆବଶ୍ୟକ ସ୍ୱାସ୍ଥ୍ୟ ସରଞ୍ଜାମ ପ୍ରାଥମିକ କେନ୍ଦ୍ରରେ ଉପଲବ୍ଧ ହୁଏ ନାହିଁ। ଆମ ସମାଜ ବ୍ୟବସ୍ଥାର ଏହା ଏକ ନିରାଟ ସତ୍ୟ। ଯିଏ ଯାହା କହୁ ପଛେ ଏବେ ବି ଅନେକ ସୋପାନ ଚଢ଼ିବାର ଅଛି ଆମକୁ। ସୁତରାଂ ଜନ-ଶିକ୍ଷାର ଏକ ବୃହତ୍ ପ୍ରଭାବ ଜନସ୍ୱାସ୍ଥ୍ୟ ଉପରେ ଅଛି। ଏକ ଶିକ୍ଷିତ ବ୍ୟକ୍ତି ହିଁ ଏକ ସ୍ୱଚ୍ଛ ଓ ସୁସ୍ଥ ଜୀବନକୁ ଆପଣେଇପାରିବ। ଶିକ୍ଷା ଥିଲେ ଦିଲ୍ଲୀରେ ଘର ନୁହେଁ ବରଂ ଘରକୁ ଦିଲ୍ଲୀ କରାଯାଇପାରିବ। ସାଧାରଣରେ ବିଶ୍ୱାସ ଅଛି ଯେ, ଦିଲ୍ଲୀ–ମୁମ୍ବାଇ ଭଳି ସହରରେ ଦେଶର ସବୁଠାରୁ ଉତ୍କୃଷ୍ଟ ସୁଯୋଗ ଅଛି। ମାତ୍ର ଏହା ଏକ ଭ୍ରାନ୍ତ ବିଚାରଧାରା। ଖାଲି ଦିଲ୍ଲୀ କାହିଁକି ଆମ ଭୁବନେଶ୍ୱର ମଧ୍ୟ ଏହି Over urbanisation (ଅତି–ସହରୀକରଣ)ର ଶିକାର ହେଉଛି।

ଦିଲ୍ଲୀରୁ ଆସି ଯେତେବେଳେ ଓଡ଼ିଶାର ଦଶପଲ୍ଲା ବ୍ଲକ ଅନ୍ତର୍ଗତ ଏକ ଉପାନ୍ତ ଜଙ୍ଗଲ ଭିତରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଲି ଡର ଥିଲା ଅନେକ ରୋଗର। ସବୁଠାରୁ ବଡ଼ ଭୟ ଥିଲା ମ୍ୟାଲେରିଆ ପ୍ରତି। କିନ୍ତୁ ବିଗତ ଏକବର୍ଷର ତଥ୍ୟ ଆକଳନ କଲି ଦେଖିବାକୁ ପାଇଲି ଯେ ଏଠାରେ ଆଦୌ ମ୍ୟାଲେରିଆ ନାହିଁ। ମାତ୍ର ଆଜି ଆପଣ ପ୍ରତିଦିନ ଖବରକାଗଜରେ ପଢୁଥିବେ, ଭୁବନେଶ୍ୱରର ଏକ ବସ୍ତିରୁ ଏତିକି ଡେଙ୍ଗୁ ରୋଗୀ ଚିହ୍ନଟ ହେଲେ। ଥରେ ବିଚାର କରନ୍ତୁ ଏହା କେମିତି ଏକ ବିଚିତ୍ର ପରିସ୍ଥିତି। ରାଜ୍ୟର ରାଜଧାନୀରେ ମଶା ଉପଦ୍ରବ, ମାତ୍ର ରାଜ୍ୟର ଜଙ୍ଗଲରେ ମଶାମାନେ କିଛି କରିପାରୁ ନାହାନ୍ତି! ଏଠି ଆସେ ଜନ–ଶିକ୍ଷାର ଭୂମିକା। ଉନ୍ନତମାନର ଜନଶିକ୍ଷା ବା ଜନସଚେତନତା ହିଁ ଆମର ଜନକଲ୍ୟାଣ କାର୍ଯ୍ୟକ୍ରମର ସଫଳତା ପାଇଁ ମୂଳ ଅସ୍ତ୍ର। ଗାଁ ଲୋକେ ଅଳ୍ପ ପାଠୁଆ। ତେଣୁ ତାଙ୍କୁ ମଶାରି ବଣ୍ଟା ଗଲାରୁ ସେମାନେ ଖୁସି। ଏହାକୁ ନିୟମିତ ବ୍ୟବହାର କଲେ ଓ ଗାଁ ପରିବେଶକୁ ସଫା ରଖିଲେ। ମାତ୍ର ଆମର ସହରୀ ବାବୁମାନେ ତ ବଡ଼ ବଡ଼ ପାଠୁଆ ନା, ମଶାରି ଉପରେ ତର୍ଜମା କରିବେ, ତା' ପରେ ଯାଇ ବ୍ୟବହାର କରିବେ। ମାତ୍ର ମଶାରି ଆରପଟେ ଥିବା ଜମିଥିବା ପାଣିକୁ ସଫା କରିବେନି। ସେଇଥିରୁ ଜାତ ହୁଅନ୍ତି ମଶାବଂଶ।

ଏପରି ଅନେକ ଉଦାହରଣ ଦିଆଯାଇପାରେ। ମୂଳ କଥା ହେଲା ଆମେ ଆମର ଜନସ୍ୱାସ୍ଥ୍ୟ ଶିକ୍ଷାକୁ ଅଧିକ ସୁଦୃଢ଼ କରିବା। ଡାକ୍ତର କିମ୍ବା ସରକାର ଚାହିଁଲେ ରାତାରାତି ଭାରତକୁ ସ୍ୱଚ୍ଛ ଭାରତ ବା ସୁସ୍ଥ ଭାରତ କରିପାରିବେ ନାହିଁ। ଏହା ଲାଗି ସବୁଠାରୁ ଅଧିକ ଆବଶ୍ୟକ ହେଉଛି ଗୁଣାତ୍ମକ ଶିକ୍ଷା ଓ ସଚେତନତା।

ଅନ୍ୟ ଏକ ଦିଗ ହେଲା ଅନୁଶୀଳନ। ଆଜି ଆମ ପାଖରେ ଯେତିକି ସ୍ୱାସ୍ଥ୍ୟ ନୀତି ବା ଯୋଜନା ଅଛି, ଯଦି ଆସନ୍ତା ଏକ ଦଶନ୍ଧି ପର୍ଯ୍ୟନ୍ତ ଆଉ କିଛି ନୂଆ ପ୍ରକଳ୍ପ ନ ଅଣାଯାଏ ତେବେ ମଧ୍ୟ ଭାରତ ବିଶ୍ୱରେ ଏକ ଆଦର୍ଶ ସ୍ୱାସ୍ଥ୍ୟସେବାର ମାନଦଣ୍ଡ ହୋଇପାରିବ। ମାତ୍ର ଏହି ଯୋଜନାଗୁଡ଼ିକୁ କେବଳ କାଗଜକଲମରେ ଚାଲୁ ରଖିଲେ କିଛି ହେବନି। ଯକ୍ଷ୍ମା ରୋଗର ଖାଲି ଔଷଧ ବାଣ୍ଟିଦେଲେ ଦେଶ ଯକ୍ଷ୍ମାମୁକ୍ତ ହୋଇ ପାରିବନି। ଏଥିଲାଗି ଆବଶ୍ୟକ ଲୋକଙ୍କ ଜୀବନଶୈଳୀଭିତ୍ତିକ ଅନୁସନ୍ଧାନ। ଯେଉଁଠି ଏକ ସାଧାରଣ ଲୋକର Average Living Space ସଂକୁଚିତ ହେଉଛି ସେଠି ଆମେ ତାକୁ କିପରି ବାୟୁ–ଜଳ–ଖାଦ୍ୟଜନିତ ରୋଗରୁ ରକ୍ଷା କରିପାରିବା ତାହା ଦେଖିବା ଦରକାର। ପୁରୁଣା ଓ ନୂଆ ଚିକିତ୍ସା ପ୍ରଣାଳୀକୁ ମିଳିତ ଭାବେ କିପରି ଜନ ଉପଯୋଗୀ କରାଯାଇପାରିବ ସେଥିଲାଗି ଅଧିକ ଗବେଷଣା ଦରକାର। ଉନ୍ନତ ମାନର ଔଷଧ ଓ ଚିକିତ୍ସା ପ୍ରଣାଳୀ କାହିଁକି ଅଧିକରୁ ଅଧିକ ଲୋକଙ୍କ ପାଖକୁ ଯାଇପାରୁନି ତାହର ତର୍ଜମା ହେବା ଦରକାର। ଆୟୁଷ୍ମାନ ଭାରତ ହେଉ ବା ବିଜୁ ସ୍ୱାସ୍ଥ୍ୟ ଯୋଜନା ସମସ୍ତ କାର୍ଯ୍ୟକ୍ରମର ମୂଳରେ ଯେଉଁ ଜନତାଙ୍କୁ ରଖାଯାଇଛି ସେମାନଙ୍କ ଉତ୍ତମ ଶିକ୍ଷା ଓ ସଚେତନତା ଏହି ପ୍ରକଳ୍ପଗୁଡ଼ିକର ସଫଳତାର ବାଟ ପ୍ରଶସ୍ତ କରିବ। ଜନସ୍ୱାସ୍ଥ୍ୟ କେବଳ ଡାକ୍ତର ଓ ଡାକ୍ତରଖାନାର ଦାୟିତ୍ୱ ନୁହେଁ, ଏହା ଜନତାର ଭାଗୀଦାରି ଓ ଭାବନାର କେନ୍ଦ୍ର ହେବା ଦରକାର।

ଏନ–୧/୧୮୩, ନୂଆପଲ୍ଲୀ, ଭୁବନେଶ୍ୱର,
ମୋ– ୯୭୭୮୦୩୦୪୯୪

## ଏଇ ଭାରତରେ

ଲିଙ୍ଗ ଅସମାନତା ମାନସିକତାରୁ ସମାଜରେ କନ୍ୟାଭ୍ରୂଣ ଓ ଶିଶୁ ହତ୍ୟା ବଳବତ୍ତର ରହିଛି। ଏଥିପାଇଁ କଡ଼ା ଆଇନ ପ୍ରଣୟନ କରାଯାଇ ଦଣ୍ଡବିଧାନର ବ୍ୟବସ୍ଥା କରାଯାଇଥିଲେ ମଧ୍ୟ ତାହା ଠିକ୍‌ଭାବେ କାର୍ଯ୍ୟକାରୀ ହୋଇପାରୁନାହିଁ। କିନ୍ତୁ ଲିଙ୍ଗ ଅସମାନତା ଦୂର କରିବା ପାଇଁ ରାଜସ୍ଥାନର ଏକ ଗାଁ ଆପଣାଇଛି ଏକ ନିଆରା ପରମ୍ପରା। ଗାଁର ନାଁ ପିପଲାନ୍ତ୍ରୀ। ଏହି ଗାଁରେ କନ୍ୟା ସନ୍ତାନ ଜନ୍ମ ନେଲେ ଉତ୍ସବ ପାଳନ କରାଯାଉଛି। ସ୍ଥାନୀୟ ଗ୍ରାମପଞ୍ଚାୟତର ସରପଞ୍ଚ ଶ୍ୟାମ ସୁନ୍ଦର ପାଲିୱାଲ ଏଭଳି ଉତ୍ସବ ମନାଇବା ପାଇଁ ପଞ୍ଚାୟତ ପକ୍ଷରୁ ନିୟମ ପ୍ରଣୟନ କରିଛନ୍ତି। କନ୍ୟାସନ୍ତାନ ଜନ୍ମ ନେଲେ ପରିବାର ପକ୍ଷରୁ ଗାଁରେ ୧୧୧ଟି ଗଛ ଲଗାଇ ତା' ଜନ୍ମଦିନ ପାଳନ କରାଯାଉଛି। ସେମାନେ ୧୮ ବର୍ଷ ଯାଏ ଗଛର ଯତ୍ନ ମଧ୍ୟ ନେଉଛନ୍ତି। ଏଭଳି ଉତ୍ସବ ପାଳନ କରାଯିବାର ଏକ କାରଣ ରହିଛି। ଝିଅକୁ ୧୮ ବର୍ଷ ହେବା ବେଳକୁ ଗଛ ବି ବଡ଼ ହୋଇଯାଇଥିବ ଓ ଏହି ଗଛକୁ ବିକ୍ରି କରି ତା'ର ବିବାହ କରାଯାଇପାରିବ। ପରିବାରକୁ ଏହି ସାହସ ମିଳିବା ଦ୍ୱାରା ସେମାନେ କନ୍ୟା ସନ୍ତାନକୁ ଆଦରରେ ପାଳନ କରୁଛନ୍ତି। ଏହାବାଦ ୧୮ ବର୍ଷ ଭିତରେ ଗଛଗୁଡ଼ିକ ମୃତ୍ତିକା ସଂରକ୍ଷଣ କରିବା ସହ ପରିବେଶକୁ ଅମ୍ଳଜାନ ମଧ୍ୟ ପ୍ରଦାନ କରିପାରିବ ବୋଲି କୁହନ୍ତି ସରପଞ୍ଚ। ବୃକ୍ଷଗୁଡ଼ିକର ଯତ୍ନ ନେବାରେ ବି ପଞ୍ଚାୟତ ସାହାଯ୍ୟ କରୁଛି। ଏହି କାମରେ କେବଳ ମହିଳାମାନଙ୍କୁ ଲଗାଯାଏ। ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ, ବୟସ୍କା ମହିଳା, କିମ୍ବା ଝିଅର ସମ୍ପର୍କୀୟ ବୁଢ଼ୀମା', ଖୁଡ଼ୀ କିମ୍ବା ବଡମା' ଗଛର ଯତ୍ନ ନେବା ପାଇଁ ସହଯୋଗ କରିଥାନ୍ତି। କେବଳ ଏତିକି ନୁହେଁ ଗଛ ଲଗାଇବା ସହ ଝିଅଙ୍କ ନାଁରେ ସ୍ଥାୟୀ ଜମା ବ୍ୟବସ୍ଥା ଝିଅର ମା'ବାପା କରିଥାନ୍ତି। ସରକାରୀ ଯୋଜନାରେ ମିଳୁଥିବା ଅର୍ଥ କିମ୍ବା କେହି ଯଦି ଦାନ କରନ୍ତି ତାହାକୁ ବି ସ୍ଥାୟୀ ଜମା ଭାବେ ରଖାଯାଉଛି। ଏହା ଝିଅର ପଢାଖର୍ଚ୍ଚ ସହ ଭବିଷ୍ୟତରେ କାମରେ ଆସୁଛି।

## ଚିରନ୍ତନୀ

ଆକାଶର ଶଶିତାରା
ହସି ଉଠେ ସହସା
ଫୁଲେ ଫୁଲେ ହାସ୍ୟର ବରଷା
ଧବଳିତ ଧରା ତଳେ
ହାସର ଜୁଆର ଚଳେ
ସଜଳ ପରଶ ଲଭି ସରସା
ଫୁଲେ ଫୁଲେ ହାସ୍ୟର ବରଷା।
ନୀରସ ମୋ ହାସ ତଥା
ଅଶ୍ରୁରେ ସଜଳ
ମନର କାଳିମା କରୁ ଉଜଳ
ସବୁ ହାସ ପରେ ମୋର
କରୁଣାର ଝରେ ଲୋର
ସବୁ ସୁଖ ହୁଏ ମୋର କୋମଳ
ସବୁ ହାସ ଅଶ୍ରୁରେ ସଜଳ! (ଶିଶିର–ହାସ୍ୟ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୬ ନଭେମ୍ବର ୧୯୯୪

- ଏସିଆ ମହାଦେଶରେ ସ୍ଥାୟୀ ଭାବେ ଶାନ୍ତି ପ୍ରତିଷ୍ଠା କରିବା ପାଇଁ ଭାରତ, ଚାଇନା ଓ ରୁଷିଆ ମଧ୍ୟରେ ଏକ ତ୍ରିପାକ୍ଷିକ ପ୍ରତିରକ୍ଷା ସହଯୋଗ ପ୍ରତିଷ୍ଠା ପାଇଁ ରୁଷିଆ ପକ୍ଷରୁ ଏକ ପ୍ରସ୍ତାବ ଦିଆଯାଇଛି।
- ଇଣ୍ଡୋନେସିଆର ପର୍ଯ୍ୟଟନ ଦ୍ୱୀପପୁଞ୍ଜ ଲାମ୍ବୋକରେ ବନ୍ୟା ଆସି ୩୧ ଜଣଙ୍କ ପ୍ରାଣହାନି।

# ଦୋକାନରେ ଦିନରାତି



ଡ. ନିଖିଳାନନ୍ଦ ପାଣିଗ୍ରାହୀ

କୌଣସି ଦୋକାନୀ ବା ତା'ର ନିକଟ ସମ୍ପର୍କୀୟର ମୃତ୍ୟୁ ଘଟିଲେ, ସାଧାରଣତଃ ଯେଉଁ ବଜାର–ସାହିରେ ତା'ର ଦୋକାନ ଚାଲିଥାଏ, ସେଠାକାର ସମସ୍ତ ଦୋକାନ ସମବେଦନା ଜଣାଇବା ଉଦ୍ଦେଶ୍ୟରେ ବନ୍ଦ କରାଯାଏ। ଏହା ଆମ ସମାଜର ଏକ ଚଳଣି। ଏମିତି ବଜାର ବନ୍ଦ କାରଣରୁ ଗରାଖମାନେ ଅସୁବିଧାର ସମ୍ମୁଖୀନ ହୁଅନ୍ତି। କିନ୍ତୁ ଏହାକୁ କେନ୍ଦ୍ରକରି କେହି ଆପତ୍ତି ଅଭିଯୋଗ କରନ୍ତି ନାହିଁ।

ପ୍ରଶ୍ନ ଉଠୁଛି ଭବିଷ୍ୟତରେ ଆମ ଦେଶରେ ଏହି ସ୍ଥିତି ରହିବ କି? ବର୍ତ୍ତମାନ ଦେଶ ଅଗ୍ରଗତି କରୁଛି। ଆମେ ଉନ୍ନତ ଦେଶମାନଙ୍କ ପଦାଙ୍କ ଅନୁସରଣ କରି ସେମାନଙ୍କ ପରିସ୍ଥିତିରେ ପହଞ୍ଚିବାକୁ ଉଦ୍ୟମରତ। ସେତେବେଳେ ଉପରୋକ୍ତ ମାମଲାରେ ଆମର ଆଚାର ବ୍ୟବହାର କେଉଁ ରୂପ ନେବ?

ବିଷୟଟି ସମ୍ପର୍କରେ ଅନୁମାନ କରିବାକୁ ଯିବାବେଳେ ଆମେ ଆମଠାରୁ ଅଧିକ ବିକଶିତ ରାଷ୍ଟ୍ରମାନଙ୍କ ଚାଲିଚଳନ ପ୍ରତି ଦୃଷ୍ଟି ଦେଇପାରୁ। ଏହି କ୍ରମରେ ଆମେ ଜାପାନକୁ ଦୃଷ୍ଟାନ୍ତ ଭାବେ ବାଛିପାରୁ।

ଯଦି କୌଣସି ବିଦେଶୀ ନାଗରିକ ସେଠାକୁ ବୁଲିବାକୁ ଯାଏ, ସେ ଯେଉଁ ସ୍ୱତନ୍ତ୍ର ଜିନିଷ ଦେଖିବ, ତାହା ହେଉଛି କୋମ୍ବିନ। କୋମ୍ବିନର ଅର୍ଥ ହେଉଛି ସୁଲଭ ଦୋକାନ (କନ୍‌ଭିନିଏନ୍ସ ଷ୍ଟୋର)। ଜଣାଯାଏ ଯେ, ଦୁଇହଜାର ଜାପାନୀଙ୍କ ପିଛା ଗୋଟିଏ କୋମ୍ବିନ ଉପଲବ୍ଧ। ଏହାର ବିଶେଷତ୍ୱ ହେଉଛି ଯେ, ଏହା ଦିନରାତି ଚବିଶ ଘଣ୍ଟା ଖୋଲା ରହେ। କୌଣସି ଜନପଦରେ ଏମିତି ଏକ ସାହି ନାହିଁ, ଯେଉଁଠାରେ କୋମ୍ବିନ ନାହିଁ। ଜଣେ ବ୍ୟକ୍ତି ମାତ୍ର ଦଶ ମିନିଟ ଭିତରେ ଚାହୁଁଥିବା ଯେ କୌଣସି ଦ୍ରବ୍ୟ, ଯେ କୌଣସି ସମୟରେ ସେଠାରୁ କିଣି ଆଣିପାରିବ। ପ୍ରକାଶଥାଉ କି, ଏହି ଦୋକାନଗୁଡ଼ିକରେ ସବୁ ପ୍ରକାର ଜିନିଷ ବିକ୍ରି ହୁଏ। ଲଞ୍ଚ୍ ବକ୍ସ, ରାଇସ୍‌ବଲ, ସ୍ୟାଣ୍ଡୱିଚ୍, ସାଲାଡ଼, ପନିପରିବା ଭଳି ଖାଦ୍ୟ ଉପଯୋଗୀ ଜିନିଷଠାରୁ ଆରମ୍ଭ କରି କଲମ, ଟଏଲେଟ୍ ପେପର, ବ୍ୟାଣ୍ଡେଜ୍, ଔଷଧପତ୍ର, ମଦ, ଛତା, ବ୍ୟାଟେରି ଇତ୍ୟାଦି ଏ–ଠାରୁ ଆରମ୍ଭ କରି ଜେଡ୍ ପର୍ଯ୍ୟନ୍ତ ହରେକ ସାମଗ୍ରୀ ଅଣାଯାଇପାରିବ। ଏପରି କି ଚିଠିପତ୍ର ପଠାଯାଇପାରିବ, ବ୍ୟାଙ୍କରେ ଟଙ୍କାପଇସା କାରବାର ଇତ୍ୟାଦି ସେବା ମଧ୍ୟ ଯୋଗାଇ ଦିଆଯାଏ। ବିମାନ, ରେଳ, ବସ୍, ଜାହାଜ, ବିଭିନ୍ନ ସିନେମା, ପ୍ରଦର୍ଶନୀ ସକାଶେ ଟିକେଟ ଖରିଦ ପାଇଁ କାଉଣ୍ଟର ଖୋଲାଯାଇଥାଏ। ଜାପାନୀମାନେ ଏହି କୋମ୍ବିନ ସଭ୍ୟତା ସହ ଅଭ୍ୟସ୍ତ। ଏହାକୁ ଭିତ୍ତିକରି କନ୍‌ଭିନିଏନ୍ସ ଷ୍ଟୋର ଉମେନ ଶୀର୍ଷକ ଏକ ଉପନ୍ୟାସ ସାୟାକା ମୁରାଣ ପ୍ରକାଶ କରିଛନ୍ତି, ଯାହାକି ବିଶ୍ୱ ସାରା ଖୁବ୍ ଜନପ୍ରିୟ ହୋଇଥିଲା। ୨୦୧୬ ମସିହାରେ ଏହା ଆକୁଟାଗାଓ୍ୱା ପୁରସ୍କାର ବିଜେତା ମଧ୍ୟ ହୋଇଥିଲା।

ଜାପାନୀମାନଙ୍କ ଚାହିଦାକୁ ଦୃଷ୍ଟିରେ ରଖି କୋମ୍ବିନର ଉତ୍ତରୋତ୍ତର ଉନ୍ନତି ଘଟିଛି। ସେଠାକାର ସର୍ବବୃହତ୍ ତିନୋଟି କୋମ୍ବିନ–ଚେନ ହେଉଛି ଫ୍ୟାମିଲି ମାର୍ଟ, ସେଭେନ୍–ଇଲେଭେନ୍ ଏ.ଏମ୍./ଓ.ଏମ୍. ଲସନ।

ଚଳିତ ବର୍ଷ ଫେବୃୟାରୀ ମାସରେ ସେଭେନ୍–ଏଲେଭେନ୍ ଚେନର ହିଗାସି–ଓସାକା ସ୍ଥିତ ଗୋଟିଏ କୋମ୍ବିନ ସାରା ଦେଶରେ ଚହଳ ସୃଷ୍ଟି କଲା। ସେଠାରେ କାର୍ଯ୍ୟରତ ଶତାବନ ବର୍ଷୀୟ ମିଟୋଶି ମାଟସୁମୋଟୋଙ୍କ ସ୍ତ୍ରୀ (ଯିଏକି ସେଇ ଦୋକାନର ସହକର୍ମୀ)ଙ୍କର ହଠାତ୍ ମୃତ୍ୟୁ ଘଟିଲା। ଫଳରେ ସେଇ ଦୋକାନ ଖୋଲାଯାଇ ପାରିଲା ନାହିଁ। ଏଥିରେ କମ୍ପାନୀ ଅସହନୀୟ ଭାବେ କ୍ରୁଦ୍ଧ ହେଲା। ଗରାଖମାନେ ସେବା ପାଇବାରୁ ବଞ୍ଚିତ ହେବାରୁ କର୍ତ୍ତୃପକ୍ଷ ଅସନ୍ତୁଷ୍ଟ ହେଲେ। ମଧ୍ୟରାତ୍ରରୁ ସକାଳ ପର୍ଯ୍ୟନ୍ତ ମାଟସୁମୋଟୋ କାର୍ଯ୍ୟ–ନିର୍ଘଣ୍ଟ ଅନୁସାରେ ଦୋକାନରେ ଉପସ୍ଥିତ ରହିବା କଥା। ଏଥିରେ ସେ ଦିନର ବ୍ୟତିକ୍ରମକୁ କମ୍ପାନୀ ବରଦାସ୍ତ କଲା ନାହିଁ।

କମ୍ପାନୀର ଆଚରଣକୁ ନିଷ୍ଠୁର ବୋଲି ବିବେଚନା କରି ମାଟସୁମୋଟୋ ମନେପକାଇ ଦେଇଛନ୍ତି ଯେ, ସେ ଥରେ ଅନ୍ୟ କର୍ମଚାରୀମାନେ ନ ଥିବାରୁ ଏକାଦିକ୍ରମେ ବିନା ବିଶ୍ରାମରେ ଅଠତିରିଶ ଘଣ୍ଟା କାମ କରିଛନ୍ତି। ତଥାପି ଦୁର୍ଦ୍ଦିନରେ ତାଙ୍କ ପ୍ରତି ଉପରିସ୍ଥ ଅଧିକାରୀ ଏମିତି କଠୋର ଓ ସମ୍ବେଦନହୀନ। ଏ ଘଟଣା ଜାପାନରେ ଆଲୋଡନ ସୃଷ୍ଟି କଲା। ସେଠାରେ ୫୬,୦୦୦ କୋମ୍ବିନ ଅଛି। ମାଟସୁମୋଟୋଙ୍କ ସପକ୍ଷରେ ସାମୂହିକ ଭାବେ କୋମ୍ବିନୀମାନେ ଆଗେଇ ଆସିଲେ।

ଏହି ଘଟଣାରୁ ସ୍ପଷ୍ଟ ହୁଏ ଯେ, ବ୍ୟବସାୟ–ମାଲିକମାନେ ମୁନାଫାଖୋର ହୋଇଗଲେଣି। ମାନବିକ ମୂଲ୍ୟବୋଧ ପ୍ରତି ସମ୍ମାନ ଓ ବିଚାର ହ୍ରାସ ପାଇଲାଣି। ଗୋଟିଏ ପରିସଂଖ୍ୟାନ ସୂଚାଏ ଯେ, ନମିନାଲ ଜିଡିପି ତାଲିକାରେ ଜାପାନ ବିଶ୍ୱର ଶ୍ରେଷ୍ଠ ତୃତୀୟ ସ୍ଥାନରେ ରହିଛି। ଆମଦାନି, ରପ୍ତାନିରେ ଏହି ଦେଶ ଚତୁର୍ଥ ସ୍ଥାନରେ। ସାମରିକ ବଳରେ ମଧ୍ୟ। ଯେ କୌଣସି ବିକାଶଶୀଳ ଦେଶ ପାଇଁ ଜାପାନର ସମୃଦ୍ଧି ଲୋଭନୀୟ। ଆମେ ଏମିତି ସୋପାନରେ ପହଞ୍ଚିବା ପାଇଁ ଲାଳାୟିତ ହେବା ସ୍ୱାଭାବିକ। କିନ୍ତୁ ବସ୍ତୁବାଦୀ ହୋଇ ମଣିଷପଣିଆକୁ ଜଳାଞ୍ଜଳି ଦେବା ଅବାଞ୍ଛନୀୟ। ବିବେକ ଆମର ପଥପ୍ରଦର୍ଶକ ହେଉ।

ନୀତି ଶ୍ଳୋକରେ ଅଛି–

'ନାତ୍ୟନ୍ତଂ ଗୁଣବତ୍ କିଞ୍ଚନ୍ନ ଚାପ୍ୟତ୍ୟନ୍ତନିର୍ଗୁଣମ୍।
ଉଭୟଂ ସର୍ବକାର୍ଯ୍ୟେଷୁ ଦୃଶ୍ୟତେ ସାଧ୍ୱସାଧୁ ବା ।।'

ପ୍ରତିଟି କ୍ଷେତ୍ରରେ ଭଲମନ୍ଦ ମିଶି ରହିଥାଏ। ଆମେ ଭଲଗୁଣ ଗ୍ରହଣ କରିବା ଉଚିତ।

ବଡ଼ଖେମୁଣ୍ଡି ବଙ୍ଗଳା, ବ୍ରହ୍ମପୁର,
ମୋ–୯୪୩୭୦୨୬୬୫୧

# ସନ୍ଥ ଓ ମହାମୂର୍ଖ



ଶ୍ରୀ ସନ୍ନ୍ୟାସୀ

ସନ୍ଥଙ୍କ ଆଶ୍ରମରେ ସକାଳେ ପହଞ୍ଚିବା ବେଳକୁ ମହାରାଜ ମୋବାଇଲ ଧରି ସେଥିରୁ କ'ଣ କିଛି ଦେଖିବାରେ ଗଭୀର ମଗ୍ନ ଥିଲେ। ଓଳଗି ହୋଇ ପାଖରେ ପଡ଼ିଥିବା ଆସନରେ ବସିଲି। ମୋବାଇଲ ଦେଖୁଥିବା ଅବସ୍ଥାରେ ସନ୍ଥ ପଚାରିଲେ– ଘରୁ କେତେବେଳେ ବାହାରିଲ? – ଖୁବ୍ ଭୋରରୁ ଆଜ୍ଞା। କିଛି ସମୟ ବିତିଗଲା। ପୁଣି ପଦିଏ ପ୍ରଶ୍ନ– ଆଉ ସବୁ ଭଲ ତ? ମୁହଁ କିନ୍ତୁ ମୋବାଇଲ ଉପରେ ସେମିତି ଥାଏ। – ଆଜ୍ଞା, ଆପଣଙ୍କ କୃପାରୁ ସବୁ ଭଲ। ପାଖାପାଖି ପନ୍ଦର ମିନିଟ୍ କାଳ ମୋବାଇଲ ଉପରେ ସେମିତି ଦୃଷ୍ଟି ନିବଦ୍ଧ କରି ପୁନଶ୍ଚ ପ୍ରଶ୍ନ କଲେ– କଲେଜ ଖବର କ'ଣ? 'ସବୁ କିଛି ଭଲ ଆଜ୍ଞା'। ଉତ୍ତର ଦେଲି। ପୁଣି କିଛି ସମୟ ନୀରବତା। ପାଖରେ ଜପାମାଳିଟା ଥୁଆ ହୋଇଥାଏ। ଏ ସମୟରେ ସନ୍ଥ ଜଣକ ପ୍ରାୟତଃ ଜପ କରୁଥିବାର ଦେଖାଯାଇଥାଏ। ହେଲେ ଗତ ପଚିଶ ମିନିଟରୁ ଊର୍ଦ୍ଧ୍ୱ ସମୟ ହେବ ମୋବାଇଲରେ ହ୍ୱାଟ୍ସଆପ୍ ଦେଖା ଚାଲିଛି। ସେଥିରେ ପୁଣି ଏମିତି ମଗ୍ନ ଯେ କିଏ ଆଇଲା କିଏ ଗଲା– ମୁଣ୍ଡଟେକି ଦେଖିବାକୁ ବି ତର ନାହିଁ ତାଙ୍କର। କି ନିଶା ଯେ ମୋବାଇଲ୍‌ର! ମୁଁ ମନେ ମନେ ବସି ଭାବୁଥାଏ– କି ମାୟା ନ ଲଗେଇଛି ଏଇ ଜିନିଷଟି। ପିଲାଠାରୁ ବୁଢ଼ା ପର୍ଯ୍ୟନ୍ତ ସଭିଏଁ ଏଥିରେ ବାଇ। ଘଣ୍ଟାଘଣ୍ଟା ସମୟ ବିତୁଛି ଏଥିରେ। କିଏ ଗେମ୍ ଖେଳୁଛି ତ କିଏ ଫେସବୁକ୍, ହ୍ୱାଟ୍ସଆପ୍, ୟୁଟ୍ୟୁବ୍ ବା ନେଟ୍‌ରେ ସମୟ କାଟୁଛି। କେବଳ ସାଂସାରୀ ଲୋକ ନୁହନ୍ତି, ସାଧୁସନ୍ଥମାନଙ୍କୁ ବି ନିଜ ଜାଲରେ ପକାଇସାରିଲାଣି ଯେ।

ଭାବରାଜ୍ୟରେ ଏମିତି କିଛି ଭାବନା ରାଜୁତି କରୁଥିବାବେଳେ ସନ୍ଥ ଜଣକ ହୋ ହୋ ହୋଇ ହସିଉଠିଲେ। ମନେମନେ ଆତଙ୍କିତ ହେଲି। ମୁଁ ଭାବୁଥିବା କଥାକୁ ସନ୍ଥ ଜାଣିପାରିଲେ କି ଆଉ। ନା, ସେମିତି କିଛି ହେଲାନି। ମୋବାଇଲଟିକୁ ନିକଟରେ ଥିବା ଖଟ ଉପରେ ଥିର କିନା ଫୋପାଡି ଦେଇ ମନକୁ ମନ ସନ୍ଥ କହିଲେ– ମହାମୂର୍ଖଟିଏ ମୁଁ।

ସନ୍ଥ ଥିଲେ ଖୁବ୍ ଉଚ୍ଚଶିକ୍ଷିତ। ହେଲେ ନିଜକୁ ମହାମୂର୍ଖ କହିଲେ କାହିଁକି? ବିନୀତ ଜିଜ୍ଞାସା କରିବାରୁ ସେ ଏଣିକି ମୋତେ ଚାହିଁ କହିବା ଆରମ୍ଭ କଲେ–

କେଜାଣି କାହିଁକି ଏଇ କିଛିଦିନ ହେବ ମୋ ଜପାମାଳାର ସ୍ଥାନ ଅକ୍ତିଆର କରିସାରିଲାଣି ଏଇ ମୋବାଇଲଟା। ଦିନକୁ ଯେତେ କଲ୍ ଆସୁଛି, ସେଗୁଡ଼ିକର ଉତ୍ତର ଦେବା ସମୟକୁ ମିଶାଇଲେ ପାଖାପାଖି ୩ ଘଣ୍ଟା ହେବ। ଶିଷ୍ୟମାନଙ୍କ ସାଙ୍ଗରେ ପଦେ ଦି ପଦ ଭଲକରି କଥା ନ ହେଲେ ସେମାନଙ୍କ ମନ ଊଣା ହେଉଛି। ତା' ବାଦ୍ ମୋର ପ୍ରବଚନ ତଥା ଅନ୍ୟାନ୍ୟ ଆଧ୍ୟାତ୍ମିକ କାର୍ଯ୍ୟକ୍ରମଗୁଡ଼ିକୁ ଭକ୍ତମାନେ ଫେସ୍‌ବୁକ୍ ଏବଂ ହ୍ୱାଟ୍ସଆପ୍‌ରେ ପୋଷ୍ଟ କରିଦେଉଛନ୍ତି। ତେଣୁ କିଏ କ'ଣ ମତାମତ ଦେଲେ ଦେଖିବାକୁ ମନଟା ଉଚ୍ଚାଟ ହେଉଛି। ମୁଁ ଜାଣିଛି ଏହାକୁ ନ ଦେଖିଲେ ମୋର କିଛି ଅସୁବିଧା ହେବାର ନାହିଁ। ତଥାପି ମନଟା ଦୌଡୁଛି। ଏହା ଯୋଗୁ ସାଧନ, ଭଜନ, ଜପ ସବୁଥିରେ ବ୍ୟାଘାତ। ଆଜିଠୁ ସଂକଳ୍ପ କଲି ମୋବାଇଲ୍ ଛୁଇଁବିନି କି 'ମହାମୂର୍ଖ' ଉପାଧିରେ ଭୂଷିତ ହେବିନି।

ସନ୍ଥ 'ମହାମୂର୍ଖ' ଉପାଧିରେ ଗଣତି ହେବା କଥାଟା ଟିକେ ଅସ୍ପଷ୍ଟ ହେବାରୁ ପୁଣି ପଚାରିଲି ଏହାର ରହସ୍ୟ। କିଛି ସମୟ ପରେ ସନ୍ଥ କହିଲେ– 'ଏଇ ସାଙ୍ଗେ ସାଙ୍ଗେ ଜପ କରିବା ଆରମ୍ଭ କରୁଥିଲି। ଅନ୍ୟ ଏକ ଆଶ୍ରମର ଯୁବ ମହନ୍ତ ଏକ ହ୍ୱାଟ୍ସଆପ୍ ମେସେଜ୍ ପଠାଇଲେ। କିଛି ଆଧ୍ୟାତ୍ମିକ କାର୍ଯ୍ୟକ୍ରମର ବିବରଣୀ ଥିବ ଭାବି ଖୋଲି ଦେଖିବା ବେଳକୁ 'ଆକବର–ବୀରବଲ'ଙ୍କ ସମ୍ବନ୍ଧୀୟ ଏଇ ଗପଟି।

ଦିନେ ଆକବର ୫ଟି ମହାମୂର୍ଖଙ୍କୁ ଆଣି ଭେଟି ଦେବା ପାଇଁ ବୀରବଲଙ୍କୁ ନିର୍ଦ୍ଦେଶ ଦେଲେ। ୪ ଦିନ ପରେ ଦୁଇଜଣ ମୂର୍ଖଙ୍କୁ ଆଣି ବୀରବଲ ରାଜଦରବାରରେ ପହଞ୍ଚିଲେ। ରାଜା ପଚାରିଲେ– ଆଉ ତିନି କୁଆଡ଼େ ଗଲେ? 'ସେମାନେ ସମସ୍ତେ ଏଇଠି ଅଛନ୍ତି' କହି ପ୍ରଥମ ମୂର୍ଖ ଆଡକୁ ହାତ ଦେଖାଇ ବୀରବଲ କହିଲେ– ଇଏ ଆଜ୍ଞା ଗୋଟିଏ ଘୋଡ଼ା ଗାଡ଼ିରେ ବସି ଯାଉଥିଲା। କିନ୍ତୁ ଘୋଡ଼ା ଉପରେ ଅଧିକ ଭାର ପଡ଼ିବ ଭାବି ନିଜ ଗଣ୍ଠିଲିକୁ ମୁଣ୍ଡରେ ମୁଣ୍ଡାଇଥିଲା। ଦ୍ୱିତୀୟ ମୂର୍ଖ ଆଡକୁ ଚାହିଁ ବୀରବଲ କହିଲେ– ମଣିମା! ଘର ଛାତ ଉପରେ କିଛି ଘାସ ଉଠିଥିବାରୁ ତାହାକୁ ଚରିବା ପାଇଁ ଏ ଲୋକଟି ନିଜ ବଳଦକୁ ଏକ ଶିଡି ଦ୍ୱାରା ଛାତ ଉପରକୁ ଉଠାଇବାର ପ୍ରୟାସ କରୁଥିଲା। ତେବେ ଆଉ ତିନି? ରାଜା ଚଢ଼ା ଗଳାରେ ପଚାରିଲେ। ଆଉ ଦୁଇ ମହାମୂର୍ଖ ହେଲେ ଆପଣ ଆଉ ମୁଁ। ରାଜ୍ୟ ସାରା କେତେ କେତେ ସମସ୍ୟା ଏବଂ ପ୍ରଜା ମଙ୍ଗଳ କାର୍ଯ୍ୟ କରିବାକୁ ବାକି ଥିବାବେଳେ ଆପଣ ମୋତେ ମୂର୍ଖ ଖୋଜିବା ପାଇଁ ପଠାଇବା ଏବଂ ଏହି ନିରର୍ଥକ କାମରେ ମୁଁ ଲାଗିରହିବାଟା ଆମ୍ଭ ଦୁହିଁଙ୍କ ମୂର୍ଖାମି ନୁହେଁ କି? ନିଜେ ମୂର୍ଖ ବୋଲି ଜଣେ ମନ୍ତ୍ରୀ ଭରା ରାଜସଭାରେ କରିଥିବା ଘୋଷଣାକୁ ଶୁଣି ଅସ୍ୱସ୍ତି ଲାଗୁଥିଲେ ବି ବୀରବଲଙ୍କୁ ବହୁତ ଭଲପାଉଥିବା ଯୋଗୁ ରାଜା ନୀରବ ରହିଲେ ଓ କହିଲେ ଏବେ କୁହ ପଞ୍ଚମ ମୂର୍ଖ କିଏ? ନିଜର ସବୁ ଗୁରୁତ୍ୱପୂର୍ଣ୍ଣ କାମକୁ ଛାଡ଼ି ଯେଉଁ ବ୍ୟକ୍ତି ଏଇ ମେସେଜ୍‌କୁ ନିରିଖେଇ ପଢୁଛି, ସିଏ ହେଉଛି ପଞ୍ଚମ ମହାମୂର୍ଖ।

ଗପଟି ଏଇଠି ସରିଲା। କିନ୍ତୁ ଏଇ କିଛିଦିନ ହେଲା ଏଇ ପଞ୍ଚମ ମୂର୍ଖମାନଙ୍କ ସଂଖ୍ୟା ଦିନକୁ ଦିନ ବଢ଼ି ଚାଲିଛି। ପିଅନଠାରୁ ପ୍ରିନ୍ସିପାଲଙ୍କ ପର୍ଯ୍ୟନ୍ତ, ସିକ୍ୟୁରିଟି ଗାର୍ଡଠୁ ସିନିୟର ଅଫିସରଙ୍କ ପର୍ଯ୍ୟନ୍ତ, କି ଚାକିରିଆ କି ବେକାରିଆ ସଭିଏଁ ଏଥିରେ ଘଣ୍ଟା ଘଣ୍ଟା ସମୟ ନଷ୍ଟ କରୁଛନ୍ତି। ଫଳରେ କର୍ମ ସଂସ୍କୃତିରେ ମନ୍ଥରତା ଆସୁଛି। 'ଫାଇଭ୍–ଜି'ର ବଜାର ପ୍ରବେଶ ଦ୍ୱାରା ଭବିଷ୍ୟତରେ ଏ ସମସ୍ୟାଟା ଯେ ଆହୁରି ଉତ୍କଟ ହେବ, ଏହା ଏବେଠୁ ଜଳ ଜଳ ହୋଇ ଦେଖାଗଲାଣି।

ଦିବ୍ୟାଲୋକ ସନ୍ଧାନେ, ତେଲେଙ୍ଗାପେଣ୍ଠ,
କଟକ, ମୋ–୯୪୩୮୦୫୨୬୧୧

## ପାଠକ ଶ୍ରେଷ୍ଠ ବିଚାରକ

### ବେପାର ପାଇଁ ରାସ୍ତା ଅବରୋଧ

ମହାଶୟ,

ଦ୍ରୁତ ଜନସଂଖ୍ୟା ବୃଦ୍ଧି ଏବଂ ବର୍ଦ୍ଧିତ ଯାନବାହନ ସଂଖ୍ୟାକୁ ଦୃଷ୍ଟିରେ ରଖି ଭୁବନେଶ୍ୱରରେ ରାସ୍ତା ପ୍ରଶସ୍ତୀକରଣ ଜରୁରୀ ହୋଇପଡ଼ିଛି ଏବଂ ସେ ଦିଗରେ ସରକାର କାର୍ଯ୍ୟ ବି କରୁଛନ୍ତି। କିନ୍ତୁ ସେଥିପ୍ରତି ପ୍ରଶାସନର ନିଘା ନାହିଁ କି ରାସ୍ତା ଅବରୋଧକାରୀଙ୍କର ଖାତିର ନାହିଁ। ଅନେକେ ସକାଳୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ରାସ୍ତାରେ ସେମାନଙ୍କର ବ୍ୟବସାୟର ପସରା ମେଲାଇ ବ୍ୟବସାୟ ଚଳାଇ ଆସୁଛନ୍ତି। ଯଦିବା ମ୍ୟୁନିସିପାଲିଟି କିମ୍ବା ପୋଲିସ କର୍ତ୍ତୃପକ୍ଷ ସେମାନଙ୍କୁ ଉଚ୍ଛେଦ କରୁଛନ୍ତି, ପୁନର୍ବାର କିଛିଦିନ ପରେ ସେମାନେ ଉକ୍ତ ଜାଗା ଦଖଲ କରି ପୂର୍ବପରି ବ୍ୟବସାୟ କରୁଛନ୍ତି। ଫଳରେ ରାସ୍ତା ସଙ୍କୁଚିତ ହୋଇ ପ୍ରତିଦିନ ଛୋଟବଡ ଦୁର୍ଘଟଣା ଘଟୁଛି। କର୍ତ୍ତୃପକ୍ଷ ଏହାର ସ୍ଥାୟୀ ପ୍ରତିକାର କରିବା ଦରକାର।

ଧର୍ମରାଜ ପଟ୍ଟନାୟକ, ଜୟଦୁର୍ଗା ନଗର, ଭୁବନେଶ୍ୱର

### କ୍ଷତିପୂରଣ କେବେ ମିଳିବ

ଫନୀ ବାତ୍ୟାରେ ଅନେକ ଚାଷୀ ସେମାନଙ୍କ ଜମିରେ ଥିବା ମୁଗ, ବିରି ଆଦି ଅମଳ କରି ନ ପାରି ନଷ୍ଟ ହୋଇଥିଲା। କୃଷିମିତ୍ର ଓ ସାକ୍ଷୀଗୋପାଳ କୃଷି ଅଧିକାରୀ ସରଜମିନ ତଦନ୍ତ କରି ଫଟୋ ଉଠାଇ ଆଧାର ନମ୍ବର ଓ ବ୍ୟାଙ୍କ ପାସ୍‌ବୁକର ପ୍ରଥମ ପୃଷ୍ଠା ନକଲ ନେବା ପରେ ମଧ୍ୟ ବର୍ତ୍ତମାନ ସୁଦ୍ଧା କୌଣସି କ୍ଷତିପୂରଣ ମିଳିନାହିଁ। ବ୍ଲକ ପ୍ରଶାସନ ବାତ୍ୟା ଜନିତ କ୍ଷତିପୂରଣ ବ୍ୟାଙ୍କକୁ ପ୍ରେରଣ କରିସାରିଥିବା ବେଳେ କୃଷି ବିଭାଗ ଓ ଉଦ୍ୟାନ ବିଭାଗ ଏ ପର୍ଯ୍ୟନ୍ତ କ୍ଷତିପୂରଣ ଦେଇ ନ ଥିବାରୁ ଲୋକମାନେ ବୁଝିବା ପାଇଁ ବ୍ୟାଙ୍କ ଦଉଡି ଦଉଡି ନୟାନ୍ତ ହେଉଛନ୍ତି। ପ୍ରାଣୀଧନ ବିଭାଗ ମଧ୍ୟ ଗୁହାଳ ଭଙ୍ଗା କ୍ଷତିପୂରଣ ଦେଇନାହାନ୍ତି। ମୁଖ୍ୟମନ୍ତ୍ରୀ ଏହାର ସୁବିଚାର କରନ୍ତୁ।

ଶ୍ରୀରାମଚନ୍ଦ୍ର ଦାଶ, ଗଦାଧର ପଣ୍ଡା, ଦିବାକର ନନ୍ଦ, ରବୀନ୍ଦ୍ର ଦାଶ, ବେନୁ ପରିଡା, ବିଦ୍ୟାଧରପୁର, ଗୁଆଳିଗୋରଡା, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## su|do|ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 9 | | | 0 | 6 | E | | | C | | | D | 8 | |
| | | | | | D | C | 0 | | B | 5 | | | | |
| | C | B | | | | | | | 1 | 9 | | | | |
| D | | 6 | | B | 7 | 1 | | 5 | | | | | 9 | |
| | | | 8 | A | | 4 | | 9 | | | 6 | E | C | |
| | | | | | | | 6 | 0 | | | | 4 | 7 | |
| | | | | | | | | | 3 | | | 2 | | |
| | | | 0 | | E | | | D | 9 | 4 | | | A | |
| 8 | 0 | A | | | | | | | D | 1 | 7 | | 5 | |
| | | | 3 | 2 | | | 5 | | | | | 1 | | 8 |
| | B | | 9 | 7 | | | | | 8 | | 4 | | | |
| | | 7 | 2 | | | | A | | | D | | | | |
| | 5 | | | C | | 9 | B | 4 | | E | | | 0 | |
| | E | | | 8 | 5 | D | | | 6 | A | | | | |
| | D | | A | | | | 3 | | 5 | | | 7 | E | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 8 | 6 | 9 | 0 | B | 1 | 7 | 4 | 2 | 5 | A | 3 | E | C | D |
| D | 3 | 7 | 4 | C | E | A | 0 | B | 9 | 2 | 6 | 5 | 8 | 1 |
| 4 | C | 1 | A | 9 | D | 8 | 5 | E | B | 0 | 7 | 3 | 6 | 2 |
| 2 | 5 | A | 6 | 8 | 7 | 9 | D | 3 | C | 1 | E | 4 | 0 | B |
| 0 | B | E | 3 | 2 | 5 | 6 | 1 | C | 4 | 8 | D | 7 | 9 | A |
| E | 7 | D | 8 | 1 | 9 | 0 | A | 4 | 6 | 3 | C | B | 2 | 5 |
| 1 | 2 | 8 | B | 0 | A | D | C | 9 | E | 5 | 4 | 6 | 3 | 7 |
| 6 | 4 | 0 | E | D | 3 | 5 | B | 1 | 2 | 7 | 9 | C | A | 8 |
| B | A | 3 | 7 | 5 | C | 2 | E | 6 | 8 | D | 0 | 9 | 1 | 4 |
| 5 | 9 | C | 2 | 6 | 4 | 3 | 8 | 7 | A | B | 1 | 0 | D | E |
| 7 | 1 | 2 | D | 3 | B | E | 6 | 8 | 0 | C | 5 | A | 4 | 9 |
| 9 | 0 | 6 | 5 | 7 | 2 | 4 | 3 | A | 1 | E | 8 | D | B | C |
| A | D | 5 | C | 4 | 6 | 1 | 2 | 0 | 7 | 9 | B | 8 | E | 3 |
| 3 | 8 | B | 1 | E | 0 | C | 9 | 5 | D | 4 | A | 2 | 7 | 6 |
| C | E | 4 | 9 | A | 8 | B | 7 | D | 3 | 6 | 2 | 1 | 5 | 0 |

ଗତକାଲିର ଉତ୍ତର



ସଂସାର ପ୍ରତି ତିଳେ ହେଲେ ଆସକ୍ତି ଥିଲେ ଭଗବାନଙ୍କୁ ଲାଭ କରିହେବ ନାହିଁ, ଯେପରି ସୂତାରେ ଟିକିଏ ଆଁଶୁ ଥିଲେ ଛୁଞ୍ଚିରେ ଗଳେନାହିଁ।
- ଶ୍ରୀ ରାମକୃଷ୍ଣ ପରମହଂସ

# ଏମ୍‌ସିଏଚ୍ କୋଠାରୁ ଡେଇଁ ପ୍ରସୂତିଙ୍କ ଆତ୍ମହତ୍ୟା

**ନବରଙ୍ଗପୁର,୫।୧୧(ବି.ପ୍ର)**

ନବରଙ୍ଗପୁର ଜିଲା ସଦର ମହକୁମା ଡାକ୍ତରଖାନା ପରିସରରେ ଥିବା ଶିଶୁ ଓ ମାତୃଚିକିତ୍ସା କେନ୍ଦ୍ର(ଏମସିଏଚ) କୋଠାର ୨ୟ ମହଲାରୁ ତଳକୁ ଡେଇଁ ଜଣେ ପ୍ରସୂତି ମଙ୍ଗଳବାର ଆତ୍ମହତ୍ୟା କରିଛନ୍ତି। ପ୍ରସୂତି ଜଣକ ହେଲେ ପାପଡାହାଣ୍ଡି ବ୍ଲକ ଅଧୀନ ଡଙ୍ଗରା ଗାଁର ଧର୍ମ ଭତ୍ରାଙ୍କ ସ୍ତ୍ରୀ ଜେମା ଭତ୍ରା। ଗତ ୩୧ ତାରିଖରେ ପ୍ରସବ ଯନ୍ତ୍ରଣା ହେବାରୁ ପରିବାର ଲୋକେ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅସ୍ତ୍ରୋପଚାର ପରେ ଏକ ଶିଶୁ ପୁତ୍ର ସେ ଜନ୍ମ ଦେଇଥିଲେ । ଏହାପରେ ସେ ଆନ୍ତଃବିଭାଗର ୧୬ ନମ୍ବର ବେଡରେ ରହିଥିଲେ । ଜେମାଙ୍କ ଶାଶୁ ଦୁତୀ ଭତ୍ରାଙ୍କ କହିବା ଅନୁଯାୟୀ, ମଙ୍ଗଳବାର ଅପରାହ୍ନ ପ୍ରାୟ ୩ଟା ବେଳେ ଶିଶୁପୁତ୍ରକୁ ଧରି ଜେମା ବାହାରକୁ ଯାଉଥିଲେ। ଏହି ସମୟରେ ଦୁତୀ ଶିଶୁପୁତ୍ରକୁ ଜେମାଙ୍କ ହାତରୁ ଛଡାଇ ନେଇଥିଲେ । ପରେ ୱାର୍ଡ ସମ୍ମୁଖରେ ଥିବା ୪ ଫୁଟ ଉଚ୍ଚ କାନ୍ଥରେ ଜେମା ଚଢି ଦୁଇ ମହଲା ତଳକୁ ଡେଇଁ ପଡିଥିଲେ । ଏ ସମ୍ପର୍କରେ ଖବର ପାଇଁ ଷ୍ଟାଫ ନର୍ସ ଓ ଅନ୍ୟ କର୍ମଚାରୀମାନେ ତଳକୁ ଯାଇ ରକ୍ତ ଜୁଡୁବୁଡୁ ଅବସ୍ଥାରେ ତାଙ୍କୁ ଉଦ୍ଧାର କରିଥିଲେ । ଏହାର ୫ ମିନିଟ ପରେ ତାଙ୍କର ମୃତ୍ୟୁ ଘଟିଥିଲା। ସିଡିଏମଓ ସନ୍ତୋଷ କୁମାର ସ୍ୱାଇଁ, ଡାକ୍ତର ପ୍ରିୟ ରଞ୍ଜନ ବାହାଲି ଓ ସ୍ତ୍ରୀ ରୋଗ ବିଶେଷଜ୍ଞ ଘଟଣାସ୍ଥଳରେ ପହଞ୍ଚିଥିଲେ। ଖବର ପାଇ ନବରଙ୍ଗପୁର ଥାନା ଅଧିକାରୀ ତାରିକ ଅହମ୍ମଦ ପହଞ୍ଚି ଘଟଣାର ତଦନ୍ତ କରୁଛନ୍ତି। ଜେମା କ'ଣ ପାଇଁ ଆତ୍ମହତ୍ୟା କଲେ ତାହାର କାରଣ ଜଣାପଡି ନାହିଁ।

# ଗ୍ରାମସଭାକୁ ବନ୍ଦ କରିଦେଲେ ଲୋକେ

**ସମ୍ବଲପୁର,୫।୧୧(ବ୍ୟୁରୋ)**

ଝୁଝୁମୁରା ବ୍ଲକ ଜୟନ୍ତପୁର ପଞ୍ଚାୟତ ପରିସରରେ ଗ୍ରାମସଭାକୁ ଦେଦର ନୂଆଁପାଲି ଗ୍ରାମବାସୀ ବନ୍ଦ କରି ଦେଇଛନ୍ତି। ସେମାନଙ୍କ ଅଭିଯୋଗ କ୍ରମେ କିଛିଦିନ ପୂର୍ବରୁ ଗାଁରେ ପଲ୍ଲୀସଭା କରିବାକୁ ସୂଚନା ଦିଆଯାଇଥିଲା। ହେଲେ କେହି ଅଧିକାରୀ କିମ୍ବା ଲୋକ ପ୍ରତିନିଧି ପହଞ୍ଚି ନ ଥିଲେ। ହଠାତ୍ ମଙ୍ଗଳବାର ଗ୍ରାମସଭା କରାଯାଉଛି। ବିନା ପଲ୍ଲୀ ସଭାରେ ଗ୍ରାମସଭା କେମିତି ହେଉଛି। ଏହା ନିୟମ ବିରୋଧୀ ବୋଲି ସେମାନେ ଅଭିଯୋଗ କରିଥିଲେ। କିଛି ସମୟ ହୋହାଲ୍ଲା ହେବା ପରେ ସଭା ବାତିଲ କରି ଦିଆଯାଇଥିଲା। ପ୍ରଥମେ ଦେଦରନୂଆଁପାଲି ଗ୍ରାମରେ ପଲ୍ଲୀସଭା ହେବ ପରେ ଯାଇ ଗ୍ରାମସଭା ହେବ ବୋଲି ସମସ୍ତ ଅଧିକାରୀ ଓ ୱାର୍ଡ ସଭ୍ୟାସଭ୍ୟ ପ୍ରସ୍ତାବ ଗୃହୀତ କରିଥିଲେ।




ଭୁବନେଶ୍ୱର ଖାରବେଳ ଭବନଠାରେ ସୋମବାର ଅନୁଷ୍ଠିତ କାର୍ଯ୍ୟକ୍ରମରେ ସେଣ୍ଟର ଅଫ୍ ଏକ୍ସିଲେନ୍ସ ସ୍ଥାପନ ନିମନ୍ତେ ସି.ଭି. ରମଣ କଲେଜର ଅଧ୍ୟକ୍ଷ ସଞ୍ଜୀବ ରାଉତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କଠାରୁ ୫ କୋଟି ଟଙ୍କାର ଅନୁଦାନ ରାଶି ବାବଦ ଚେକ୍ ଗ୍ରହଣ କରୁଛନ୍ତି।

### ଯୌତୁକଜନିତ ହତ୍ୟା ମାମଲା

# ସ୍ୱାମୀ, ନଣନ୍ଦଙ୍କୁ ଆଜୀବନ ଜେଲ

**ବାରିପଦା ଅଫିସ,୫।୧୧**

ମୟୂରଭଞ୍ଜ ଜିଲା ଦୌରାଜଜ ସଞ୍ଜୟ ରଞ୍ଜନ ବହିଦାର ମଙ୍ଗଳବାର ଏକ ଯୌତୁକଜନିତ ହତ୍ୟା ମାମଲାର ବିଚାର କରି ସ୍ୱାମୀ ଓ ନଣନ୍ଦଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହା ସହ ଦୋଷୀଙ୍କୁ ୧୮ ହଜାର ଟଙ୍କା ଲେଖାଏଁ ଜରିମାନା ଦେବାକୁ ଆଦେଶ ଦେଇଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ଉଦଳା ଥାନା ଅଧୀନ ରାଢ଼ୋ ଗ୍ରାମର ରବୀନ୍ଦ୍ର ଖଟୁଆଙ୍କ ସହିତ ବାଲେଶ୍ୱର ଜିଲା ଖନ୍ତାପଡ଼ା ଅଞ୍ଚଳର ଯମୁନାଙ୍କ ବୈଦିକ ରୀତିରେ ବିବାହ ହୋଇଥିଲା। ତାଙ୍କର ଦୁଇଟି ଝିଅ ରହିଛନ୍ତି। ତେବେ ବିଭିନ୍ନ ସମୟରେ ସ୍ୱାମୀ ରବୀନ୍ଦ୍ର ଓ ନଣନ୍ଦ କୌଶଲ୍ୟା ୫୦ ହଜାର ଟଙ୍କା ଓ ଚାଉଳ ଆଣିବା ପାଇଁ ଯମୁନାଙ୍କୁ ମାରପିଟ୍ କରୁଥିଲେ। ୨୦୧୬ ଏପ୍ରିଲ ୧୫ ତାରିଖ ବିଳମ୍ବିତ ରାତିରେ ଯମୁନା ନିଜ ଦେହରେ କିରୋସିନ ଢ଼ାଳି ଆତ୍ମହତ୍ୟା କରିଥିବା ନେଇ ରବୀନ୍ଦ୍ର ଫୋନ ଯୋଗେ ଶ୍ୱଶୁର ସୁରେନ୍ଦ୍ରଙ୍କୁ ଜଣାଇଥିଲେ। ପରେ ସୁରେନ୍ଦ୍ର ତାଙ୍କ ଝିଅକୁ ହତ୍ୟା କରାଯାଇଥିବା ନେଇ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୭୩/୧୯) ରୁଜୁକରି ଅଭିଯୁକ୍ତ ସ୍ୱାମୀ ଓ ନଣନ୍ଦଙ୍କୁ ଗିରଫ କରିଥିଲା।

# 'ପାଟଣାଗଡ଼' ରିଲିଜ୍‌କୁ ସବୁଜ ସଂକେତ

## ■ସ୍ଥଗିତାଦେଶ ପାଇଁ ମନାକଲେ ସୁପ୍ରିମକୋର୍ଟ

**ଭୁବନେଶ୍ୱର, ୫।୧୧(ବ୍ୟୁରୋ)**

ବହୁଚର୍ଚ୍ଚିତ ଫିଲ୍ମ 'ପାଟଣାଗଡ଼'ର ରିଲିଜ୍ ନେଇ ହାଇକୋର୍ଟଙ୍କ ପରେ ଏବେ ସୁପ୍ରିମକୋର୍ଟରୁ ମଧ୍ୟ ସବୁଜ ସଂକେତ ମିଳିଛି। ଫିଲ୍ମ ରିଲିଜ୍ ଉପରେ ସ୍ଥଗିତାଦେଶ ଜାରି କରିବାକୁ ସର୍ବୋଚ୍ଚ ନ୍ୟାୟାଳୟ ସ୍ପଷ୍ଟ ମନା କରିଦେଇଛନ୍ତି। ୨୦୧୮ରେ ବଲାଙ୍ଗୀର ଜିଲା ପାଟଣାଗଡ଼ରେ ହୋଇଥିବା ପାର୍ସଲ ବୋମା ବିସ୍ଫୋରଣ ଘଟଣା ଉପରେ ଆଧାରିତ ଏହି ଫିଲ୍ମ ନଭେମ୍ବର ୮ରେ ଓଡ଼ିଆ, ହିନ୍ଦୀ ଏବଂ ତେଲୁଗୁ ଭାଷାରେ ରିଲିଜ୍ ହେବାକୁ ସ୍ଥିର ହୋଇଛି। ଫିଲ୍ମ ରିଲିଜ୍ ଉପରେ ରୋକ ଲଗାଇବାକୁ ପାର୍ସଲ ବୋମା ଘଟଣାର ଅଭିଯୁକ୍ତ ପୁଞ୍ଜିଲାଲ୍ ମେହେରଙ୍କ ପତ୍ନୀ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଜଷ୍ଟିସ ଏସ୍.ଏ. ବୋବ୍‌ଡେ, ଜଷ୍ଟିସ୍ ଏସ୍. ଅବ୍‌ଦୁଲ ନାଜିର୍ ଏବଂ ଜଷ୍ଟିସ୍ କ୍ରୀଷ୍ଣା ମୁରାରୀଙ୍କୁ ନେଇ ଗଠିତ ସୁପ୍ରିମକୋର୍ଟଙ୍କ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରି ଏଭଳି ନିର୍ଦ୍ଦେଶ ଶୁଣାଇଛନ୍ତି। ଯଦି ଫିଲ୍ମର କାହାଣୀକୁ ନେଇ କୌଣସି ଅଭିଯୋଗ ଥାଏ, ତା'ହେଲେ ଅଭିଯୋଗକାରୀ ଆସନ୍ତା ୩୦ଦିନ ମଧ୍ୟରେ ସେନ୍‌ସର୍ ବୋର୍ଡର ଦ୍ୱାରସ୍ଥ ହେବାକୁ ଖଣ୍ଡପୀଠ କହିଛନ୍ତି। ଆବେଦନକାରୀଙ୍କ ଆପତ୍ତି ନେଇ ବିଚାର କରିବାକୁ ବୋର୍ଡ଼କୁ ନିର୍ଦ୍ଦେଶ ଦିଆଯାଇଛି।

ଉଲ୍ଲେଖଯୋଗ୍ୟ, ୨୦୧୮ ଫେବୃଆରୀ ୨୩ରେ ପାଟଣାଗଡ଼ରେ ହୋଇଥିବା ବହୁଚର୍ଚ୍ଚିତ ପାର୍ସଲ ବୋମା ଘଟଣା ଉପରେ ଫିଲ୍ମର କାହାଣୀ ଆଧାରିତ। ଫିଲ୍ମରେ ମୁଖ୍ୟ ଭୂମିକାରେ ବଲିଉଡ୍ ଅଭିନେତା ଅତୁଲ କୁଲକର୍ଣ୍ଣୀ, ଯଶପାଲ ଶର୍ମା, ଲୋକପ୍ରିୟ ଓଡ଼ିଆ ଫିଲ୍ମ ଅଭିନେତା ମନୋଜ ମିଶ୍ର, ପୁଷ୍ପା ପଣ୍ଡା, ଅନୁ ଚୌଧୁରୀ, ତେଲୁଗୁ ଅଭିନେତା ଥନିକେଲ୍ଲା ଭାରାଣୀ ପ୍ରମୁଖ ଅଭିନୟ କରିଛନ୍ତି। ରାଜେଶ ଟଚରିଭର୍‌ଙ୍କ ନିର୍ଦ୍ଦେଶନାରେ ନିର୍ମିତ ଏହି ଫିଲ୍ମର ପ୍ରଯୋଜକ ହେଉଛନ୍ତି ଶ୍ରୀଧର ମାର୍ଥା। ବଲାଙ୍ଗୀରରେ ନବ ବିବାହିତ ଦମ୍ପତି ସୌମ୍ୟ ଏବଂ ରୀମାଙ୍କୁ ବାହାଘର ଉପହାରରେ ମିଳିଥିଲା ଏକ ବୋମା। ନବ ବିବାହିତ ଯୋଡ଼ି ଉତ୍ସାହିତ ହୋଇ ନିଜ ବାହାଘର ଉପହାରଗୁଡ଼ିକୁ ଖୋଲିବାବେଳେ ବୋମା ଫୁଟି ଘଟଣାସ୍ଥଳରେ ହିଁ ସୌମ୍ୟଙ୍କ ମୃତ୍ୟୁ ଘଟିଥିଲା। ଅନ୍ୟପଟେ ରୀମା ମଧ୍ୟ ଗୁରୁତର ଭାବେ ଆହତ ହୋଇଥିଲେ। ଏହି ପାର୍ସଲ ବୋମା ବିସ୍ଫୋରଣ ମାମଲାରେ ପୁଞ୍ଜିଲାଲ ମେହେର ମୁଖ୍ୟ ଅପରାଧୀ ସାବ୍ୟସ୍ତ ହୋଇଥିଲେ।


# UTKAL UNIVERSITY

UTKAL UNIVERSITY
NAAC ACCREDITED A+

**New Campus (Rural), Chandikhole**

**No. NC/24/30998/2019** **Dated: 05.11.2019**

## B.Sc. Nursing Course (4 years)

## ADMISSION NOTICE FOR 2019-2020

Utkal University announces admission into 4 years full time B.Sc. Nursing course in Department of Public Health / School of Nursing & Allied Health Science at its New Campus, (Rural) Chandikhole for academic session 2019-2020. The candidate should be passed +2 Science with Biology having 45% marks in aggregate (40% for SC/ST/PH Category). Admission to this course is based upon Entrance Test cum Career. Candidates qualifying in B.Sc. Nursing entrance examination conducted by the Directorate of Nursing, Government of Odisha may also be considered on merit. Prescribed Application form along with prospectus can be downloaded from Utkal University website **www.utkaluniversity.nic.in.** Last date of submission of the filled in prescribed application form along with self attested documents is **20 November 2019** along with application fee in the form of DD/BC of Rs. 600/- (six hundred) only may be drawn in favour of **"A.O, P.G. Council, Utkal University"**. Date of Entrance is **25 November 2019.** The publication of result is **29 November 2019**.The admission date is **4 December 2019.** Any query regarding admission, please contact Course Coordinator at **uumphnc@gmail.com** / 9437100813.

**Chairperson, P.G. Council**
Utkal University


# THE BOLANGIR DISTRICT CENTRAL CO-OPERATIVE BANK LIMITED, BOLANGIR

# ବଲାଙ୍ଗୀର ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ

## FORM-A

## BALANCE SHEET AS ON 31.03.2019

(CAPITAL & LIABILITIES) (PROPERTIES & ASSETS)

| As on 31.03.2018 | Sl. No. | Particulars | As on 31.03.2019 | As on 31.03.2018 | Sl. No. | Particulars | As on31.03.2019 |
|---|---|---|---|---|---|---|---|
| 1 | 2 | 3 | 4 | 1 | 2 | 3 | 4 |
| 848,325,451.78 | 1 | Share Capital | 965,724,780.78 | 359,665,235.89 | 1 | Cash & Bank Balance | 558,957,375.28 |
| 517,492,968.28 | 2 | Reserve fund & other reserves | 517,492,968.28 | | 2 | Money at call & other notice | |
| | 3 | Principal/Subsidiary | | 2,228,119,512.89 | 3 | Investment | 2,123,315,849.89 |
| 6,224,098,819.60 | 4 | Deposit & other A/c | 7,034,604,971.60 | | 4 | Investment state partnership fund | |
| 3,386,998,490.00 | 5 | Borrowing | 4,409,877,695.00 | 9,329,721,285.35 | 5 | Other advances | 11,508,099,047.91 |
| | 6 | Bills for collection | | 842,668,127.58 | 6 | Interest receivable | 923,127,612.44 |
| | 7 | Branch adjustment | | | 7 | Bills receivable | |
| 656,981,257.05 | 8 | O.D.interest reserve | 830,417,257.05 | | 8 | Branch adjustment | |
| 747,297,464.00 | 9 i) | Provision for NPA | 760,917,464.00 | 3,762,514.07 | 9 | Land & building | 3,588,202.66 |
| 21,263,391.00 | ii) | Contingent Provision against standard assets | 27,614,391.00 | 7,246,266.66 | 10 | Furniture & Fixture | 11,994,262.24 |
| 6,759,363.49 | iii) | Provision for unreconciled A/cs | 6,759,363.49 | 90,171,456.66 | 11 | Other assets | 114,959,969.09 |
| 3,728,970.09 | iv) | Provision for Audit Recovery | 3,728,970.09 | 117,301,597.20 | 12 | Net loss during the year 2011-12 | - |
| 79,606,000.00 | v) | Provision for other assets | 79,606,000.00 | | | | |
| 2,999,930.00 | vi) | Provision for Audit Fee | 1,672,249.00 | | | | |
| 400,000.00 | vii) | Provision for Exposure Visit Fund | 450,000.00 | | | | |
| 32,847,495.00 | viii) | Provision for Income tax payable | 33,504,480.00 | | | | |
| 13,700,000.00 | ix) | Provision for Leave Salary | 605,180.00 | | | | |
| 2,500,000.00 | x) | Provision for Gratuity Premium | | | | | |
| 600,000.00 | xi) | Provision for Law Charges | 600,000.00 | | | | |
| 4,602,000.00 | xii) | Provision for Matured FD | 30,133,000.00 | | | | |
| | xii) | Provision for Penalty | 3,824,000.00 | | | | |
| 342,554,092.50 | 10 | Interest payable | 314,887,114.50 | | | | |
| 85,900,303.51 | 11 | Other liabilities | 210,485,393.93 | | | | |
| | 12 | Profit 2018-19 | 11,137,040.79 | | | | |
| **12,978,655,996.30** | | **Total:-** | **15,244,042,319.51** | **12,978,655,996.30** | | **Total:-** | **15,244,042,319.51** |

## FORM-B

## PROFIT & LOSS ACCOUNTS OF BALANGIR DIST.CENTRAL COOP.BANK LTD.,BALANGIR FOR THE YEAR 2018-2019

(EXPENDITURE) (INCOME)

| As on 31.03.2018 | Sl. No. | Particulars | As on 31.03.2019 | As on 31.03.2018 | Sl. No. | Particulars | As on31.03.2019 |
|---|---|---|---|---|---|---|---|
| 1 | 2 | 3 | 4 | 1 | 2 | 3 | 4 |
| 548,600,541.22 | 1 | Interest paid & due | 612,360,390.61 | 1,047,990,760.91 | 1 | Interest on loans & investment | 1,200,579,241.88 |
| 93,171,897.80 | 2 | Salary & Allowances | 74,721,276.00 | 2,330,066.70 | 2 | Commission, Exchange & Brokerage | 2,280,209.78 |
| 380,904.00 | 3 | Directors T.A.& Sitting fees | 394,241.00 | | 3 | Subsidy & Donation | |
| 1,629,035.20 | 4 | Rent & Taxes | 1,442,823.30 | 30,071,024.71 | 4 | Misc. Income | 5,405,399.74 |
| 448,846.00 | 5 | Law charges | 486,010.00 | 1,416,150.50 | 5 | Other receipts | 1,470,020.05 |
| 77,852.00 | 6 | Postage & Telegram | 124,520.30 | | 7 | Loss during the year 2018-19 | |
| 3,319,348.07 | 7 | Depreciation & repair | 6,689,226.65 | | | | |
| 1,553,798.12 | 8 | Printing & Stationary & Advertisement | 1,604,770.19 | | | | |
| 15,633,308.00 | 9 | Loss of OTS A/c | 18,258,908.00 | | | | |
| 37,345,704.35 | 10 | Other expenditure | 141,902,067.41 | | | | |
| 83,812,000.00 | 11 | Provision for OD Interest Rev. 2018-19 | 173,436,000.00 | | | | |
| 1,763,800.00 | 12 | Provision for NPA 2018-19 | 13,620,000.00 | | | | |
| 3,982,000.00 | 13 | Contingent Provision against standard assets | 6,351,000.00 | | | | |
| 143,454.00 | 14 | Provision for unreconciled A/cs | - | | | | |
| - | 15 | Provision for Reserve for Depreciation | - | | | | |
| 1,306,000.00 | 16 | Provision for other assets | - | | | | |
| 1,053,000.00 | 17 | Provision for Audit Fee | 500,000.00 | | | | |
| 50,000.00 | 18 | Provision for Exposure Visit Fund | 50,000.00 | | | | |
| - | 19 | Provision for penalty | 3,824,000.00 | | | | |
| 6,750,000.00 | 20 | Provision for Leave Salary | - | | | | |
| 700,000.00 | 21 | Provision for Gratuity Premium | - | | | | |
| 300,000.00 | 22 | Provision for Law Charges | - | | | | |
| (1,717,000.00) | 23 | Provision for Matured FD | 25,531,000.00 | | | | |
| 281,503,514.06 | 24 | Balance of Profit during the year 2018-19 | 128,438,637.99 | | | | |
| **1,081,808,002.82** | | **Total:-** | **1,209,734,871.45** | **1,081,808,002.82** | | **Total:** | **1,209,734,871.45** |

**Sd/- B.N.Raiguru**
**Manager, Accounts**

**Sd/- A. K. Mohapatra**
**Chief Executive Officer I/C**

**Sd/- P.M.Dash**
**Director**

**Sd/- J.Deep**
**Director**

**Sd/-L.K.Meher**
**President**

**Sd/- For MNS & Associates**
**Chartered Accountants**

## AUDITOR'S REPORT

We have examined the attached Balance Sheet of "BALANGIR DISTRICT CENTRAL CO-OPERATIVE BANK LTD.,BALANGIR "as at 31st March, 2019 and the Profit & Loss Account for the year ended on that date annexed hereto, in which, are incorporated the return of 21 (twenty one) branches and Head office audited by us . The branches audited by us, have been selected by the bank in accordance with the guide lines issued by the National Bank for Agriculture and Rural Development.

Management of the Bank is responsible for the preparation of these Financial Statements that give true and fair view of the financial position and financial performance of the Bank in accordance with the Banking Regulation Act, complying with Reserve Bank of India Guidelines from time to time. This responsibility includes the design, implementation and maintenance of internal control relevant to the preparation and fair presentation of the financial statements that are free from material misstatement, whether due to fraud or error. Our responsibility is to express an opinion on these financial statements based on our audit.

We conducted our audit in accordance with auditing standards generally accepted in India. Those standards require that we plan and perform the audit to obtain reasonable assurance about whether the financial statements are free from material misstatement. An audit includes examining, on a test basis, evidence supporting the amounts and disclosures in the financial statements. An audit also includes assessing the accounting principles used and significant estimates made by the management, as well as evaluating the overall financial statement presentation. We believe that our audit provides a reasonable basis for our opinion.

The Balance sheet and profit and loss Account have been drawn up as per Orissa Cooperative Act 1962.

On the basis of audit indicated in paragraph 1 above and as required by the provisions of the Co-operative Regulation and subject to the limitations of disclosure required therein and subject to our comments in the Annexure to Main Audit Report attached with principal Accounting Policies we report that:

a) In our opinion and to the best of our information and according to the explanations given to us and as shown by the books of the Bank:
(i) The Balance sheet is a full and fair balance sheet containing the necessary particulars and is properly drawn up so as to exhibit a true and fair view of the affairs of the bank as on 31st. March 2019, and
(ii) The Profit and loss Account shows a true balance of profit for the year ended on that date.
b) We have obtained all the information and explanations, which to the best of our knowledge and belief were necessary for the purpose of our audit and found them to be satisfied.
c) The transactions of the Bank, which have come to our notice have been within the powers of the bank.
d) The return received from the offices and branches of the Bank have been found adequate for the purpose of our audit.
e) There is no separate audit report besides the Long Form Audit Report & related annexures.

**Place: Balangir**
**Date : 11.09.2019**

**MNS & Associates**
**Chartered Accountants**

# SAMBALPUR DISTRICT CO-OPERATIVE CENTRAL BANK LTD., BARGARH

## PROFIT & LOSS ACCOUNT FOR THE YEAR ENDED 31st MARCH 2019

| *Amount (Rs.)* | EXPENDITURE | *Amount (Rs.)* | *Amount (Rs.)* | INCOME | *Amount (Rs.)* |
|---|---|---|---|---|---|
| As on 31.03.2018 | Particulars | As on 31.03.2019 | As on 31.03.2018 | Particulars | As on 31.03.2019 |
| 1,608,319,890.50 | Interest Paid Account | 1,661,801,307.00 | 2,330,505,456.92 | Interest and Discount | 2,686,017,985.76 |
| 142,326,893.42 | Salary and Allowances | 158,139,339.95 | 437,819.52 | Commission Exchange & Brokerage | 13,587,880.01 |
| 2,815,548.00 | Director and Committee Member Fees & Allowance | 2,483,014.00 | 0.00 | Subsidies and Donation | 0.00 |
| 26,455,257.67 | Rent,Taxes,Insurance and Lighting etc. | 28,537,657.48 | 8,958,794.50 | Other Receipts | 7,503,155.64 |
| 524,471.00 | Law Charges and Legal Expenses | 378,151.46 | 0.00 | Reversal of Provisions | 0.00 |
| 3,026,029.90 | Postage, Telegram & Telephone Charges | 693,908.00 | | | |
| 686,534.00 | Audit fees | 758,971.00 | | | |
| 12,326,230.80 | Depreciation & Repairs to Properties | 13,970,192.50 | | | |
| 4,800,705.67 | Stationery, Printing and Advertisement etc. | 3,773,290.31 | | | |
| 0.00 | Loss from sale of or dealing with Non-Banking Assets | 0.00 | | | |
| 39,773,916.11 | Other Expenditures | 40,767,518.30 | | | |
| 35,914,048.97 | Provisions | 335,284,163.67 | | | |
| **1,876,969,526.04** | **Total Expenditure** | **2,246,587,513.67** | | | |
| 462,932,544.90 | Net Profit/(Loss) before Tax | 460,521,507.74 | | | |
| 160,211,695.00 | Less: Provision for Tax | 197,793,750.00 | | | |
| **302,720,849.90** | Net Profit Transferred to Reserve and Surplus | **262,727,757.74** | | | |
| **2,339,902,070.94** | **Total** | **2,707,109,021.41** | **2,339,902,070.94** | **Total** | **2,707,109,021.41** |

**BALANCE SHEET AS ON 31.03.2019**

| *Amount (Rs.)* | CAPITAL & LIABILITIES | *Amount (Rs.)* | *Amount (Rs.)* | ASSETS | *Amount (Rs.)* |
|---|---|---|---|---|---|
| As on 31.03.2018 | Particulars | As on 31.03.2019 | As on 31.03.2018 | Particulars | As on 31.03.2019 |
| 2,063,660,717.00 | Capital | 2,148,452,930.00 | 80,891,287.00 | Cash and Balances with Reserve Bank of India | 117,255,071.00 |
| 757,856,030.67 | Reserves & Surplus | 895,790,079.07 | 1,492,557,757.44 | Balances with Banks and Money at call and short Notice | 1,607,245,556.74 |
| 13,475,578,195.50 | Deposits | 16,295,515,540.04 | 9,534,982,571.25 | Investments | 11,189,671,590.27 |
| 13,024,896,545.00 | Borrowings | 13,034,676,207.00 | 19,723,922,013.34 | Advances | 21,915,587,297.97 |
| 3,700,791,417.19 | Other Liabilities and Provisions | 4,237,291,864.90 | 238,732,520.07 | Fixed Assets | 236,497,895.77 |
| | | | 1,951,696,756.26 | Other Assets | 1,545,469,209.26 |
| **33,022,782,905.36** | **Total** | **36,611,726,621.01** | **33,022,782,905.36** | **Total** | **36,611,726,621.01** |
| | | | 2,692,255.06 | Contingent Liabilities | 3,178,820.27 |

## NOTES ON ACCOUNTS

1. Expenses are generally accounted for on accrual basis of accounting; however sum expenditures like telephone expenses, electricity expenses etc are accounted for on cash basis.
2. No depreciation charged on purchase of computer amounting to Rs.13000.00 during the year 2018-19 as not put to use during the year.
3. No capital infusion has been made by the Government during the year, however Cooperative Institution have infused a capital of Rs. 83797393/- during the year.
4. Depreciation on revalued assets on the portion of revaluation has been charged to Profit & Loss Account.
5. Payment to Life Insurance Corporation of India as provision for gratuity in Profit & Loss Account has been shown as gratuity fund and also investment in Balance Sheet.
6. There has been contribution by PACs, CCB, OSCB and GOO to Corpus Deposit guarantee Fund and which stands at Rs 8,91,73,816.20 as on 31.03.2019 for the security of depositors of PACs. However GOO has not contributed its share.
7. Matured Fixed Deposit as on 31.03.2019 stands at Rs. 409404980.21 against previous year balance of Rs. 681213638.21 as on 31.03.2018. Interest at the rate of Savings Account Interest has been provided for on the outstanding amount. An amount of Rs. 1,63,76,199.00 has been shown as interest payable, which is included in the total interest payable on deposit of the bank reflected in Balance Sheet for the year 2018-19.
8. There is Suspense Payable of Rs.19,31,82,879.88 and Suspense Recoverable of Rs.44,40,560.07 as on 31.03.2019. Suspense payable represents amounts payable to employee, payable to others against various purposes. Similarly Suspense Recoverable represents festival advances to staff, mobile advances to staff, TA advances to staff and other recoverable.
9. Unreconciled Account Recoverable of Rs1,41,825.63 was outstanding as on 31.03.2017 at Jharsuguda Branch, which is included in Sundry Debtors Account. It has been reduced to Rs.95,217.08 as on 31.03.2019.
10. The Bank has transferred a sum of Rs. 31,78,820.27 to Depositor Education & Awareness Fund as on 31.03.2019 and same was shown as contingent liabilities in the Balance Sheet.

( Amount in lakh)

| | Current Year | Previous Year |
|---|---|---|
| Opening balance of amounts transferred to DEAF | 26.92 | 25.73 |
| Add : Amounts transferred to DEAF during the year | 4.87 | 1.19 |
| Less: Amounts reimbursed by DEAF towards claims | 0.00 | 0.00 |
| Closing balance of amounts transferred to DEAF | 31.79 | 26.92 |

11. Payment of insurance premium to DICGC during the year 2018-19 was Rs.1,90,08,753.00.
12. Bank has achieved CRAR 13.05% as on 31.03.2019.
13. The average cost of deposit is 6.95 % during the year 2018-19.
14. NPAs:
    a. Gross NPAs: 14339.33 lakh
    b. Net NPAs 3665.11 lakh
    c. Percentage of gross NPAs to total advances: 6.52%
    d. Percentage of net NPAs to total advances: 1.66%
15. Profitability:
    a. Interest income as a percentage of working fund: 7.41%
    b. Non-interest income as a percentage of working fund: 0.05%
    c. Operating profit as a percentage of working fund: 1.27%
    d. Return on Assets : 0.72%
    e. Business (Deposit+Advances) per employee: Rs.1949.55 lakh.
    f. Profit per employee: Rs.13.40 lakh
16. Provisions:
    a. Provisions on NPAs required to be made: Rs.10030.20 lakhs
    b. Provisions on NPAs actually made: Rs.10,674.22 lakhs
    c. Provisions required to be made in respect of overdue interest taken into income account, gratuity fund, provident fund, arrears in reconciliation of inter-branch account: Nil
    d. Provisions required to be made on depreciation in investments: Nil
    e. Provisions actually made on depreciation in Investments: Nil

**Sd./-** **Asst. General Manager (O&A)**
**Sd./-** **Deputy General Manager**
**Sd./-** **Chief Executive Officer**
**Sd./-** **President**
**Sd./-** **Statutory Auditor**

ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ୬ ନଭେମ୍ବର,୨୦୧୯



କୌଣସି ଲୋକ ଦୀର୍ଘକାଳ ଧରି କ୍ଷମତାର ଅପବ୍ୟବହାର କରିପାରେ ନାହିଁ କି ପାରିବ ନାହିଁ।
- ସେନେକା



## ସଂକ୍ଷେପରେ



### ଭୀମ ଭୋଇ କଲେଜରେ ଆଣ୍ଟି ର୍ୟାଗିଂ ସଚେତନତା କାର୍ଯ୍ୟକ୍ରମ

ରେଢାଖୋଲ,୪।୧୧(ଡି.ଏନ.ଏ.) ସ୍ଥାନୀୟ ଭୀମ ଭୋଇ କଲେଜରେ ଆଣ୍ଟି ର୍ୟାଗିଂ ଓ ସେକ୍ସୁଆଲ ହାରାସମେଣ୍ଟ ଉପରେ ଛାତ୍ରୀଛାତ୍ରଙ୍କୁ ସଚେତନ କରାଯାଇଛି। କଲେଜ ଅଧକ୍ଷ ଡ. ବାଳାଦିତ୍ୟ ବିକାଶ ଶ୍ରୀ ଚନ୍ଦନ ସିଂ ଅଧକ୍ଷତା କରିଥିଲେ। ଅଧାପିକା ପଦ୍ମଜା ସିହ୍ନା, ସୁପ୍ରିୟା ମଲ୍ଲିକ, ଅକ୍ଷୟ କୁମାର କର, ଦିବ୍ୟଲୋଚନ ରାଉତ ପ୍ରମୁଖ ଯୋଗ ଦେଇ ଛାତ୍ରୀଛାତ୍ରଙ୍କୁ ର୍ୟାଗିଂ ଓ ଯୌନ ଉତ୍ପୀଡନ ପାଇଁ ଥିବା କଠୋର କାର୍ଯ୍ୟାନୁଷ୍ଠାନ ଉପରେ ବକ୍ତବ୍ୟ ରଖିଥିଲେ। ଏ ଦିଗରେ ସଚେତନ ହୋବାକୁ ପରାମର୍ଶ ଦେବା ସହ କଲେଜରେ ଏକ ସୁସ୍ଥ ବାତାବରଣ ପାଇଁ ସହାୟକ ହେବାକୁ କହିଥିଲେ। ଅନ୍ୟମାନଙ୍କ ମଧରେ ଅଧାପକ ଅଞ୍ଜନ କୁମାର ମିଶ୍ର, ଅରୁଣ କୁମାର ଶାସନି, ରବିଚନ୍ଦ୍ର ସିଂ, ବିରଞ୍ଚି ଖଡିଆ, ଅଧାପିକା ମମତା ମହାପାତ୍ର ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ।

# ୨ ବର୍ଷ ହେଲା ଜିଜିୱାଇ ଅନୁଦାନ ପଡ଼ିଛି

## ଖର୍ଚ୍ଚ କରିବାକୁ ସମିତି ସଭ୍ୟାସଭ୍ୟଙ୍କ ଦାବି

ସମ୍ବଲପୁର,୫।୧୧(ବ୍ୟୁରୋ)

୨ ବର୍ଷ ହେଲା ଜିଲାରେ ଗୋପବନ୍ଧୁ ଗ୍ରାମୀଣ ଯୋଜନା ଅନୁଦାନ ଖର୍ଚ୍ଚ କରାଯାଉ ନାହିଁ। ଅନୁଦାନ ଆସି ବ୍ୟାଙ୍କ ଜମା ଖାତାରେ ପଡି ରହିଛି। ଫଳରେ ପଞ୍ଚାୟତରେ ଉନ୍ନୟନମୂଳକ କାମରେ ବାଧା ସୃଷ୍ଟି ହେଉଛି। ଏଥିରେ ସାଧାରଣ ଲୋକମାନେ ହଇରାଣ ହେଉଛି। ଆମକୁ ଭୋଟ ଦେଇଥିବା ଲୋକମାନଙ୍କ ପାଖରେ ଆମେ ମୁହଁ ଦେଖାଇ ପାରୁନାହିଁ। ଯେଉଁ ପ୍ରତିଶ୍ରୁତି ଗୁଡିକ ଦେଇଥିଲୁ ତାହ ପାଳନ କରି ପାରୁନାହୁଁ। ବାରମ୍ବାର ବ୍ଲକରେ ସମିତି ବୈଠକବେଳେ ଏନେଇ ଆଲୋଚନା ଓ ଅଭିଯୋଗ ହେଲାପରେ ମଧ ଜିଲା ପ୍ରଶାସନ ସମାଧାନ କରୁନାହିଁ। ଶୀଘ୍ର ସମାଧାନ ନ ହେଲ ଆଗାମୀ ଦିନରେ ଆନ୍ଦୋଳନ ହେବ। ଜିଲାର ସମିତି ସଭ୍ୟାସଭ୍ୟମାନେ ଜିଲାପାଳ ଶୁଭମ୍ ସକ୍ସେନାଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଆର୍ଥିକ ବର୍ଷ ୨୦୧୮–



ସମ୍ବଲପୁର ଜିଲାପାଳଙ୍କ ଅଫିସ ସମ୍ମୁଖରେ ଜିଲାର ସମିତି ସଭ୍ୟାସଭ୍ୟମାନେ।

୧୯ ଓ ୨୦୧୯–୨୦ ଦୁଇ ବର୍ଷ ହେଲା ଗୋପବନ୍ଧୁ ଗ୍ରାମୀଣ ଯୋଜନା (ଜିଜିୱାଇ) ଅନୁଦାନ ମଞ୍ଜୁର କରାଯାଉ ନାହିଁ। ସୂର୍ଯ୍ୟ କୁମାର ଓରାମ, ଉଷା ମିର୍ଦ୍ଧା, ପୁଷ୍ପା ପଟେଲ, ଧନକଉଡା ବ୍ଲକ ଉପାଧ୍ୟକ୍ଷା ସୁଷମା ସାହୁ, ସାଇବାନି ସେଟ, ଦଳଗଞ୍ଜନ ସେଠ, ବୀଣାପାଣି ବେହେରା, ମାୟାସିନି ଭୋଇ, ସୁରେଶ୍ୱରୀ ଓରାମ, ନନ୍ଦଲାଲ ଓରାମ, ରମେଶଚନ୍ଦ୍ର ଭୋଇ, ରୀନା ଭଏଁସା, ରାଜେଶ କୁମାର ଅଗ୍ରୱାଲା, ସଞ୍ଜୁ କଣ୍ଟା, ମନୋହର ପଟେଲ ପ୍ରମୁଖ ଉପସ୍ଥିତ ରହିଥିଲେ।

### ଆବାସ ଯୋଜନାରେ ଅନିୟମିତତା

# ତାଲିକାରେ ନାମ ଥାଇ ବାଦ୍

ସମ୍ବଲପୁର,୫।୧୧(ବ୍ୟୁରୋ)

ରାଜ୍ୟ ଓ କେନ୍ଦ୍ର ସରକାର ସମସ୍ତ ଯୋଗ୍ୟ ପରିବାରକୁ ଘର ପ୍ରଦାନ କରାଯିବ ବୋଲି ଘୋଷଣା କରିଛନ୍ତି। ଏଥିପାଇଁ ପ୍ରତିବର୍ଷ ଗୋଟିଏ ବ୍ଲକକୁ ହଜାର ହଜାର ଘର ଆସୁଛି। ଏଥିପାଇଁ ପୂର୍ବରୁ ତାଲିକା ପ୍ରସ୍ତୁତ କରାଯାଇଥାଏ। ହେଲେ ସ୍ଥାନୀୟ ସରପଞ୍ଚ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ଘର ପ୍ରଦାନ କରିବା ସମୟରେ ଅନିୟମିତତା କରିଥାନ୍ତି। ଜିଲାପାଳ ଶୁଭମ୍ ସକ୍ସେନାଙ୍କ ନିକଟରେ ଏଭଳି ଅଭିଯୋଗ ପହଞ୍ଚିଛି। ଝୁଝୁମୁରା ବ୍ଲକ ବାହାମ ପଞ୍ଚାୟତର ବାହାମ ଗ୍ରାମର ମହେନ୍ଦ୍ର ବାଦୀ ଓ ଚୈତନ୍ୟ ମିର୍ଦ୍ଧାଙ୍କୁ ଗତ ଆର୍ଥିକ ବର୍ଷରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସମିଲ କରାଯାଇଥିଲା। ପଞ୍ଚାୟତ ପକ୍ଷରୁ ମଧ ଏ ନେଇ ସୂଚନା ଦିଆଯାଇଥିଲା। ହେଲେ ଏବେ କାର୍ଯ୍ୟାଦେଶ ବଣ୍ଟନ କରାଯାଉ ନାହିଁ। ତାଲିକାରେ ନାମ ରହି ମଧ ବାଦ୍ ଦିଆଯାଇଛି। ଏ ନେଇ ବ୍ଲକ ଅଫିସରେ ଅଭିଯୋଗ କରିଥିଲେ। ହେଲେ କୌଣସି ଉତ୍ତର ମିଳୁନି। ପଞ୍ଚାୟତରେ ଧନୀ ଓ ଅଯୋଗ୍ୟ ହିତଧିକାରୀମାନଙ୍କୁ ଘର ମିଳୁଛି। ହେଲେ ଏମାନଙ୍କ ଭଳି ଗରିବ ଶ୍ରେଣୀର ଲୋକେ ଘର ଖଣ୍ଡିଏ ପାଉ ନାହାନ୍ତି ବୋଲି ଜିଲା ପ୍ରଶାସନ ନିକଟରେ ଅଭିଯୋଗ କରିଛନ୍ତି।



ଝୁଝୁମୁରା ବ୍ଲକ ବାହାମ ଗ୍ରାମର ମହେନ୍ଦ୍ର ବାଦୀ ଓ ଚୈତନ୍ୟ ମିର୍ଦ୍ଧା ପ୍ରଶାସନ ପାଖରେ ଅଭିଯୋଗ କରିବାକୁ ଆସିଛନ୍ତି ।





ସମ୍ବଲପୁର ଜିଏମୟୁ କୁଳପତି ଓ ଅନ୍ୟ ଅତିଥିମାନେ ଭ୍ରାମ୍ୟମାଣ ସଂଗ୍ରହାଳୟ ପ୍ରଦର୍ଶନୀକୁ ଉଦ୍‌ଘାଟନ କରୁଛନ୍ତି(ବାମ) । ଆୟୋଜିତ ସଂଗ୍ରହାଳୟ ପ୍ରଦର୍ଶନୀକୁ ଛାତ୍ରୀଛାତ୍ର ବୁଲି ଦେଖୁଛନ୍ତି ।

# ଜିଏମ୍‌ୟୁରେ ଭ୍ରାମ୍ୟମାଣ ସଂଗ୍ରହାଳୟ ପ୍ରଦର୍ଶନୀ

ସମ୍ବଲପୁର, ୫।୧୧ (ବ୍ୟୁରୋ)

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମୟୁ) ପରିସରରେ ଭ୍ରାମ୍ୟମାଣ ସଂଗ୍ରହାଳୟ ପ୍ରଦର୍ଶନୀକୁ କୁଳପତି ପ୍ରଫେସର ଅତନୁ କୁମାର ପତି ଉଦ୍‌ଘାଟନ କରଛନ୍ତି। କୁଳସଚିବ ଗିରିଶ ଚନ୍ଦ୍ର ସିଂ, ପ୍ରଫେସର କାମଦେବ ସାହୁ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଭ୍ରାମ୍ୟମାଣ ସଂଗ୍ରହାଳୟ ପ୍ରଦର୍ଶନୀରେ ୯ଟି ବିଭାଗରେ ୫ ହଜାର ଐତିହାସିକ, ସାଂସ୍କୃତିକ, କଳାକୃତୀ ପ୍ରଦର୍ଶିତ ହୋଇଥିଲା। ମୁଖ୍ୟତଃ ବିଛା, ଗଣେଷ, ସୂର୍ଯ୍ୟ, କୃଷ୍ଣ, ପର୍ଶୁରାମ, ଗଦା, ଚକ୍ର ଓ ପଞ୍ଚମୁଖ ଶଙ୍ଖ ଛାତ୍ରୀଛାତ୍ରଙ୍କୁ ଆକର୍ଷିତ କରିଥିଲା। ସେହିପରି ଆଦିବାସୀମାନେ ବ୍ୟବହାର କରୁଥିବା ଧନୁତୀର, ଟାଙ୍ଗିଆ, ଟାଙ୍ଗି, ବିଭିନ୍ନ ପ୍ରକାର ଅଳଙ୍କାର, ମୁଦ୍ରା, ତାଳପତ୍ର ପୋଥି, ବୌଦ୍ଧ ସମୟର କୀର୍ତ୍ତିରାଜି ପ୍ରଭୃତି ପ୍ରଦର୍ଶତ୍ ହୋଇଥିଲା। ପ୍ରଦର୍ଶନୀ ମୁଖ୍ୟ ସତ୍ୟକେତନ ମହାନ୍ତି ସୂଚନା ଦେଇ କହିଥିଲେ ଯେ, ପଶ୍ଚିମ ଓଡିଶାରେ ସଂଗ୍ରହାଳୟ ନାହିଁ। ୨୪ ବର୍ଷ ତଳେ ମନରେ ସଂଗ୍ରହାଳୟର ସ୍ୱପ୍ନ ଦେଖିଥିଲେ। ତେଣୁ ରାଜ୍ୟ ତଥା ରାଜ୍ୟ ବାହାରର ବିଭିନ୍ନ ଅଞ୍ଚଳକୁ ଯାଇ ପ୍ରାୟ ୧୦ ହଜାର ସାମଗ୍ରୀ ସଂଗ୍ରହ କରିଛନ୍ତି। ଛାତ୍ରୀଛାତ୍ରଙ୍କ ଜାଣିବା ପାଇଁ ଭ୍ରାମ୍ୟମାଣ ସଂଗ୍ରହାଳୟ କରାଯାଇଛି। ଏହାଦ୍ୱାରା ଛାତ୍ରୀଛାତ୍ର ବିଭିନ୍ନ ବିଷୟରେ ଜ୍ଞାନ ଅର୍ଜନ କରିପାରିବେ। ଭୁବନେଶ୍ୱରର ଲକ୍ଷ୍ମୀନାରାୟଣ ବକ୍ସି, ହାପି ସ୍ୱାଇଁ, ଲିଟନ ଦାଶ, ବିକ୍ରମ ରାଉତ, ଲାଲୁ ପାଲ, ଲିପୁ ସ୍ୱାଇଁ, ସଞ୍ଜୟ ଦାଶ, ଅମିତ ଦ୍ୱିବେଦୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଗାୟତ୍ରୀ ଶକ୍ତିପୀଠରେ ଆଲୋଚନାଚକ୍ର

**ସମ୍ବଲପୁର, ୫।୧୧(ବ୍ୟୁରୋ):** କମଳବଜାର ଗାୟତ୍ରୀ ଶକ୍ତି ପୀଠରେ 'ଯଜ୍ଞ ପରିଚାଳନା' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର, ସୁନ୍ଦରଗଡ, ଅନୁଗୋଳ ଅଞ୍ଚଳର ପ୍ରତିନିଧିମାନେ ଯୋଗ ଦେଇଥିଲେ। ଓଡିଶା ଶାଖା ଆଞ୍ଚଳିକ ଆବାହକ ବାଳକୃଷ୍ଣ ପଣ୍ଡା, ମୋହନଧର ବଡଗୟାଁ, ରମେଶ ଚନ୍ଦ୍ର ତିୱାରୀ, ପବିତ୍ର ମୋହନ ବିଶି, ବାନାମ୍ବର ସର, ପାଣ୍ଡବ ଜେନା, ବାଲ୍ମୀକି ପ୍ରଧାନ, ନିତ୍ୟାନନ୍ଦ ଦାଶ, ରମାକାନ୍ତ ସାହୁ, ଡା. ବିଳାସିନୀ ଦ୍ୱିବେଦୀ, ସତ୍ୟନାରାୟଣ ପଟେଲ, ନଳିନୀ ପୂଜାରୀ, ଦୀପ୍ତିମୟୀ ବାରିକ, ଭୂମି ପଧାନ, ପ୍ରଭାତୀ ସରାଫ, ରୋହିତ ପଧାନ, ଦୁର୍ଗାଚରଣ ମହାରଣା ଆଲୋଚକ ଭାବେ ଯୋଗ ଦେଇଥିଲେ। ସାମୂହିକ ଯଜ୍ଞର ରୀତିନୀତି, ନିୟମାବଳୀ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ।



ସମ୍ବଲପୁର ଗାୟତ୍ରୀ ଶକ୍ତିପୀଠରେ ଯଜ୍ଞ ପରିଚାଳନା ଶୀର୍ଷକ ଆଲୋଚନା ଚକ୍ରରେ ଯୋଗଦେଇଥିବା ପ୍ରତିନିଧିମାନେ।

## ଦଳୀୟ କର୍ମୀଙ୍କ ସହ ଆଲୋଚନା କଲେ ବିଧାୟକ

ନାକଟିଦେଉଳ,୫।୧୧(ଡି.ଏନ.ଏ.)

ରେଢାଖୋଲ ବିଧାୟକ ରୋହିତ ପୂଜାରୀ ନାକଟିଦେଉଳ ବ୍ଲକର ବିଭିନ୍ନ ଅଞ୍ଚଳ ଗସ୍ତ କରି ଲୋକଙ୍କ ସୁବିଧା ଅସୁବିଧା ବୁଝିବା ସହ ବିଭିନ୍ନ ପ୍ରସଙ୍ଗରେ ଦଳୀୟ କର୍ମୀଙ୍କ ସହିତ ଆଲୋଚନା କରିଛନ୍ତି। କର୍ମୀଙ୍କ ଅଭିଯୋଗ ଶୁଣିବା ସହ ବ୍ଲକର ବିଭିନ୍ନ ଉନ୍ନତୀମୂଳକ କାର୍ଯ୍ୟରେ ସମସ୍ତେ ସହଯୋଗ କରି ଅଞ୍ଚଳର ବିକାଶ ଧାରାକୁ ତ୍ୱରାନ୍ୱିତ କରିବାକୁ କର୍ମୀଙ୍କୁ ପରାମର୍ଶ ଦେଇଥିଲେ। ସରକାରୀ ଅଧିକାରୀ ଏବଂ କର୍ମୀଙ୍କ ମଧ୍ୟରେ ସୁସମ୍ପର୍କ ରକ୍ଷା କରାଯିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଅପରପକ୍ଷରେ ଲୋକଙ୍କ ନିକଟତର ହୋଇ ସେମାନଙ୍କ ସୁବିଧା ଅସୁବିଧାରେ କାର୍ଯ୍ୟ କରିବାକୁ ଏବଂ ଦଳୀୟ ସଂଗଠନକୁ ତୃଣମୂଳସ୍ତରରୁ ଆହୁରି ସୁଦୃଢ କରିବାକୁ ଦଳୀୟ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। ଜାମୁଯୋରୀ ପଞ୍ଚାୟତର ପିତାମହୁଲସ୍ଥିତ ସୁରଭି ଗୋଶାଳାରେ ଆୟୋଜିତ ଗୋପାଷ୍ଟମୀ କାର୍ଯ୍ୟକ୍ରମରେ ଯୋଗ ଦେବା ସହ ଶିମିଳିପାଳ ପଞ୍ଚାୟତ ଶରଧାପୁର, ଘୋଷରାମାଳ ପଞ୍ଚାୟତର କମଳାନାଳୀ ଆଦି ଗ୍ରାମକୁ ଯାଇ ଗ୍ରାମବାସୀଙ୍କ ଭଲମନ୍ଦ ପଚାରି ଥିଲେ। ବ୍ଲକ ବିଜେଡ଼ି ସଭାପତି ମୂଳିଆ ରାଉଳ, ଉପସଭାପତି କଞ୍ଜବିହାରୀ ନନ୍ଦ, ସାହେବୀର ପୂର୍ବତନ ସରପଞ୍ଚ ରାମପ୍ରସାଦ ସାହୁ, ସନ୍ତୋଷ ପ୍ରଧାନ, ପ୍ରମୋଦ ସାହୁ,ପଣ୍ଟୁ ଧଳ, ମଣ୍ଟୁ ସାହୁ, ମହେନ୍ଦ୍ର କୁଅଁର ପ୍ରମୁଖ ଦଳୀୟ କର୍ମୀ ଯୋଗ ଦେଇଥିଲେ।

## ଧମା କଲେଜରେ କ୍ୟାରିୟର କାଉନସେଲିଂ କର୍ମଶାଳା

ଧମା, ୫।୧୧ (ଡି.ଏନ.ଏ.)

ସ୍ଥାନୀୟ ମାଁ ଝାଡେଶ୍ୱରୀ କଲେଜରେ କ୍ୟାରିୟର କାଉନସେଲିଂ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଯୁକ୍ତ ୨ ଅଧକ୍ଷ ଅଶୋକ କୁମାର ପୁରୋହିତ ସଭାପତିତ୍ୱ କରିଥିଲେ। କ୍ୟାରିୟର କାଉନସେଲର ଲକ୍ଷ୍ମୀନାରାୟଣ ବକ୍ସି ଯୋଗ ଦେଇଥିଲେ। ଯୁକ୍ତ ୨ କଳା, ବିଜ୍ଞାନ ଓ ଯୁକ୍ତ ୩ ଶେଷ ବର୍ଷର ଛାତ୍ରୀଛାତ୍ରମାନଙ୍କୁ ସେ ପରାମର୍ଶ ଦେଇ କହିଛନ୍ତି ଯେ, ସାଂପ୍ରତିକ ପରିସ୍ଥିତିରେ ଠିକ୍ ସମୟରେ ଉପଯୁକ୍ତ ନିଷ୍ପତ୍ତି ନେଇ ନିଜର କ୍ୟାରିୟର ଗଠନ କରିବା ଆବଶ୍ୟକ। ଆଜିକାର ପ୍ରତିଯୋଗିତାମୂଳକ ବଜାରରେ ଠିକ ଦିଗରେ କଠିନ ପରିଶ୍ରମ ବଳରେ ହିଁ ନିଜର ଦକ୍ଷତା ପ୍ରତିପାଦନ କରି ହେବ। ତେବେ ଯାଇ ନିଜକୁ ପ୍ରତିଷ୍ଠିତ କରି ହେବ ବୋଲି ସେ କହିଥିଲେ। ଆଲୋଚନା କ୍ରମରେ ଛାତ୍ରୀଛାତ୍ରମାନଙ୍କୁ କ୍ୟାରିୟର ଗଠନର ବିଭିନ୍ନ ଦିଗ ଯଥା ସାମ୍ବାଦିକତା, ଫେସନ ଟେକ୍‌ନୋଲୋଜି, ଆଇନ, ବିଜ୍ଞାନ, ଚିକିତ୍ସା, କେନ୍ଦ୍ର ଓ ରାଜ୍ୟ ପ୍ରଶାସନିକ ସେବା, ପୋଲିସ, ଅଧାପକ ଓ ଶିକ୍ଷକ ଇତ୍ୟାଦି ଚାକିରି ପାଇଁ ଥିବା ବିଭିନ୍ନ ସମ୍ଭାବନା ଗୁଡିକ ବିଷୟରେ ବିଷଦ ଭାବରେ ବୁଝାଇଥିଲେ। ଆଲୋଚନାରେ ଅଧାପକ ରବିନ୍ଦ୍ର ନାରାୟଣ ଠାକୁର, ସଞ୍ଜୟ କୁମାର ସାହୁ, ପ୍ରମୋଦ ଦେହରୀ, ଅଧାପିକା ମିନତି ଦାସ ଓ ସ୍ମାରକି ମାହାର ପ୍ରମୁଖ ଯୋଗଦେଇ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଯୁକ୍ତ ୩ ଅଧକ୍ଷ ଅନୀଲ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।



ଧମା କଲେଜ କ୍ୟାରିୟର କାଉନସିଲିଂରେ ଛାତ୍ରୀଛାତ୍ର।

# ଏକ୍ସପାଏରୀ କୀଟନାଶକ ଦେଇଥିଲା କୃଷି ବିଭାଗ

ସମ୍ବଲପୁର,୫।୧୧(ବ୍ୟୁରୋ)

ଝୁଝୁମୁରା ବ୍ଲକ କୟାକୁଦ ପଞ୍ଚାୟତରେ ଖରିଫ ଋତୁ ଧାନ ଫସଲ ପୋକ ଲାଗି ନଷ୍ଟ ହୋଇଯାଇଛି। ପ୍ରାୟ ୨ ଶହ ହେକ୍ଟର ଜମି ପ୍ରଭାବିତ ହୋଇଛି। ଝୁଝୁମୁରା ପଞ୍ଚାୟତର ୬ ଗ୍ରାମାବାସୀ ଜିଲା ପ୍ରଶାସନ ପାଖରେ ଏଭଳି ଅଭିଯୋଗ କରିଛନ୍ତି। ପୋକ ଲାଗିବା ଆରମ୍ଭରୁ ସ୍ଥାନୀୟ କୃଷି ଅଧିକାରୀଙ୍କୁ ଅବଗତ କରାଯାଇଥିଲା। ହେଲେ କୃଷି ବିଭାଗ ପକ୍ଷରୁ ଏକ୍ସପାଏରୀ ଔଷଧ ଦିଆଯାଇଥିଲା। ତେଣୁ ରୋଗ ପୋକ ଉପରେ ନିୟନ୍ତ୍ରଣ ହୋଇ ପାରି ନ ଥିଲା। ଏବେ ଚାଷୀମାନେ କରିଥିବା ଫସଲ ନଷ୍ଟ ହୋଇଯାଇଛି। ବର୍ଷା ଅଭାବ ଯୋଗୁ ବିଳମ୍ବରେ ଚାଷ କରାଯାଇଥିଲା। ଧାର କରଜ କରି ବହୁ କଷ୍ଟରେ ଚାଷୀ ଧାନ କରିଥିଲେ। ହେଲେ ଏବେ ତାହା ନଷ୍ଟ ହୋଇଯାଇଛି। ଚାଷୀମାନେ କିଭଳି ଋଣ ପରିଶୋଧ କରିବେ ସେ ନେଇ ଚିନ୍ତାରେ ପଡିଯାଇଛନ୍ତି। ତେଣୁ ଚାଷୀମାନଙ୍କୁ ସହାୟତା ରାଶି ପ୍ରଦାନ କରାଯାଉ। ଏହା ସହ କୃଷି ବିଭାଗ ପକ୍ଷରୁ ଦିଆଯାଇଥିବା ଔଷଧର ମଧ ଯାଞ୍ଚ କରାଯାଉ ବୋଲି ଦାବି କରାଯାଇଛି। ତଦନ୍ତ କରାଯିବ ବୋଲି ଜିଲାପାଳ ଶୁଭମ୍ ସକସେନା ପତିଶ୍ରୁତି ଦେଇଛନ୍ତି। କୟାକୁଦ ସରପଞ୍ଚ ରାମଚନ୍ଦ୍ର ପ୍ରଧାନ, ନବୀନ କୁମାର ବିଶ୍ୱାଳ, ଶରତଚନ୍ଦ୍ର ବିଶ୍ୱାଳ, ଶଙ୍କର୍ଷଣ ବିଶ୍ୱାଳ, ସୁବ୍ରତ ବିଶ୍ୱାଳ, ବୁଧୁ ମୁଣ୍ଡା, ସୋନୁ ମୁଣ୍ଡା, ଭୁବନ ମାଝି, ବିହାରୀ ମୁଣ୍ଡା ପ୍ରମୁଖ ଶତାଧିକ ଚାଷୀ ଉପସ୍ଥିତ ଥିଲେ।



ସମ୍ବଲପୁର ଜିଲାପାଳଙ୍କ ଅଫିସକୁ କୟାକୁଦ ପଞ୍ଚାୟତ ଚାଷୀମାନେ ଅଭିଯୋଗ ଲାଗି ଆସିଛନ୍ତି ।

### ଗୋଶାଳାରେ ଜିଲାସ୍ତରୀୟ ଗୋ–ସମ୍ବର୍ଦ୍ଧନା ଉତ୍ସବ

# ପୁରସ୍କୃତ ହେଲେ ଗୋପାଳକ

ଚିପିଲିମା, ୫।୧୧ (ଡି.ଏନ.ଏ.)

ଜିଲା ମୁଖ୍ୟ ପ୍ରାଣୀଧନ କାର୍ଯ୍ୟାଳୟ ପକ୍ଷରୁ ସମ୍ବଲପୁର ଜିଲା ଧନକଉଡା ବ୍ଲକ ଗୋଶାଳା ନିୟନ୍ତ୍ରିତ ବଜାର ପ୍ରାଙ୍ଗଣରେ ୬୮ତମ ଗୋ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜିଲା ମୁଖ୍ୟ ପ୍ରାଣୀଧନ ଅଧିକାରୀ ଡା. ସରୋଜକାନ୍ତ କାନୁନଗୋଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଜିଲା ପରିଷଦ ଅଧକ୍ଷ ରାଧେଶ୍ୟାମ ବାରିକ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବରେ ପୂର୍ବତନ ପ୍ରାଣୀଧନ ଯୁଗ୍ମ ନିର୍ଦ୍ଦେଶକ ରବୀନ୍ଦ୍ରମୋହନ ମହାରଥା ଯୋଗ ଦେଇଥିଲେ। ସମ୍ମାନୀୟ ଅତିଥି ଭାବରେ ଅତିରିକ୍ତ ଜିଲାପାଳ ତଥା ସମ୍ବଲପୁର ମହାନଗର ନିଗମ କମିଶନର ଲିଙ୍ଗରାଜ ପଣ୍ଡା, ଧନକଉଡା ବ୍ଲକ ଅଧକ୍ଷା ସୀତା ଛୁରିଆ, ଜିଲା ପରିଷଦ ସଭ୍ୟା ସଂଯୁକ୍ତା ପ୍ରଧାନ, କଳାମାଟି ସରପଞ୍ଚ ଶ୍ରୀହରି ନାଗ ମଞ୍ଚାସୀନ ଥିଲେ। ସ୍ଥାନୀୟ ଗୋପାଳକମାନେ ନିଜ ନିଜ ଗାଈ, ବାଛୁରୀ ପ୍ରଦର୍ଶନ କରିଥିବା ବେଳେ ଘାସ, ଗୋରୁଦାନା ଉପରେ ମଧ ପ୍ରଦର୍ଶନୀର ଆୟୋଜନ ହୋଇଥିଲା। ଏହି ଅବସରରେ ଅନୁଷ୍ଠିତ



ଅତିଥି ଓ ଆୟୋଜକଙ୍କ ସହ ସମ୍ବର୍ଦ୍ଧିତ ଗୋପାଳକମାନେ।

ଏକ ସଭାରେ ଗୋପାଳନ ନେଇ ଅତିଥିମାନେ ବକ୍ତବ୍ୟ ରଖିଥିଲେ। ଗୋପାଳନ ଏକ ଲାଭଦାୟକ ଚାଷ ହୋଇଥିବାରୁ ଗୋପାଳନ କରିବାକୁ ପରାମର୍ଶ ଦିଆଯାଇଥିଲା। ଏହି ଅବସରରେ ସର୍ବଶ୍ରେଷ୍ଠ ଦୁଧିଆଳୀ ଗୋ ଚାଷୀ ଭାବରେ ଧନକଉଡା ବ୍ଲକ କଳାମାଟି ପଞ୍ଚାୟତ ଲଡୁଖାଇ ଗ୍ରାମର ସୁନୀଲ ଓଝାଙ୍କୁ ଟ୍ରଫି ସହ ପ୍ରମାଣପତ୍ର ଦେଇ ପୁରସ୍କୃତ କରାଯାଇଥିଲା। ଗୋପାଳକ ଧ୍ରୁବା ପ୍ରଧାନ, ସୁନୀଲ ଓଝା, ବୀରେନ୍ଦ୍ର ପ୍ରଧାନ, ସଚିଦାନନ୍ଦ ପ୍ରଦାନ, ତ୍ରିବିକ୍ରମ ଭୁଏ, ଜିବେନ୍ଦୁ ମହାନନ୍ଦ, ବଳବନ୍ତ ପ୍ରଧାନ, ହେମନ୍ତ ପ୍ରଧାନ, ସୁରେନ୍ଦ୍ର ପ୍ରଧାନଙ୍କୁ ଉନ୍ନତମାନର ଚାଷୀ ଭାବରେ ଟ୍ରଫି ସହ ପ୍ରମାଣପତ୍ର ଦେଇ ପୁରସ୍କୃତ କରାଯାଇଥିଲା । ମମତା ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଶେଷରେ ରେଙ୍ଗାଲି ପ୍ରାଣୀଧନ ଅଧିକାରୀ ଡ. ରାଜୀବ ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ । ବୁର୍ଲା ପ୍ରାଣୀଧନ ଅଧିକାରୀ ଡା. ଚନ୍ଦ୍ରଶେଖର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଅଞ୍ଚଳର ସମସ୍ତ ପ୍ରାଣୀଧନ ନୀରିକ୍ଷକ ଓ ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ତେବେ କଳାମାଟି ଓ ବସନ୍ତପୁର ପଞ୍ଚାୟତର କିଛି ଗୋପାଳକଙ୍କୁ ଖବର ଦିଆଯାଇଥିଲା। ହେଲେ ଅନ୍ୟାନ୍ୟ ଅଞ୍ଚଳରେ ଗୋ ପାଳକମାନଙ୍କୁ ଖବର ଦିଆଯାଇ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି।

No.II-69

# ଓଡ଼ିଶା ସରକାର
# ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
## ଅଧିସୂଚନା

ତାରିଖ: 02.01.18 ଭୁବନେଶ୍ୱର RDM–LAC–DKNL–0012–2017 / 324 / R&DM

ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ ଢେଙ୍କାନାଳ ଜିଲ୍ଲାର ରେଙ୍ଗାଲୀ ବାମପାର୍ଶ୍ୱ କେନାଲରେ ବାଲିପସି ଡିଷ୍ଟ୍ରିବ୍ୟୁଟାରୀ, କନ୍ତିରା, ମୃଦଙ୍ଗା, ଜାମୁଣ୍ଡା ମାଇନର ନିର୍ମାଣ ନିମନ୍ତେ ମୌଜା–ମୃଦଙ୍ଗା, ଥାନା–ଭୁବନ ନଂ.– ୧୨୮ ତହସିଲ–ଭୁବନ, ଜିଲ୍ଲା–ଢେଙ୍କାନାଳରେ ନିମ୍ନ ତଫସିଲ ମତେ ପ୍ରାୟ ୫୨.୨୪ ଏକର ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି । ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

୧– ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ–ଜଳ ସେଚନ ପ୍ରକଳ୍ପ, ରେଙ୍ଗାଲୀ ଜଳ ସେଚନ ପ୍ରକଳ୍ପ ।
୨– ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ– ନିର୍ବାହୀ ଯନ୍ତ୍ରୀ, ବାମ ପାର୍ଶ୍ୱ କେନାଲ ଡିଭିଜନ୍, ଭୁବନ ।
୩– କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ– ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା ।
୪– ସାମଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ :– ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ ।
୫– ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତି ପ୍ରଶାସକଙ୍କ ବିବରଣୀ :– ଉପ–ଜିଲ୍ଲାପାଳ, କାମାକ୍ଷାନଗର ।
୬– ଜମିର ବିବରଣୀ :–

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟ୍‌ର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତର ନାମ |
|---|---|---|---|---|---|---|---|---|
| ଢେଙ୍କାନାଳ | ଭୁବନ | ମୃଦଙ୍ଗା | ଗ୍ରାମଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ୫୨.୨୪ ଏକର | ଏଥି ସହିତ ସଂଲଗ୍ନ |

- **ଉକ୍ତ ଅଧିସୂଚୀତ ଜମି ରକବା ମଧ୍ୟରୁ ୧୩.୫୦୦ ଏକର ଜମି ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ ।**

ଉକ୍ତ ଭୂମିର ଏକ ନକ୍ସା ତଥା ବିସ୍ତୃତ ବିବରଣୀ ସ୍ୱତନ୍ତ୍ର ଜମି ଅଧିଗ୍ରହଣ, ପୁନର୍ବାସ ଓ ଥଇଥାନ ଅଧିକାରୀ, ରେଙ୍ଗାଳି ଜଳ ସେଚନ ପ୍ରକଳ୍ପଙ୍କ କାର୍ଯ୍ୟାଳୟ, ସୁକିନ୍ଦାରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ଢେଙ୍କାନାଳ ଜିଲ୍ଲାପାଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ ଜମିମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ଢେଙ୍କାନାଳ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./– ଯୁଗ୍ମ ଶାସନ ସଚିବ

## ଜମି ଅନୁସୂଚୀ

**ଗ୍ରାମର ନାମ : ମୃଦଙ୍ଗା, ଥାନା ନଂ : ଭୁବନ–୧୨୮, ତହସିଲ : ଭୁବନ, ଜିଲ୍ଲା : ଢେଙ୍କାନାଳ, ଜମି ଅଧିଗ୍ରହଣ ମାମଲା ନଂ : /୨୦୧୫**

| କ୍ର. ନଂ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା (ଏକରରେ) | ପ୍ରକଳ୍ପ ପାଇଁ ଆବଶ୍ୟକୀୟ ରକବା | ରୟତର ନାମ | ମନ୍ତବ୍ୟ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧ | ୫ | ୧୪୦୫ | ୦.୫୮୦ | ୦.୧୬୦ | ଅଚ୍ୟୁତାନନ୍ଦ ସାହୁ, ପିତା– ଯୋଗୀ | |
| ୨ | ୬ | ୧୩୦୩ | ୦.୪୨୦ | ୦.୧୮୦ | ଅଚ୍ୟୁତାନନ୍ଦ ସାହୁ, ପିତା– ଯୋଗୀ ଏବଂ ଓଗେର | |
| ୩ | ୯ | ୧୯୫୦ | ୦.୦୫୦ | ୦.୦୫୦ | ଅଜାତି ମଲ୍ଲିକ, ପିତା– ବାବୁ ଓଗେର | |
| ୪ | ୧୦ | ୧୯୪୬ | ୦.୨୧୦ | ୦.୧୬୦ | ଅପର୍ତ୍ତି ମଲ୍ଲିକ, ପିତା– ବରଜୁ ଓଗେର | |
| ୫ | | ୧୯୪୮ | ୦.୩୭୦ | ୦.୨୭୦ | ଅପର୍ତ୍ତି ମଲ୍ଲିକ, ପିତା – ବରଜୁ ଓଗେର | |
| ୬ | ୧୦ | ୨୫୬୦/୪୧୫୩ | ୦.୦୬୦ | ୦.୦୫୦ | ଅପର୍ତ୍ତି ମଲ୍ଲିକ, ପିତା– ବରଜୁ ଓଗେର | |
| ୭ | ୧୩ | ୨୭୨୫ | ୦.୨୫୦ | ୦.୧୫୦ | ଅଜାତି କୁମାର ଆଏଚ୍, ପିତା– ଚୈତନ୍ୟ | |
| ୮ | ୧୭ | ୨୬୬୫/ ୪୫୩୩ | ୦.୧୮୦ | ୦.୦୪୦ | ଅନନ୍ତ ଚରଣ ଆଏଚ୍, ପିତା– ଜଗବନ୍ଧୁ | |
| ୯ | ୨୫ | ୧୦୧୪ | ୦.୫୬୦ | ୦.୫୦୦ | ଅନାମ ବେହେରା, ପିତା– କିଶା | |
| ୧୦ | ୨୬ | ୨୮୦୦ | ୦.୨୯୦ | ୦.୧୮୦ | ଅଦେଇ ବେହେରା, ପିତା– ବିଦେଇ | |
| ୧୧ | ୨୮ | ୨୬୯୧ | ୦.୧୭୦ | ୦.୧୭୦ | ଅଦେଇ ବେହେରା, ପିତା– ବିଦଇେ ଏବଂ ଓଗେର | |
| ୧୨ | | ୨୭୭୨ | ୦.୧୮୦ | ୦.୦୭୦ | ଅଦେଇ ବେହେରା, ପିତା– ବିଦେଇ ଏବଂ ଓଗେର | |
| ୧୩ | | ୨୭୭୩ | ୦.୧୯୦ | ୦.୦୯୦ | ଅଦେଇ ବେହେରା, ପିତା– ବିଦେଇ ଏବଂ ଓଗେର | |
| ୧୪ | ୩୦ | ୩୩୬ | ୦.୩୭୦ | ୦.୦୨୦ | ଅମ୍ବୁଜ ବଲ୍ଲଭ ସାହୁ, ପିତା – ମାଗୁଣି | |
| ୧୫ | ୩୪ | ୨୪୯୨ | ୦.୦୮୦ | ୦.୦୪୦ | ଅମିନ ପାତ୍ର, ପିତା– ବାବାଜୀ ଓଗେର | |
| ୧୬ | ୩୫ | ୨୬୯୪ | ୦.୪୫୦ | ୦.୦୯୦ | ଅଶ୍ୱିନୀ କୁମାର ଆଏଚ, ପିତା– ଚୈତନ୍ୟ | |
| ୧୭ | ୪୨ | ୨୮୦୪ | ୦.୦୪୦ | ୦.୦୨୦ | ଆଦିକନ୍ଦ ଆଏଚ, ପିତା– ଜଗବନ୍ଧୁ ଓଗେର | |
| ୧୮ | | ୩୧୮୩ | ୦.୧୨୦ | ୦.୦୮୦ | ଆଦିକନ୍ଦ ଆଇଚ, ପିତା– ଜଗବନ୍ଧୁ ଓଗେର | |
| ୧୯ | ୪୩ | ୧୩୦୨ | ୦.୩୭୦ | ୦.୧୫୦ | ଇନ୍ଦ୍ରମଣି ବେହେରା, ପିତା– ଭୋବନି | |
| ୨୦ | ୪୪ | ୧୩୦୫ | ୦.୪୬୦ | ୦.୧୪୦ | ଇନ୍ଦ୍ରମଣି ବେହେରା, ପିତା– ଭୋବନି ଓଗେର | |
| ୨୧ | | ୧୩୪୯ | ୦.୮୮୦ | ୦.୨୪୦ | ଇନ୍ଦ୍ରମଣି ବେହେରା, ପିତା– ଭୋବନି ଓଗେର | |
| ୨୨ | ୪୯ | ୧୩୦୬ | ୦.୩୬୦ | ୦.୧୦୦ | ଉପେନ୍ଦ୍ର ବାରିକ, ପିତା– ଭାଇଗ ଓଗେର | |
| ୨୩ | | ୧୩୫୦ | ୦.୯୧୦ | ୦.୨୩୦ | ଉପେନ୍ଦ୍ର ବାରିକ, ପିତା– ଭାଇxଗ ଓଗେର | |
| ୨୪ | ୫୪ | ୧୭୮୬ | ୦.୩୪୦ | ୦.୦୮୦ | କାନ୍ଦୁରି ପ୍ରଧାନ, ପିତା– ବାବାଜୀ | |
| ୨୫ | ୫୬ | ୨୬୩୭ | ୦.୧୧୦ | ୦.୦୩୦ | କନକଲତା ସାହୁ, ସ୍ୱା– ଲକ୍ଷ୍ମିଧର | |
| ୨୬ | | ୨୬୪୫ | ୦.୧୨୦ | ୦.୧୦୦ | କନକଲତା ସାହୁ, ସ୍ୱା– ଲକ୍ଷ୍ମିଧର | |
| ୨୭ | ୫୮ | ୧୪୦୬ | ୦.୧୫୦ | ୦.୧୧୦ | କପିଳ ତରେଇ, ପିତା– ବୃନ୍ଦାବନ | |
| ୨୮ | | ୩୨୧୫ | ୦.୧୩୦ | ୦.୦୩୦ | କପିଳ ତରେଇ, ପିତା– ବୃନ୍ଦାବନ | |
| ୨୯ | ୬୪ | ୧୩୯୬/୪୬୦୧ | ୦.୬୯୦ | ୦.୨୦୦ | କମଳକାନ୍ତ ଆଏଚ, ପିତା– ରଘୁନାଥ ଓଗେର | |
| ୩୦ | ୭୧ | ୨୭୮୦ | ୦.୧୫୦ | ୦.୦୪୦ | କାମପାଳ ଆଏଚ, ପିତା– ପଦ୍ମନାଭ ଓଗେର | |
| ୩୧ | ୭୯ | ୨୮୦୨ | ୦.୦୬୦ | ୦.୦୫୦ | କାଳନ୍ଦି ବେହେରା, ପିତା– ଅଇଁଠୁ ଓଗେର | |
| ୩୨ | ୭୯ | ୨୮୦୩ | ୦.୦୨୦ | ୦.୦୨୦ | କାଳନ୍ଦି ବେହେରା, ପିତା– ଅଇଁଠୁ ଓଗେର | |
| ୩୩ | ୯୦ | ୩୨୦୨ | ୦.୨୮୦ | ୦.୧୫୦ | କୁଞ୍ଜି ଆଏଚ, ପିତା– କାଳନ୍ଦି | |
| ୩୪ | ୯୩ | ୧୫୦୯ | ୦.୨୭୦ | ୦.୦୪୦ | କୁଞ୍ଜି ଦାସ, ପିତା– ବାନା ଓଗେର | |
| ୩୫ | ୯୪ | ୩୩୫ | ୦.୪୩୦ | ୦.୦୨୦ | କୁଶ ପ୍ରଧାନ, ପିତା– ଭାସ୍କର ଓଗେର | |
| ୩୬ | ୯୯ | ୧୩୫୧ | ୦.୮୫୦ | ୦.୧୧୦ | କୁର୍ତ୍ତିବାଶ ବେହେରା, ପିତା– ବୈଦ ଓଗେର | |
| ୩୭ | ୧୦୪ | ୨୭୩୦ | ୦.୨୪୦ | ୦.୦୮୦ | କୃଷ୍ଣ ସେଠୀ, ପିତା– ବଂଶୀ ଓଗେର | |
| ୩୮ | ୧୧୨ | ୧୫୧୩ | ୦.୪୫୦ | ୦.୩୨୦ | କୋଇଲି ମାଝି, ପିତା– ବାବାଜୀ ଓଗେର | |
| ୩୯ | ୧୧୩ | ୨୬୫୯ | ୦.୨୦୦ | ୦.୧୨୦ | କୋହ୍ଲ ଖଟୁଆ, ପିତା– ଉଚ୍ଛବ ଓଗେର | |
| ୪୦ | ୧୧୪ | ୨୬୬୦ | ୦.୩୭୦ | ୦.୩୦୦ | କୈଳାଶ ଚନ୍ଦ୍ର ଆଏଚ, ପିତା– ଅଚ୍ୟୁତ ଓଗେର | |
| ୪୧ | ୧୧୬ | ୧୮୨୫ | ୦.୭୪୦ | ୦.୧୮୦ | ଗୟାଧର ପ୍ରଧାନ, ପିତା– ଦିନବନ୍ଧୁ | |
| ୪୨ | | ୧୮୩୧ | ୦.୫୨୦ | ୦.୨୮୦ | ଗୟାଧର ପ୍ରଧାନ, ପିତା– ଦିନବନ୍ଧୁ | |
| ୪୩ | | ୧୮୩୩ | ୧.୪୦୦ | ୦.୦୭୦ | ଗୟାଧର ପ୍ରଧାନ, ପିତା– ଦିନବନ୍ଧୁ | |
| ୪୪ | ୧୨୦ | ୧୦୮୪ | ୨.୫୬୦ | ୦.୧୫୦ | ଗଣେଶ୍ୱର ପ୍ରଧାନ, ପିତା– କୋହ୍ଲ | |
| ୪୫ | ୧୨୪ | ୨୬୯୩ | ୦.୧୭୦ | ୦.୧୭୦ | ଗଣେଶ୍ୱର ଆଏଚ, ପିତା– ରାମଚନ୍ଦ୍ର | |
| ୪୬ | | ୧୩୯୬/୪୬୦୨ | ୧.୦୦୦ | ୦.୧୬୦ | ଗଣେଶ୍ୱର ଆଏଚ,ପିତା– ରାମଚନ୍ଦ୍ର | |
| ୪୭ | ୧୨୬ | ୨୧୨୦ | ୦.୨୮୦ | ୦.୦୫୦ | ଗାଣ୍ଡୁ ଦାସ, ପିତା– ବଂଶୀ ଓଗେର | |
| ୪୮ | ୧୩୭ | ୨୬୮୯ | ୦.୦୮୦ | ୦.୦୬୦ | ଗୋପାଳ ବେହେରା, ପିତା– ଜଗା ଓଗେର | |
| ୪୯ | ୧୪୧ | ୧୮୪୬ | ୧.୪୨୦ | ୦.୬୦୦ | ଗୋବିନ୍ଦ ପ୍ରଧାନ, ପିତା– ଦିନବନ୍ଧୁ | |
| ୫୦ | | ୧୮୨୬ | ୦.୭୧୦ | ୦.୪୦୦ | ଗୋବିନ୍ଦ ପ୍ରଧାନ, ପିତା– ଦିନବନ୍ଧୁ | |
| ୫୧ | | ୧୮୪୭ | ୦.୨୫୦ | ୦.୦୫୦ | ଗୋବିନ୍ଦ ପ୍ରଧାନ, ପିତା–ଦିନବନ୍ଧୁ | |
| ୫୨ | ୧୪୩ | ୧୮୨୪ | ୦.୭୮୦ | ୦.୨୭୦ | ଗୋବିନ୍ଦ ପ୍ରଧାନ, ପିତା– ଦିନବନ୍ଧୁ | |
| ୫୩ | ୧୫୫ | ୩୨୯ | ୦.୬୯୦ | ୦.୬୨୦ | ଘୁରୁଡିଆ ପାତ୍ର, ପିତା– ଅପନା ଓଗେର | |
| ୫୪ | ୧୬୧ | ୨୬୪୫/ ୪୪୧୭ | ୦.୦୮୦ | ୦.୦୮୦ | ଚମ୍ପା ପ୍ରଧାନ, ସ୍ୱା– ବୈଦେଇ | |
| ୫୫ | ୧୭୫ | ୨୬୮୮ | ୦.୧୧୦ | ୦.୦୪୦ | ଜଗବନ୍ଧୁ ବେହେରା, ପିତା– ନୟା | |
| ୫୬ | ୧୮୪ | ୨୦୫୨ | ୦.୧୩୦ | ୦.୧୦୦ | ଜଳଧର ଦାସ, ପିତା– ହାଡି ଓଗେର | |
| ୫୭ | ୧୮୯ | ୮୩୬ | ୦.୨୭୦ | ୦.୧୮୦ | ଯୋଗୀ ରାଉତ, ପିତା– ପୁରୀ ଓଗେର | |
| ୫୮ | | ୮୩୭ | ୦.୨୬୦ | ୦.୧୬୦ | ଯୋଗୀ ରାଉତ, ପିତା– ପୁରୀ ଓଗେର | |
| ୫୯ | ୧୯୦ | ୮୩୮ | ୦.୫୨୦ | ୦.୩୩୦ | ଯୋଗୀ ରାଉତ, ପିତା– ପୁରୀ ଓଗେର | |
| ୬୦ | ୧୯୨ | ୯୮୭ | ୦.୨୫୦ | ୦.୦୩୦ | ଯୋଗୀ ବେହେରା, ପିତା– ଚେମା | |
| ୬୧ | ୧୯୭ | ୧୮୨୦ | ୦.୧୬୦ | ୦.୦୧୦ | ଦୟାନିଧି ପ୍ରଧାନ, ପିତା– ଦିନବନ୍ଧୁ | |
| ୬୨ | ୨୦୫ | ୫୧୩ | ୦.୮୬୦ | ୦.୧୨୦ | ଦୁଖବନ୍ଧୁ ପରିଡା, ପିତା– ଭାସ୍କର ଓଗେର | |
| ୬୩ | | ୫୧୩/ ୪୩୫୧ | ୦.୧୩୦ | ୦.୧୩୦ | ଦୁଖବନ୍ଧୁ ପରିଡା, ପିତା– ଭାସ୍କର ଓଗେର | |
| ୬୪ | | ୫୧୩/ ୪୪୭୧ | ୦.୧୦୦ | ୦.୧୦୦ | ଦୁଖବନ୍ଧୁ ପରିଡା, ପିତା– ଭାସ୍କର ଓଗେର | |
| ୬୫ | ୨୧୧ | ୧ | ୪.୫୦୦ | ୧.୧୬୦ | ଦେଶ କୋଠ ସମସ୍ତ ଗ୍ରାମବାସୀ ପକ୍ଷ, ଦୁର୍ଗା ଚରଣ ମାଝି, ପିତା– ହାଡିବନ୍ଧୁ ଓଗେର | |
| ୬୬ | | ୧୩ | ୭.୫୦୦ | ୨.୩୦୦ | ଦେଶ କୋଠ ସମସ୍ତ ଗ୍ରାମବାସୀ ପକ୍ଷ, ଦୁର୍ଗା ଚରଣ ମାଝି, ପିତା– ହାଡିବନ୍ଧୁ ଓଗେର | |
| ୬୭ | | ୩୪୮ | ୨.୫୬୦ | ୦.୦୧୦ | ଦେଶ କୋଠ ସମସ୍ତ ଗ୍ରାମବାସୀ ପକ୍ଷ, ଦୁର୍ଗା ଚରଣ ମାଝି, ପିତା– ହାଡିବନ୍ଧୁ ଓଗେର | |
| ୬୮ | ୨୧୩ | ୧୯୫୩ | ୦.୪୯୦ | ୦.୦୫୦ | ଦୁର୍ଯ୍ୟୋଧନ ପ୍ରଧାନ, ପିତା–ମାଗୁଣି ଓଗେର | |
| ୬୯ | ୨୧୪ | ୧୭୭୭ | ୦.୨୧୦ | ୦.୦୯୦ | ଦୁର୍ଯ୍ୟୋଧନ ତରାଇ, ପିତା– ମଧୁ ପ୍ରଧାନ ଓଗେର | |
| ୭୦ | | ୧୯୭୩ | ୦.୨୨୦ | ୦.୦୧୦ | ଦୁର୍ଯ୍ୟୋଧନ ତରାଇ, ପିତା– ମଧୁ ପ୍ରଧାନ ଓଗେର | |
| ୭୧ | | ୧୯୭୪ | ୦.୧୧୦ | ୦.୦୧୦ | ଦୁର୍ଯ୍ୟୋଧନ ତରାଇ, ପିତା– ମଧୁ ପ୍ରଧାନ ଓଗେର | |
| ୭୨ | | ୨୫୨୨ | ୦.୨୪୦ | ୦.୦୭୦ | ଦୁର୍ଯ୍ୟୋଧନ ତରାଇ, ପିତା– ମଧୁ ପ୍ରଧାନ ଓଗେର | |
| ୭୩ | | ୨୫୩୨ | ୦.୦୯୦ | ୦.୦୪୦ | ଦୁର୍ଯ୍ୟୋଧନ ତରାଇ, ପିତା– ମଧୁ ପ୍ରଧାନ ଓଗେର | |
| ୭୪ | | ୨୫୩୩ | ୦.୧୭୦ | ୦.୦୯୦ | ଦୁର୍ଯ୍ୟୋଧନ ତରାଇ, ପିତା– ମଧୁ ପ୍ରଧାନ ଓଗେର | |
| ୭୫ | ୨୧୪ | ୨୫୫୫ | ୦.୬୭୦ | ୦.୨୮୦ | ଦୁର୍ଯ୍ୟୋଧନ ତରାଇ, ପିତା– ମଧୁ ପ୍ରଧାନ | |
| ୭୬ | | ୨୫୫୬ | ୦.୦୭୦ | ୦.୦୨୦ | ଦୁର୍ଯ୍ୟୋଧନ ତରାଇ, ପିତା– ମଧୁ ପ୍ରଧାନ ଓଗେର | |
| ୭୭ | | ୨୫୫୭ | ୦.୪୦୦ | ୦.୨୫୦ | ଦୁର୍ଯ୍ୟୋଧନ ତରାଇ, ପିତା– ମଧୁ ପ୍ରଧାନ ଓଗେର | |
| ୭୮ | | ୨୫୭୩ | ୧.୧୦୦ | ୦.୦୬୦ | ଦୁର୍ଯ୍ୟୋଧନ ତରାଇ, ପିତା– ମଧୁ ପ୍ରଧାନ ଓଗେର | |
| ୭୯ | ୨୨୨ | ୧୩୦୦ | ୦.୬୭୦ | ୦.୨୫୦ | ଦୈତାରୀ ଦଳେଇ, ପିତା– ବରଜୁ ଓଗେର | |
| ୮୦ | ୨୨୬ | ୨୮୦୧ | ୦.୦୯୦ | ୦.୦୬୦ | ଦୈତାରୀ ସାହୁ, ପିତା– ନଟବର ସାହୁ ଓଗେର | |
| ୮୧ | | ୩୧୮୮ | ୦.୩୭୦ | ୦.୧୩୦ | ଦୈତାରୀ ସାହୁ, ପିତା– ନଟବର ସାହୁ ଓଗେର | |
| ୮୨ | ୨୩୨ | ୧୭୭୧ | ୦.୩୯୦ | ୦.୧୬୦ | ଧନୁ ପ୍ରଧାନ, ପିତା– ବାଳି ଓଗେର | |
| ୮୩ | ୨୩୫ | ୨୧୪୫ | ୦.୧୫୦ | ୦.୧୧୦ | ଧୋବଣି ସାହୁ, ପିତା– ଶିକାର ଓଗେର | |
| ୮୪ | | ୨୧୪୬ | ୦.୪୦୦ | ୦.୧୩୦ | ଧୋବଣି ସାହୁ, ପିତା– ଶିକାର ଓଗେର | |
| ୮୫ | ୨୩୭ | ୨୬୪୪ | ୦.୨୨୦ | ୦.୦୮୦ | ନୟନ ଦାସ, ପିତା– ପୁଣି ରାଉତ ଓଗେର | |
| ୮୬ | ୨୩୯ | ୧୪୦୭ | ୦.୧୩୦ | ୦.୦୯୦ | ନକୁଳ ତରେଇ, ପିତା– ବୃନ୍ଦାବନ ଓଗେର | |
| ୮୭ | ୨୪୧ | ୧୩୯୦ | ୦.୩୩୦ | ୦.୦୧୦ | ନଟବର ସାହୁ, ପିତା– ପାଣ୍ଡୁ ଓଗେର | |
| ୮୮ | | ୧୩୯୧ | ୦.୦୫୦ | ୦.୦୫୦ | ନଟବର ସାହୁ, ପିତା– ପାଣ୍ଡୁ ଓଗେର | |
| ୮୯ | | ୧୩୯୨ | ୦.୧୪୦ | ୦.୧୪୦ | ନଟବର ସାହୁ, ପିତା– ପାଣ୍ଡୁ ଓଗେର | |
| ୯୦ | ୨୪୧ | ୧୩୯୩ | ୦.୪୯୦ | ୦.୨୨୦ | ନଟବର ସାହୁ, ପିତା– ପାଣ୍ଡୁ ଓଗେର | |
| ୯୧ | | ୧୩୯୪ | ୦.୪୧୦ | ୦.୨୧୦ | ନଟବର ସାହୁ, ପିତା– ପାଣ୍ଡୁ ଓଗେର | |
| ୯୨ | | ୧୩୯୫ | ୦.୨୮୦ | ୦.୧୩୦ | ନଟବର ସାହୁ, ପିତା– ପାଣ୍ଡୁ ଓଗେର | |
| ୯୩ | ୨୪୫ | ୨୬୬୩ | ୦.୨୯୦ | ୦.୨୯୦ | ନଟବର ଘୋଷ, ପିତା– କୁଶ ଓଗେର | |
| ୯୪ | | ୨୮୯୮ | ୦.୩୫୦ | ୦.୧୨୦ | ନଟବର ଘୋଷ, ପିତା– କୁଶ ଓଗେର | |
| ୯୫ | ୨୪୬ | ୮୪୧ | ୧.୦୨୦ | ୦.୨୦୦ | ନଟ ରାଉଳ, ପିତା– ପାଇଛ ଓଗେର | |
| ୯୬ | ୨୪୮ | ୩୧୯୦ | ୦.୨୦୦ | ୦.୨୦୦ | ନବକିଶୋର ସେନାପତି, ପିତା– ବାଇଧର ଓଗେର | |
| ୯୭ | ୨୫୦ | ୨୦୫୭ | ୦.୧୬୦ | ୦.୦୧୦ | ନରହରି ମଲିକ, ପିତା– ବାଳିଆ ଓଗେର | |
| ୯୮ | ୨୫୦ | ୩୨୧୭ | ୧.୦୭୦ | ୦.୨୫୦ | ନରହରି ମଲିକ, ପିତା– ବାଳିଆ ଓଗେର | |
| ୯୯ | ୨୬୭ | ୩୨୦୭ | ୦.୩୪୦ | ୦.୦୪୦ | ନାରଣ ସାହୁ, ପିତା– ଯୋଗି ସାହୁ | |
| ୧୦୦ | ୨୬୯ | ୩୧୯୦/ ୪୩୨୪ | ୦.୧୬୦ | ୦.୦୨୦ | ନାରଣ ମଲିକ, ପିତା– ବୁଦ୍ଧି ଓଗେର | |
| ୧୦୧ | ୨୭୪ | ୧୭୭୨ | ୦.୨୩୦ | ୦.୧୦୦ | ନିରଞ୍ଜନ ପ୍ରଧାନ, ପିତା– ହାଡିବନ୍ଧୁ ଓଗେର | |
| ୧୦୨ | | ୧୭୮୪ | ୦.୦୪୦ | ୦.୦୩୦ | ନିରଞ୍ଜନ ପ୍ରଧାନ, ପିତା– ହାଡିବନ୍ଧୁ ଓଗେର | |
| ୧୦୩ | | ୧୭୮୫ | ୦.୦୪୦ | ୦.୦୪୦ | ନିରଞ୍ଜନ ପ୍ରଧାନ, ପିତା– ହାଡିବନ୍ଧୁ ଓଗେର | |
| ୧୦୪ | | ୧୭୯୦ | ୦.୩୦୦ | ୦.୨୪୦ | ନିରଞ୍ଜନ ପ୍ରଧାନ, ପିତା– ହାଡିବନ୍ଧୁ ଓଗେର | |
| ୧୦୫ | | ୧୭୯୧ | ୦.୦୮୦ | ୦.୦୮୦ | ନିରଞ୍ଜନ ପ୍ରଧାନ, ପିତା– ହାଡିବନ୍ଧୁ ଓଗେର | |
| ୧୦୬ | | ୧୭୯୨ | ୦.୬୭୦ | ୦.୦୫୦ | ନିରଞ୍ଜନ ପ୍ରଧାନ, ପିତା– ହାଡିବନ୍ଧୁ ଓଗେର | |
| ୧୦୭ | ୨୮୦ | ୪୧୨୭ | ୦.୦୭୦ | ୦.୦୭୦ | ନୋହରା ବେହେରା, ପିତା– ନିତେଇ ଓଗେର | |
| ୧୦୮ | ୨୮୮ | ୨୭୩୨ | ୦.୪୬୦ | ୦.୨୪୦ | ପଠାଣି ସାହୁ, ପିତା–କାହ୍ନୁ ଚରଣ ଓଗେର | |
| ୧୦୯ | | ୩୨୦୯ | ୦.୮୦୦ | ୦.୨୦୦ | ପଠାଣି ସାହୁ, ପିତା–କାହ୍ନୁ ଚରଣ ଓଗେର | |
| ୧୧୦ | ୨୯୨ | ୧୭୭୫ | ୦.୧୧୦ | ୦.୦୨୦ | ପଦନ ପ୍ରଧାନ, ପିତା– ବାବାଜୀ ଓଗେର | |
| ୧୧୧ | | ୧୭୮୬/ ୪୨୪୭ | ୦.୦୫୦ | ୦.୦୫୦ | ପଦନ ପ୍ରଧାନ, ପିତା– ବାବାଜୀ ଓଗେର | |
| ୧୧୨ | | ୧୭୮୬ / ୪୨୪୮ | ୦.୦୬୦ | ୦.୦୬୦ | ପଦନ ପ୍ରଧାନ, ପିତା– ବାବାଜୀ ଓଗେର | |
| ୧୧୩ | ୨୯୪ | ୩୨୨୪ | ୧.୩୪୦ | ୦.୦୪୦ | ପଦନ ଆଏଚ, ପିତା– ହାଡବନ୍ଧୁ ଓଗେର | |
| ୧୧୫ | ୩୨୬ | ୧୯୫୧ | ୦.୧୮୦ | ୦.୦୨୦ | ପିତବାଶ ମଲିକ, ପିତା– ବାଳି | |
| ୧୧୬ | ୩୪୧ | ୨୧୨୪ | ୦.୨୩୦ | ୦.୧୨୦ | ବନମାଳୀ ବଳ, ପିତା– ତିଲ | |
| ୧୧୭ | | ୨୧୨୫ | ୦.୨୬୦ | ୦.୧୩୦ | ବନମାଳୀ ବଳ, ପିତା– ତିଲ | |
| ୧୧୮ | | ୨୧୨୬ | ୦.୧୮୦ | ୦.୦୪୦ | ବନମାଳୀ ବଳ, ପିତା– ତିଲ | |
| ୧୧୯ | | ୨୧୨୭ | ୦.୧୨୦ | ୦.୦୮୦ | ବନମାଳୀ ବଳ, ପିତା– ତିଲ | |
| ୧୨୦ | | ୨୧୨୯ | ୦.୧୫୦ | ୦.୦୩୦ | ବନମାଳୀ ବଳ, ପିତା– ତିଲ | |
| ୧୨୧ | | ୨୧୩୦ | ୦.୦୭୦ | ୦.୦୭୦ | ବନମାଳୀ ବଳ, ପିତା– ତିଲ | |
| ୧୨୨ | | ୨୧୩୧ | ୦.୦୫୦ | ୦.୦୫୦ | ବନମାଳୀ ବଳ, ପିତା– ତିଲ | |
| ୧୨୩ | ୩୪୪ | ୧୨୬୯ | ୧.୬୨୦ | ୦.୨୫୦ | ବଂଶୀଧର ବଳ, ପିତା– ଶୁକଦେବ ଓଗେର | |
| ୧୨୪ | ୩୪୭ | ୨୭୯୩ | ୦.୧୪୦ | ୦.୦୧୦ | ବ୍ରହ୍ମାନନ୍ଦ ଆଏଚ, ପିତା– ଗୁଣନିଧି | |
| ୧୨୫ | ୩୫୦ | ୧୭୬୯ | ୦.୭୫୦ | ୦.୪୨୦ | ବାଇନ ବେହେରା, ପିତା– ଶୁକ୍ଳୁଟା ଓଗେର | |
| ୧୨୬ | ୩୫୨ | ୨୬୬୪ | ୦.୪୫୦ | ୦.୧୧୦ | ବାଇଧର ଘୋଷ, ପିତା–କୁଶ ଓଗେର | |
| ୧୨୭ | ୩୫୭ | ୧୮୨୧ | ୮.୨୦୦ | ୩.୦୫୦ | ବାଉରିବନ୍ଧୁ ସାହୁ, ପିତା–ଶିକାର ଓଗେର | |
| ୧୨୮ | | ୧୮୨୨ | ୪.୨୫୦ | ୦.୮୯୦ | ବାଉରିବନ୍ଧୁ ସାହୁ, ପିତା–ଶିକାର ଓଗେର | |
| ୧୨୯ | | ୧୨୫୨/୪୨୫୧ | ୪.୧୦୦ | ୦.୩୬୦ | ବାଉରିବନ୍ଧୁ ସାହୁ, ପିତା–ଶିକାର ଓଗେର | |
| ୧୩୦ | ୩୬୫ | ୨୬୧୭ | ୦.୩୯୦ | ୦.୦୮୦ | ବାବାଜୀ ବାରିକ,ପିତା–ଯୋଗି ଓଗେର | |
| ୧୩୧ | ୩୬୮ | ୨୬୪୦ | ୦.୨୮୦ | ୦.୨୪୦ | ବାବାଜୀ ସାହୁ, ପିତା–ଧନେଶ୍ୱର ଓଗେର | |
| ୧୩୨ | ୩୭୨ | ୩୩୭ | ୦.୧୨୦ | ୦.୧୨୦ | ବାବାଜୀ ରାଉତ, ପିତା–ରଘୁ ରାଉତ | |
| ୧୩୩ | ୩୭୬ | ୫୧୧ | ୦.୨୦୦ | ୦.୦୯୦ | ବାବାଜୀ ଭଞ୍ଜ, ପିତା–ଭରତ ଓଗେର | |
| ୧୩୪ | | ୫୧୨ | ୦.୭୧୦ | ୦.୩୨୦ | ବାବାଜୀ ଭଞ୍ଜ, ପିତା–ଭରତ ଓଗେର | |
| ୧୩୫ | | ୩୨୧୨ | ୦.୪୩୦ | ୦.୧୧୦ | ବାବାଜୀ ଭଞ୍ଜ, ପିତା–ଭରତ ଓଗେର | |
| ୧୩୬ | ୩୮୩ | ୩୩୮ | ୦.୭୮୦ | ୦.୭୨୦ | ବାସୁଦେବ ଆଏଚ, ପିତା–ନିଧି | |
| ୧୩୭ | | ୨୬୬୨ | ୦.୧୦୦ | ୦.୦୫୦ | ବାସୁଦେବ ଆଏଚ, ପିତା–ନିଧି | |
| ୧୩୮ | | ୨୭୨୬ | ୦.୨୫୦ | ୦.୨୨୦ | ବାସୁଦେବ ଆଏଚ, ପିତା–ନିଧି | |
| ୧୩୯ | | ୩୨୦୧ | ୦.୮୦୦ | ୦.୧୮୦ | ବାସୁଦେବ ଆଏଚ, ପିତା–ନିଧି | |
| ୧୪୦ | ୩୮୭ | ୨୭୩୧ | ୦.୧୫୦ | ୦.୧୫୦ | ବାସୁଦେବ ଆଏଚ, ପିତା–ନିଧି ଓଗେର | |
| ୧୪୧ | | ୨୭୭୬ | ୦.୧୧୦ | ୦.୦୧୦ | ବାସୁଦେବ ଆଏଚ, ପିତା–ନିଧି ଓଗେର | |
| ୧୪୨ | ୩୯୨ | ୨୬୯୦ | ୦.୧୦୦ | ୦.୦୫୦ | ବ୍ରାହ୍ମଣୀ ବେହେରା, ପିତା–କିଶା | |
| ୧୪୩ | | ୨୬୯୨ | ୦.୨୩୦ | ୦.୦୭୦ | ବ୍ରାହ୍ମଣୀ ବେହେରା, ପିତା–କିଶା | |
| ୧୪୪ | ୪୦୭ | ୨୭୯୧ | ୦.୪୪୦ | ୦.୦୪୦ | ବେଣୁଧର ଆଏଚ, ପିତା–ପଠାଣି | |
| ୧୪୫ | ୪୧୨ | ୨୦୫୧ | ୦.୦୯୦ | ୦.୦୯୦ | ବୈଷ୍ଣବ ପ୍ରଧାନ, ପିତା–କାର୍ତ୍ତିକ ଓଗେର | |
| ୧୪୬ | ୪୩୪ | ୩୪୧ | ୦.୭୧୦ | ୦.୩୪୦ | ଭାସ୍କର ମଲିକ, ପିତା–ବାନା ଓଗେର | |
| ୧୪୭ | | ୩୪୩ | ୧.୬୯୦ | ୦.୪୪୦ | ଭାସ୍କର ମଲିକ, ପିତା–ବାନା ଓଗେର | |
| ୧୪୮ | ୪୩୭ | ୨୭୩୩ | ୦.୨୬୦ | ୦.୧୪୦ | ଭାସ୍କର ସାହୁ, ପିତା–ଈଶ୍ୱର | |
| ୧୪୯ | ୪୪୦ | ୩୩୯ | ୦.୧୨୦ | ୦.୧୨୦ | ଭାସ୍କର ସାହୁ, ପିତା–ନାରଣ ଓଗେର | |
| ୧୫୦ | | ୩୪୦ | ୦.୧୦୦ | ୦.୧୦୦ | ଭାସ୍କର ସାହୁ, ପିତା–ନାରଣ ଓଗେର | |
| ୧୫୧ | | ୩୧୮୭ | ୦.୨୫୦ | ୦.୦୯୦ | ଭାସ୍କର ସାହୁ, ପିତା–ନାରଣ ଓଗେର | |
| ୧୫୨ | | ୩୨୨୨/୪୩୧୭ | ୦.୧୪୦ | ୦.୧୦୦ | ଭାସ୍କର ସାହୁ, ପିତା–ନାରଣ ଓଗେର | |
| ୧୫୩ | | ୩୫୬/୪୩୧୪ | ୦.୪୨୦ | ୦.୨୮୦ | ଭାସ୍କର ସାହୁ, ପିତା–ନାରଣ ଓଗେର | |
| ୧୫୪ | | ୩୫୬/୪୩୧୫ | ୧.୦୦୦ | ୦.୧୬୦ | ଭାସ୍କର ସାହୁ, ପିତା–ନାରଣ ଓଗେର | |
| ୧୫୫ | ୪୪୬ | ୩୨୧୬ | ୦.୧୦୦ | ୦.୦୭୦ | ମକର ମଲିକ, ପିତା–ଦାସ ମଲିକ | |

## ସଂକ୍ଷେପରେ

### କେନ୍ଦ୍ରାପଡ଼ା: ମହିଳା କର୍ମଚାରୀଙ୍କୁ ଅସଦାଚରଣ ମାମଲା

## ପୀଡ଼ିତାଙ୍କୁ ଭେଟିଲେ ରାଜ୍ୟ ଭାଜପା ମହିଳା ମୋର୍ଚ୍ଚା ସଭାନେତ୍ରୀ

**ମହାକାଳପଡା,୫।୧୧(ଡି.ଏନ.ଏ.):** ଜଣେ ମହିଳା କର୍ମଚାରୀଙ୍କୁ ଅସଦାଚରଣ କରିବା ମାମଲାରେ କେନ୍ଦ୍ରାପଡା କ୍ରେଡିଟ କୋଅପରେଟିଭ ସୋସାଇଟି ସଭାପତି ପ୍ରମୋଦ ସାହୁ ସୋମବାର ଗିରଫ ହୋଇ ବାରିମୂଳ ଜେଲ ଯାଇଛନ୍ତି। ଏହି ପରିପ୍ରେକ୍ଷୀରେ ରାଜ୍ୟ ଭାଜପା ମହିଳା ମୋର୍ଚ୍ଚା ସଭାନେତ୍ରୀ ପ୍ରଭାତୀ ପରିଡା ମଙ୍ଗଳବାର ସଂପୃକ୍ତା ମହିଳା କର୍ମଚାରୀଙ୍କ ବାସଭବନକୁ ଯାଇ ଘଟଣା ନେଇ ପଚାରି ବୁଝିଛନ୍ତି। ଅପରାହ୍ନ ପ୍ରାୟ ସାଢେ ଗୋଟାଏ ବେଳେ ସଭାନେତ୍ରୀ ପରିଡା, ଜିଲା ଭାଜପା ସଭାପତି ଦୁର୍ଯ୍ୟୋଧନ ସାହୁ, ମମତା ସାମଲଙ୍କ ସମେତ ଅନ୍ୟ ମହିଳା ନେତ୍ରୀମାନେ ପୀଡିତାଙ୍କ ମହାକାଳପଡା ବ୍ଲକ ରାଜଗଡ ଅଞ୍ଚଳର ବାସଭବନକୁ ଯାଇ ଭେଟିଥିଲେ। ସେମାନେ ୧ ଘଣ୍ଟା କାଳ ରହି ପୀଡିତା ଓ ତାଙ୍କ ପରିବାର ସଦସ୍ୟଙ୍କଠାରୁ ଘଟଣାକୁ ନେଇ ଉପୁଜିଥିବା ସମସ୍ୟା ସମ୍ପର୍କରେ ବୁଝାବୁଝି କରିଥିଲେ। ସୂଚନାଯୋଗ୍ୟ ଯେ, ମହିଳା କର୍ମଚାରୀ ଜଣକ କେନ୍ଦ୍ରାପଡା କ୍ରେଡିଟ କୋଅପରେଟିଭ ସୋସାଇଟିରେ କାମ କରୁଥିଲେ। ସୋସାଇଟି ସଭାପତି ସାହୁ ତାଙ୍କୁ ଅସଦାଚରଣ କରିବା, ଧମକ ଦେବା ଆଦି ଅଭିଯୋଗ ହେବା ପରେ ପୋଲିସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା।

### ଏନ୍‌ଏସ୍‌ଏସ୍ ରାଜ୍ୟ ଉପଦେଷ୍ଟା ମଣ୍ଡଳୀ ବୈଠକ

# ଚଳିତବର୍ଷ ୧୯,୫୦୦ ସ୍ୱେଚ୍ଛାସେବୀ ବୃଦ୍ଧି ପାଇଁ କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ

**ଭୁବନେଶ୍ୱର, ୫।୧୧(ବ୍ୟୁରୋ)**

ରାଜ୍ୟରେ ବର୍ତ୍ତମାନ ଜାତୀୟ ସେବା ଯୋଜନା(ଏନ୍‌ଏସ୍‌ଏସ୍)ରେ ମୋଟ ୧,୧୫,୫୦୦ ସ୍ୱେଚ୍ଛାସେବୀ ରହିଛନ୍ତି। ତେବେ ଚଳିତବର୍ଷ ୧୯,୫୦୦ ଅଧିକ ସ୍ୱେଚ୍ଛାସେବୀ ବୃଦ୍ଧି କରିବା ଲାଗି କେନ୍ଦ୍ର ସରକାରଙ୍କୁ ରାଜ୍ୟ ସରକାର ପ୍ରସ୍ତାବ ଦେଇଛନ୍ତି। ଏନ୍‌ଏସ୍‌ଏସ୍ ରାଜ୍ୟ ଉପଦେଷ୍ଟା ମଣ୍ଡଳୀ ବୈଠକରେ ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ ଏହି ସୂଚନା ଦେଇଛନ୍ତି। ମଙ୍ଗଳବାର ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ବୈଠକରେ ମନ୍ତ୍ରୀ ଅଧ୍ୟକ୍ଷତା କରି କହିଥିଲେ ଯେ, ରାଜ୍ୟରେ ଅଧିକରୁ ଅଧିକ ଛାତ୍ରୀଛାତ୍ର କିପରି ଆଗ୍ରହର ସହ ଏନ୍‌ଏସ୍‌ଏସ୍‌ରେ ଯୋଗଦେବେ, ସେନେଇ ଶିକ୍ଷାନୁଷ୍ଠାନଗୁଡ଼ିକରେ ଏନ୍‌ଏସ୍‌ଏସ୍‌କୁ ଅଧିକ କ୍ରିୟାଶୀଳ କରିବା ଦିଗରେ ପଦକ୍ଷେପ ନିଆଯିବ।




ଏନ୍‌ଏସ୍‌ଏସ୍ ରାଜ୍ୟ ଉପଦେଷ୍ଟା ମଣ୍ଡଳୀ ବୈଠକରେ ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ ଏବଂ ଅନ୍ୟମାନେ।

ଚଳିତବର୍ଷ ଏନ୍‌ଏସ୍‌ଏସ୍ ପ୍ରତିଷ୍ଠାର ସୁବର୍ଣ୍ଣ ଜୟନ୍ତୀ ଓ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ପାଳନ ଉପଲକ୍ଷେ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯିବ। ପ୍ରତ୍ୟେକ ଜାତୀୟ ସେବା ଯୋଜନା ଶିବିରରେ ଗାନ୍ଧୀକଥା ଆଲୋଚନା କରାଯିବ। ଏହା ଦ୍ୱାରା ଛାତ୍ରୀଛାତ୍ରମାନେ ଗାନ୍ଧିଜୀଙ୍କ ବିଚାରଧାରାରେ ପ୍ରଭାବିତ ହେବେ ବୋଲି ମନ୍ତ୍ରୀ କହିଛନ୍ତି।

ବିଭିନ୍ନ ଶିକ୍ଷାନୁଷ୍ଠାନରେ ଏନ୍‌ଏସ୍‌ଏସ୍ ଦାୟିତ୍ୱରେ ଥିବା ନୂତନ ପ୍ରୋଗ୍ରାମ ଅଫିସରମାନଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆସନ୍ତା ୧୫ତାରିଖରୁ ଆରମ୍ଭ କରାଯିବାକୁ ବୈଠକରେ ସ୍ଥିର ହୋଇଛି। ଏହାସହ ବିଶ୍ୱବିଦ୍ୟାଳୟଗୁଡ଼ିକ ପକ୍ଷରୁ ଏନ୍‌ଏସ୍‌ଏସ୍ ବ୍ୟୁରୋଗୁଡ଼ିକରେ ଖାଲିଥିବା ପ୍ରୋଗ୍ରାମ କୋଅର୍ଡିନେଟର ନିୟୋଜିତ କରିବା ପାଇଁ ମଧ୍ୟ ସ୍ଥିର କରାଯାଇଛି। ବୈଠକରେ ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ସାମାଜିକ ବାର୍ତ୍ତା ବହନ କରୁଥିବା ବୃତ୍ତଚିତ୍ର ମହାବିଦ୍ୟାଳୟ ସ୍ତରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରଦର୍ଶନ, ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା, ଜାତୀୟ ଓ ଅନ୍ୟ ସେବା ଶିବିର ଆଦିରେ ଯୋଗଦେଇଥିବା ସ୍ୱେଚ୍ଛାସେବୀଙ୍କୁ ପ୍ରୋତ୍ସାହନ ନମ୍ବର ଦେବା ଓ ଗଣତନ୍ତ୍ର ଦିବସ ପୂର୍ବ ଶିବିର ଓ ଗଣତନ୍ତ୍ର ଦିବସ ଶିବିରରେ ଯୋଗଦେବା ଯୋଗୁ ପରୀକ୍ଷାରୁ ବଞ୍ଚିତ ହେଉଥିବା ସ୍ୱେଚ୍ଛାସେବୀଙ୍କ ନିମନ୍ତେ ସ୍ୱତନ୍ତ୍ର ପରୀକ୍ଷାର ବ୍ୟବସ୍ଥା, ସମସ୍ତ ମହାବିଦ୍ୟାଳୟରେ ସେଲ୍‌ଫ ଫାଇନାନ୍ସିଂ ମାଧ୍ୟମରେ ଜାତୀୟ ସେବା ଯୋଜନା ଖୋଲାଯିବା, ଏନ୍‌ଏସ୍‌ଏସ୍‌ରେ ଉଲ୍ଲେଖନୀୟ କାର୍ଯ୍ୟ ନିମନ୍ତେ ପୁରସ୍କାର ପ୍ରଦାନ ଆଦି ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା। ଉଚ୍ଚଶିକ୍ଷା ବିଭାଗ ଶାସନ ସଚିବ ଶାଶ୍ୱତ ମିଶ୍ର, ନିର୍ଦ୍ଦେଶକ ଅଶ୍ୱିନୀ କୁମାର ମିଶ୍ର, ଭାରତ ସରକାରଙ୍କ ଏନ୍‌ଏସ୍‌ଏସ୍ ଆଞ୍ଚଳିକ ନିର୍ଦ୍ଦେଶିକା ସରିତା ପଟେଲ୍, ଉଚ୍ଚଶିକ୍ଷା ବିଭାଗ ରାଜ୍ୟ ଜାତୀୟ ସେବା ଯୋଜନା ଅଧିକାରୀ ତଥା ଉପଶାସନ ସଚିବ ଡ. ସୁରେଖା ସୁନ୍ଦରୀ ସ୍ୱାଇଁଙ୍କ ସମେତ ସମସ୍ତ ବିଶ୍ୱବିଦ୍ୟାଳୟ, ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ କୋଅର୍ଡିନେଟର ପ୍ରମୁଖ ବୈଠକରେ ଯୋଗଦେଇଥିଲେ।

### ଅର୍ଥ ତତ୍ତ୍ୱ ଚିଟ୍‌ଫଣ୍ଡ ଠକେଇ ମାମଲା

# ଅନ୍ୟତମ ଅଭିଯୁକ୍ତ ଗିରଫ

- ୩୫ ଲକ୍ଷ ଟଙ୍କା ଠକି ଫେରାର ଥିଲେ
- ପ୍ରଦୀପ ସେଠୀଙ୍କୁ ରିମାଣ୍ଡରେ ନେବ ପୋଲିସ



ପବିତ୍ର ଦାସ

**ପାରାଦୀପ,୫।୧୧(ସ୍ୱ.ପ୍ର.)**

ରାଜ୍ୟର ବହୁଚର୍ଚ୍ଚିତ ଅର୍ଥ ତତ୍ତ୍ୱ(ଏଟି ଗ୍ରୁପ୍)ଚିଟ୍‌ଫଣ୍ଡ ଠକେଇର ଅନ୍ୟତମ ଅଭିଯୁକ୍ତ ପବିତ୍ର ଦାସଙ୍କୁ ମଙ୍ଗଳବାର ପାରାଦୀପ ଅଭୟଚାନ୍ଦପୁର ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ପବିତ୍ରଙ୍କ ଘର ଏହି ଥାନା ଅଧୀନ ରଙ୍ଗିଆଗଡ଼ ଗ୍ରାମରେ। ସେ ୨୦୧୪ ଜୁନ୍ ୧୦ରୁ ଫେରାର ଥିଲେ। ପବିତ୍ରଙ୍କୁ ଗିରଫ ପରେ ଏଟି ଗ୍ରୁପ୍‌ର ମୁଖ୍ୟ ପ୍ରଦୀପ ସେଠୀଙ୍କୁ ଅଭୟଚାନ୍ଦପୁର ପୋଲିସ ରିମାଣ୍ଡରେ ନେବ ବୋଲି ପାରାଦୀପ ଏଏସ୍‌ପି ବିଷ୍ଣୁଚରଣ ମିଶ୍ର କହିଛନ୍ତି।

ସୂଚନାଯୋଗ୍ୟ, ୨୦୧୪ରେ ପାରାଦୀପରେ ପ୍ରସ୍ତାବିତ ପ୍ଲାଷ୍ଟିକ୍ ପାର୍କ ଶିଳ୍ପ ପାଇଁ ଜମି ଅଧିଗ୍ରହଣ ହୋଇଥିଲା। ଇଡ୍‌କୋ ପକ୍ଷରୁ କରାଯାଇଥିବା ଅଧିଗ୍ରହଣ ବେଳେ ରଙ୍ଗିଆଗଡ଼ ଗ୍ରାମର ଅନେକ ଲୋକ ଜମି ହରାଇଥିଲେ। ପ୍ରତି ବଦଳରେ ସେମାନଙ୍କୁ ଟଙ୍କା ମିଳିଥିଲା। ସେହି ଜମିହରାଙ୍କୁ ପବିତ୍ର ଟାର୍ଗେଟ କରି ଅର୍ଥତତ୍ତ୍ୱ ଓ ମାଗ୍‌ମା ଫାଇନାନ୍ସରେ ଟଙ୍କା ଜମା କରିବା ପାଇଁ ପରାମର୍ଶ ଦେଇଥିଲେ। ୩ ବର୍ଷରେ ଦୁଇ ଗୁଣ ଅର୍ଥ ମିଳିବା ଆଶାରେ ସେତେବେଳେ ୧୧ଜଣ ଲୋକ ପ୍ରାୟ ୩୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ପବିତ୍ରଙ୍କୁ ଦେଇଥିଲେ। ସେମାନେ ହେଲେ ରଙ୍ଗିଆଗଡ଼ ଗ୍ରାମର ରବି ବେହେରା, ଛବି ବେହେରା, ନୀର ବେହେରା, ଅଭୟ ବେହେରା, ସହଦେବ ବାରିକ୍, ତରୁଣ ମଲ୍ଲିକ, ଅକ୍ଷୟ ମଲ୍ଲିକ, ନିମାଇଁ ମଣ୍ଡଳ, ନକୁଳ ଦାସ, ଅନାମ ସେଠୀ, ଗୋପନ ମଲ୍ଲିକ। ପରେଟଙ୍କା ନ ମିଳିବାରୁ ରବି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୧୧୫/୧୪ରେ ମାମଲା ରୁଜୁ କରି ତଦନ୍ତ କରିଥିଲା। ଅଭିଯୁକ୍ତ ପବିତ୍ରଙ୍କ ସହ ତାଙ୍କ ମା'ସଲିଆ ଓ ବଡ଼ଭାଇ ଦିଲୀପଙ୍କ ନାମ ମଧ୍ୟ ଥିଲା। ଦିଲୀପ ଜଣେ ଆଇନଜୀବୀ ଥିବାରୁ ସେ ଓ ତାଙ୍କ ମା' ହାଇକୋର୍ଟରୁ ଆଗୁଆ ଜାମିନ ପାଇ ଗାଁରେ ଅଛନ୍ତି। ପବିତ୍ର ସେବେଠାରୁ ଫେରାର ଥିଲେ। ତାଙ୍କୁ ସୋମବାର ଭୁବନେଶ୍ୱରରୁ କଟକ ଯାଉଥିବା ବେଳେ ବାଟରେ ପୋଲିସ ଗିରଫ କରିଥିଲା ବୋଲି ଥାନାଧିକାରୀ ଯୁଗଳ କିଶୋର ଦାସ କହିଛନ୍ତି। ଏହାପରେ ତାଙ୍କର ବ୍ୟାଙ୍କ କାରବାର ଓ ଅନ୍ୟ ପ୍ରସଙ୍ଗରେ ପୋଲିସ ଯାଞ୍ଚ କରିବ। ସମସ୍ତ ଅର୍ଥକୁ ଅଭିଯୁକ୍ତ ପବିତ୍ର ଉପରୋକ୍ତ ଦୁଇ ସଂସ୍ଥାରେ ବିନିଯୋଗ କରିଥିଲେ। ପ୍ରତିବଦଳରେ ତାଙ୍କୁ କମିଶନ ମିଳୁଥିଲା ବୋଲି କହିଛନ୍ତି।

# ଡିସେମ୍ବର ୮ରୁ ଦିଲ୍ଲୀରେ ଶ୍ରୀଜଗନ୍ନାଥ ମହୋତ୍ସବ

### ବିଶ୍ୱ ଦରବାରରେ ଜଗନ୍ନାଥ ସଂସ୍କୃତିର ପ୍ରସାର ଉଦ୍ୟମ

**ଭୁବନେଶ୍ୱର, ୫।୧୧(ବ୍ୟୁରୋ)**

ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅପାର ମହିମାକୁ ବିଶ୍ୱ ଦରବାରରେ ପରିଚିତ କରିବା ଉଦ୍ଦେଶ୍ୟରେ ଦିଲ୍ଲୀରେ ଆୟୋଜିତ ହେବାକୁ ଯାଉଛି ଅନ୍ତର୍ଜାତୀୟ ଶ୍ରୀଜଗନ୍ନାଥ ମହୋତ୍ସବ। ଡିସେମ୍ବର ୮ରୁ ୧୩ ପର୍ଯ୍ୟନ୍ତ ହେବାକୁ ଥିବା ଏହି ମହୋତ୍ସବକୁ ପୁରୀ ଗଜପତି ଦିବ୍ୟସିଂହ ଦେବ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଦିଲ୍ଲୀ କଳିଙ୍ଗ ଭାରତୀ ଫାଉଣ୍ଡେଶନର ଶ୍ରୀଜଗନ୍ନାଥ ଚେତନା ସମବାୟ ସମିତି ପକ୍ଷରୁ ଭୁବନେଶ୍ୱରସ୍ଥିତ ଶ୍ରୀ ଜଗନ୍ନାଥ ସଂସ୍କୃତି ପରିଷଦ ଏବଂ ଆମେରିକାର ଏକ ଜଣାଶୁଣା ସଂସ୍ଥାର ମିଳିତ ଆନୁକୂଲ୍ୟରେ ଏହି ମହୋତ୍ସବ ଆୟୋଜିତ ହେବ। ଏହି ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ସଂସ୍କୃତି, ପରମ୍ପରା, ଐତିହ୍ୟ ଏବଂ ବିଭିନ୍ନ ପ୍ରଥାକୁ ନେଇ ବକ୍ତବ୍ୟ, ତର୍କ ଏବଂ ପ୍ରଦର୍ଶନୀର ଆୟୋଜନ କରାଯିବ। ସାରା ବିଶ୍ୱରୁ ୫୦ରୁ ଊର୍ଦ୍ଧ୍ୱ ଜଗନ୍ନାଥ ମନ୍ଦିର ଏବଂ ୨୦୦ରୁ ଊର୍ଦ୍ଧ୍ୱ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ଉକ୍ତ ମହୋତ୍ସବରେ ଯୋଗଦେବେ। କାର୍ଯ୍ୟକ୍ରମ ପାଇଁ ପୁରୀ ଶଙ୍କରାଚାର୍ଯ୍ୟ ନିଶ୍ଚଳାନନ୍ଦ ସରସ୍ୱତୀଙ୍କ ସହ ରାଷ୍ଟ୍ରପତି ରାମନାଥ କୋବିନ୍ଦ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ନିମନ୍ତ୍ରଣ କରାଯାଇଥିବା ଆୟୋଜକଙ୍କ ପକ୍ଷରୁ କୁହାଯାଇଛି। ଦିଲ୍ଲୀର ଛତ୍ରପୁରଠାରେ ଦୀର୍ଘ ୬ଦିନ ବ୍ୟାପୀ ଏହି ମହୋତ୍ସବ ଆୟୋଜିତ ହେବ ବୋଲି ସୂଚନା ଦିଆଯାଇଛି। ପ୍ରଭୁ ଶ୍ରୀଜଗନ୍ନାଥଙ୍କ ସଂସ୍କୃତି ଓ ପରମ୍ପରାକୁ ବିଶ୍ୱବାସୀଙ୍କ ସମ୍ମୁଖକୁ ଆଣିବା ଏହି ମହୋତ୍ସବର ପ୍ରମୁଖ ଉଦ୍ଦେଶ୍ୟ ହେବ ବୋଲି ଶ୍ରୀଜଗନ୍ନାଥ ସଂସ୍କୃତି ପରିଷଦ ସଭାପତି ଗୋପୀନାଥ ମହାନ୍ତି କହିଛନ୍ତି।



| କ୍ର. ନଂ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା (ଏକରରେ) | ପ୍ରକଳ୍ପ ପାଇଁ ଆବଶ୍ୟକୀୟ ରକବା | ରୟତର ନାମ | ମନ୍ତବ୍ୟ |
|---|---|---|---|---|---|---|
| ୧୫୬ | ୪୪୮ | ୨୮୯୭ | ୦.୭୨୦ | ୦.୩୮୦ | ମୁକୁନ୍ଦ ଚନ୍ଦ୍ର ସାହୁ, ପିତା-ନାରଣ ଓଗେର | |
| ୧୫୭ | ୪୫୪ | ୧୩୪୮ | ୦.୮୬୦ | ୦.୪୬୦ | ମଙ୍ଗୁଳି ବାରିକ, ପିତା-ଚଣ୍ଡାଳି | |
| ୧୫୮ | ୪୫୯ | ୨୦୫୦ | ୦.୨୧୦ | ୦.୧୨୦ | ମଧୁ ପ୍ରଧାନ, ପିତା-କାଶି ଓଗେର | |
| ୧୫୯ | ୪୮୩ | ୨୦୫୪/୪୫୪୭ | ୦.୧୬୦ | ୦.୦୮୦ | ମୁରଲୀ ସେଠୀ, ପିତା-ନିଧିଆ | |
| ୧୬୦ | ୪୮୪ | ୧୯୩୭ | ୦.୨୧୦ | ୦.୧୪୦ | ମୁରଲୀ ସେଠୀ, ପିତା-ପୁଣି ଓଗେର | |
| ୧୬୧ | ୪୯୨ | ୨୪୮୮ | ୦.୪୮୦ | ୦.୧୦୦ | ରଘୁନାଥ ବାରିକ, ପିତା-ଧନୀ | |
| ୧୬୨ | ୪୯୯ | ୨୭୭୪ | ୦.୨୨୦ | ୦.୦୬୦ | ରମାକାନ୍ତ ଆଏଚ, ପିତା-ନାରାୟଣ ଓଗେର | |
| ୧୬୩ | | ୩୧୮୫ | ୦.୦୮୦ | ୦.୦୮୦ | ରମାକାନ୍ତ ଆଏଚ, ପିତା-ନାରାୟଣ ଓଗେର | |
| ୧୬୪ | | ୩୧୮୬ | ୦.୫୪୦ | ୦.୦୩୦ | ରମାକାନ୍ତ ଆଏଚ, ପିତା-ନାରାୟଣ ଓଗେର | |
| ୧୬୫ | ୪୯୯ | ୩୧୯୦/୪୨୦୭ | ୦.୧୮୦ | ୦.୧୦୦ | ରମାକାନ୍ତ ଆଏଚ, ପିତା-ନାରାୟଣ ଓଗେର | |
| ୧୬୬ | ୫୦୩ | ୫୨୯ | ୦.୧୪୦ | ୦.୦୬୦ | ରାଜା ପାତ୍ର, ପିତା-ଗୌରଙ୍ଗ | |
| ୧୬୭ | ୫୦୭ | ୧୩୦୧ | ୦.୬୫୦ | ୦.୨୦୦ | ରାଜ କିଶୋର ସାହୁ, ପିତା-ସଦାନନ୍ଦ ଓଗେର | |
| ୧୬୮ | | ୩୪୬୦ | ୦.୨୬୦ | ୦.୦୧୦ | ରାଜ କିଶୋର ସାହୁ, ପିତା-ସଦାନନ୍ଦ ଓଗେର | |
| ୧୬୯ | | ୩୪୬୦/୪୩୬୭ | ୦.୧୩୦ | ୦.୦୯୦ | ରାଜ କିଶୋର ସାହୁ, ପିତା-ସଦାନନ୍ଦ ଓଗେର | |
| ୧୭୦ | ୫୧୨ | ୫୧୯ | ୦.୪୫୦ | ୦.୩୬୦ | ରାଧୁ ସାହୁ, ପିତା-ଶ୍ରୀଧର ଓଗେର | |
| ୧୭୧ | | ୫୨୦ | ୦.୩୨୦ | ୦.୦୪୦ | ରାଧୁ ସାହୁ, ପିତା-ଶ୍ରୀଧର ଓଗେର | |
| ୧୭୨ | | ୫୨୪ | ୦.୧୮୦ | ୦.୦୨୦ | ରାଧୁ ସାହୁ, ପିତା-ଶ୍ରୀଧର ଓଗେର | |
| ୧୭୩ | | ୫୨୫ | ୦.୨୨୦ | ୦.୧୦୦ | ରାଧୁ ସାହୁ, ପିତା-ଶ୍ରୀଧର ଓଗେର | |
| ୧୭୪ | | ୫୨୬ | ୦.୨୯୦ | ୦.୨୩୦ | ରାଧୁ ସାହୁ, ପିତା-ଶ୍ରୀଧର ଓଗେର | |
| ୧୭୫ | ୫୧୨ | ୫୨୭ | ୦.୦୫୦ | ୦.୦୫୦ | ରାଧୁ ସାହୁ, ପିତା-ଶ୍ରୀଧର ଓଗେର | |
| ୧୭୬ | | ୫୨୮ | ୦.୦୪୦ | ୦.୦୪୦ | ରାଧୁ ସାହୁ, ପିତା-ଶ୍ରୀଧର ଓଗେର | |
| ୧୭୭ | | ୨୬୪୭ | ୦.୧୫୦ | ୦.୦୭୦ | ରାଧୁ ସାହୁ, ପିତା-ଶ୍ରୀଧର ଓଗେର | |
| ୧୭୮ | ୫୧୪ | ୧୭୭୦ | ୦.୬୦୦ | ୦.୨୫୦ | ରାମ ପ୍ରଧାନ, ପିତା-ବିଦ୍ୟାଧର ଓଗେର | |
| ୧୭୯ | | ୧୭୭୩ | ୦.୧୬୦ | ୦.୧୩୦ | ରାମ ପ୍ରଧାନ, ପିତା-ବିଦ୍ୟାଧର ଓଗେର | |
| ୧୮୦ | ୫୧୬ | ୧୪୫୭ | ୧.୪୩୦ | ୦.୦୪୦ | ରାମ ମଲିକ, ପିତା-ବିଶି ଓଗେର | |
| ୧୮୧ | | ୧୪୫୮ | ୦.୬୭୦ | ୦.୫୫୦ | ରାମ ମଲିକ, ପିତା-ବିଶି ଓଗେର | |
| ୧୮୨ | | ୧୪୬୦ | ୦.୨୫୦ | ୦.୨୫୦ | ରାମ ମଲିକ, ପିତା-ବିଶି ଓଗେର | |
| ୧୮୩ | | ୧୫୧୧ | ୦.୨୯୦ | ୦.୨୨୦ | ରାମ ମଲିକ, ପିତା-ବିଶି ଓଗେର | |
| ୧୮୪ | ୫୧୭ | ୧୪୫୧ | ୧.୦୪୦ | ୦.୩୦୦ | ରାମ ମଲିକ, ପିତା-ବିଶି ଓଗେର | |
| ୧୮୫ | ୫୧୭ | ୧୪୫୨ | ୦.୫୫୦ | ୦.୧୧୦ | ରାମ ମଲିକ, ପିତା-ବିଶି ଓଗେର | |
| ୧୮୬ | | ୧୪୫୩ | ୦.୪୧୦ | ୦.୦୩୦ | ରାମ ମଲିକ, ପିତା-ବିଶି ଓଗେର | |
| ୧୮୭ | ୫୨୧ | ୨୬୬୧ | ୦.୩୮୦ | ୦.୦୭୦ | ଲକ୍ଷ୍ମଣ ବେହେରା, ପିତା-ପରିକ୍ଷିତ | |
| ୧୮୮ | ୫୨୫ | ୨୦୫୫ | ୦.୦୫୦ | ୦.୦୨୦ | ଲକ୍ଷ୍ମଣ ମଲିକ, ପିତା-ରସିକ | |
| ୧୮୯ | ୫୩୦ | ୨୯୪୫ | ୦.୪୫୦ | ୦.୦୨୦ | ଲକ୍ଷ୍ମିଧର ସାହୁ, ପିତା-କୁଞ୍ଜ ଓଗେର | |
| ୧୯୦ | ୫୫୧ | ୧୦୬୦ | ୧.୫୬୦ | ୦.୦୩୦ | ସନାତନ ବେହେରା, ପିତା-ନିଧି | |
| ୧୯୧ | ୫୫୫ | ୨୬୧୬ | ୦.୨୨୦ | ୦.୨୦୦ | ସପନି ବେହେରା, ପିତା-ପୁଣିଆ ଓଗେର | |
| ୧୯୨ | | ୩୪୬୨/୪୨୧୮ | ୦.୦୫୦ | ୦.୦୧୦ | ସପନି ବେହେରା, ପିତା-ପୁଣିଆ ଓଗେର | |
| ୧୯୩ | ୫୫୬ | ୧୨୭୬ | ୦.୨୧୦ | ୦.୧୪୦ | ସବର ପ୍ରଧାନ, ପିତା-ଶ୍ୟାମ ଓଗେର | |
| ୧୯୪ | ୫୫୯ | ୨୧୪୨ | ୦.୧୨୦ | ୦.୦୯୦ | ଶ୍ୟାମ ରାଉତ, ପିତା-ଚନ୍ଦାଳି | |
| ୧୯୫ | | ୨୧୪୩ | ୦.୧୭୦ | ୦.୦୭୦ | ଶ୍ୟାମ ରାଉତ, ପିତା-ଚନ୍ଦାଳି | |
| ୧୯୬ | ୫୬୧ | ୨୧୨୩ | ୦.୨୬୦ | ୦.୦୧୦ | ସୀତା ପ୍ରଧାନ, ସ୍ୱା-ବଳକା ପ୍ରଧାନ | |
| ୧୯୭ | ୫୬୨ | ୧୯୪୭ | ୦.୪୦୦ | ୦.୦୧୦ | ସୀତା ପ୍ରଧାନ, ସ୍ୱା-ବଳକା ପ୍ରଧାନ ଓଗେର | |
| ୧୯୮ | ୫୬୩ | ୨୬୩୮ | ୦.୨୯୦ | ୦.୦୮୦ | ସୀତା ପ୍ରଧାନ, ସ୍ୱା-ବୁଦ୍ଧି ପ୍ରଧାନ ଓଗେର | |
| ୧୯୯ | ୫୭୦ | ୩୧୭୯ | ୦.୧୯୦ | ୦.୦୯୦ | ଶ୍ରୀପତି ଆଏଚ, ପିତା-କୃତିବାସ ଓଗେର | |
| ୨୦୦ | ୫୭୩ | ୨୬୪୧ | ୦.୧୭୦ | ୦.୦୬୦ | ଶୁକଦେବ ସାହୁ, ପିତା-ଚୈତନ୍ୟ ଓଗେର | |
| ୨୦୧ | ୫୭୮ | ୩୨୦୬ | ୦.୫୧୦ | ୦.୧୧୦ | ସୁନ୍ଦରୀ ମାଝି, ପିତା-ହୃଷି ତରେଇ ଓଗେର | |
| ୨୦୨ | ୫୮୭ | ୨୦୫୪ | ୦.୧୫୦ | ୦.୦୯୦ | ସେଣ୍ଠ ମଲିକ, ପିତା-ଗୋବିନ୍ଦ | |
| ୨୦୩ | | ୨୦୫୮ | ୦.୦୭୦ | ୦.୦୭୦ | ସେଣ୍ଠ ମଲିକ, ପିତା-ଗୋବିନ୍ଦ | |
| ୨୦୪ | ୫୮୭ | ୨୫୬୦ | ୦.୩୫୦ | ୦.୧୫୦ | ସେଣ୍ଠ ମଲିକ, ପିତା-ଗୋବିନ୍ଦ | |
| ୨୦୫ | ୫୯୩ | ୨୧୨୨ | ୦.୭୨୦ | ୦.୩୨୦ | ହନୁ ଜେନା, ପିତା-ଛେମା ଓଗେର | |
| ୨୦୬ | ୬୦୨ | ୩୧୮୯ | ୦.୨୬୦ | ୦.୦୬୦ | ହାଡି ମଲିକ, ପିତା-ସାଧୁ ଓଗେର | |
| ୨୦୭ | ୬୦୭ | ୧୮୩୦ | ୧.୨୦୦ | ୦.୦୬୦ | ହିରଣ୍ୟ ପ୍ରଧାନ, ପିତା-ଗଙ୍ଗାଧର ଓଗେର | |
| ୨୦୮ | | ୨୫୭୨/୪୨୭୮ | ୦.୧୦୦ | ୦.୦୬୦ | ହିରଣ୍ୟ ପ୍ରଧାନ, ପିତା-ଗଙ୍ଗାଧର ଓଗେର | |
| ୨୦୯ | ୬୦୮ | ୧୮୧୮ | ୦.୪୫୦ | ୦.୦୪୦ | ହିରଣ୍ୟ ପ୍ରଧାନ, ପିତା-ଗଙ୍ଗାଧର ଓଗେର | |
| ୨୧୦ | | ୧୮୧୯/୪୨୭୦ | ୦.୧୧୦ | ୦.୦୧୦ | ହିରଣ୍ୟ ପ୍ରଧାନ, ପିତା-ଗଙ୍ଗାଧର ଓଗେର | |
| ୨୧୧ | | ୧୮୨୧/୪୨୭୧ | ୦.୩୦୦ | ୦.୨୬୦ | ହିରଣ୍ୟ ପ୍ରଧାନ, ପିତା-ଗଙ୍ଗାଧର ଓଗେର | |
| ୨୧୨ | ୬୧୦ | ୪୧୨୮ | ୦.୪୭୦ | ୦.୦୯୦ | ହୃଦାନନ୍ଦ ମଲିକ, ପିତା-ଭୋଳା | |
| ୨୧୩ | ୬୧୩ | ୧୨୫୮ | ୧.୮୬୦ | ୦.୭୧୦ | ହୃଷି ଖଟୁଆ, ପିତା-ଅଇଁଠୁ ଓଗେର | |
| ୨୧୪ | ୬୨୦ | ୨୧୩୨ | ୦.୨୦୦ | ୦.୦୧୦ | କପିଳ ପାତ୍ର, ପିତା-ମାଗୁଣି | |
| ୨୧୫ | ୬୧୫/୩୧ | ୨୬୬୩/୪୬୬୪ | ୦.୦୪୦ | ୦.୦୪୦ | ଆନନ୍ଦ ମାଝି, ପିତା-ଦର୍ଶନ | |
| ୨୧୬ | ୬୧୫/୮୫ | ୪୧୨୯/୪୧୭୮ /୪୭୨୦ | ୦.୨୦୦ | ୦.୦୮୦ | ଭଗବାନ ବେହେରା, ପିତା-ଚକ୍ରଧର ଓଗେର | |
| ୨୧୭ | ୬୧୫/୮୬ | ୪୧୩୦ | ୦.୫୦୦ | ୦.୦୮୦ | ଶିବ ବେହେରା, ପିତା | |
| ୨୧୮ | ୬୧୫/୯୭ | ୨୫୩୪ | ୦.୧୮୦ | ୦.୧୨୦ | ପିତବାଶ ପ୍ରଧାନ, ପିତା-ଦୁର୍ଯ୍ୟୋଧନ | |
| ୨୧୯ | ୬୧୫/୧୧୪ | ୩୨୨୦ | ୦.୩୩୦ | ୦.୧୨୦ | ଗଣେଶ୍ୱର ସେଠୀ, ପିତା-ପୂର୍ଣ୍ଣଚନ୍ଦ୍ର | |
| ୨୨୦ | ୬୧୫/୧୧୮ | ୩୧୮୦ | ୦.୯୦୦ | ୦.୧୩୦ | ଅଶ୍ୱିନୀ କୁମାର ଆଏଚ, ପିତା-ଚୈତନ୍ୟ | |
| ୨୨୧ | ୬୧୫/୧୨୩ | ୩୨୧୯ | ୦.୪୪୦ | ୦.୨୮୦ | ଫୁଲ ମହାଲିକ, ସ୍ୱା-ଗୁରି ଓଗେର | |
| ୨୨୨ | ୬୧୫/୧୪୦ | ୨୬୩୬ | ୦.୨୩୦ | ୦.୧୬୦ | ଚପଳା ଆଏଚ, ସ୍ୱା-ନିଳମଣି | |
| ୨୨୩ | ୬୧୫/୧୪୬ | ୧୩୯୬ | ୦.୭୨୦ | ୦.୨୦୦ | ଜଳଧର ପ୍ରଧାନ, ପିତା-କାଶି | |
| ୨୨୪ | ୬୧୫/୧୬୧ | ୨୬୧୪ | ୦.୩୯୦ | ୦.୦୪୦ | ରୂପ ବାରିକ, ପିତା-ଭାଇଗ ବାରିକ ଓଗେର | |
| ୨୨୫ | ୬୧୫/୧୭୪ | ୧୯୩୨ | ୦.୨୫୦ | ୦.୦୫୦ | ଧିରେନ୍ଦ୍ର ବେହେରା, ପିତା-ନୋହାର ଓଗେର | |
| ୨୨୬ | ୬୧୫/୧୮୧ | ୮୩୪ | ୦.୩୨୦ | ୦.୦୮୦ | ମଙ୍ଗୁଳି ସାମଲ, ପିତା-ପରି | |
| ୨୨୭ | ୬୧୫/୧୮୨ | ୧୦୧୫ | ୦.୬୮୦ | ୦.୧୮୦ | ନକୁଳ ତରେଇ, ପିତା-ବୃନ୍ଦାବନ ଓଗେର | |
| ୨୨୮ | ୬୧୫/୧୮୪ | ୨୦୫୯ | ୦.୧୪୦ | ୦.୦୫୦ | ସୁଦର୍ଶନ ପାତ୍ର, ପିତା-ମଧୁ | |
| ୨୨୯ | ୬୧୫/୧୯୨ | ୧୩୯୧/୪୮୧୭ | ୦.୦୮୦ | ୦.୦୮୦ | କରିଆ ତରେଇ, ପିତା-ହନୁ | |
| ୨୩୦ | ୬୧୫/୨୧୬ | ୨୬୫୮/୪୮୫୦ | ୦.୧୮୦ | ୦.୦୧୦ | ବିଦ୍ୟାଧର ସାହୁ, ପିତା-ଶିକଦେବ ଓଗେର | |
| ୨୩୧ | ୬୧୫/୨୨୬ | ୨୬୩୫ | ୦.୧୫୦ | ୦.୧୫୦ | ଯୋଗିନାଥ ବେହେରା, ପିତା-ବାବାଜୀ | |
| ୨୩୨ | ୬୧୫/୨୨୮ | ୩୧୮୪ | ୦.୨୯୦ | ୦.୨୯୦ | ଅମ୍ବିକା ଆଏଚ, ସ୍ୱା-ବିଦ୍ୟାଧର | |
| ୨୩୩ | ୬୧୫/୨୮୬ | ୨୬୪୬ | ୦.୧୭୦ | ୦.୧୨୦ | ଲକ୍ଷ୍ମିଧର ସାହୁ, ପିତା-କୁଞ୍ଜି | |
| ୨୩୪ | ୬୧୫/୩୨୧ | ୨୬୧୫ | ୦.୨୬୦ | ୦.୦୬୦ | କୈକେଇ ଦାସ, ପିତା-ବିଷ୍ଣୁ | |
| ୨୩୫ | ୬୧୫/୩୭୭ | ୨୪୯୧ | ୦.୧୩୦ | ୦.୦୧୦ | ଅଭିମନ୍ୟୁ ପାତ୍ର, ପିତା-ବାବାଜୀ | |
| ୨୩୬ | ୬୧୫/୩୯୨ | ୮୪୨ | ୦.୪୦୦ | ୦.୧୭୦ | ଜମ୍ଭେଶ୍ୱର ପ୍ରଧାନ, ପିତା-ମିଟୁ | |
| ୨୩୭ | ୬୧୫/୪୬୦ | ୨୦୫୩ | ୦.୨୦୦ | ୦.୦୩୦ | ଶ୍ରୀଧର ବେହେରା, ପିତା-କାହ୍ନୁ ଓଗେର | |
| ୨୩୮ | ୬୧୫/୪୯୬ | ୧୯୭୫ | ୦.୦୮୦ | ୦.୦୨୦ | ପିତବାଶ ପ୍ରଧାନ, ପିତା-ଦୁର୍ଯ୍ୟୋଧନ | |
| ୨୩୯ | ୬୧୫/୫୦୯ | ୨୫୭୨ | ୦.୧୦୦ | ୦.୦୭୦ | ସୋଲା ଖିଲାର, ସ୍ୱା-ଦିଲ୍ଲୀପ କୁମାର ଖିଲାର | |
| ୨୪୦ | | ୧୭୭୮ | ୦.୧୨୦ | ୦.୦୬୦ | ସୋଲା ଖିଲାର, ସ୍ୱା-ଦିଲ୍ଲୀପ କୁମାର ଖିଲାର | |
| ୨୪୧ | ୬୧୫/୬୨୩ | ୨୫୭୨/୪୨୭୭ | ୦.୧୦୦ | ୦.୦୫୦ | ଅଲେଖ ପ୍ରଧାନ, ପିତା-ଈଶ୍ୱର ଚନ୍ଦ୍ର | |
| ୨୪୨ | ୬୧୫/୬୫୩ | ୩୨୨୩ | ୦.୬୮୦ | ୦.୧୧୦ | ସୁଦାମ ଚରଣ ସାହୁ, ପିତା-ବନମାଳି | |
| ୨୪୩ | ୬୧୫/୬୬୪ | ୩୨୨୧ | ୦.୫୮୦ | ୦.୧୯୦ | ନିତ୍ୟାନନ୍ଦ ବେହେରା, ପିତା-ବାଉରି | |
| ୨୪୪ | ୬୧୫/୬୬୫ | ୪୧୨୭/୫୨୩୨ | ୦.୦୭୦ | ୦.୦୭୦ | ଗଣେଶ୍ୱର ତରେଇ, ପିତା-ଠୁକୁରା | |
| ୨୪୫ | ୬୧୫/୭୩୬ | ୩୨୦୮ | ୦.୧୦୦ | ୦.୦୭୦ | ରବି ସାହୁ, ପିତା-ନାରଣ | |
| ୨୪୬ | ୩୫୭ | ୧୮୨୨ | ୪.୨୫୦ | ୨.୩୩୦ | ବାଉରିବନ୍ଧୁ ସାହୁ, ପିତା-ଶିକାର | ଗୋଚର ଜମିପାଇଁ ସଂରକ୍ଷିତ |
| ୨୪୭ | ୨୨୧ | ୧ | ୪.୫୦୦ | ୦.୦୮୦ | ଦେଶ କୋଠ ସମସ୍ତ ଗ୍ରାମବାସୀ ପକ୍ଷ, ଦୂର୍ଗା ଚରଣ ମାଝି, ପିତା-ହାଡିବନ୍ଧୁ ଓଗେର | ହାଟପଡିଆ ଜମିପାଇଁ ସଂରକ୍ଷିତ |
| ୨୪୮ | ୨୧୧ | ୧୩ | ୭.୫୦୦ | ୦.୬୪୦ | ଦେଶ କୋଠ ସମସ୍ତ ଗ୍ରାମବାସୀ ପକ୍ଷ, ଦୂର୍ଗା ଚରଣ ମାଝି, ପିତା-ହାଡିବନ୍ଧୁ ଓଗେର | ଶିଳ୍ପ କାରଖାନା ଜମିପାଇଁ ସଂରକ୍ଷିତ |
| ୨୪୯ | ୨୧୧ | ୩୪୮ | ୨.୫୬୦ | ୨.୨୦୦ | ଦେଶ କୋଠ ସମସ୍ତ ଗ୍ରାମବାସୀ ପକ୍ଷ, ଦୂର୍ଗା ଚରଣ ମାଝି, ପିତା-ହାଡିବନ୍ଧୁ ଓଗେର | ବସ୍ତି ଯୋଗ୍ୟ ଜମିପାଇଁ ସଂରକ୍ଷିତ |
| ୨୫୦ | ୩୫୭ | ୧୮୨୧ | ୮.୨୦୦ | ୨.୦୫୦ | ବାଉରିବନ୍ଧୁ ସାହୁ, ପିତା-ଶିଖର ଓଗେର | ବସ୍ତି ଯୋଗ୍ୟ ଜମିପାଇଁ ସଂରକ୍ଷିତ |
| ୨୫୧ | ୩୫୭ | ୧୨୫୨/୪୨୫୧ | ୪.୧୦୦ | ୩.୪୪୦ | ବାଉରିବନ୍ଧୁ ସାହୁ, ପିତା-ଶିଖର ଓଗେର | ଯବାନ ଜମିପାଇଁ ସଂରକ୍ଷିତ |
| ୨୫୨ | | ୧୮୨୧ | ୮.୨୦୦ | ୨.୭୬୦ | ବାଉରିବନ୍ଧୁ ସାହୁ, ପିତା-ଶିଖର ଓଗେର | ଯବାନ ଜମିପାଇଁ ସଂରକ୍ଷିତ |
| | | | ମୋଟ | ୫୨.୨୪ | | |

ଗ୍ରାମର ମୋଟ ପ୍ଲଟ ସଂଖ୍ୟା: ୨୪୫ (ଦୁଇଶହ ପଇଁଚାଳିଶି) ମୋଟ ଅଧିଗୃହିତ ଜମି: ୫୨.୨୪ ଏକର

24001/14/0267/1920

## ସଂକ୍ଷେପରେ

### ବନ ବିଭାଗ ପକ୍ଷରୁ ମା' ଜଗଦ୍ଧାତ୍ରୀ ପୂଜା

ଜମନକିରା, ୫। ୧୧ (ଡି.ଏନ୍.ଏ.) ଜମନକିରା ବ୍ଲକ୍ ଭୋଜପୁରରେ ମଙ୍ଗଳବାର ବନ୍ୟପ୍ରାଣୀ ବନାଞ୍ଚଳ ପକ୍ଷରୁ ଜଗଦ୍ଧାତ୍ରୀ ପୂଜା ବଡ଼ଧୁମ୍‌ଧାମ୍‌ରେ ପାଳନ କରାଯାଇଛି। ଏଥିରେ ବାମରା ବନଖଣ୍ଡ ଅନ୍ତର୍ଗତ ଜମନକିରା ବନ୍ୟପ୍ରାଣୀ ବନାଞ୍ଚଳର ସମସ୍ତ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ମା' ଜଗଦ୍ଧାତ୍ରୀଙ୍କ ପୂଜାରେ କର୍ତ୍ତାଭାବେ ରେଞ୍ଜର ବେଦବ୍ୟାସ ପାତ୍ର ଓ ତାଙ୍କ ସହଧର୍ମିଣୀ ବସିଥିବା ବେଳେ ପୂଜକ ଭାବେ ପଣ୍ଡିତ ଚନ୍ଦ୍ରଭାନୁ ମହାପାତ୍ର ପୂଜାର୍ଚ୍ଚନା କରିଥିଲେ। ସୋମବାର କାର୍ତ୍ତିକ ଶୁକ୍ଳପକ୍ଷ ଅଷ୍ଟମୀ ବିଳମ୍ବିତ ରାତିରେ ଅଧିବାସ ହୋଇଥିଲା। ପୂର୍ବାହ୍ନରେ ସ୍ଥାନୀୟ ନଦୀରୁ କଳସରେ ପାଣି ଆଣି ମଣ୍ଡପରେ ସ୍ଥାପନ କରାଯାଇଥିଲା। ମଙ୍ଗଳବାର ଦିନ ତମାମ ପୂଜାର୍ଚ୍ଚନା କାର୍ଯ୍ୟ ଚାଲିଥିଲା। ମା'ଙ୍କ ପ୍ରାଣ ପ୍ରତିଷ୍ଠା ପରେ ଚଣ୍ଡିପାଠ, ହୋମ, ପୂର୍ଣ୍ଣାହୂତି, ପୁଷ୍ପାଞ୍ଜଳି ପରେ ପ୍ରସାଦ ସେବନ କରାଯାଇଥିଲା। ବିଳମ୍ବିତ ରାତି ପର୍ଯ୍ୟନ୍ତ ବିଭିନ୍ନ ସାଂସ୍କୃତିକ ଓ ମନୋରଞ୍ଜନ କାର୍ଯ୍ୟକ୍ରମ ଆଦି ପରିବେଷିତ ହୋଇଥିଲା। ମା'ଙ୍କ ଭଷାଣୀ ଯାତ୍ରା ବୁଧବାର ହେବ ବୋଲି ସ୍ଥିର ହୋଇଛି। ଫରେଷ୍ଟର ଦୀପକ ମହାନନ୍ଦ, ସୁନିତା ନାୟକ, ଖଗେଶ୍ୱର ପଧାନ, ଚନ୍ଦ୍ରଶେଖର ଭୋଇ, ଟିକନଚାନ୍ଦ ଚୌଧରୀ, ସମସ୍ତ ଫରେଷ୍ଟଗାର୍ଡ଼, ବିଟ୍ ଗାର୍ଡ଼, ବିଭିନ୍ନ ବନ ସୁରକ୍ଷା ସମିତିର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।

ଜିଲା ସନ୍ତରଣ ସଂଘର ପ୍ରସ୍ତୁତି ବୈଠକ

### ଡିସେମ୍ବର ୧ରେ ସ୍କୁଲ, କଲେଜ ସନ୍ତରଣ ପ୍ରତିଯୋଗିତା

ସମ୍ବଲପୁର, ୫।୧୧ (ବ୍ୟୁରୋ): ଜିଲାସ୍ତରୀୟ ସ୍କୁଲ ଓ କଲେଜ ସନ୍ତରଣ ପ୍ରତିଯୋଗିତା ଆସନ୍ତା ଡିସେମ୍ବର ୧ ତାରିଖ ଡା. ଝସକେତନ ସାହୁ ସୁଇମିଂ ପୁଲ୍‌ରେ ଅନୁଷ୍ଠିତ ହେବ। ଏ ନେଇ ଆୟୋଜକ ଜିଲାସନ୍ତରଣ ସଂଘର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଅକ୍ଷୟ ପ୍ରଧାନଙ୍କ ଅଧ୍ୟକ୍ଷତାରେ ବୈଠକ ହୋଇଥିଲା। ସମ୍ପାଦକ ସାଲେଗ୍ରାମ ଖୁଣ୍ଟିଆ ସୂଚନା ଦେଇ ଡା. ଝସକେତନ ସାହୁ ସ୍ମାରକୀ ଜିଲାସ୍ତରୀୟ ହାଇସ୍କୁଲ ଓ କଲେଜ ପ୍ରତିଯୋଗିତା ବିଷୟରେ କହିଥିଲେ। ପ୍ରତିଯୋଗିତାରେ ଭାଗ ନେବାକୁ ଇଚ୍ଛୁକ ସନ୍ତରଣବିତ୍‌ମାନେ ନଭେମ୍ବର ୨୫ ତାରିଖ ନାମ ପଞ୍ଜୀକରଣ କରିପାରିବେ ବୋଲି ବୈଠକରେ ସ୍ଥିର ହୋଇଛି। ଜିଲା କ୍ରୀଡା ଅଧିକାରୀ ଉପେନ୍ଦ୍ର ଶତପଥୀ, ସନ୍ତରଣ ପ୍ରଶିକ୍ଷକ ସୁରେନ୍ଦ୍ର ନାୟକ, ମନୋରଞ୍ଜନ ପାଢ଼ୀ, ଡ. ବିଜୟ କୁମାର ପ୍ରଧାନ, ବିଶ୍ୱମ୍ଭର ବହିଦାର, ରଣଜିତ ପୁରୋହିତ, ରାଜେଶ ମିଶ୍ର, ରଙ୍କନିଧି ସେଠ, ଗୋପିଚରଣ ବରାଡ ଆଲୋଚନାରେ ଭାଗ ନେଇଥିଲେ।

### ଶିକ୍ଷକ ଗୋପାଳ ପ୍ରସାଦ ପଣ୍ଡାଙ୍କ ହୃଦ୍‌ଘାତରେ ପରଲୋକ



ସମ୍ବଲପୁର, ୫।୧୧ (ବ୍ୟୁରୋ)- ରାଜ୍ୟର ଜଣାଶୁଣା ଖେଳ ଶିକ୍ଷକ ଗୋପାଳ ପ୍ରସାଦ ପଣ୍ଡାଙ୍କ ହୃଦଘାତରେ ପରଲୋକ ହୋଇଯାଇଛି। ତାଙ୍କୁ ୬୫ ବର୍ଷ ବୟସ ହୋଇଥିଲା। ମଙ୍ଗଳବାର କମଳୀବଜାର ରାଜଘାଟଠାରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଛି। ଏହି ଖବର ପ୍ରଚାରିତ ହେବାପରେ ସମ୍ବଲପୁର ସହରରେ ଶୋକର ଛାୟା ଖେଳି ଯାଇଛି। ସେ ନୃସିଂହଗୁରୁ ଟାଉନ ହାଇସ୍କୁଲରୁ ଖେଳ ଶିକ୍ଷକ ଭାବେ ଅବସର ନେଇଥିଲେ। ସମ୍ବଲପୁର ଜିଲା କ୍ରୀଡା ସଂଘର ସଭ୍ୟ, ଗୋବିନ୍ଦତୋଲା ୟୁନିୟନ ସ୍ପୋର୍ଟିଂର ସଭାପତି ଭାବେ କାର୍ଯ୍ୟ କରିଛନ୍ତି।

■ଜାତୀୟ ବହୁଭାଷୀ ନାଟ୍ୟ ଉତ୍ସବର ଚତୁର୍ଥ ସନ୍ଧ୍ୟାରେ ବଙ୍ଗଳା ନାଟକ ଉପଲ ଭାଦୁଡ଼ି ମଞ୍ଚସ୍ଥ

# ମଞ୍ଚରେ ସଂଘର୍ଷମୟ ଜୀବନ କାହାଣୀ



ମଙ୍ଗଳବାର ସମ୍ବଲପୁର ଝାଡୁଆପଡା ଆରଣ୍ୟକ ମଞ୍ଚଠାରେ ବରିଷ୍ଠ କଳାକାର ଚପଳ ଭାଦୁରୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

ସମ୍ବଲପୁର, ୫।୧୧ (ବ୍ୟୁରୋ)

ଜାତୀୟ ବହୁଭାଷୀ ନାଟ୍ୟ ଉତ୍ସବ ଚତୁର୍ଥ ଶ୍ରୀରଙ୍ଗ ସମାଗମ ମଙ୍ଗଳବାର ଚତୁର୍ଥ ରଜନୀରେ ବଙ୍ଗଳା ନାଟକ ଉପଲ ଭାଦୁରୀ.... ଟେଲ ଅଫ୍ ଏ ଡେଡ୍ ଷ୍ଟୋରି ମଞ୍ଚସ୍ଥ ହୋଇଯାଇଛି। ଝାଡୁଆପଡା ଆରଣ୍ୟକ ମଞ୍ଚଠାରେ ରାଜେଶ ଘୋଷଙ୍କ ରଚିତ ଓ ନିର୍ଦ୍ଦେଶିତ ନାଟକକୁ କୋଲକାତା ଦମ୍‌ଦମ୍ ଶବ୍ଦ ମୁଗ୍ଧ ନାଟ୍ୟ କେନ୍ଦ୍ର କଳାକାରମାନେ ନିଖୁଣ ଭାବେ ପରିବେଶିତ କରିଥିଲେ। ଯାତ୍ରା ଜଗତର କିମ୍ବଦନ୍ତୀ ପୁରୁଷ ଚପଳ ଭାଦୁରୀଙ୍କ ସଂଘର୍ଷମୟ ସତ୍ୟ ଘଟଣା ଉପରେ ଆଧାରିତ ନାଟକ ମଞ୍ଚସ୍ଥ ହୋଇଥିଲା । ଏହି ନାଟକରେ ନିଜେ ଚପଳ ଭାଦୁରୀ (୮୩) ବର୍ଷ ଅଭିନୟ କରିଥିଲେ । ଛୋଟ ସମୟରୁ ଜଣେ ପୁଅପିଲା ନାଟ୍ୟ ପ୍ରତି ଆକର୍ଷିତ ହୋଇ ପରବର୍ତ୍ତୀ ସମୟରେ ଝିଅ ବେଶରେ ନିଖୁଣ ଅଭିନୟ କରି ସଫଳତା ହାସଲ କରିଥିଲେ। ସଫଳତା ପଛରେ ବହୁ ଘାତ ପ୍ରତିଘାତ, ଯନ୍ତ୍ରଣା ମଧ୍ୟ ସହ୍ୟ କରିବାକୁ ପଡିଛି। ଅଭିନୟ, ନୃତ୍ୟରେ ଝିଅମାନେ ମଧ୍ୟ ତାଙ୍କ ସହ ସମକକ୍ଷ ହୋଇପାରି ନ ଥିଲେ। ପରବର୍ତ୍ତୀ ସମୟରେ ସେ ଷଡଯନ୍ତ୍ରର ଶିକାର ହୋଇ ନାଟ୍ୟ ସଂସ୍ଥାରୁ ଦୂରେଇ ଯାଇଥିଲେ । କିନ୍ତୁ ଅଭିନୟ ହିଁ କଳାକାରଙ୍କ ଜୀବନ। ଅଭିନୟ ନିଶାରେ କଳାକାରମାନେ ଦୁନିଆଁର ସବୁକିଛି ଭୁଲି ଯାଇଥାନ୍ତି । ତେଣୁ ବୟସ ମଧ୍ୟ ତାଙ୍କଠାରେ ହାର ମାନିଥାଏ । ଏହି ସତ୍ୟ କଥାବସ୍ତୁକୁ ନେଇ ନାଟକଟି ଗତିଶୀଳ ହୋଇଥିଲା । ଆୟୋଜକ ଶ୍ରୀକଲଚରାଲ ଆସୋସିଏସନ୍ ସଭାପତି ସତ୍ୟରଞ୍ଜନ ବେହେରାଙ୍କ ଅଧ୍ୟକ୍ଷତାରେ ସମ୍ବର୍ଦ୍ଧନା ଉତ୍ସବ ହୋଇଥିଲା । ଚପଳ ଭାଦୁରୀଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ସ୍ମୃତିସନ୍ତକ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ବଲାଙ୍ଗୀରର ନାଟ୍ୟବିତ ଜଗଦାନନ୍ଦ ଛୁରିଆ, ବରଗଡର ହରିହର ମିଶ୍ର, ରାଉରକେଲାର ଶରତ ଦାସ ଓ ରାଜୀବ ପାଣି, ସମ୍ବଲପୁରର ଡ. ବିଜୟ କୁମାର ପ୍ରଧାନ, ନାଟ୍ୟ ନିର୍ଦ୍ଦେଶକ ରାଜେନ୍ଦ୍ର ପଣ୍ଡା ଅତିଥି ଭାବେ ଯୋଗ ଦେଇଥିଲେ । ସୌମ୍ୟଜିତ ବଡପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

■ସୈରେନ୍ଦ୍ରୀ ନାୟକ ଟ୍ରଫି ଫୁଟବଲ ଟୁର୍ଣ୍ଣାମେଣ୍ଟ

# କମିଶନର୍ସ କଲୋନୀ, କେନ୍ଦ୍ରୀୟ ବିଦ୍ୟାଳୟ ବିଜୟୀ



ସମ୍ବଲପୁର ହାୱା ମଇଦାନଠାରେ ଅତିଥିମାନେ ଖେଳାଳିଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଟ୍ରଫି ପ୍ରଦାନ କରୁଛନ୍ତି ।

ସମ୍ବଲପୁର, ୫।୧୧ (ବ୍ୟୁରୋ)

ଜିଲା ବର୍ଷିୟାନ କ୍ରୀଡା ସଂଘ ଦ୍ୱାରା ଆୟୋଜିତ ସୈରେନ୍ଦ୍ରୀ ନାୟକ ଟ୍ରଫି ଫୁଟବଲ ଟୁର୍ଣ୍ଣାମେଣ୍ଟର ମଙ୍ଗଳବାର ମ୍ୟାଚରେ କମିଶନର୍ସ କଲୋନୀ ହାଇସ୍କୁଲ ଓ କେନ୍ଦ୍ରୀୟ ବିଦ୍ୟାଳୟ ବିଜୟୀ ହୋଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନିତ ହୋଇଛି । ହାୱା ମଇଦାନଠାରେ ପ୍ରଥମ ମ୍ୟାଚ କମିଶନର୍ସ କଲୋନୀ ବନାମ ଠେମେରା ମଧ୍ୟରେ ଏକତରଫା ହୋଇଥିଲା । କମିଶନର୍ସ କଲୋନୀ ଖେଳାଳି ଆଦିତ୍ୟ ଓରାମ, ରଞ୍ଜିତ ଓରାମ, ସିକି ଓରାମ ଓ ମୋହନ ଓରାମ ୧୦ଟି ଗୋଲ ସ୍କୋର କରିଥିଲେ । ଦଳ ୧୦-୦ ଗୋଲରେ ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ କେନ୍ଦ୍ରୀୟ ବିଦ୍ୟାଳୟ ଓ ମଦନାବତୀ ପବ୍ଲିକ ସ୍କୁଲ ମଧ୍ୟରେ ଏକ ତରଫା ହୋଇଥିଲା । ଏଥିରେ କେନ୍ଦ୍ରୀୟ ବିଦ୍ୟାଳୟ ୨-୦ ଗୋଲରେ ବିଜୟୀ ହୋଇଥିଲା । ଠେମେରା ହାଇସ୍କୁଲ ଦଳର ଅମିର ଖଡିଆ ଓ ମଦନାବତୀ ସ୍କୁଲ ଦଳର ସୁରଜ ଭାନଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଟ୍ରଫି ପ୍ରଦାନ କରାଯାଇଥିଲା । ମଥୁରା ଓରାମ, ମନୋଜ ଭୋଇ, ବଳରାମ ମଟାରୀ ଓ ପଦ୍ମ ନାୟକ ମ୍ୟାଚ ପରିଚାଳନା କରିଥିଲେ । ଅବସରପ୍ରାପ୍ତ ଜିଲା କ୍ରୀଡାଧିକାରୀ ବିଦ୍ୟାଧର ପ୍ରଧାନ ଓ ଜିଲା କ୍ରୀଡା ସଂଘ ଫୁଟବଲ ସମ୍ପାଦକ ଅବଦୁଲ ଗଫାର ଅତିଥି ଭାବେ ଯୋଗ ଦେଇଥିଲେ।

# ଶିଳ୍ପ ସଂସ୍ଥାରେ ଆଧୁନିକ ବୈଷୟିକ ଜ୍ଞାନ କର୍ମଶାଳା



ମଙ୍ଗଳବାର ସମ୍ବଲପୁର ପାନ୍ଥନିବାସଠାରେ ଆୟୋଜିତ କର୍ମଶାଳାରେ ଓଡିଶା ଶିଳ୍ପ ବିଭାଗ ଅତିରିକ୍ତ ନିର୍ଦ୍ଦେଶିକା ମୀନାକୁମାରୀ ବେହେରା ବକ୍ତବ୍ୟ ପ୍ରଦାନ କରୁଛନ୍ତି ।

ସମ୍ବଲପୁର, ୫।୧୧ (ବ୍ୟୁରୋ)

ସମ୍ବଲପୁର ପାନ୍ଥନିବାସ ସଭାକକ୍ଷରେ ମଙ୍ଗଳବାର ଶିଳ୍ପ ସଂସ୍ଥା ଗୁଡିକରେ ଆଧୁନିକ ବୈଷୟିକ ଜ୍ଞାନ ଶୀର୍ଷକ କର୍ମଶାଳା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଇପିକଲ୍ ସାଧାରଣ ପରିଚାଳକ ଦେବାଶିଷ ଦାଶ, ଇପିକଲ ଆଇପିଏ ପରାମର୍ଶଦାତା କୃପ ମିଶ୍ର, ସମ୍ବଲପୁର ଆଞ୍ଚଳିକ ଶିଳ୍ପ କେନ୍ଦ୍ର ସାଧାରଣ ପରିଚାଳକ ପ୍ରଣବ କୁମାର ନାୟକ, ଓଡିଶା ଶିଳ୍ପ ବିଭାଗ ଅତିରିକ୍ତ ନିର୍ଦ୍ଦେଶିକା ମୀନା କୁମାରୀ ବେହେରା ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରାଇଥିଲେ। କୌଣସି ଶିଳ୍ପ ସଂସ୍ଥା କରିବା ପାଇଁ ଇଚ୍ଛୁକ ବ୍ୟକ୍ତିଙ୍କୁ ସହଜରେ ଅନଲାଇନ୍ ଦ୍ୱାରା ପ୍ରକଳ୍ପ ମଞ୍ଜୁରୀ କରାଯାଇ ଋଣ ପ୍ରଦାନର ବ୍ୟବସ୍ଥା କରାଯିବ ବୋଲି ଅଧିକାରୀମାନେ କର୍ମଶାଳାରେ ମତବ୍ୟକ୍ତ କରିଥିଲେ। ଏହି କର୍ମଶାଳାରେ ଝାରସୁଗୁଡା, ବଲାଙ୍ଗୀର, ସୋନପୁର, ବରଗଡ, ଦେବଗଡ ଜିଲା ଶିଳ୍ପ କେନ୍ଦ୍ର ପରିଚାଳକ ଓ ଶିଳ୍ପ ଉଦ୍ୟୋଗି ଏବଂ ଶିଳ୍ପ ସଂସ୍ଥାର ଅଧିକାରୀମାନେ ଯୋଗ ଦେଇଥିଲେ । ଆଞ୍ଚଳିକ ଶିଳ୍ପ କେନ୍ଦ୍ର ବିକାଶ ଅଧିକାରୀ ଦୀନବନ୍ଧୁ ପଣ୍ଡା, ନଳିନୀରଞ୍ଜନ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ବୁର୍ଡା ପଞ୍ଚାୟତରେ ବ୍ୟାପକ ଦୁର୍ନୀତି

ସମ୍ବଲପୁର,୫।୧୧(ବ୍ୟୁରୋ)

ସମ୍ବଲପୁର ଜିଲା ରେଢାଖୋଲ ବ୍ଲକ୍ ବୁର୍ଡା ପଞ୍ଚାୟତରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ଏଥିରେ ସରପଞ୍ଚ, ଜେଇ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସାମିଲ ହୋଇଛନ୍ତି। ବର୍ଷ ବର୍ଷ ପଞ୍ଚାୟତର ବିଭିନ୍ନ ଗ୍ରାମରେ ପ୍ରକଳ୍ପ ମଞ୍ଜୁର କରାଯାଉଛି । ହେଲେ କାମ ନ କରି ଟଙ୍କା ଉଠାଇ ନିଆଯାଉଛି । ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ତାଲିକା ଅନୁସାରେ ଘର ପ୍ରଦାନ କରାଯାଉ ନାହିଁ । ଅଯୋଗ୍ୟ ହିତାଧିକାରୀଙ୍କୁ ଦେଇ ତାଙ୍କ ପାଖରୁ ଘର ପିଛା ୧୫ ହଜାର ଟଙ୍କା ଲାଞ୍ଚ ନିଆଯାଉଛି । ଗୋଟିଏ ପ୍ରକଳ୍ପକୁ ବ୍ଲକରେ ଥରେ ଓ ପଞ୍ଚାୟତରେ ଥରେ ଫାଇଲ ଖୋଲାଯାଇ ମିଥ୍ୟା ବିଲ୍ ଉଠାଯାଉଛି। ପଞ୍ଚାୟତ ଅଫିସର ଚାବି ଓ ପିଡିଏସ ସାମଗ୍ରୀ ରହୁଥିବା ଷ୍ଟୋର ଗୁଡିକରେ ଚାବି ସରପଞ୍ଚଙ୍କ ସ୍ୱାମୀଙ୍କ ହାତରେ ରହୁଛି। ଠିକ୍ ଭାବେ ଲୋକମାନଙ୍କୁ ଜିନିଷ ବଣ୍ଟନ କରାଯାଉ ନାହିଁ। ବନ୍ତଲୋଇ ମାଖନନାଳା କଲଭଟ, ଲକ୍ଷ୍ମୀ ମଣ୍ଡପ ସାହି କଂକ୍ରିଟ ରାସ୍ତା, ବୁର୍ଡା ସ୍କୁଲ ପରିସର କଂକ୍ରିଟ କରଣ, ବୁର୍ଡା ସୁରୁବାଲି ଜୋର ଗାର୍ଡ ୱାଲ କାନ୍ଥ, ବୁର୍ଡା ଯଜ୍ଞମଣ୍ଡପ ନିର୍ମାଣ, ସ୍କୁଲରେ ବିଦ୍ୟୁତ୍ ମରାମତି କାମ, ଗୁଞ୍ଜିଘରା ଷ୍ଟ୍ରିଟ ଲାଇଟ କାମ, ବୋରୱେଲ ଖନନ ଓ ଜଳ ଯୋଗାଣ ପ୍ରକଳ୍ପ, ଗମ୍ଭାରିବେର୍ଣ୍ଣା ବନ୍ଧ ଉନ୍ନତୀକରଣ ଭଳି ଅନେକ ପ୍ରକଳ୍ପରେ ଆର୍ଥିକ ଅନିୟମିତତା ହୋଇଛି। ଗୋବିନ୍ଦ ଅଗ୍ରୱାଲ, ଭଜମନ ପୁରୋହିତ, ଗୌତମ ମିର୍ଦ୍ଧା, ଲକ୍ଷ୍ମଣ ପୁରୋହିତ, ସୁବଳ ମହାକୁଡ, ସୁଦାମ ମହାକୁଡ ପ୍ରମୁଖ ଜିଲା ପ୍ରଶାସନ ନିକଟରେ ଏହି ଅଭିଯୋଗ କରି ତଦନ୍ତ ପାଇଁ ଦାବି କରଛନ୍ତି।



ବୁର୍ଡା ଗ୍ରାମବାସୀ ଓ ଭାଜପା ନେତା ଜିଲାପାଳଙ୍କ ଅଫିସକୁ ଅଭିଯୋଗ କରିବାକୁ ଆସିଛନ୍ତି।

# ରୋଗୀ କଲ୍ୟାଣ ପରିଚାଳନା ସମିତି ବୈଠକ

ଜମନକିରା, ୫। ୧୧ ( ଡି.ଏନ୍.ଏ.)

ଜମନକିରା ବ୍ଲକ୍ ଫାସିମାଲ ଉନ୍ନୀତ ଡାକ୍ତରଖାନରେ ମଙ୍ଗଳବାର ରୋଗୀ କଲ୍ୟାଣ ପରିଚାଳନା ସମିତିର ଅଧ୍ୟକ୍ଷ ତଥା କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ଡାକ୍ତରଖାନାର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ଡାକ୍ତର ସମସ୍ୟା, ଆଟେଣ୍ଡାଣ୍ଟ, ଫାର୍ମାସିଷ୍ଟ, ଟେକ୍ନିସିଆନ୍, କର୍ମଚାରୀ ଆଦି ପଦବୀ ଗୁଡ଼ିକ ଶୀଘ୍ର ପୂରଣ ପାଇଁ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ଡାକ୍ତରଖାନରେ ୬ ଜଣ ଡାକ୍ତର ପଦବୀ ରହିଥିବା ବେଳେ ମାତ୍ର ୨ ଜଣ ଡାକ୍ତର ରହିଛନ୍ତି, ଯାହା ଚିକିତ୍ସାରେ ଘୋର ସମସ୍ୟା ଦେଖା ଦେଉଛି। ତେବେ ବୈଠକକୁ ବିପିଏମ୍ ଜିତେନ୍ଦ୍ର କୁମାର ନନ୍ଦ ପରିଚାଳନା କରିଥିଲେ। ବେଳେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଅରୁଣ କୁମାର ନାଏକ, ବିଡ଼ିଓ ଅଜୟ ତିୱାରୀ, ଗୋଷ୍ଠି ଶିକ୍ଷା ଅଧିକାରୀ ସୁଷମା ନାୟକ, ଉନ୍ନୀତ ଡାକ୍ତରଖାନା ଅଧିକାରୀ ଡା: ଶରତ ଚନ୍ଦ୍ର ଦେହୁରୀ, ସଭ୍ୟ ସୁଜଳ ନାୟକ, ରାମଅବତାର ଅଗ୍ରୱାଲା, ଉମାକାନ୍ତ ପଧାନ, ଦଶନ୍ତ କୁମାର ପଧାନ, ଆସିଡିଏସ୍ ସୁପରଭାଇଜର ଆରତୀ ସାଙ୍କ ସମେତ ସମସ୍ତ ସୁପରଭାଇଜର, କନିଷ୍ଠଯନ୍ତ୍ରୀ, ଡାକ୍ତରଖାନା ଷ୍ଟାଫ୍, କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।



ରୋଗୀ କଲ୍ୟାଣ ପରିଚାଳନା ସମିତି ବୈଠକରେ ଆଲୋଚନା ଚାଲିଛି ।

# ୩ ଜଣିଆ ଟିମ୍ ୪ ଡାକ୍ତରଖାନା ପରିଦର୍ଶନ କଲେ

ସମ୍ବଲପୁର,୫।୧୧(ବ୍ୟୁରୋ)

ରାଜ୍ୟ ସରକାରଙ୍କ ୩ ଜଣିଆ ଟିମ୍ ସମ୍ବଲପୁର ଜିଲା ଗସ୍ତ କରି ଧନକଉଡା, ଚଆଁରପୁର, ଧନୁପାଲି, ଜନାର୍ଦ୍ଦନ ପୂଜାରୀ ସହରାଞ୍ଚଳ ପ୍ରଥମିକ ସ୍ୱାସ୍ଥ୍ୟାକେନ୍ଦ୍ର ଗୁଡିକ ପରିଦର୍ଶନ କରିଛନ୍ତି। ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡିକରେ ପରିବେଶ ଓ ସଫା ସୁତୁରା, ରୋଗୀ ସେବା, ବର୍ଜ୍ୟ ପରିଚାଳନା ନେଇ ଉକ୍ତ ଟିମ୍ ସମୀକ୍ଷା କରିଛି। ଏହି ରିପୋର୍ଟକୁ ଆଧାର କରି ୭୦ ପ୍ରତିଶତରୁ ଅଧିକ ମାର୍କ ରଖିଲେ ମେହଇାକାଲକୁ କାୟାକଳ୍ପ ପୁରସ୍କାର ପାଇଁ ଯୋଗ୍ୟ ବିବେଚିତ କରାଯିବ ବୋଲି କମିଟି ସଦସ୍ୟ କହିଛନ୍ତି। ଡାକ୍ତର ନିହାରେନ୍ଦ୍ର ପଣ୍ଡା, ଅବନୀ ରଞ୍ଜନ ମାପାତ୍ର, ରୀତା ନାୟକ ଏହି ଟିମ୍‌ରେ ରହିଛନ୍ତି ।



ଧନକଉଡା ସ୍ୱାସ୍ଥ୍ୟକେନ୍ଦ୍ରରେ ଟିମ୍ ପରିଦର୍ଶନ କରୁଛନ୍ତି ।

# ପଟ୍ଟା ପାଇଁ ଦାବି କଲେ ସଂକର୍ମା ଗ୍ରାମବାସୀ

ସମ୍ବଲପୁର,୫।୧୧(ବ୍ୟୁରୋ)

ସମ୍ବଲପୁର ମହାନଗର ନିଗମ ସଂକର୍ମା ଗ୍ରାମବାସୀ ପଟ୍ଟା ପ୍ରଦାନ କରିବାକୁ ଜିଲାପାଳ ଶୁଭମ୍ ସକ୍‌ସେନାଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗ କ୍ରମେ ବର୍ଷ ବର୍ଷ ଧରି ସେମାନେ ଗ୍ରାମରେ ରହି ଆସୁଛନ୍ତି। ହେଲେ ରହୁଥିବା ସ୍ଥାନର ପଟ୍ଟା ନାହିଁ । ତେଣୁ ସେମାନେ ସରକାରଙ୍କ ଆବାସ ଯୋଜନା ଓ ପରିମଳ ଯୋଜନାର ଲାଭ ପାଇବାରୁ ବଞ୍ଚିତ ହେଉଛନ୍ତି। ଏଣୁ ଶୀଘ୍ର ପଟ୍ଟା ପ୍ରଦାନ କରାଯାଉ ବୋଲି ନିଶିକାନ୍ତ ବିଶ୍ୱାଳ, ସତ୍ୟଭାମା ବିଭାର, ମିନା କାକ, ରୁକ୍ମିଣୀ କାକ, ବାସନ୍ତି ବାଗ, ବନିତା ଛଟାନ, ତପ କାକ, ରଞ୍ଜୁଲତା କାକ, ଅନ୍ତରା ବିଭାର, ବେଲମତି ଜଗଦଲା ପ୍ରମୁଖ ଦାବି କରିଛନ୍ତି।



ସଂକର୍ମା ଗ୍ରାମବାସୀ ଜିଲାପାଳଙ୍କ ଅଫିସକୁ ଅଭିଯୋଗ କରିବାକୁ ଆସିଛନ୍ତି।

## ଫଟୋରେ ଖବର







ମଙ୍ଗଳବାର ସମ୍ବଲପୁର ଜିଲାପାଳ ଅଫିସ ନିକଟ ରାସ୍ତାରେ ଚାଷୀମାନଙ୍କ ୨୪ ଘଣ୍ଟିଆ ରିଲେ ଅନଶନ (ବାମ)। ପାନ୍ଥ ନିବାସଠାରେ ବରିଷ୍ଠ ନାଗରିକମାନେ ତୀର୍ଥଯାତ୍ରା ସକାଶେ ନାମ ପଞ୍ଜୀକରଣ ଓ ଦରଖାସ୍ତ ପ୍ରଦାନ କରିବାକୁ ଆସିଛନ୍ତି (ମଝି)। ମୁଦିପଡା ଶ୍ରୀ ଯାଗେଶ୍ୱର ମନ୍ଦିର ପରିସରରେ ଅଠରଗଡ ଫୁଲମାଳି ସମାଜ ପକ୍ଷରୁ ଅଁଳା ନବମୀ ପୂଜାର୍ଚ୍ଚନା କରାଯାଉଛି ।



"ଦିଲ୍ଲୀକୁ ପ୍ରଦୂଷଣମୁକ୍ତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ଯୁଗ୍ମ-ଅଯୁଗ୍ମ ସୂତ୍ର ପର୍ଯ୍ୟାପ୍ତ ନୁହେଁ।

-ଶତ୍ରୁଘ୍ନ ସିହ୍ନା,
କଂଗ୍ରେସ ନେତା

## ସଂକ୍ଷେପରେ

### ଚିରାଗ ପାଶ୍ୱାନ ଏଲ୍‌ଜେପି ଅଧ୍ୟକ୍ଷ

**ନୂଆଦିଲ୍ଲୀ,୫।୧୧(ପି.ଟି.):** ପ୍ରାୟ ଦୁଇ ଦଶନ୍ଧି ଧରି ଲୋକ ଜନଶକ୍ତି ପାର୍ଟି (ଏଲ୍‌ଜେପି)ର ନେତୃତ୍ୱ ନେଇଥିବା କେନ୍ଦ୍ରମନ୍ତ୍ରୀ ରାମବିଳାସ ପାଶ୍ୱାନଙ୍କ ପୁଅ ଚିରାଗ ପାଶ୍ୱାନଙ୍କୁ ଦଳର ପରବର୍ତ୍ତୀ



ଅଧ୍ୟକ୍ଷ ଭାବେ ସର୍ବସମ୍ମତିକ୍ରମେ ନିର୍ବାଚିତ କରାଯାଇଛି। କେନ୍ଦ୍ରମନ୍ତ୍ରୀ ରାମବିଳାସ ମଙ୍ଗଳବାର ଏହା ଘୋଷଣା କରିଛନ୍ତି। ୭୩ ବର୍ଷୀୟ ରାମବିଳାସ କହିଛନ୍ତି, ସେ କ୍ୟାବିନେଟ ମନ୍ତ୍ରୀ ଓ ଦଳ ମୁଖ୍ୟ ଭାବେ ଦୁଇଟି ଉତ୍ତରଦାୟିତ୍ୱ ତୁଲାଉଛନ୍ତି। କିନ୍ତୁ ଏଲ୍‌ଜେପିକୁ ଏବେ ଜଣେ ଯୁବ ଚେହେରା ଦରକାର, ଯିଏକି ସବୁଆଡ଼େ ଯାତ୍ରା କରି ଦଳୀୟ ସଙ୍ଗଠନ ବଢ଼ାଇପାରିବେ। ଦଳର ଜାତୀୟ କାର୍ଯ୍ୟକାରିଣୀରେ ଚିରାଗଙ୍କ ନାମ ପ୍ରସ୍ତାବ ଦିଆଯାଇଥିଲା। ଚିରାଗ ଜଣେ ପରିପକ୍ୱ ରାଜନେତା। ଏହି ଅବସରରେ ଚିରାଗ ତାଙ୍କ ବାପାଙ୍କୁ ନିଜ ପଥପ୍ରଦର୍ଶକ ଭାବେ ଅଭିହିତ କରିଛନ୍ତି।

### ବାଗ୍‌ଦାଦିଙ୍କ ଭଉଣୀ ଅଟକ



**ଇସ୍ତାନ୍‌ବୁଲ, ୫।୧୧(ପି.ଟି.):** ଉତ୍ତର ସିରିଆରେ ଆଇଏସ୍ ଆତଙ୍କବାଦୀ ନେତା ବକର ଅଲ୍ ବାଗ୍‌ଦାଦିଙ୍କ ଭଉଣୀଙ୍କୁ ଅଟକ ରଖାଯାଇଥିବା ତୁର୍କୀ ପକ୍ଷରୁ କୁହାଯାଇଛି। ବାଗ୍‌ଦାଦି ଆମେରିକା ସେନା କାର୍ଯ୍ୟାନୁଷ୍ଠାନରେ ପୂର୍ବରୁ ନିହତ ହୋଇଥିଲେ। ତାଙ୍କ ଭଉଣୀ ରଶ୍ମିୟା ଆୱାଦ୍‌ଙ୍କୁ ଆଜାଜ୍ ସହରରେ ଅଟକ ରଖାଯାଇଥିବା ଅଧିକାରୀଙ୍କ ସୂତ୍ରରୁ ପ୍ରକାଶ। ରଶ୍ମିୟା, ତାଙ୍କ ସ୍ୱାମୀ ଓ ପିଲାମାନଙ୍କ ଅଟକ ପରେ ଜେରା କରାଯାଉଥିବା ଜଣାପଡ଼ିଛି। ଆଇଏସ୍ ଗୁପ୍ତ ଆଡ୍ଡା ଓ ସେମାନଙ୍କ ରଣନୀତି ସମ୍ପର୍କରେ ରିପୋର୍ଟ ସଂଗ୍ରହ କରାଯିବ। ଫଳରେ ଅଧିକରୁ ଅଧିକ ଆଇଏସ୍ ସମର୍ଥକଙ୍କୁ ଗିରଫ କରାଯାଇ ପାରିବ ବୋଲି ତୁର୍କୀ ପକ୍ଷରୁ କୁହାଯାଇଛି।

### ବିସ୍ଫୋରଣରେ ୫ ପୋଲିସ କମାଣ୍ଡୋ ଆହତ

**ଇମ୍ଫାଲ୍, ୫।୧୧(ପି.ଟି.):** ମଣିପୁରର ଇମ୍ଫାଲ ସହରରେ ମଙ୍ଗଳବାର ଆଇଇଡି ବିସ୍ଫୋରଣ ହେବା ଫଳରେ ୫ ପୋଲିସ କମାଣ୍ଡୋ ଆହତ ହୋଇଛନ୍ତି। ସକାଳ ୯ଟା ୩୦ରେ ସ୍ଥାନୀୟ ଥଙ୍ଗଲ ବଜାରରେ ଏହି ବିସ୍ଫୋରଣ ହୋଇଥିବାବେଳେ ଜଣେ ସାଧାରଣ ନାଗରିକ ଗୁରୁତର ହେବା ସହ ଏକାଧିକ ଗାଡ଼ି ଭାଙ୍ଗି ଯାଇଥିଲା। ମଣିପୁର ମୁଖ୍ୟମନ୍ତ୍ରୀ ଏନ୍. ବୀରେନ୍ ସିଂ ଆଇଇଡି ବିସ୍ଫୋରଣକୁ ଭୀରୁତାର କାର୍ଯ୍ୟ ବୋଲି କହିବା ସହ ତୀବ୍ର ନିନ୍ଦା କରିଛନ୍ତି। ମୁଖ୍ୟମନ୍ତ୍ରୀ ସିଂ ବିସ୍ଫୋରଣ ସ୍ଥଳ ପରିଦର୍ଶନ କରିବା ସହ ହସ୍ପିଟାଲରେ ଆହତଙ୍କୁ ଭେଟିଥିଲେ। ଆହତଙ୍କ ମଧ୍ୟରେ ଜଣେ ଏଏସ୍‌ପି, ଜଣେ ଏସ୍‌ଆଇ, ୨ ଏଏସ୍‌ଆଇ ଓ ଜଣେ ରାଇଫଲ ମ୍ୟାନ ଅଛନ୍ତି। ବିସ୍ଫୋରଣ ପଛରେ କାହାର ହାତ ଅଛି ଜଣାଇଲେ ୧ ଲକ୍ଷ ଟଙ୍କା ମିଳିବ ବୋଲି ପୋଲିସ ପକ୍ଷରୁ ଘୋଷଣା କରାଯାଇଛି।

[ଇତିହାସର ଆଇନାରେ]

### ନଭେମ୍ବର ୬ର ପ୍ରମୁଖ ଘଟଣା

୨୦୦୪ ନଭେମ୍ବର ୬ରେ ଇଂଲଣ୍ଡର ଉଫ୍‌ଟନ୍ ନର୍ଭେଟରେ ଏକ ଟ୍ରେନ କାର୍‌କୁ ଧକ୍କାଦେବା ଫଳରେ ୮ ଜଣ ଯାତ୍ରୀଙ୍କ ମୃତ୍ୟୁ ହୋଇଥିଲେ। ଏଥିରେ ପ୍ରାୟ ୧୫୦ ଆହତ ହୋଇଥିଲେ। ଷବଲ କ୍ରସିଂ ପାର୍‌ବେଳେ ଏଭଳି ଦୁର୍ଘଟଣା ହୋଇଥିଲା। ଟ୍ରେନ ଓ କାର୍‌ର ଡ୍ରାଇଭର ଏଥିରେ ପ୍ରାଣ ହରାଇଥିଲେ।

୨୦୧୨ ନଭେମ୍ବର ୬ରେ ବାରାକ୍ ସୁସେନ୍ ଓବାମା ଆମେରିକା ରାଷ୍ଟ୍ରପତି ଭାବେ ପୁନଃ ନିର୍ବାଚିତ ହୋଇଥିଲେ। ୨୦୦୯ରୁ ୨୦୧୭ ସେ ଦେଶର ଶାସନ ଭାର ସମ୍ଭାଳିଥିଲେ। ଏହି ଦିନ ଟମି ବଡୱିନ୍ ମଧ୍ୟ ଦେଶର ପ୍ରଥମ ସମଲିଙ୍ଗୀ ରାଜନେତା ଭାବେ ସିନେଟକୁ ନିର୍ବାଚିତ ହୋଇଥିଲେ।



ରୁଷିଆର ମସ୍କୋସ୍ଥିତ ଭାରତୀୟ ଦୂତାବାସ ପରିସରରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାଞ୍ଜଳି ଦେଉଛନ୍ତି ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ।



ରାଜସ୍ଥାନର ପୁଷ୍କର ମେଳାରେ ଜଣେ ଓଟପାଳକ ତାଙ୍କ ଓଟର ଦକ୍ଷତା ପ୍ରଦର୍ଶନ କରାଉଛନ୍ତି।

## ■ ଶିବସେନା ଆଗରେ ସର୍ତ୍ତ ବାଢ଼ିଲା ଏନ୍‌ସିପି

# ଏନ୍‌ଡିଏରୁ ଓହରିଲେ ବିକଳ୍ପ ସରକାର

**ମୁମ୍ବାଇ,୫।୧୧ (ପି.ଟି./ଆଇଏଏନ୍‌ଏସ୍)**

ଭାଜପା ସହ ସମ୍ପର୍କ ଛିନ୍ନ କରି ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ)ରୁ ଶିବସେନା ଓହରିଆସିଲେ ମହାରାଷ୍ଟ୍ରରେ ଏକ ରାଜନୈତିକ ବିକଳ୍ପକୁ କାର୍ଯ୍ୟକାରୀ କରାଯାଇପାରିବ। ରାଜ୍ୟରେ ନୂଆ ସରକାର ଗଠନ ନେଇ ଦୁଇ ସହଯୋଗୀ ଭାଜପା ଓ ଶିବସେନା ମଧ୍ୟରେ ଟଣାଓଟରା ଲାଗି ରହିଥିବାବେଳେ ମଙ୍ଗଳବାର ଏଭଳି ସର୍ତ୍ତ ବାଢ଼ିଛି ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି)। ଏହାସହ କେନ୍ଦ୍ର ସରକାରରୁ ଇସ୍ତଫା ଦେବା ପାଇଁ ଶିବସେନାର ଏକମାତ୍ର ମନ୍ତ୍ରୀ ଅରବିନ୍ଦ ସାୱନ୍ତଙ୍କୁ ଶରଦ ପାୱାରଙ୍କ ନେତୃତ୍ୱାଧୀନ ଦଳ ପରାମର୍ଶ ଦେଇଛି।

ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ଅକ୍ଟୋବର ୨୧ରେ ହୋଇଥିଲା, ଯାହାର ଫଳାଫଳ ୨୪ ତାରିଖରେ ଆସିଥିଲା। କିନ୍ତୁ ଅଦ୍ୟାବଧି କୌଣସି ଦଳ କିମ୍ବା ମେଣ୍ଟ ରାଜ୍ୟପାଳଙ୍କ ନିକଟରେ ଦାବି ଜଣାଇନାହିଁ। ୫୦:୫୦ ସୂତ୍ରରେ ଭାଜପା ଅଢ଼େଇ ବର୍ଷ ମୁଖ୍ୟମନ୍ତ୍ରୀ ପଦ ନ ଦେଲେ ସରକାର ଗଠନ ପ୍ରକ୍ରିୟାରେ ସାମିଲ ହେବନାହିଁ ବୋଲି ଏହାର ଅମାନିଆ ସହଯୋଗୀ ଶିବସେନା ଅଡିବସିଛି। ସେପଟେ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ ନିଜ ପଦ ଛାଡ଼ିବାକୁ ନାରାଜ। ଏଭଳି ସମୟରେ ଅମରାବତୀ ଜିଲା ବଡ଼ନେରା ନିର୍ବାଚନମଣ୍ଡଳୀର ସ୍ୱାଧୀନ ବିଧାୟକ ରବି ରାଣାଙ୍କ ମନ୍ତବ୍ୟ ଏହି କସରତକୁ ସରଗରମ କରିଛି। ରବି କହିଛନ୍ତି, ଭାଜପାକୁ ସମର୍ଥନ ନ କଲେ ଶିବସେନା ଭାଙ୍ଗିଯିବ। ଶିବସେନାର ୨୫ ବିଧାୟକ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସଙ୍କୁ ସମର୍ଥନ କରୁଛନ୍ତି। ସେମାନେ ତାଙ୍କ ଯୋଗସୂତ୍ରରେ ଅଛନ୍ତି। ମୁଖପତ୍ର 'ସାମ୍ନା' କାର୍ଯ୍ୟନିର୍ବାହୀ ସମ୍ପାଦକ ସଞ୍ଜୟ ରାଉତ୍ ଶିବସେନାର ଏକ ଶୁଆ। ଅନ୍ୟପକ୍ଷରେ ମହାରାଷ୍ଟ୍ରରେ ଫଡ୍‌ନବିସଙ୍କ ନେତୃତ୍ୱରେ ଖୁବ୍‌ଶୀଘ୍ର ସରକାର ଗଠନ କରାଯିବ ବୋଲି ଭାଜପା ନେତା ଚନ୍ଦ୍ରକାନ୍ତ ପାଟିଲ ଦୃଢ଼ୋକ୍ତି ବାଢ଼ିଛନ୍ତି।



■ସ୍ୱାଧୀନ ବିଧାୟକଙ୍କ ଦାବି: ଶିବସେନା ଭାଙ୍ଗିଯିବ, ଫଡ୍‌ନବିସଙ୍କ ଯୋଗସୂତ୍ରରେ ୨୫ ବିଧାୟକ

■ଖୁବ୍ ଶୀଘ୍ର ଭଲ ଖବର: ଭାଜପା

ଏନ୍‌ସିପି ମୁଖପାତ୍ର ନୱାବ ମଲିକ୍ କହିଛନ୍ତି, ଭାଜପା ଯଦି ଶିବସେନାକୁ ମୁଖ୍ୟମନ୍ତ୍ରୀ ପଦ ଦେବାକୁ ମନା କରୁଛି ତେବେ ଏକ ବିକଳ୍ପ ଅଛି। କିନ୍ତୁ ଭାଜପା ଏବଂ ଏନ୍‌ଡିଏ ସହ ଦଳ ନାହିଁ ବୋଲି ଶିବସେନା ପକ୍ଷରୁ ଘୋଷଣା କରାଯିବା ଉଚିତ। ତା'ପରେ ଆମେ ବିକଳ୍ପ ସରକାର ଗଠନ ନେଇ ସମର୍ଥନ ଦେବୁ। ଶିବସେନା ବିଧାୟକଙ୍କ ସମର୍ଥନ ହାସଲ କଥା କହୁଥିବା ଭାଜପା ଶିକାର ଖେଳ ଖେଳିବାକୁ ଚାହୁଁଥିଲେ, ନିର୍ବାଚନ ପୂର୍ବରୁ ଗୈରିକ ଦଳକୁ ଡେଇଁଥିବା ନେତାମାନେ ମଧ୍ୟ ଏବେ ସେମାନଙ୍କ ଆଞ୍ଚଳିକ ଦଳଗୁଡ଼ିକୁ ଫେରିବାକୁ ପ୍ରସ୍ତୁତ। ଆମ ସହିତ କେତେଜଣ ଯୋଗାଯୋଗ କରୁଛନ୍ତି। ଭାଜପା ଶିକାର ଆରମ୍ଭ କଲେ ସେହି ଦଳରେ ମାତ୍ର ୨୫ରୁ ୩୦ ବିଧାୟକ ରହିବେ ବୋଲି ମଲିକ୍ ଚେତାବନୀ ଦେଇଛନ୍ତି। ସେହିପରି ଭାଜପା-ଶିବସେନା ମେଣ୍ଟ ସରକାର ଗଠନରେ ବିଫଳ ହେଲେ ପାୱାରଙ୍କ ଦଳ ବିକଳ୍ପ କଥା ଚିନ୍ତା କରିବ ବୋଲି ଏନ୍‌ସିପି ନେତା ଜୟନ୍ତ ପାଟିଲ କହିଛନ୍ତି। ଶିବସେନା ନେତୃତ୍ୱରେ ସରକାର ଗଠନ କରାଗଲେ ଏନ୍‌ସିପି ଏଥିରେ ଯୋଗଦେଇପାରେ ଓ କଂଗ୍ରେସ ବାହ୍ୟ ସମର୍ଥନ ଦେଇପାରେ ବୋଲି କୁହାଯାଉଛି। ପ୍ରକାଶ ଯେ, ୨୮୮ ଆସନ ବିଶିଷ୍ଟ ମହାରାଷ୍ଟ୍ର ବିଧାନସଭାରେ ଭାଜପାକୁ ୧୦୫, ଶିବସେନା ୫୬, ଏନ୍‌ସିପି ୫୪ ଓ କଂଗ୍ରେସକୁ ୪୪ ଆସନରେ ସଫଳତା ମିଳିଛି।

# ସ୍କୁଲରେ ମନା ହେବ ଜଙ୍କ୍ ଫୁଡ୍

**ନୂଆଦିଲ୍ଲୀ,୫।୧୧(ପି.ଟି.)**



ଦେଶରେ ବିଦ୍ୟାଳୟଗୁଡ଼ିକରେ ଖୁବ୍‌ଶୀଘ୍ର ଜଙ୍କ୍ ଫୁଡ୍ ମନା ହେବ। ଆଳୁ ୱେଫର୍ସ, ସଫ୍ଟ ଡ୍ରିଙ୍କ୍‌ସ ଓ ଅନ୍ୟ ଜଙ୍କ୍ ଫୁଡ୍‌ଗୁଡ଼ିକ ଆଉ ସ୍କୁଲ କ୍ୟାଣ୍ଟିନରେ ମିଳିବ ନାହିଁ। ଏହାସହ ସ୍କୁଲ୍ କ୍ୟାମ୍ପସ୍‌ର ୫୦ ମିଟର ପରିସରରେ ଏଭଳି ଖାଦ୍ୟର ବିଜ୍ଞାପନ ମଧ୍ୟ ଲାଗିପାରିବ ନାହିଁ। ପିଲାଙ୍କୁ ସୁରକ୍ଷିତ ଓ ଅପମିଶ୍ରଣମୁକ୍ତ ଖାଦ୍ୟ ଖାଇବା ଲାଗି ଉତ୍ସାହିତ କରିବା ସକାଶେ ଖୁବ୍‌ଶୀଘ୍ର ଏହି କଟକଣା ଲାଗୁ କରାଯିବ। ଫୁଡ୍ ସେଫ୍ଟି ଆଣ୍ଡ ଷ୍ଟାଣ୍ଡାର୍ଡସ ଅଥରିଟି ଅଫ୍ ଇଣ୍ଡିଆ (ଏଫ୍‌ଏସ୍‌ଏସ୍‌ଏଆଇ) ପକ୍ଷରୁ ଏପରି ପ୍ରସ୍ତାବ ଦିଆଯାଇଛି।

'ଫୁଡ୍ ସେଫ୍ଟି ଆଣ୍ଡ ଷ୍ଟାଣ୍ଡାର୍ଡସ୍ (ସ୍କୁଲ ଛାତ୍ରୀଛାତ୍ରଙ୍କ ପାଇଁ ସୁରକ୍ଷିତ ଓ ସୁସ୍ଥ ଖାଦ୍ୟ) ନିୟନ୍ତ୍ରଣ, ୨୦୧୯' ଶୀର୍ଷକ ଏକ ଚିଠା ଆଇନ ଖାଦ୍ୟ ନିୟନ୍ତ୍ରକ ଏଫ୍‌ଏସ୍‌ଏସ୍‌ଏଆଇ ପ୍ରଣୟନ କରିଛି। ପ୍ରସ୍ତାବ ଅନୁସାରେ ସ୍କୁଲ ପରିସରରେ ଜଙ୍କ୍ ଫୁଡ୍ ବିକ୍ରି ବନ୍ଦ କରାଯିବ।

**୫୦ ମିଟର ପରିସରରେ ବିଜ୍ଞାପନ ଉପରେ ଲାଗିବ କଟକଣା**

ଯେଉଁ ଖାଦ୍ୟଗୁଡ଼ିକରେ ଫ୍ୟାଟ୍, ଲୁଣ ଓ ଚିନିର ମାତ୍ରା ଅଧିକ ଥିବ ସେଗୁଡ଼ିକ ହଷ୍ଟେଲ କିଚେନରେ ମିଳିବ ନାହିଁ। ୫୦ ମିଟର ଭିତରେ ଏହାର ବିଜ୍ଞାପନ ଉପରେ କଟକଣା ଲାଗିବ। ଫୁଡ୍ ବିଜ୍‌ନେସ୍ ଅପରେଟର୍ସ ଏଭଳି ଖାଦ୍ୟର ବିଜ୍ଞାପନ ଲଗାଇପାରିବେ ନାହିଁ। ଚିଠା ଆଇନ ସମ୍ପର୍କରେ ୩୦ ଦିନ ମଧ୍ୟରେ ଏନେଇ ସମସ୍ତ ପକ୍ଷଙ୍କ ମତାମତ ଲୋଡ଼ାଯାଇଛି। ଏ ସଂକ୍ରାନ୍ତ ଆଇନ ଅଣାଯିବ ବୋଲି ଗତ ଜୁନ୍‌ରେ ଏଫ୍‌ଏସ୍‌ଏସ୍‌ଏଆଇ ସିଇଓ ପବନ କୁମାର ଅଗ୍ରୱାଲ ଘୋଷଣା କରିଥିଲେ।

## ■ ବ୍ୟାଙ୍କ ଜାଲିଆତି ମାମଲା

# ୧୬୯ ସ୍ଥାନରେ ସିବିଆଇ ଚଢ଼ାଉ

**ନୂଆଦିଲ୍ଲୀ, ୫।୧୧(ପି.ଟି.)**

୩୫ ବ୍ୟାଙ୍କ ଜାଲିଆତି ମାମଲାରେ ୭ ହଜାର କୋଟି ଟଙ୍କା ଆତ୍ମସାତ୍ କରାଯାଇଥିବାବେଳେ ସିବିଆଇ ପକ୍ଷରୁ ମଙ୍ଗଳବାର ଦେଶର ୧୬୯ ସ୍ଥାନରେ ଚଢ଼ାଉ କରାଯାଇଛି। ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ, ଆନ୍ଧ୍ରା ବ୍ୟାଙ୍କ, ଓରିଏଣ୍ଟାଲ ବ୍ୟାଙ୍କ ଅଫ୍ କମର୍ସ, ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ, ଆଲ୍ଲାହାବାଦ୍ ବ୍ୟାଙ୍କ, କାନାରା ବ୍ୟାଙ୍କ, ଦେନା ବ୍ୟାଙ୍କ, ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଆଇଡିବିଆଇ ବ୍ୟାଙ୍କ, ବ୍ୟାଙ୍କ ଅଫ୍ ବରୋଦା, ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର, ବ୍ୟାଙ୍କ ଅଫ୍ ଇଣ୍ଡିଆ, ପଞ୍ଜାବ, ସିନ୍ଧ୍ ବ୍ୟାଙ୍କ ଆଦିରେ ଏଭଳି ଜାଲିଆତି କରାଯାଇଥିବା ଜଣାପଡ଼ିଛି। ମୋଟ ୩୫ଟି ଜାଲିଆତି ମାମଲା ପଞ୍ଜୀକୃତ ହୋଇଥିବାବେଳେ ସିବିଆଇ ଏହାର ଖୋଳତାଡ଼୍ ଜାରି ରଖିଛି। ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରରେ ୧୧୩.୫୫ କୋଟି, ଏସ୍‌ବିଆଇରେ ୧୧୮.୪୯ କୋଟି, ଦେନା ବ୍ୟାଙ୍କରେ ୪୨.୧୬ କୋଟି, କାନାରା ବ୍ୟାଙ୍କରେ ୨୭ କୋଟି ଟଙ୍କା ଜାଲିଆତି କରାଯାଇଛି। ଜାଲିଆତି କରିଥିବା କମ୍ପାନୀର ପ୍ରମୋଟର ଓ ଡିରେକ୍ଟରଙ୍କ ନାମରେ ମାମଲା ରୁଜୁ କରାଯାଇଥିବାବେଳେ ଦିଲ୍ଲୀ, ଗୁରଗ୍ରାମ, ଚଣ୍ଡିଗଡ଼, ଲୁଧିଆନା, ଡେରାଡୁନ୍, ନୋଏଡା, ମୁମ୍ବାଇ, ବେଙ୍ଗାଲୁରୁ, ସୁରଟ୍, ଥାନେ, ଚେନ୍ନାଇ ଗାଜିଆବାଦ୍, ଭୋପାଳ, ପାଟ୍‌ନା, କୋଲକାତା, ହାଇଦ୍ରାବାଦ ଆଦି ୧୬୯ଟି ସ୍ଥାନରେ ସିବିଆଇ ପକ୍ଷରୁ ଚଢ଼ାଉ କରାଯାଇଛି। ସର୍ଚ୍ଚ ଅପରେଶନ ଜାରି ରହିଥିବାବେଳେ ଅଧିକ ତଥ୍ୟ ପ୍ରଦାନ କରାଯାଇ ନାହିଁ।

# ଆଖିବୁଜିଲେ ମହିଳା ତହସିଲଦାରଙ୍କ ଡ୍ରାଇଭର

**ହାଇଦ୍ରାବାଦ, ୫।୧୧(ପି.ଟି.)**

ମହିଳା ତହସିଲଦାର ବିଜୟା ରେଡ୍ଡୀଙ୍କୁ ତାଙ୍କ କାର୍ଯ୍ୟାଳୟରେ ପୋଡ଼ିମାରିବା ଘଟଣାର ଦିନକ ପରେ ତାଙ୍କ ଡ୍ରାଇଭର ଗୁରୁନାଥମ୍ ପ୍ରାଣ ହରାଇଛନ୍ତି। ବିଜୟାଙ୍କୁ ବଞ୍ଚାଇବା ଲାଗି ସେ ଉଦ୍ୟମ କରି ତାଙ୍କ ଶରୀରର ୬୦ ଭାଗ ପୋଡ଼ି ଯାଇଥିଲା। ଗୁରୁତର ଭାବେ ତାଙ୍କୁ ଚିକିତ୍ସା ଲାଗି ଭର୍ତ୍ତି କରାଯାଇଥିଲା। ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିବା ରଚକୋଣ୍ଡା ପୋଲିସ କମିଶନର ମହେଶ ଏମ୍. ଭଗୱତ୍ ପ୍ରକାଶ କରିଛନ୍ତି। ସୋମବାର ଅପରାହ୍ନ ୧ଟା ୩୦ରେ ସୁରେଶ ନାମକ ଜଣେ ବ୍ୟକ୍ତି ଜମିବାଡ଼ି ମାମଲାକୁ ନେଇ ତହସିଲ ଅଫିସ୍ ଆସିଥିବାବେଳେ ମହିଳା ତହସିଲଦାରଙ୍କୁ ପେଟ୍ରୋଲ ପକାଇ ଜାଳିଦେଇଥିଲେ। ତାଙ୍କୁ ବଞ୍ଚାଇବା ଲାଗି ୨ ଜଣ ବାହାରିଥିବାବେଳେ



ଗୁରୁନାଥମ୍

■ତହସିଲଦାରଙ୍କୁ ପୋଡ଼ି ମାରି ଦିଆଯାଇଥିଲା

■ତାଙ୍କୁ ବଞ୍ଚାଇବାକୁ ଯାଇ ଗୁରୁତର ହୋଇଥିଲେ ଚାଳକ

ତହସିଲନାରଙ୍କ ଡ୍ରାଇଭର ଗୁରୁନାଥମ୍ ଗୁରୁତର ହୋଇପଡ଼ିଥିଲେ। ଏହି ମାମଲାର ତଦନ୍ତ ଜାରିରହିଛି ଓ ସୁରେଶଙ୍କ ପରିବାର ସଦସ୍ୟଙ୍କୁ ଜେରା ଚାଲିଥିବା ଭଗୱତ୍ କହିଛନ୍ତି। ଏହି ଘଟଣା ପରେ ତେଲେଙ୍ଗାନାରେ ରାଜସ୍ୱ ବିଭାଗର କର୍ମଚାରୀମାନେ ଆନ୍ଦୋଳନକୁ ଓହ୍ଲାଇଥିବା ଜଣାପଡ଼ିଛି।

# ଇସ୍ତଫାକୁ ଛାଡ଼ି ସବୁ ବୁଝାଯିବ: ଇମ୍ରାନ୍

**ଇସ୍‌ଲାମାବାଦ, ୫।୧୧(ପି.ଟି.)**

ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କ ଇସ୍ତଫା ଦାବିରେ ଜାରି ରହିଥିବା ଆନ୍ଦୋଳନକୁ ଚପାଇବା ଲାଗି ଜୋର୍‌ଦାର ଉଦ୍ୟମ ଚାଲିଛି। ବିକ୍ଷୋଭକାରୀଙ୍କ ସବୁ ଦାବି ପୂରଣ କରାଯିବ ବୋଲି ଇମ୍ରାନ୍ ମଙ୍ଗଳବାର କହିଛନ୍ତି। ତେବେ ସେ ଇସ୍ତଫା ଦାବିକୁ ଅଗ୍ରାହ୍ୟ କରିଦେଇଛନ୍ତି। ରାଜନେତା ତଥା ଧର୍ମଗୁରୁ ମୌଲାନା ଫଜ୍‌ଲୁର ରହମାନଙ୍କ ନେତୃତ୍ୱରେ ଇମ୍ରାନ ହଟାଓ ଆନ୍ଦୋଳନ ଚାଲିଛି। ଫଜ୍‌ଲୁରଙ୍କ ସହ ଆଲୋଚନା ଲାଗି ଇମ୍ରାନ୍ ପ୍ରତିନିଧି ପଠାଇଥିବା ଜଣାପଡ଼ିଛି।

# ୭ରେ ଗୁଜରାଟ ଛୁଇଁବ ବାତ୍ୟା 'ମହା'

**ଅହମଦାବାଦ, ୫।୧୧(ପି.ଟି.)**



ବାତ୍ୟା 'ମହା' ଗୁଜରାଟ ଆଡ଼କୁ ମୁହାଁଉଛି। ଗୁରୁବାର ଏହା ଉପକୂଳ ମାଡ଼ହେବା ସହ ପ୍ରବଳରୁ ଅତି ପ୍ରବଳ ବର୍ଷା କରାଇବ। କେବଳ ଗୁଜରାଟ ଉପକୂଳ ନୁହେଁ, ବରଂ କର୍ନାଟକ, ଗୋଆ, ଡିଉ ଆଦି ଅଞ୍ଚଳରେ ପ୍ରବଳ ବର୍ଷା, ପବନ ଲାଗିରହିବ ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ସତର୍କ କରାଯାଇଛି। ପବନର ବେଗ ଏହି ସମୟରେ ଘଣ୍ଟା ପ୍ରତି ୯୦ କି.ମି. ରହିବ। ଏବେ 'ମହା' ପୋରବନ୍ଦରଠାରୁ ଦକ୍ଷିଣ-ପଶ୍ଚିମ ଦିଗରେ ୬୫୦ କି.ମି. ଦୂରରେ ରହିଛି। ଆରବ ସାଗରର ଗୁଜରାଟ ଉପକୂଳ ଏହାର ପ୍ରଭାବରେ ବିଶେଷ କ୍ଷତିଗ୍ରସ୍ତ ହେବାର ଆଶଙ୍କା କରାଯାଉଛି। ୬ରୁ ବର୍ଷା ଆରମ୍ଭ ହେବା ପରେ ୭ ତାରିଖ ସକାଳେ ଏହାର ପ୍ରଭାବ ଭୟଙ୍କର ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ବାତ୍ୟା ଲ୍ୟାଣ୍ଡ୍‌ଫଲ୍ କରିବା ପରେ ଭାବନଗର, ସୁରଟ, ଭାରୁଚ୍, ଆନନ୍ଦ, ଅହମଦାବାଦ, ବୋଟାଡ୍, ଭଦୋଦରାରେ ଏହାର ଭୟଙ୍କର ପ୍ରଭାବ ପଡ଼ିବ। 'ମହା' ପ୍ରଭାବକୁ ଦୃଷ୍ଟିରେ ରଖି ସରକାରଙ୍କ ପକ୍ଷରୁ ଜୋର୍‌ଦାର ପ୍ରସ୍ତୁତି କରାଯାଇଛି। ଯେକୌଣସି ପରିସ୍ଥିତିର ସମ୍ମୁଖୀନ ଲାଗି ଅତିରିକ୍ତ ୧୫ ଏନ୍‌ଡିଆର୍‌ଏଫ୍ ଟିମ୍ ସହ ନୌସେନାକୁ ସତର୍କ ରହିବା ଲାଗି ପରାମର୍ଶ ଦିଆଯାଇଛି। ବିଭିନ୍ନ ଜିଲାରେ ଏନ୍‌ଡିଆର୍‌ଏଫ୍ ଟିମ୍, ଡାକ୍ତରୀ ଟିମ୍ ସଜାଗ ରହିଥିବାବେଳେ ଜିଲାପାଳମାନଙ୍କୁ ସତର୍କ ରହିବା ଲାଗି ପ୍ରଶାସନ ପକ୍ଷରୁ କୁହାଯାଇଛି। ଆବଶ୍ୟକ ସ୍ଥଳେ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ନେବା ଲାଗି ପରାମର୍ଶ ଦିଆଯାଇଛି।

# ରାସ୍ତାକୁ ଓହ୍ଲାଇଲା ଦିଲ୍ଲୀ ପୋଲିସ

**ନୂଆଦିଲ୍ଲୀ,୫।୧୧ (ପି.ଟି./ଆଇଏଏନ୍‌ଏସ୍)**

ଦିଲ୍ଲୀରେ ପୋଲିସ-ଓକିଲ ସଂଘର୍ଷକୁ ନେଇ ସଂଗ୍ରାମ ଜାରି ରହିଛି। ପୋଲିସ କର୍ମଚାରୀମାନେ ମଙ୍ଗଳବାର ପୋଲିସ ମୁଖ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସେମାନଙ୍କୁ ମନାଇବା ପାଇଁ ଅନେକ ଉଦ୍ୟମ ହୋଇଥିଲେ ମଧ୍ୟ ପୋଲିସ କର୍ମଚାରୀ ନିଜ ଜିଦ୍‌ରେ ଅଟଳ ରହିଥିଲେ। ଆନ୍ଦୋଳନରୁ ଓହରି କାର୍ଯ୍ୟରେ ଯୋଗଦେବା ପାଇଁ ଦିଲ୍ଲୀ ପୋଲିସ ମୁଖ୍ୟଙ୍କ ଅନୁରୋଧକୁ ସେମାନେ ପ୍ରତ୍ୟାଖ୍ୟାନ କରିଦେଇଥିଲେ। ଦିଲ୍ଲୀରେ ପୋଲିସର ଏଭଳି ବିକ୍ଷୋଭ କେବେ ଦେଖିବାକୁ ମିଳି ନ ଥିଲା। ଶେଷରେ ଉପରାଜ୍ୟପାଳ(ଏଲ୍‌ଜି) ଅନିଲ ବୈଜାଲ କଡ଼ା କାର୍ଯ୍ୟାନୁଷ୍ଠାନର ପ୍ରତିଶ୍ରୁତି ଦେବା ପରେ ପୋଲିସ କର୍ମଚାରୀମାନେ ୧୧ ଘଣ୍ଟା ଧରି ଚଳାଇଥିବା ଆନ୍ଦୋଳନରୁ ଓହରିଛନ୍ତି। ଅନ୍ୟପକ୍ଷରେ ଏହି ଘଟଣାକୁ ନେଇ ରାଜନୀତି ସରଗରମ ହେବାରେ ଲାଗିଛି। ଏ ସଂକ୍ରାନ୍ତରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହଙ୍କ ନୀରବତାକୁ ନେଇ କଂଗ୍ରେସ ପ୍ରଶ୍ନ ଉଠାଇଥିବାବେଳେ ପୋଲିସକୁ ଭାଜପାର ସଶସ୍ତ୍ର ଶାଖା ବୋଲି ଅଭିହିତ କରିଛି ଦିଲ୍ଲୀରେ କ୍ଷମତାସୀନ ଆମ୍ ଆଦ୍‌ମୀ ପାର୍ଟି (ଏଏପି)।

ଦିଲ୍ଲୀର ତିସ୍ ହଜାରି କୋର୍ଟରେ ଶନିବାର ପାର୍କିଂକୁ ନେଇ ଜଣେ ପୋଲିସ କର୍ମଚାରୀ ଓ ଓକିଲଙ୍କ ମଧ୍ୟରେ ସଂଘର୍ଷ ଘଟିଥିଲା। ଏଥିରେ କେତେଜଣ ଆଇନଜୀବୀ ଓ ୨୦ ପୋଲିସ କର୍ମୀ ଆହତ ହୋଇଥିଲେ। ଆଇନଜୀବୀମାନେ ଏକ ପୋଲିସ ଗାଡ଼ି ସମେତ ବ୍ୟାପକ ପୋଡ଼ାଜଳା କରିଥିଲେ। ସେହିପରି ସୋମବାର ମଧ୍ୟ ଜଣେ ପୋଲିସ କର୍ମଚାରୀଙ୍କ ଉପରେ ଆକ୍ରମଣ ହୋଇଥିଲା। ସାକେତ ଜିଲା କୋର୍ଟ ବାହାରେ ୟୁନିଫର୍ମ ପିନ୍ଧି ମୋଟରସାଇକେଲରେ ଯାଉଥିବା ଜଣେ ପୋଲିସ କର୍ମଚାରୀଙ୍କୁ କହୁଣୀରେ ମାରିବା ଅଭିଯୋଗରେ ଜଣେ ଆଇନଜୀବୀଙ୍କ ବିରୋଧରେ ଦୁଇଟି ଏତଲା ଦାଏର କରାଯାଇଛି। ହଜାର ହଜାର ସଂଖ୍ୟାରେ ପୋଲିସ କର୍ମୀ ଆଇଟିଓସ୍ଥିତ ପୋଲିସ ମୁଖ୍ୟାଳୟ ବାହାରେ ଏକତ୍ରିତ ହୋଇ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ବରିଷ୍ଠ ଅଧିକାରୀମାନେ ସେମାନଙ୍କୁ ଶାନ୍ତ ରହିବାକୁ ବୁଝାସୁଝା କରିବାରୁ ସେମାନେ 'ଆମକୁ ନ୍ୟାୟ ଦରକାର' ଓ 'ଗୋ ବ୍ୟାକ୍, ଗୋ ବ୍ୟାକ୍' ସ୍ଲୋଗାନ ଦେଇଥିଲେ। ଆଉ କେତେଜଣ କର୍ମଚାରୀ ୧୯୮୮ର ଆଇନଜୀବୀ-ପୋଲିସ ସଂଘର୍ଷର ସ୍ମୃତିଚାରଣ କରି ତତ୍କାଳୀନ ଆଇପିଏସ୍ ଅଧିକାରୀ କିରନ ବେଦିଙ୍କୁ ମନେପକାଇଥିଲେ। କେହି କେହି ସମ୍ପ୍ରତି ପୁଡୁଚେରୀ ଉପରାଜ୍ୟପାଳ ଥିବା କିରନଙ୍କ ଫଟୋ ଥିବା ବଡ଼ ବଡ଼ ପୋଷ୍ଟର ଧରିଥିଲେ, ଯେଉଁଥିରେ ଲେଖାଥିଲା 'ଆମ କମିଶନର କିରନ ବେଦୀଙ୍କ ଭଳି ହେବା ଉଚିତ'। ହରିୟାଣା ପୋଲିସ ସଂଘ ଦିଲ୍ଲୀ ପୋଲିସ କର୍ମଚାରୀଙ୍କ ବିକ୍ଷୋଭକୁ ସମର୍ଥନ ଜଣାଇଛି। ସକାଳେ ପୋଲିସ କର୍ମଚାରୀ ହାତରେ କଳା ପଟି ବାନ୍ଧି ବିକ୍ଷୋଭ ଚଳାଇଥିବାବେଳେ ସନ୍ଧ୍ୟା ଯାଏ ଅନେକ କର୍ମଚାରୀଙ୍କ ପରିବାର ସଦସ୍ୟ ଇଣ୍ଡିଆ ଗେଟ୍ ସାମ୍ନାରେ ବିକ୍ଷୋଭ କରିଥିଲେ। ଲୋକେ ସମସ୍ତ ପର୍ବକୁ ନିର୍ଭୟରେ ପାଳନ କରିପାରିବେ ବୋଲି ଦିଲ୍ଲୀ ପୋଲିସର ଅଧିକାରୀମାନେ ଦିନରାତି କାମ କରୁଛନ୍ତି। କିନ୍ତୁ ଏହି ତ୍ୟାଗ କରିବାବେଳେ ରାସ୍ତାରେ ସେମାନଙ୍କୁ ମାଡ଼ ମରାଯାଉଛି। ଆମର କିଛି ଭାବନା କି ଅଧିକାର ନାହିଁ ବୋଲି ଜଣେ ପୋଲିସ ଅଧିକାରୀଙ୍କ ସ୍ତ୍ରୀ ମୁନେଶ ଦହିୟା ପ୍ରଶ୍ନ କରିଛନ୍ତି। ଉତ୍ତ୍ୟକ୍ତ ଭିଡ଼କୁ ଦେଖି ପୋଲିସ କମିଶନର ଅମୂଲ୍ୟ ପଟ୍ଟନାୟକ ନିଜ ଅଫିସରୁ ବାହାରି ସେମାନଙ୍କ ଦାବି ପୂରଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପୋଲିସକୁ ଏକ ଶୃଙ୍ଖଳିତ ବଳ ଭାବେ ବ୍ୟବହାର ଦେଖାଇବାକୁ ପଡ଼ିବ। ପୋଲିସ ଆଇନର ଅନୁପାଳନ କରୁ ବୋଲି ସରକାର ଓ ଲୋକେ ଆଶା କରନ୍ତି। ଏହା ଆମର ବଡ଼ ଉତ୍ତରଦାୟିତ୍ୱ। ଘଟଣାକୁ ନେଇ ବିଚାରବିଭାଗୀୟ ତଦନ୍ତ ଚାଲିଛି। ତେଣୁ ସମସ୍ତ କର୍ମଚାରୀ ନିଜ ନିଜ କାର୍ଯ୍ୟରେ ଯୋଗଦିଅନ୍ତୁ ବୋଲି ସେ ଅନୁରୋଧ କରିଥିଲେ। ବରିଷ୍ଠ ଅଧିକାରୀମାନେ ଏହାର ସମାଧାନ ପାଇଁ ଲାଗିଥିବା ଅମୂଲ୍ୟ ପରେ ଖବରଦାତାଙ୍କୁ କହିଥିଲେ। ତେବେ ପ୍ରଥମେ ଆମକୁ ଆମର ଖାକିର ସମ୍ମାନ ବଞ୍ଚାଇବାକୁ ହେବ। ତା'ପରେ ଯାଇ ଆମେ କାର୍ଯ୍ୟରେ ଯୋଗଦେବୁ ବୋଲି ଜଣେ ପୋଲିସ କର୍ମଚାରୀ କହିଥିଲେ। ଦିଲ୍ଲୀ ପୋଲିସରେ ୮୦ ହଜାର କର୍ମଚାରୀ ନିୟୋଜିତ ଅଛନ୍ତି। ସେମାନଙ୍କ ପାଇଁ ଏକ ସଂଘ ଗଠନ କରାଯାଉ ବୋଲି ପୋଲିସ କର୍ମୀମାନେ ଦାବି କରିଥିଲେ। ଇତିମଧ୍ୟରେ ଶନିବାର ତିସ୍ ହଜାରି କୋର୍ଟରେ ହୋଇଥିବା ସଂଘର୍ଷ ନେଇ ଦିଲ୍ଲୀ ପୋଲିସ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟକୁ ରିପୋର୍ଟ ଦେଇଛି।



ଆଇଟିଓସ୍ଥିତ ପୋଲିସ ମୁଖ୍ୟାଳୟରେ ଦିଲ୍ଲୀ ପୋଲିସ କମିଶନର ଅମୂଲ୍ୟ ପଟ୍ଟନାୟକ(ଡାହାଣ) କର୍ମଚାରୀମାନଙ୍କୁ ଉଦ୍‌ବୋଧନ ଦେଉଛନ୍ତି।

**ଉପରାଜ୍ୟପାଳ କାର୍ଯ୍ୟାନୁଷ୍ଠାନ ପ୍ରତିଶ୍ରୁତି ଦେବା ପରେ ବିକ୍ଷୋଭରୁ ଓହରିଲେ କର୍ମଚାରୀ**

# ‘କୃଷି ଜୀବନ’ କୃଷକଙ୍କ ପାଇଁ ଉପାଦେୟ



**ଡ. ଅରୁଣ କୁମାର ସାହୁ**
ମନ୍ତ୍ରୀ, କୃଷି ଓ କୃଷକ ସଶକ୍ତୀକରଣ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ଏବଂ ଉଚ୍ଚଶିକ୍ଷା, ଓଡ଼ିଶା

**ସମ୍ମାନନୀୟ ସମ୍ପାଦକ, ଧରିତ୍ରୀ**
ମହାଶୟ,
ଆନ୍ତରିକ ଶୁଭେଚ୍ଛା ଓ ସମ୍ମାନ

ସୁଖର କଥା, ଆପଣଙ୍କ ସମ୍ପାଦିତ ଖବରକାଗଜ ରାଜ୍ୟର ଏକ ପ୍ରମୁଖ ଖବରକାଗଜ ଭାବେ ପ୍ରତି ସପ୍ତାହର ବୁଧବାର,‘କୃଷି ଜୀବନ’ ଶୀର୍ଷକରେ ଏକ ପୃଷ୍ଠା କୃଷି ଓ କୃଷକଙ୍କ କଲ୍ୟାଣ ନିମିତ୍ତ ପ୍ରକାଶ କରୁଥିବାରୁ ଓଡ଼ିଶା କୃଷିର ବିକାଶ ପାଇଁ ଏହା ଯଥେଷ୍ଟ ଉପାଦେୟ ହୋଇପାରୁଛି।

ଚାଷୀ ଓ ଚାଷର ଉନ୍ନତି ପାଇଁ ଆପଣଙ୍କ ମନୋବୃତ୍ତି ଓ ଉଦ୍ୟମ ଏକ ଦରଦୀ ହୃଦୟ ଏବଂ ଉତ୍ସାହିତ ମାନସିକତାର ନିଚ୍ଛକ ପ୍ରତିଫଳନ।

ଗୋଟିଏ ପୃଷ୍ଠାକୁ ଉତ୍ସର୍ଗ କଲାବେଳେ ବିଜ୍ଞାପନର ଲୋଭ, ଆୟର ମୋହଠାରୁ ଉର୍ଦ୍ଧ୍ୱରେ ରହି ଅଗଣିତ ଚାଷୀ ଓ ଚାଷକୁ ଦିଗ୍‌ଦର୍ଶନ ଦେବା, ପରାମର୍ଶ ଦେବା, ଜଳବାୟୁ, ଋତୁଭିତ୍ତିକ ଚାଷ ସମ୍ପର୍କରେ ସୂଚନା ଦେବା, ନୂତନ ପଦ୍ଧତି, ଅର୍ଥକରୀ ଫସଲ ଓ ପାରମ୍ପରିକ କୃଷିକୁ ପ୍ରୋତ୍ସାହନ ଦେବା, ମାଛଚାଷ ଠାରୁ ଗୋପାଳନ, ଛତୁଚାଷ ଠାରୁ ଫୁଲ ଚାଷ ଆଦି ବିଭିନ୍ନ ପ୍ରସଙ୍ଗରେ ପରାମର୍ଶ ଦେବା ସହ ରୋଗପୋକରୁ ରକ୍ଷା ପାଇଁ ପରାମର୍ଶ ସହ ସଫଳ ଚାଷୀଙ୍କ ଅନୁଭୂତି ଏମିତି ଅନେକ କଥା ଆପଣ ଏ ପୃଷ୍ଠାରେ ସ୍ଥାନିତ କରିଆସୁଛନ୍ତି।

ଏହାଦ୍ୱାରା ଓଡ଼ିଶାର ଅଗଣିତ ଚାଷୀଙ୍କ ଯଥେଷ୍ଟ କଲ୍ୟାଣ ହେବା ସହ ଆଗାମୀ ପିଢି କୃଷିକୁ ଏକ ସମ୍ମାନଜନକ ଜୀବିକା ଭାବେ ଗ୍ରହଣ କରିବାକୁ କ୍ରମଶଃ ଆଗ୍ରହ ପ୍ରକାଶ କରୁଛନ୍ତି।

ସମୟ ସହ ତାଳଦେଇ ଚାଷୀଭାଇମାନେ କିପରି ଯୁଗୋପଯୋଗୀ ହେବେ, କୃଷି କ୍ଷେତ୍ରକୁ ଆସୁଥିବା ନୂଆ ନୂଆ ପଦ୍ଧତିକୁ ଗ୍ରହଣ କରିବା ସହ ପାରମ୍ପରିକ କୃଷିକୁ ମଧ୍ୟ ବଞ୍ଚାଇ ରଖିବେ, ତାହା ଆପଣଙ୍କ ଖବରକାଗଜ ମାଧ୍ୟମରେ ପ୍ରସାରିତ ହୋଇପାରୁଛି।

ଖାଦ୍ୟଶସ୍ୟ– ମଣିଷର ଜୀବନ
ଧାରଣର ମୁଖ୍ୟ ଉତ୍ସ
ଉନ୍ନତମାନର ଖାଦ୍ୟ ଶସ୍ୟ– ଉତ୍ତମ
ସ୍ୱାସ୍ଥ୍ୟର ପରିମାପକ
ଯାହା ସୁସ୍ଥ ସମାଜ– ଦୀର୍ଘସ୍ଥାୟୀ
ସଭ୍ୟତାର ପରିକଳ୍ପନା ନିବଦ୍ଧ।

ଏହା ଏକ ପରମ କର୍ତ୍ତବ୍ୟ, ସାମାଜିକ ପ୍ରତିଫଳିତ, ଆବେଗିକ ମନୋଭାବର ସୂକ୍ଷ୍ମ ପରିପ୍ରକାଶ। କୃଷି ଓ କୃଷକ ସଶକ୍ତୀକରଣ, ମତ୍ସ୍ୟ, ପ୍ରାଣୀପାଳନ ବିଭାଗର ଦାୟିତ୍ୱ ସମ୍ପାଦନ କଲାବେଳେ ସ୍ୱତଃ ଆଖି ଚାଲିଯାଉଛି ଆପଣଙ୍କର ଉତ୍ସର୍ଗୀକୃତ ଏହି ପୃଷ୍ଠା ଉପରକୁ।

ଆପଣଙ୍କର ଏହି କାର୍ଯ୍ୟଧାରାକୁ ମୁଁ ରାଜ୍ୟ କୃଷି ବିଭାଗ ତରଫରୁ ସ୍ୱାଗତ କରିବା ସହ ଅଭିନନ୍ଦନ ଜଣାଉଛି। ଆଗାମୀ ଦିନରେ ଆପଣଙ୍କର ଏହି ପ୍ରୟାସ ଓଡ଼ିଶାର କୃଷକ ସମାଜକୁ ଅଧିକରୁ ଅଧିକ ପ୍ରଭାବିତ କରିବ, ସେଥିପାଇଁ କୃତଜ୍ଞତାର ଏ ପତ୍ରଟି ଲେଖିଲି। ଆପଣ ଓ ଆପଣଙ୍କ ଏହି ମହତ୍ ଲକ୍ଷ୍ୟରେ ସଂପୃକ୍ତ ସମସ୍ତଙ୍କୁ ଏହାଦ୍ୱାରା କେତେ ଯେ ଆଶୀର୍ବାଦ ମିଳୁଥିବ ତାହା କିଏ ବା କଳନା କରିପାରିବ। ଅଗଣିତ ଚାଷୀଙ୍କ ପକ୍ଷରୁ ତଥା ବର୍ତ୍ତମାନ ଓ ଭବିଷ୍ୟତ ପିଢ଼ି ପକ୍ଷରୁ ଶତ ଶତ ଧନ୍ୟବାଦ ଜଣାଉଛି।

*ନମସ୍କାର*
***ଅରୁଣ***

# ଜୈବିକ ଉପାୟରେ ପୋକ ଦମନ



ଡ. ବିଷ୍ଣୁ ଚରଣ ଜେନା



ଚାଷୀମାନେ ବର୍ଷତମାମ ଋତୁଚକ୍ର, ମୃତ୍ତିକାର ପ୍ରକାର ଓ ଜଳସେଚନ ଅନୁସାରେ ଭିନ୍ନ ଭିନ୍ନ ଫସଲ ଚାଷ କରନ୍ତି। ଚାଷ ଯୋଗୁ ଫସଲରୁ ଉତ୍ପାଦିତ ଖାଦ୍ୟଶସ୍ୟ, ପନିପରିବା ଓ ଫଳ ବଜାରରେ ବିକ୍ରି କରି ସେଥିରୁ ପ୍ରାପ୍ତ ହେଉଥିବା ଅର୍ଥର ବିନିଯୋଗ କରି ପରିବାରର ସମସ୍ତ ଗୁଜୁରାଣ ମେଣ୍ଟାନ୍ତି। କିନ୍ତୁ ଦୁର୍ଭାଗ୍ୟବଶତଃ ଫସଲକୁ ଏହାର ବିଭିନ୍ନ ଅବସ୍ଥାରେ ଭିନ୍ନ ଭିନ୍ନ ପ୍ରଜାତିର ରୋଗପୋକ ଆକ୍ରମଣ କରି ଅଭୂତପୂର୍ବ କ୍ଷତି ସାଧନ କରନ୍ତି।

ଉକ୍ତ ନିବନ୍ଧରେ ବିଲାତି ବାଇଗଣ, କପା, ମଟର, ହରଡ଼, ବୁଟ, ମୁଗ, ବିରି, ସୂର୍ଯ୍ୟମୁଖୀ ଓ ଗେଣ୍ଡୁଫୁଲକୁ ଆକ୍ରମଣ କରୁଥିବା ପୋକ(ହେଲିକୋ ଭର୍ପା ଆର୍ମିଗିରା) ଅତ୍ୟନ୍ତ କ୍ଷତିକାରକ। କପା ଫସଲ, ବାଇଗଣରେ ଫଳବିନ୍ଧା ପୋକ, ମଟର, ହରଡ଼, ବୁଟ, ମୁଗ, ବିରି ଏବଂ ସୂର୍ଯ୍ୟମୁଖୀ ଫସଲର ମଞ୍ଜି, ଛୁଇଁ ଏବଂ ଫଳବିନ୍ଧା ପୋକ କୁହାଯାଏ। ଏହି ପୋକ ପୃଥିବୀର ବିଭିନ୍ନ ଦେଶର ପ୍ରାୟ ୨୦୦ ପ୍ରକାରର ଫସଲକୁ ଆକ୍ରମଣ କରନ୍ତି। ପୋକର ଶୂକାବସ୍ଥା ବିଶେଷ ରୂପେ ହାନିକାରକ। କଟୁ କୀଟନାଶକ ପ୍ରୟୋଗ କରି ପୋକଟିକୁ ଦମନ କରିବା ସମୀଚୀନ ନୁହେଁ। ତେଣୁ ଜୈବିକ ପଦ୍ଧତି ଅବଲମ୍ବନ କରି ପୋକକୁ ଦମନ କରିବା ପାଇଁ ସୂଚନା ଦିଆଯାଉଛି।

**ବିହନ ନିର୍ବାଚନ:** ସର୍ବଦା ହୃଷ୍ଟପୁଷ୍ଟ, ରୋଗପୋକ ନିରୋଧକ ଏବଂ ଅଧିକ ଅମଳକ୍ଷମ କିସମର ମଞ୍ଜି ଜମିରେ ବୁଣନ୍ତୁ।

**ସର୍ବେକ୍ଷଣ:** ଫସଲ କିଆରିକୁ ୨ରୁ ୩ ଦିନ ବ୍ୟବଧାନରେ ପରିଦର୍ଶନ କରି ପୋକଟିର ଆବିର୍ଭାବ ଏବଂ କ୍ଷତିର ଲକ୍ଷଣ ଓ ପରିମାଣ ଜାଣିବା ପରେ ଦମନ ପ୍ରକ୍ରିୟା ଆରମ୍ଭ କରନ୍ତୁ।

**ସଙ୍ଗ ଆକର୍ଷକ ଯନ୍ତାର ବ୍ୟବହାର:** ଫସଲ କିଆରିରେ ପୂର୍ଣ୍ଣାଙ୍ଗପ୍ରାପ୍ତ ପୋକଟି ଉଡୁଥିବାର ଦେଖିଲେ କିମ୍ବା କ୍ଷତିର ଲକ୍ଷଣ ଜଣାପଡ଼ିଲେ ଏକ ହେକ୍ଟର ଜମିରେ ୨୦ଟି ଆକର୍ଷକ ଯନ୍ତାରେ ୨୦ଟି ହେଲି ଲିଓର ଥୋପ ରଖନ୍ତୁ ଓ ଯନ୍ତାଗୁଡ଼ିକୁ ଫସଲ କିଆରିରେ ପୋତନ୍ତୁ। ପରଦିନ ଯନ୍ତାରୁ ପୁରୁଷ ପୋକଙ୍କୁ ସଂଗ୍ରହ କରି ମାରିଦିଅନ୍ତୁ। ୧୫ ଦିନ ବ୍ୟବଧାନରେ ଯନ୍ତାରେ ଥୋପ ବଦଳାନ୍ତୁ।

**ଭୂତାଣୁଜନିତ ଦ୍ରବ୍ୟର ପ୍ରୟୋଗ:** ଭୂତାଣୁଜନିତ ଜୈବ କୀଟନାଶକ ଯଥା ହେଲି ସାଇଡ଼ ଦ୍ୱାରା ଫସଲକୁ ସିଞ୍ଚନ କରନ୍ତୁ।

**ଜୀବାଣୁଜନିତ ଦ୍ରବ୍ୟର ପ୍ରୟୋଗ:** ଜୀବାଣୁଜନିତ ବାୟୋଲେପ କିମ୍ବା ଡାଇପେଲ କିମ୍ବା ବାୟୋୟାସପ ୨ ମିଲିମିଟର କିମ୍ବା ୨ ମିଲିଗ୍ରାମ ଏକ ଲିଟର ପାଣିରେ ମିଶାଇ ଫସଲକୁ ସିଞ୍ଚନ କରନ୍ତୁ। ୭ ଦିନ ଅନ୍ତରରେ ୨ରୁ ୩ ଥର ସିଞ୍ଚନ କରନ୍ତୁ।

–ପୂର୍ବତନ ପ୍ରଫେସର ଓ ବିଭାଗୀୟ ମୁଖ୍ୟ, କୀଟତତ୍ତ୍ୱ ବିଭାଗ, ଓୟୁଏଟି, ଭୁବନେଶ୍ୱର,
ମୋ: ୯୭୭୬୪୦୪୪୦୬

## ପତ୍ରକଟା, ଛୁଇଁବିନ୍ଧା ଓ ଫଳବିନ୍ଧା ପୋକ ଦମନ ସମ୍ପର୍କରେ...





# କେତେବେଳେ ତୋଳିବେ କପା



ଚିତ୍ରିତ ବକରା/ପାଟଳ ବକରା ପୋକ ଲାଗିଲେ ୨.୫ ମି.ଲି. ଟ୍ରାଇଆଜୋଫସ୍ ୧ ଲିଟର ପାଣିରେ ଗୋଳାଇ ସିଞ୍ଚନ କରନ୍ତୁ। ତା’ ପରେ କୀଟ ଆକ୍ରମଣ ନ କମିଲେ ଇନ୍‌ଡକ୍ସାକାର୍ବ ପ୍ରତି ୨ ଲିଟର ପାଣିରେ ୧ ମି.ଲି. ହିସାବରେ ଗୋଳାଇ ପତ୍ର ସିଞ୍ଚନ କରାଯାଇପାରେ।

–ସକାଳ ୮ଟା ପରେ (କାକର ଶୁଖିଲା ପରେ) କପା ତୋଳନ୍ତୁ। ପ୍ରଥମ ଥର ଏବଂ ପ୍ରତିଥର ତୋଳା ଯାଇଥିବା କପାକୁ ଅଲଗା ରଖି ଶୁଖାଇ ସଫାକରି ଶୁଖିଲା ପ୍ଲାଷ୍ଟିକ୍ ବସ୍ତାରେ ସାଇତି ରଖନ୍ତୁ।

# ପ୍ରାଣୀଙ୍କୁ ପିଇବାକୁ ଦେବେ କେଉଁ ପାଣି...



–ପ୍ରାଣୀଙ୍କୁ ପରିଷ୍କାର କୂଅ ଓ ନଳକୂଅ ପାଣି ପିଇବାକୁ ଦିଅନ୍ତୁ।
–ଗୋରୁ ଗୁହାଳକୁ ସର୍ବଦା ପରିଷ୍କାର ପରିଚ୍ଛନ୍ନ ରଖନ୍ତୁ।
–ପ୍ରାଣୀମାନେ ରୋଗାକ୍ରାନ୍ତ ହେଲେ ପ୍ରାଣୀଚିକିତ୍ସକଙ୍କ ସହ ପରାମର୍ଶ କରି ଔଷଧ ଦିଅନ୍ତୁ।
–ଫାଟୁଆ ରୋଗର ପ୍ରତିଶେଧକ ଟୀକାକରଣ ପାଇଁ ନିକଟସ୍ଥ ପ୍ରାଣୀଚିକିତ୍ସକଙ୍କ ସହ ପରାମର୍ଶ କରନ୍ତୁ।

# ଆଖୁର ଉନ୍ନତ କିସମ



ଉନ୍ନତ କିସମର ଆଖୁ ବିହନ ଯଥା – ସବିତା, ନୀଳମାଧବ, ନୟନା, ବିଶ୍ୱାମିତ୍ର, ଉତ୍ତରା ଭବାନୀ, ରଘୁନାଥ, ନୀଳଚକ୍ର ଆଦି ସଂଗ୍ରହ କରନ୍ତୁ।
–ଜମିରେ ଜଳ ରହୁଥିଲେ ନିଷ୍କାସନ ବ୍ୟବସ୍ଥା ଗ୍ରହଣ କରନ୍ତୁ।
–ପତ୍ରଡିଆଁ/ଧଳାମାଛି ଆକ୍ରମଣ ଦେଖାଗଲେ ୩ ଲିଟର ପାଣିରେ ୧ ଗ୍ରାମ୍ ଥାୟାମେଥୋକ୍ସାମ୍ ଗୋଳାଇ ସିଞ୍ଚନ କରନ୍ତୁ।
–ନାଲି ଶଢ଼ାରୋଗ ଆକ୍ରମଣ କଲେ ୧.୫ ଗ୍ରାମ୍ ଥାୟୋଫ୍ୟାନେଟ୍ ମିଥାଇଲ୍‌କୁ ୧ ଲିଟର ପାଣିରେ ଗୋଳାଇ ସିଞ୍ଚନ କରନ୍ତୁ।

# ଫଳଚାଷ ସମ୍ପର୍କରେ...

–ଫଳବଗିଚା ସଫାକରି ଅନୁମୋଦିତ ପ୍ରଣାଳୀରେ ଖତ, ରାସାୟନିକ ସାର ଓ ଅଣୁସାର ଗଛରେ ଦିଅନ୍ତୁ।
–ଆବଶ୍ୟକ ଅନୁଯାୟୀ ଜଳସେଚନ କରନ୍ତୁ।
–ପୁରୁଣା ଗଛକୁ କାଟଛାଣ୍ଟ କରନ୍ତୁ ଏବଂ ମାଆ ଗଛରୁ ବାହାରୁଥିବା କୁଆଁକୁ କାଟ ଦିଅନ୍ତୁ।
–ରୋଗପୋକ ନିୟନ୍ତ୍ରଣ କରନ୍ତୁ ଏବଂ ଉଇ ଆକ୍ରମଣ ପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ।
–ଗଛ ମୂଳକୁ ଛାଦିକରଣ କରନ୍ତୁ।
–ବର୍ତ୍ତମାନ କଦଳୀ ଗଛ ଲଗାଇପାରିବେ। ଏଥିପାଇଁ ଜି–୯, ପାଟକପୁରା, ଡି.ସି. ପ୍ରଭୃତି କିସମ ନେଇପାରିବେ।



# ସଙ୍କର ପରିବା ଚାଷ



ପ୍ରୀତିଲଗ୍ନା ଧଳ



ଆମ ଦେଶ ତଥା ରାଜ୍ୟରେ ପନିପରିବା ଚାହିଦା ସବୁଠାରୁ ଅଧିକ। ଦୁଇ ଦଶନ୍ଧି ହେବ ଟମାଟୋ, ଶିମଳାଲଙ୍କା, ବନ୍ଧାକୋବି ତଥା କଖାରୁ ଜାତୀୟ ପରିବାରେ ସଙ୍କର କିସମକୁ ଚାଷୀଭାଇମାନେ ଅଧିକ ଗୁରୁତ୍ୱ ଦେଉଛନ୍ତି। ଆମ ଦେଶରେ ପ୍ରାୟ ୩୬% ଟମାଟୋ, ୩୦% ବନ୍ଧାକୋବି, ୧୮% ବାଇଗଣ, ୭% ଭେଣ୍ଡି, କଖାରୁ ୫% ତଥା ଫୁଲକୋବି ୨%ର ସଙ୍କର କିସମ ୬ ପ୍ରତିଶତ ଅଞ୍ଚଳରେ ଚାଷ ହେଉଛି। ସଙ୍କର କିସମରେ ଏକ ଏକକ ପ୍ରତି ଆବଶ୍ୟକ ମଞ୍ଜିର ପରିମାଣ, ଅଧିକ ଅମଳକ୍ଷମ ବିହନ ତୁଳନାରେ କମ୍ ଥାଏ।

**ସଙ୍କର ପରିବାର ଲାଭଦାୟକ ଗୁଣ:**
– ପରିବାଗୁଡ଼ିକର ଆକାର ତଥା ଓଜନ ଅଧିକ ହୋଇଥାଏ (ତରଭୁଜ, କଖାରୁ, ପିଆଜ, କୋବି (ବନ୍ଧାକୋବି ଓ ଫୁଲକୋବି)।
– ପରିବାର ଆକାରରେ ସମାନତା ଥାଏ (ପିଆଜ ଓ ବନ୍ଧାକୋବି)।
– ସମାନ ସମୟରେ ଅମଳ ଉପଯୋଗୀ ହୋଇଥାଏ (ପିଆଜ)।
– ଶୀଘ୍ର ଅମଳକ୍ଷମ ହୋଇଥାଏ (ତରଭୁଜ, ଖରଭୁଜ, ପିଆଜ, ବନ୍ଧାକୋବି)।
– ଏଥିରେ ରୋଗ ପ୍ରତିରୋଧକ ଶକ୍ତି (କାକୁଡ଼ି ଓ ତରଭୁଜ)ରେ ଏବଂ କୀଟ ପ୍ରତିରୋଧକ ଶକ୍ତି (ପିଆଜ)ରେ ମାତ୍ରାଧିକ ପରିମାଣରେ ଥାଏ।
– ପରିବାର ଗୁଣ ମଧ୍ୟ ଭଲ ହୋଇଥାଏ (ତରଭୁଜ)।
– ଏହାର ମରୁଡ଼ି ସହଣୀ ଶକ୍ତି ଅଧିକ ଥାଏ (ତରଭୁଜ)।
– ବଜାର ଚାହିଦାଭିତ୍ତିକ ତଥା ଖାଦ୍ୟ ଉପଯୋଗୀ ଗୁଣ ନିହିତ ଥାଏ।
– ଏକ ଏକକ କ୍ଷେତ୍ରରୁ ଅଧିକ ଉତ୍ପାଦନ ଦେଇଥାଏ।
– ଏହି ସଙ୍କର ପରିବାକୁ ଥରେମାତ୍ର ଲଗାଇବାକୁ ହୁଏ, ପରିବାରୁ ମଞ୍ଜି ରଖି ପରବର୍ତ୍ତୀ ସମୟରେ ଲଗାଇଲେ ଉପଯୋଗୀ ଅମଳ ଦେଇ ନ ଥାଏ।
– ଦେଖାଯାଇଛି ଟମାଟୋରେ ଅଧିକ ଅମଳକ୍ଷମ ବିହନ ବ୍ୟବହାର କରି ଚାଷୀଭାଇମାନେ ୨୫–୩୫ ଟନ୍ ହେକ୍ଟର ପିଛା ପାଇଲାବେଳେ, ସଙ୍କର କିସମ ଚାଷ କଲେ ଟମାଟୋରେ (୭୫–୮୫) ଟନ୍ ହେକ୍ଟର ପିଛା ଅମଳ ଦେଇଥାଏ। ସେହିପରି ସଙ୍କରଜାତୀୟ ବନ୍ଧାକୋବିରୁ ମଧ୍ୟ ହେକ୍ଟର ପିଛା ପ୍ରାୟ ୫୫–୭୫ ଟନ୍ ଅମଳ ମିଳିଥାଏ। କିଛି ଘରୋଇ ଅନୁଷ୍ଠାନ ମଧ୍ୟ ଜାତୀୟସ୍ତରରେ ଅନୁମୋଦିତ ହୋଇ ସଙ୍କର ବିହନ ଉତ୍ପାଦନ କରୁଛନ୍ତି।

ଉଦାହରଣ ସ୍ୱରୂପ: ଆଇଏଚ୍‌ଏସ୍, ମାହିକୋ, ନୋଭାର୍ଟିସ, ଟାଳି ସୁଙ୍ଗ୍ରୋ, ସେଞ୍ଚୁରିସିଡ୍‌ସ, ଅଙ୍କୁରସିଡ୍‌ସ୍, ସିଓଲ୍, ହଙ୍ଗ୍‌ନଙ୍ଗ୍।
–ଟମାଟୋରେ ଅର୍କରକ୍ଷକ, ପୁଷାରୁବି, ପୁଷାଶୀତଲ୍, ପୁଷାଗୌରବ, ଅର୍କ ମେଘାଳୀ, ସୋନାଲୀ ଆଦି ସଙ୍କର କିସମଗୁଡ଼ିକ ସହଳ ତଥା ଉଚ୍ଛୁର ପତ୍ରପୋଡ଼ା, ପତ୍ରମୋଡ଼ା, କବକ, ଜୀବାଣୁ ତଥା ସୂତ୍ରଜୀବଙ୍କ ଦ୍ୱାରା ହେଉଥିବା ଝାଉଁଳା ରୋଗର ପ୍ରତିରୋଧକ ଗୁଣ ନିହିତ ଥାଏ।
–ବାଇଗଣର ସଙ୍କର କିସମ ହେଲା ପୁଷାକ୍ରାନ୍ତି, ପୁଷାଭୈରବ, ପୁଷା ଅନୁପମ, ହିସାର ଶ୍ୟାମଳା, ହିସାର ଜାମୁନି।
– ଲଙ୍କାର ପୁଷାଜ୍ୱାଳା, ପୁଷା ସଦାବାହାର, ପଞ୍ଜାବଲାଲ୍ ଆଦି କିସମଗୁଡ଼ିକ ସାହେବୀ ରୋଗ, ପତ୍ରମୋଡ଼ା ତଥା ଉକୁଣିଆ ଏବଂ ଜଉପୋକର ପ୍ରତିରୋଧକ ଶକ୍ତି ରହିଥାଏ।
– ସେହିପରି ଭେଣ୍ଡିର ପୁଷାସାୱନୀ, ଅର୍କ ଅନାମିକା, ଅର୍କ ଅଭୟ, ବର୍ଷା ଉପହାର ଭେଣ୍ଡିର ସାହେବୀ ରୋଗ ପ୍ରତିରୋଧକ ଶକ୍ତି ବହନ କରିଥାଏ।

–ଓୟୁଏଟି, ଭୁବନେଶ୍ୱର

## ସେଲ୍‌ଫି କର୍ଣ୍ଣର

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ। ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie


କ୍ଷୀରେଶ୍ୱର


ରୂପାଞ୍ଜୟ


ସୁରେନ୍ଦ୍ର


ପାପୁନ୍


ଘନଶ୍ୟାମ


ସୁଜିତ୍

ସେଲ୍‌ଫି ଉଠାନ୍ତୁ, ଆମକୁ ପଠାନ୍ତୁ smbselfie@gmail.com (ମନୋନୀତ ସେଲ୍‌ଫି ପ୍ରକାଶ ପାଇବ)

# କାଠପଟ୍ଟା ଜବତ, ୩ ଗିରଫ

**ବଲାଙ୍ଗୀର ଅଫିସ/ଲୋଇସିଂହା, ୫।୧୧(ଡି.ଏନ୍.ଏ.)**

ବଲାଙ୍ଗୀର ବନବିଭାଗ ମୋବାଇଲ ସ୍କ୍ୱାଡ ସୋମବାର ସନ୍ଧ୍ୟାରେ ସଦାଇପାଲି ନିକଟରେ ଏକ ବେଆଇନ କାଠ ଚୋରାଚାଲାଣ ମ୍ୟାକ୍ସ ପିକ୍‌ଅପ୍‌କୁ ଜବତ୍ କରିବା ସହ ୩ଜଣଙ୍କୁ ଗିରଫ କରିଥିଲା। ଏଥିରୁ ୨୯ ସିଏଫ୍‌ଟି ଶେମୁଳି ପଟା ଜବତ୍ କରାଯାଇଥିଲା । ଜବତ୍ କାଠର ଆନୁମାନିକ ମୂଲ୍ୟ ୫୦ହଜାର ଟଙ୍କା

- ମୁଖ୍ୟ କାଠ ମାଫିଆ ବୁଲୁ ଓରଫ୍ ବିଶ୍ୱାମିତ୍ର ନାଗ ଗିରଫ
- ଲୋଇସିଂହା ଜଡାମୁଣ୍ଡା ବେଆଇନ୍ କାଠ ଡିପୋରେ ଚଢ଼ାଉ
- ୧୦ ବର୍ଷ ହେଲା ଚଳାଇ ଆସୁଥିଲେ ବେଆଇନ କରତକଳ

ହେବ । ଗିରଫ ଅଭିଯୁକ୍ତମାନେ ହେଲେ ଲୋଇସିଂହାର ବୁଲୁ ଓରଫ୍ ବିଶ୍ୱାମିତ୍ର ନାଗ (୪୨), କର୍ଲାପାଟ ଗ୍ରାମର ନିଧି କର୍ମୀ (୩୨) ଓ ପାଣ୍ଡେସରା ଗ୍ରାମର ବସନ୍ତ ବିଶ୍ୱାଳ (୪୫)। ବିଶ୍ୱାମିତ୍ରଙ୍କୁ ମୁଖ୍ୟ ଅଭିଯୁକ୍ତ ଦର୍ଶାଯାଇଛି। ଦୀର୍ଘଦିନରୁ ବିଶ୍ୱାମିତ୍ର ଚୋରା କାଠ ବ୍ୟବସାୟ କରୁଥିବା ବନବିଭାଗ


ଗିରଫ ୩ କାଠ ଚୋର ।


ଜବତ୍ ମ୍ୟାକ୍ସ ପିକଅପ୍ ଗାଡି ଓ କାଠ ।

ପାଖରେ ଖବର ରହିଥିଲା। ବିଭିନ୍ନ ସମୟରେ ତାଙ୍କ ଚୋରା କାଠ କାରବାର ଉପରେ ଚଢ଼ାଉ କରାଯାଇ କାଠ ଜବତ୍ କରାଯାଇଥିଲେ ମଧ୍ୟ ସେ ବନବିଭାଗ ସ୍କ୍ୱାଡ ହାତରେ ଧରାପଡୁ ନ ଥିଲେ । ସୋମବାର ସନ୍ଧ୍ୟାରେ ଏକ ନମ୍ବର ବିହୀନ ମ୍ୟାକ୍ସ ପିକ୍‌ଅପ୍ ଗାଡିରେ ୨୯ ସିଏଫ୍‌ଟି କାଠପଟା ନେଇ ଲୋଇସିଂହାରୁ ଚନ୍ଦନଭାଟି ରାସ୍ତାଦେଇ ବଲାଙ୍ଗୀର ଆସୁଥିବା ଖବର ପାଇବା ପରେ ବନବିଭାଗ ମୋବାଇଲ ସ୍କ୍ୱାଡ ପକ୍ଷରୁ ସଦାଇପାଲି ନିକଟରେ ବିଶ୍ୱାମିତ୍ରଙ୍କ ଚୋରା କାଠଗାଡି ଉପରେ ଚଢ଼ାଉ କରାଯାଇଥିଲା । ଏଥିରେ ତାଙ୍କ ସହ ଅନ୍ୟ ଦୁଇ ଅଭିଯୁକ୍ତ ମଧ୍ୟ ଧରା ପଡିଥିଲେ। ବିଶ୍ୱାମିତ୍ର ଧରାପଡିବା ପରେ ତାର ଚୋରା କାଠ ସାମ୍ରାଜ୍ୟ ନେଇ ପଚରାଉଚରା କରାଯିବାରୁ ଲୋଇସିଂହା ନିକଟରେ ସେ ଏକ ଚୋରା କରତକଳ ବସାଇଥିବା ସୂଚନା ଦେଇଥିଲେ। ଏହି ସୂଚନା ପାଇବା ପରେ ବଲାଙ୍ଗୀର, ଦେଓଗାଁ, ସଇଁତଲା ବନବିଭାଗ ସ୍କ୍ୱାଡ ବିଳମ୍ବିତ ରାତିରେ ଲୋଇସିଂହା ନିକଟ ଜଡାମୁଣ୍ଡାସ୍ଥିତ ବିଶ୍ୱାମିତ୍ରଙ୍କ ବେଆଇନ କରତକଳ ଉପରେ ଚଢ଼ାଉ କରିଥିଲା । ସେଠାରୁ ବେଆଇନ୍ କରତକଳ ସହ ୪୩ ସିଏଫ୍‌ଟି ଶାଳ, ନିମ୍ବ ଚଉକାଠ ଜବତ୍ କରାଯାଇଥିଲା। ଜବତ୍ କାଠର ମୂଲ୍ୟ ପ୍ରାୟ ୧ ଲକ୍ଷ ଟଙ୍କା ହେବ ବୋଲି କୁହାଯାଇଛି । ଏସିଏଫ୍ ବାବାଜୀ ଚରଣ ରାଉଳଙ୍କ ନେତୃତ୍ୱରେ ବଲାଙ୍ଗୀର ରେଞ୍ଜ ଅଫିସର ବିଜୟ କୁମାର ଖୁଣ୍ଟିଆ, ଫରେଷ୍ଟର ବ୍ୟାସଦେବ ସାହୁ, ମୋବାଇଲ ସ୍କ୍ୱାର୍ଡର ସୁନୀଲ ମିଶ୍ର, ଧ୍ରୁବଚରଣ ବଗର୍ତ୍ତୀ ଲୋଇସିଂହା, ଦେଓଗାଁ, ସଇଁତଲା ବନବିଭାଗ ମୋବାଇଲ ସ୍କ୍ୱାର୍ଡ ଓ ପାରା ଷ୍ଟାଫ ସଦାଇପାଲି ଓ ଲୋଇସିଂହା ଜଡାମୁଣ୍ଡାଠାରେ ଚଢ଼ାଉ କରିଥିଲେ। ଏ ନେଇ ବନବିଭାଗ ପକ୍ଷରୁ ଏକ ମାମଲା(ନଂ.୧୮୭/୨୦୧୯-୨୦) ରୁଜୁ କରାଯାଇ ତଦନ୍ତ କରାଯାଉଛି ।

## ଅଇଁଠାପାଲି ଛକରୁ ଅଜଣା ମୃତଦେହ ଉଦ୍ଧାର

**ସମ୍ବଲପୁର,୫।୧୧(ବ୍ୟୁରୋ)**

ସମ୍ବଲପୁର ଅଇଁଠାପାଲି ମଙ୍ଗଳା ମନ୍ଦିର ଛକ ନିକଟରେ ଜଣେ ଅଚିହ୍ନା ବ୍ୟକ୍ତିଙ୍କ ମୃତଦେହ ପୋଲିସ ଉଦ୍ଧାର କରିଛି । ତାଙ୍କ ବୟସ ଆନୁମାନିକ ୪୫ ବର୍ଷ ଭିତରେ ହେବ। ସେ କିଛି ଦିନ ହେବ ଏହି ଅଞ୍ଚଳରେ ବୁଲାବୁଲି କରୁଥିଲେ। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି ବୋଲି ପୋଲିସ କହିଛି।

## ଛାତ୍ରୀଙ୍କୁ ଅଶ୍ଳୀଳ ଇଙ୍ଗିତ ଘଟଣାରେ ଯୁବକ ଗିରଫ

### ଗ୍ରାମବାସୀ ଅଭିଯୁକ୍ତଙ୍କୁ ଆଣ୍ଠେଇ ଚଲାଇବା ଭିଡିଓ ଭାଇରାଲ

**ତିହିଡ଼ି,୫।୧୧(ଡି.ଏନ୍.ଏ.)**

ଭଦ୍ରକ ଜିଲା ତିହିଡ଼ି ଥାନା ସୟା ଅଞ୍ଚଳର ୨ଜଣ କଲେଜଛାତ୍ରୀଙ୍କୁ ଅଶ୍ଳୀଳ ଇଙ୍ଗିତ ପ୍ରଦର୍ଶନ କରିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ତେବେ ଏହି ଯୁବକଙ୍କୁ ଗ୍ରାମବାସୀ ଧରି ପୋଲିସକୁ ହସ୍ତାନ୍ତର କରିବା ପୂର୍ବରୁ ମାଡ ମାରି ଆଣ୍ଠେଇ ଚଲାଇବା ଘଟଣାର ଭିଡିଓ ଭାଇରାଲ ହୋଇଛି, ଯାହାକି ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ପୋଲିସ ସୂଚନା ଅନୁଯାୟୀ କମେଣ୍ଟ ମାରି ଗିରଫ ହୋଇଥିବା ଯୁବକଙ୍କ ନାଁ ଶିବାନନ୍ଦ ମଳିକ। ଘର ତିହିଡ଼ି ଥାନା ଅଧିନ ନିଙ୍ଗାଡ଼ି ଗ୍ରାମରେ। ଏନେଇ ତିହିଡ଼ି ଥାନାରେ ଏକ ମାମଲା(ନଂ ୪୭୪/୧୯) ରୁଜୁ ହୋଇଛି। ଅଭିଯୁକ୍ତ ଶିବାନନ୍ଦ ଘଯଣାଦିନ ଅନ୍ୟଜଣେ ନାବାଳକଙ୍କ ସହ ଆସି ସୋମବାର କଲେଜଛାତ୍ରୀଙ୍କୁ ଅଶ୍ଳୀଳ ଇଙ୍ଗିତ କରିବା ସହ ମୋବାଇଲ ନମ୍ବର ମାଗିଥିଲେ। ଛାତ୍ରୀମାନେ କୌଶଳକ୍ରମେ ସେମାନଙ୍କୁ ଗ୍ରାମକୁ ଡକାଇ ନେଇଥିଲେ। ଗ୍ରାମାବାସୀ ସେମାନଙ୍କୁ ଧରି ମାଡ଼ମାରି ପୋଲିସକୁ ହସ୍ତାନ୍ତର କରିଥିଲେ। ଏହି ଘଟଣାରେ ନାବାଳକଙ୍କ ପରିବାର କରିଥିବା ପାଲଟା ଅଭିଯୋଗ କ୍ରମେ ପୋଲିସ କେତେକ ଗ୍ରାମବାସୀଙ୍କ ନାମରେ ଏକ ମକଦ୍ଦମା (ନଂ ୪୭୫/୧୯) ରୁଜୁ କରିଥିବା ଆଇଆଇସି ରମେଶଚନ୍ଦ୍ର ସିଂ କହିଛନ୍ତି।

### ଚାରପାଲିରେ ଏକଦିବସୀୟ ଫୁଟବଲ

## ବସନ୍ତପୁର ଗଡମୁଣ୍ଡାକୁ ହରାଇ ଖଗସିପାଲି ଚାମ୍ପିୟନ

ଟିପିଲିମା, ୫।୧୧ (ଡି.ଏନ.ଏ.)

କର୍ଡୋଲା ପଞ୍ଚାୟତ ଚାରପାଲି ଫୁଟବଲ ପଡିଆରେ ଗ୍ରାମାଞ୍ଚଳର ୮ଟି ଫୁଟବଲ ଦଳକୁ ନେଇ ଏକ ଦିବସୀୟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଫାଇନାଲ ଖେଳରେ ବୈଜାମୁଣ୍ଡା ଖଗସିପାଲି ଦଳ ବସନ୍ତପୁର ଦଳକୁ ଟାଇବ୍ରେକର ମାଧ୍ୟମରେ ହରାଇ ଚାମ୍ପିୟନ ହୋଇଛି । ପ୍ରଥମ ସେମିଫାଇନାଲରେ ଗଡମୁଣ୍ଡା ଦଳ କୁମେଲସିଂହା ଦଳକୁ ହରାଇ ଫାଇନାଲକୁ ପ୍ରବେଶ କରିଥିଲା। ଦ୍ୱିତୀୟ ସେମିଫାଇନାଲରେ ଖଗସିପାଲି ଦଳ ରାଇଟଡାଇକ୍ ବଡମାଲ ଦଳକୁ ହରାଇ ଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଥିଲା । ଆୟୋଜିତ ଟୁର୍ଣ୍ଣାମେଣ୍ଟରେ ମୁଖ୍ୟଅତିଥି ଭାବରେ ରେଙ୍ଗାଲି ବିଧାୟକ ନାଉରୀ ନାଏକ, ଜିଲା ପରିଷଦ ଅଧ୍ୟକ୍ଷ ରାଧେଶ୍ୟାମ ବାରିକ, ବ୍ଲକ ଅଧ୍ୟକ୍ଷା ସୀତା ଛୁରିଆ, କର୍ଡୋଲା ସରପଞ୍ଚ ବିଶ୍ୱବନ୍ଧ୍ୟା ବଢ଼ାଇ ପ୍ରମୁଖ ଯୋଗ ଦେଇ ବିଜୟୀ ଦଳକୁ ନଗଦ ୫ ହଜାର ଟଙ୍କା ସହ ଟ୍ରଫି ଓ ଉପବିଜେତା ଦଳକୁ ନଗଦ ୩ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରି ପୁରସ୍କୃତ କରିଥିଲେ। ଗେଥଲ ଛନ୍ଦ, ମୀନକେତନ ଛୁରିଆ, ଦିନେଶ ପ୍ରଧାନ, ବିକାଶ ପ୍ରଧାନ ପ୍ରମୁଖଙ୍କ ନେତୃତ୍ୱରେ ଗ୍ରାମବାସୀ ସହଯୋଗ କରିଥିଲେ।

## କୋର୍ଟ ପରିସରରୁ ବାଇକ୍ ଚୋରି: ଯୁବକ ଗିରଫ

ବାସୁଦେବପୁର, ୫।୧୧(ଡି.ଏନ୍.ଏ.)

ଭଦ୍ରକ ଜିଲା ବାସୁଦେବପୁର କୋର୍ଟ ପରିସରରୁ ସୋମବାର ଦୀପକ ନାୟକ ନାମକ କୋର୍ଟ ପୋଲିସ କର୍ମଚାରୀଙ୍କ ବାଇକ୍ ଚୋରି କରିନେଇଥିବା ଯୁବକ ଜଗନ୍ନାଥ ବାରିକ(୨୫)ଙ୍କୁ ପୋଲିସ ଗିରଫ କରିଛି। ଅଭିଯୁକ୍ତ ଯୁବକଙ୍କ ଘର ଇରମ ପଞ୍ଚାୟତ ରଥପଦା ଗ୍ରାମରେ। ସୋମବାର ଏହି ଚୋରି ସମ୍ପର୍କରେ ଦୀପକ ବାସୁଦେବପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଚୋରି ଘଟଣାର ତଦନ୍ତ କରି କୋର୍ଟ ନିକଟ ରାସ୍ତା ଓ ସହରରେ ଲଗାଯାଇଥିବା ସିସିଟିଭି କ୍ୟାମେରାର ଫୁଟେଜ ଯାଞ୍ଚ କରିବା ସମୟରେ ଜଗନ୍ନାଥ ଗାଡ଼ି ଚୋରି କରି ନେଇଥିବା ଜଣାପଡ଼ିଥିଲା। ଏହି ପରିପ୍ରେକ୍ଷୀରେ ବାସୁଦେବପୁର-ସୁଆଁ ରାସ୍ତାର ମିରିଗାଠାରେ କେତେକ ବ୍ୟକ୍ତି ଜଗନ୍ନାଥକୁ ବାଇକ୍ ସହିତ ଅଟକ ରଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ଜଗନ୍ନାଥକୁ ଗିରଫ କରି ଚୋରି ଗାଡ଼ି ଉଦ୍ଧାର କରିଛି। ଏ ନେଇ ଥାନାରେ ଏକ ମାମଲା(ନଂ ୪୩୬/୧୯) ରୁଜୁ କରାଯାଇଛି। ପୂର୍ବରୁ ଅନ୍ୟ ଏକ ବାଇକ୍ ଚୋରି ଘଟଣାରେ ଧରାପଡ଼ି ଜଗନ୍ନାଥ ଜେଲ ଯାଇଥିଲେ ବୋଲି ପୋଲିସ କହିଛି।

## କଲେଜ ଛାତ୍ରୀଙ୍କୁ ଆକ୍ରମଣ ଅଭିଯୋଗ: ଥାନାରେ ୩ ଅଟକ

ଧାମନଗର ୫।୧୧(ଡି.ଏନ.ଏ.)

ଭଦ୍ରକ ଜିଲା ଧାମନଗର କଲେଜ ନିକଟରେ କେତେକ ଯୁବକ ଜଣେ ଛାତ୍ରୀଙ୍କୁ ଅଟକାଇ ଟଙ୍କା ମାଗିବା ସହିତ ତାଙ୍କୁ ମାଡ଼ ମାରି ବେହୋସ କରିବା ଭଳି ଘଟଣା ପଦାକୁ ଆସିଛି। ସେମାନେ ଛାତ୍ରୀଜଣଙ୍କୁ ବେହୋସ ଅବସ୍ଥାରେ ଆଣି ମେଡିକାଲରେ ଭର୍ତ୍ତି କରି ତାଙ୍କ ବାପାଙ୍କୁ ଫୋନ କରିଥିଲେ। ପରେ ଏ ନେଇ ଛାତ୍ରୀ ଜଣକ ଧାମନଗର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତନାଘନା କରି ୩ ଜଣ ଯୁବକଙ୍କୁ ଧରି ଅଟକ ରଖି ପଚରାଉଚୁରା କରୁଥିବା ଜଣାପଡିଛି। ଗତ ୪ ଦିନ ତଳେ ଅନୁରୂପ ଏହିଭଳି ଏକ ଘଟଣାରେ ଅର୍ଜ୍ଜୁନପୁର ନଦୀପଠାରୁ ଜଣେ ନାବାଳିକାଙ୍କୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରାଯାଇ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ପରେ କଟକରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ପୋଲିସ ତଦନ୍ତ ଓ ଚର୍ଚ୍ଚା ଜାରି ରହିଥିବାବେଳେ ଏଠାକାର ଜଣେ କଲେଜ ଛାତ୍ରୀଙ୍କୁ ଅନୁରୂପ ବେହୋସ ଅବସ୍ଥାରେ ଆଣି ଡାକ୍ତରଖାନାରେ ଭର୍ତ୍ତି କରାଯିବା ସାଧାରଣରେ ଆଲୋଡ଼ନ ସୃଷ୍ଟି କରିଛି। ଏଭଳି ଅପରାଧ ଘଟଣା ବୃଦ୍ଧି ପାଉଥିବାରୁ ଛାତ୍ରୀ ଓ ମହିଳାଙ୍କ ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ବୋଲି ଅଞ୍ଚଳବାସୀ ପ୍ରତିକ୍ରିୟା ବ୍ୟକ୍ତ କରିଛନ୍ତି।


ଧରିତ୍ରୀ DHARITRI
CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

ସାଉଥ୍ ଆଫ୍ରିକାରେ ଇନ୍‌ଫ୍ରାଷ୍ଟ୍ରକ୍‌ଚର କନ୍‌ଷ୍ଟ୍ରକ୍‌ସନ୍, ହେଲପର, ଡ୍ରାଇଭର, ମେସନ, କାର୍ପେଣ୍ଟର, ଇଲେକ୍ଟ୍ରିସିଆନ, ଅପରେଟର ଏବଂ ସମସ୍ତ ପ୍ରକାର କାରିଗର ଆବଶ୍ୟକ।
ଦରମା- 40,000/-, ମଡର୍ଣ୍ଣ ଇଞ୍ଜିନିଅରିଂ (ଇଣ୍ଡିଆନ୍ ମ୍ୟାନେଜ୍‌ମେଣ୍ଟ କମ୍ପାନୀ)
କମଲ ପ୍ଲେସ୍‌ମେଣ୍ଟ
415, ରଙ୍ଗିଲା ପାର୍କ, ଦିନ୍‌ଦୋଲି, ସୁରତ୍, ଗୁଜୁରାଟ
9157012447, 9157312448

Railway Job
- Petty Repair (ITI) Rs.14000/-
- Supervisor (+2,+3) : Rs.14000/-
- Bad Roll (10th) : Rs.12000/-
- House keeping (Under Matric) Rs.8000/- to Rs.10000/-
Posting- BBSR, Puri, Rayagada
7327065424, 8895725158

ମାସକୁ ରୋଜଗାର Rs. 30,000/- ରୁ 50,000/-
Training ! ଟ୍ରେନିଙ୍ଗ୍ !! ଟ୍ରେନିଙ୍ଗ୍ !!!
AC, Fridge (ଫ୍ରିଜ୍), Washing Machine (ୱାସିଙ୍ଗ୍ ମେସିନ୍), Repair Training (ମରାମତି ଟ୍ରେନିଙ୍ଗ୍) ଏହାସହିତ (Aqua Filter Repair Training Free) ରେ ଦିଆଯିବ।
WhatsApp: 7504825560
90% ପ୍ରାକ୍ଟିକାଲ Training ଦିଆଯିବ

OFFICIALLY JOB
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-40) yrs., Monthly Salary upto Rs.25,000/-.
Contact Immediately
Mob: 8763257042

ଭୁବନେଶ୍ୱରରେ ଏକ ଲଣ୍ଡ୍ରି କମ୍ପାନୀରେ କାମ କରିବା ନିମନ୍ତେ ଆବଶ୍ୟକ
1) Washing କାରିଗର
2) ଆଇରନ୍ କାରିଗର
3) ଡାଲା ଅଟୋ ଡ୍ରାଇଭର
4) ଡେଲିଭରି ବୟ
Contact : 7609893102 8280082800

ଆବଶ୍ୟକ
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary upto Rs.27,000/-.
(Part Time / Full Time)
Contact: 9938676412

WALK IN INTERVIEW
A well established real estate company based at Bhubaneswar requires-
1. RECEPTIONIST: 2 Nos. Graduate with good looking and pleasing personality. Fluency in English / Hindi.
2. Manager Marketing (M/F): 10 Nos. Qualification: Graduate having 5 years exp. in realestate / FMCG / Insurance business.
Contact: SKY LINE ESTCON PVT. LTD.
9/A, Kharvel Nagar, Backside of Hotel Swosti, BBSR-1
0674-2530079, Mob: 7978500483,
Email: info@skylinebbsr.com
N.B: Salary best in Industry.
Date of Interview: 7th, 9th & 10th November, 2019 (10 am-5 pm).

'Z' ASSOCIATES required for 25 Marketing Persons.
Candidates come with their biodata on 02.11.2019 & 06.11.2019.
Contact: 9439653561, 8480697808, 9078445582
at N-1-39, IRC Village Main Road.

We Are Hiring !!
Direct sales Executives / Officers required, attractive pay and excellent career progression ! Give your career a kick start.
Mail - uttam.maity@propello.in
Ph.- 9875630881

EXPERIENCE RESTAURANT STAFF REQUIRED

| | | | |
|---|---|---|---|
| Captain | - | 4nos | (10-12k) |
| Waiter | - | 8nos | (8k) |
| Housekeeping | - | 8nos | (6k) |
| Kitchen helper | - | 4nos | (8k) |
| Odia cook | - | 2nos | |
| Indian cook | - | 2nos | |
| Manager | - | 2nos | |

Salary negotiable, fooding & accommodation includes
Contact : 9090880077 9090220077

TUNNELING & MINING ENGINEERS
MINING ENGINEERS
Diploma (Mining) | Mine Foreman / Mates/ Blaster. Exp. in open & UG works
TUNNEL ENGINEERS
(BE Civil / Diploma) | Billing Engrs, QS, QC. Atleast one tunnel exp. reqd
SURVEYORS
(Diploma / ITI (survey) Exp. in atleast 1 tunnel, AutoCad.
Location: Pune / Mumbai
SAMMON INFRACORP
9420878517 / 9422565012
jobs@sammoninfra.com
sammoninfra@gmail.com

See Career Appointment on every Wednesday & Saturday

Concept to Commissioning FOX Since 1995
WALK IN INTERVIEW
Bhubaneshwar: 9th Nov 2019 (Saturday)
Reporting: 09.00 am to 2pm.
VENUE:FOX Solutions, Office No.527, 5th Floor, Esplanade Mall, Puri - Cuttack Rd, Rasulgarh Bhubaneswar-751010, India. Tel : ++91-674-2549504
If you are looking for Challenge, Growth, and Rewards...And have what it needs A brilliant career awaits you at "FOX" Make a career in Industrial Automation with India's biggest SIEMENS System Integrator. Work with the industry experts in PLCs, Drives & DCS.
EDUCATIONAL QUALIFICATION:
B.E / B.Tech/MSc. (E&I/Electronics/Instrumentation/Electrical) and with domain knowledge of Automation systems are invited for career :
JOB LOCATION:BUB, Raigarh, Pune, Delhi,Silvassa & KOL
1. Executive Sales –4 Positions (Code: EG2-MKT) Candidates with Sales experience 2 to 5years in Industrial Automation
2. Executive Projects -15 Positions (Code: PRJ-EG2) Candidates with experience 2 to 5years in Software Development, Commissioning & troubleshooting of PLCs, Drives, SCADA & DCS System in Large size projects with Team members.
*CANDIDATE who had attended interview in previous 6 months in FOX are not eligible to attend the walk in interview.
* Those are not able to attend but interested can send their resume on below email jobs@foxindia.net. Mention subject line as-"Position Code".
Website: www.foxindia.net, Email: jobs@foxindia.net

IBPS ପ୍ରଜ୍ଞାବିଭାଵନମ୍
ବ୍ୟାଙ୍କିଙ୍ଗ କାର୍ମିକ ଚୟନ ସଂସ୍ଥା
ୱେବସାଇଟ: www.ibps.in
ପ୍ରଶ୍ନ/ଅଭିଯୋଗ ମାମଲାରେ ଦୟାକରି http://cgrs.ibps.in/ ରେ ଲଗଇନ୍ କରନ୍ତୁ
ଅଂଶଗ୍ରହଣକାରୀ ଅନୁଷ୍ଠାନ ଗୁଡ଼ିକରେ ସ୍ୱତନ୍ତ୍ର ଅଫିସରଙ୍କ ନିଯୁକ୍ତି ନିମନ୍ତେ ସାଧାରଣ ନିଯୁକ୍ତି ପ୍ରଣାଳୀ - (ସିଆରପି ଏସପିଏଲ-IX)
ଅଂଶଗ୍ରହଣକାରୀ ସଂଗଠନ ଗୁଡ଼ିକରେ ନିମ୍ନରେ ତାଲିକାଭୂକ୍ତ ବିଶେଷଜ୍ଞ ଅଧିକାରୀ ମାନଙ୍କ କ୍ୟାଡର ପଦବୀ ଗୁଡ଼ିକରେ ପ୍ରାର୍ଥୀ ଚୟନ ପାଇଁ ଆଗାମୀ ସାଧାରଣ ଭର୍ତ୍ତି ପ୍ରକ୍ରିୟା (ସିଆରପି) ପାଇଁ ଅନଲାଇନ ପରୀକ୍ଷା (ପ୍ରିଲିମିନାରୀ ଏବଂ ମେନ୍) ଡିସେମ୍ବର ୨୦୧୯/ଜାନୁଆରୀ ୨୦୨୦ରେ ଅସ୍ଥାୟୀ ଭାବେ ନିର୍ଦ୍ଧାରିତ କରାଯାଇଛି ।

| କ୍ରମିକ ସଂଖ୍ୟା | ପଦବୀ | କ୍ରମିକ ସଂଖ୍ୟା | ପଦବୀ |
|---|---|---|---|
| ୦୧ | ଆଇ.ଟି ଅଫିସର୍ (ସ୍କେଲ – I) | ୦୪ | ଲ' ଅଫିସର୍ (ସ୍କେଲ – I) |
| ୦୨ | ଏଗ୍ରିକଲ୍ଚରାଲ ଅଫିସର୍ (ସ୍କେଲ – I) | ୦୫ | ମାନବସମ୍ବଳ/ପର୍ସୋନେଲ ଅଫିସର୍ (ସ୍କେଲ – I) |
| ୦୩ | ରାଜଭାଷା ଅଧିକାରୀ (ସ୍କେଲ – I) | ୦୬ | ମାର୍କେଟିଂ ଅଫିସର୍ (ସ୍କେଲ – I) |

କାର୍ଯ୍ୟସୂଚୀର ଅସ୍ଥାୟୀ ଅନୁସୂଚୀ ଏହି ପ୍ରକାର ଅଟେ:

| କାର୍ଯ୍ୟକ୍ରମ | ଅସ୍ଥାୟୀ ତାରିଖ |
|---|---|
| ନିବେଦକଙ୍କ ଦ୍ୱାରା ଆବେଦନ ସମ୍ପାଦନ/ସଂଶୋଧନ ସହିତ ଅନଲାଇନ ପଂଜୀକରଣ | ୦୬.୧୧.୨୦୧୯– ୨୬.୧୧.୨୦୧୯ |
| ଆବେଦନ ଶୁଳ୍କ ପୈଠ/ସୂଚନା ଶୁଳ୍କ (ଅନଲାଇନ) | ୦୬.୧୧.୨୦୧୯– ୨୬.୧୧.୨୦୧୯ |
| ଅନଲାଇନ ପରୀକ୍ଷା ପାଇଁ କଲ୍ ଲେଟର ଡାଉନଲୋଡ କରନ୍ତୁ – ପ୍ରିଲିମିନାରୀ | ଡିସେମ୍ବର ୨୦୧୯ |
| **ଅନଲାଇନ ପରୀକ୍ଷା - ପ୍ରିଲିମିନାରୀ** | **୨୮.୧୨.୨୦୧୯ ଏବଂ ୨୯.୧୨.୨୦୧୯** |
| ଅନଲାଇନ ପରୀକ୍ଷାର ପରିଣାମ – ପ୍ରିଲିମିନାରୀ | ଜାନୁଆରୀ ୨୦୨୦ |
| ଅନଲାଇନ ପରୀକ୍ଷା ପାଇଁ କଲ୍ ଲେଟର ଡାଉନଲୋଡ–ମେନ୍ | ଜାନୁଆରୀ ୨୦୨୦ |
| **ଅନଲାଇନ ପରୀକ୍ଷା - ମେନ୍** | **୨୫.୦୧.୨୦୨୦** |
| ଅନଲାଇନ ମେନ ପରୀକ୍ଷାର ଫଳାଫଳ ଘୋଷଣା | ଫେବୃଆରୀ ୨୦୨୦ |
| ଇଣ୍ଟରଭ୍ୟୁ ପାଇଁ କଲ୍ ଲେଟର ଡାଉନଲୋଡ | ଫେବୃଆରୀ ୨୦୨୦ |
| ଇଣ୍ଟରଭ୍ୟୁ ପରିଚାଳନା | ଫେବୃଆରୀ ୨୦୨୦ |
| ପ୍ରୋଭିଜନାଲ ଆବଣ୍ଟନ | ଏପ୍ରିଲ ୨୦୨୦ |

ଆବେଦନକାରୀଙ୍କୁ ପରାମର୍ଶ ଦିଆଯାଉଛି କି ସେମାନେ ନିୟମିତ ଭାବେ ସମ୍ପର୍କରେ ରହିବା ପାଇଁ ଆଇବିପିଏସର ଅଧିକାରିକ ୱେବସାଇଟ www.ibps.in କୁ ଯାଆନ୍ତୁ ।
ଅନଲାଇନ ପଂଜୀକରଣ ପୂର୍ବରୁ ଆବେଦନକାରୀ ବିସ୍ତୃତ ଭାବେ ଅଧିସୂଚନା ପଢ଼ିବା ଏବଂ ସେଥିରେ ଉଲ୍ଲେଖ ନିର୍ଦ୍ଦେଶ ଗୁଡ଼ିକ ପାଳନ କରିବା ପାଇଁ ପରାମର୍ଶ କରାଯାଉଛି ।
ମୁମ୍ବାଇ
ତାରିଖ: ୦୫/୧୧/୨୦୧୯
ନିର୍ଦ୍ଦେଶକ
ଆଇବିପିଏସ

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।



ଟିମ୍ ମ୍ୟାନେଜମେଣ୍ଟ ଆମ ଉପରେ ଚାପ ପକାଇ ନ ଥାଏ, ବରଂ ବାରମ୍ବାର ତ୍ରୁଟି ନ କରିବାକୁ ପରାମର୍ଶ ଦିଆଯାଇଥାଏ ।

–ଯୁଜବେନ୍ଦ୍ର ଚହଲ, ଭାରତୀୟ ଲେଗ୍ ସ୍ପିନର



ରିଷଭ ପନ୍ତ୍ ମହେନ୍ଦ୍ର ସିଂଙ୍କ ଭଳି ହେବାକୁ ଚେଷ୍ଟା ନ କରି ବରଂ ନିଜସ୍ୱ ଷ୍ଟାଇଲରେ ଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ଚେଷ୍ଟା କରନ୍ତୁ ।

–ଆଡାମ ଗିଲକ୍ରିଷ୍ଟ, ପୂର୍ବତନ ଅଷ୍ଟ୍ରେଲୀୟ କ୍ରିକେଟର

## ସଂକ୍ଷେପରେ

### ଡିସେମ୍ବର ୧୯ରେ ଆଇପିଏଲ୍ ଖେଳାଳି ନିଲାମ କୋଲକାତାରେ

**ମୁମ୍ବାଇ,୫।୧୧(ପି.ଟି.):** ହାଇପ୍ରୋଫାଇଲ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ପରବର୍ତ୍ତୀ ସଂସ୍କରଣର ଖେଳାଳି ନିଲାମ କୋଲକାତାରେ ଆସନ୍ତାମାସ ୧୯ ତାରିଖରେ ଆୟୋଜନ ହେବ। ମଙ୍ଗଳବାର ଏଠାରେ ଆୟୋଜିତ ଆଇପିଏଲ୍ ଗଭର୍ନିଂ କାଉନସିଲରେ ଏ ନେଇ ନିଷ୍ପତ୍ତି ନିଆଯାଇଛି। ଏଥର ପ୍ରଥମଥର ପାଇଁ କୋଲକାତାରେ ଖେଳାଳି ନିଲାମ ଆୟୋଜନ ହେବ। ପୂର୍ବରୁ ବେଙ୍ଗାଲୁରୁରେ ଖେଳାଳି ନିଲାମ ଆୟୋଜିତ ହୋଇଆସୁଥିଲା। ୨୦୧୯ରେ ପ୍ରତ୍ୟେକ ଫ୍ରାଞ୍ଚାଇଜ୍‌କୁ ୮୨ କୋଟି ଟଙ୍କା ଆବଣ୍ଟିତ କରାଯାଇଥିଲା। ତେବେ ଏଥର ପ୍ରତ୍ୟେକ ଦଳକୁ ୮୫ କୋଟି ଟଙ୍କା ଆବଣ୍ଟତ କରାଯିବ ବୋଲି କୁହାଯାଇଛି। ଏହା ବ୍ୟତୀତ ଫ୍ରାଞ୍ଚାଇଜ୍‌ଗୁଡିକ ପାଖରେ ଅତିରିକ୍ତ ୩ କୋଟି ଟଙ୍କା ରହିବ। ଦିଲ୍ଲୀ କ୍ୟାପିଟାଲ୍ସର ସର୍ବାଧିକ ଅର୍ଥରାଶି ୮.୨ କୋଟି ଟଙ୍କା ରହିଛି। ଏହାପରେ ରାଜସ୍ଥାନ ରୟାଲ୍ସର ୭.୧୫ କୋଟି ଟଙ୍କା ଓ କୋଲକାତା ନାଇଟ ରାଇଡର୍ସ ପାଇଁ ୬.୦୫ କୋଟି ଟଙ୍କା ବାଲାନ୍ସ ରହିଛି। ୨୦୨୧ ମେଗା ଖେଳାଳି ନିଲାମରେ ଫ୍ରାଞ୍ଚାଇଜ୍‌ଗୁଡିକ ନୂଆ ଦଳ ପ୍ରସ୍ତୁତ କରିବେ। ଏହା ପୂର୍ବରୁ ଚଳିତ ବର୍ଷର ନିଲାମ ଅନ୍ତିମ ସାବ୍ୟସ୍ତ ହେବେ।

### ଗ୍ରୁପ୍ ଚାମ୍ପିୟନ ଲକ୍ଷ୍ୟରେ ଓଡ଼ିଶା

କଟକ ଅଫିସ,୫।୧୧: ଚଳିତ ୧୬ ବର୍ଷରୁ କମ୍ ବିଜୟ ମର୍ଚ୍ଚାଣ୍ଟ ଟ୍ରଫିରେ ଓଡ଼ିଶା ଓ ବେଙ୍ଗଲ ମଧରେ ମ୍ୟାଚ୍ ବୁଧବାରଠାରୁ ଆରମ୍ଭ ହେବ। ବାରବାଟୀ ଷ୍ଟାଡିୟମରେ ଏହି ମ୍ୟାଚ୍ ଖେଳାଯିବ। ଓଡ଼ିଶା ପୂର୍ବାଞ୍ଚଳ ଗ୍ରୁପ ଚାମ୍ପିୟନ ହେବାର ଆଶାଠାରୁ ଗୋଟିଏ ପାଦ ଦୂରରେ ରହିଛି। ଏବେ ସୁଦ୍ଧା ୪ଟି ମ୍ୟାଚ୍ ଖେଳି ସାରିଥିବା ଓଡ଼ିଶା ୩ଟି ବିଜୟ ଓ ଗୋଟିଏ ଡ୍ର ସହ ୨୦ ପଏଣ୍ଟ ହାସଲ କରି ଗ୍ରୁପ ଶୀର୍ଷ ସ୍ଥାନ ଲାଭ କରିଛି। ୧୭ ପଏଣ୍ଟ ପାଇ ଝାଡ଼ଖଣ୍ଡ ଦ୍ୱିତୀୟ ସ୍ଥାନରେ ଅଛି। ଘରୋଇ ମାଟିରେ ଅନ୍ତିମ ମ୍ୟାଚ୍ ବିଜୟୀ ହୋଇ ଓଡ଼ିଶା ପରବର୍ତ୍ତୀ ରାଉଣ୍ଡ ଖେଳିବା ଆଶାରେ ରହିଛି। ଉକ୍ତ ମ୍ୟାଚ୍ ନିମନ୍ତେ ମଙ୍ଗଳବାର ରାଜ୍ୟ ଦଳ ଘୋଷଣା କରାଯାଇଛି। ଆଘାତ କାରଣରୁ ଅଲ୍‌ରାଉଣ୍ଡର ତଥା ଅଧିନାୟକ ଶ୍ରେଷ୍ଠ ସିଂଙ୍କୁ ଦଳରୁ ବାଦ୍ ଦିଆଯାଇଛି। ଉଇକେଟ କିପର ଆଶୀର୍ବାଦ ସ୍ୱାଇଁ ଏହି ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ଅଧିନାୟକ ଦାୟିତ୍ୱ ତୁଲାଇବେ। **ଓଡ଼ିଶା ଦଳ:** ଆଶୀର୍ବାଦ ସ୍ୱାଇଁ(ଉଇକେଟକିପର/ଅଧିନାୟକ), ତନ୍ମୟ କୁମାର ବିଶ୍ୱାଳ, ସାଇଦୀପ ମହାପାତ୍ର, ସୁଦର୍ଶନ ସ୍ୱାଇଁ(ଉଇକେଟ କିପର), ମହମ୍ମଦ ସୋହେଲ ଖାନ, ଶୁଭମ ନାୟକ, ଦିଗବିଜୟ ପାତ୍ର, ପ୍ରତୀକ ବଳ, ଅଂଶୁମାନ ବେଜ, ମହମ୍ମଦ ଜିସାନ, ଭବିଷ୍ୟ ବେହେରା, ତାରିଣୀ ପ୍ରସାଦ ନାୟକ, ଓମ୍ ପ୍ରକାଶ ସାହୁ, ଶ୍ରେୟାଂଶ ପଣ୍ଡା, ଝଙ୍କାର ପ୍ରିୟଦର୍ଶୀ ଦ୍ୱିବେଦୀ। କୋଚ୍/ମ୍ୟାନେଜର- କେ.ଭି ପ୍ରସାଦ, ଫିଜିଓ- ଦିନେଶ ସାହୁ, ଟ୍ରେନର- ସୌର୍ଯ୍ୟ ରଞ୍ଜନ ରାୟ।

# ବାରବାଟୀକୁ ଟେଷ୍ଟ ଭେନ୍ୟୁ ମାନ୍ୟତା ଉଦ୍ୟମ

**କଟକ ଅଫିସ,୫।୧୧**



ବାରବାଟୀ ଷ୍ଟାଡିୟମରେ ଅନ୍ତର୍ଜାତୀୟ ଟେଷ୍ଟ ମ୍ୟାଚ୍ କରାଯିବାକୁ ଚେଷ୍ଟା କରାଯାଉଛି। ରାଜ୍ୟର ଏହି ଏକମାତ୍ର ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମକୁ ଟେଷ୍ଟ ଭେନ୍ୟୁ ମାନ୍ୟତା ଫେରାଇ ଅଣାଯିବ। ଏ ସମ୍ପର୍କରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ସଭାପତି ସୌରଭ ଗାଙ୍ଗୁଲିଙ୍କ ସହ ଆଲୋଚନା କରାଯାଇଛି। ଖୁବଶୀଘ୍ର ଏକ ଚିଠି ବିସିସିଆଇକୁ ଏ ସଂକ୍ରାନ୍ତରେ ପଠାଯିବ ବୋଲି କହିଛନ୍ତି

### ବିସିସିଆଇକୁ ଚିଠି ଲେଖିବ ଓସିଏ

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ସମ୍ପାଦକ ସଞ୍ଜୟ ବେହେରା। ବାରବାଟୀରେ ଟେଷ୍ଟ ମ୍ୟାଚ୍ ଆୟୋଜନ ହେଲେ ଏହାର ଭାବମୂର୍ତ୍ତି ଫେରିପାଇବ।

ବାରବାଟୀରେ ଦୀର୍ଘ ବର୍ଷ ହେବ ଟେଷ୍ଟ ମ୍ୟାଚ୍ ଆୟୋଜନ ହୋଇ ନାହିଁ। ମାତ୍ର ୨ଟି ଟେଷ୍ଟ ମ୍ୟାଚ୍ ଏଠାରେ ଖେଳାଯାଇଛି। ୧୯୯୫ ମସିହାରେ ଶେଷଥର ନିମନ୍ତେ ଏଠାରେ ୫ଦିନିଆ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳାଯାଇଥିଲା। ନ୍ୟୁଜିଲାଣ୍ଡ ଓ ଭାରତ ମଧରେ ଅନୁଷ୍ଠିତ ଏହି ମ୍ୟାଚ୍ ଡ୍ର ରହିଥିଲା। ଆଜାରୁଦ୍ଦିନଙ୍କ ନେତୃତ୍ୱରେ ସଚିନ ତେନ୍ଦୁଲକର, ନଭଜୋତ ସିଂ ସିଦ୍ଧୁ, ଅଜୟ ଜାଡ଼େଜା, ମନୋଜ ପ୍ରଭାକର, ବିନୋଦ କାମ୍ବଲି, ଅନିଲ କୁମ୍ବଲେ, ଜାଭାଗଲ ଶ୍ରୀନାଥଙ୍କ ଭଳି କିମ୍ବଦନ୍ତୀ ଖେଳାଳି ବାରବାଟୀକୁ ଆସିଥିଲେ। ଏହା ପୂର୍ବରୁ ୧୯୮୭ ମସିହା ଜାନୁୟାରୀ ୪ରୁ ୭ ତାରିଖ ପର୍ଯ୍ୟନ୍ତ ଭାରତ–ଶ୍ରୀଲଙ୍କା ଟେଷ୍ଟ ମ୍ୟାଚ୍ ବାରବାଟୀରେ ହୋଇଥିଲା। ଏହାଥିଲା ରାଜ୍ୟରେ ଖେଳାଯାଇଥିବା ପ୍ରଥମ ଅନ୍ତର୍ଜାତୀୟ ଟେଷ୍ଟ ମ୍ୟାଚ୍ । ଏଥିରେ ଭାରତରୁ ପ୍ରତିନିଧିତ୍ୱ କରିଥିଲେ କପିଳ ଦେବ, ସୁନୀଲ ଗାଭାସ୍କର, ରବି ଶାସ୍ତ୍ରୀ, କିରଣ ମୋରେ, ମହିନ୍ଦର ଅମରନାଥଙ୍କ ଭଳି କିମ୍ବଦନ୍ତୀ କ୍ରିକେଟର। ଏହି ମ୍ୟାଚ୍‌ରେ ଭାରତ ଇନିଂସ ଓ ୬୭ ରନରେ ବିଜୟୀ ହୋଇଥିବା ବେଳେ ଦିଲିପ ଭେଙ୍ଗସରକାର ମ୍ୟାନ ଅଫ ଦି ମ୍ୟାଚ୍ ହୋଇଥିଲେ। ବାରବାଟୀରେ ଟେଷ୍ଟ ମ୍ୟାଚ୍ ଆୟୋଜନ ହେବାର ଆଶା ପୁଣି ଥରେ ଜୀବିତ ହୋଇଛି। ଏପରି କି ବିସିସିଆଇ ସଭାପତି ଗାଙ୍ଗୁଲିଙ୍କ ସହ ଶେଷ ହୋଇଥିବା ଆଲୋଚନାରୁ ଏଠାରେ ଟେଷ୍ଟ ମ୍ୟାଚ୍ ହେବାର ଗ୍ରୀନ ସିଗ୍ନାଲ ମିଳିଛି। ଭୁବନେଶ୍ୱରରେ ଖେଳାଳିମାନେ ରହି କଟକରେ ମ୍ୟାଚ୍ ଖେଳିବାରେ ସମସ୍ୟା ହେଉଛି ବୋଲି ଯେଉଁ ଅଭିଯୋଗ ହେଉଥିଲା, ସେ ସମ୍ପର୍କରେ ଗାଙ୍ଗୁଲିଙ୍କୁ ସମସ୍ତ ତଥ୍ୟ ଦିଆଯାଇଛି। ତ୍ରିଶୂଳିଆ ନିକଟରେ ନୂତନ ସେତୁ ନିର୍ମାଣ ହେବା ପରେ ଏବେ ଭୁବନେଶ୍ୱର ହୋଟେଲରୁ ବାରବାଟୀକୁ ୨୦ରୁ ୨୫ମିନିଟ ସମୟ ଲାଗୁଛି। ଦେଶର ଅନ୍ୟ ମେଟ୍ରୋ ସିଟିଗୁଡ଼ିକରେ ମଧ୍ୟ ହୋଟେଲରୁ ଷ୍ଟାଡିୟମ ପର୍ଯ୍ୟନ୍ତ ଯାତାୟାତରେ ସମାନ ସମୟ ଲାଗେ ବୋଲି ଓସିଏ ପକ୍ଷରୁ କୁହାଯାଇଥିଲା। ଓସିଏ ପକ୍ଷରୁ ଏକ ଚିଠି ଦିଆଯିବା ପରେ ଏ ଦିଗରେ ପଦକ୍ଷେପ ନିଆଯିବ ବୋଲି ଗାଙ୍ଗୁଲି କହିବା ପରେ ଓସିଏ ତତ୍ପର ହୋଇଛି ।

### ସମସ୍ୟା ଭିତରେ ଗ୍ୟାଲେରୀ ନଂ–୭

ଆଗାମୀ ଭାରତ–ୱେଷ୍ଟଇଣ୍ଡିଜ ବିପକ୍ଷ ଅନ୍ତର୍ଜାତୀୟ ମ୍ୟାଚ୍ ନିମନ୍ତେ ବାରବାଟୀରେ ଏ ପର୍ଯ୍ୟନ୍ତ ମରାମତି କାମ ଆରମ୍ଭ ହୋଇନି। ଫନୀ ଝଡ଼ ପ୍ରଭାବରେ ଭଙ୍ଗାରୁଜା ହୋଇପଡ଼ିଛି ବାରବାଟୀ। ପ୍ରଥମେ ଷ୍ଟାଡିୟମର ଫ୍ଲଡଲାଇଟଗୁଡ଼ିକ ମରାମତି କରିବ ଦେବ ମସ୍କୋ ଟିମ୍। ନଭେମ୍ବର ଶେଷସୁଦ୍ଧା ଫ୍ଲଡଲାଇଟ ନୂଆ ଲାଗିଥିବ ବୋଲି କୁହାଯାଇଥିଲା। ହେଲେ ଏ ପର୍ଯ୍ୟନ୍ତ ଏହି କାର୍ଯ୍ୟ ଆଗେଇ ନାହିଁ। ଏହାଛଡ଼ା ଗ୍ୟାଲେରୀ ନଂ–୭ ଫନୀ ପ୍ରଭାବରେ ଅଧିକ କ୍ଷୟକ୍ଷତି ହୋଇଛି। ଏହି ଗ୍ୟାଲେରୀରୁ ପ୍ଲାଷ୍ଟର ଖଣ୍ଡ ଖସୁଛି। ଏହାର ମରାମତି କରାଯିବା ବ୍ୟବସ୍ଥା କରାଯାଉଥିବା ଓସିଏ ସମ୍ପାଦକ ସଞ୍ଜୟ କହିଛନ୍ତି ।

## ଏଟିପି ଫାଇନାଲ୍ସ ଖେଳିବେ ନାଡାଲ

**ମାଡ୍ରିଡ, ୫।୧୧ (ଏଏଫ୍‌ପି):** ବିଶ୍ୱର ନମ୍ବର ୱାନ ପୁରୁଷ ସିଙ୍ଗଲ୍ସ ଖେଳାଳି ରାଫାଲ ନାଡାଲ ଆଘାତଜନିତ ସମସ୍ୟାରୁ ମୁକୁଳିଛନ୍ତି। ନଭେମ୍ବର ୧୦ରୁ ଲଣ୍ଡନରେ ହେବାକୁଥିବା ସିଜନ ଶେଷ ଏଟିପି ଟୁର୍ ଫାଇନାଲ୍ସରେ ସେ ଅଂଶଗ୍ରହଣ କରିବେ ବୋଲି ମଙ୍ଗଳବାର ସ୍ପଷ୍ଟ କରିଛନ୍ତି। ସୋମବାର ମାଜୋର୍କାଠାରେ ମୁଁ ଏମ୍‌ଆରଆଇ କରିଥିଲି। ତଳିପେଟର ବାମ ପାର୍ଶ୍ୱରେ ସାମାନ୍ୟ ଯନ୍ତ୍ରଣା ଅନୁଭବ କରୁଥିଲେ ମଧ୍ୟ ମୁଁ ଲଣ୍ଡନ ଯିବି ବୋଲି ସେ ଟୁଇଟ୍ କରି କହିଛନ୍ତି। ଏହି ଇଞ୍ଜୁରି କାରଣରୁ ଗତ ସପ୍ତାହରେ ପ୍ୟାରିସ ମାଷ୍ଟର୍ସରୁ ଓହରିଯିବାକୁ ବାଧ ହୋଇଥିଲେ। ନୋଭାକ ଜୋକୋଭିଚ୍ ପ୍ୟାରିସ ମାଷ୍ଟର୍ସ ଟାଇଟଲ ଜିତିଥିଲେ ମଧ୍ୟ ନାଡାଲ ଚଳିତ ସପ୍ତାହରେ ପ୍ରକାଶିତ ର୍‍ୟାଙ୍କିଙ୍ଗ ତାଲିକାରେ ଏହି ଖେଳାଳିଙ୍କୁ ହଟାଇ ନମ୍ବର ୱାନ ସ୍ଥାନ ଅଧିକାର କରିନେଇଛନ୍ତି। ବିଶ୍ୱର ୮ ଟପ୍ ର୍‍ୟାଙ୍କିଙ୍ଗ ଖେଳାଳିଙ୍କୁ ନେଇ ଏଟିପି ଟୁର୍ ଫାଇନାଲ୍ସ ଖେଳାଯିବ। ନାଡାଲ ସେମିଫାଇନାଲରେ ପ୍ରବେଶ କରି ନ ପାରିଲେ ଏବଂ ସର୍ବୀୟ ଖେଳାଳି ଟୁର୍ନାମେଣ୍ଟ ଜିତିଲେ ନମ୍ବର ୱାନ ସ୍ଥାନ ଅଧିକାର କରିନେବେ। ଏପରିକି ନାଡାଲ ଯଦି ତାଙ୍କ ପ୍ରଥମ ରାଉଣ୍ଡ ରବିନ ମ୍ୟାଚ ଜିତିବାରେ ବିଫଳ ହୁଅନ୍ତି ଜୋକୋଭିଚ୍ ଦୁଇଟି ଗ୍ରୁପ୍ ପର୍ଯ୍ୟାୟ ବିଜୟ ସହ ଫାଇନାଲରେ ପ୍ରବେଶ ଦ୍ୱାରା ବିଶ୍ୱର ନମ୍ବର ୱାନ ପୁରୁଷ ସିଙ୍ଗଲ୍ସ ଖେଳାଳି ହୋଇଯିବେ।

## ବ୍ରୋଞ୍ଜ୍ ସହ ଦୀପକଙ୍କୁ ଅଲିମ୍ପିକ ଯୋଗ୍ୟତା



**ଦୋହା, ୫।୧୧(ପି.ଟି.)**

ଏଠାରେ ଚାଲିଥିବା ୧୪ତମ ଏସିଆନ ଚାମ୍ପିୟନଶିପ୍ ଶୁଟିଂ ପ୍ରତିଯୋଗିତାର ପୁରୁଷ ୧୦ ମିଟର ଏୟାର ରାଇଫଲ ଇଭେଣ୍ଟରେ ଭାରତର ଦୀପକ କୁମାର ବ୍ରୋଞ୍ଜ୍ ପଦକ ଜିତିଛନ୍ତି। ଏଥିସହ ଆସନ୍ତା ବର୍ଷ ଟୋକିଓରେ ଖେଳାଯିବାକୁ ଥିବା କ୍ରୀଡ଼ାର ମହାକୁମ୍ଭ ଅଲିମ୍ପିକ୍‌କୁ ମଧ୍ୟ ସେ ଯୋଗ୍ୟତା ଅର୍ଜନ କରିଛନ୍ତି। ଟୋକିଓ ଅଲିମ୍ପିକ୍‌କୁ ଯୋଗ୍ୟତା ଅର୍ଜନ କରିବାରେ ଦୀପକ ୧୦ମ ଭାରତୀୟ ଶୁଟର ହୋଇଛନ୍ତି। ପୂର୍ବରୁ ଗତ ଏପ୍ରିଲରେ ଦିବ୍ୟାଂଶ ସିଂ ପନ୍‌ୱାର ଏହି ଇଭେଣ୍ଟରେ ଅଲିମ୍ପିକ ଟିକେଟ୍ ହାସଲ କରିଛନ୍ତି। ପୁରୁଷ ୧୦ ମିଟର ଏୟାର ରାଇଫଲ୍‌ରେ ଦୀପକ ମୋଟ୍ ୬୨୬.୮ ସ୍କୋର ସହ ୩ୟ ସ୍ଥାନରେ ରହି ୮ ଜଣିଆ ଫାଇନାଲ ରାଉଣ୍ଡକୁ ଯୋଗ୍ୟତା ଅର୍ଜନ କରିଥିଲେ। ଫାଇନାଲରେ ସେ ୨୨୭.୮ ସ୍କୋର କରି ବ୍ରୋଞ୍ଜ୍ ପଦକରେ ସନ୍ତୁଷ୍ଟ ରହିଥିଲେ। ଦୀପକ ଏଥିପୂର୍ବରୁ ୨୦୧୮ ଆଇଏସ୍‌ଏସ୍‌ଏଫ୍ ବିଶ୍ୱକପ୍‌ରେ ମଧ୍ୟ ୩ୟ ସ୍ଥାନ ହାସଲ କରିଥିଲେ। ବର୍ତ୍ତମାନ ସୁଦ୍ଧା ଚାଇନା ସର୍ବାଧିକ ୨୫ ଅଲିମ୍ପିକ କୋଟା ସହ ତାଲିକାର ଶୀର୍ଷରେ ରହିଥିବାବେଳେ କୋରିଆ (୧୨) ଓ ଆୟୋଜକ ଜାପାନ (୧୨) ପଛକୁ ପଛ ରହିଛନ୍ତି।

# ଜନ୍ମଦିନରେ ପୁରୁଣା ଚିଠି ଶେୟାର କଲେ କୋହଲି

**ନୂଆଦିଲ୍ଲୀ,୫।୧୧(ପି.ଟି.)**



କ୍ରିକେଟ ସୁପରଷ୍ଟାର ବିରାଟ କୋହଲି ସୋମବାର ୩୧ ବର୍ଷରେ ପଦାର୍ପଣ କରିଛନ୍ତି। ଏହି ଅବସରରେ ସେ ନିଜର ପ୍ରଶଂସକମାନଙ୍କୁ ଏକ ସ୍ୱତନ୍ତ୍ର ଉପହାର ପ୍ରଦାନ କରିଛନ୍ତି। କୋହଲି ତାଙ୍କର ଏକ ପୁରୁଣା ଚିଠି ପ୍ରଶଂସକଙ୍କ ସହ ଶେୟାର କରିଛନ୍ତି। ଏହି ଚିଠି ସେ ୧୬ ବର୍ଷ ତଳେ ଖାସ ନିଜ ପାଇଁ ଲେଖିଥିଲେ। ପ୍ରଶଂସକମାନେ ତାଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଉଛନ୍ତି। କୋହଲି ମଧ୍ୟ ଶୁଭେଚ୍ଛା ପାଇଁ ସମସ୍ତଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜଣାଇଛନ୍ତି। ସ୍ତ୍ରୀ ତଥା ବଲିଉଡ ଅଭିନେତ୍ରୀ ଅନୁଷ୍କାଙ୍କ ସହ ସେ ଭୁଟାନରେ ନିଜର ଜନ୍ମଦିନ ପାଳନ କରିଛନ୍ତି। ଟୁଇଟରରେ କୋହଲି ଏହି ଚିଠି ଶେୟାର କରିଛନ୍ତି। ୧୫ ବର୍ଷ ତଳେ ମୁଁ ନିଜେ ନିଜକୁ ବୁଝାଇବାକୁ ଚେଷ୍ଟା କରି ଏହି ଚିଠି ଲେଖିଥିଲି। ଆପଣମାନେ ବି ଏହାକୁ ପଢ଼ନ୍ତୁ ବୋଲି ସେ କ୍ୟାପ୍‌ଶନରେ ଉଲ୍ଲେଖ କରିଛନ୍ତି।

ଏହି ଚିଠିରେ ସେ ସେତେବେଳର ଭାବପ୍ରବଣତାକୁ ଉଲ୍ଲେଖ କରିଛନ୍ତି। ଏଥିରେ ପିତା ପ୍ରେମ କୋହଲିଙ୍କ ସହିତ ଥିବା ତାଙ୍କର ଭଲ ପାଇବା ବିଷୟରେ ସେ ଉଲ୍ଲେଖ କରିଛନ୍ତି।

ଚିଠିରେ ହାଏ ଚିକୁ କହି ସେ ଲେଖା ଆରମ୍ଭ କରିଛନ୍ତି। ସେ ନିଜକୁ ନିରାଶ ନ ହେବା ପାଇଁ ଓ ଉତ୍ସାହିତ କରିବା ପାଇଁ ଲେଖିଛନ୍ତି। ଜୀବନରେ ସବୁ ଚ୍ୟାଲେଞ୍ଜ ରୋମାଞ୍ଚ ସୃଷ୍ଟି କରିଥାଏ। ନିରାଶ ବହୁତ କିଛି ଶିଖାଇଥାଏ। ଲକ୍ଷ୍ୟଠାରୁ ସଂଘର୍ଷ ଅଧିକ ରୋମାଞ୍ଚକ ହୋଇଥାଏ। ମିଳିଥିବା ସୁଯୋଗର ସଦ୍‌ବ୍ୟବହାର କରିବାକୁ ସେ ନିଜେ ନିଜକୁ ଚିଠି ମାଧ୍ୟମରେ ପରାମର୍ଶ ଦେଇଛନ୍ତି। ଜନ୍ମଦିନରେ ବାପା ଜୋତା ଦେବେ ବୋଲି ଭାବୁଥିଲୁ। କିନ୍ତୁ ବାପା ତାକୁ ଦେଇପାରିଲେ ନାହିଁ। ଯେତେବେଳେ ସେ ସକାଳେ ତୋତେ ଆଲିଙ୍ଗନ କରି ଯେତେବେଳେ ତୋର ଉଚ୍ଚତାକୁ ନେଇ ଜୋକ କରିବେ ସେତେବେଳେ ଜନ୍ମଦିନର ଉପହାରର କିଛି ମାନେ ନାହିଁ।

ସହଜରେ ମିଳୁଥିବା ଜିନିଷକୁ ଗ୍ରହଣ କରିବୁ ନାହିଁ। ଜୀବନରେ କେବେ ହାର ମାନିବୁ ନାହିଁ। ତୋତେ କିଛି ଲୋକ ଭଲ ପାଇବେ ଓ ଆଉ କେତେକେ ଭଲ ପାଇବେ ନାହିଁ। ପୁଣି କେତେ ତେତେ ଜାଣି ନ ଥିଲେ। ତେଣୁ ଲୋକ ବିଷୟରେ ଚିନ୍ତା କରିବୁ ନାହିଁ। ନିଜ ଉପରେ ଭରସା ରଖିବୁ। ଚିଠିରେ ସେ ବାପା ପ୍ରେମ କୋହଲିଙ୍କ ବିଷୟରେ ଉଲ୍ଲେଖ କରିଛନ୍ତି। ବାପା ବେଳେବେଳ କଠୋର ହୋଇଥାନ୍ତି। ତୋର ଭଲ ପାଇଁ ସେ ଏଭଳି ହୋଇଥାନ୍ତି। ତେଣୁ ଏଥିରେ ବ୍ୟସ୍ତ ହେବୁ ନାହିଁ। ମାତାପିତା ଆମକୁ ବୁଝିପାରନ୍ତି ନାହିଁ ବୋଲି ଭାବିବୁ ନାହିଁ। କାରଣ ବିନା କୌଣସି ସର୍ତ୍ତରେ ଆମ ପରିବାର ଆମକୁ ଭଲ ପାଇଥାନ୍ତି। ତୁ ମଧ୍ୟ ପରିବାର ଲୋକଙ୍କୁ ଭଲ ପାଇବୁ। ସବୁବେଳେ ନିଜ ହୃଦୟ କଥା ଶୁଣିବୁ। ନିଜ ସ୍ୱପ୍ନକୁ ସାକାର କରିବା ପାଇଁ ପ୍ରୟାସ ଜାରି ରଖିଥିବୁ। ଯେମିତି ଅଛୁ ସେମିତି ରହିବୁ। ପୁଣି ସେ ପରାଟାର ମଧ୍ୟ ସ୍ୱାଦ ନେବୁ। କାରଣ ଏହା ଦିନେ ଭବିଷ୍ୟତରେ ଲକଜୁରି ବନିଯିବ ବୋଲି କୋହଲି ଚିଠିରେ ନିଜ ପାଇଁ ଲେଖିଛନ୍ତି।

# ତୃତୀୟ ଟି୨୦ରେ ନ୍ୟୁଜିଲାଣ୍ଡ ବିଜୟୀ

**ନେଲ୍‌ସନ, ୫।୧୧**



ମାର୍ଟିନ ଗୁପ୍‌ଟିଲ ଏକ କଭର ଡ୍ରାଇଭ୍ ମାରୁଛନ୍ତି।

ଭ୍ରମଣକାରୀ ଇଂଲଣ୍ଡ ବିପକ୍ଷରେ ମଙ୍ଗଳବାର ଏଠାରେ ଖେଳାଯାଇଥିବା ୩ୟ ଟି୨୦ ମ୍ୟାଚ୍‌କୁ ନ୍ୟୁଜିଲାଣ୍ଡ ୧୪ ରନ୍‌ରେ ଜିତିନେଇଛି। ଏଥିସହ ୫ ମ୍ୟାଚ୍‌ବିଶିଷ୍ଟ ସିରିଜରେ ଘରୋଇ ନ୍ୟୁଜିଲାଣ୍ଡ ୨–୧ରେ ଅଗ୍ରଣୀ ଲାଭ କରିଛି। ପୂର୍ବରୁ ସିରିଜର ପ୍ରଥମ ମ୍ୟାଚ୍‌କୁ ଇଂଲଣ୍ଡ ୭ ଉଇକେଟ୍‌ରେ ଜିତିଥିଲା। ତେବେ ଦ୍ୱିତୀୟ ମ୍ୟାଚ୍‌କୁ ୨୧ ରନ୍‌ରେ ଜିତି ନ୍ୟୁଜିଲାଣ୍ଡ ବରାବର ସ୍ଥିତିକୁ ଆସିଥିଲା। ସିରିଜର ୪ର୍ଥ ମ୍ୟାଚ୍ ଶୁକ୍ରବାର ନାପିଅରରେ ଖେଳାଯିବ।

ସ୍ଥାନୀୟ ସାକ୍ସଟନ୍ ଓଭାଲ ଗ୍ରାଉଣ୍ଡରେ ଖେଳାଯାଇଥିବା ଏହି ୩ୟ ଟି୨୦ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ଅଧିନାୟକ ଟିମ୍ ସୌଦୀ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ପ୍ରାରମ୍ଭରୁ ଦଳ ବିସ୍ଫୋରକ ବ୍ୟାଟ୍ସମ୍ୟାନ କଲିନ୍ ମୁନ୍‌ରୋ (୬ ରନ୍)ଙ୍କ ଉଇକେଟ୍ ହରାଇଥିଲା। କିନ୍ତୁ ମଧ୍ୟକ୍ରମରେ କଲିନ୍ ଡି ଗ୍ରାଣ୍ଡହୋମ୍‌ଙ୍କ ଅର୍ଦ୍ଧଶତକ ସାଙ୍ଗକୁ ଅନ୍ୟ ବ୍ୟାଟ୍ସମ୍ୟାନ୍‌ଙ୍କ ମିଳିତ ବ୍ୟାଟିଂ ସଫଳତା ବଳରେ ଘରୋଇ ଦଳ ୨୦ ଓଭରରେ ୭ ଉଇକେଟ୍ ହରାଇ ୧୮୦ ରନ୍ ସଂଗ୍ରହ କରିଥିଲା। ଗ୍ରାଣ୍ଡହୋମ୍ ୩୫ ବଲ୍‌ରୁ ୫ ଚୌକା ଓ ୩ ଛକା ସହାୟତାରେ ୫୫ ରନ୍ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓପ୍‌ନର ମାର୍ଟିନ ଗୁପ୍‌ଟିଲ ୩୩, ରସ୍ ଟେଲର ୨୭, ଜେମ୍ସ ନିଶାମ ୨୫, ମିଚେଲ ସାଣ୍ଟନର ୧୫ ରନ୍ କରିଥିଲେ। ଇଂଲଣ୍ଡ ପକ୍ଷରୁ ଟମ୍ କୁରାନ ୨ଟି ଏବଂ ସାମ୍ କୁରାନ, ଶକିବ ମହମ୍ମଦ, ପ୍ୟାଟ୍ରିକ ବ୍ରାଉନ ଓ ମାଥ୍ୟୁ ପାର୍କିଶନ ଗୋଟିଏ ଲେଖାଏ ଉଇକେଟ୍ ନେଇଥିଲେ। ଜବାବରେ ୧୮୧ ରନ୍ ଲକ୍ଷ୍ୟକୁ ପିଛା କରିଥିବା ଇଂଲଣ୍ଡ ଏକଦା ୧୫ ଓଭରରେ ୨ ଉଇକେଟ୍ ହରାଇ ୧୩୯ ରନ୍ କରି ସୁବିଧାଜନକ ସ୍ଥିତିରେ ରହିଥିଲା। ଶେଷ ୩୦ ବଲ୍‌ରୁ ବିଜୟ ପାଇଁ ଦଳକୁ ୪୨ ରନ୍ ଆବଶ୍ୟକ ହେଉଥିଲା। କିନ୍ତୁ ମଧ୍ୟକ୍ରମ ବ୍ୟାଟ୍ସମ୍ୟାନ୍‌ଙ୍କ ବିଫଳତା ଯୋଗୁ ଦଳ ୨୦ ଓଭରରେ ୭ ଉଇକେଟ ହରାଇ ୧୬୬ ରନ୍ କରିବାକୁ ସମର୍ଥ ହୋଇଥିଲା। ଇଂଲଣ୍ଡର ପ୍ରାରମ୍ଭିକ ୪ ବ୍ୟାଟ୍ସମ୍ୟାନ ଟମ୍ ବାଣ୍ଟନ (୧୮), ଡେଭିଡ୍ ମଲାନ (୫୫), ଜେମ୍ସ ଭିନିକ (୪୯) ଓ ଅଧିନାୟକ ଇଅନ ମୋର୍ଗାନ (୧୮)ଙ୍କୁ ଛାଡ଼ିଦେଲେ ଅନ୍ୟ କୌଣସି ବ୍ୟାଟ୍ସମ୍ୟାନ ସଫଳ ହୋଇ ନ ଥିଲେ। ବିଜୟୀ ଦଳ ପକ୍ଷରୁ ଲୋକି ଫର୍ଗୁଶନ ଓ ବ୍ଲେୟାର ଟିକ୍‌ନର ୨ଟି ଲେଖାଏ ଉଇକେଟ୍ ନେଇଥିଲେ। ଗ୍ରାଣ୍ଡହୋମ୍‌ଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଥିଲା।

# ବାଂଲାଦେଶ ଭଲ ଖେଳିଲା

**ମହିନ୍ଦର ଅମରନାଥ**

ରବିବାର ପ୍ରଥମ ଟି୨୦ ମ୍ୟାଚ୍‌ରେ ଭାରତ ବାଂଲାଦେଶଠାରୁ ପରାସ୍ତ ହେବା ଅନେକଙ୍କୁ ଚକିତ କରି ନ ଥିବ। ଟି୨୦ ଫର୍ମାଟ ହେଉଛି ସୁଯୋଗର ଖେଳ। ତେଣୁ ଭୁଲ କିମ୍ବା ତ୍ରୁଟି ଯେକୌଣସି ଦଳ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଥାଏ। ବାଂଲାଦେଶ ମଧ୍ୟ ଏକ ଭଲ ଦଳ। ତେଣୁ ଭାରତକୁ ଏହି ଦଳ କଡ଼ା ଚ୍ୟାଲେଞ୍ଜ ଦେବା ନେଇ ଚକିତ ହେବାର ଆବଶ୍ୟକତା ନାହିଁ। ବାଂଲାଦେଶର ପ୍ରଦର୍ଶନ ମୋତେ ବେଶ୍ ପ୍ରଭାବିତ କରିଛି। ପ୍ରଥମେ ବାଂଲାଦେଶ ଭାରତ ଗସ୍ତରେ ଆସିବ ନାହିଁ ବୋଲି କୁହାଯାଇଥିଲା। ପରେ ତାମିମ ଇକବାଲ ଏହି ଗସ୍ତରୁ ଓହରିଯାଇଥିଲେ। ଶେଷରେ ତାରକା ଅଲରାଉଣ୍ଡର ଶକିବ ଅଲ ହାସନ ବାସନ୍ଦ ହେବା କାରଣରୁ ଏହି ଗସ୍ତରୁ ବାଦ ପଡିଥିଲେ। ଏ ସବୁ ସତ୍ତ୍ୱେ ବାଂଲାଦେଶ ଆୟୋଜକ ଭାରତକୁ ହରାଇବା ଏକ ବଡ଼ ସଫଳତା ବୋଲି କୁହାଯାଇପାରେ।

ଭାରତୀୟ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ବିରାଟ କୋହଲି ଯେତେବେଳେ ବିଶ୍ରାମ ନେଇଛନ୍ତି ତାଙ୍କ ସ୍ଥାନ ଅପୂରଣୀୟ ହୋଇ ରହୁଛି। ନିଜର ପ୍ରତିଟି ପ୍ରଦର୍ଶନରେ ବେଶ୍ ଉନ୍ନତ ପ୍ରଦର୍ଶନ କରୁଥିବା କୋହଲିଙ୍କ ଅନୁପସ୍ଥିତିରେ ଭାରତ ଆଶାନୁରୂପ ପ୍ରଦର୍ଶନ କରିପାରି ନ ଥିଲା। ଭାରତକୁ ୧୫୦ ରନରେ ସୀମିତ ରଖିବା ପରେ ବାଂଲାଦେଶ ସୁଯୋଗ ହାସଲ କରଛି ବୋଲି ହୃଦୟଙ୍ଗମ କରିଥିଲା।

ଭାରତ ପାଇଁ ଏହା ଏକ ନୈରାଶ୍ୟଜନକ ଆରମ୍ଭ ଥିଲା। ରାଜକୋଟରେ ଗୁରୁବାର ଖେଳାଯିବାକୁ ଥିବା ଦ୍ୱିତୀୟ ଟି୨୦ ମ୍ୟାଚ୍‌ରେ ଭାରତ ଦୃଢ଼ ପ୍ରତ୍ୟାବର୍ତ୍ତନ କରିବ ବୋଲି ଆଶା କରାଯାଉଛି। ଅତ୍ୟଧିକ ପରୀକ୍ଷା ନିରୀକ୍ଷା ଭାରତ ପାଇଁ କ୍ଷତିକାରକ ହେବ। ସମାନ ଦଳ ସେ ଭଲ ପ୍ରଦର୍ଶନ କରିବା ଉପରେ ମନୋନିବେଶ କରିବାକୁ ହେବ। ରାଜକୋଟ୍‌ରେ ରୋହିତ ଶର୍ମା ଭଲ ଖେଳିବେ ବୋଲି ଆଶା କରୁଛି। ଅନ୍ୟ ବ୍ୟାଟ୍ସମ୍ୟାନମାନେ ମଧ୍ୟ ଲୟ ଫେରିପାଇବେ ବୋଲି ଆଶା କରୁଛି। ବାଂଲାଦେଶ ବିପକ୍ଷରେ ଭାରତ ରେକର୍ଡ ବେଶ୍ ଭଲ ରହିଛି ଓ ଭାରତ ଏଥିରେ ଗର୍ବ କରିବା ଉଚିତ୍। ଏହାକୁ ଭାରତ ବଜାୟ ରଖିବା ମଧ୍ୟ ଆବଶ୍ୟକ।

ନିଜ ପ୍ରଦର୍ଶନରେ ବାଂଲାଦେଶ ବେଶ୍ ସନ୍ତୁଷ୍ଟ ଥିବ। ଟେଷ୍ଟରେ ଦୁଇଜଣ ସିନିୟର ଖେଳାଳିଙ୍କ ଅନୁପସ୍ଥିତି ଅବଶ୍ୟ ବାଂଲାଦେଶ ଅନୁଭବ କରିବ। ଖାସ୍ କରି ଦିବାରାତ୍ର ଟେଷ୍ଟ ମ୍ୟାଚ୍‌ରେ ଶକିବଙ୍କ ଅନୁପସ୍ଥିତି ଭାରତ ପାଇଁ ସୁଯୋଗ ସୃଷ୍ଟି କରିବ। ତେବେ ବର୍ତ୍ତମାନ ବାଂଲଦେଶ ଭାରତ ବିପକ୍ଷରେ ତା'ର ପ୍ରଥମ ଟି୨୦ ବିଜୟକୁ ଉପଭୋଗ କରିବା ଉଚିତ ହେବ।

–ଗେମ୍ ପ୍ଲାନ୍

#WhatDrivesYou
EXIDE

ଧରିତ୍ରୀ DHARITRI
ବୁଧବାର, ୬ ନଭେମ୍ବର, ୨୦୧୯





ନିକୋ କୋଭାକ୍‌ଙ୍କ ସ୍ଥାନରେ ଆମକୁ ଫୁଟ୍‌ବଲ ଦଳର ନୂଆ ମୁଖ୍ୟ କୋଚ୍ ଖୋଜିବା ଲାଗି ୩ ସପ୍ତାହ ସମୟ ଲାଗିପାରେ ।

–ଉଲି ହୋନ୍ସ, ବେୟର୍ନ ମ୍ୟୁନିକ୍ ସଭାପତି



ଗୋଲକିପରମାନେ ୱାଇନ୍ ସହ ସମତୁଲ। ପୁରୁଣା ୱାଇନ ଭଳି ଜଣେ ଅଧିକ ଦିନ ଗୋଲକିପିଂ କଲେ ସେଥିରୁ ଭିନ୍ନ ଆନନ୍ଦ ମିଳେ ।

–ପି.ଆର୍. ଶ୍ରୀଜେସ୍, ଭାରତୀୟ ହକି ଷ୍ଟାର

## ସଂକ୍ଷେପରେ

### ଅଲିମ୍ପିକ ଚାମ୍ପିୟନ ଜ୍ୟାକ୍ସଙ୍କ ପରଲୋକ



ପ୍ୟାରିସ୍, ୫।୧୧(ଏଏଫ୍‌ପି): ଫ୍ରେଞ୍ଚ୍ ସାଇକ୍ଲିଷ୍ଟ ତଥା ୧୯୪୮ ଅଲିମ୍ପିକ୍ ସ୍ୱର୍ଣ୍ଣ ପଦକ ବିଜେତା ଜ୍ୟାକ୍ସ ଡୁପୋଣ୍ଟଙ୍କ ବିୟୋଗ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୯୧ ବର୍ଷ ବୟସ ହୋଇଥିଲା ବୋଲି ତାଙ୍କ ପରିବାର ପକ୍ଷରୁ କୁହାଯାଇଛି। ସେ ଫ୍ରାନ୍ସର ସାଉଥ୍-ୱେଷ୍ଟ ଲେଜାଟ୍ ସୁର୍ ଲେଜେରେ ଜନ୍ମଗ୍ରହଣ କରିଥିଲେ। ଲଣ୍ଡନରେ ଅନୁଷ୍ଠିତ ୧୯୪୮ ଅଲିମ୍ପିକ୍ କ୍ରୀଡ଼ାରେ ଅଗଷ୍ଟ ୧୧ରେ ସେ ସାଇକ୍ଲିଂରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ସେତେବେଳେ ଜ୍ୟାକ୍ସଙ୍କୁ ୨୦ ବର୍ଷ ହୋଇଥିବାବେଳେ ସେ ୧୦୦୦ ମିଟର ଟାଇମ୍ ଟ୍ରାଏଲ୍‌ରେ ବେଲଜିୟମର ପିଏରେ ନିହାନ୍ତଙ୍କୁ ଗୋଟିଏ ସେକେଣ୍ଡ ପଛରେ ପକାଇ ପ୍ରଥମ ସ୍ଥାନ ହାସଲ କରିଥିଲେ। ବ୍ରିଟନ୍ ଟୋମି ଗଡ୍‌ୱିନ୍‌ଙ୍କୁ ବ୍ରୋଞ୍ଜ ପଦକ ମିଳିଥିଲା। ଏହି ରେସ୍ ଫିଲ୍ଡରେ ଅନୁଷ୍ଠିତ ହୋଇଥିଲା। କିନ୍ତୁ ଏହାର ୨ ଦିନ ପରେ ରୋଡ୍‌ରେ ହୋଇଥିବା ୨୦୦୦ ମିଟର ବ୍ୟକ୍ତିଗତ ଓ ଟିମ୍ ଇଭେଣ୍ଟ ରେସ୍‌ରେ ଜ୍ୟାକ୍ସଙ୍କୁ ମିଶ୍ରିତ ସଫଳତା ମିଳିଥିଲା। ବ୍ୟକ୍ତିଗତ ଇଭେଣ୍ଟରେ ସେ ୧୭ତମ ସ୍ଥାନରେ ରହିଥିଲେ। କିନ୍ତୁ ଟିମ୍ ଇଭେଣ୍ଟରେ ସେ ଫ୍ରାନ୍ସକୁ ବ୍ରୋଞ୍ଜ୍ ପଦକ ଜିତାଇବାରେ ସହାୟକ ହୋଇଥିଲେ। ଜ୍ୟାକ୍ସଙ୍କ ସମେତ ଜୋସ୍ ବେୟର୍ଟ ଓ ଆଲାଇନ ମୋଇନେଉଙ୍କୁ ନେଇ ଫ୍ରାନ୍ସ ଟିମ୍ ଗଠିତ ହୋଇଥିଲା। ଡୁପୋଣ୍ଟ ୧୯୫୪ରେ ଫ୍ରାନ୍ସ ଚାମ୍ପିୟନଶିପ୍ ଏବଂ ୧୯୫୧ ଓ ୧୯୫୫ରେ ସମ୍ମାନଜନକ ପ୍ୟାରିସ୍-ଟୁର୍ ଟାଇଟଲ୍ ଜିତିଥିଲେ।

### ପୁଣି ପ୍ରଥମ ରାଉଣ୍ଡରୁ ବିଦାୟ ନେଲେ ସିନ୍ଧୁ



ଫୁଝୋଉ (ଚାଇନା), ୫।୧୧ (ପି.ଟି.): ବିଶ୍ୱ ଚାମ୍ପିୟନ ପି.ଭି. ସିନ୍ଧୁ ପୁଣିଥରେ ଆଉ ଏକ ଟୁର୍ନାମେଣ୍ଟର ପ୍ରଥମ ରାଉଣ୍ଡରୁ ବିଦାୟ ନେଇଛନ୍ତି। ମଙ୍ଗଳବାରଠାରୁ ଏଠାରେ ଆରମ୍ଭ ହୋଇଥିବା ୭ ଲକ୍ଷ ଆମେରିକୀୟ ଡଲାର ପୁରସ୍କାର ରାଶିବିଶିଷ୍ଟ ଚାଇନା ଓପନ୍‌ର ପ୍ରଥମ ରାଉଣ୍ଡରେ ସିନ୍ଧୁଙ୍କୁ ପରାଜୟର ସାମ୍ନା କରିବାକୁ ପଡ଼ିଛି। ବିଶ୍ୱ ମାନ୍ୟତାର ୬ଷ୍ଠ ସ୍ଥାନରେ ରହିଥିବା ସିନ୍ଧୁ ଏହି ମ୍ୟାଚ୍‌ରେ ୧୩-୨୧, ୨୧-୧୮, ୧୯-୨୧ ଗେମ୍‌ରେ ନିମ୍ନ ର୍‌ୟାଙ୍କପ୍ରାପ୍ତ ଚାଇନିଜ୍ ତାଇପେଇ ଖେଳାଳି ପାଇ ୟୁ ପୋଙ୍କ ନିକଟରୁ ହାରିଯାଇଛନ୍ତି। ଏକ ଘଣ୍ଟା ୧୪ ମିନିଟ୍ ସଂଘର୍ଷ କରିବା ପରେ ପୋ'ଙ୍କୁ ଶେଷରେ ବିଜୟ ସ୍ୱାଦ ମିଳିଥିଲା। ୨୪ ବର୍ଷୀୟା ଏହି ଭାରତୀୟ ଷ୍ଟାର୍ ବ୍ୟାଡ୍‌ମିଣ୍ଟନ ଖେଳାଳି ଗତ ଅଗଷ୍ଟରେ ବିଶ୍ୱ ଚାମ୍ପିୟନଶିପ୍ ଟାଇଟଲ ଜିତିଥିଲେ। ଏହାପରେ ସେ ଚାଇନା ଓପନ୍ (୨ୟ ରାଉଣ୍ଡ), କୋରିଆ ଓପନ୍ (ପ୍ରଥମ ରାଉଣ୍ଡ), ଡେନ୍‌ମାର୍କ ଓପନ (ପ୍ରଥମ ରାଉଣ୍ଡ), ଫ୍ରେଞ୍ଚ୍ ଓପନ୍ (କ୍ୱାର୍ଟର ଫାଇନାଲ)ରୁ ବିଦାୟ ନେଇଥିଲେ। ପୁରୁଷ ସିଙ୍ଗଲ୍ସରେ ଏଚ୍.ଏସ୍. ପ୍ରଣୟ ମଧ ପ୍ରଥମ ରାଉଣ୍ଡ ବାଧା ଅତିକ୍ରମ କରିବାରେ ବିଫଳ ହୋଇଛନ୍ତି। ପ୍ରଣୟ ୧୭-୨୧, ୧୮-୨୧ ଗେମ୍‌ରେ ଡେନ୍‌ମାର୍କର ରାସମସ୍ ଗେମେକଙ୍କ ନିକଟରୁ ପରାଜୟ ବରଣ କରିଛନ୍ତି। ମିକ୍ସଡ ଡବଲ୍ସ ଓ ପୁରୁଷ ଡବଲ୍ସରେ କିନ୍ତୁ ଭାରତକୁ ବିଜୟ ମିଳିଛି। ମିକ୍ସଡ ଡବଲ୍ସରେ ସାତ୍ତ୍ୱିକ ସାଇରାଜ ରାଙ୍କିରେଡ୍ଡୀ ଓ ଅଶ୍ୱିନୀ ପୋନାପ୍ପା ଯୋଡ଼ି ୨୧-୧୯, ୨୧-୧୯ ସିଧାସଳଖ ଗେମ୍‌ରେ କାନାଡ଼ାର ଜୋସୁଆ ହଲ୍‌ବର୍ଟ-ୟୁ ଓ ଜୋସେଫିନ ୟୁ'ଙ୍କୁ ହରାଇଛନ୍ତି। ସେହିଭଳି ପୁରୁଷ ଡବଲ୍ସରେ ଚିରାଗ ସେଟ୍ଟୀ ଓ ରାଙ୍କିରେଡ୍ଡୀ ଯୋଡ଼ି ୨୧-୯, ୨୧-୧୫ ଗେମ୍‌ରେ ଆମେରିକୀୟ ଯୋଡ଼ିଦାରଙ୍କୁ ମାତ୍ ଦେଇଛନ୍ତି।

# ରବି କୁମାର ୪ ବର୍ଷ ବାସନ୍ଦ

ନୂଆଦିଲ୍ଲୀ, ୫।୧୧



ଡୋପ୍ ଟେଷ୍ଟରେ ଧରାପଡ଼ିବାରୁ ଓଡ଼ିଶାର ଷ୍ଟାର୍ ଭାରୋତ୍ତୋଳକ ରବି କୁମାର କାଟଲୁଙ୍କୁ ୪ ବର୍ଷ ବାସନ୍ଦ ଦଣ୍ଡ ହୋଇଛି। ନ୍ୟାଶନାଲ ଆଣ୍ଟି ଡୋପିଂ ଏଜେନ୍ସି (ନାଡା)ର ଡାଇରେକ୍ଟର ଜେନେରାଲ ନବୀନ ଅଗ୍ରୱାଲ ମଙ୍ଗଳବାର ବିଧିବଦ୍ଧ ଭାବେ ଏହି ସୂଚନା ଦେଇଛନ୍ତି। ରବି କୁମାର ୨୦୧୦ ନୂଆଦିଲ୍ଲୀ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ୬୯କେଜି ଶ୍ରେଣୀରେ ଟାଇଟଲ ଜିତିଥିଲେ। ସେହିଭଳି ୨୦୧୪ ଗ୍ଲାସ୍‌ଗୋ ସଂସ୍କରଣରେ ସେ ୭୭ କେଜି ବିଭାଗରେ ଏକ ରୌପ୍ୟ ପଦକ ଲାଭ କରିଥିଲେ। ରବି କୁମାରଙ୍କ ବ୍ୟତୀତ ପ୍ରତିଯୋଗିତା ବାହାରେ ହୋଇଥିବା ଡୋପ୍ ଟେଷ୍ଟରେ ଧରାପଡ଼ିଥିବା ଅନ୍ୟ ୪ ଭାରତୀୟ ଭାରୋତ୍ତୋଳକ ହେଲେ ପୂର୍ଣ୍ଣିମା ପାଣ୍ଡେ, କମ୍ ଜଣାଶୁଣା ହିରେନ୍ଦ୍ର ସରଙ୍ଗ, ଦୀପିକା ଶ୍ରୀପାଲ ଏବଂ ଗୌରବ ତୋମାର। ହାଇପ୍ରୋଫାଇଲ ଭାରୋତ୍ତୋଳକ ରବି କୁମାରଙ୍କଠାରୁ ସଂଗ୍ରହ କରାଯାଇଥିବା ସାମ୍ପଲରୁ ନିଷିଦ୍ଧ ଦ୍ରବ୍ୟ ଓଷ୍ଟାରିନ୍ ଠାବ କରାଯାଇଛି, ଯାହାକି ଏକ ସିଲେକ୍ଟିଭ ଆଣ୍ଡ୍ରୋଜେନ ରସେପ୍ଟର ମୋଡୁଲେଟର(ଏସ୍‌ଏଆର୍‌ଏମ୍)। ଏହା ମାଂସପେଶୀ ବୃଦ୍ଧିରେ ସହାୟକ ହୋଇଥାଏ। ଚଳିତବର୍ଷ ବିଶାଖାପାଟଣାଠାରେ ନ୍ୟାଶନାଲ ଚାମ୍ପିୟନଶିପ୍‌ବେଳେ ରବି କୁମାରଙ୍କ ଡୋପ୍ ଟେଷ୍ଟ ହୋଇଥିଲା। ଜଣେ ଡୋପିଂ ବିଶେଷଜ୍ଞଙ୍କ କହିବା ଅନୁସାରେ ଏସ୍‌ଏଆର୍‌ଏମ ଷ୍ଟେରଏଡ୍‌ର ବିକଳ୍ପ ଭାବେ ବ୍ୟବହାର କରାଯାଇଥାଏ। ଏହା ବ୍ଲାକ ମାର୍କେଟରେ ସହଜରେ ଉପଲବ୍ଧ। ହେଲେ କୌଣସି ଦେଶ ଏହାକୁ ଔଷଧ ରୂପେ ବ୍ୟବହାର ପାଇଁ ଅନୁମତି ଦେଇ ନାହାନ୍ତି। ଡୋପ୍ ସ୍କାଣ୍ଡାଲରେ କଳଙ୍କିତ ଭାରତୀୟ ଭାରୋତ୍ତୋଳନକୁ ପୁଣି ଏକ ଶକ୍ତ ଧକ୍କା ହୋଇଛି। ଅଧିକ ଡୋପିଂ ମାମଲା ରହିଥିବାରୁ ଆସନ୍ତା ବର୍ଷ ଟୋକିଓ ଅଲିମ୍ପିକ୍ସରେ ଭାରତ ପାଇଁ ଭାରୋତ୍ତୋଳନରେ ୨ ମହିଳା ଓ ୨ ପୁରୁଷ ସମେତ ୪ ସ୍ଥାନ ସୀମିତ କରାଯାଇଛି।

## 'ଅପିଲ କରିବି'

ବ୍ରହ୍ମପୁର ଅଫିସ: ବାସନ୍ଦ ଦଣ୍ଡ ବିରୋଧରେ ଅପିଲ କରିବେ ବୋଲି ରବି କୁମାର କହିଛନ୍ତି। ଦଣ୍ଡିତ ହୋଇଥିବା ବିଷୟ ମଙ୍ଗଳବାର ଅପରାହ୍ନରେ 'ନାଡ଼ା' ତରଫରୁ ଆସିଥିବା ଇ-ମେଲ୍‌ରୁ ମୁଁ ଜାଣିବାକୁ ପାଇଛି। ନାଡ଼ା କୋର୍ଟରେ ଅପିଲ କରିବା ଲାଗି ମୁଁ ଓକିଲଙ୍କ ସହିତ ପରାମର୍ଶ କରୁଛି। ରବିକୁମାର କହିଛନ୍ତି ଯେଉଁ ଡ୍ରଗ୍ସ ବ୍ୟବହାର କରି ମୁଁ ଡୋପ୍ ଟେଷ୍ଟରେ ଧରାପଡ଼ିଛି ତାହା ୨୦୧୮ ପର୍ଯ୍ୟନ୍ତ ନିଷିଦ୍ଧ ଔଷଧ ତାଲିକାରେ ନ ଥିଲା। ମାତ୍ର ପରେ ୨୦୧୯ ଜାନୁୟାରୀରେ ଏହାକୁ ତାଲିକାଭୁକ୍ତ କରାଯାଇଛି। ଏ ସମ୍ପର୍କରେ ସେ ଜାଣି ନ ଥିଲେ। ବିଶାଖାପାଟଣାରେ ଫେବୃୟାରୀରେ ୭୧ତମ ପୁରୁଷ ଏବଂ ୩୪ତମ ମହିଳା ବରିଷ୍ଠ ଜାତୀୟ ଭାରୋତ୍ତୋଳନ ଚାମ୍ପିୟନ୍‌ଶିପ୍ ଅନୁଷ୍ଠିତ ହୋଇଥିଲା। ସେଥିରେ ସେ ସ୍ୱର୍ଣ୍ଣ ପଦକ ଜିତିବା ପରେ ତାଙ୍କଠାରୁ ନମୁନା ସଂଗ୍ରହ କରାଯାଇଥିଲା, ଯାହା ପଜିଟିଭ୍ ଆସିଛି। ଯଦି ଔଷଧ ନିଷିଦ୍ଧ ଘୋଷଣା ସମ୍ପର୍କରେ ଜାଣିଥାନ୍ତି, ତେବେ କେବେ ବି ସେବନ କରି ନ ଥାନ୍ତି। ଏଥିସହିତ ଅନ୍ୟ କେତେକ ତଥ୍ୟ ନାଡ଼ା ସମ୍ମୁଖରେ ରଖାଯିବ। ଆଶା କରୁଛି, ନାଡ଼ାରୁ ମୋତେ ନ୍ୟାୟ ମିଳିବ। କାରଣ ମୁଁ ଜାଣତରେ କୌଣସି ଭୁଲ୍ କରିନାହିଁ ।

## ଭାରତ କୋଟାକୁ ପ୍ରଭାବିତ କରିବନି

ଭାରତୀୟ ଭାରୋତ୍ତୋଳନ ମହାସଂଘ (ଆଇଡବ୍ଲ୍ୟୁଏଲଏଫ୍) ସମ୍ପାଦକ ସହଦେବ ଯାଦବ କହିଛନ୍ତି, ଏହି ଘଟଣା ଆସନ୍ତା ବର୍ଷ ଟୋକିଓରେ ହେବାକୁଥିବା ଅଲିମ୍ପିକ୍ସ ଲାଗି ଭାରତ କୋଟାକୁ ପ୍ରଭାବିତ କରିବ ନାହିଁ। ନାଡା ଦ୍ୱାରା ହୋଇଥିବା ବାସନ୍ଦ ଦଣ୍ଡ ସଂଖ୍ୟା କୌଣସି ଅନ୍ତର୍ଜାତୀୟ ପ୍ରତିଯୋଗିତା ପାଇଁ ଗଣତି କରାଯାଇ ନ ଥାଏ। କୌଣସି ଅନ୍ତର୍ଜାତୀୟ ପ୍ରତିଯୋଗିତାବେଳେ ୱାଡା (ୱାର୍ଲ୍ଡ ଆଣ୍ଟି ଡୋପିଂ ଏଜେନ୍ସି) ଦ୍ୱାରା ହୋଇଥିବା ଡୋପ୍ ଟେଷ୍ଟରେ କୌଣସି ଭାରୋତ୍ତୋଳକ ଡୋପ୍ ଟେଷ୍ଟରେ ଧରାପଡ଼ିଲେ ତାହା ହିସାବକୁ ନିଆଯାଇ ଥାଏ ବୋଲି ଯାଦବ କହିଛନ୍ତି। ଅନ୍ତର୍ଜାତୀୟ ଭାରୋତ୍ତୋଳନ ମହାସଂଘ (ଆଇଡବ୍ଲ୍ୟୁଏଫ୍)ର ନୂଆ ନିୟମାନୁସାରେ ୨୦୦୮ରୁ ୨୦୨୦ ମଧ୍ୟରେ ଅନ୍ତର୍ଜାତୀୟ ଇଭେଣ୍ଟଗୁଡ଼ିକରେ କୌଣସି ଦେଶ ୨୦ କିମ୍ବା ତାଠାରୁ ଅଧିକ ଡୋପ୍ ନିୟମ ଉଲ୍ଲଂଘନ କରିଥିଲେ ଅଲିମ୍ପିକ୍ସ ପାଇଁ ସମ୍ପୃକ୍ତ ଦେଶରୁ କେବଳ ଜଣେ ମହିଳା ଓ ଜଣେ ପୁରୁଷ ଭାରୋତ୍ତୋଳକ ପ୍ରତିନିଧିତ୍ୱ କରିପାରିବେ। ଯେଉଁ ଦେଶରେ ୧୯ରୁ କମ୍ ଭାରୋତ୍ତୋଳକ ଡୋପିଂ ଉଲ୍ଲଂଘନ କରିଥିବା ୨ ମହିଳା ଓ ୨ ପୁରୁଷ ପ୍ରତିଯୋଗୀଙ୍କୁ ପଠାଇପାରିବ। ନୂଆ ନିୟମ ଗତବର୍ଷଠାରୁ ଲାଗୁ ହୋଇଛି। ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି) ଚେତାବନୀ ଦେଇଛି ଯେ, ଡୋପିଂ ରେକର୍ଡରେ ଉନ୍ନତି ନ ଆଣିଲେ ୨୦୨୪ ପ୍ୟାରିସ ଅଲିମ୍ପିକ୍ସରୁ ଏହି କ୍ରୀଡ଼ାକୁ ବାଦ୍ ଦିଆଯାଇପାରେ।

# ଅଷ୍ଟ୍ରେଲିଆର ସହଜ ବିଜୟ

କାନବେରା,୫।୧୧(ଏଏଫ୍‌ପି): ବର୍ଷା ଯୋଗୁ ପ୍ରଥମ ଟି୨୦ ମ୍ୟାଚ୍‌ରେ ଅଳ୍ପକେ ବିଜୟ ହାତଛଡ଼ା କରିଥିବା ଅଷ୍ଟ୍ରେଲିଆ ଦ୍ୱିତୀୟ ମ୍ୟାଚ୍‌ରେ କିନ୍ତୁ ଭ୍ରମଣକାରୀ ପାକିସ୍ତାନକୁ ସହଜରେ ପରାସ୍ତ କରିଛି। ୯ଟି ବଲ ବାକି ରଖି ଅଷ୍ଟ୍ରେଲିଆ ୭ ଉଇକେଟରେ ବିଜୟୀ ହେବା ସହ ୩ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ୧-୦ରେ ଅଗ୍ରଣୀ ହାସଲ କରିଛି। ସୋମବାର ଖେଳାଯାଇଥିବା ଦ୍ୱିତୀୟ ଟି୨୦ ମ୍ୟାଚ୍‌ରେ ବିଶ୍ୱର ୧ ନମ୍ବର ଟି୨୦ ଦଳ ପାକିସ୍ତାନ ପ୍ରଥମେ ବ୍ୟାଟିଂ କରି ୬ ଉଇକେଟ ହରାଇ ୧୫୦ ରନ ସଂଗ୍ରହ କରିଥିଲା। ଜବାବରେ ଅଷ୍ଟ୍ରେଲିଆ ୧୮.୩ ଓଭରରେ ୩ ଉଇକେଟ ହରାଇ ୧୫୧ ରନ କରି ବିଜୟୀ ହୋଇଥିଲା।




୫୧ ବଲରୁ ୧୧ ଚୌକା ଓ ୧ ଛକା ସହ ୮୦ରନର ଅପରାଜିତ ଅର୍ଦ୍ଧଶତକୀୟ ପାଳି ଖେଳି ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ଷ୍ଟିଭେନ୍ ସ୍ମିଥ୍ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

୧୫୧ ରନ ଆଭରେଜ ଟାର୍ଗେଟର ପିଛା କରି ଅଷ୍ଟ୍ରେଲିଆ ପ୍ରଥମେ ତାରକା ଓପନର ଡେଭିଡ ୱାର୍ନର(୨୦ ରନ୍)ଙ୍କୁ ହରାଇଥିଲା। ସେହିପରି ୩ ଚୌକା ସହ ୧୪ଟି ବଲ୍ ଖେଳି ଅଧିନାୟକ ଆରୋନ ଫିଞ୍ଚ୍ ମହମ୍ମଦ ଇର୍ଫାନଙ୍କ ବଲ୍‌ରେ ବାବର ଆଜମଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ଏହାପରେ ବେନ୍ ମ୍ୟାକଡରମୋଟ ୨୧ ରନ କରିଥିବା ବେଳେ ଇମାଦ ୱାସିମଙ୍କ ଦ୍ୱାରା ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ। ଚତୁର୍ଥ ଉଇକେଟରେ ସ୍ମିଥ୍ ଓ ଆଷ୍ଟନ ଟର୍ନର ୩୩ ବଲରୁ ଅପରାଜିତ ୪୫ ରନ କରି ଦଳକୁ ଜିତାଇଥିଲେ। ତୃତୀୟ ଉଇକେଟରେ ସ୍ମିଥ୍ ଓ ମ୍ୟାକଡରମୋଟ ୪୪ ବଲରୁ ୫୮ ରନ ସଂଗ୍ରହ କରିଥିଲେ। ବୋଲିଂରେ ପାକିସ୍ତାନ ତରଫରୁ ଇର୍ଫାନ, ୱାସିମ ଓ ଆମୀର ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

ପ୍ରଥମେ ବ୍ୟାଟିଂ କରିଥିବା ପାକିସ୍ତାନ ନିୟମିତ ବ୍ୟବଧାନରେ ଉଇକେଟ ହରାଇ ବଡ଼ ସ୍କୋର ହାସଲ କରିବାରେ ବିଫଳ ହୋଇଥିଲା। ଦଳ ତରଫରୁ ଇଫ୍‌ତିଖାର ଅହମ୍ମଦ ୩୪ ବଲରୁ ୫ ଚୌକା ଓ ୩ ଛକା ସହ ସର୍ବାଧିକ ୬୨ ରନକରି ଅପରାଜିତ ରହିଥିଲେ। ସେହିପରି ଅଧିନାୟକ ବାବର ଆଜମ ୩୮ ବଲରୁ ୬ ଚୌକା ସହ ୫୦ ରନ କରି କ୍ରମାଗତ ଦ୍ୱିତୀୟ ଅର୍ଦ୍ଧଶତକ ହାସଲ କରିଥିଲେ। ଅନ୍ୟ ବ୍ୟାଟ୍ସମ୍ୟାନମାନେ ବିଫଳ ହୋଇଥିଲେ। ବୋଲିଂରେ ଅଷ୍ଟ୍ରେଲିଆ ପକ୍ଷରୁ ଆଷ୍ଟନ ଅଗର ୨, କେନ୍ ରିଚାର୍ଡସନ ଓ ପ୍ୟାଟ କୁମିନ୍ସ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

# ୪ର୍ଥ ଦିନରେ ସ୍ୱର୍ଣ୍ଣ ଜିତିଲେ ରାଜେନ୍ଦ୍ର, ସବିତା

କଟକ ଅଫିସ, ୫।୧୧

**ଜାତୀୟ ଜୁନିୟର ଆଥ୍‌ଲେଟିକ୍ସ**

୩୫ତମ ଜାତୀୟ ଜୁନିୟର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରେ ମଙ୍ଗଳବାର ଓଡ଼ିଶା ଦୁଇଟି ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛି। ଆନ୍ଧ୍ରପ୍ରଦେଶର ଗୁଣ୍ଟୁରଠାରେ ଚାଲିଥିବା ଏହି ଚାମ୍ପିୟନଶିପ୍‌ରେ ଓଡ଼ିଶା ପୂର୍ବରୁ ୨ଟି ଲେଖାଏ ରୌପ୍ୟ ଓ ବ୍ରୋଞ୍ଜ୍ ଜିତି ସାରିଥିବା ବେଳେ ୪ର୍ଥ ଦିନରେ ଓଡ଼ିଶା ହାତକୁ ୨ଟି ସ୍ୱର୍ଣ୍ଣ ପଦକ ଆସିଛି। ଦୁଇ ଆଥ୍‌ଲେଟ ରାଜେନ୍ଦ୍ର ସାହୁ ଓ ସବିତା ଟପ୍ପୋ ରାଜ୍ୟକୁ ଏହି ସଫଳତା ଆଣିଦେଇଛନ୍ତି। ଏଥିସହିତ ବର୍ତ୍ତମାନ ସୁଦ୍ଧା ପ୍ରତିଯୋଗିତାରେ ଓଡ଼ିଶା ମୋଟ୍ ୬ଟି ପଦକ ଜିତିସାରଛି। ୧୪ ବର୍ଷରୁ କମ୍ ବାଳକ ଟ୍ରାଇଥଲନ୍‌ରେ ରାଜେନ୍ଦ୍ର ସ୍ୱର୍ଣ୍ଣ ଜିତିଥିଲେ। ସେ ମୋଟ୍ ୧୯୨୩ ପଏଣ୍ଟ ହାସଲ କରିଥିଲେ। ତାଙ୍କ ପଛକୁ ତାମିଲନାଡୁର ପି. ବିଷ୍ଣୁ ୧୮୪୯ ପଏଣ୍ଟ ହାସଲ କରି ରୌପ୍ୟ ଓ ଆନ୍ଧ୍ରପ୍ରଦେଶର ପବନ କୁମାର ପାଙ୍ଗି ୧୮୨୯ ପଏଣ୍ଟ ସହ ବ୍ରୋଞ୍ଜ୍ ଜିତିଛନ୍ତି। ସେହିଭଳି ୧୬ ବର୍ଷରୁ କମ୍ ବାଳିକା ପେଣ୍ଟାଥଲନରେ ସବିତା ସ୍ୱର୍ଣ୍ଣ ଜିତିଛନ୍ତି। ସେ ୩୩୩୧ ପଏଣ୍ଟ ହାସଲ କରିଥିଲେ। ଏହି ଇଭେଣ୍ଟରେ କର୍ଣ୍ଣାଟକର ଉନାଥି ଆୟାପ୍ପା (୩୨୭୨ ପଏଣ୍ଟ) ରୌପ୍ୟ ଓ କେରଳର ସ୍ନେହାମୋଲ ଜର୍ଜ (୩୨୧୬ ପଏଣ୍ଟ ) ବ୍ରୋଞ୍ଜ୍ ପଦକ ପାଇଛନ୍ତି। ୨୦ ବର୍ଷରୁ କମ୍ ବାଳିକା ୨୦୦ ମିଟର ଦୌଡ଼ରେ ଦୀପାଳି ମହାପାତ୍ର ଫାଇନାଲରେ ପ୍ରବେଶ କରି ଓଡ଼ିଶା ନିମନ୍ତେ ପଦକ ଆଶା ଉଜ୍ଜୀବିତ ରଖିଛନ୍ତି। ଏହାଛଡ଼ା ୧୮ ବର୍ଷରୁ କମ୍ ବାଳିକା ୨୦୦ ମିଟର ଦୌଡ଼ ସେମିଫାଇନାଲରେ ଓଡ଼ିଶାର ଦୁଇ ଆଥ୍‌ଲେଟ୍ ମଧୁମିତା ଦେବ ଓ ସୁଖୀ ବସ୍କି ନିଜ ନିଜ ସ୍ଥାନ ସୁରକ୍ଷିତ କରିଛନ୍ତି।



ରାଜେନ୍ଦ୍ର ସିନ୍ଧୁ




ସବିତା ଟପ୍ପୋ

# ପୂର୍ବାଞ୍ଚଳ ଟେନିସ କ୍ରିକେଟ ୮ରୁ

ଭୁବନେଶ୍ୱର, ୫।୧୧ (ସ୍ପୋର୍ଟ୍ସ ବ୍ୟୁରୋ): ଭାରତୀୟ ଟେନିସ କ୍ରିକେଟ୍ ସଂଘ (ଟିସିଏଆଇ) ଓ ଓଡ଼ିଶା ରାଜ୍ୟ ଟେନିସ କ୍ରିକେଟ୍ ସଂଘ (ଓଏସ୍‌ଟିସିଏ)ର ମିଳିତ ଆନୁକୂଲ୍ୟରେ ୩ୟ ପୂର୍ବାଞ୍ଚଳ ଟେନିସ କ୍ରିକେଟ୍ ପ୍ରତିଯୋଗିତା ୮ରୁ ଆରମ୍ଭ ହେବ। ନହରକଣ୍ଟାସ୍ଥିତ ଶ୍ରୀ ଜୟଦେବ କଲେଜ ପଡ଼ିଆରେ ଏହା ୧୦ ତାରିଖ ପର୍ଯ୍ୟନ୍ତ ଖେଳାଯିବ। ଆୟୋଜକ ଓଡ଼ିଶା ସମେତ ପୂର୍ବାଞ୍ଚଳର ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ଆସାମ, ଛତିଶଗଡ଼, ଅରୁଣାଚଳ ପ୍ରଦେଶ, ବିହାର ଓ ତ୍ରିପୁରା ଏଥିରେ ଅଂଶଗ୍ରହଣ କରିବେ। ଆଠଟି ଦଳକୁ ୨ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇ ମ୍ୟାଚ୍ ଅନୁଷ୍ଠିତ ହେବ। ପ୍ରତି ଗ୍ରୁପ୍‌ର ଶ୍ରେଷ୍ଠ ୨ ଦଳ ସେମିଫାଇନାଲକୁ ଯୋଗ୍ୟତା ହାସଲ କରିବେ ବୋଲି ମଙ୍ଗଳବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଟିସିଏଆଇର ସମ୍ପାଦକ କହ୍ନେୟା ଗୁର୍ଜର ଏବଂ ଓଏସ୍‌ଟିସିଏ ସଭାପତି ଅବିନାଶ ସାହୁ, ସମ୍ପାଦକ ତଥା ବୈଷୟିକ ମୁଖ୍ୟ ରିଣ୍ଟୁ ମିତ୍ର ପ୍ରମୁଖ ସୂଚନା ଦେଇଛନ୍ତି। ଗୁରୁବାର ଖେଳାଳିଙ୍କ ଆଗମନ ପରେ ବିଭିନ୍ନ ରାଜ୍ୟ ପ୍ରତିନିଧିଙ୍କ ବୈଠକ ହୋଇ ଖେଳସୂଚୀ ଉଠାଣ ହେବ। ଏହାପରେ ପ୍ରତିଯୋଗିତା ଆରମ୍ଭ ହେବ। ଦେଶରେ ଟେନିସ କ୍ରିକେଟର ପ୍ରଚାର ଓ ପ୍ରସାର ସହିତ ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ପରିବେଶ ସୃଷ୍ଟି କରିବା ଏହି ପ୍ରତିଯୋଗିତାର ମୁଖ୍ୟ ଲକ୍ଷ୍ୟ ବୋଲି ରିଣ୍ଟୁ ମିତ୍ର କହିଛନ୍ତି।

ଓଏସ୍‌ଟିସିଏର ଉପସଭାପତି ଚୌଧୁରୀ ଅଶୋକ କୁମାର, ଦୀପକ କୁମାର ହଂସ, ଟିସିଏଆଇ ପ୍ରଶାସକ ଆଶିଷ କୁମାର ସିଂଙ୍କ ସହିତ ବାରିଜ ରଞ୍ଜନ ମହାନ୍ତି, ସରୋଜ କୁମାର ଜେନା, ବାସୁଦେବ ଓଝା, ମହମ୍ମଦ ଆଜାମ, ସୋଭେନ୍ଦ୍ର ମହାରଣା, ରାଜେନ୍ଦ୍ର ମହାରଣା, ଅଖିଳେଶ ତିୱାରୀ, ବଦ୍ରିନାରାୟଣ ପାତ୍ର, ସମୀର ବାରିକ, ଦୀପକ ମଲ୍ଲିକ, ଅମରେନ୍ଦ୍ର ଦାସ, ରାଗିଣୀ ମିତ୍ର ପ୍ରମୁଖ ପରିଚାଳନା ସମିତି ଦାୟିତ୍ୱରେ ରହିଛନ୍ତି।

# ଭାରତ-ପାକ୍ ଡେଭିସ୍ କପ୍ ଟାଇ ନିରପେକ୍ଷ ଭେନ୍ୟୁରେ

ନୂଆଦିଲ୍ଲୀ, ୫।୧୧ (ପି.ଟି.): ନିରାପତ୍ତା ତଥା ସୁରକ୍ଷା ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ଭାରତ- ପାକିସ୍ତାନ ଡେଭିସ କପ୍ ମ୍ୟାଚ୍ ନିରପେକ୍ଷ ଭେନ୍ୟୁକୁ ସ୍ଥାନାନ୍ତର କରାଯାଇଛି। ବିଶ୍ୱ ଟେନିସର ସର୍ବୋଚ୍ଚ ପ୍ରଶାସନିକ ସଂସ୍ଥା ଆଇଟିଏଫ୍ ସୋମବାର ଏ ନେଇ ନିଷ୍ପତ୍ତି ନେବା ସହ ଘୋଷଣା କରିଛି। ଫଳରେ ଭାରତୀୟ ଟେନିସ ଫେଡେରେଶନକୁ ଆଶ୍ୱସ୍ତି ମିଳିଛି। ପୂର୍ବରୁ ଏହି ଟାଇ ନଭେମ୍ବର ୨୯-୩୦ତାରିଖରେ ଇସ୍‌ଲାମାବାଦ୍‌ରେ ଆୟୋଜନ ହେବାର କାର୍ଯ୍ୟକ୍ରମ ଥିଲା। ତେବେ ଏହା ପ୍ରଥମେ ସେପ୍ଟେମ୍ବରରେ ଖେଳାଯିବାର କାର୍ଯ୍ୟକ୍ରମ ଥିଲା। ନିରାପତ୍ତା କାରଣ ଦର୍ଶାଇ ଭାରତ ପାକିସ୍ତାନରେ ନ ଖେଳିବାକୁ ଇଚ୍ଛା ଜାହିର କରିଥିଲା। ଏବେ ନିୟମ ଦୃଷ୍ଟିରୁ ପାକିସ୍ତାନ ଟେନିସ ଫେଡେରେଶନ ନିରପେକ୍ଷ ଭେନ୍ୟୁ ନେଇ ପ୍ରସ୍ତାବ ଦେବ।

# ସେର୍ସାକୁ ହରାଇ ସେମିରେ ରାଇଜିଂ ଷ୍ଟୁଡେଣ୍ଟ୍ସ

ଧର୍ମଶାଳା,୫।୧୧(ଡି.ଏନ୍.ଏ.)

ଧର୍ମଶାଳା ମହୋତ୍ସବ ପଡ଼ିଆରେ ମଙ୍ଗଳବାର ସର୍ବଭାରତୀୟ ଦଶମ ବାର୍ଷିକ ସିକୁ କପ୍ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ସାମାଜିକ କର୍ମୀ ନମ୍ରତା ଚଢା ମୁଖ୍ୟଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଅତିଥିଭାବେ ଧର୍ମଶାଳା ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ଯୋଗ ଦେଇଥିଲେ। ଉଦ୍‌ଘାଟନୀ ମ୍ୟାଚ୍‌ରେ ରାଞ୍ଚିର ସେର୍ଶା କ୍ରିକେଟ ଦଳକୁ ୫୩ ରନ୍‌ରେ ହରାଇ କଟକ ରାଇଜିଂ ଷ୍ଟୁଡେଣ୍ଟ୍ସ ସେମିଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ରାଇଜିଂ ଷ୍ଟୁଡେଣ୍ଟ୍ସ ଦଳ ନିର୍ଦ୍ଧାରିତ ୨୫ ଓଭର୍‌ରେ ୬ ଉଇକେଟ୍ ହରାଇ ୨୩୭ ରନ୍ କରିଥିଲା। ଦଳ ପକ୍ଷରୁ ହର୍ଷିତ୍ ରାଠୋର୍ ୫୭, ସୁଜିତ୍ ଲେଙ୍କା ୫୫ ରନ୍ କରିଥିଲେ। ରାଞ୍ଚି ଦଳର ଅଜୟ ମଧୁକର୍ ୨ ଉଇକେଟ୍ ପାଇଥିଲେ। ଜବାବରେ ରାଞ୍ଚି ଦଳ ୨୩.୫ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୮୪ ରନ୍ କରିଥିଲା। ଦଳ ପକ୍ଷରୁ ଅଜୟ ମଧୁକର୍ ୫୬ ରନ ଓ ଉଜ୍ଜଳ ପାଲ୍ ୩୮ ରନ୍ କରିଥିଲେ। ବିଜୟୀ ଦଳର ତାରାକାନ୍ତ ସାମଲ ୩ ଓ ସିଦ୍ଧାର୍ଥ ସିହ୍ନା ୨ଟି ଉଇକେଟ୍ ନେଇଥିଲେ। ମ୍ୟାଚକୁ ଆଶୁତୋଷ ପାଣି ଓ ସୌମେନ୍ଦ୍ର ପାତ୍ର ପରିଚାଳନା କରିଥିଲେ। ଚିତ୍ତରଞ୍ଜନ ମହାନ୍ତି, ସୌଭାଗ୍ୟ ମୁଦୁଲି ଓ ଶୁଭାଶିଷ ଦାସ ସହଯୋଗ କରିଥିଲେ। ଟ୍ରଷ୍ଟ ସଭାପତି ବିଜୟ କୁମାର ରାୟଙ୍କ ସଭାପତିତ୍ୱରେ ପୁରସ୍କାର ବିତରଣି ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ଯାଜପୁରର ପୂର୍ବତନ ସିଡିଏମ୍‌ଓ ରମେଶ ଚନ୍ଦ୍ର ସାହୁ ଅତିଥି ଭାବେ ଯୋଗଦେଇ ବିଜୟୀ ଦଳର ହର୍ଷିତ ରାଥୋଡ୍‌ଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ। ବୁଧବାର ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍ ସ୍ପୋର୍ଟିଂ ୟୁନିୟନ ଝାଡଖଣ୍ଡ ଓ ସୁପର ନୋଭାସ ବିଶାଖାପାଟଣା ମଧ୍ୟରେ ଅନୁଷ୍ଠିତ ହେବା ନେଇ ଟ୍ରଷ୍ଟର ଆୟୋଜକ ସିତାଂଶୁ ଶେଖର ସାହୁ ସୂଚନା ଦେଇଛନ୍ତି।




ମୁଖ୍ୟ ଅତିଥି ନମ୍ରତା ଚଢା ବ୍ୟାଟିଂ କରି ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରୁଛନ୍ତି।

**୧୦ମ ସିକୁ କପ୍ କ୍ରିକେଟ ଉଦ୍‌ଘାଟିତ**


## ମନେ ପଡ଼ନ୍ତି

**ଶ୍ରଦ୍ଧାଞ୍ଜଳି**



ସ୍ୱ ଅରୁଣ କିଶୋର ଶତପଥୀ
ଆବିର୍ଭାବ: ଫେବୃୟାରୀ ୧୫, ୧୯୪୮
ତିରୋଧାନ: ଅକ୍ଟୋବର ୨୮, ୨୦୧୯
ଆପଣଙ୍କର ଭଲ ମଣିଷପଣିଆ ଓ ଭଲ ପାଇବା ନିଆରା। ଆମେ ସମସ୍ତେ ବ୍ୟକ୍ତିଗତ ଭାବରେ ଜୀବନ ଥିବାଯାଏ ତାହା ଭୁଲିପାରିବୁ ନାହିଁ। ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା, 'ଆପଣ ଯେଉଁଠି ବି ଥାଆନ୍ତୁ ଖୁସିରେ ଥାଆନ୍ତୁ' ତାଙ୍କର ସାନିଧ୍ୟ ଲାଭ କରନ୍ତୁ।
ବନ୍ଧୁ ଓ ପରିବାରବର୍ଗ
ଓଁ ନେତ୍ର ମନ୍ଦିର | ଷ୍ଟାର ଅପ୍‌ଟିକାଲ୍
ବାପୁଜୀ ନଗର, ଭୁବନେଶ୍ୱର
ଧ-୧୫୦୮୮

**ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ଚିତ୍ତରଞ୍ଜନ ପାତ୍ର (ବାଦଲ୍)
କୁଦାନଗରୀ, କେନ୍ଦ୍ରାପଡା
ଆବିର୍ଭାବ: ୨୩।୦୨।୬୬
ତିରୋଧାନ: ୨୬।୧୦।୧୯
ସମୟର ସ୍ରୋତରେ ଆପଣଙ୍କ ପାର୍ଥିବ ଶରୀର ନଥିଲେ ମଧ ଆପଣ ଅମର। ଆପଣ ଆମରି ଭିତରେ ପ୍ରତି ନିଃଶ୍ୱାସରେ, ବିଶ୍ୱାସରେ, ମନରେ, ହୃଦୟରେ, ମାତ୍ର ଅଦୃଶ୍ୟରେ ସର୍ବଦା ସ୍ମରଣୀୟ। ଆଜିର ଏହି ପୂଣ୍ୟ ଦ୍ୱାଦଶାହ ତିଥିରେ ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଈଶ୍ୱରଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ:
ଧର୍ମପତ୍ନୀ, ବୋଉ, ଚନ୍ଦନ, ପ୍ରମନ, ମାଖନ, ରୁନା, ପୁସୀ, ମମି, ବନି, ରାନୀ, ଖୁସି, ପ୍ରତିକ୍, ଅନିଶ୍ ଓ ଆତ୍ମୀୟସ୍ୱଜନ ।
ଧ-୧୫୧୦୪

**୪ର୍ଥ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



ସ୍ୱର୍ଗତ ଗୋପୀନାଥ ପଣ୍ଡା
ଟେଲି କମ୍ୟୁନିକେଶନ ଇଂଜିନିୟର
N6-୫୦୫, ଜୟଦେବ ବିହାର, ଭୁବନେଶ୍ୱର
ତିରୋଧାନ: କାର୍ତ୍ତିକ ବଡ ଦଶମୀ ଓ ବଡ ଏକାଦଶୀ
ତୁମ ଅମର ଆତ୍ମାର ଚିରଶାନ୍ତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥ ଓ ଶ୍ରୀ ସତ୍ୟସାଇବାବାଙ୍କ ନିକଟରେ ଆକୁଳ ପ୍ରାର୍ଥନା କରିବା ସଙ୍ଗେ ସଙ୍ଗେ ତୁମ ନିକଟରେ ଅଜସ୍ର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ।
ଶୋକସନ୍ତପ୍ତ
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଧ-୧୫୦୯୨

ଧରିତ୍ରୀ
DHARITRI
www.orissakhabar.com/www.dharitri.com ପୃଷ୍ଠା:୨୦ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ବୁଧବାର, ନଭେମ୍ବର ୬/୨୦୧୯ Sambalpur, Wednesday, November 6 / 2019

## ୧୫ ଅସୁସ୍ଥ, ୩ ଦିନ ଭିତରେ ସମାଧାନ ପାଇଁ ପ୍ରତିଶ୍ରୁତି

# ନ୍ୟାୟ ପାଇଁ ଛାତ୍ରୀଛାତ୍ରଙ୍କ ୧୬ କି.ମି. ପଦଯାତ୍ରା

**ସମ୍ବଲପୁର,୫।୧୧(ବ୍ୟୁରୋ)**

ସମନ୍ୱିତ ବା ଇଣ୍ଟିଗ୍ରେଟେଡ୍ ପାଠ୍ୟକ୍ରମରେ ଉତ୍ତୀର୍ଣ୍ଣ ଯୁବତୀ ଯୁବକଙ୍କୁ ସରକାର ଚାକିରି ଦେବା ପାଇଁ କୌଣସି ସୁବିଧା କରି ନାହାନ୍ତି । କିଛି ଦିନ ତଳେ ଶିକ୍ଷକ ପଦ ପାଇଁ ବାହାରି ଥିବା ବିଜ୍ଞାପନରେ ବିଏଡ୍, ଏମ୍ଏଡ୍ ପାସ୍ ଯୋଗ୍ୟତା ମଗା ଯାଇଛି । ହେଲେ ସମନ୍ୱିତ ବିଏଡ୍ ଓ ଏମ୍ଏଡ୍ କରିଥିବା ଛାତ୍ରୀଛାତ୍ରଙ୍କ ପାଇଁ ଆବେଦନ କରିବାର ସୁବିଧା କରାଯାଉ ନାହିଁ । ତେଣୁ ସମଗ୍ର ରାଜ୍ୟରେ ସମନ୍ୱିତ ବିଏଡ୍ ଓ ଏମଏଡ୍ ପାଠ ପଢୁଥିବା ହଜାର ହଜାର ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ନଷ୍ଟ ହୋଇଯିବ। ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ପାଠ ପଢ଼ିଲା ପରେ ଏବେ ସେମାନେ କୁଆଡେ ଯିବେ। ଏହାର ସମାଧାନ ପାଇଁ ରାଜ୍ୟ ଓ କେନ୍ଦ୍ର ମନ୍ତ୍ରୀମାନଙ୍କୁ ଅଭିଯୋଗ ହେଲା ପରେ କିଛି ସୁଫଳ ମିଳି ନାହିଁ। ଶେଷରେ ମଙ୍ଗଳବାର ବିଶ୍ୱବିଦ୍ୟାଳୟ ସମନ୍ୱିତ ଏମ୍ଏଡ୍ ଓ ବିଏଡ୍ ଛାତ୍ରୀଛାତ୍ର ସମ୍ବଲପୁର ପର୍ଯ୍ୟନ୍ତ ୧୬ କି.ମି. ପଦଯାତ୍ରା କରି ପ୍ରତିବାଦ ଜଣାଇଛନ୍ତି । ବୁର୍ଲାସ୍ଥିତ



ଛାତ୍ରୀଛାତ୍ର ପଦଯାତ୍ରାରେ ବାହାରିଛନ୍ତି । ବିଶ୍ୱବିଦ୍ୟାଳୟଠାରୁ ଭୁବନେଶ୍ୱର ଲୋକସେବା ଭବନକୁ ଶହେ ଛାତ୍ରୀଛାତ୍ର ପଦଯାତ୍ରାରେ ବାହାରିଥିଲେ। ହେଲେ କିଛି ବାଟ ଆସିଲା ପରେ ପ୍ରାୟ ୧୫ ଜଣ ଛାତ୍ରୀ ଅସୁସ୍ଥ ହୋଇ ପଡିଥିଲେ । ଏହା ଜାଣି ଜିଲାପାଳ ଶୁଭମ୍ ସକ୍ସେନା ସେମାନଙ୍କୁ ନିଜ କାର୍ଯ୍ୟାଳୟକୁ ଡାକି ଆଲୋଚନା କରିଥିଲେ। ବିଶ୍ୱବିଦ୍ୟାଳୟ ପକ୍ଷରୁ ଦାୟିତ୍ୱରେ ଥିବା କୁଳପତି ପ୍ରଫେସର ଅର୍କ କେଶରୀ ଦାସମହାପାତ୍ର, ରେଜିଷ୍ଟ୍ରାର ସଞ୍ଜିତ ସାହୁ ମଧ ଏହି ସମୟରେ ଉପସ୍ଥିତ ଥିଲେ । ୩ ଦିନ ଭିତରେ ସମସ୍ୟାର ସମାଧାନ ହୋଇଯିବ ବୋଲି ଜିଲାପାଳ ସକସେନା ଏମାନଙ୍କୁ ପ୍ରତିଶ୍ରୁତି ଦେବା ପରେ ଛାତ୍ରୀଛାତ୍ର ପଦଯାତ୍ରା ସ୍ଥଗିତ କରି ଫେରି ଯାଇଛନ୍ତି। ତେବେ ଏ ସମ୍ପର୍କରେ କୁଳପତି ଦାସମହାପାତ୍ର କହିଛନ୍ତି ଯେ, ଛାତ୍ରୀଛାତ୍ର ଚାକିରି ନ ମିଳିବାରୁ ଆନ୍ଦୋଳନ କରୁଛନ୍ତି । ଆବେଦନ କରିବାକୁ ୱେବସାଇଟ୍‌ରେ ସାମାନ୍ୟ ତ୍ରୁଟି ରହିଛି। ତାହା ଠିକ୍ କରି ଦିଆଯିବ । ଜିଲାପାଳ ମଧ ବିଭାଗୀୟ ସଚିବଙ୍କ ସହ ଆଲୋଚନା କରିଛନ୍ତି । ଏଥିରେ ଛାତ୍ରୀଛାତ୍ର ଭୟଭୀତ ହେବା ଅନୁଚିତ। କେନ୍ଦ୍ର ସରକାର ଏହି ପାଠ୍ୟକ୍ରମକୁ ସ୍ୱୀକୃତି ଦେଇଛନ୍ତି।

STEWART SCHOOL, BHUBANESWAR
UNIT- VIII, CRP Square, BHUBANESWAR-751012
(Affiliated to the Council for Indian School Certificate Examinations, New Delhi)
Ph. No.- 8480743569, 8093474811
Email: stewartbbsr@gmail.com, Website: www.stewartschoolbbsr.in
ADMISSION OPEN
For Pre-Nursery, Nursery, Preparatory and Std. I to IX for the Academic Session 2020 - 2021
Application Forms may be downloaded from the School website and to be submitted along with a Bank Challan of Rs.500/- at Office of the Principal.
Last Days for submission of Application forms:
For Pre-Nursery, Nursery & Preparatory : 25.11.2019
For Class I to Class V : 27.11.2019
For Class VI to Class IX : 30.11.2019
Sd./- Principal

## ଟ୍ରକ୍ ପଛରେ ପିଟି ହେଲା ଟ୍ରେଲର, ଜଣେ ମୃତ

**ରେଙ୍ଗାଲି, ୫।୧୧ (ଡି.ଏନ.ଏ.)**

ସମ୍ବଲପୁର-ରାଉରକେଲା ବିଜୁ ଏକ୍ସପ୍ରେସ ୱେର ରେଙ୍ଗାଲିଥାନା ଅନ୍ତର୍ଗତ ପଣ୍ଡଲୋଇସ୍ଥିତ ଶ୍ୟାମ ମେଟାଲିକ୍ସ କାରଖାନା ସମ୍ମୁଖରେ ଏକ ଟ୍ରକକୁ ପଛପଟୁ ଏକ ଟ୍ରଲର ଧକ୍କା ଦେଇଛି। ଫଳରେ ଜଣଙ୍କର ମୃତ୍ୟୁ ଘଟିଛି। ସେ ହେଲେ ବିହାର ରାଜ୍ୟର ଟ୍ରେଲର ହେଲପର ଜାଫର ଖାନ୍ (୨୮)। ମଙ୍ଗଳବାର ଭୋରରୁ ଓଆର୍ ୨୩ଏ- ୮୧୭୨ ଟ୍ରକ୍ ଖରାପ ହୋଇ ଶ୍ୟାମ ମେଟାଲିକ୍ସ ସମ୍ମୁଖରେ ରାସ୍ତା ଉପରେ ଛିଡା ହୋଇଥିଲା। ଏତିକିବେଳେ ସମ୍ବଲପୁର ପଟୁ ଝାରସୁଗୁଡା ପଟକୁ ଯାଉଥିବା ଓଡି ୧୬ ଡି- ୨୦୫୦ ନମ୍ବର ବିଶିଷ୍ଟ ଟ୍ରଲରଟି ଟ୍ରକକୁ ଧକ୍କା ଦେଇଥିଲା । ଫଳରେ ଘଟଣା ସ୍ଥଳରେ ଟ୍ରେଲର ହେଲପର ଖାନ୍‌ଙ୍କ ମୃତ୍ୟୁ ଘଟିଥିଲା। ଖବର ପାଇ ରେଙ୍ଗାଲି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଜାଫର ଖାନଙ୍କ ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ବୁର୍ଲା ଡାକ୍ତରଖାନା ପଠାଇଥିଲା । ବ୍ୟବଚ୍ଛେଦ ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ରେଙ୍ଗାଲି ପୋଲିସ ଏକ ଦୁର୍ଘଟଣାଜନିତ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି । ଶ୍ୟାମ ମେଟାଲିକ୍ସ କାରଖାନାର ବେଆଇନ ପାର୍କିଂ ଯୋଗୁଁ ବାରମ୍ବାର ଦୁର୍ଘଟଣା ଘଟୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

## ■କଂସର-ଜମନକିରା ପ୍ରଧାନମନ୍ତ୍ରୀ ରାସ୍ତା ନିର୍ମାଣରେ ଦୁର୍ନୀତି ଘଟଣା

# ୫ ଜଣଙ୍କ ନାମରେ ମାମଲା, ରାତି ଅଧିଆ ଚାଲିଛି କାମ

**ସମ୍ବଲପୁର, ୫।୧୧ (ବ୍ୟୁରୋ)**

ସମ୍ବଲପୁର ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀଙ୍କ ଅଧୀନରେ ଥିବା କଂସର-ଜମନକିରା ପ୍ରଧାନମନ୍ତ୍ରୀ ରାସ୍ତା କାମର ଦୁର୍ନୀତି ଘଟଣାର ବିଭାଗୀୟ ତଦନ୍ତ ଆରମ୍ଭ ହୋଇଛି। ପ୍ରାଥମିକ ତଦନ୍ତରେ ପ୍ରାୟ ୪୦ ଲକ୍ଷ ଟଙ୍କାରୁ ଅଧିକ ଦୁର୍ନୀତି ହୋଇଥିବା ଜଣାପଡିଛି। ଏ ନେଇ ସମ୍ବଲପୁର ଅଧୀକ୍ଷଣ ଯନ୍ତ୍ରୀ ସଞ୍ଜୟ ପାତ୍ର ଦେବଗଡ ଜିଲା ରିଆମାଳ ଥାନାରେ ଅଭିଯୋଗ କରିବା ସହ ଦେବଗଡ ଏସ୍‌ପି ରାହୁଲ ଜୈନଙ୍କୁ ମଧ ଅବଗତ କରାଇଛନ୍ତି। ଦେବଗଡ ଗ୍ରାମ୍ୟ ଉନ୍ନୟନ ବିଭାଗ ପୂର୍ବତନ ନିର୍ବାହୀ ଯନ୍ତ୍ରୀ ତଥା ବର୍ତ୍ତମାନ ଗଞ୍ଜାମ ଜିଲାରେ ଅବସ୍ଥାପିତ କିଶୋର ମିଶ୍ର, ପୂର୍ବତନ ସହକାରୀ ଯନ୍ତ୍ରୀ ତଥା ଏବେ ସମ୍ବଲପୁର ଜିଲା ରେଢ଼ାଖୋଲରେ ଅବସ୍ଥାପିତ ହିମାଂଶୁଶେଖର ସେଠୀ, ଦେବଗଡ ଗ୍ରାମ୍ୟ ଉନ୍ନୟନ ଡିଭିଜନର କନିଷ୍ଠ ଯନ୍ତ୍ରୀ ହିମାଂଶୁ ବେହେରା, ଏଷ୍ଟିମେଟର୍ ଇଂ. ସୁବୋଧ ମୁଦୁଲି ଓ ଠିକା ସଂସ୍ଥା ତୁଳସୀ କନଷ୍ଟ୍ରକସନ୍ ନାମରେ ମାମଲା ରୁଜୁ ହୋଇଛି । ରିଆମାଳ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି । ଅନ୍ୟପଟେ କେନ୍ଦ୍ରୀୟ ଟିମ୍, ରାଜ୍ୟସ୍ତରୀୟ ଟିମ୍ ଓ ତଦନ୍ତ ପାଇଁ ଗଠନ ହୋଇଥିବା କମିଟି ଏ




ସମ୍ବଲପୁର କଂସର-ଜମନକିରା ରାସ୍ତାର ସୂଚନା ଫଳକ ।

ପର୍ଯ୍ୟନ୍ତ ତଦନ୍ତ କରିବାକୁ ଆସି ନାହାନ୍ତି। ଦୁର୍ନୀତିକୁ ଚପାଇବାକୁ ଠିକାଦାରଙ୍କ ପାଖରୁ ସବ୍ କଣ୍ଟ୍ରାକ୍ଟର ଭାବେ କାମ ନେଇଥିବା ସ୍ଥାନୀୟ ଦୁଇ ଜଣ ଠିକାଦାର ରାତି ଅଧିଆ ମରାମତି କାମ କରୁଛନ୍ତି। ବ୍ୟୟଅଟକଳ ଅନୁସାରେ ଆବଶ୍ୟକ ସାମଗ୍ରୀ ବିବ୍ୟହାର ନ କରି ଉପରେ ପିଚୁ କରି ଦେଉଛନ୍ତି। ଏଣୁ ଅଧିକ୍ଷଣଯନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଠିକାଦାରଙ୍କୁ କାମ ନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ଏହି ରାସ୍ତାରେ ଦୁର୍ନୀତି ହୋଇଥିବା ନେଇ ଅଭିଯୋଗ ହେଲା ପରେ କେବଳ ଧରିତ୍ରୀରେ ଅକ୍ଟୋବର ୨୬ ଏବଂ ଓଡିଶା ପୋଷ୍ଟରେ ଅକ୍ଟୋବର ୨୫ରେ ସ୍ୱତନ୍ତ୍ର ଭାବେ ଅନୁସନ୍ଧାନ ମୂଳକ ଖବର ପ୍ରକାଶ ପାଇଥିଲା । ଏହାକୁ ନେଇ ଅକ୍ଟୋବର ୨୮ରେ ଗ୍ରାମ୍ୟ ଉନ୍ନୟନ ବିଭାଗ ସଚିବ ପ୍ରଦୀପ କୁମାର ଜେନା ଉଦ୍‌ବେଗ ପ୍ରକାଶ କରି ତଦନ୍ତ ନିର୍ଦ୍ଦେଶ ଦେଇଥିଲେ । ୫ ଜଣିଆ ତଦନ୍ତ କମିଟି ଗଠନ କରି ଶୀଘ୍ର ତଦନ୍ତ ରିପୋର୍ଟ ଦେବାକୁ ମୁଖ୍ୟଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ନିର୍ଦ୍ଦେଶ ପାଇବା ପରେ ସମ୍ବଲପୁର ଅଧିକ୍ଷଣ ଯନ୍ତ୍ରୀ ପ୍ରାଥମିକ ତଦନ୍ତ ଆରମ୍ଭ କରିଛନ୍ତି । ସୂଚନାଯୋଗ୍ୟ ଯେ, ୨୦୧୭-୧୮ ଆର୍ଥିକ ବର୍ଷରେ କଂସର-ଜମନକିରା ରାସ୍ତାକୁ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନାରେ ସାମିଲ କରି ଟେଣ୍ଡର ଡକାଯାଇଥିଲା । ମୋଟ ୧୪ କି.ମି. ରାସ୍ତା କାମ ଲାଗି ୫ କୋଟି ୭୩ ଲକ୍ଷ ଟଙ୍କା ବ୍ୟୟ ଅଟକଳ ରହିଥିଲା । ଏହି କାମକୁ ଦେବଗଡ ଜିଲାର ତୁଳସୀ କନଷ୍ଟ୍ରକସନ୍ ନାମକ ଠିକା କମ୍ପାନୀ ଟେଣ୍ଡର ମାଧମରେ ପାଇଥିଲା। ହେଲେ ୮ କି.ମି. ରାସ୍ତା ନିର୍ମାଣ ହୋଇଛି । ଆହୁରି ୬ କି.ମି. ରାସ୍ତାର କାମ ହୋଇ ନାହିଁ । ଯେତିକି ବି କାମ ହୋଇଛି ସେଥିରେ ମଧ ବ୍ୟାପକ ଅନିୟମିତତା କରାଯାଇଛି । ନିୟମ ଅନୁସାରେ ପ୍ରଥମେ ମାଟି ପକାଇବା, ତା ପରେ ମୋରମ ବିଛାଯିବା, ୨ସ୍ତର ମେଟାଲ ଦେବା ପରେ ପିଚୁ କରିବା ନିୟମ ରହିଛି । ହେଲେ ଆବଶ୍ୟକ ପରିମାଣର ସାମଗ୍ରୀ ବ୍ୟବହାର କରାଯାଉ ନାହିଁ ବୋଲି ଅଭିଯୋଗ ହୋଇଥିଲା। ରାଜନୈତିକ ସମ୍ପର୍କ ଓ ବଡବଡିଆଙ୍କ ଆଶୀର୍ବାଦ ଥିବାରୁ କାମ ନ ସରି ମଧ ଗତ ମେ ମାସରେ ଫାଇନାଲ ବିଲ୍ କରାଯାଇଥିଲା ।

ଧରିତ୍ରୀ ପ୍ରଭାବ

## ନକଲି ବନ୍ଧୁକ ଦେଖାଇ ୩ ଯୁବକ ଗିରଫ

■ଅଭିଯୁକ୍ତଙ୍କଠାରୁ ବନ୍ଧୁକ ସମେତ ୨୪୨ବୋତଲ କଫସିରପ ଜବତ



ପୋଲିସ ଗିରଫ କରିଥିବା ତିନି ଅଭିଯୁକ୍ତ ଓ ଜବତ ହୋଇଥିବା କଫସିରପ ।

**ଉଲୁଣ୍ଡା, ୫।୧୧(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ସଦର ଡ଼ାକ୍ତରଖାନା ଛକରେ ସୋମବାର ରାତିରେ ନକଲି ବନ୍ଧୁକ ଦେଖାଇ ଲୋକଙ୍କୁ ଭୟଭୀତ କରାଉଥିବା ଅଭିଯୋଗରେ ପୋଲିସ ୩ ଯୁବକଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ବିପୁଳ ପରିମାଣର ନିଶାଦ୍ରବ୍ୟ ଜବତ ହୋଇଛି। ପୋଲିସ ସୂଚନା ମୁତାବକ, ରାତ୍ର ପ୍ରାୟ ୯ଟା୩୦ରେ ବିନିକା ସହର ଗାନ୍ଧୀପଡ଼ାର ସିକନ୍ଦର ବାଗ(୨୮) ଏବଂ ଦଣ୍ଡସେନା ପଡ଼ାର ସୁଇଟୁ ସାହୁ(୨୧) ଏକ ଅଟୋ ଓଡି-୩୧-ଜି-୧୫୪୧ ଯୋଗେ ଉଲୁଣ୍ଡା ଆସିଥିଲେ। ହସପିଟାଲ ଛକରୁ ସେ ବେଆଇନ ଭାବେ କଫସିରପ କାରବାର କରୁଥିବା ଗଣ୍ଡାବାହାଲ ହରିଜନପଡାର ଦିବ୍ୟ ଜଗଦଲାଙ୍କଠାରୁ କଫସିରପ କ୍ରୟକରି ତାକୁ ବ୍ୟବହାର କରୁଥିଲେ। ମାତ୍ର ସ୍ଥାନୀୟ ଲୋକେ ଏହାକୁ ବିରୋଧ କରିବାରୁ ତାଙ୍କୁ ନକଲି ବନ୍ଧୁକ ଦେଖାଇ ଭୟଭୀତ କରାଇଥିଲେ। ହେଲେ ଉପସ୍ଥିତ ଲୋକମାନେ ସେମାନଙ୍କୁ କାବୁ କରିନେବା ସହ ପୋଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ଉଲୁଣ୍ଡା ପୋଲିସ ପହଞ୍ଚି ୩ ଯୁବକଙ୍କୁ ଗିରଫ କରି ଥାନାକୁ ନେଇଥିଲା। ପରେ ତାଙ୍କ ନିକଟରୁ ବ୍ୟବହୃତ ନକଲି ବନ୍ଧୁକ ସମେତ ବ୍ୟବହୃତ ଅଟୋ ଗାଡି ଏବଂ ୨୪୨, ଗୋଟି କଫସିରପ, ୨ଷ୍ଟ୍ରିପ ଆଲପ୍ରାଜୋଲାମ, ୩ଟି ମୋବାଇଲ, ଗୋଟିଏ ଲୁହା ଫାଇଟର, ୬ଟି ପେନସିଲ ବ୍ୟାଟେରି ଏବଂ ଅପମିଶ୍ରିତ କଫସିରପ ଜବତ କରାଯାଇଥିଲା। ଏନେଇ ଉଲୁଣ୍ଡା ଥାନାରେ ଏକ ମାମଲା (ନଂ.୯୬/୧୯) ରୁଜୁ କରାଯାଇଛି। ଉଲୁଣ୍ଡା ଆଇଆଇସି ବିଦ୍ୟୁଭୂଷଣ ପୁଟା ଏହି ମାମଲାର ତଦନ୍ତ କରୁଛନ୍ତି।

# ପଞ୍ଚଦିବସୀୟ ଶୁଟିଂ ପ୍ରଶିକ୍ଷଣ ଶିବିର ଆରମ୍ଭ

**ଭୁବନେଶ୍ୱର, ୫।୧୧(ସ୍ପୋର୍ଟ୍ସ ବ୍ୟୁରୋ):** ଓଡ଼ିଶା ରାଇଫଲ୍ ସଂଘ ଓ ଗଗନ ନାରଙ୍ଗ ସ୍ପୋର୍ଟ୍ସ ପ୍ରମୋଶନ ଫାଉଣ୍ଡେଶନ (ଜିଏନ୍ଏସ୍‌ପିଏଫ୍)ର ମିଳିତ ଆନୁକୂଲ୍ୟରେ ଉତ୍କଳ କରାଟେ ସ୍କୁଲର ଇଲେକ୍ଟ୍ରୋନିକ ରେଞ୍ଜ୍‌ରେ ଏକ ଜାତୀୟ ପ୍ରସ୍ତୁତି ଶିବିର ଅନୁଷ୍ଠିତ ହୋଇଛି। ଏହି ୫ ଦିନିଆ ଶିବିର ଜିଏନ୍ଏସ୍‌ପିଏଫ୍ କୋଚ୍ ୟୁନିୟାତ୍ରି ଲିୟାସ (ଇଣ୍ଡୋନେସିଆ)ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳନା କରାଯାଉଛି। ୟୁନି ଗତ ୪ ବର୍ଷ ହେବ ଗଗନ ନାରଙ୍ଗ ସ୍ପୋର୍ଟ୍ସ ପ୍ରମୋଶନ ଫାଉଣ୍ଡେଶନ ତରଫରୁ ୧୦ ମିଟର ଏୟାର ରାଇଫଲ୍, ୫୦ ମିଟର ପ୍ରୋନ୍ ରାଇଫଲ୍ ଏବଂ ୫୦ ମିଟର ଥ୍ରି-ପଏଣ୍ଟ ରାଇଫଲ୍‌ରେ ପ୍ରଶିକ୍ଷଣ ଦେଉଛନ୍ତି। ଜାତୀୟ ରାଇଫଲ୍ ପ୍ରତିଯୋଗିତା ନିମନ୍ତେ ଯୋଗ୍ୟ ବିବେଚିତ ୧୪ ଓଡ଼ିଆ ରାଇଫଲ୍ ଶୁଟରଙ୍କୁ ୟୁନିୟାତ୍ରି ପ୍ରଶିକ୍ଷଣ ପ୍ରଦାନ କରିବେ।



କୋଚ୍ ଓ କର୍ମକର୍ତ୍ତାଙ୍କ ଗହଣରେ ପ୍ରଶିକ୍ଷଣ ଶିବିରରେ ଅଂଶଗ୍ରହଣ କରିଥିବା ଶୁଟର।




## ■ସିସି ପରମିଟ୍, ଚାଲାଣ ପାଇଁ ଲାଞ୍ଚ

# ଓଏଫ୍‌ଡିସି ସୁପର୍‌ଭାଇଜର ଗିରଫ

**ଝାରସୁଗୁଡ଼ା ଅଫିସ୍/ଲଖନପୁର, ୫।୧୧(ଡି.ଏନ୍.ଏ.)**



ଗିରଫ ସୁମନ୍ତ ପାଇକରାୟ।

ଝାରସୁଗୁଡ଼ା ଜିଲା ବଡମାଲସ୍ଥିତ ଓଡ଼ିଶା ଫରେଷ୍ଟ ଡେଭ୍‌ଲପମେଣ୍ଟ କର୍ପୋରେଶନ୍ (ଓଏଫ୍‌ଡିସି)କାର୍ଯ୍ୟାଳୟର ସୁପର୍‌ଭାଇଜର୍ ସୁମନ୍ତ ପାଇକରାୟ ଜଣେ କାଠ ବ୍ୟାବସାୟୀଙ୍କଠାରୁ ଲାଞ୍ଚ ନେଉଥିବାବେଳେ ମଙ୍ଗଳବାର ଭିଜିଲାନ୍ସ ହାତରେ ଧରାପଡିଛନ୍ତି। ଭିଜିଲାନ୍ସ ଅଧିକାରୀମାନେ ତାଙ୍କ ନିକଟରୁ ୧୬ହଜାର ଟଙ୍କା (୨ହଜାର ଟଙ୍କିଆ ନୋଟ୍ ୮ଖଣ୍ଡ) ଜବତ କରିଛନ୍ତି। କାଠ ବ୍ୟବସାୟୀ ଦୈତାରୀ ପ୍ରଧାନଙ୍କ ଅଭିଯୋଗକୁ ଭିତ୍ତିକରି ଭିଜିଲାନ୍ସ ବିଭାଗ କେସ୍ ନଂ୫୪/୧୯ରେ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି। ଅଭିଯୁକ୍ତ ସୁପର୍‌ଭାଇଜର ପାଇକରାୟଙ୍କୁ ଭିଜିଲାନ୍ସ ବିଭାଗ ଗିରଫ କରିଛି।

ମିଳିଥିବା ସୂଚନା ଅନୁଯାୟୀ, ବନ ବିଭାଗ ତରଫରୁ ଜାଳେଣିକାଠର ଅକ୍ସନ୍ ହୋଇଥିଲା। ଏଥିରେ କୁଲାବିରା ବ୍ଲକ ଜାମକାନୀ ଗ୍ରାମର ଦୈତାରୀ ପ୍ରଧାନ ୬ଗୋଟି ଜାଳେଣିକାଠ ଗଦାକୁ ୧ଲକ୍ଷ ୨୫ହଜାର ୫୨୧ଟଙ୍କାରେ ଅକ୍ସନ୍‌ରେ ନେଇଥିଲେ। ଜାଳେଣିକାଠକୁ ବ୍ୟବସାୟୀ ଜଣକ ଟ୍ରକ୍‌ରେ ନେବାପାଇଁ ବାହାରିଥିବାବେଳେ ସିସି ପର୍‌ମିଟ୍ ଓ ଚାଲଣ କାଟିବା ପାଇଁ ସୁପର୍‌ଭାଇଜର ପାଇକରାୟ ବ୍ୟବସାୟୀଙ୍କଠାରୁ ୨୫ହଜାର ଟଙ୍କା ଦାବି କରିଥିଲେ। ଏନେଇ ବ୍ୟାବାସାୟୀ ପ୍ରଧାନ ଭିଜିଲାନ୍ସ ବିଭାଗରେ ଅଭିଯୋଗ କରିଥିଲେ। ପ୍ରଧାନଙ୍କ ଅଭିଯୋଗକୁ ଭିତ୍ତିକରି ଭିଜିଲାନ୍ସ ବିଭାଗ ଏକ ମାମଲା ରୁଜୁକରି ସୁପର୍‌ଭାଇଜରଙ୍କୁ ଧରିବା ପାଇଁ ଯୋଜନା ପ୍ରସ୍ତୁତ କରିଥିଲା। ଯୋଜନା ମୁତାବକ ବ୍ୟବସାୟୀ ପ୍ରଧାନ ବଡ଼ମାଲସ୍ଥିତ ଓଏଫ୍‌ଡିସି କାର୍ଯ୍ୟାଳୟରେ ସୁପର୍‌ଭାଇଜର ପାଇକରାୟଙ୍କୁ ଲାଞ୍ଚ ଟଙ୍କା ଦେଉଥିବାବେଳେ ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିବା ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ଧରିଥିଲେ। ଏହି ଚଢ଼ାଉରେ ସମ୍ବଲପୁର ଭିଜିଲାନ୍ସ ଏସ୍‌ପି ରବୀନ୍ଦ୍ର ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ଝାରସୁଗୁଡ଼ା ଭିଜିଲାନ୍ସ ଡିଏସ୍‌ପି ଦିଲୀପ କୁମାର କରଙ୍କ ନେତୃତ୍ୱରେ ଇନ୍ସପେକ୍ଟର ପି.କେ. ଆଇନ୍ଦ୍, ସୁଧାଂଶୁ ଶେଖର ପୂଜାରୀ, ଅଭୟ ପ୍ରଧାନ, କେ.ଏନ୍. କୁଜୁର, ତପସ୍ୱିନୀ ସେଠ୍ ପ୍ରମୁଖ ସାମିଲଥିଲେ।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ



ଯେଉଁମାନେ କୌଣସି ମତ ପ୍ରକାଶ କରନ୍ତି ନାହିଁ, ସେମାନଙ୍କର ସଦ୍‌ଗୁଣର ମୂଲ୍ୟ ମନୁଷ୍ୟ ସମାଜ ପାଇଁ କିଛି ହେଲେ ନାହିଁ।
- ଆବ୍ରାହମ୍ ଲିଙ୍କନ



## ସଂକ୍ଷେପରେ

### ୬ରୁ କଳାକାରଙ୍କ ଆବେଦନ ଆରମ୍ଭ

ବରଗଡ଼ ଅଫିସ୍,୫।୧୧- ବରଗଡ଼ ଧନୁଯାତ୍ରା ମହୋତ୍ସବ ପାଇଁ ଏଥର କଳାକାର ଚୟନ ପାଇଁ ନିଷ୍ପତ୍ତି ନିଆଯାଇଛି । ଏହି କ୍ରମରେ ଆସନ୍ତା ୬ତାରିଖରୁ ୧୬ତାରିଖ ପର୍ଯ୍ୟନ୍ତ ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟରେ ଇଚ୍ଛୁକ କଳାକାରମାନେ ଆବେଦନ ଫର୍ମ ସଂଗ୍ରହ କରି ପାରିବେ ବୋଲି ସୂଚନା ଦିଆଯାଇଛି । ଛୁଟିଦିନ ବ୍ୟତୀତ ଏହି ଅବଧି ମଧ୍ୟରେ ଦିନ ୧୦ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଆବେଦନ ଫର୍ମ ଗ୍ରହଣ କରାଯିବ। ଫଳରେ ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟରୁ ନିର୍ଦ୍ଧାରିତ ଫର୍ମ ସଂଗ୍ରହ କରି ଆବେଦନ କରିବା ପାଇଁ ଧନୁଯାତ୍ରା ମହୋତ୍ସବ କଳାକାର ଉପଦେଷ୍ଟା କମିଟିର ଆବାହକ ତଥା ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋ ସୂଚନା ଦେଇଛନ୍ତି। ସେହିପରି ବରଗଡ଼ ଧନୁଯାତ୍ରା କଂସ ମହାରାଜ ପାଇଁ ମନୋନୀତ କଳାକାର ଅନ୍ୟ କୌଣସି ଧନୁଯାତ୍ରାରେ କଂସ ଭୂମିକାରେ ଅଂଶଗ୍ରହଣ କରି ପାରିବେ ନାହିଁ ବୋଲି ବିଜ୍ଞପ୍ତିରେ ସ୍ପଷ୍ଟଭାବେ ଉଲ୍ଲେଖିତ ରହିଛି । ତେବେ ବରଗଡ଼ ଧନୁଯାତ୍ରା କଂସ ଭୂମିକାରେ ମନୋନୀତ ହେବା ସତ୍ତ୍ୱେ ଅନ୍ୟ ଧନୁଯାତ୍ରାରେ ସେହି ଭୂମିକାରେ ଅଭିନୟ କରିଥିବା ଅଭିନେତାଙ୍କୁ ଏଥର ଚୟନ ପ୍ରକ୍ରିୟାରେ ସାମିଲ କରାଯିବ କି ନାହିଁ, ସେ ଉପରେ କିଛି ସ୍ପଷ୍ଟ କରାଯାଇ ନାହିଁ ।

## ■ ୩ ବର୍ଷ ନ ପୂରୁଣୁ ଧନୁଯାତ୍ରାରେ କଂସ ଚୟନ

# ତେଜିଲା ବିରୋଧର ସ୍ୱର, ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ

ବରଗଡ଼ ଅଫିସ୍,୫।୧୧

ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବ ଆସନ୍ତା ଡିସେମ୍ବର ୩୧ ତାରିଖରେ ହେବ । ଏହା ୨୦୨୦ ଜାନୁୟାରୀ ୧୦ ତାରିଖ ପର୍ଯ୍ୟନ୍ତ ୧୧ଦିନ ଧରି ଅନୁଷ୍ଠିତ ହେବ। ଏଥର ଧନୁଯାତ୍ରାରେ ମୁଖ୍ୟ ଚରିତ୍ର କଂସଙ୍କ ସମେତ ମହାମନ୍ତ୍ରୀ, ସେନାପତି ଭୂମିକା ପାଇଁ କଳାକାର ଚୟନ ହେବ ବୋଲି ସୋମବାର ଧନୁଯାତ୍ରା କଳାକାର ସମନ୍ୱୟ ସମିତି ନିଷ୍ପତ୍ତି ନେଇଛି । ଦଶନ୍ଧି ଦଶନ୍ଧି ଧରି ଧନୁଯାତ୍ରା ମହୋତ୍ସବ ସମିତିର ବିଭିନ୍ନ ପଦପଦବୀକୁ ଜାବୁଡ଼ି ଧରିଥିଲେ ହେଁ ସେଥିରେ କିଛି ପରିବର୍ତ୍ତନ କିମ୍ବା ମନୋନୟନ ପ୍ରକ୍ରିୟା ହେଉ ନ ଥିବାବେଳେ କଳାକାର ଚୟନ ନିଷ୍ପତ୍ତିକୁ ନେଇ ଏଠାରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ୨ ବର୍ଷ ତଳେ କଂସ ଚୟନ ସରିଥିବା ବେଳେ ପରମ୍ପରା ଅନୁଯାୟୀ ୩ ବର୍ଷ ନ ପୂରୁଣୁ ଏଥର ପୁଣି କଂସ ଚୟନକୁ ଧନୁଯାତ୍ରା ପ୍ରେମୀ, କଳାକାରଙ୍କ ସମେତ ଜନସାଧାରଣ ଏହାକୁ ସହଜରେ ଗ୍ରହଣ କରିପାରୁ ନାହାନ୍ତି ।

ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ପଶ୍ଚିମ ଓଡ଼ିଶା ଧନୁଯାତ୍ରା କଳାକାର



ବରଗଡ଼ ଜିଲାପାଳଙ୍କୁ କଳାକାର ସଂଘ ସ୍ମାରକପତ୍ର ପ୍ରଦାନ କରୁଛି ।

ସଂଘ ପକ୍ଷରୁ ବରଗଡ଼ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି, ପରମ୍ପରା ଅନୁଯାୟୀ, ଥରେ ଚୟନ ପରେ କଂସ ଅଭିନେତା ଅତିକମ୍‌ରେ କ୍ରମାନ୍ୱୟରେ ୩ ବର୍ଷ ଧନୁଯାତ୍ରାରେ ଅଭିନୟକରି ପାରିବେ। ଏପରି କି ୨୦୧୭ରେ ହୋଇଥିବା କଂସ ଚୟନ ପ୍ରକ୍ରିୟାରେ ମନୋନୀତ ହେବାପରେ ଧନୁଯାତ୍ରା ମହୋତ୍ସବ ସମିତି ପକ୍ଷରୁ ଭୁବନେଶ୍ୱର ପ୍ରଧାନଙ୍କୁ ସେଭଳି ମୌଖିକ ପ୍ରତିଶ୍ରୁତି ମଧ୍ୟ ଦିଆଯାଇଥିଲା । ଫଳରେ ଏଥର ମଧ୍ୟ ଭୁବନେଶ୍ୱରଙ୍କୁ କଂସ ଭୂମିକାରେ ଅଭିନୟ କରିବା ପାଇଁ ସୁଯୋଗ ଦେବା ସହିତ ଧନୁଯାତ୍ରାର ପରମ୍ପରାକୁ ବଜାୟ ରଖିବା ପାଇଁ ପଶ୍ଚିମ ଓଡ଼ିଶା ଧନୁଯାତ୍ରା କଳାକାର ସଂଘ ପକ୍ଷରୁ ଜିଲାପାଳଙ୍କୁ ନିବେଦନ କରାଯାଇଛି। ଜିଲାପାଳ ପ୍ରଧାନ ଏହା ବିଚାରକୁ ନିଆଯିବ ବୋଲି କହିଛନ୍ତି। ସ୍ମାରକପତ୍ର ପ୍ରଦାନ ସମୟରେ ପଶ୍ଚିମ ଓଡ଼ିଶା ଧନୁଯାତ୍ରା କଳାକାର ସଂଘର ସଭାପତି ଦୟାନିଧି ପ୍ରଧାନଙ୍କ ସମେତ ବିଭିନ୍ନ ଧନୁଯାତ୍ରାରେ କଂସ ଅଭିନୟ କରିଥିବା ସୁଶିଳ କୁମାର ମେହେର, ଜଗଦାନନ୍ଦ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



ବ୍ୟାଣ୍ଡ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପଦ୍ମପୁର ବାଳିକା ହାଇସ୍କୁଲର ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଉଛି।

# ରାଜ୍ୟସ୍ତରୀୟ କଳାଉତ୍ସବକୁ ପଦ୍ମପୁର ବାଳିକା ହାଇସ୍କୁଲ ମନୋନୀତ

ପଦ୍ମପୁର,୫।୧୧(ଡି.ଏନ.ଏ.):

**ବ୍ୟାଣ୍ଡ ପ୍ରତିଯୋଗିତା**

ବାଳିକା ବିଭାଗ ବ୍ୟାଣ୍ଡ ପ୍ରତିଯୋଗୀତାରେ ପଦ୍ମପୁର ବାଳିକା ହାଇସ୍କୁଲ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟସ୍ତରକୁ ମନୋନୀତ ହୋଇଛି। ବ୍ୟାଣ୍ଡ ଦାୟିତ୍ୱରେ ଥିବା ଶିକ୍ଷକ ଗୋପାଳଜୀ ପ୍ରସାଦ ପାଣିଗ୍ରାହୀଙ୍କ ପରିଚାଳନାରେ ପୂଜା, ସ୍ନେହା, ଶିବାନୀ, ପ୍ରତୀକ୍ଷା, ରଚନା, ରଶ୍ମି, ଆଫ୍ରିନ, ତନ୍ମୟୀ ଭାଦ୍ରବୀ, ସୀମା, ସିଦ୍ଧି, ରଶ୍ମି ମାହାର, ସୁପ୍ରିୟା, ସଂଗୁପ୍ତା, ମେହେରୁନ, ରଶ୍ମି ସୁନା, ସୁରେଖା, ସୁନୀତା, ଆଶା, କୈଶଲ୍ୟା, ଶିବନୀ ମହାନ୍ତି, ରତ୍ନୁ, ରିଙ୍କି, ସଂଗୀତା, ରଶ୍ମିତା, ରୂପାଲୀ, ଶାନ୍ତିପ୍ରିୟା, ମେସର, ଶାନ୍ତି ଓ ସୁରେଶ୍ୱରୀ ପ୍ରମୁଖ ଛାତ୍ରୀମାନେ ବ୍ୟାଣ୍ଡ ପ୍ରତିଯୋଗିତାରେ ଅଂଶଗ୍ରହଣ କରି କୃତୀତ୍ୱ ହାସଲ କରିଥିଲେ। ଆୟୋଜିତ ସଭାରେ ପ୍ରଧାନ ଶିକ୍ଷୟିତ୍ରୀ ସେବାଶ୍ରୀ ଭୋଇ ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିବା ବେଳେ ଶିକ୍ଷକ ବୃନ୍ଦାବନ ଦାଶ, ଜ୍ୟୋତ୍ସ୍ନାରାଣୀ ସାହୁ, ଜୀବନାନନ୍ଦ ସାହୁ, ମିନତି ଦାଶ, ସୁରେଶ ଚନ୍ଦ୍ର ଚୌହାନ, ଇତିଶ୍ରୀ ସାହୁ, ବାଦଲ କୁମାର ସେଠୀ, ସୁଷମା ଦାଶ, ନଳିନୀ ବାଗ, ଦୁଷ୍ମନ୍ତ ଛତର ପ୍ରମୁଖ ଉପସ୍ଥିତ ଥିଲେ । ସୁରେନ୍ଦ୍ର କୁମାର ଭୋଇ ସମସ୍ତଙ୍କୁ ସ୍ୱାଗତ କରିଥିବା ବେଳେ ବରିଷ୍ଠ ଶିକ୍ଷକ ବୃନ୍ଦାବନ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।

# ରକ୍ତଦାନ ଶିବିର: ୭୧ୟୁନିଟ୍ ରକ୍ତ ସଂଗ୍ରହ

ବରଗଡ଼ ଅଫିସ୍,୫।୧୧

ବରଗଡ଼ ଜିଲା ବରମକେଲାଠାରେ ସୋମବାର ନବନିର୍ମିତ କଲ୍ୟାଣ ମଣ୍ଡପ ଉଦ୍‌ଘାଟନ ଅବସରରେ ଜୀବନବିନ୍ଦୁ ଆନୁକୂଲ୍ୟରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମର ସଂଯୋଜକ ଅଶ୍ୱିନୀ ତ୍ରିପାଠୀଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହ ଏବଂ ରକ୍ତଦାନ ଶିବିରକୁ ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ଉଦ୍‌ଘାଟନ କରିଥିଲେ। ଶିବିରରେ ୭୧ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଉଦ୍‌ଘାଟନୀ ସମାରୋହରେ ଅନ୍ୟମାନଙ୍କ ମଧ୍ୟରେ ଯୁବନେତା



ରକ୍ତଦାନ ଶିବିରକୁ ମୁଖ୍ୟଅତିଥି ପରିଦର୍ଶନ କରୁଛନ୍ତି ।

ଉମେଶ ଚନ୍ଦ୍ର ପଣ୍ଡା, ସମିତିସଭ୍ୟ କ୍ଷୀରୋଦ୍ର ପ୍ରଧାନ, ପୂର୍ବତନ ସରପଞ୍ଚ କ୍ଷୀରୋଦ୍ର ସାହୁ, ଗୌନ୍ତିଆ କ୍ଷୀରୋଦ୍ର ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ବରମକେଲାବାସୀ କାର୍ଯ୍ୟକ୍ରମ ପରିଚାଳନାରେ କରିଥିଲେ।

# ଅସହାୟ ବୃଦ୍ଧାଙ୍କ ମୃତଦେହ ସତ୍କାର କଲେ ସ୍ୱେଚ୍ଛାସେବୀ

ବରଗଡ଼ ଅଫିସ୍,୫।୧୧

ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସାଧିନ ଅବସ୍ଥାରେ ମଙ୍ଗଳବାର ମୃତ୍ୟୁବରଣ କରିଥିବା ଜଣେ ଅସହାୟ ବୃଦ୍ଧାଙ୍କ ମୃତଦେହ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନିଷ୍ଠା ପରିବାରର ସଦସ୍ୟମାନେ ସତ୍କାର କରିଛନ୍ତି । ଅନୁଷ୍ଠାନର ସ୍ୱେଚ୍ଛାସେବୀମାନେ ମୃତହେଦ ସ୍ଥାନୀୟ ଜୀରାନଦୀ କୂଳ ଶ୍ମଶାନକୁ ନେଇ ଦାହ କରିଥିଲେ । ଏଥିରେ ନିଷ୍ଠା ପରିବାରର ବିକାଶ ଅଗ୍ରୱାଲ, କ୍ଷୀରୋଦ୍ର ସାହୁ, ରୋହିତ ଜୟସ୍ୱାଲ, ପ୍ରହଲ୍ଲାଦ ପାଣିଗ୍ରାହୀ, ମାନସ ମେହେର, ଆଲୋକ ପ୍ରଧାନ, ଅଭିଷେକ ଦନ୍ତା ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିଲେ।





ନିଷ୍ଠା ପରିବାରର ସ୍ୱେଚ୍ଛାସେବୀମାନେ ଶବଦାହ କରୁଛନ୍ତି ।

### ନାବାଳିକା ବଳାତ୍କାର ଅଭିଯୋଗ ନାବାଳକଙ୍କୁ ପଠାଗଲା ସୁଧାର ଗୃହ

ବିଜେପୁର,୫।୧୧(ଡି.ଏନ.ଏ.): ବରଗଡ଼ ଜିଲା ବିଜେପୁର ଥାନା ଅଞ୍ଚଳରେ ଜଣେ ୪ବର୍ଷର ନାବାଳିକାଙ୍କୁ ବଳାତ୍କାର ଅଭିଯୋଗରେ ପୋଲିସ ଜଣେ ୧୭ବର୍ଷର ନାବାଳକଙ୍କୁ ମଙ୍ଗଳବାର କୋର୍ଟରେ ହାଜର କରି ରାଉରକେଲାସ୍ଥିତ ବାଳସୁଧାର କେନ୍ଦ୍ରକୁ ପଠାଇଛି। ଅଭିଯୋଗ ମୁତାବକ, ସୋମବାର ଅପରାହ୍ନରେ ନାବାଳିକା ଜଣକ ଘରେ ଏକୁଟିଆ ରହିଥିଲେ। ଏହାର ସୁଯୋଗ ନେଇ ନାବାଳକ ଜଣକ ଘରେ ପଶି ନାବାଳିକାଙ୍କୁ ବଳାତ୍କାର କରିଥିଲେ। ନାବାଳିକାଙ୍କ ମା' ଏହା ଜାଣି ପାଖ ପଡୋଶୀଙ୍କୁ ଜଣାଇଥିଲେ। ପରେ ଗାଁରେ ଏକ ସଭା ହୋଇଥିଲା। ଏଥିରେ କୌଣସି ସମାଧାନ ହୋଇପାରି ନ ଥିଲା। ଏନେଇ ନାବାଳିକାଙ୍କ ବାପା ବିଜେପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା(ନଂ. ୧୮୯/୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ମଙ୍ଗଳବାର ପୋଲିସ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଉଭୟଙ୍କ ଡାକ୍ତରୀମାଇନା କରାଯାଇଥିଲା। ପରେ ପୋଲିସ ନାବାଳକଙ୍କୁ ସୋହେଲା କୋର୍ଟରେ ହାଜର କରିଥିଲା। କୋର୍ଟରେ ଜାମିନ ଆବେଦନ ଖାରଜ ହୋଇଯିବାରୁ ପୋଲିସ ନାବାଳକଙ୍କୁ ରାଉରକେଲା ବାଳସୁଧାର ଗୃହକୁ ପଠାଯାଇଥିବା ପୋଲିସ କହିଛି।

### ଜୁଆଆଡ୍ଡା ଉପରେ ଚଢ଼ାଉ
### ୩ ଗିରଫ, ୮ ବାଇକ୍ ଜବତ

ଅତାବିରା,୫।୧୧(ଡି.ଏନ୍.ଏ)

ଅତାବିରା ଥାନା ପୋଲିସ ବୁଗବୁଗା ପଞ୍ଚାୟତ ଗରିଆଟିକ୍ରା ଗ୍ରାମରେ ଚାଲିଥିବା ଏକ ଜୁଆଆଡ୍ଡା ଉପରେ ଚଢ଼ାଉ କରିଥିଲା। ଚଢ଼ାଉ ବେଳେ ପୋଲିସ ଅଧିକାରୀମାନେ ଜୁଆଖେଳରେ ବ୍ୟବହୃତ ସାମଗ୍ରୀ, ୮ବାଇକ୍ ସହିତ ୩ଜଣଙ୍କୁ ଧରିବାରେ ସଫଳ ହୋଇଥିଲେ। ଗିରଫ ଅଭିଯୁକ୍ତମାନେ ହେଲେ ଭେଡ଼େନ ଥାନା ଅନ୍ତର୍ଗତ ସାନପିପିଲିପାଲି ଗ୍ରାମର ରାଜେନ୍ଦ୍ର ବଢ଼େଇ, ବରପଦର ଗ୍ରାମର ଦେବେନ୍ଦ୍ର ପଶାୟତ ଏବଂ ସାଲନା ଗ୍ରାମର ବିରାଟ ନାଗ। ପୋଲିସ ତାଙ୍କ ନିକଟରୁ ୨୩୧୩ ଟଙ୍କା ଜବତ କରିଛି। ତେବେ ଘଟଣାସ୍ଥଳରୁ ବଡ଼ବଡ଼ିଆ ଖସି ଯାଇଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଏ ନେଇ ଅତାବିରା ଥାନା ପୋଲିସ ଏକ ମାମଲା(ନଂ.୨୨୨/୧୯) ରୁଜୁ କରି ଅଧିକ ତଦନ୍ତ ଚଳାଇଛି।


# CLASSIFIED DISPLAY

ALL EDITION - B/W (Everyday)

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

BUSINESS

BUSINESS
ଖାଲିଥିବା ଜମି ଓ ଛାତ ଉପରେ Bansal Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ ।
ଆଜି ହିଁ ସଂପର୍କ କରନ୍ତୁ
242/4, Bannerghatta Main Rd, Mulimavu, Bengaluru, Karnataka 560076
Call / SMS Now
07376033092

ଭାରତର ନଂ. 1 କମ୍ପାନୀ
Hindusthan Tower Group
ଦ୍ୱାରା ନିଜର ଖାଲି ଜମି, ଛାତ, ଚାଷଜମି ଓ ହାଇୱେ ପାର୍ଶ୍ୱ ଜମିରେ
DIGITAL ମଲ୍ଟିମିଡିଆ ଟାୱାର ଲଗାନ୍ତୁ।
ଆଡ୍‌ଭାନ୍ସ: 60 ଲକ୍ଷ
ଭଡ଼ା: 60 ହଜାର
94735-96956, 98070-64437
ADDRESS: T-51, GAUTAMPURI, DELHI

Registration Free..Govt. Approved
ସିୟା ରାମ ରିଲାଏନ୍ସ JEO
କଂପାନୀ ଦ୍ୱାରା ନିଜର ଖାଲି ଜମି ଓ ଛାତ ଉପରେ 3G/4G ରେଡିଏସନ ଫ୍ରୀ ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 90,000/- ଟଙ୍କା ପାଆନ୍ତୁ । ଚାକିରି + ୨୦ ବର୍ଷର କୋଟ ଅଗ୍ରୀମେଣ୍ଟ
Plot No - 15/012, Devaraja Mohalla, Bangalore, Karnataka 570001
9529777097
9560376626

FINANCE

ଶୁଭଜନଲକ୍ଷ୍ମୀ ଫାଇନାନ୍ସ
ଗୃହ ଋଣ, ମାର୍କଶିଟ୍ ଋଣ, କୃଷି ଋଣ, ପର୍ସନାଲ ଋଣ, ଗ୍ରୁପ୍ ଋଣ, ମାତ୍ର 5 ବାର୍ଷିକ ସୁଧ ହାରରେ ।
ଯୋଗାଯୋଗ କରନ୍ତୁ
9899289162
9858323204
Dehradun, UK

LOAN DHAMAKA
1) Mudra Loan
2) Term Loan
3) Cash Credit
4) Vehicle Loan
5) Housing Loan
6) Agriculture Loan
7) Used Car Loan
8) Mortgaged Loan
PD ASSOCIATE
91, Kharvela Nagar, BBSR
8895436156

ଶ୍ରୀରାମ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ ।
୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
ଧୋକେବାଜ ଙ୍କୁ ସାବଧାନ
Mahaveer Nagar, Lewis Road, Bangalore
08587970541
09499469559

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
Bhagyalaxmi Finance
Reg No. U6519TN198PLC00855
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗ୍ରୁପ୍, ବ୍ୟବସାୟ ଓ ସମସ୍ତ ଋଣ 2-3 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ 40% ରିହାତି
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି, ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
ମୋ. 7689936101
7310644390
Vishal Mansion, Mahatma Gandhi Road, UP

BARSA FINANCE
ବ୍ୟବସାୟ, ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗୃହ ଋଣ ସମସ୍ତ ପ୍ରକାର LOAN
BARSA FINANCE ଯୋଗାଇ ଦେଉଛି । ସୁଧ=1%
M = 7656825259
7656825281
Add - 61/25, SEC-2, Pushp Vihar, Delhi - Laing, Sundargarh, Odisha

FINANCE
All India ଋଣ ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୦% ସୁଧ ୫୦% ଛାଡ ଘରେବସି ପାଆନ୍ତୁ
Call / SMS Now
Janavi - 7566-888-563
Sagar - 7773-817-838
Manasi- 8827-505-029
Manisa- 7772-970-949
Sradha - 7583-808-884
Visakha- 8269-150-310
Vasundhara Mall, West Boring Canal Rd, Rajapur, Patna, Bihar 800001

KUBER FINANCE
Kuber ଋଣ ଲିମିଟେଡ୍ ଭରସାର ପ୍ରତିକ ସରକାରୀ ସ୍ୱୀକୃତୀପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, କୃଷି ଆଧାରକାର୍ଡ ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ମାତ୍ର ୧ ଦିନରେ, 2% ସୁଧ 40% ଛାଡ । ଘରେ ବସି ପାଆନ୍ତୁ
ଖର୍ଚ୍ଚ ଲୋନ ପାସ ହେଲା ପରେ
Plot No-14/524, Chandini Chowk, Kolkata
Call or SMS Now
8146524009

ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଆମଠାରୁ ଆଗେ କାମ କରିଥିବା ଲୋକଙ୍କୁ ଦାବି ମୁତାବକ ପୁରସ୍କାର
ଖୋଲା ଚ୍ୟାଲେଞ୍ଜ ତନ୍ତ୍ର ମନ୍ତ୍ର ସମ୍ରାଟ
ଘରେ ବସି 2 ଘଣ୍ଟାରେ ସମାଧାନ
ବାବା କମାଲ ଖାନ୍
ବଶୀକରଣ ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ସଉତୁଣୀ, ଶତ୍ରୁ ମୁକ୍ତି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମରେ ଧୋକା, ରୁଷିଥିବା ବ୍ୟକ୍ତିଙ୍କୁ ମନାଇବା, ବ୍ୟବସାୟ, ଛାଡ଼ପତ୍ରରେ ବାଧା, ସନ୍ତାନ କିମ୍ବା ବିଦେଶ ଯାତ୍ରାରେ ବିଘ୍ନ। ସବୁଠାରୁ ନିରାଶ ହୋଇଥିବା ବ୍ୟକ୍ତି ଫୋନ୍ କରନ୍ତୁ
9911786155
9911786154

EDUCATION

LAST DATE OF ADMISSION ON 10/11/2019
B.Ed
Acharya Nagarjuna University
Equivalent to Govt. of Odisha
FREE Practical, Study Material, Formfillup fees & Weekend Class
NIDT
B.Ed Academy Since 2001
B.J.B. Nagar, Lewis Road, Bhubaneswar
7978204082, 9438286091

DHARITRI Career appointment Every Wednesday and Saturday


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଯେତେବେଳେ ଧର୍ମର ହାନି ହୁଏ, ଅଧର୍ମ ପ୍ରବଳ ହୁଏ, ସେତେବେଳେ ଭଗବାନ ସ୍ୱୟଂ ମାୟା ଭାବରେ ଶରୀର ଧାରଣ କରନ୍ତି। ଅଧର୍ମ ପ୍ରବଳ ଓ ଧର୍ମ ହୀନବଳ ହୋଇ ଆସିଲେ ଧର୍ମର ରକ୍ଷା ନିମିତ୍ତ ପୃଥିବୀରେ ଜନ୍ମ ଗ୍ରହଣ କରନ୍ତି।

- ବ୍ୟାସଦେବ

## ସଂକ୍ଷେପରେ

### ଯୁବକଙ୍କ ସନ୍ଦେହ ଜନକ ମୃତ୍ୟୁ

ଅତାବିରା/ସରଣ୍ଡା,୫।୧୧(ଡି.ଏନ୍.ଏ.)- ବରଗଡ଼-ସମ୍ବଲପୁର ୫୩ ନମ୍ବର ଜାତୀୟ ରାଜପଥ ଝାଉଁଯୋଜ ନିକଟରୁ ଅତାବିରା ପୋଲିସ ମଙ୍ଗଳବାର ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରିଛି। ସେ ହେଲେ ସମ୍ବଲପୁର ଜିଲା ବୁର୍ଲା ସେଣ୍ଟର ଲାଇନର ଅଜିତ କୁମାର ପ୍ରଧାନ(୩୬)। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବରଗଡ଼ ଡାକ୍ତରଖାନା ପଠାଇଛି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୯/୧୯) ରୁଜୁ କରି ଅଧିକ ତଦନ୍ତ ଚଳାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ଥାନା ଆଇଆଇସି ପୁରଷୋତ୍ତମ ଭୋଇ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷେ ଯୁବକଙ୍କ ମୃତ୍ୟୁକୁ ସ୍ଥାନୀୟ ଲୋକେ ସନ୍ଦେହ ପ୍ରକଟ କରିଛନ୍ତି।



### ପର୍ବତାରୋହୀ ଲିପିକାଙ୍କୁ କନ୍ୟା ରତ୍ନକା ଉପାଧି

ବରଗଡ଼ ଅଫିସ୍,୫।୧୧- ବରଗଡ଼ ସହର ଉପକଣ୍ଠ ଚକରକେନ୍ଦସ୍ଥିତ ସନ୍ଥକବି ଭୀମ ଭୋଇ ଯୁକ୍ତତିନି ମହିମା ମହାବିଦ୍ୟାଳୟରେ ପର୍ବତାରୋହୀ ଲିପିକା ସେଠଙ୍କୁ ରତ୍ନ କନ୍ୟକା ଉପାଧି ପ୍ରଦାନ କରାଯାଇଛି । ଏହି କ୍ରମରେ ତାଙ୍କୁ ପ୍ରମାଣପତ୍ର ପ୍ରଦାନ ସହ ସମ୍ବର୍ଦ୍ଧନା ଦିଆଯାଇଥିଲା । କଲେଜ ଅଧ୍ୟକ୍ଷ କାର୍ତ୍ତିକେୟ ସାଥୁଆ, ପଣ୍ଡିତ ପୂର୍ଣ୍ଣଚନ୍ଦ୍ର ସାହୁ ପ୍ରମୁଖ ତାହା ପ୍ରଦାନ କରିଥିଲେ । ଛାତ୍ର ସଂସଦର ଘନଶ୍ୟାମ ସାହୁ, କୁଶ ସାହୁ, ଆକାଶ ସାହୁ ଏବଂ ଅନ୍ୟ ଛାତ୍ରୀଛାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

### ଅଭିଯୁକ୍ତଙ୍କୁ ୩ ବର୍ଷ ଜେଲ୍

ନୂଆପଡା ଅଫିସ,୫।୧୧: ନୂଆପଡା ଜିଲା ଖଡିଆଲ ଥାନା ଅନ୍ତର୍ଗତ ଉପରପିଟା ଲାଞ୍ଜି ଗାଁର ଅଶୋକ ମାଝି (୩୪) ନାମକ ଜଣେ ଯୁବକ ସେହି ଗାଁର ଅନ୍ୟ ଜଣେ ବ୍ୟକ୍ତିଙ୍କୁ ଟାଙ୍ଗିରେ ଗୋଡାଇ ଗୋଡାଇ ମାରିବା ଘଟଣାର ରାୟ ପ୍ରକାଶ ପାଇଛି। ଘଟଣାର ବିଚାର କରି ଖଡିଆଲ ଜେଏମଏଫସି ଅଭିଯୁକ୍ତଙ୍କୁ ୩ବର୍ଷ ସଶ୍ରମ କାରାଦଣ୍ଡାଦେଶ ଶୁଣାଇଛନ୍ତି । ଏଥିସହ ୫ ହଜାର ଟଙ୍କା ଜରିମାନା କରିଛନ୍ତି ।

# ମଉଳିକ୍ ସୁବିଧାରୁ ବଁଚିତ୍ ସଦାନନ୍ଦଟିକ୍ରାବାସୀ

ଗଣ୍ଡତୁରୁମ, ୫।୧୧(ଡି.ଏନ୍.ଏ.)

ବରଗଡ଼ ଜିଲା ଭେଡ଼େନ ବ୍ଲକ ମହୁଲପାଲି ପଁଚେତ୍ ଅଧୀନ ସଦାନନ୍ଦଟିକ୍ରାବାସୀ ପିଇଲା ପାଏନ୍ ଲାଗି ବଡ଼ା ଗୁଲ୍‌ଗୁଲା ହେଉଛନ୍। ଗାଁରେ ଥିବାର ଗୁଟେବଲି ନଲ୍‌ତୁଆଁନୁ ଅସ୍‌କୁରା ପାଏନ୍ ବାହାରୁଛେ। ବିଭାଗୀୟ ଅଧିକାରୀମାନ୍‌କୁ ଗୁହାରି କଲେ ବି କେହି ନାଇଁ ଶୁନୁଥିବାର ଗାଁବାସୀ ଅଭିଯୋଗ କରିଛନ୍।

ସୂଚନା ଅନ୍‌ସାରେ ସଦାନନ୍ଦଟିକ୍ରାରେ ୩୦ ପରିବାରର ପାଖାପାଖି ୧୫୦ଶହ ଲୋକ୍ ବାସ କରୁଛନ୍। ପିଇଲା ପାଏନ୍ ସୁବିଧା ଲାଗି ଗାଁରେ ଗୁଟେ ନଲ୍‌ତୁଆଁ ରହିଛେ । ହେଲେ ସେ ନଲ୍‌ତୁଆଁରୁ ଅସ୍‌କୁରା ପାଏନ୍ ବାହାରୁଛେ। ଯେନ୍‌ଟାକେ ଗାଁବାସୀ ବେଭାର କରି ଅନେକ ସମିଆରେ ନାନା ରୋଗ୍‌ରେ ପଡୁଛନ୍। ଏନ୍‌ତାଥି ଗାଁର ଅନେକ ଲୋକ୍ ଖୁର୍ଡ଼ିଆମୁଣ୍ଡା ବଁଧ୍‌ର ପାଏନ୍‌କେ ଖାଏବା ପିଇବାରେ ବେଭାର କରୁଛନ୍। ଆରକେତେ ନଲ୍‌ତୁଆଁର ଅସ୍‌କୁରା ପାଏନ୍‌କେ ବେଭାର କରୁଛନ୍। ଅସ୍‌କୁରା ପାଏନ୍ ବେଭାର କରି ଭାଙ୍ଗକୁଦ ଗାଁରେ ଗଲା ୫ ବଛର ଭିତରେ କିଡ଼୍‌ନୀ ରୋଗ୍‌ରେ ୧୪ ଝନ୍ ମଲେନ। ଏନ୍‌ତାଥି ସଦାନନ୍ଦଟିକ୍ରାରେ ବି ପିଇଲା ପାଏନ୍ ଲାଗି କେତେବେଲେ କିଡ଼୍‌ନୀ ରୋଗ୍ ବହପିବା ବଲି ଗାଁବାସୀ ଭଏଭିତ ଅବସ୍‌ତାରେ ରହିଛନ୍। ପିଇଲା ପାଏନ୍ ସୁବିଧା ଲାଗି ଗାଁବାସୀ ଅନେକ୍ ସମିଆରେ ବିଭାଗୀୟ ଅଧିକାରୀମାନକୁ ଗୁହାରି କରି ନିରାଶ ହେଇଥିବାର କହିଛନ୍। ସେନ୍‌ତା ଗାଁକେ ଫିଦିନିଆଁ ରାସ୍‌ତାଟେ ନାଁଇଁ। ଟ୍ରାକ୍ଟର ଯିବାର ଆଏବାର ହୁରି ରାସ୍‌ତା ଗାଁବାସୀକର ସାହାଭରସା। ହେଲେ ବରଷା ଦିନେ ଗାଁବାସୀକର ଦୁଖ୍ ଦୁଇଗୁନା ହେଇଯାଉଛେ। ଏନ୍‌ତା କି ଗାଁରେ କାହାର ଦିହିପା ଖରାପ ହେଲେ, ଗରଭ୍‌ବତୀ ମହିଲାଙ୍କୁ ଡାକ୍‌ତରଖାନା ନେବାକେ ହେଲେ ଖଟେ ବୁହି ମୁଖିଆ ରାସ୍‌ତା ତକ୍ ନେବାକେ ପଡୁଛେ। ଗାଁଖୁଲିରେ ବିଜଲିବତୀର ବେସ୍‌ତା ନାଇଁଥିବାର ଲାଗି ବେଲବୁଡତେ ବୁଡ଼ତେ କୁଁ କୁଁ ଅଁଧାର ହେଇଯାଉଛେ। କ୍ଲବ ଘର ଅଭାବୁ ବସାଉଠା, ସାମାଜିକ କାଯ୍ ଲାଗି ଗାଁବାସୀ ବଡ଼ଭାରି ଅସ୍‌ବିଧାର ସାମନା କରୁଛନ୍। ଅନେକ ପରକର ମଉଳିକ ସୁବିଧାରୁ ବଁଚିତ୍ ସଦାନନ୍ଦଟିକ୍ରାବାସୀ ଆଏବାର ଦିନେ ଉଲ୍‌ଗୁଲାନ ଲାଗି ସଜ୍‌ବାଜ ହେଉଥିବାର ସୂଚନା ଦେଇଛନ୍।



ନଲ୍‌ତୁଆଁରୁ ବାହାରୁଥିବାର ଅସ୍‌କୁରା ପାଏନ୍।

- ଗାଁରେ ୩୦ ପରିବାରର ୧୫୦ ଲୋକ୍ ରହୁଛନ୍
- ନଲ୍‌ତୁଆଁର ଅସ୍‌କୁରା ପାଏନ୍ ପିଉଛନ୍ ଗାଁବାସୀ
- ଗାଁବାସୀକର ଅଭିଯୋଗ, ଅନ୍‌ଦେଖା କରୁଛେ ପରଶାସନ

# ପୁଓକେ ଫିରି ପାଏଲେ ପରିବାର ଲୋକ୍

ଅତାବିରା, ୫।୧୧ (ଡି.ଏନ୍.ଏ.)

ଅନୁଗୋଳ ଜିଲା ଦେନାଗାଡ଼ିଆ ଗାଁର ଧ୍ରୁବ ନାଏକକଁର ପୁଓ ମୁନା ନାଏକ(୨୨) ଝନେ ମାନ୍‌ସିକ ରୁଗୀ। ଆଏଜ୍‌କେ ୧୫ ଦିନ୍ ତଲେ ସେ ଘରୁ ବାହାରି ରାସ୍‌ତା ବାମି ଯାଇଥିଲେ। ଏନ୍‌ତାଥି ସେ ହୁରମୁଖିଆ ରାଜପଥରେ ଚାଲି ଚାଲି ଆସି ବରଗଡ଼ ଜିଲା ଅତାବିରା ଥାନା ପୋଡ଼ବାଡ଼ି ଛକ୍‌ରେ ପୁହୁଁଚିଥିଲେ। ସେ ଅଖିଆ ଅପିଆ କକ୧ଦୁରବଲ ଅବସ୍‌ତାରେ ରାତି ୮ ବଜେ ଛକରେ ଅସାହା ଅବସ୍‌ତାରେ ପଡ଼ିଥିଲେ। ଇ ସମିଆରେ ପୋଡ଼ବାଡ଼ି ଗାଁର ରବୀନ୍ଦ୍ର କ୍ଷେତୀ ଆର ଅମିନ ମହାକୁର ମୁନାକୁଁ ଉଧାର କରି ଖାଏବା ପିଇବାକେ ଦେଇଥିଲେ। ମୁନା ଟିକେ ସୁସ୍‌ତାଲା ଉତାରୁ ଥାନୀଅ ଯୁବକମାନକୁ ଗୁଟେ ମୋବାଇଲ ନମ୍ବର ଦେଇଥିଲେ। ସେ ନମ୍ବରରେ ରବୀନ୍ଦ୍ର ଯୋଗାଯୋଗ କଲାରୁ ମୁନାର ବାପା ଧ୍ରୁବ ଫୋନ୍ ଉଠେଇଥିଲେ। ମୁନା ମୋର ପୁଓ, ସେ ଝନେ ମାନ୍‌ସିକ ରୁଗୀ ଆଏ, ଆଏଜ୍‌କେ ୧୫ ଦିନ୍ ହେଲା ସେ ଘରକେ ନାଇଁ ଫିରି। ମୁଇଁ ତାହାକେ ଆନ୍‌ବାର ଲାଗି ଯାଉଛେଁ, ଆପନ୍‌ମାନେ ମୋର ପୁହୁଁଚିବାର ତକ୍ କତାହାକେ ଟିକେ ରଖିଥାଉନ୍ ବଲି ଅନୁରୋଧ କରିଥିଲେ। ପଛେ ଧ୍ରୁବ ନିଜର ସାନପୁଓର ସଂଗେ ପୋଡ଼ାବାଡ଼ି ଛକ୍‌ରେ ପୁହୁଁଚି ମୁନାକୁଁ ଘରକେ ନେଇଥିଲେ।



ବାପା ଆର ଭାଇର ମଝିଥି ମୁନା।

## ଜୋନାଲସ୍ତରୀୟ କଳାଉତ୍ସବ ଉଦ୍‌ଯାପିତ

# ଭଲ କଳାକାର ଭଲ ମଣିଷ ହୋଇପାରେ

ବରଗଡ଼ ଅଫିସ୍,୫।୧୧

କଳା ଓ ଶୃଙ୍ଖଳା ପରସ୍ପର ପରିପୂରକ। ଶୃଙ୍ଖଳା ବିନା କଳାରମାନେ କିଛି ନ ଥାଏ। ଜଣେ ଭଲ କଳାକାର ଭଲ ମଣିଷ ହୋଇପାରେ। ସ୍ଥାନୀୟ ଜର୍ଜ ହାଇସ୍କୁଲ ପରିସରରେ ସୋମବାର ଅନୁଷ୍ଠିତ ଜୋନାଲସ୍ତରୀୟ କଳାଉତ୍ସବର ଉଦ୍‌ଯାପନୀ ସମାରୋହରେ ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥିଭାବେ ଯୋଗଦେଇ ଏହା କହିଛନ୍ତି । ଏହା ସହିତ ଉତ୍ସବରେ ଭାଗ ନେଇଥିବା ଦେବଗଡ଼, ଝାରସୁଗୁଡ଼ା, ବରଗଡ଼, ବଲାଙ୍ଗୀର, ନୂଆପଡ଼ା ଓ ସୋନପୁର ଜିଲାର ପ୍ରତିଯୋଗୀଙ୍କୁ ସେ ପୁରସ୍କାର ପ୍ରଦାନ କରି ଉତ୍ସାହିତ କରିଥିଲେ ।

ଜିଲା ଶିକ୍ଷା ଅଧିକାରୀ ପ୍ରକାଶ କୁମାର ଯୋଶୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ପ୍ରକଳ୍ପ ସଂଯୋଜକ ସୁଶାନ୍ତ କୁମାର ଚୋପଦାର, ଜର୍ଜ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଅମୃତା ସାହୁ, ଜିଲା ମଙ୍ଗଳ ଅଧିକାରୀ ଭାରତ ଭୂଷଣ ବିଶ୍ୱାଳ, ଜିଲା ବିଜ୍ଞାନ ନିରୀକ୍ଷକ ଡ. ମନୋଜ କୁମାର ସାହୁ, ପ୍ରଧାନଶିକ୍ଷକ ହେମସାଗର ମହାନନ୍ଦ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ । ଏଠାରେ ଉଲ୍ଲେଖନୀୟ, ପ୍ରତିଯୋଗିତାକୁ ବରଗଡ଼ ଏସ୍‌ପି ପଦ୍ମିନୀ ସାହୁ ଉଦ୍‌ଘାଟନ କରିଥିଲେ । ପ୍ରତିଯୋଗିତାର ଏକକ ସଙ୍ଗୀତରେ ଶୁଭମ ମହାପାତ୍ର, ସୌଭାଗ୍ୟଲକ୍ଷ୍ମୀ ଦାଶ, ସୋଲୋ ମ୍ୟୁଜିକ(ଏକକ ବାଦ୍ୟଯନ୍ତ୍ର)ରେ ଶରତ ଗହୀର, ପଲ୍ଲମୀ ମହାନ୍ତି, ଏକକ ନୃତ୍ୟରେ ଶ୍ରୀମତ ମେହେର, ମଞ୍ଜୁ ଖଡ଼ିଆ, ଚିତ୍ରାଙ୍କନରେ ଇଶାନ କୁମାର ନନ୍ଦ, ପରସ୍ମିତା ଦଣ୍ଡସେନା ରାଜ୍ୟସ୍ତରକୁ ମନୋନୀତ ହୋଇଛନ୍ତି । ସେହିପରି ବ୍ୟାଣ୍ଡ ପ୍ରତିଯୋଗିତାର ବାଳକ ବିଭାଗରେ ବରଗଡ଼ ଜର୍ଜ ହାଇସ୍କୁଲ ଏବଂ ବାଳିକା ବିଭାଗରେ ପଦ୍ମପୁର ସରକାରୀ ବାଳିକା ହାଇସ୍କୁଲ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟସ୍ତରକୁ ମନୋନୀତ ହୋଇଛନ୍ତି । ଉକ୍ତ ପ୍ରତିଯୋଗୀମାନେ ଏହି ଜୋନରୁ ପ୍ରତିନିଧିତ୍ୱ କରିବେ ।

ଶଙ୍କର ପଟ୍ଟନାୟକ, ନବ ମହନ୍ତମ, ରୀନା ଦାଶ, ତପସ୍ୱିନୀ ଗୁରୁ, ସନ୍ଦୀପ ମହାପାତ୍ର, ମନୋଜ କୁମାର ଜେନା, ଆଶୁତୋଷ ଛତର, ବିନୋଦ ବିଭାର, ସୁରେଶ କୁମ୍ଭାର, କପିଳଦେବ ଛୁରିଆ ପ୍ରମୁଖ ବିଚାରକଭାବେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଗୋବିନ୍ଦ ସେଠ, ଡ. ଡୋଲାମଣି ଶତପଥୀ, ବିରେନ୍ଦ୍ର ଦାଶ, ଶିବ ଶଙ୍କର ଦାଶ, ଆଦିକନ୍ଦ ସ୍ୱାଇଁ, ସଦାନନ୍ଦ ଜାଲ, ଗୋପବନ୍ଧୁ ପୁରୋହିତ, ପରିତୋଷ ପାଢ଼ୀ, ପରିତୋଷ ବେହେରା, ଅରବିନ୍ଦ ଗୁପ୍ତା ପ୍ରମୁଖ ଅଂଶଗ୍ରହଣ କରିଥିଲେ । ଭାର୍ଗବ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ ।




ଜୋନାଲସ୍ତରୀୟ କଳା ଉତ୍ସବରେ ମୁଖ୍ୟଅତିଥି ବକ୍ତବ୍ୟ ରଖୁଛନ୍ତି ।

## ସୁପ୍ରିୟା ସ୍ମାରକୀ ଫୁଟବଲ ପ୍ରତିଯୋଗିତା

# ବଡ଼ମାଲ, ବ୍ଲୁ ଡାଇମଣ୍ଡ ବିଜୟୀ

ବରଗଡ଼ ଅଫିସ୍,୫।୧୧

ବରଗଡ଼ ଜିଲା ଲେଙ୍ଗୁ ମିଶ୍ର ଷ୍ଟାଡ଼ିୟମରେ ଚାଲିଥିବା ସୁପ୍ରିୟା ସ୍ମାରକୀ ଫୁଟବଲ ପ୍ରତିଯୋଗିତାର ମଙ୍ଗଳବାର ଅନୁଷ୍ଠିତ ମ୍ୟାଚରେ ବଡ଼ମାଲ ଓ ବରଗଡ଼ର ବ୍ଲୁ ଡାଇମଣ୍ଡ ପ୍ରତିପକ୍ଷକୁ ହରାଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି। ବଡ଼ମାଲ ଓ ବରାହଗୋଡ଼ା ମଧ୍ୟରେ ପ୍ରଥମ ମ୍ୟାଚ ହୋଇଥିଲା । ଏଥିରେ ବଡ଼ମାଲ ୨–୦ ଗୋଲରେ ବିଜୟୀ ହୋଇଥିଲା। ବଡ଼ମାଲର ପ୍ରଶାନ୍ତ ବନଛୋର ଓ ରାଜେଶ ବରିହା ଗୋଲ ସ୍କୋର କରିଥିବାବେଳେ ପ୍ରତିପକ୍ଷ ଦଳର ଖେଳାଳିମାନେ ଗୋଲ ସ୍କୋର କରି ପାରି ନ ଥିଲେ । ସେହିପରି ବରଗଡ଼ର ବ୍ଲୁ ଡାଇମଣ୍ଡ ଓ ଲେଣ୍ଡା ମଧ୍ୟରେ ଦ୍ୱିତୀୟ ମ୍ୟାଚ ହୋଇଥିଲା । ଏଥିରେ ବ୍ଲୁ ଡାଇମଣ୍ଡ ୧–୦ ଗୋଲରେ ବିଜୟୀ ହୋଇଥିଲା । ବ୍ଲୁ ଡାଇମଣ୍ଡର ତୁଷାର ମହାପାତ୍ର ଗୋଲ ସ୍କୋର କରିଥିଲେ। ଶୁଭମ ପାତ୍ର, ସୁରେଶ ବେହେରା, ନିରଞ୍ଜନ ମହାକୁର, ଶ୍ରୀନିବାସ ରାଓ, ରଞ୍ଜୁ ଛତ୍ରିଆ, ଗୋପାଳ ନାୟକ, ନାରାୟଣ ପଣ୍ଡା, ସଞ୍ଜୟ ଦାଶ ପ୍ରମୁଖ ମ୍ୟାଚ ପରିଚାଳନା କରିଥିଲେ ।

# ୨ମାସ ପୂରିବାକୁ ବସିଲା, ଛିଣ୍ଡୁନି ୨ ବସ୍ ମାଲିକଙ୍କ ବିବାଦ

ବୌଦ୍ଧ,୫।୧୧(ସ୍ୱ.ପ୍ର.):

ବୌଦ୍ଧ ଓ ସମ୍ବଲପୁର ବେସରକାରୀ ବସ୍ ମାଲିକ ସଂଘ ବିବାଦ ୨ମାସ ପୂରିବାକୁ ଯାଉଥିବା ବେଳେ ବିବାଦ ଛିଣ୍ଡୁନି। ଉଭୟ ମାଲିକ ସଂଘ ମଧ୍ୟରେ ଗାଡି ଚଳାଚଳ ସମୟ ନିର୍ଘଣ୍ଟକୁ ନେଇ ବସ୍ ଚଳାଚଳ ୨ମାସ ହେଲା ବନ୍ଦ ହୋଇପଡିଛି। ହେଲେ ଯାତ୍ରୀମାନେ ହଇରାଣ ହରକତ ହେଉଥିବା ବେଳେ ଜିଲା ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଦେଖିବାକୁ ମିଳିଛି। ବୌଦ୍ଧ ଜିଲାବାସୀ ବୁର୍ଲା ମେଡିକାଲ ଉପରେ ନିର୍ଭର କରୁଥିବା ବେଳେ ଏଠାକାର ଛାତ୍ରୀଛାତ୍ରମାନେ ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଗଙ୍ଗାଧର ମେହେର ସ୍ୱୟଂଶାସିତ ମହାବିଦ୍ୟାଳୟ ଓ ଅନ୍ୟ ଶିକ୍ଷା ଅନୁଷ୍ଠାନରେ ପାଠ ପଢୁଛନ୍ତି। ବୌଦ୍ଧରୁ ସକାଳୁ କେତୋଟି ହାତଗଣତି ବସ୍ ଚଳାଚଳ କରୁଥିବା ବେଳେ ସମ୍ବଲପୁରରୁ ମଧ୍ୟ ୨ଟି ବସ୍ ବୌଦ୍ଧକୁ ଆସିଥାଏ । ବର୍ତ୍ତମାନ ଘରୋଇ ବସ୍ ବନ୍ଦ ଯୋଗୁ ଯାତ୍ରୀମାନେ ନାହିଁ ନ ଥିବା ହଇରାଣ ହେଉଅଛନ୍ତି। ଫଳରେ ଲୋକ ବାଧ୍ୟ ହୋଇ ଅଧିକ ଖର୍ଚ୍ଚାନ୍ତ ହେବା ସହ ରେଢାଖୋଲ ଯାଇ ସମ୍ବଲପୁର ଯାଉଥିବା ଦେଖିବାକୁ ମିଳୁଛି। ବର୍ତ୍ତମାନ କିଛି ଦିନ ହେଲା ଏକ ସରକାରୀ ବସ୍ ଚଳାଚଳ କରୁଛି। ହେଲେ ଯାତ୍ରୀଙ୍କ ସମସ୍ୟାର ସମାଧାନ ହୋଇପାରୁ ନାହିଁ। ଯାତ୍ରୀଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି।

## ରାଜ୍ୟରେ ମହିଳା ଅସୁରକ୍ଷିତ

# ଜିଲାପାଳଙ୍କ ଅଫିସ ଆଗରେ ମହିଳା ମୋର୍ଚ୍ଚାର ବିକ୍ଷୋଭ

ବୌଦ୍ଧ,୫।୧୧(ସ୍ୱ.ପ୍ର.): କକକ

ରାଜ୍ୟରେ ଦିନକୁ ଦିନ ମହିଳାମାନେ ଅସୁରକ୍ଷିତ ହେଉଥିବା ବେଳେ ରାଜ୍ୟ ସରକାର ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତ୍ତେ ଅପରାଧୀମାନଙ୍କୁ ସୁରକ୍ଷା ଯୋଗାଇବା ପ୍ରତିବାଦରେ ମଙ୍ଗଳବାର ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ବିକ୍ଷୋଭ କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ବୌଦ୍ଧ ଭାଜପା ମହିଳା ମୋର୍ଚ୍ଚା ସଭାପତି ନମିତାରାଣୀ ଦାସଙ୍କ ନେତୃତ୍ୱରେ ମହିଳା ମୋର୍ଚ୍ଚା କର୍ମକର୍ତ୍ତା ଏବଂ ବୌଦ୍ଧ ଭାଜପା ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କାଯାଇଥିଲା। ମହିଳା ମୋର୍ଚ୍ଚା କର୍ମକର୍ତ୍ତା ଅଭିଯୋଗ କରିଥିଲେ ଯେ, ଯାଜପୁର ଜିଲା ଧର୍ମଶାଳା ବ୍ଲକ ହରିଦାସପୁର ପଞ୍ଚାୟତର ଭିଏଲ୍‌ଡବ୍ଲ୍ୟୁ ସ୍ମିତାରାଣୀ ବିଶ୍ୱାଳ ହତ୍ୟା ଘଟଣାର ୧୫ଦିନ ବିତିଯାଇଛି। ହେଲେ ପୋଲିସ ପ୍ରଶାସନ ଅପରାଧୀମାନଙ୍କୁ ଧରି ଦଣ୍ଡଦେବା ବଦଳରେ ମୃତକଙ୍କ ଚରିତ୍ର ସଂହାର କରୁଛି। ଏପରି କି କେନ୍ଦ୍ରାପଡ଼ା କୋପରେଟିଭ ବ୍ୟାଙ୍କ ସଭାପତି ତଥା ବିଜେଡି ନେତା ପ୍ରମୋଦ ସାହୁ କାର୍ଯ୍ୟାଳୟର ଜନୈକ ଯୁବତୀଙ୍କୁ ଯୌନ ଉତ୍ପୀଡନ କରିଥିବା ଅଭିଯୋଗ ହୋଇଥିବା ବେଳେ ସେମାନଙ୍କୁ ରାଜ୍ୟ ସରକାର ସୁରକ୍ଷା ଦେଉଥିବା ମହିଳା ମୋର୍ଚ୍ଚା ପକ୍ଷରୁ ଅଭିଯୋଗ ହୋଇଛି। ରାଜ୍ୟ ସରକାର ମହିଳା ସଶକ୍ତୀକରଣ, ମୋ ସରକାର, ମୋ ପୋଲିସ, ମୋ ପରିବାର ଏବଂ ୫–ଟି କଥା କହୁଥିବା ବେଳେ କାର୍ଯ୍ୟରତ ମହିଳାମାନଙ୍କୁ ନ୍ୟାୟ ମିଳୁନାହିଁ। ସ୍ମିତାରାଣୀଙ୍କ ମୃତ୍ୟୁ ଘଟଣାର ସିବିଆଇ ତଦନ୍ତ ଦାବି କରିବା ସହ ଏକ ଦାବିପତ୍ର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଜରିଆରେ ପ୍ରଦାନ କରିଥିଲେ। ବିକ୍ଷୋଭରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ସଂଯୁକ୍ତା ନାୟକ, ଉପ ସଭାନେତ୍ରୀ ସ୍ୱର୍ଣ୍ଣମୟୀ ପ୍ରଧାନ, ଜିଲା ସଭାପତି ସୌମିତ୍ରୀ କୁମାର ନାୟକ, ସାଧାରଣ ସମ୍ପାଦକ ବିପ୍ର ଚରଣ ମହାନ୍ତି, ବରିଷ୍ଠ ନେତା ସୂର୍ଯ୍ୟନାରାୟଣ ମହାପାତ୍ର, ମନୋରଞ୍ଜନ ଦାଶ, ସରୋଜ ପ୍ରଧାନ, ନବୀନ କୁମାର ପ୍ରଧାନ, ବସନ୍ତ ବିଶ୍ୱାଳ, ଯୁବନେତା ସୁଶାନ୍ତ ବାଘ, ଯିଶୁ ପ୍ରଧାନ, ସୁଧୀର ସେଠୀ, ଆଶୁତୋଷ ପ୍ରଧାନ, ସୁଶାନ୍ତ ରଥ ପ୍ରମୁଖ ସାମିଲ ଥିଲେ।




ବୌଦ୍ଧ ଭାଜପା ମହିଳା ମୋର୍ଚ୍ଚା ଏବଂ ଭାଜପା କର୍ମକର୍ତ୍ତାମାନେ ଦାବିପତ୍ର ପ୍ରଦାନ କରୁଛନ୍ତି।

# ଜିଲାପାଳ ଶୁଣିଲେ ଆଦିବାସୀଙ୍କ ଦୁଃଖ

ତଳଗାଁ,୫।୧୧(ଡି.ଏନ୍.ଏ.)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଆଡେଣୀଗଡ ପଞ୍ଚାୟତ ଗୋଛାବାରି ନୂଆଗାଁଠାରେ ଦୀର୍ଘ ବର୍ଷ ହେବ ୨୨ ଆଦିବାସୀ ମଲ୍ଲାର କୋହ୍ଲ ପରିବାର ବସବାସ କରିଆସୁଅଛନ୍ତି। ହେଲେ ଆଦିବାସୀମାନେ ସରକାରଙ୍କ ବିଭିନ୍ନ ଯୋଜନାରୁ ବାଦ ପଡିଛନ୍ତି। ଅନ୍ୟପକ୍ଷେ ସେମାନଙ୍କ ଜୀବନ ହେଲା ଜଙ୍ଗଲରୁ ମହୁ, ଝୁଣା, ଲାଖ, କନ୍ଦା ସଂଗ୍ରହ କରି ନିକଟସ୍ଥ ବଜାରରେ ବିକି ପରିବାର ପ୍ରତିପୋଷଣ କରିବା। ହେଲେ ପ୍ରଶାସନ ପକ୍ଷରୁ କୌଣସି ସୁବିଧା ସୁଯୋଗ ପାଉ ନ ଥିବାରୁ ଗତ ୨୮ତାରିଖରେ ହରଭଙ୍ଗା ବ୍ଲକରେ ଜିଲାପାଳଙ୍କ ଜନଶୁଣାଣି ଶିବିରରେ ସେମାନେ ପହଞ୍ଚି ଜିଲାପାଳଙ୍କ ନିକଟରେ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି କରିଥିଲେ। ଦାବିକୁ ଜିଲାପାଳ ଲଳାଟେନ୍ଦୁ ମିଶ୍ର ଗୁରୁତର ସହ ନେଇ ବିଭାଗୀୟ ଅଧିକାରୀଙ୍କୁ ତଦନ୍ତ କରି ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଜିଲା ଯୋଗାଣ ଅଧିକାରୀ ବିଷ୍ଣୁ ପ୍ରସାଦ ପ୍ରଧାନ, ହରଭଙ୍ଗା ବ୍ଲକ ଯୋଗାଣ ନିରୀକ୍ଷକ ପ୍ରତିମା ପ୍ରଧାନ ନୂଆଗାଁରେ ପହଞ୍ଚି ଆଦିବାସୀ ପରିବାର ଲୋକଙ୍କୁ ଭେଟିଥିଲେ। ଆଗାମୀ ମାସରୁ ୨୨ ଆଦିବାସୀ ପରିବାରକୁ ଚାଉଳ ଯୋଗାଇ ଦିଆଯିବ ବୋଲି ଜଣାଇଥିଲେ।

## ସ୍ୱାଧୀନତାର ୭୨ବର୍ଷ ପରେ ବି ଗାଁକୁ ରାସ୍ତା ନାହିଁ

# ଗାଁକୁ ଆସିଲାନି ଆମ୍ବୁଲାନ୍ସ: ଖଟରେ ବୁହାହେଲେ ରୋଗୀ



ଗାଁକୁ ଭଲ ରାସ୍ତା ନ ଥିବାରୁ ଲୋକେ ଖଟରେ ରୋଗୀଙ୍କୁ ବୋହି ଆମ୍ବୁଲାନ୍ସ ପାଖକୁ ଆଣୁଛନ୍ତି।

ପାଇକମାଳ,୫।୧୧(ଡି.ଏନ.ଏ.):

ବରଗଡ଼ ଜିଲା ପାଇକମାଳ ବ୍ଲକ କେଛୋଦାଦର ପଞ୍ଚାୟତ ଫ୍ରେଜରପୁର ଗ୍ରାମର ଆଦିବାସୀ କଲୋନୀପଡ଼ାରେ ୬୦ରୁ ଉର୍ଦ୍ଧ୍ୱ ପରିବାର ବସବାସ କରୁଛନ୍ତି। ହେଲେ ସ୍ୱାଧୀନତାର ୭୨ବର୍ଷ ପରେ ବି ଗାଁକୁ ଭଲ ରାସ୍ତାଟିଏ ନାହିଁ। ଗାଁକୁ ଯେଉଁ ରାସ୍ତାଟି ଅଛି ଏଥିରେ ୪ ଚକିଆ ଯାନ ଯିବା ଦୂରେ ଥାଉ, ବାଇକ୍ ଯିବା ମଧ କଷ୍ଟକର। ବର୍ତ୍ତମାନ ଯଦି ଏଭଳି ରାସ୍ତା ଅବସ୍ଥା, ବର୍ଷା ଦିନେ କିଭଳି ଲୋକେ ଯିବା ଆସିବା କରୁଥିବେ ତାହା ଏଥିରୁ ସହଜେ ଅନୁମେୟ। ଏଭଳିସ୍ଥିତିରେ ସୋମବାର ଗ୍ରାମର ପାନ ବରିହା(୭୦)ଙ୍କ ଅବସ୍ଥା ଗୁରୁତର ହୋଇପଡିଥିଲା। ଏନେଇ ପୁଅ ଅକ୍ଷୟ ବରିହା ୧୦୮ଆମ୍ବୁଲାନ୍ସକୁ ଫୋନ କରି ଜଣାଇଥିଲେ। ହେଲେ ଆମ୍ବୁଲାନ୍ସ ଫ୍ରେଜରପୁର ଅଏଁଲାତଲ ପର୍ଯ୍ୟନ୍ତ ଆସି ରାସ୍ତା ଅବସ୍ଥା ଶୋଚନୀୟ ହୋଇଥିବାରୁ ଆଦିବାସୀ କଲୋନୀପଡା ଗ୍ରାମକୁ ଆସି ପାରି ନ ଥିଲା। ଏନେଇ ପୁଅ ଅକ୍ଷୟ ବାଧ୍ୟ ହୋଇ ଗ୍ରାମର ଖଗପତି ବରିହା, ସୁଶିଲ ବରିହା, ନାରାୟଣ ବରିହା, ବସୁଦେବ ବରିହା ପ୍ରମୁଖ ଏକ ଖଟରେ ରୋଗୀଣା ମା'ଙ୍କୁ ବୋହି ୧ କି.ମି. ଦୂର ଅଏଁଲାତଲ ପର୍ଯ୍ୟନ୍ତ ଆସିଥିଲେ। ପରେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ପଦ୍ମପର ଚିକିତ୍ସାଳୟରେ ଭର୍ତ୍ତି କରିଥିବା ଜଣାପଡିଛି। ରାସ୍ତାର ଶୋଚନୀୟ ଅବସ୍ଥା ନେଇ ଗ୍ରାମବାସୀ ବାରମ୍ବାର ସ୍ଥାନୀୟ ଜନପ୍ରତିନିଧିଙ୍କୁ ଜଣାଇଥିଲେ ମଧ କୌଣସି ସୁଫଳ ମିଳୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗାଁରେ ଏକ ବିଦ୍ୟାଳୟ ଓ ଅଙ୍ଗନୱାଡି କେନ୍ଦ୍ର ଥିଲେ ମଧ୍ୟ ଏଥିପ୍ରତି କାହାର ଦୃଷ୍ଟି ପଡୁ ନାହିଁ। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ସମସ୍ୟାର ସମାଧାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ସଂକ୍ଷେପରେ

### ସ୍କୁଲ ଟଙ୍କା ହେରଫେର ଘଟଣା: ଆକାଉଣ୍ଟାଣ୍ଟ ଗିରଫ

ଡୁଙ୍ଗୁରିପାଲି, ୫।୧୧(ଡି.ଏନ.ଏ.) ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଲିଟିଲ ଏଞ୍ଜେଲ ପବ୍ଲିକ ସ୍କୁଲ ଟଙ୍କା ହେରଫେର ଘଟଣାରେ ଆକାଉଣ୍ଟାଣ୍ଟ ଦେବାଶିଷ ମିଶ୍ରଙ୍କୁ ପୋଲିସ ଗିରଫ କରିଛି। ସ୍କୁଲର ସମସ୍ତ କାଗଜ ପତ୍ର, ଛାତ୍ରୀଛାତ୍ରଙ୍କ ମାସିକ ଫି ଓ ବାର୍ଷିକ ଉତ୍ସବ ଫି ରଖିବା ଦାୟିତ୍ୱରେ ସେ ଥିଲେ । ସ୍ପେସାଲ ଅଡିଟର ତିନି ବର୍ଷର ଅଡିଟ କଲା ପରେ ୩୬ ଲକ୍ଷ ୯୬ ହଜାର ଟଙ୍କା ହେରଫେର ହୋଇଥିବା ଜଣାପଡିଥିଲା । ଏ ନେଇ ସ୍କୁଲ ଅଧ୍ୟକ୍ଷ ଶିଶୁପାଳ କଲେତ ସୋମବାର ଡୁଙ୍ଗୁରିପାଲି ଥାନାରେ ଦେବାଶିଷ ମିଶ୍ର ନାଁରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ପାଇ ଡୁଙ୍ଗୁରିପାଲି ପୋଲିସ ତଦନ୍ତ କରି ଟଙ୍କା ହେରଫେର ହୋଇଥିବା ଜାଣିବାକୁ ପାଇଥିଲେ । ମଙ୍ଗଳବାର ଦଫା ୪୦୮,୪୭୭ ଏ ରେ ଏକ ମାମଲା (ନଂ.୧୭୨/୧୯) ରୁଜୁ କରି ଦେବାଶିଷଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

### କୁଣ୍ଡିପଦର, ଡିମିରିମୁଣ୍ଡା ଗ୍ରାମରେ ସ୍ୱଚ୍ଛତା ପକ୍ଷ ପାଳନ

ମନମୁଣ୍ଡା, ୫।୧୧ (ଡି.ଏନ୍.ଏ): ମନମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ମଙ୍ଗଳବାର ବ୍ଲକର ଆଦର୍ଶ କୁଣ୍ଡିପଦର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବଂ ଡିମିରିମୁଣ୍ଡା ଗ୍ରାମରେ ସ୍ୱଚ୍ଛତା ପକ୍ଷ ପାଳନ କରାଯାଇଥିଲା। ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ମାନସ ତ୍ରିପାଠୀଙ୍କ ନିର୍ଦ୍ଦେଶ କ୍ରମେ ବିପିଏମ୍ ଅଶୋକ ମିଶ୍ରଙ୍କ ନେତୃତ୍ୱରେ କୁଣ୍ଡିପଦର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସ୍ୱଚ୍ଛତା ଉପରେ ଛାତ୍ରୀଛାତ୍ରମାନଙ୍କୁ ସଚେତନ କରାଯାଇଥିଲା । ଜନ ସମ୍ପ୍ରସାରଣ ଅଧିକାରୀ ପ୍ରମୋଦ କୁମାର ମେହେର ପରିବେଷକୁ ସଫା ରଖିବାକୁ ବୁଝାଇଥିଲେ । ବିଦ୍ୟାଳୟ ପ୍ରଧାନଶିକ୍ଷକ ପ୍ରକୃତିବନ୍ଧୁ ନୀଳାମ୍ବର ଖମାରୀଙ୍କ ସହଯୋଗ କ୍ରମେ ସ୍ୱଚ୍ଛତା ଉପରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଅଶ୍ୱିନୀ ଖମାରୀ, କନ୍ଦର୍ପ ଖମାରୀ, ଅସରିତା ଖମାରୀ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ସେହିପରି ଡିମିରିମୁଣ୍ଡାଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିପିଏମ ମିଶ୍ର ଓ ଜନସମ୍ପ୍ରସାରଣ ଅଧିକାରୀ ପ୍ରମୋଦ ମେହେର ଗ୍ରାମବାସୀଙ୍କୁ ସ୍ୱଚ୍ଛତା ସମ୍ପର୍କରେ ସଚେତନ କରାଇଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ଅଙ୍ଗନୱାଡି କର୍ମୀ, ଆଶାକର୍ମୀ, ୱାର୍ଡ ମେମ୍ବର, ଅର୍ଜୁନ ଦାସ, ସୁଶାନ୍ତ ଡାଙ୍ଗ, ସାମାଜିକ କର୍ମୀ ବିଘ୍ନେଶନ ମହାକୁଡ ଯୋଗଦେଇ ସହଯୋଗ କରିଥିଲେ।

{ ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ। }

# ପୂରଣ ହେଉନି ୪୫ କୃଷି ଅଧିକାରୀ ପଦବୀ

**ସୁବର୍ଣ୍ଣପୁର ଜିଲା**

ସୋନପୁର,୫।୧୧(ନି.ପ୍ର.)

ସୁବର୍ଣ୍ଣପୁର ଏକ କୃଷି ପ୍ରଧାନ ଜିଲା। ଏଠାକାର ଚାଷୀ କୃଷି କାର୍ଯ୍ୟରେ ଆଗୁଆ। ଧାନ ଚାଷରେ ଅଧିକ ଉତ୍ପାଦନ ପାଇଁ ଦୁଇ ଜଣ ମହିଳା ଚାଷୀ ରାଷ୍ଟ୍ରପତିଙ୍କଠାରୁ ସମ୍ମାନଜନକ କୃଷି କର୍ମଣ ପୁରସ୍କାର ପାଇଛନ୍ତି। ଗତ ୨୦୧୮-୧୯ ରବିରେ ଏହି ଜିଲା ରାଜ୍ୟର ଦ୍ୱିତୀୟ ସର୍ବାଧିକ ଧାନ ଉତ୍ପାଦନ କରିଥିଲା। ଚାଲୁ ରହିଥିବା ଜଳସେଚନ ପ୍ରକଳ୍ପ କାର୍ଯ୍ୟଗୁଡିକ ସମ୍ପୂର୍ଣ୍ଣ ହେଲେ କୃଷି କ୍ଷେତ୍ରରେ ଏହି ଜିଲା ଆହୁରି ସୁନାମ ଆଣିବ। କିନ୍ତୁ ଜିଲାର ଚାଷୀଙ୍କୁ ଅଣଦେଖା କରାଯାଉଛି। ଠିକଣା ସମୟରେ ଚାଷ ସମ୍ପର୍କିତ ବୈଷୟିକ ପରାମର୍ଶ ମିଳୁ ନ ଥିବା ଅଭିଯୋଗ ହେଉଛି । ୪୫ କୃଷି ଅଧିକାରୀ ଓ ୩୫ରୁ ଉର୍ଦ୍ଧ୍ୱ କର୍ମଚାରୀ ପଦବୀ ଖାଲି ପଡିଥିବାରୁ ଏପରି ସମସ୍ୟା ସୃଷ୍ଟି ହୋଇଛି। ଗ୍ରାମାଞ୍ଚଳରେ ଚାଷୀ ରୋଗପୋକ ଓ ଚାଷ ସମ୍ପର୍କିତ ଉପଯୁକ୍ତ ପରାମର୍ଶ ନପାଇ କ୍ଷତି ସହୁଛନ୍ତି । ରାଜ୍ୟ ସରକାର ଖାଲିଥିବା ପଦବିଗୁଡିକୁ ପୂରଣ ଦିଗରେ ତତ୍ପରତା ପ୍ରକାଶ କରୁ ନଥିବା କୃଷକ ସଂଗଠନଗୁଡିକ ପକ୍ଷରୁ ଅଭିଯୋଗ ହେଉଛି ।

ଜିଲା ଗଠନର ଦୀର୍ଘ ବର୍ଷ ପରେ ୨୦୧୦ରେ ଜିଲା କୃଷି ଉପନିର୍ଦ୍ଦେଶକ(ଡିଡିଏ)ଙ୍କ କାର୍ଯ୍ୟାଳୟ ଖୋଲିଲା। ପୂର୍ବରୁ ଏହି କାର୍ଯ୍ୟାଳୟ ବଲାଙ୍ଗୀରରେ ଥିଲା। ଚାଷୀଙ୍କ ମନରେ ନୂତନ ଆଶା ସଞ୍ଚାର ହୋଇଥିଲା ସୁବର୍ଣ୍ଣପୁରରେ ନୂଆ କାର୍ଯ୍ୟାଳୟ ଖୋଲିବା ପରେ। କିନ୍ତୁ କୃଷି ଉପ ନିର୍ଦ୍ଦେଶକଙ୍କୁ ନିଯୁକ୍ତି ଦେଇ ସରକାର ସବୁ ଯେମିତି ଭୁଲିଗଲେ। ପିଅନ, କର୍ମଚାରୀ କିମ୍ବା କିରାଣୀଙ୍କୁ ନିଯୁକ୍ତି ଦିଆଗଲାନି। ଇତିମଧ୍ୟରେ ୯ ବର୍ଷ ବିତିବାକୁ ବସିଛି। କୌଣସି ଗାଟିଏ ପଦବିରେ ନିଯୁକ୍ତି ଦିଆଯାଇନି। ବଲାଙ୍ଗୀର, ସୋନପୁର ଓ ବୀରମହାରାଜପୁର ଜିଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟରୁ କର୍ମଚାରୀ ଓ ଅଧିକାରୀଙ୍କୁ ଡେପୁଟେସନରେ ଆଣି ଡିଡିଏ ଅଫିସର କାର୍ଯ୍ୟ ସମ୍ପାଦିତ ହେଉଛି। ଗୁରୁତ୍ୱପୂର୍ଣ୍ଣ ସୋନପୁର ଜିଲା କୃଷି ଅଧିକାରୀ ପଦବୀ ୨ ବର୍ଷ ହେଲା ଖାଲି ପଡିଛି। ସରକାର କାହାରିକୁ ନିଯୁକ୍ତି ଦେଉନାହାନ୍ତି। ବୀରମହାରାଜପୁର ଜିଲା କୃଷି ଅଧିକାରୀ ପ୍ରଶାନ୍ତ କୁମାର ଶତପଥୀ ସୋନପୁରର ଅତିରିକ୍ତ ଦାୟିତ୍ୱ ତୁଲାଉଛନ୍ତି। ସେହିପରି ଜିଲାର ଦୁଇଟି ଯାକ କୃଷିବିଶେଷଜ୍ଞ, ୨ ପ୍ଲାଣ୍ଟ ପ୍ରୋଟେକ୍ସନ ଅଫିସର, ୪ କୃଷି ଓଭରସିଅର, ୩ ଜଣ କୃଷି ଅଧିକାରୀ ଓ ୩୩ ଜଣ ଗ୍ରାମ୍ୟ କୃଷି କର୍ମଚାରୀ ପଦବି ବର୍ଷ ବର୍ଷ ଧରି ପୂରଣ ହେଉନି। ୨ ଜଣ ମୁଖ୍ୟ କିରାଣି, ଜଣେ ଜୁନିଅର ଆକାଉଣ୍ଟାଣ୍ଟ, ୧୧ ବରିଷ୍ଠ କିରାଣୀ, ୨ କନିଷ୍ଠ କିରାଣୀ, ୪ ଜଣ ପିଅନ, ଜଣେ ଷ୍ଟାଟିଷ୍ଟିକାଲ ଆସିଷ୍ଟାଣ୍ଟ, ଜଣେ ଏଫଏସସି, ଦୁଇ ଜଣ କମ୍ପୋଷ୍ଟ ଇନ୍ସପେକ୍ଟର, ୨ ଜଣ କମ୍ପୋଷ୍ଟ ମିସ୍ତ୍ରୀ, ୩ଟି ଜେଡି, ୫ଟି ଚୌକିଦାର ଓ ଦୁଇଟି ପିଏଲ ଫାର୍ମ ପଦବୀ ମଧ୍ୟ ଦୀର୍ଘ ବର୍ଷ ଧରି ପୂରଣ ହୋଇନି । କୃଷି ଓ ରୋଗପୋକ ବିଶେଷଜ୍ଞ ଜିଲାରେ ଜଣେ ବି ନାହାନ୍ତି । ଚାଷୀଙ୍କୁ ଏ ସମ୍ପର୍କରେ ସଠିକ୍ ପରାମର୍ଶ ମିଳୁନି । ତେଣୁ ଚକଡା ବ୍ୟାପିଲେ ତାକୁ ଆୟତ୍ତ କରିବା ସମ୍ଭବ ହେଉନି । ବିଶେଷଜ୍ଞ ନଥିବାରୁ ଦୋକାନିଙ୍କ ପରାମର୍ଶରେ ହିଁ ଚାଷୀ ରାସାୟନିକ ବିଷ ପ୍ରୟୋଗ କରୁଛନ୍ତି । ଚାଷୀଙ୍କୁ ନୂତନ ଜ୍ଞାନ କୌଶଳ ମିଳୁନି । ରେକର୍ଡ ସଂଖ୍ୟକ ଧାନ ଉତ୍ପାଦନ କରୁଥିବା ଏହି ଜିଲାରେ ଖାଲି ପଡିଥିବା ପଦବି ଗୁଡିକୁ ପୂରଣ କରିବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ଜିଲା ମୁଖ୍ୟ କୃଷି ଅଧିକାରୀ ସନ୍ତୋଷ କୁମାର ଜେନା କୁହନ୍ତି, ସ୍ୱଳ୍ପ ସଂଖ୍ୟକ କର୍ମଚାରୀଙ୍କୁ ନେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୋଜନାକୁ ଚାଷୀଙ୍କ ନିକଟରେ ପହଞ୍ଚାଇବାକୁ ଉଦ୍ୟମ ଜାରି ରହିଛି। ଚାଷୀଙ୍କ ସମସ୍ୟା ଓ ଅଭାବ ଅସୁବିଧାକୁ ସାଧ୍ୟମତେ ପୂରଣ କରାଯାଉଛି ।

## ମୁଗ ଚାଷ ଫାର୍ମ ସ୍କୁଲ ଉଦ୍‌ଘାଟିତ

ଅମରପାଲି, ୫।୧୧(ଡି.ଏନ.ଏ)

ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ବାଗବରରେ ମୁଗ ଚାଷ କ୍ଷେତ୍ର ପରିଦର୍ଶନ ଓ ମୁଗଚାଷ ଫାର୍ମ ସ୍କୁଲ ଉଦ୍‌ଘାଟିତ ହୋଇଯାଇଛି । ବ୍ଲକ କୃଷକ ଉପଦେଷ୍ଟା କମିଟି ଅଧ୍ୟକ୍ଷା ବନିତା ପଧାନ ଏହାକୁ ଉଦ୍‌ଘାଟନ କରିଥିଲେ। ତୁଷାରରଞ୍ଜନ ମିଶ୍ର ମୁଗଚାଷ ବିହନ ବିଶୋଧନ, ଦ୍ୱିଗୁଣିତ ଆୟ ବୃଦ୍ଧି ସମ୍ପର୍କିତ ବୈଷୟିକ ଜ୍ଞାନ କୌଶଳ ପ୍ରଦାନ କରିଥିଲେ । ବିଟିଟି କନଭେନର କାଳିନ୍ଦୀ ପରିଡା ମୁଗ ଚାଷର ଉପକାରିତା, ଯବକ୍ଷାରଜାନ ନିବନ୍ଧନ ସମ୍ପର୍କରେ ଆଲୋକପାତ ଓ ମୃତ୍ତିକା ସ୍ୱାସ୍ଥ୍ୟ ପରୀକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ । ଏହାପରେ ବାଗବର ରାଜସ୍ୱ ଗ୍ରାମରେ ଚାଷୀ କିଷାନ ଦେହୁରୀଙ୍କ ୧ ହେକ୍ଟର ପରିମିତ କୃଷି କ୍ଷେତ୍ରରେ ମୁଗଚାଷ ପରିଦର୍ଶନ କରିଥିଲେ ସମସ୍ତ କୃଷି ବିଭାଗୀୟ ଅଧିକାରୀ ।



କୁଇଜ ପ୍ରତିଯୋଗୀତାର କୃତୀ ଛାତ୍ରୀଛାତ୍ର ଓ ଗୁରୁମା, ଗୁରୁଜୀ ।

## ଶିଶୁ ବିଦ୍ୟାମନ୍ଦିରରେ କୁଇଜ୍ ପ୍ରତିଯୋଗିତା

ଅମରପାଲି, ୫।୧୧ (ଡି.ଏନ.ଏ)

ବୀରମହାରାଜପୁରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଉପଖଣ୍ଡୀୟ ସାମ୍ବାଦିକ ସଂଘ ଆନୁକୂଲ୍ୟରେ ଏକ କୁଇଜ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ଖବରକାଗଜ ସମ୍ବନ୍ଧିତ ପ୍ରଶ୍ନର କୁଇଜ ପ୍ରତିଯୋଗୀତା ହୋଇଥିଲା । ସଦାଶିବ ଚାନ୍ଦ ଉକ୍ତ କୁଇଜ ପ୍ରତିଯୋଗୀତାକୁ ପରିଚାଳନା କରିଥିଲେ। ପ୍ରଧାନ ଆଚାର୍ଯ୍ୟ ବଳରାମ ପୂଜାହାରୀ ଓ ଗୁରୁମା ସୁଜାତା ଶତପଥୀ ଏଥିରେ ସହଯୋଗ କରିଥିଲେ। ସଚିତ କୁମାର ରଥ ପ୍ରଥମ, ଅଞ୍ଜଳି ସାହୁ ଦ୍ୱିତୀୟ ଓ ଅମନ ପୁରୋହିତ ତୃତୀୟ ସ୍ଥାନ ଅଧିକାର କରିଥିଲେ ।

**କୃଷକ ଦକ୍ଷତା ବୃଦ୍ଧି ତାଲିମ ଶିବିର**

## ତାଲିମ ନେଲେ ଶହେ ଚାଷୀ

ଅମରପାଲି, ୫।୧୧ (ଡି.ଏନ.ଏ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ସ୍ଥିତ କୃଷି ସୂଚନା ପରାମର୍ଶ କେନ୍ଦ୍ର ସଭାଗୃହରେ କୃଷକ ଆଗ୍ରହୀ ଦଳ ଦକ୍ଷତା ବୃଦ୍ଧି ତାଲିମ ଶିବିର ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଡିଡିପି ଆତ୍ମା ସୁବର୍ଣ୍ଣପୁର ତୁଷାରରଞ୍ଜନ ମିଶ୍ର ଉକ୍ତ ଶିବିରକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ବ୍ଲକ କୃଷକ ଉପଦେଷ୍ଟା କମିଟି ଅଧ୍ୟକ୍ଷା ବନିତା ପଧାନ ସଭାପତିତ୍ୱ କରିଥିଲେ। ସମ୍ବଳବ୍ୟକ୍ତି ଭାବେ କାଳିନ୍ଦୀ ପରିଡା, ସହକାରୀ କୃଷି ଅଧିକାରୀ ତୁଷାରକାନ୍ତ ସାହୁ, ପ୍ରାଣୀ ଚିକିତ୍ସକ ଡା. ସୁବ୍ରତ କୁମାର ପୁରୋହିତ, ସୁଚିସ୍ମିତା ପଣ୍ଡା, ବ୍ଲକ ବୈଷୟିକ ପରିଚାଳକ ଜିତେନ୍ଦ୍ର ମେହେର ଯୋଗଦେଇଥିଲେ । ଉପସ୍ଥିତ ଚାଷୀମାନଙ୍କୁ ନେଇ କୃଷକ ଆଗ୍ରହୀ ଦଳ ଗଠନ, ପରିଚାଳନା, ଗୋଷ୍ଠୀ ଗଠନର ଲକ୍ଷ୍ୟ, ସୁବିଧା, ନେତୃତ୍ୱ ବିକାଶ, ଛତୁ ଚାଷ, ମାଟିଆଗୁଣ୍ଡି ପୋକ ଧାନ ଚାଷରୁ ନିବାରଣ, ଉନ୍ନତ ଗୋପାଳନ, ସମନ୍ୱିତ ରୋଗପୋକ ପରିଚାଳନା, ସମନ୍ୱିତ ଖାଦ୍ୟସାର ପରିଚାଳନା ଆଦି ବିଷୟ ଉପରେ ତାଲିମ ଦିଆଯାଇଥିଲା। କେଞ୍ଜିରିଆପାଲି ପଞ୍ଚାୟତର ଦୁଇଗୋଟି ମହିଳା ଆଗ୍ରହୀ ଦଳର ୨୫ଜଣ ମହିଳା ସଦସ୍ୟା, ଦୁର୍ଜନଟୈଲା, କମିରା ଓ ସଂଗ୍ରାମପୁର ପଞ୍ଚାୟତରୁ ୭୫ଜଣ ଚାଷୀ ସର୍ବମୋଟ ୧୦୦ ଜଣ ଚାଷୀଙ୍କୁ ତାଲିମ ପ୍ରଦାନ କରାଯାଇଥିଲା । ଆତ୍ମା ପ୍ରକଳ୍ପ ନିର୍ଦ୍ଦେଶକ ସନ୍ତୋଷ ଜେନା ଓ ଜିଲା କୃଷି ଅଧିକାରୀ ପ୍ରଶାନ୍ତ କୁମାର ଶତପଥୀ ତାଲିମ ଶିବିରକୁ ପରିଦର୍ଶନ କରିଥିଲେ। ଏଟିଏମ ମୀନକେତନ ମହାକୁର ଓ ନାରାୟଣ ମିଶ୍ର ଦକ୍ଷତା ତାଲିମ ଶିବିର ପରିଚାଳନା କରିଥିଲେ। କୃଷକ ସାଥୀ କାର୍ତ୍ତିକ ଝାଙ୍କର, ପରମାନନ୍ଦ ପଧାନ, ଅଖୁଜ ପଧାନ, ଅରୁଣ ପଧାନ ପ୍ରମୁଖ ସହାୟତା କରିଥିଲେ । ମୀନକେତନ ମହାକୁର ଧନ୍ୟବାଦ ଅର୍ପଣ କରିଥିଲେ ।

**୧୯୯୫ ମାଟ୍ରିକ ବ୍ୟାଚ ବନ୍ଧୁମିଳନ**

## ସମନ୍ୱୟ ରକ୍ଷା ପାଇଁ ଗଠିତ ହେଲା କମିଟି

ଅମରପାଲି, ୫।୧୧ (ଡି.ଏନ.ଏ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଅମରପାଲି ହାଇସ୍କୁଲର ୧୯୯୫ ମାଟ୍ରିକ ବ୍ୟାଚ ବନ୍ଧୁମିଳନ ଠେଙ୍ଗୋଡ୍ୟାମଠାରେ ଅନୁଷ୍ଠିତ ହୋଇଯାଇଛି। ଶ୍ୟାମସୁନ୍ଦର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଉକ୍ତ ବ୍ୟାଚର ସମସ୍ତ ଛାତ୍ର ଯୋଗଦେଇଥିଲେ। ଏହି ଅବସରରେ ଅମରପାଲି ହାଇସ୍କୁଲର ଦିବଂଗତ ପ୍ରଧାନଶିକ୍ଷକ ଦାଶରଥୀ ହୋତା ଓ ମହତ ଦନାୟକ ଏବଂ ସହପାଠୀ ରବୀ ପଧାନ, ଶଙ୍କର୍ଷଣ ମିଶ୍ର ଓ ପ୍ରଦୀପ ଖେତୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ ସହ ନୀରବ ପ୍ରାର୍ଥନା କରାଯାଇଥିଲା । ଏହି ଅବସରରେ ପ୍ରତ୍ୟେକ ପୁରୁଣା ଦିନର ସ୍ମୃତି ଚାରଣ କରିଥିଲେ । ପରବର୍ତ୍ତୀ ବର୍ଷ ମାନଙ୍କରେ ସମସ୍ତେ ପରିବାର ସହିତ ବନ୍ଧୁମିଳନରେ ଯୋଗଦେବାକୁ ସ୍ଥିର କରାଯାଇଥିଲା । ଏହି ଅବସରରେ ଉକ୍ତ ବ୍ୟାଚର ଛାତ୍ରୀଛାତ୍ରଙ୍କ ସହିତ ସମନ୍ୱୟ ରକ୍ଷା ପାଇଁ ଏକ କମିଟି ଗଠନ କରାଯାଇଥିଲା । ଶ୍ୟାମସୁନ୍ଦର ପଣ୍ଡା ସଭାପତି, ବିନୟ ବିଶ୍ୱାଳ ଉପସଭାପତି, ପ୍ରଫୁଲ୍ଲ ସାହୁ ସମ୍ପାଦକ, ଅରୁଣ ରାଏଙ୍କୁ ସହସମ୍ପାଦକ ଭାବେ ଚୟନ କରାଯାଇଛି। ଏହା ସହିତ ଚଳିତ ବର୍ଷ ହାଇସ୍କୁଲ ତାର ରୌପ୍ୟଜୟନ୍ତୀ ପାଳନ କରୁଥିବା ବେଳେ ଏଥିରେ ସମସ୍ତେ ଆର୍ଥିକ ସହାୟତା ସହିତ ଉପସ୍ଥିତ ରହି ସମ୍ପୂର୍ଣ୍ଣ ସହଯୋଗ କରିବାକୁ ନିଷ୍ପତ୍ତି ନିଆଯାଇଛି । ଏଥିରେ ବିଦ୍ୟାଧର ସାହୁ, କୃଷ୍ଣଚନ୍ଦ୍ର ଖେତୀ, ରାଜେନ୍ଦ୍ର ଦନାୟକ, ଶଶାଙ୍କ ମିଶ୍ର, ଗୋପବନ୍ଧୁ ପାଣ୍ଡିଆ, ରଞ୍ଜିତ ପଧାନ ପ୍ରମୁଖ ମତବ୍ୟକ୍ତ କରିଥିଲେ ।

## ମୁଗ ଚାଷ ଫାର୍ମ ସ୍କୁଲ ଉଦ୍‌ଘାଟିତ

ଅମରପାଲି, ୫।୧୧(ଡି.ଏନ.ଏ)

ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ବାଗବରରେ ମୁଗ ଚାଷ କ୍ଷେତ୍ର ପରିଦର୍ଶନ ଓ ମୁଗଚାଷ ଫାର୍ମ ସ୍କୁଲ ଉଦ୍‌ଘାଟିତ ହୋଇଯାଇଛି । ବ୍ଲକ କୃଷକ ଉପଦେଷ୍ଟା କମିଟି ଅଧ୍ୟକ୍ଷା ବନିତା ପଧାନ ଏହାକୁ ଉଦ୍‌ଘାଟନ କରିଥିଲେ। ତୁଷାରରଞ୍ଜନ ମିଶ୍ର ମୁଗଚାଷ ବିହନ ବିଶୋଧନ, ଦ୍ୱିଗୁଣିତ ଆୟ ବୃଦ୍ଧି ସମ୍ପର୍କିତ ବୈଷୟିକ ଜ୍ଞାନ କୌଶଳ ପ୍ରଦାନ କରିଥିଲେ । ବିଟିଟି କନଭେନର କାଳିନ୍ଦୀ ପରିଡା ମୁଗ ଚାଷର ଉପକାରିତା, ଯବକ୍ଷାରଜାନ ନିବନ୍ଧନ ସମ୍ପର୍କରେ ଆଲୋକପାତ ଓ ମୃତ୍ତିକା ସ୍ୱାସ୍ଥ୍ୟ ପରୀକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ । ଏହାପରେ ବାଗବର ରାଜସ୍ୱ ଗ୍ରାମରେ ଚାଷୀ କିଷାନ ଦେହୁରୀଙ୍କ ୧ ହେକ୍ଟର ପରିମିତ କୃଷି କ୍ଷେତ୍ରରେ ମୁଗଚାଷ ପରିଦର୍ଶନ କରିଥିଲେ ସମସ୍ତ କୃଷି ବିଭାଗୀୟ ଅଧିକାରୀ । ବିଟିଏମ ଜିତେନ୍ଦ୍ର ମେହେର, ଏଟିଏମ ମୀନକେତନ ମହାକୁର, ନାରାୟଣ ମିଶ୍ର ଓ ୨୫ଜଣ ଅଗ୍ରଣୀ ଚାଷୀ ଉପସ୍ଥିତ ଥିଲେ ।



କୃଷି ଅଧିକାରୀ ବାଗବରଠାରେ ମୁଗଚାଷ ଫାର୍ମ ସ୍କୁଲ କ୍ଷେତ୍ର ପରିଦର୍ଶନ କରୁଛନ୍ତି ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆରେ ଛତୁ,**
**ପାଣି ପଇଲେ କେତେ ତୁ ମାତୁ ?**

ବର୍ଷା ହେଲେ ମାଟି ଓଦା ହୁଏ । ପାଳଗଦା ତଥା ବାଲିଆ ଜାଗା ଉପରେ ଛତୁ ଫୁଟେ । ବର୍ଷାଋତୁ ସରିଗଲେ ଆଉ ଛତୁ ଫୁଟେନି । ସମୟ ଓ ବେଳ ଉପରେ ସବୁକିଛି ନିର୍ଭର କରିଥାଏ । ପରୋକ୍ଷରେ ସମୟ ଟିକେ ଭଲ ପଡ଼ିଲେ କିଛି ମଣିଷ ଉତ୍‌ଫୁଲ୍ଲିତ ହୋଇଉଠନ୍ତି । ଅନ୍ୟ ଆଗରେ ନିଜର ବୃଥା ଦାମ୍ଭିକତା ଦେଖେଇ ହେଉଥିବା ବ୍ୟକ୍ତିଙ୍କ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି ।

**ଆଳୁ, ସାରୁ, ବୋଇତି କଖାରୁ**
**ଚିଙ୍ଗୁଡ଼ି ଶୁଖୁଆରୁ ପୁଞ୍ଜିଏ ପଡ଼ିଲେ**
**ତା' ମଜା କାଇଁକି ପଚାରୁ ?**

ଖାଦ୍ୟ ସହ ରୁଚିର ସମ୍ପର୍କ ରହିଥାଏ । ଖାଦ୍ୟ ସ୍ୱାଦଯୁକ୍ତ ହେଲେ ଖାଇବାର ମଜା ଦ୍ୱିଗୁଣିତ ହୋଇଯାଏ । ଆଳୁ, ସାରୁ, ବୋଇତି କଖାରୁ ସହ ଚିଙ୍ଗୁଡ଼ି ଶୁଖୁଆର ମିଶ୍ରଣ ପାଟିକୁ ଖୁବ୍ ସୁଆଦିଆ ଲାଗୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

## ଅଷ୍ଟପ୍ରହର ନାମଯଜ୍ଞ ଉଦ୍‌ଯାପିତ

ଉଲୁଣ୍ଡା, ୫।୧୧(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ବାଘପାଲିସ୍ଥିତ ପାତାଳି ଶ୍ରୀକ୍ଷେତ୍ରଠାରେ ଆୟୋଜିତ ଭାଗବତ ଅଷ୍ଟପ୍ରହର ନାମଯଜ୍ଞ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ବାବା କରୁଣାକର ଦାଶଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ନାମଯଜ୍ଞରେ ଅନନ୍ତପାଲି, ମାଧପୁର, ରାସୁସିଙ୍ଗା, ଘୋଷର, ଲୁକାପଡା, ବାରଖମା, ସିଣ୍ଡୋଲ, ନୟାଗଡ, ବେଲପୁ ଓ ଭୂଇଁପଡା ପ୍ରଭୃତି ଗ୍ରାମର କୀର୍ତ୍ତନ ଦଳ ଅଂଶଗ୍ରହଣ କରିଥିଲେ। କୁଞ୍ଜବିହାରୀ ଦାଶ ଯଜ୍ଞ କର୍ତ୍ତା ଓ ରଙ୍ଗନିଧି ଦାଶ ପୂଜକ ଦାୟିତ୍ୱ ତୁଲାଇଥିଲେ। ଗତ ରବିବାର କଳସ ଯାତ୍ରା ସହ ଅଧିବାସ ପୂଜା ପରେ ସୋମବାରଠାରୁ ନାମଯଜ୍ଞ ଆରମ୍ଭ କରାଯାଇଥିଲା। କାର୍ଯ୍ୟକ୍ରମ ସୁପରିଚାଳନା ପାଇଁ ବିଷ୍ଣୁଚରଣ ପଧାନ, ରତ୍ନାକର ସିଙ୍ଗରପୁରିଆ, ଅମ୍ବରୀଶ ଭୋଇ, ନିରାକାର ପଧାନ, ଲକ୍ଷିନ୍ଦ୍ର କର୍ମୀ, ଗୋପୀନାଥ କୁରକୁରିଆ, ଶିବ ବେହେରା, ଅଶ୍ୱିନୀ ମେହେର, ମାଧବ ବାରିକ, ସତ୍ୟ ଗାଇଗରିଆଙ୍କ ସମେତ ପଞ୍ଚକଟକ ଗ୍ରାମବାସୀ ସହଯୋଗ କରିଥିଲେ।



ନାମଯଜ୍ଞରେ ସଂକୀର୍ତ୍ତନ ପରିବେଷଣ କରୁଛନ୍ତି ।

## ଶିଶୁ ମନ୍ଦିରର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା

ଅତାବିରା, ୫।୧୧ (ଡି.ଏନ.ଏ.)

ବରଗଡ଼ ଜିଲା ଭେଡେନ ବ୍ଲକ ଖୁଣ୍ଟୁଲିପାଲି ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା ମଙ୍ଗଳବାର ଉଦ୍‌ଘାଟିତ ହୋଇଛି । ଶିଶୁ ମନ୍ଦିରର ପୂର୍ବତନ ସଭାପତି ବିପିନବିହାରୀ ପୁରୋହିତ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ୧୨୦ଜଣ ଛାତ୍ରୀଛାତ୍ର ଉଦ୍‌ଘାଟନ ଦିବସରେ ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ । ଆଚାର୍ଯ୍ୟ ନିଶାନ୍ତ ମହାରଣା ଓ ସୁଜିତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିନ୍ଧ୍ୟବାସିନୀ ଦେବୀ ପୀଠରୁ ଛାତ୍ରମାନେ ମଶାଲା ଧରି ବାନିପାଲି ଖେଳ ପଡ଼ିଆକୁ ଆଣିଥିଲେ । ଆଚାର୍ଯ୍ୟ ସ୍ୱାନ୍ତନା ପୁରୋହିତ, ମୁନୁ ବଡ଼େଇ, ସୁପ୍ରଭା ସା, ସୁବ୍ରତ ଶତପଥୀ ମଶାଲ ସ୍ଥାପନ କରିଥିଲେ । ପ୍ରଧାନ ଆଚାର୍ଯ୍ୟ ଶଙ୍କର୍ଷଣ ମିଶ୍ର, ପରିଚାଳନା କମିଟି ସଭାପତି ସଞ୍ଜୀବ ଦାସ, ସମ୍ପାଦକ ସୂର୍ଯ୍ୟନାରାୟଣ ପଣ୍ଡା, ସଞ୍ଜୀବ ମିଶ୍ର, ସଙ୍କୁଳ ପ୍ରମୁଖ ଅଶ୍ୱିନୀ ଦାଶ ପ୍ରମୁଖ ଯୋଗ ଦେଇଥିଲେ।

**ଖରିଫ ଧାନ କ୍ରୟ ପାଇଁ ଜିଲାସ୍ତରୀୟ ଆନ୍ତଃ ବିଭାଗୀୟ ପ୍ରସ୍ତୁତି**

# ପ୍ୟାକ୍ସସ୍ତରୀୟ ଧାନକ୍ରୟ କମିଟି ଗଠନ ନିର୍ଦ୍ଦେଶ

ସୋନପୁର,୫।୧୧(ନି.ପ୍ର.)

ଆସନ୍ତା ୧୫ ତାରିଖଠାରୁ ସୁବର୍ଣ୍ଣପୁର ଜିଲାରେ ଆରମ୍ଭ ହେବ ଖରିଫ ଧାନ କିଣା । ଏଥିପାଇଁ ସୋନପୁର ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର ଜିଲାସ୍ତରୀୟ ଆନ୍ତଃ ବିଭାଗୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା ଏଥିରେ ଅଧ୍ୟକ୍ଷତା କରି ଧାନ ସଂଗ୍ରହ ପାଇଁ ସମ୍ପୃକ୍ତ ବିଭାଗଗୁଡିକ ସମସ୍ତ ପ୍ରସ୍ତୁତି ଶେଷ କରିବାକୁ କହିଥିଲେ। ଧାନ କିଣାରେ ସ୍ୱଚ୍ଛତା ପାଇଁ ଆସନ୍ତା ୧୦ ତାରିଖ ସୁଦ୍ଧା ଜିଲାର ୬୪ଟି ପ୍ରାଥମିକ କୃଷି ସମବାୟ ସମିତି(ପ୍ୟାକ୍ସ) ସ୍ତରୀୟ ଧାନ କ୍ରୟ କମିଟି ଗଠନ ପାଇଁ ସମ୍ପୃକ୍ତ ବିଡିଓମାନଙ୍କୁ ପଣ୍ଡା ନିର୍ଦ୍ଦେଶ ଦେଇଥିଲେ । ସେହିପରି ଧାନ ବିକ୍ରି ପାଇଁ ପଞ୍ଜିକୃତ ହୋଇଥିବା ୪୭ ହଜାର ୯୯୦ ଚାଷୀଙ୍କ ଜମି ସକ୍ରାନ୍ତୀୟ ତଥ୍ୟ ଓ ବ୍ୟାଙ୍କ ତଥ୍ୟ ପୁନଃ ଯାଞ୍ଚ କରିବା ପାଇଁ କହିଥିଲେ। ବିନିକା ତହସିଲଦାରଙ୍କୁ ବକେୟା ଥିବା ଚାଷୀଙ୍କ ଜମି ସଂକ୍ରାନ୍ତୀୟ ତଥ୍ୟ ଯାଞ୍ଚ କରି ଶିଘ୍ର ପଠାଇବାକୁ ନିର୍ଦ୍ଦେଶ ଦେଇଥିଲେ। କେତେକ ପ୍ୟାକ୍ସର ବ୍ରଡବ୍ୟାଣ୍ଡ ନେଟୱାର୍କ ଠିକ୍ ରହୁ ନଥିବାରୁ ଧାନକ୍ରୟ କ୍ଷେତ୍ରରେ ସମସ୍ୟା ହେଉଥିବା ସମବାୟ ସମିତି ଉପନିବନ୍ଧକ ଭୀମସେନ ସାହୁ ଜଣାଇଥିଲେ। ସୋନପୁର ଉପଜିଲାପାଳ ବଳରାମ ମଲ୍ଲିକ, ସୋନପୁର ବିଡିଓ ରବିନ୍ଦ୍ର କୁମାର ପଟେଲ, ତରଭା ବିଡିଓ ନିହାର ରଞ୍ଜନ କହଁର, ବିନିକା ବିଡିଓ ବିଶ୍ୱଜିତ ମଲ୍ଲିକ, ଡୁଙ୍ଗୁରିପାଲି ବିଡିଓ ସହଦେବ ସମାଧିଆ, ଉଲୁଣ୍ଡା ବିଡିଓ ନୀଳାମ୍ବର ମହାନନ୍ଦ, ବୀରମହାରାଜପୁର ବିଡିଓ ନିରଞ୍ଜନ ନାୟକ, ସମସ୍ତ ତହସିଲଦାର, ଜିଲା ଯୋଗାଣ ଅଧିକାରୀ ବିବେକାନନ୍ଦ କୋରକୋରା, ଡୁଙ୍ଗୁରିପାଲି ଆରଏମସି ସମ୍ପାଦକ ଉଦିତ କୁମାର ବାବୁ, ବୀରମହାରାଜପୁର ଆରଏମସି ସମ୍ପାଦକ କିଶୋର ନାୟକ, ସମସ୍ତ ଯୋଗାଣ ନିରୀକ୍ଷକ ଉପସ୍ଥିତ ଥିଲେ ।




ବୈଠକରେ ମଞ୍ଚାସୀନ ବରିଷ୍ଠ ଅଧିକାରୀ ବୃନ୍ଦ ।



ସଫଳତା ହିଁ ଅନେକ ବିରାଟ ପ୍ରମାଦକୁ ଘୋଡ଼ାଇ ପକାଏ।
- ଜର୍ଜ ବର୍ଣ୍ଣାଡ ଶ'



**ସଂକ୍ଷେପରେ**

## ମହାଭାରତ ମହାଯଜ୍ଞ ପାଇଁ ପ୍ରସ୍ତୁତି ବୈଠକ

**ଭବାନୀପାଟଣା,୫।୧୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା କଳମପୁର ବ୍ଲକ ଅନ୍ତର୍ଗତ ବାଲିଛଡା ଗ୍ରାମର ଆମ୍ବତୋଟାରେ ଆସନ୍ତା ବର୍ଷ ମହାଭାରତ ମାହାଯଜ୍ଞ ପାଇଁ ଏକ ପ୍ରସ୍ତୁତି ବୈଠକ ଗତ ରବିବାର ଅନୁଷ୍ଠିତ ହୋଇଯାଇଛି। ଲଳିତ ବେହେରାଙ୍କା ଆହ୍ୱାନକ୍ରମେ ଦେପୁର ସରପଞ୍ଚ ଭୁକଲୁ ବାଗଙ୍କ ସଭାପତିତ୍ୱରେ ଉକ୍ତ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ସର୍ବସମ୍ମତିକ୍ରମେ ରାଧେଶ୍ୟାମ ଶର୍ମା ସଭାପତି, ସୁଶାନ୍ତ ବେହେରା, ଅଜୟ କୁମାର ମୁଣ୍ଡ, ଶଙ୍କର୍ଷଣ ବେହେରା କାର୍ଯ୍ୟକାରୀ ସଭାପତି, ଶେଷଦେବ ପାତ୍ର ସମ୍ପାଦକ, ସୁବ୍ରତ ବେହେରା କୋଷାଧକ୍ଷ, ରାମାନୁଜ ବେହେରା ସହ କୋଷାଧକ୍ଷ ଏବଂ ଉପସଭାପତି ଭାବେ ରାଜେଶ ସାହୁ, ଜଗନ୍ନାଥ ପାତ୍ର, ରାଜେନ୍ଦ୍ର ପାତ୍ର, ଅଭିନ୍ନ ସାହୁ, କମଳ ବାଗ ଏବଂ ସହ ସମ୍ପାଦକ ଭାବେ ଚମରୁ ନାଏକ ତପନ ପଣ୍ଡା ରମେଶ ଗହୀର, ସହଦେବ ବେମାଳଙ୍କୁ ମନୋନୀତ ହୋଇଥିଲେ।

■ ସିଟି, ବିଇଡି ତାଲିମ୍‌ପ୍ରାପ୍ତ ଯୁବତୀଯୁବକଙ୍କୁ ନିଯୁକ୍ତି ଦାବି

# ଆଶାୟୀ କନିଷ୍ଠ ଶିକ୍ଷକ ସଂଘର ବିକ୍ଷୋଭ

**ଭବାନୀପାଟଣା,୫।୧୧(ଡି.ଏନ.ଏ.)**

ଆଶାୟୀ କନିଷ୍ଠ ଶିକ୍ଷକ ସଂଘ ପକ୍ଷରୁ ମଙ୍ଗଳବାର ସିଟି, ବିଇଡି ତାଲିମ୍‌ପ୍ରାପ୍ତ ଯୁବତୀଯୁବକଙ୍କୁ ନିଯୁକ୍ତି ଦାବି ନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଇଛି। ଏହି ପରିପ୍ରେକ୍ଷୀରେ ଉପଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସଂଘ କର୍ମକର୍ତ୍ତାମାନେ ସ୍ଥାନୀୟ ଶିକ୍ଷକ ଭବନଠାରୁ ପଦଯାତ୍ରାରେ ବାହାରି ସହର ପରିକ୍ରମା କରି ଜିଲାପାଳଙ୍କ ଅଫିସକୁ ଯାଇଥିଲେ । ଜିଲାପାଳଙ୍କ ଅନୁପସ୍ଥିତିରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ୩ ଦଫା ଦାବିପତ୍ର ଡେପୁଟି କଲେକ୍ଟର ସୁରେନ୍ଦ୍ର ତ୍ରିପାଠୀଙ୍କୁ ପ୍ରଦାନ କରିଥିଲେ। ପ୍ରାଥମିକ ଶିକ୍ଷାକୁ ସରକାର ଅବହେଳା କରୁଥିବା ସଂଘ ଅଭିଯୋଗ କରିଛି। ଅଭିଯୋଗ ଅନୁଯାୟୀ ରାଜ୍ୟରେ ତାଲିମପ୍ରାପ୍ତ ସିଟି, ବିଇଡି, ଡିଏଲଇଡି ଓ ଓଟିଇଟି ଛାତ୍ର ଥିବା ସତ୍ତ୍ୱେ ରାଜ୍ୟର ଅଧିକାଂଶ ସ୍କୁଲରେ ଶିକ୍ଷକ ପଦ ଖାଲି ରହିଛି। ତାଲିମପ୍ରାପ୍ତ ପିଲା ବେକାର ହୋଇ ବୁଲୁଛନ୍ତି। ଗତ ୨୦୧୭ ପରଠାରୁ ସରକାର ଶିକ୍ଷା ବିଭାଗରେ କୌଣସି ନିଯୁକ୍ତି କରିନାହାନ୍ତି। ଏ ସମ୍ବନ୍ଧୀୟ ବିଜ୍ଞାପନ ମଧ୍ୟ ବାହାରିନାହିଁ।




ଆଶାୟୀ କନିଷ୍ଠ ଶିକ୍ଷକ ସଂଘ ପକ୍ଷରୁ ବିକ୍ଷୋଭ କରାଯାଉଛି।

### ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ଗତ ୩ ବର୍ଷରେ ଶିକ୍ଷକ ତାଲିମ ନେଇଥିବା ଛାତ୍ରୀଛାତ୍ର ବେକାରୀ ବସିଛନ୍ତି। ରାଜ୍ୟରେ ୩୫ ହଜାର ତାଲିମପ୍ରାପ୍ତ ଛାତ୍ରୀଛାତ୍ର ଥିବାବେଳେ ବିଧାନ ସଭାରେ ମନ୍ତ୍ରୀଙ୍କ ବିବୃତ୍ତି ଅନୁଯାୟୀ ରାଜ୍ୟରେ ବିଭିନ୍ନ ବର୍ଗର ୬୦ ହଜାର ଶିକ୍ଷକ ପଦ ଖାଲି ରହିଛି। ଖାଲି ଥିବା ଶିକ୍ଷକ ପଦ ଲକ୍ଷାଧିକ ହେବ ବୋଲି ସଂଘ ଅଭିଯୋଗ କରିଛି। ସଂଘ ପୁଣି କହିଛି, ଗତ ୨୦୦୩/୦୪ ରେ ୯୬୫୪ ଶିକ୍ଷା ସହାୟକ ପଦ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଲା। ୭୬୨୪ ପଦ ନିଯୁକ୍ତି ହେଲା। ୨୦୦୪/୦୫ ରେ ୨୭ ହଜାର ପଦ ପାଇଁ ବିଜ୍ଞାପନ ପ୍ରକାଶ ପାଇଲା । କିନ୍ତୁ ୨୦ ହଜାର ୬୧୪ ନିଯୁକ୍ତି ହେଲା । ସେହିପରି ୨୦୦୬/୦୭ ରେ ୩୦୪୦ ପଦ ପାଇଁ ବିଜ୍ଞପ୍ତି ପରେ ନିଯୁକ୍ତି ପାଇଲେ ମାତ୍ର ୨୧୭୬୦ ଜଣ। ପରବର୍ତ୍ତୀ ୩ ବର୍ଷ ପାଇଁ କୌଣସି ନିଯୁକ୍ତି ପ୍ରକାଶିତ ହେଲାନାହିଁ। ୨୦୧୦/୧୧ ରେ ୨୪ ହଜାର ପଦ ପାଇଁ ବିଜ୍ଞାପନ ପ୍ରକାଶନ ହେଲା ଓ ନିଯୁକ୍ତି ପାଇଲେ ୨୦୭୩୫ ଜଣ। ୨୦୧୧/୧୨ ରେ ୧୭୫୪୩ ପଦବୀ ପାଇଁ ବିଜ୍ଞାପନ ପରେ ୧୬୦୮୯ ଜଣଙ୍କୁ ନିଯୁକ୍ତି, ୨୦୧୩/୧୪ରେ ୧୭୯୭୬ ପଦ ପାଇଁ ବିଜ୍ଞାପନ ପରେ ନିଯୁକ୍ତି ହେଲେ ୧୩୫୪୩ ଜଣ। ୨୦୧୪/୧୫ ରେ ୧୬୬୦୧ ପଦବୀରୁ ୯୩୦୦ ଜଣଙ୍କୁ, ୨୦୧୬/୧୭ ରେ ୧୪୦୮୭ ପଦବୀରୁ ୯୩୧୭ ଜଣ ନିଯୁକ୍ତି ହେଲେ। କୌଣସି ବର୍ଷ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ପଦ ପୂରଣ ହେଉନି। ସରକାର ତୁରନ୍ତ ରାଜ୍ୟରେ ଖାଲିଥିବା ସମସ୍ତ ଶିକ୍ଷକ ପଦ ପୂରଣ କରିବାକୁ ସଂଘ ଦାବି କରୁଛି ବୋଲି ଜିଲା ସଂଘ ସଭାପତି ବିନୋଦ ବିହାରୀ ସାହୁ ଓ ସମ୍ପାଦକ ହିତାଶୁଂ ଟୋଲଟିଆ ପ୍ରକାଶ କରିଛନ୍ତି।

## କର୍ପାଠାରେ ଇଗ୍ନୋର ସ୍ୱାଗତ ସମ୍ବର୍ଦ୍ଧନା ସମାରେହ

**ଧର୍ମଗଡ,୫।୧୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ କର୍ପାସ୍ଥିତ ଲୋକ ଯୋଜନା ପରିସରରେ ଇଗ୍ନୋ (ଇନ୍ଦିରା ଗାନ୍ଧି ରାଷ୍ଟ୍ରୀୟ ମୁକ୍ତ ବିଶ୍ୱ ବିଦ୍ୟାଳୟ)ର ସ୍ୱତନ୍ତ୍ର ଶିକ୍ଷା କେନ୍ଦ୍ର ପକ୍ଷରୁ ଚଳିତବର୍ଷ ନାମ ଲେଖାଇଥିବା ବିଭିନ୍ନ ବିଭାଗର ଛାତ୍ରୀଛାତ୍ରଙ୍କ ଏକ ସ୍ୱାଗତ ସମ୍ବର୍ଦ୍ଧନା ସମାରେହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଇଗ୍ନୋ କୋରାପୁଟ ଆଞ୍ଚଳିକ କେନ୍ଦ୍ର ନିର୍ଦ୍ଦେଶକ ଡା.ବି. ରାଜଗୋପାଳ ମୁଖ୍ୟଅତିଥି ଭାବରେ ଯୋଗଦେଇ ଗ୍ରାମାଞ୍ଚଳରେ ଉଚ୍ଚ ଶିକ୍ଷାର ବିକାଶ ଦିଗରେ ଇଗ୍ନୋ ଏକ ଯୁଗାନ୍ତକାରୀ ପଦେକ୍ଷପ ଗ୍ରହଣ କରିଛି। ଯାହା ଦ୍ୱାରା ବହୁ ଛାତ୍ରୀଛାତ୍ର ଉପକୃତ ହୋଇପାରୁଛନ୍ତି ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଥୁଆମୂଳ ରାମପୁର ମହାବିଦ୍ୟାଳୟ ବକ୍ତୃ ବାହାନ ବୁଦ୍ଧିଆ ଯୋଗଦେଇ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଲୋକଯୋଜନାର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଯଯାତୀ କେଶରି ମୁଣ୍ଡ କାର୍ଯ୍ୟକ୍ରମର ଅଧ୍ୟକ୍ଷତା କରିଥିଲେ। ଇଗ୍ନୋର ସଂଯୋଜକ ଶୁଶାନ୍ତ କୁମାର ମୁଣ୍ଡ ଛାତ୍ରୀଛାତ୍ରମାନଙ୍କୁ ସ୍ୱାଗତ କରିଥିଲେ। ଏଥିସହ ସମସ୍ତ ପାଠ୍ୟକ୍ରମ ବିଷୟରେ ଅବଗତ କରାଇବା ସହ ୨୦୦୩ରୁ ଏଠାରେ ୨୦ ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଧ୍ୟୟନ କରିଥିବା ବେଳେ ଗୋଲାମୁଣ୍ଡା ଭଳି ଏକ ପଛୁଆ ଅଞ୍ଚଳରେ ଇଗ୍ନୋ ନିଶ୍ଚିତ ଭାବରେ ଏକ ଯୁଗାନ୍ତକାରୀ ବିପ୍ଳବ ଆଣିପାରିଛି ବୋଲି କହିଥିଲେ। ନିମନ୍ତ୍ରିତ ଅତଥି ଭାବେ ରେଙ୍ଗସାପାଲି ସରପଞ୍ଚ ସନ୍ତୋଷ ବୁଦ୍ଧିଆ ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। ସହକାରୀ ସଂଯୋଜକ ଏହି କାର୍ଯ୍ୟକ୍ରମରେ ଏକ ଜହାରରୁ ଉର୍ଦ୍ଧ ଛାତ୍ରୀଛାତ୍ର ଯୋଗଦାନ କରିଥିଲେ। ଇଗ୍ନୋର ସହକାରୀ ସଂଯୋଜକ ଗଣେଷ ବୁଦ୍ଧିଆ ଧନ୍ୟବାଦ ଅର୍ପଣ କରିଥିଲେ।



ସ୍ୱାଗତ ସମ୍ବର୍ଦ୍ଧନା ସମାରେହରେ ଉପସ୍ଥିତ ଛାତ୍ରୀଛାତ୍ର ଏବଂ ଅନ୍ୟମାନେ ।

**ଏକକ ଷାଣ୍ମାସିକ ପରୀକ୍ଷାରେ ତ୍ରୁଟି ବିଚ୍ୟୁତି**

## ଅଭିଭାବକ, ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅସନ୍ତୋଷ

**ମ.ରାମପୁର,୫।୧୧(ଡି.ଏନ.ଏ.)**

ଚଳିତବର୍ଷ ପ୍ରାଥମିକ, ଉଚ୍ଚପ୍ରାଥମିକ ବିଦ୍ୟାଳୟର ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏଁ ରାଜ୍ୟରେ ଏକକ ପ୍ରଶ୍ନପତ୍ର ସହିତ ଏକକାଳୀନ ସମାନ ବିଷୟ ପରୀକ୍ଷା କରିବା ପାଇଁ ସରକାର ପଦକ୍ଷେପ ନେଇଥିଲେ। ପ୍ରଶ୍ନପତ୍ର ରାଜ୍ୟ ମୁଖ୍ୟାଳୟଠାରୁ ଜିଲା ମୁଖ୍ୟାଳୟକୁ ପହଞ୍ଚିବା, ବ୍ଲକ ମୁଖ୍ୟାଳୟ ଓ ବିଦ୍ୟାଳୟକୁ ପହଞ୍ଚିବାରେ ବିଳମ୍ବ ହୋଇଥିଲା। ଫଳରେ ନିର୍ଦ୍ଧାରିତ ଅକ୍ଟୋବର ୨୮ରେ ପରୀକ୍ଷାକୁ କଳାହାଣ୍ଡି ଜିଲାରେ ନଭେମ୍ବର ୨ଠାରୁ ଆରମ୍ଭ କରାଯାଇଛି। ଏହାସହିତ କେତେକ ବିଷୟ ପ୍ରଶ୍ନପତ୍ର କେତେକ ବିଦ୍ୟାଳୟକୁ ତଥା ବ୍ଲକକୁ ଆଦୌ ପହଞ୍ଚି ନ ଥିବାବେଳେ ଆଉ କେତେକ ସ୍ଥାନରେ ପ୍ରଶ୍ନପତ୍ର ଅଳ୍ପସଂଖ୍ୟକ ଆସିଥିବାରୁ ଶିକ୍ଷୟିତ୍ରୀଶିକ୍ଷକ ଅସୁବିଧାରେ ପଡିଛନ୍ତି। ଷଷ୍ଠ ଶ୍ରେଣୀର ଇଂଲିଶ ପ୍ରଶ୍ନପତ୍ର ମ.ରାମପୁରକୁ ଆସି ନ ଥିବାବେଳେ ସପ୍ତମ ଶ୍ରେଣୀର ଅଳ୍ପସଂଖ୍ୟକ ହିନ୍ଦୀ ପ୍ରଶ୍ନରେ ପରୀକ୍ଷା ହୋଇଛି। କେତେକ ବିଦ୍ୟାଳୟରେ କଳାପଟାରେ ପ୍ରଶ୍ନ ଲେଖା ଯାଇଥିବା ବେଳେ କେତେକ ବିଦ୍ୟାଳୟରେ ପ୍ରତିଲିପି (ଜେରକ୍ସ)ରେ ପ୍ରଶ୍ନପତ୍ର ମାଧମରେ ପରୀକ୍ଷା କରାଯାଇଛି। ଉଚ୍ଚପ୍ରାଥମିକସ୍ତରରେ ଗୋଟିଏ ଗୋଟିଏ ବିଷୟରେ ପ୍ରଶ୍ନୋତ୍ତର ପ୍ରଶ୍ନ ସଂଖ୍ୟା ୬ ପୃଷ୍ଠାରୁ ଅଧିକ ଥିବାବେଳେ ଏ ନେଇ ପ୍ରତିଲିପି (ଜେରକ୍ସ) ପ୍ରଶ୍ନ ତିଆରି କରି ବିତରଣ ଯୋଗୁ ଅସନ୍ତୋଷ ପ୍ରକାଶ ପାଉଛି। କଳାପଟାରେ ଲେଖା ଯାଇଥିବା ପ୍ରଶ୍ନ ପ୍ରଦାନ ହେତୁ ଛାତ୍ରୀଛାତ୍ର ମହଲରେ ମଧ୍ୟ ଅସନ୍ତୋଷ ସହିତ ଅଭିଭାବକ ମହଲରେ ଏଭଳି ପରୀକ୍ଷା ଏକ ପ୍ରହସନ ବୋଲି ଅଭିଯୋଗ କରାଯାଇଛି। ଏ ସମ୍ପର୍କରେ ଜିଲା ଶିକ୍ଷାଧିକାରୀ ସଞ୍ଜୀବ କୁମାର ସିଂହଙ୍କୁ ପଚାରିବାରୁ ଏ ନେଇ ବିଇଓଙ୍କୁ ପଚାରନ୍ତୁ ବୋଲି କହିଛନ୍ତି। ଏ ନେଇ ମ.ରାମପୁର ବିଇଓ ଗଣେଶ କିଷାନଙ୍କୁ ଫୋନ ଯୋଗେ ପଚାରିବାରୁ ମୁଁ ଅନ୍ୟ ଏକ ପରୀକ୍ଷା ପରିଚାଳନା ନିମନ୍ତେ ନୂଆପଡା ଜିଲାରେ ଦାୟିତ୍ୱରେ ଥିବା ଯୋଗୁ ଏବିଇଓଙ୍କୁ ବୁଝିବାକୁ ପରାମର୍ଶ ଦେଇଥିଲେ। ଏ ନେଇ ଏବିଇଓ ଗୋବର୍ଦ୍ଧନ ମାଝିଙ୍କୁ ପଚାରିବାରୁ ସ୍ୱାସ୍ଥ୍ୟଜନିତ କାରଣରୁ ଛୁଟିରେ ଥିବା ଦର୍ଶାଇ ଭାରପ୍ରାପ୍ତ ସିଆରସି ବୀରେନ ରଥଙ୍କୁ ଦାୟିତ୍ୱ ଦିଆଯାଇଥିବା କହି ଦାୟିତ୍ୱରୁ ଖସି ଯାଇଥିଲେ। ତଳୁ ଉପର ଯାଏଁ ଅଧିକାରୀମାନଙ୍କ ଦାୟିତ୍ୱହୀନ କାର୍ଯ୍ୟ ତାଙ୍କ ଦ୍ୱାରା ପ୍ରଦତ ପ୍ରତ୍ୟୁତ୍ତରରୁ ସ୍ପଷ୍ଟ ପ୍ରମାଣିତ ହେଉଛି। ଏଭଳି ଆମୂଳଚୂଳ ତ୍ରୁଟି ବିଚ୍ୟୁତି ଛାତ୍ରୀଛାତ୍ର, ଅଭିଭାବକମାନଙ୍କୁ ଭ୍ରମ ଦିଗରେ ନେଇଛି।

■ କନଷ୍ଟ୍ରକଶନ କ୍ୟାମ୍ପରୁ ଚୋରି କରିବା ଘଟଣା

## ୪ ଗିରଫ, ଚୋରି ସାମଗ୍ରୀ ଜବତ

**ଖରିଆରରୋଡ,୫।୧୧(ଡି.ଏନ.ଏ.)**

ସ୍ଥାନୀୟ ବୁଢୀପାଲି ଗାଁ ନିକଟରେ ଥିବା ଏକ କନଷ୍ଟ୍ରକଶନ କ୍ୟାମ୍ପରୁ ଚୋରି କରିବା ଘଟଣାରେ ଖରିଆରରୋଡ ଜୋଙ୍କ ଥାନା ପୋଲିସ ମୋଟ ୪ଜଣ ଯୁବକଙ୍କୁ ଗିରଫ କରିଥିବା ସହ ଚୋରି ସାମଗ୍ରୀ ଜବତ କରିଛି। ଏମାନଙ୍କ ମଧ୍ୟରୁ ୩ଜଣ ଯୁବକ ହେଲେ ଖରିଆରରୋଡର ହେମନ୍ତ ସତନାମୀ (୨୮), ମୁନ୍ନା ଖାନ (୩୯), ଆଶୀଷ ଗହୀର (୨୬) ଚୋରି କରିଥିବା ଅଭିଯୋଗରେ ଗିରଫ ହୋଇଛନ୍ତି । ଚୋରି ସାମଗ୍ରୀ କିଣିଥିବା ଅଭିଯୋଗରେ ଅବଦୁଲ ଜମିଲ (୨୭) ଗିରଫ ହୋଇଛନ୍ତି। ଏମାନଙ୍କୁ ମଙ୍ଗଳବାର ସନ୍ଧ୍ୟାରେ କୋର୍ଟ ଚାଲାଣ କରାଯାଇଛି। ବିବରଣୀ ମତେ ଗତ ୩ ତାରିଖ ରାତିରେ ଏହି କ୍ୟାମ୍ପରୁ ୪ ହଜାର ଟଙ୍କା ସହ ୯ଟି ମୋବାଇଲ ଚୋରି ହୋଇଥିବା ଅଭିଯୋଗ ହୋଇଥିଲା। ଏ ନେଇ ପୋଲିସ ଏକ ମାମଲା ରୁଜୁ (ନଂ.୧୯୧/୧୯) କରିଥିଲା। ଘଟଣାକୁ ତତ୍ପରତାର ସହ ବିଚାରକୁ ନେଇ ସିସିଟିଭି ଫୁଟେଜ ଭିତ୍ତି କରି ଛାନଭିନ କରି ଗିରଫ କରିଥିବା ଥାନାଧିକାରୀ ଅନିରୁଦ୍ଧ ମୁଦୁଲି ପ୍ରକାଶ କରିଛନ୍ତି ।



ଗିରଫ ହୋଇଥିବା ଅଭିଯୁକ୍ତମାନେ।

## ଗିରିଗୋବର୍ଦ୍ଧନ, ଗୋଷ୍ଠାଷ୍ଟମୀ ପୂଜା ସହ ଅଷ୍ଟ ପ୍ରହର ନାମଯଜ୍ଞ

**ବୋଡେନ,୫।୧୧(ଡି.ଏନ.ଏ.)**

ନୂଆପଡା ଜିଲା ବୋଡେନ ବ୍ଲକ ଲିଟିସର୍ଗି ଓ ଟିମନପୁର ଆଞ୍ଚଳିକ କେନ୍ଦ୍ର ଆନୁକୁଲ୍ୟରେ ଗିରିଗୋବର୍ଦ୍ଧନ ପୂଜା ଓ ଗୋଷ୍ଠାଷ୍ଟମୀ ମହୋତ୍ସବ ୨୫ ବର୍ଷ ପୂର୍ତ୍ତି ଉପଲକ୍ଷେ ରୌପ୍ୟ ଜୟନ୍ତୀ ପାଳନ ସହ ଅଷ୍ଟପ୍ରହରୀ ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ଗତ ୨୭ରୁ ଆରମ୍ଭ ହୋଇ ସୋମବାର ପୂର୍ଣ୍ଣାହୁତି ହୋଇଥିଲା। ପ୍ରତି ଦିନ ସନ୍ଧ୍ୟାରେ ଭଜନ କୀର୍ତ୍ତନ ସତସଙ୍ଗ ସହିତ ଭାଗବତ ପୁରାଣ ପାଠ କରାଯାଉଥିଲା। ଗୋ ମାତା ଉପରେ ଏକ ସଭା ହୋଇଥିଲା। ଏହି ସଭାରେ କାଳିଆକୃଷ୍ଣ ବାଗ ଗୋ ମାତା ଉପରେ ବୁଝାଇଥିଲେ। ଏହି ଅବସରରେ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ବାଲ ବିକାଶ କାର୍ଯ୍ୟକ୍ରମରେ ଲିଟିସର୍ଗି ଓ ରାନୀମୁଣ୍ଡା ସ୍କୁଲର ଛାତ୍ରୀଛାତ୍ରମାନଙ୍କୁ ଏକ ଭଜନ ଓ ଗୋମାତା ଉପରେ ବକ୍ତୃତା ପ୍ରତିଯୋଗିତା ହୋଇଥିଲା। ସତ୍ୟସାଇ ମଣ୍ଡଳୀ ଜୟବାହାଲ ଓ ବୁଡିପଦର କର୍ମକର୍ତ୍ତା ଭଜନ କୀର୍ତ୍ତନ କରିଥିଲେ। ନାମଯଜ୍ଞରେ କର୍ତ୍ତା ଭାବେ ମଦନ ଜାଲ ଓ କୋଶଲ୍ୟ ଜାଲ ସହଯୋଗ କରିଥିଲେ। ଏଥିରେ ୬ଟି ସର୍କିର୍ତ୍ତନ ଦଳ ଉପସ୍ଥିତ ଥିଲେ। ପୂଜା କମିଟି ଜୟରାମ ଜାଲ, ଦଇତାରି ହଂସ, ଉଗ୍ରେସନ ହଂସ, ବିଷ୍ଣୁପତି ବାଗ, ତୁଳସୀ ପ୍ରସାଦ ବାଗ, ଚଇତନ୍ୟ ବାଗ, କାନ୍ତରାମ ଭୋଇ, ମହାଦେବ ସଗରିଆ, ରାଜ କିଶୋର ବାଗ ପ୍ରମୁଖ ସହଯୋଗ କରିଥିଲେ।

## ଶିଶୁର ଚରିତ୍ର, ବିକାଶ ନିମନ୍ତେ ତାଲିମ ଶିବିର

**ଭବାନୀପାଟଣା,୫।୧୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଥୁ. ରାମପୁର ବ୍ଲକଠାରେ ହେଲ୍‌ପ ଚାଇଲ୍ଡ ପକ୍ଷରୁ ଶିଶୁର ଚରିତ୍ର ଓ ବିକାଶ ନିମନ୍ତେ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ଶାନ୍ତି ମାଝି, ଭିକାରୀ ଚରଣ ସାହୁ, ମାଣିକ୍ୟ ଚନ୍ଦ୍ର ନାଏକ, ହେଲ୍‌ପ ଚାଇଲ୍ଡ ଅଧିକାରୀ ବିକ୍ରମଞ୍ଚାରୀଙ୍କ ସମେତ ଅନେକ ଶିଶୁ ଉପସ୍ଥିତ ଥିଲେ।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

BUSINESS BUSINESS

Registration Free..Govt. Approved
ସିୟା ରାମ ରିଲାଏନ୍ସ JEO
କଂପାନୀ ଦ୍ୱାରା ନିଜର ଖାଲି ଜମି ଓ ଛାତ ଉପରେ 3G/4G ରେଡିଏସନ ଫ୍ରୀ ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 90,000/- ଟଙ୍କା ପାଆନ୍ତୁ । ଚାକିରି + ୨୦ ବର୍ଷର କୋଟ ଅଗ୍ରୀମେଣ୍ଟ
Plot No - 15/012, Devaraja Mohalla, Bangalore, Karnataka 570001
9529777097
9560376626

LOAN DHAMAKA
1) Mudra Loan
2) Term Loan
3) Cash Credit
4) Vehicle Loan
5) Housing Loan
6) Agriculture Loan
7) Used Car Loan
8) Mortgaged Loan
PD ASSOCIATE
91, Kharvela Nagar, BBSR
8895436156

BARSA FINANCE
ବ୍ୟବସାୟ, ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗୃହ ଋଣ ସମସ୍ତ ପ୍ରକାର LOAN
BARSA FINANCE ଯୋଗାଇ ଦେଉଛି । ସୁଧ=1%
M = 7656825259, 7656825281
Add - 61/25, SEC-2, Pushp Vihar, Delhi - Laing, Sundargarh, Odisha

ASTROLOGY ASTROLOGY

ଆମଠାରୁ ଆଗେ କାମ କରିଥିବା ଲୋକଙ୍କୁ ଦାବି ମୁତାବକ ପୁରସ୍କାର
ଖୋଲା ଚ୍ୟାଲେଞ୍ଜ ତନ୍ତ୍ର ମନ୍ତ୍ର ସମ୍ରାଟ
ଘରେ ବସି 2 ଘଣ୍ଟାରେ ସମାଧାନ
ବାବା କମାଲ ଖାନ୍
ବଶୀକରଣ ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ସଉତୁଣୀ, ଶତ୍ରୁ ମୁକ୍ତି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମରେ ଧୋକା, ରୁଷିଥିବା ବ୍ୟକ୍ତିଙ୍କୁ ମନାଇବା, ବ୍ୟବସାୟ, ଛାଡ଼ପତ୍ରରେ ବାଧା, ସନ୍ତାନ କିମ୍ବା ବିଦେଶ ଯାତ୍ରାରେ ବିଘ୍ନ। ସବୁଠାରୁ ନିରାଶ ହୋଇଥିବା ବ୍ୟକ୍ତି ଫୋନ୍ କରନ୍ତୁ
9911786155
9911786154

BUSINESS
ଖାଲିଥିବା ଜମି ଓ ଛାତ ଉପରେ Bansal Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ ।
ଆଜି ହିଁ ସଂମ୍ପର୍କ କରନ୍ତୁ
242/4, Bannerghatta Main Rd, Mulimavu, Bengaluru, Karnataka 560076
Call / SMS Now
07376033092

FINANCE FINANCE

ଶ୍ରୀରାମ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ ।
୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
ଧୋକେବାଜ ଙ୍କୁ ସାବଧାନ
Mahaveer Nagar, Lewis Road, Bangalore
08587970541
09499469559

FINANCE
All India ଋଣ ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୦% ସୁଧ ୫୦% ଛାଡ ଘରେବସି ପାଆନ୍ତୁ
Call / SMS Now
Janavi - 7566-888-563
Sagar - 7773-817-838
Manasi- 8827-505-029
Manisa- 7772-970-949
Sradha - 7583-808-884
Visakha- 8269-150-310
Vasundhara Mall, West Boring Canal Rd, Rajapur, Patna, Bihar 800001

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

EDUCATION EDUCATION

LAST DATE OF ADMISSION ON 10/11/2019
B.Ed
Acharya Nagarjuna University
Equivalent to Govt. of Odisha
FREE Practical, Study Material, Formfillup fees & Weekend Class
NIDT
B.Ed Academy Since 2001
B.J.B. Nagar, Lewis Road, Bhubaneswar
7978204082, 9438286091

ଭାରତର ନଂ. 1 କମ୍ପାନୀ
Hindusthan Tower Group
ଦ୍ୱାରା ନିଜର ଖାଲି ଜମି, ଛାତ, ଚାଷଜମି ଓ ହାଇୱେ ପାର୍ଶ୍ୱ ଜମିରେ
DIGITAL
ମଲ୍ଟିମିଡିଆ ଟାୱାର ଲଗାନ୍ତୁ।
ଆଡ୍‌ଭାନ୍ସ: 60 ଲକ୍ଷ
ଭଡ଼ା: 60 ହଜାର
94735-96956, 98070-64437
ADDRESS: T-51, GAUTAMPURI, DELHI

ଶୁଭଜନଲକ୍ଷ୍ମୀ ଫାଇନାନ୍ସ
ଗୃହ ଋଣ, ମାର୍କଶିଟ୍ ଋଣ, କୃଷି ଋଣ, ପର୍ସନାଲ ଋଣ, ଗ୍ରୁପ୍ ଋଣ, ମାତ୍ର 5 ବାର୍ଷିକ ସୁଧ ହାରରେ ।
ଯୋଗାଯୋଗ କରନ୍ତୁ
9899289162
9858323204
Dehradun, UK

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
Bhagyalaxmi Finance
Reg No. U6519TN198PLC00855
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗ୍ରୁପ୍, ବ୍ୟବସାୟ ଓ ସମସ୍ତ ଋଣ 2-3 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ 40% ରିହାତି
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି, ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
ମୋ. 7689936101
7310644390
Vishal Mansion, Mahatma Gandhi Road, UP

KUBER FINANCE
Kuber ଋଣ ଲିମିଟେଡ୍ ଭରସାର ପ୍ରତିକ ସରକାରୀ ସ୍ୱୀକୃତୀପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, କୃଷି ଆଧାରକାର୍ଡ ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ମାତ୍ର ୧ ଦିନରେ, 2% ସୁଧ 40% ଛାଡ । ଘରେ ବସି ପାଆନ୍ତୁ
ଖର୍ଚ୍ଚ ଲୋନ ପାସ ହେଲା ପରେ
Plot No-14/524, Chandini Chowk, Kolkata
Call or SMS Now
8146524009


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




DHARITRI
Career appointment
Every Wednesday and Saturday



ଆପଣଙ୍କୁ ମାନବିକତା ଉପରେ ବିଶ୍ୱାସ ହରାଇବା ଉଚିତ୍ ନୁହେଁ । ମାନବିକତା ଏକ ସମୁଦ୍ର, ଯଦି ସମୁଦ୍ରର କିଛି ବୁନ୍ଦା ପାଣି ଖରାପ ହୋଇଯାଏ ତେବେ ପୁରା ସମଦ୍ର ଖରାପ ହୋଇଯାଏ ନାହିଁ । - **ମହାତ୍ମା ଗାନ୍ଧୀ**



## ସଂକ୍ଷେପରେ

### ଡଙ୍ଗରବୁଢ଼ା ପୁଞ୍ଜିପଥର ମନ୍ଦିରରୁ ଚୋରି

**କଣ୍ଟାବାଞ୍ଜି, ୫।୧୧(ଡି.ଏନ.ଏ.):** ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି-ବଙ୍ଗୋମୁଣ୍ଡା ରାଜ୍ୟ ରାଜପଥ ନଂ. ୪୨ କଡରେ ଥିବା ଡଙ୍ଗରବୁଢ଼ା ପୁଂଜି ପଥର ମନ୍ଦିରରେ ଶନିବାର ରାତିରେ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି । ମନ୍ଦିର ପରିଚାଳନା କମିଟି ସଭାପତି ଦୀନେଶ ଅଗ୍ରୱାଲ ଏ ନେଇ ଥାନାରେ ରବିବାର ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ ପାହାଡ ଶିଖରରେ ଥିବା ବନଦୁର୍ଗା ଦେବୀଙ୍କ ମନ୍ଦିରରୁ ରୂପା ଛତର, ସୁନା ମୁକୁଟ, ସୁନା ନାକଫୁଲ ସହ ରୂପାର ଭୋଗ ଥାଳି ଚୋରି ହୋଇଛି। ଅଭିଯୋଗ ଉପରେ ଥାନାରେ ଏକ ମାମଲା ( ନଂ. ୨୫୬/୧୯) ରୁଜୁ କରି ପୋଲିସ ଅନୁସନ୍ଧାନ ଜାରି ରହିଛି ବୋଲି ସବ୍‌ଇନ୍ସପେକ୍ଟର ଏସ୍. ସେଠୀ କହିଛନ୍ତି।

### ଶ୍ରୀମଦ୍ ଭାଗବତ ପାରାୟଣ

**ଟିକ୍ରାପଡା, ୫।୧୧ (ଡି.ଏନ.ଏ.):** ବଲାଙ୍ଗୀର ଜିଲା ସଇଁତଳା ଟିକ୍ରାପଡାସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ଜଗନ୍ନାଥ ସତ୍‌ସଙ୍ଗ ସମିତି ଆନୁକୂଲ୍ୟରେ ଅନୁଷ୍ଠିତ ଶ୍ରୀମଦ୍ ଭାଗବତ ଦଶମ ସ୍କନ୍ଧ ପାରାୟଣ ମଙ୍ଗଳବାର ସମ୍ପନ୍ନ ହୋଇଛି । ବଡ ରାଜପଲିଆ କର୍ତ୍ତା ରହିଥିଲେ। ଅକ୍ଷୟ ସୁଆର ପୂଜକ ଦାୟିତ୍ୱ ତୁଲାଇଥିଲେ। ନାରାୟଣ ପଣ୍ଡା ସର୍ବ ବ୍ୟବସ୍ଥା ସଂଯୋଜକ ରହିଥିଲେ । ଶ୍ରୀହରି କଥା ଯୋଜନାର ବ୍ୟାସ କଥାକାର ଲକ୍ଷପତି କୁଦେଇ ବ୍ୟାସ ରହିଥିଲେ । ପୀତବାସ ମହାକୁର, ଶିଶୁ କଳାକାର ଅନମୋଲ ସୁଆର, ସ୍ୱୟଂସ୍ୱରୂପ ପଣ୍ଡା ଏବଂ ସାଥିଙ୍କ ଦ୍ୱାରା ଶ୍ରୀକୃଷ୍ଣଙ୍କ ବିଭିନ୍ନ ଲୀଳା ପ୍ରଦର୍ଶନ କରାଯାଇଥିଲା । ରୁଦ୍ରମଣି ରାଜପଲିଆ, ସାନ ରାଜପଲିଆ, ବବ୍ରୁବାହନ ସରାପ, ହେମନ୍ତ ବୁଡେକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

### କାନୁଟ ହାଇସ୍କୁଲ ୮୨ ମାଟ୍ରିକ ବ୍ୟାଚ୍‌ର ବୈଠକ

**ବେଲପଡା, ୫।୧୧(ଡି.ଏନ.ଏ.):** ବଲାଙ୍ଗୀର ଜିଲା ବେଲପଡା ବ୍ଲକ କାନୁଟ ହାଇସ୍କୁଲ ୧୯୮୨ର ବୈଠକ ତଥା ବନ୍ଧୁମିଳନ ବିଦ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ତୁଳେଶ୍ୱର ପଧାନ, ଲଳିତ ମୋହନ ସାହୁ, ମହାଦେବ ରଣା ଓ ସ୍କୁଲର ପ୍ରଧାନଶିକ୍ଷକ ଉପସ୍ଥିତ ଥିଲେ । ଏହି ଅବସରରେ ଶୈଳବାଳା ରଥ ଟ୍ୟାଲେଣ୍ଟ ଆୱାର୍ଡ ପାଇଁ ୨୦୧୯ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ୩ ଛାତ୍ରୀ ଐଶ୍ୱର୍ଯ୍ୟା ନିଆଲ, ଉଜ୍ଜଳା ପଧାନ ଓ ଗୋଲ୍ଡି ନାୟକଙ୍କୁ ପୁରସ୍କୃତ କରାଯାଇଥିଲା। ମୋ ସ୍କୁଲ ଅଭିଯାନ ପାଇଁ ୧୯୮୨ ବ୍ୟାଚ ଛାତ୍ରମାନେ ହାଇସ୍କୁଲ ପ୍ରଧାନ ଶିକ୍ଷକଙ୍କୁ ୫୦ ହଜାର ଟଙ୍କା ପ୍ରଦାନ କରିଥିଲେ ।

### ସଙ୍ଗା ଆଡ୍ଡାରୁ ଜଣେ ଗିରଫ

**ଦେଓଗାଁ,୫।୧୧(ଡି.ଏନ.ଏ.):** ଦେଓଗାଁ ବ୍ଲକ ବନ୍ଧପଡା ଫାଣ୍ଡି ଅନ୍ତର୍ଗତ ଦେଷଣ୍ଡରେ ମଙ୍ଗଳବାର ସନ୍ଧ୍ୟାରେ ପୋଲିସ ଏକ ସଙ୍ଗା ଆଡ୍ଡାରେ ଚଢ଼ାଉ କରି ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି। ଏହାସହ ସେଠାରୁ ସଙ୍ଗାରେ ବ୍ୟବହୃତ କେତେକ ସାମଗ୍ରୀ ଓ କିଛି ଟଙ୍କା ଜବତ କରାଯାଇଛି। ଗିରଫ ବ୍ୟକ୍ତି ଜଣକ ହେଲେ ଦେଷଣ୍ଡର ସଚ୍ଚିଦାନନ୍ଦ ରାଉତ। ଦେଓଗାଁ ଥାନାଧିକାରୀ ଲୋକନାଥ ଭୋଇଙ୍କ ତତ୍ତ୍ୱାବଧାନରେ ଫାଣ୍ଡି ଅଧିକାରୀ କମଳ ଲୋଚନ ମାଝି ଏହି ସଙ୍ଗା ଆଡ୍ଡା ଉପରେ ଚଢ଼ାଉ କରିଥିଲେ । ଏ ସଂକ୍ରାନ୍ତରେ ଦେଓଗାଁ ଥାନାରେ ଏକ ମାମଲା (ନଂ. ୯୯/୧୯) ରୁଜୁ କରାଯାଇଛି। ଅଟକ ବ୍ୟକ୍ତିଙ୍କୁ ବୁଧବାର କୋର୍ଟ ଚାଲାଣ କରାଯିବ ବୋଲି ଥାନା ଅଧିକାରୀ ଭୋଇ ସୂଚନା ଦେଇଛନ୍ତି।

# ରେଳ ଷ୍ଟେଶନରୁ ୧୦ ଦାଦନ ଶ୍ରମିକ ଉଦ୍ଧାର

**ଲାଠୋର, ୫।୧୧ (ଡି.ଏନ.ଏ.)**



ଲାଠୋର ପୋଲିସ ଦ୍ୱାରା ଉଦ୍ଧାର ହୋଇଥିବା ଦାଦନ ଶ୍ରମିକ।

ଦାଦନ ଚାଲାଣ ରୋକିବା ପାଇଁ ସରକାର କଡାକଡି ନିୟମ ଲାଗୁ କରଛନ୍ତି। ଏହା ସତ୍ତ୍ୱେ ସର୍ଦ୍ଦାରମାନେ ଦାଦନ ଶ୍ରମିକ ଚାଲାଣ କରି ପୋଲିସ ଓ ଶ୍ରମ ବିଭାଗର ମୁଣ୍ଡବିନ୍ଧାର କାରଣ ସାଜିଛନ୍ତି। ଦାଦନ ଚାଲାଣ ରୋକିବା ପାଇଁ ଲାଠୋର ପୋଲିସ ଧରପଗଡ କରୁଥିବା ବେଳେ ସୋମବାର ରାତିରେ ବଲାଙ୍ଗୀର ଜିଲା ହରିଶଙ୍କର ରୋଡ ରେଳ ଷ୍ଟେଶନରୁ ତେଲେଙ୍ଗାନାକୁ ଚାଲାଣ ହେଉଥିବା ୧୦ ଦାଦନ ଶ୍ରମିକଙ୍କୁ ପୋଲିସ ଉଦ୍ଧାର କରିଛି। ତେବେ ଦାଦନ ସର୍ଦ୍ଦାର ଫେରାର ହୋଇଯାଇଛନ୍ତି। ବରଗଡ ଜିଲା ଅତାବିରା ଥାନା ସୁକଟାପାଲି, ଝାରବନ୍ଧ ଥାନା ଚରଡାପାଲି, ପଦମପୁର ଥାନା ବରଭଟା ଏବଂ ବଲାଙ୍ଗୀର ଜିଲା ପାଟଣାଗଡ ଥାନା ବାଞ୍ଜିଝାଲ ଓ ଲରମ୍ଭା ଥାନା ଅନ୍ତର୍ଗତ କେରବେଡା ଗ୍ରାମର ୩ ମହିଳା ଓ ୭ ପୁରୁଷଙ୍କୁ କେରବେଡାର ଦାଦନ ସର୍ଦ୍ଦାର ସରୋଜ କୁରେଇ ତେଲେଙ୍ଗାନା ରାଜ୍ୟକୁ ଚାଲାଣ କରିବା ପାଇଁ ହରିଶଙ୍କର ରୋଡ ରେଳ ଷ୍ଟେଶନକୁ ଆଣିଥିଲେ। କୌଣସି ସୂତ୍ରରୁ ଖବର ପାଇ ଲାଠୋର ଥାନା ଆଇଆଇସି ଧର୍ମେନ୍ଦ୍ର କୁମାର ଶାନ୍ତିଙ୍କ ନେତୃତ୍ୱରେ ଏକ ପୋଲିସ ଟିମ ଚଢ଼ାଉ କରି ଶ୍ରମିକମାନଙ୍କୁ ଉଦ୍ଧାର କରି ଲାଠୋର ଥାନାକୁ ଆଣିଥିଲେ। ପରେ ଖପ୍ରାଖୋଲ ଶ୍ରମ ନିରୀକ୍ଷକ ସୁଧୀର କୁମାର ସାହୁଙ୍କୁ ଖବର ଦିଆଯାଇଥିଲା। ସେ ଥାନାକୁ ଆସି ଉଦ୍ଧାର ଶ୍ରମିକମାନଙ୍କ ପରିଚୟ ଜାଣିବା ସହ ସେମାନଙ୍କୁ କିଏ ଚାଲାଣ କରୁଛି ତାର ତଥ୍ୟ ସଂଗ୍ରହ କରିଥିଲେ। ପରେ ଲାଠୋର ଥାନାରେ ଏକ ମାମଲା (ନଂ.୧୦୯/୧୯)ରୁଜୁ କରି ସମ୍ପୃକ୍ତ ଶ୍ରମିକମାନଙ୍କୁ ସେମାନଙ୍କ ଘରକୁ ପଠାଇ ଦିଆଯାଇଥିଲା। ଫେରାର ସର୍ଦ୍ଦାରଙ୍କୁ ପୋଲିସ ଶୀଘ୍ର ଗିରଫ କରିବ ବୋଲି ଥାନା ଆଇଆଇସି ସୂଚନା ଦେଇଛନ୍ତି।

## ମଦ ଜବତ, ଡ୍ରାଇଭର ସହ ୩ ଗିରଫ

**ଗୁଡଭେଲା,୫।୧୧(ଡି.ଏନ.ଏ.)**




ଗାଡି ଡ୍ରାଇଭର ସହ ଗିରଫ ମଦ ବ୍ୟବସାୟୀ।

ବଲାଙ୍ଗୀର ଜିଲା ତୁଷୁରା ଅବକାରୀ ବିଭାଗ ମଙ୍ଗଳବାର ଦୁଇଟି ସ୍ଥାନରୁ ବେଆଇନ ଭାବେ ଚାଲାଣ ହେଉଥିବା ୨୫୦ ଲିଟର ଦେଶୀ ରନ୍ଧା ମଦ ସହ ଏକ କାର ନମ୍ବର ସିଜି.୦୫-୪୧୫୨ ଜବତ କରିଛି। ଅବକାରୀ ବିଭାଗ ପକ୍ଷରୁ ଦୁଇଟି ପୃଥକ ମାମଲା ରୁଜୁ କରାଯିବା ସହ ଗାଡି ଡ୍ରାଇଭର ଓ ଦୁଇ ବ୍ୟବସ୍ଥାୟୀଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା । ଜାମିନ ନାମଞ୍ଜୁର ହେବାରୁ ସମସ୍ତ ଅଭିଯୁକ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ସ୍ଥାନୀୟ ଅବକାରୀ ଅଧିକାରୀ ଅରୁଣ କୁମାର ଯୋଷୀ ପ୍ରକାଶ କରିଛନ୍ତି । ପ୍ରାପ୍ତ ସୂଚନା ଅନୁସାରେ ଗୁଡଭେଲା ବ୍ଲକ ରାଣିମାଲସ୍ଥିତ ଖଡଙ୍ଗ ନଦୀ ପଟରୁ ଏକ କାର ତୁଷୁରା ପଟକୁ ଆସୁଥିଲା। ବିଶେଷ ସୂତ୍ରରୁ ଖବର ପାଇ ଉକ୍ତ ଗାଡିକୁ ଖଡଙ୍ଗ ନଦୀ ପାଖରେ ଅବକାରୀ ବିଭାଗ କର୍ମଚାରୀ ଅଟକାଇଥିଲେ । ଉକ୍ତ ଗାଡିରେ ତିନୋଟି ଟ୍ୟୁବରେ ପ୍ରାୟ ଦୁଇ ଶହ ଲିଟର ଦେଶୀ ରନ୍ଧା ମଦ ଥିବା ଦେଖିବାକୁ ମିଳିଥିଲା । ଉକ୍ତ ଗାଡିର ଡ୍ରାଇଭର ଡୁଙ୍ଗିବାହଲ ଗ୍ରାମର ମୁକେଶ ରଣା ଓ ମୁଣ୍ଡାପଲା ଗ୍ରାମର ରାଜେନ୍ଦ୍ର ସୁନାଙ୍କୁ ଗିରଫ କରାଯାଇଥିଲା । ସେହିପରି ତୁଷୁରା ଅବକାରୀ କାର୍ଯ୍ୟାଳୟ ଅଧିନ ମୁଣ୍ଡାପଲା ଛକରେ ମୁଣ୍ଡାପଲା ଗ୍ରାମର ଘନଶ୍ୟାମ ଭୋଇ ଏକ ଟ୍ୟୁବରେ ଦେଶୀ ରନ୍ଧାମଦ ନେଉଥିବା ବେଳେ ଅବକାରୀ କର୍ମଚାରୀଙ୍କ ହାତରେ ଧରା ପଡିଥିଲେ। ଚଡାଉରେ ଏଏସଆଇ ଜୟନାରାୟଣ ଯୋଷୀ, ଦେବାଚନ ଭୋଇ, ସୁରେଷ ଭୋଇ ସାମିଲ ଥିଲେ ।

### ବଲାଙ୍ଗୀର ଡିସିସି ବ୍ୟାଙ୍କ ଜମାକାରୀଙ୍କ ଟଙ୍କା ଲୁଟ୍ ଘଟଣା

## ତଦନ୍ତ କଲେ ରାଜ୍ୟ ସମବାୟ ବ୍ୟାଙ୍କ ଡିଜିଏମ୍

**ବଲାଙ୍ଗୀର ଅଫିସ, ୫।୧୧**

ବଲାଙ୍ଗୀର ଜିଲା କେନ୍ଦ୍ର ସମବାୟ (ଡିସିସି) ବ୍ୟାଙ୍କ ଜମାକାରୀଙ୍କ ଆକାଉଣ୍ଟରୁ ଲକ୍ଷାଧିକ ଟଙ୍କା ଲୁଟ୍ ଘଟଣାର ତଦନ୍ତ ଆରମ୍ଭ ହୋଇଛି। ଓଡିଶା ରାଜ୍ୟ ସମବାୟ ବ୍ୟାଙ୍କର ଜଣେ ଅଧିକାରୀ ବଲାଙ୍ଗୀର ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। କିଭଳି ଭାବେ ଏହି ବ୍ୟାଙ୍କର ଜମାକାରୀଙ୍କ ଟଙ୍କା ଆତ୍ମସାତ୍ କରାଯାଇଛି ଓ ବାସ୍ତବରେ କେତେ ଟଙ୍କା ଲୁଟ୍ ହୋଇଛି ସେ ନେଇ ତଦନ୍ତ କରିବାକୁ ଓଡିଶା ରାଜ୍ୟ ସମବାୟ ବ୍ୟାଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିବା ଜଣାପଡିଛି ।

ଓଡିଶା ରାଜ୍ୟ ସମବାୟ ବ୍ୟାଙ୍କ ଡିଜିଏମ୍ ଅଜିତ୍ ପଟ୍ଟନାୟକ ମଙ୍ଗଳବାର ବଲାଙ୍ଗୀର ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ମୁଖ୍ୟ କାର୍ଯ୍ୟାଳୟରେ ପହଞ୍ଚି ଏହାର ତଦନ୍ତ ଆରମ୍ଭ କରିଛନ୍ତି। ଡିଜିଏମ୍ ପଟ୍ଟନାୟକ ବ୍ୟାଙ୍କ ସିଇଓ ବି.ଏନ୍.ରାୟଗୁରୁ ଓ ଅନ୍ୟ କର୍ମଚାରୀଙ୍କ ସହ ଏ ନେଇ ଆଲୋଚନା କରିବା ସହ ବ୍ୟାଙ୍କର ଫାଇନାନ୍ସିଆଲ ରିପୋର୍ଟ ଦେବାକୁ କହିଛନ୍ତି । ବାସ୍ତବରେ ଏହି ବ୍ୟାଙ୍କର ଆର୍ଥିକ କାରବାର ସଂକ୍ରାନ୍ତୀୟ ସମ୍ପୂର୍ଣ୍ଣ ରିପୋର୍ଟ ମିଳିଲା ପରେ ଯାଇ ବ୍ୟାଙ୍କରେ କ'ଣ ସବୁ ହୋଇଛି ତାହା କୁହାଯାଇପାରିବ ବୋଲି ସେ ସୂଚନା ଦେଇଛନ୍ତି । ଏହି ତଦନ୍ତ ସମ୍ପୂର୍ଣ୍ଣ ହେବା ପରେ ସେ ଏ ସଂକ୍ରାନ୍ତୀୟ ରିପୋର୍ଟ ଓଡିଶା ରାଜ୍ୟ ସମବାୟ ବ୍ୟାଙ୍କ ଏମ୍‌ଡିଙ୍କୁ ପ୍ରଦାନ କରିବେ ବୋଲି ସେ କହିଛନ୍ତି।

ବଲାଙ୍ଗୀର ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କରୁ ଜମାକାରୀଙ୍କ ଟଙ୍କା ହଡପ୍ କରାଯାଇଥିବା ନେଇ ଅଭିଯୋଗ ହେବା ପରେ ଏହି ଘଟଣା ଲୋକଲୋଚନକୁ ଆସିଥିଲା । ଏଟିଏମ୍‌ରୁ ଟଙ୍କା ଚୋରି କରାଯାଇଥିବା ଜଣାପଡିଥିଲା । ଏ ନେଇ ଜମାକାରୀମାନେ ଅଭିଯୋଗ କରିବା ପରେ ବ୍ୟାଙ୍କ କର୍ତ୍ତୃପକ୍ଷ ଥାନାରେ ଅଭିଯୋଗ କରିଥିଲେ । ପୋଲିସ ଏହି ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ଜମାକାରୀଙ୍କ ଟଙ୍କା ଆତ୍ମସାତ୍ ଘଟଣାରେ ବ୍ୟାଙ୍କର ଜଣେ ଅସ୍ଥାୟୀ କର୍ମଚାରୀ ସମ୍ପୃକ୍ତ ଥିବା କୁହାଯାଇଛି। ତେବେ ପୋଲିସ ଏ ନେଇ ଅଧିକ ସୂଚନା ଦେଉନାହିଁ । ନିଖିଳ ଓଡିଶା ସମବାୟ ବ୍ୟାଙ୍କ କର୍ମଚାରୀ ମହାସଂଘ ପକ୍ଷରୁ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରି ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଛି । ଏହା ସହିତ ଡିସିସି ବ୍ୟାଙ୍କ ଉପସଭାପତି ପୁଷ୍ପଲତା ଭୋଇ ଓ ନିର୍ଦ୍ଦେଶକ ସାନନ୍ଦ ମେହେର ମଧ୍ୟ ଖବରଦାତା ସମ୍ମିଳନୀ କରି ବ୍ୟାଙ୍କ ଅର୍ଥ ଆତ୍ମସାତ୍ ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ ଦାବି କରିଛନ୍ତି । ଇତିମଧ୍ୟରେ ବଲାଙ୍ଗୀର ଡିସିସି ବ୍ୟାଙ୍କ ତରଫରୁ ବିଭାଗୀୟ ତଦନ୍ତ କରାଯାଇଥିବା ସିଇଓ ରାୟଗୁରୁ ସୂଚନା ଦେଇଛନ୍ତି।



ଓଡିଶା ରାଜ୍ୟ ସମବାୟ ବ୍ୟାଙ୍କ ଡିଜିଏମ୍ ବଲାଙ୍ଗୀର କେନ୍ଦ୍ର ସମବାୟ ବ୍ୟାଙ୍କ ମୁଖ୍ୟ କାର୍ଯ୍ୟାଳୟରେ ପହଞ୍ଚି ବ୍ୟାଙ୍କ ସିଇଓଙ୍କ ସହ ଆଲୋଚନା କରୁଛନ୍ତି ।

## ସଙ୍ଗା ଆଡ୍ଡାରେ ଚଢ଼ାଉ, ଦୁଇ ଭାଇ ଗିରଫ

**ବଲାଙ୍ଗୀର ଅଫିସ, ୫।୧୧**

ପୁଇଁତଲା ଥାନା ଅନ୍ତର୍ଗତ ଶଙ୍କରଭୋଜି ଗ୍ରାମରେ ଦୁଇଟି ପୃଥକ୍ ସ୍ଥାନରେ ଚାଲିଥିବା ମଦ ଓ ସଙ୍ଗା ଆଡ୍ଡା ଉପରେ ପୋଲିସ ପକ୍ଷରୁ ଅତର୍କିତ ଚଢ଼ାଉ କରାଯାଇ ଦୁଇଭାଇଙ୍କୁ ଗିରଫ କରାଯାଇଛି। ଗିରଫ ଦୁଇଭାଇ ହେଲେ ସୁରେନ୍ଦ୍ର ମଲ୍ଲିକ ଓରଫ୍ ଛବି (୨୮) ଓ ନବୀନ ମଲ୍ଲିକ (୨୬)। ନବୀନ ମଲ୍ଲିକ ଗାଁରେ ବେଆଇନ୍ ଭାବେ ମଦ କାରବାର କରୁଥିବା ନେଇ ଖବର ପାଇବା ପରେ ପୁଇଁତଲା ଥାନା ପୋଲିସ ଟିମ୍ ଶଙ୍କରଭୋଜି ଗାଁରେ ଅତର୍କିତ ଚଢ଼ାଉ କରି ତାଙ୍କ ଘରୁ ୫୭ ପାଉଚ୍ ମଦ ଓ ୨୬ ଶହ ଟଙ୍କା ଜବତ କରିଥିଲା । ନବୀନଙ୍କ ବଡଭାଇ ସୁରେନ୍ଦ୍ର ମଲ୍ଲିକ ସେଠାରେ ସଙ୍ଗାଆଡ୍ଡା ଚଳାଇଥିବା ଖବର ପାଇଥିବାରୁ ସେଠାରେ ମଧ୍ୟ ଚଢ଼ାଉ କରାଯାଇଥିଲା । ଥାନା ଆଇଆଇସି ବି ରୁଦ୍ରିଆଙ୍କ ନେତୃତ୍ୱରେ ଉଭୟ ସ୍ଥାନରେ ଚଢ଼ାଉ କରାଯାଇଥିଲା । ଘଟଣାସ୍ଥଳରୁ କଲ୍ୟାଣ, ଭୂତନାଥ ଓ କୁବେର ସ୍କିମ୍‌ର ୩ଟି ସଙ୍ଗା ରେଜିଷ୍ଟର, ୪ହଜାର ୮୮୦ ନଗଦ ଟଙ୍କା, ଗୋଟିଏ କାଲକୁଲେଟର, ନୋଟପ୍ୟାଡ, ୪ଟି ବଲପେନ୍, ଗୋଟିଏ ଷ୍ଟାପଲର, ୩୯ଟି ଚିଟ୍‌ସିଟ୍, ୧୩ଟି ସ୍କିମ୍ ଲିଫଲେଟ୍ ଓ ଦୁଇଟି ଚାର୍ଟ ଜବତ୍ ହୋଇଛି। ଦୁଇଭାଇଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଥିବା ଏସ୍‌ଡିପିଓ ଶ୍ରୀମନ୍ତ ବାରିକ ସୂଚନା ଦେଇଛନ୍ତି।

### ଶିଶୁର ଚରିତ୍ର, ବିକାଶ ନିମନ୍ତେ ତାଲିମ ଶିବିର

**ଭବାନୀପାଟଣା,୫।୧୧(ଡି.ଏନ.ଏ.)**
କଳାହାଣ୍ଡି ଜିଲା ଥୁ.-ରାମପୁର ବ୍ଲକଠାରେ ହେଲ୍‌ଫ ଚାଇଲ୍ଡ ପକ୍ଷରୁ ଶିଶୁର ଚରିତ୍ର ଓ ବିକାଶ ନିମନ୍ତେ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ଶାନ୍ତି ମାଝି, ଭିକାରୀ ଚରଣ ସାହୁ, ମାଣିକ୍ୟ ଚନ୍ଦ୍ର ନାଏକ, ହେଲଫ୍ ଚାଇଲ୍ଡ ଅଧିକାରୀ ବିକ୍ରମଞ୍ଚାରୀଙ୍କ ସମେତ ଅନେକ ଶିଶୁ ଉପସ୍ଥିତ ଥିଲେ।

### ମନ୍ଦିର ନିକଟ କୂଅରୁ ବୃଦ୍ଧଙ୍କ ମୃତଦେହ ଉଦ୍ଧାର ଘଟଣା

## ମୁଖ୍ୟ ପୂଜକଙ୍କୁ ଗିରଫ ଦାବିରେ ଥାନା ଘେରାଉ




ପୋଲିସ ହେପାଜତରେ ଥିବା ମୁଖ୍ୟ ପୂଜକଙ୍କୁ ଗିରଫ କରି ଜେଲ୍ ପଠାଇବା ଦାବିରେ ଥାନା ସମ୍ମୁଖରେ ମହିଳାମାନେ ଧାରଣା ଦେଇଛନ୍ତି।

**କଣ୍ଟାବାଞ୍ଜି, ୫।୧୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଥାନା ପୋଲିସ ସାଲେପଡା ପେଣ୍ଡ୍ରାଗଡେନ ହରଗୌରୀ ମନ୍ଦିର ନିକଟ କୂଅରୁ ଜଣେ ବୃଦ୍ଧଙ୍କ ମୃତଦେହ ଅକ୍ଟୋବର ୨୯ତାରିଖରେ ଉଦ୍ଧାର କରିଥିଲା। ମୃତକ ହେଲେ ଥାନା ଅଧୀନ ମାନ୍ଦଲା ଗାଁର ଭୁଜବଳ ପୁରାଭୁଏ(୬୫)। ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ହତ୍ୟା କରି କୂଅରେ ପକାଇ ଦିଆଯାଇଥିବା ନେଇ ପରିବାର ଲୋକଙ୍କ ଅଭିଯୋଗ ପରେ ଏସ୍‌ପି ଏମ.ଏସ.ସମ୍ପଦ କଣ୍ଟାବାଞ୍ଜି ଏସ୍‌ଡିପିଓ ସରୋଜ କୁମାର ମହାପାତ୍ରଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରି ଅନୁସନ୍ଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଇତିମଧ୍ୟରେ ଘଟଣାର ଆଠଦିନ ବିତି ଯାଇଥିଲେ ମଧ୍ୟ ଅସଲ ରହସ୍ୟ ଜଣା ପଡିନାହିଁ । ଏପରିକି ପୋଲିସ ହତ୍ୟାକାରୀକୁ ଚିହ୍ନଟ କରିପାରି ନାହିଁ । ପରିବାର ବର୍ଗଙ୍କ ଅଭିଯୋଗ ଅନୁସାରେ ମନ୍ଦିର ମୁଖ୍ୟ ପୂଜକ ଚୌବନ ମାଝି ଓ ଅନ୍ୟ ପୂଜକ ପର୍ଶୁରାମ ମାଝିଙ୍କୁ ଥାନାରେ ଅଟକ ରଖି ପୋଲିସ ଅନୁସନ୍ଧାନ ଜାରି ରହିଛି । ତେବେ ଚୌବନଙ୍କୁ ଗିରଫ କରି ଜେଲ ହାଜତକୁ ପଠାଯାଉ ବୋଲି ମଙ୍ଗଳବାର ମୃତ ଭୁଜବଳ ପରାଭୁଏଙ୍କ ପରିବାର୍ଗ ସହ ମାନ୍ଦଲା ଗ୍ରାମର ଶତାଧିକ ମହିଳା ପୁରୁଷ କଣ୍ଟାବାଞ୍ଜି ଥାନା ମୁଖ୍ୟ ଫାଟକକୁ ୨ଘଣ୍ଟା କାଳ ଅବରୋଧ କରିଥିଲେ । ଏସ୍‌ଡିପିଓ ମହାପାତ୍ର ଘଟଣାସ୍ଥଳକୁ ଆସି କହିଥିଲେ ଯେ, ଚୌବନଙ୍କୁ ପୋଲିସ ହେପାଜତରେ ରଖାଯାଇ ଅଧିକ ଖେଳତାଡ କରାଯାଉଛି। ଜେଲ ହାଜତକୁ ପଠାଇଦେଲେ ଘଟଣାର ସତ୍ୟାସତ୍ୟ ସାମନାକୁ ଆସି ପାରିବ ନାହିଁ। ତେଣୁ ଆନ୍ଦୋଳନରୁ ସେମାନେ ଓହରି ଯାଆନ୍ତୁ। ଏହା ଶୁଣିବା ପରେ ପରିବାର ବର୍ଗ ଏବଂ ମାନ୍ଦଲା ଗ୍ରାମବାସୀ ନିଜ ଦାବିରୁ ଓହରିଥିଲେ ।

## ଏଡ୍‌ସ ସଚେତନତା କାର୍ଯ୍ୟକ୍ରମ

**ସଇଁତଲା, ୫।୧୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ସଇଁତଲା ରେଲଷ୍ଟେଶନ ନିକଟରେ ଥିବା ଠିକା ସଂସ୍ଥାର କ୍ୟାମ୍ପରେ ଏଲଏଣ୍ଡଟି କମ୍ପାନୀ ତରଫରୁ ଏଡ୍‌ସ ଓ ଏଚଆଇଭି ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସଇଁତଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ନମିତା ବିଶି ଯୋଗଦେଇ ଏଡ୍‌ସ ରୋଗର ଲକ୍ଷଣ ତଥା ନିରାକରଣ ଓ ଏଚଆଇଭି ସଂକ୍ରମଣରୁ କିପରି ନିଜକୁ ରକ୍ଷା କରିହେବ ସେ ସମ୍ପର୍କରେ କମ୍ପାନୀରେ କାର୍ଯ୍ୟରତ ଶତାଧିକ ଶ୍ରମିକଙ୍କୁ ଉଦ୍‌ବୋଧନ ଦେଇଥିଲେ । ସେହିଭଳି କମ୍ପାନୀର ପ୍ରୋଜେକ୍ଟ ମ୍ୟାନେଜର ଅମିତ ରଞ୍ଜନ, ସିନିୟର ଇଞ୍ଜିନିୟର ମନୋଜ ମୁଣ୍ଡାରୀ, ହରେରାମ ଦୁବେ, ପଙ୍କଜ ତିୱାରୀ, ସୁଜିତ ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ । ସଇଁତଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଏଏନଏମ ସିନ୍ଧୁଲତା କୁଅଁର, ଆଇସିଡିଏସର କଂସାରୀ ସେଲମା, ଜନ୍ମେଜୟ ସାହୁ ଉପସ୍ଥିତ ଶ୍ରମିକମାନଙ୍କ ରକ୍ତ ପରୀକ୍ଷା କରିଥିଲେ ।

## ଜିଲାସ୍ତରୀୟ ବିଜ୍ଞାନ ମେଳା ପାଇଁ ପ୍ରସ୍ତୁତି

**ବେଲପଡା, ୫।୧୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ବେଲପଡା ଦୀନ ରଘୁ ମେହେରା ଉଚ୍ଚ ବିଦ୍ୟାଳୟରେ ମଙ୍ଗଳବାର ଜିଲାସ୍ତରୀୟ ବିଜ୍ଞାନ ମେଳା ପାଇଁ ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଡିଆର ମେହେର ହାଇସ୍କୁଲର ପ୍ରଧାନ ଶିକ୍ଷକ ଚିତ୍ତରଞ୍ଜନ ପଣ୍ଡାଙ୍କ ଆବାହକତ୍ୱ ଓ ଜିଲା ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶ ଅନୁଯାୟୀ ଜିଲା ବିଜ୍ଞାନ ସଂଯୋଜକ ନୀଳମଣି ପଟେଲଙ୍କ ସଭାପତିତ୍ୱ ଓ ସୁଲେକେଲା ହାଇସ୍କୁଲ ବିଜ୍ଞାନ ଶିକ୍ଷକ ପଦ୍ମମୁଖ ପାଣିଗ୍ରାହୀଙ୍କ ପରିଚାଳନାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ବ୍ଲକ ଶିକ୍ଷାଧିକାରୀ ବୈକୁଣ୍ଠ ନାଥ ଶବର ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ବେଲପଡା ବ୍ଲକ ଶିକ୍ଷା ଅଧିକାରୀ ଚତୁର୍ଭୁଜ ମିର୍ଦ୍ଧା, ଜଗବନ୍ଧୁ ମିର୍ଦ୍ଧା ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ବିଓାଧିକାରୀ ସନାତନ ଠାକୁର ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ବ୍ଲକର ୨୫ ହାଇସ୍କୁଲ, ଶିଶୁ ମନ୍ଦିର ତଥା ଆସ୍ଥା ପବ୍ଲିକ ସ୍କୁଲର ପ୍ରଧାନ ଶିକ୍ଷକ, ସମସ୍ତ ବିଜ୍ଞାନ ଶିକ୍ଷକ ଓ ସିଆରସିସିମାନେ ଯୋଗ ଦେଇଥିଲେ। ଆଲୋଚନାକ୍ରମେ ବେଲପଡା ଦୀନରଘୁ ମହେର ଉଚ୍ଚବିଦ୍ୟାଳୟରେ ଆସନ୍ତା ୧୨ରୁ ୧୪ତାରିଖ ୩ଦିନ ପର୍ଯ୍ୟନ୍ତ ଜିଲାସ୍ତରୀୟ ବିଜ୍ଞାନ ମେଳା ହେବା ପାଇଁ ସ୍ଥିରୀକୃତ ହୋଇଛି । ସଭାର ଦ୍ୱିତୀୟ ପର୍ଯ୍ୟାୟରେ ବିଜ୍ଞାନମେଳା ପରିଚାଳନା ପାଇଁ ବିଭିନ୍ନ କମିଟି ଗଠନ କରାଯାଇଥିଲା। ଶେଷରେ ଯୁବା ହାଇସ୍କୁଲ ପ୍ରଧାନଶିକ୍ଷକ ଗୋପାଳ ଚନ୍ଦ୍ର ମେହେର ଧନ୍ୟବାଦ ଅର୍ପଣ କରିଥିଲେ।




ବିଜ୍ଞାନ ମେଳା ପାଇଁ ପ୍ରସ୍ତୁତି ବୈଠକରେ ଉପସ୍ଥିତ ଅତିଥିମାନେ।

## ଜିଲାସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ: ମଧ୍ୟପୁର ଚାମ୍ପିୟନ

**ବେଲପଡା, ୫।୧୧(ଡି.ଏନ.ଏ.)**



ଫାଇନାଲ ମ୍ୟାଚରେ ଉଭୟ ଦଳର ଖେଳାଳିଙ୍କ ସହ ଅତିଥିମାନେ।

ବଲାଙ୍ଗୀର ଜିଲା ବେଲପଡା ବ୍ଲକ ତଲିପଡା ସୁବାଷ ଯୁବକ ସଂଘ ଆନୁକୂଲ୍ୟରେ ସ୍ଥାନୀୟ ଗିରିଗୋବର୍ଦ୍ଧନ ଖେଳପଡିଆରେ ଗତ ୨୮ତାରିଖଠାରୁ ଚାଲିଥିବା ଫୁଟବଲ ଟୁର୍ଣ୍ଣାମେଣ୍ଟର ମଙ୍ଗଳବାର ଥିଲା ଫାଇନାଲ ଦିବସ। ଫାଇନାଲ ଖେଳ ମଧ୍ୟପୁର ବନାମ କଣ୍ଟାବାଞ୍ଜି ମଧ୍ୟରେ ହୋଇଥିଲା। ଏଥିରେ କଣ୍ଟାବାଞ୍ଜିକୁ ୨-୦ଗୋଲରେ ପରାସ୍ତ କରି ମଧ୍ୟପୁର ବଜୟୀ ହୋଇଥିଲା। ବୁଲୁ ବଗର୍ତ୍ତୀ ଓ ଦାରାସିଂ ପୁଟେଲଙ୍କ ପରିଚାଳନାରେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଆସ୍ଥା ପବ୍ଲିକ ସ୍କୁଲର ଚେୟାରମ୍ୟାନ ଶଙ୍କର ପ୍ରସାଦ ଜୈନ ଯୋଗଦେଇ ଚାମ୍ପିୟନ ମଧ୍ୟପୁର ଦଳକୁ କପ ସହ ନଗଦ ୬୦୦୦ ଟଙ୍କା ପୁରସ୍କାର ପ୍ରଦାନ କରିଥିଲେ । ଉପବିଜେତା କଣ୍ଟାବାଞ୍ଜିକୁ ସମ୍ମାନୀତ ଅତିଥି ଗଣେଶ କୁମ୍ଭାର ରନର୍ସ କପ ସହ ୪୦୦୦ ଟଙ୍କା ପ୍ରଦାନ କରିଥିଲେ । ମଧ୍ୟପୁର ଦଳର ସମାରୁ ହାତିଖୁଜିଆଙ୍କୁ ମ୍ୟାନ ଅପ ଦ ମ୍ୟାଚ, ଭୁବନ ଷାଣ୍ଡଙ୍କୁ ମ୍ୟାନ ଅପ ଦ ସରିଜ ପୁରସ୍କାର ସମାନିତ ଅତିଥି ବେଲପଡା ସରପଞ୍ଚ ମହାଦେବ ମେହେର ଓ ଦୁର୍ଯ୍ୟୋଧନ କୁମ୍ଭାର ପ୍ରଦାନ କରିଥିଲେ । ଖେଳକୁ ରେଫରୀ ଚୈତନ୍ୟ ସାହୁ, ତ୍ରିନାଥ ଚନ୍ଦନ, ବିଜୟ ଖମାରୀ ପରିଚାଳନା କରିଥିଲେ । ସୁବାଷ ଯୁବକ ସଂଘର ଟିମ ମ୍ୟାନେଜର ନରୋତ୍ତମ ସେଠ, ସଭାପତି ଯୁଧିଷ୍ଠିର ସେଠ, ସମ୍ପାଦକ ବାଦଲ ଗୁରୁ, ସହସମ୍ପାଦକ ରବିନ୍ଦ୍ର ପୁଟେଲଙ୍କ ତତ୍ତ୍ୱାବଧାନରେ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଥିଲା ।



ଅହଂଭାବଟି ତୁମକୁ ଟିକିଏ ଫୁଲେଇ ଦେଇପାରେ, କିନ୍ତୁ ତାହା ବୋଲି ତୁମକୁ ଉପରକୁ ଉଠାଇ ପାରିବ ନାହିଁ।
- ଜନ୍ ରସ୍କିନ୍

## ସଂକ୍ଷେପରେ

### ଯୁବକଙ୍କୁ ଟାଙ୍ଗିଆରେ ହାଣି କ୍ଷତାକ୍ତ କରିବା ଘଟଣା ଅଭିଯୁକ୍ତଙ୍କୁ ୩ ବର୍ଷ ସଶ୍ରମ କାରାଦଣ୍ଡାଦେଶ

ନୂଆପଡା ଅଫିସ,୫।୧୧

ନୂଆପଡା ଜିଲା ଖଡିଆଳ ଥାନା ଅନ୍ତର୍ଗତ ଉପରପିଟା ଲାଞ୍ଜି ଗାଁର ଅଶୋକ ମାଝି (୩୪) ନାମକ ଜଣେ ଯୁବକ ସେହି ଗାଁର ଅନ୍ୟ ଜଣେ ବ୍ୟକ୍ତିଙ୍କୁ ଟାଙ୍ଗିରେ ଗୋଡାଇ ଗୋଡାଇ ମାରିବା ଘଟଣାର ରାୟ ପ୍ରକାଶ ପାଇଛି। ଘଟଣାର ବିଚାର କରି ଖଡିଆଳ ଜେଏମଏଫସି ଅଭିଯୁକ୍ତଙ୍କୁ ୩ବର୍ଷ ସଶ୍ରମ କାରାଦଣ୍ଡାଦେଶ ଶୁଣାଇଛନ୍ତି । ଏଥିସହ ୫ ହଜାର ଟଙ୍କା ଜରିମାନା କରିଛନ୍ତି । ଏଥିରେ ସରକାରଙ୍କ ପକ୍ଷରୁ ଯୁବ ପିପି ଅଖମଲ ସରିଫ ଏବଂ ଆଦିତ୍ୟ ମହାପାତ୍ର ପରିଚାଳନା କରୁଥିଲେ । ବିବରଣୀ ମତେ ଅଶୋକଙ୍କ ଏଭଳି ଉନନ୍ତ କାଣ୍ଡ ପରେ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଏହାକୁ ନେଇ କୋର୍ଟରେ ଦଫା ୨୯୪ ,୩୨୬, ୫୦୬ ମାମଲା ଜିଆର ନଂ.୧୩୮/୧୯ ବିଚାରାଧୀନ ଥିଲା । ମାଜିଷ୍ଟ୍ରେଟ ଶ୍ରଦ୍ଧା ମଣ୍ଡୋଟିଆ ସାକ୍ଷ୍ୟ ଗ୍ରହଣ କରି ଏଭଳି ଦଣ୍ଡାଦେଶ ଶୁଣାଇଛନ୍ତି ।

■ ଦଳିତ ମଞ୍ଚର ନ୍ୟାୟ ପଦଯାତ୍ରା ନୂଆପଡ଼ାରେ ପହଞ୍ଚିଲା

# ଜିଲାପାଳଙ୍କ ଅଫିସ ଘେରାଉ, ଦାବିପତ୍ର

ନୂଆପଡା ଅଫିସ,୫।୧୧

ଜିଲାର ବିଭିନ୍ନ ସମସ୍ୟା ନେଇ ଜିଲା ତଥା ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଜିଲା ଦଳିତ ଏକତା ମଞ୍ଚ ପକ୍ଷରୁ ଜିଲାବ୍ୟାପି ପଦଯାତ୍ରା ଚାଲିଥିବାବେଳେ ମଙ୍ଗଳବାର ନୂଆପଡାରେ ଆସି ପହଞ୍ଚିଛି। ଜିଲାପାଳ ଅଫିସ ଘେରାଉ କରାଯାଇ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛ। ସୂଚନାଯୋଗ୍ୟ ଯେ, ଆଜକୁ ୨ ଦିନ ତଳେ ଜିଲା ଦଳିତ ଅଧିକାର ମଞ୍ଚ ପକ୍ଷରୁ ଖଡିଆଳଠାରୁ ଏକ ପଦଯାତ୍ରା ବାହାରିଥିଲା । ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ନୂଆପଡାରେ ଆସି ପହଞ୍ଚିଲା। ଶୋଭାଯାତ୍ରାରେ ସହର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଏକତ୍ର ହୋଇଥିଲେ। ସେଠାରେ ଦୀର୍ଘ ସମୟ ଧରି ନାରାବାଜି କରି ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ଜିଲାପାଳଙ୍କ ପକ୍ଷରୁ ଅତିରିକ୍ତ ଜିଲାପାଳ ସୀତାରାମ ପଟେଲ ଦାବିପତ୍ର ଗ୍ରହଣ କରିଥିଲେ। ଏଥିରେ ଜିଲାର ଖଡିଆଳ, କୋମନା, ବୋଡେନ, ତରବୋଡର ବହୁ କର୍ମକର୍ତ୍ତା ସାମିଲ ଥିଲେ। ଦାବିପତ୍ରରେ ଜିଲାରେ ବିଭିନ୍ନ ଅନ୍ୟାୟ ଅତ୍ୟାଚା ଚାଲୁଥିବା ବେଳେ ପ୍ରଶାସନ ପକ୍ଷରୁ କୌଣସି ପ୍ରତିକାର ବ୍ୟବସ୍ଥା ଗ୍ରହଣ କରାଯାଉନାହିଁ। ଗତ ଦିନରେ ଜିଲାରେ ଅନାହାର ମୃତ୍ୟୁ, ବେଆଇନ ମଦ ବିକ୍ରି, କୃଷି ବୀମା ଟଙ୍କା ନ ମିଳିବା, ଦାଦନ ଚାଲାଣ ହେଉଥିବା ବେଳେ ଜାତୀୟ ରାଜପଥ ନିର୍ମାଣ କାମ ଶେଷ ହୋଇ ନ ଥିବାରୁ ଜିଲାବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହା ଉପରେ ଦଳିତ ଅଧିକାର ମଞ୍ଚ ପକ୍ଷରୁ ବିଭିନ୍ନ ସମୟରେ ଦାବି କରାଯାଇଥିଲା ମଧ୍ୟ କାର୍ଯ୍ୟାନୁଷ୍ଠାନ ଶୂନ ଥିଲା । ଏହା ଉପରେ ଦୃଷ୍ଟି ଦିଆଯିବ ବୋଲି ଅତିରିକ୍ତ ଜିଲାପାଳ ପ୍ରତିଶ୍ରୁତି ଦେଇଛନ୍ତି ।



ମଞ୍ଚ କର୍ମକର୍ତ୍ତାମାନେ ରାଲିରେ ଜିଲାପାଳଙ୍କ କାର୍ଯ୍ୟାଳୟ ଅଭିମୁଖେ ଯାଉଛନ୍ତି।

## ଲଖନା ରେଳ ଷ୍ଟେଶନରୁ ୬ ଦାଦନ ଶ୍ରମିକ ଉଦ୍ଧାର

କୋମନା,୫।୧୧(ଡି.ଏନ.ଏ.)

ନୂଆପଡା ଜିଲା କୋମନା ବ୍ଲକ ଲଖନା ରେଳ ଷ୍ଟେଶନରୁ ପୋଲିସ ୬ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରିଛି। ଦାଦନ ଦଲାଲ ବସନ୍ତ ସୁନାନୀଙ୍କୁ ଗିରଫ କରିଛି। ଲଖନା ପୋଲିସର ସହାୟତାରେ ସମସ୍ତ ଉଦ୍ଧାର ଶ୍ରମିକଙ୍କୁ ନିଜ ଗାଁରେ ଛାଡିଦେଇଥିବା ଜଣାପଡିଛି। ସୂଚନା ଅନୁସାରେ ବରଗଡ ଜିଲା ପାଇକମାଲ ଥାନା ଚୁହାପାଲି ଗାଁର ୪ ଜଣ ଓ ଲଖନା ଥାନା ମୁରଲିବାହାଲ ଗାଁର ୨ ଜଣ ଶ୍ରମିକଙ୍କୁ ସ୍ଥାନୀୟ ମୁରଲିବାହାଲ ଗାଁର ଦଲାଲ ବସନ୍ତ ସୁନାନୀ ହାଇଦ୍ରାବାଦ ସହରକୁ ଟ୍ରେନ୍ ଯୋଗେ ଚାଲାଣ କରୁଥିଲେ। କୌଣସି ସୂତ୍ରରୁ ଖବର ପାଇ ଲଖନା ପୋଲି ଲଖନା ଷ୍ଟେଶନରେ ଚଡାଉ କରି ୬ ଶ୍ରମିକଙ୍କୁ ଉଦ୍ଧାର କରିବା ସହ ଦଲାଲଙ୍କୁ ଗିରଫ କରିଛି। ଏ ନେଇ ଲଖନା ପୋଲିସ ଏକ ମାମଲା (ନଂ.୬୫/୧୯) ରୁଜୁ କରି ଦଲାଲ ବସନ୍ତଙ୍କୁ କୋର୍ଟ ଚାଲାଣ କରିଥିବା ଥାନାଧିକାରୀ ତପନ କୁମାର ଦାସ ସୂଚନା ଦେଇଛନ୍ତି ।



ଉଦ୍ଧାର ଦାଦନ ଶ୍ରମିକମାନେ।

## ଭଗବାନ ଶ୍ରୀକୃଷ୍ଣଙ୍କ ଗୋଷ୍ଠାଷ୍ଟମୀ ପୂଜା

ଖଡିଆଳ,୫।୧୧(ଡି.ଏନ.ଏ.)

ନୂଆପଡା ଜିଲା ଖଡିଆଳ ବ୍ଲକ ଠକପାଲି ଗ୍ରାମରେ ଭଗବାନ ଶ୍ରୀକୃଷ୍ଣଙ୍କ ଗୋଷ୍ଠାଷ୍ଟମୀ ପୂଜା ପାଳିତ ହୋଇଯାଇଛି। ପୂଜାକୁ ସ୍ଥାନୀୟ ଯାଦବ ସମ୍ପ୍ରଦାୟର ଲୋକମାନେ ଦୀର୍ଘ ୧୦ ବର୍ଷ ଧରି କୃଷ୍ଣଙ୍କ ସହ ଗୋପୂଜାକୁ ପାଳନ କରି ଆସୁଛନ୍ତି। ଏବର୍ଷ ମଧ୍ୟ କାର୍ତ୍ତିକ ମାସ ଶୁକ୍ଳପକ୍ଷ ଅଷ୍ଟମୀଦିନଠାରୁ ୩ ଦିନ ଧରି ଗୋଷ୍ଠାଷ୍ଟମୀ ପୂଜା ପାଳନ କରାଯାଉଛି। ଏହି ଅବସରରେ ପ୍ରଥମେ ଶତାଧିକ ଯାଦବ ମହିଳା କଳସ ଯାତ୍ରା କରିଥିବା ବେଳେ ଯାଦବମାନଙ୍କ ପାରମ୍ପାରିକ ବନାବାଡି, ନୃତ୍ୟ, ଘୁମୁରା ନୃତ୍ୟ ଓ ସଂକୀର୍ତ୍ତନ ବାଜା ବଜାଇ ଶୋଭାଯାତ୍ରାରେ ନଗର ପରିକ୍ରମା କରିଥିଲେ। ପରେ ଗୋଷ୍ଠାଷ୍ଟମୀ ପୂଜା ମଣ୍ଡପକୁ ପହଞ୍ଚିଥିଲେ। ଭଗବାନ ଶ୍ରୀକୃଷ୍ଣଙ୍କ ମୃଣ୍ମୟୀ ମୂର୍ତ୍ତିଙ୍କୁ ଶୋଡଷ ଉପଚାରରେ ହୋମଯଜ୍ଞ ସହ ମନ୍ତ୍ରପାଠରେ ପୂଜା ଅର୍ଚ୍ଚନା କରାଯାଇଛି। ଏଥିସହ ପ୍ରତିଦିନ ସକାଳ ଓ ସନ୍ଧ୍ୟାରେ ଆଳତି ଓ ଅନ୍ନଭୋଗ ଦ୍ୱାରା ପୂଜା କରାଯାଇଛି। ସେହିଭଳି ଦର୍ଶକମାନଙ୍କ ମନୋରଞ୍ଜନ ପାଇଁ ରାତ୍ରିରେ ଘୁମୁରା ନୃତ୍ୟ, ଦଣ୍ଡନୃତ୍ୟ, ନୃତ୍ୟଗୀତ ପ୍ରତିଯୋଗିତା ଓ ପ୍ରବଚନ ଭଳି ସାଂସ୍କୃତିକ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି। ଏହାକୁ ଦେଖିବା ପାଇଁ ପ୍ରତିଦିନ ହଜାର ହଜାର ଦର୍ଶକ ଓ ଭକ୍ତମାନଙ୍କ ଭିଡ ଦେଖିବାକୁ ମିଳୁଛି। ସେହିପରି ପୂଜା ମଣ୍ଡପକୁ ସୁଉଚ୍ଚ ତୋରଣ ସାଙ୍ଗକୁ ରଙ୍ଗୀନ ଆଲୋକ ସାଜସଜ୍ଜାରେ ଝଲସି ପଡୁଛି। ପୂଜାରେ କର୍ତ୍ତା ଭାବେ ଚକ୍ରଧର ପୋଡ଼ ଏବଂ ନଳିନୀ ପୋଡ଼ ତୁଲାଇଥିବା ବେଳେ କମିଟି ସଭାପତି କିର୍ତ୍ତନ ପୋଡ଼ ଓ ସଦସ୍ୟ ହେମଲାଲ ମିଶ୍ର, ଚୂଡାମଣି ପୋଡ଼, ଅଞ୍ଜଳି ପୋଡ଼ ସହଯୋଗ କରିଥିବା ବେଳେ ପୂଜକ ଭାବେ ହେମଲାଲ ମିଶ୍ର କାର୍ଯ୍ୟ ତୁଲାଇଥିଲେ।



ଖଡିଆଳ ବ୍ଲକ ଠକପାଲି ଗ୍ରାମରେ ଅନୁଷ୍ଠିତ ଗୋଷ୍ଠାଷ୍ଟମୀ ପୂଜା।

■ ଭାଜପା ପକ୍ଷରୁ ସ୍ମିତାରାଣୀ ଘଟଣାରେ କାର୍ଯ୍ୟାନୁଷ୍ଠାନ ଦାବି

# ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର



ଜିଲାପାଳଙ୍କ ଅଫିସ ସମ୍ମୁଖରେ ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ଧାରଣା ଦିଆଯାଇଛି।

ନୂଆପଡା ଅଫିସ,୫।୧୧

**ମହିଳା ଘେରିଲେ ଜିଲାପାଳ ଅଫିସ**

ରାଜ୍ୟରେ ମହିଳାମାନଙ୍କ ଉପରେ ଦିନକୁ ଦିନ ଅତ୍ୟାଚାର ବଢିବାରେ ଲାଗିଛି। ରାଜ୍ୟ ସରକାର ନିଦାବିଷ୍ଟ ହୋଇ ଦେଖୁଛନ୍ତି। ଏହାର ପ୍ରତିବାଦରେ ରାଜ୍ୟ ଭାଜପାର ନିର୍ଦ୍ଦେଶକ୍ରମେ ମଙ୍ଗଳବାର ଜିଲା ମହିଳା ମୋର୍ଚ୍ଚା କର୍ମକର୍ତ୍ତାମାନେ ଜିଲାପାଳଙ୍କ ଅଫିସ ଘେରାଉ କରିଥିବା ବେଳେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ପୂର୍ବାହ୍ନ ୧୧ଟାରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ମହିଳା ମଣ୍ଡଳ ସଭାନେତ୍ରୀ ଜେମା ମଞ୍ଜରୀ ପାଣ୍ଡେଙ୍କ ସଭାପତିତ୍ୱରେ ଏକ ପ୍ରତିବାଦ ସଭା ହୋଇଥିଲା। ଏଥିରେ ରାଜ୍ୟ ଭାଜପା ଉପସଭାପତି ପ୍ରସନ୍ନ କୁମାର ପାଢୀ, ମନିଜର ଆର୍ଯ୍ୟ, ସୁଶାନ୍ତ କୁମାର ପତି, ତୁଳସ ପଟେଲ, ସରୀତା ସିଂ ଠାକୁର ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ମହିଳା ବିରୋଧୀ ଭାବନା ଉପରେ ସମାଲୋଚନା କରିଥିଲେ। ସାରା ଓଡିଶାରେ ମହିଳା ଅସୁରକ୍ଷିତ ହୋଇପଡିଛନ୍ତି। ଯାଜପୁର ଏବଂ କେନ୍ଦ୍ରାପଡା ଜିଲାରେ ଘଟିଥିବା ଘଟଣା ଏହାକୁ ସ୍ପଷ୍ଟ କରୁଛି ବୋଲି କହିଥିଲେ। ସ୍ମିତା ରାଣୀ ଘଟଣାରେ ସରକାର ପକ୍ଷପାତିତା ଅବଲମ୍ବନ କରୁଛନ୍ତି ବୋଲି ଅଭିଯୋଗ ଆଣିଥିଲେ। ଏହି ଘେରାଉରେ ବହୁ ମହିଳା ନେତ୍ରୀମାନେ ଯୋଗଦେଇଥିଲେ। ଶେଷରେ ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା।

## ଡିଖାଲୀ ପାର୍କରେ ଜିଲାସ୍ତରୀୟ ଚିତ୍ରଶିଳ୍ପୀ ସଂଘ ଗଠିତ

କୋମନା,୫।୧୧(ଡି.ଏନ.ଏ.)

ନୂଆପଡା ଜିଲା କୋମନା ବ୍ଲକ ଡିଖାଲୀ ପାର୍କରେ ଜିଲାସ୍ତରୀୟ ଚିତ୍ରଶିଳ୍ପୀ ସଂଘର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲାର କୋଣ ଅଣୁକୋଣରୁ ନୂତନ ଓ ପୁରାତନ ଚିତ୍ରଶିଳ୍ପୀ ଯୋଗଦେଇଥିଲେ। ପ୍ରାରମ୍ଭରେ ଚିତ୍ରଶିଳ୍ପୀମାନଙ୍କ ବିଭିନ୍ନ ସମସ୍ୟା ଉପରେ ବସ୍ତୁତ ଭାବେ ଆଲୋଚନା ପରେ ଏକ ଜିଲାସ୍ତରୀୟ କମିଟି ଗଠନ କରିବା ପାଇଁ ପ୍ରସ୍ତାବ ଗୃହିତ ହୋଇଥିଲା। ଏଥିରେ କୋମନା ସହର ବିଶିଷ୍ଟ କଳାକାର ଗଉରାଙ୍ଗ ମଲ୍ଲିକଙ୍କୁ ସର୍ବସମ୍ମତିକ୍ରମେ ସଭାପତି ଭାବେ ମନୋନୀତ କରାଯାଇଛି। ଉପସଭାପତି ଭାବେ ଦେବେଶ ହୋତା, ସାଧାରଣ ସମ୍ପାଦକ ସୁଖୀରାମ ଜାଲ, ସହ ସମ୍ପାଦକ ଭାବେ ବିଷ୍ଣୁପ୍ରସାଦ ମେହେର, କୋଷାଧ୍ୟକ୍ଷ ମୂରଲୀଧର ସାହୁ ଓ ସଂଯୋଜକ ଭାବେ ମହେନ୍ଦ୍ର ମାଝି ପ୍ରମୁଖଙ୍କୁ ମନୋନୀତ କରାଯିବା ସହ ସମସ୍ତ ନୂତନ କମିଟିର ପଦାଧିକାରୀଙ୍କୁ ଫୁଲମାଳା ଦେଇ ସ୍ୱାଗତ କରାଯାଇଥିଲା। ପରେ ଚିତ୍ରଶିଳ୍ପୀମାନେ କାହିଁକି ସରକାରୀ ତଥା ବେସରକାରୀ କାମରୁ ବଞ୍ଚିତ ରହୁଛନ୍ତି। ସେ ନେଇ ସଂଘ କର୍ମକର୍ତ୍ତା ଏକହୋଇ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବା ପାଇଁ ସ୍ଥିର ହୋଇଥିଲା। ସରକାରୀ ସଚେତନତା କାର୍ଯ୍ୟକ୍ରମରେ ହାତ ଲେଖାକୁ ବନ୍ଦ କରି ଫ୍ଲେକ୍ସ ବ୍ୟାନର ବ୍ୟବହାର କରିବା ଦ୍ୱାରା ଚିତ୍ରଶିଳ୍ପୀମାନଙ୍କ ପେଟପାଟଣରେ ବାଧାପ୍ରାପ୍ତ ହେଉଥିବା ଭଳି ଅନେକ ସମସ୍ୟା ଉପରେ ଆଲୋଚନା କରାଗଲା। ଏଥିରେ ଚିତ୍ରଶିଳ୍ପୀ ମକୁନ୍ଦ ଚିନାଗୁନ, ମନୋଜ ବନ୍‌ଛୋର, ଦେବାର୍ଚ୍ଚନ ମାଝି, କିଶୋର ମାଝି, ମହେନ୍ଦ୍ର ମାଝି, ନିଳାମ୍ବର ମାଝି, ଗଙ୍ଗାଧର ଦଣ୍ଡସେନା, ଦେବରାଜ ମେହେର, ସକେଶ ପଟେଲ, ଜୋଗେନ୍ଦ୍ର ପଟେଲ, ଡଲୁ କଇବର୍ତ୍ତ ପ୍ରମୁଖ ଉପସ୍ଥିତ ଥିଲେ।




ଜିଲାସ୍ତରୀୟ ଚିତ୍ରଶିଳ୍ପୀ ସଂଘର କର୍ମକର୍ତ୍ତାମାନେ ।

## ବଣାଇରେ ବିଏସ୍‌ଏନ୍‌ଏଲ୍ ସେବା ବାଧାପ୍ରାପ୍ତ

ବଣାଇ, ୫।୧୧(ସ୍ୱ.ପ୍ର)

ବଣାଇ ଅଞ୍ଚଳରେ ଏକମାତ୍ର ଭରସାଯୋଗ୍ୟ ଭାବେ ବିବେଚନା କରାଯାଉଥିବା ବିଏସ୍‌ଏନ୍‌ଏଲ୍ (ଭାରତ ସଞ୍ଚାର ନିଗମ ଲିମିଟେଡ୍) ସେବା ଗତ କିଛିଦିନ ହେବ ନିୟମିତ ବିଭ୍ରାଟ ହେବାରେ ଲାଗିଛି। ବିଶେଷକରି ନୂତନ ଭାବେ ରାଉରକେଲାରୁ ଗୁରୁଣ୍ଡିଆ ଦେଇ ପୂର୍ତ୍ତ ବିଭାଗ ରାସ୍ତା ପାର୍ଶ୍ୱରେ ଅପଟିକାଲ ଫାଇଭର କେବୁଲ ବିଛାଇ ଏ ଅଞ୍ଚଳକୁ ବିଏସ୍‌ଏନ୍‌ଏଲ୍ ସେବା ଯୋଗାଇ ଦେଇଛନ୍ତି। ତେବେ ଅଧିକାଂଶ ସମୟ ଏହି ରାସ୍ତା ପାର୍ଶ୍ୱରେ ଥିବା କେବୁଲଗୁଡିକରେ ତ୍ରୁଟି ରହୁଥିବାରୁ ଏଠାରେ ବାରମ୍ବାର ବିଭ୍ରାଟ ଲାଗି ରହୁଛି। ଫଳରେ ବହୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଏଠାରେ ବାଧାପ୍ରାପ୍ତ ହେଉଥିବା ବେଳେ ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଠାରେ ଦୀର୍ଘ ୨୦ଘଣ୍ଟା ଧରି ବିଏସ୍‌ଏନ୍‌ଏଲ୍ ସେବା ଠପ ହୋଇ ପଡିଥିବା ବେଳେ ଏହାର ସ୍ଥାୟୀ ପ୍ରତିକାର କରିବା ପାଇଁ ସ୍ଥାନୀୟ ଅଞ୍ଚଳର ଉପଭୋକ୍ତା, ବୁଦ୍ଧିଜୀବୀ ଦାବି ଜଣାଇଛନ୍ତି।

# ଖୁଣ୍ଟ ନାହିଁ କି ବିଦ୍ୟୁତ୍ ସଂଯୋଗ ନାହିଁ, ଉପଭୋକ୍ତାଙ୍କ ନାଁରେ ଆସୁଛି ବିଦ୍ୟୁତ୍ ବିଲ୍

ଭବାନୀପାଟଣା,୫।୧୧(ଡି.ଏନ.ଏ.)

ବିଦ୍ୟୁତ୍ ବିଭାଗର ବିଚିତ୍ର ନୀତି। ବିଦ୍ୟୁତ୍ ସଂଯୋଗ ନ ଥାଇ ଉପଭୋକ୍ତାଙ୍କ ନାଁରେ ବିଦ୍ୟୁତ୍ ବିଲ ଆସୁଛି। ଜଣେ କି ଦୁଇ ଜଣ ନୁହେଁ ସମଗ୍ର ଗାଁରେ ଥିବା ଉପଭୋକ୍ତାଙ୍କ ନାଁରେ ବିଲ ଆସୁଛି। କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ଅନ୍ତର୍ଗତ ଗୋପାଳପୁର ପଞ୍ଚାୟତ ଅଧୀନସ୍ଥ ବେନ୍ଦାଝୋଲା ଗ୍ରାମ ଉପରପଡାରୁ ଏଭଳି ଅଭିଯୋଗ ଆସିଛି। ଉକ୍ତ ବ୍ଲକ ଅନ୍ତର୍ଗତ ଗୋପାଳପୁର ପଞ୍ଚାୟତ ଅଧୀନ ବେନ୍ଦାଝୋଲା ଗ୍ରାମ ଉପରପଡାର ୩୦ ପରିବାର ଅନ୍ଧାରରେ ରହୁଥିବା ବେଳେ ଅନେକ ସମୟରେ ବନ୍ୟ ଜନ୍ତୁ ଓ ବିଷାକ୍ତ ସାପଙ୍କ ଦ୍ୱାରା ପ୍ରଭାବିତ ହେଉଛନ୍ତି। ଏ ନେଇ ଗ୍ରାମବାସୀ ବ୍ଲକ ପ୍ରଶାସନଠାରୁ ଆରମ୍ଭ କରି ଜିଲା ପ୍ରଶାସନ ଓ ସରପଞ୍ଚଙ୍କଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିସାରିଛନ୍ତି। ଏହି ଅଭିଯୋଗ ପରେ ଜିଲାପାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୱେସ୍କୋ କଳାହାଣ୍ଡି (ପଶ୍ଚିମ ଖଣ୍ଡ) ପକ୍ଷରୁ କଲମପୁର ସେକ୍ସନ ଅଧୀନରେ ଥିବା ବେନ୍ଦାଝୋଲା ଉପରପଡା ଲୋକଙ୍କ ସୁବିଧା ପାଇଁ କେନ୍ଦ୍ର ସରକାରଙ୍କ ସୌଭାଗ୍ୟ ଯୋଜନାରେ ବିଦ୍ୟୁତ୍ ସଂଯୋଗର ବ୍ୟବସ୍ଥା କରାଯାଇଥିଲା। ଲୋକଙ୍କ ଆଶା ଥିଲା ବିଦ୍ୟୁତ୍ ସଂଯୋଗ ମିଳିବ, ନିଜ ପିଲା ବିଦ୍ୟୁତ୍ ଆଲୁଅରେ ପାଠ ପଢିବାର ସୁଯୋଗ ପାଇବେ। ବିଭାଗ ପକ୍ଷରୁ ନିୟୋଜିତ ସଂସ୍ଥା ଗ୍ରାମର ଉପଭୋକ୍ତାଙ୍କ ତାଲିକା ପ୍ରସ୍ତୁତ କରିବା ସହ ଅନେକ ଉପଭୋକ୍ତାଙ୍କ ଘରେ ବିଦ୍ୟୁତ୍ ବଲ୍‌ବ, ମିଟର ଓ ବୋର୍ଡ ଲଗାଯାଇ ସାରିଥିଲେ ମଧ୍ୟ ଅଦ୍ୟାବଧି ଗ୍ରାମକୁ ସଂଯୋଗ ପାଇଁ ବିଦ୍ୟୁତ୍ ଖୁଣ୍ଟ ପୋତାଯାଇ ନାହିଁ କି କୌଣସି ବିଦ୍ୟୁତ୍ ତାର ସଂଯୋଗ ହୋଇ ନାହିଁ। କିନ୍ତୁ ଗ୍ରାମର ଦିଆଲୁ ମାଝି, ଲକ୍ଷ୍ମୀଧର ମାଝି, ତୁଳସୀରାମ ମାଝି, ଗାଙ୍ଗାଧର ମାଝି ଓ ସୁନାଧର ମାଝି ପ୍ରମୁଖଙ୍କ ନାଁରେ ବିଦ୍ୟୁତ ବ୍ୟବହାର କରୁଥିବା ନେଇ ଦେୟ ପୈଠ ପାଇଁ ବିଲ ଆସିଛି। ବିଦ୍ୟୁତ୍ ସଂଯୋଗ ନ ଥାଇ କିଭଳି ବିଲ ଆସିଲା ସେ ନେଇ ଗ୍ରାମବାସୀ ପ୍ରଶ୍ନ କରୁଥିବା ବେଳେ କୌଣସି ଅଧିକାରୀଙ୍କ ପାଖରେ ଠିକ ଉତ୍ତର ମିଳୁ ନାହିଁ। ଯେଉଁଥି ପାଇଁ ଆତଙ୍କିତ ଉପଭୋକ୍ତା ଏହାର ସମାଧାନ ପାଇଁ ଜିଲାପାଳଙ୍କଠାରେ ନିବେଦନ କରିଛନ୍ତି। ସୂଚନାଯୋଗ୍ୟ ଯେ, ବିଦ୍ୟୁତ୍ ବିଭାଗର ନିୟମ ଅନୁସାରେ ପ୍ରଥମେ ମିଟର ରିଡିଂ ନେଲା ପରେ ବିଲ ଆସିବ। କିନ୍ତୁ ସଂଯୋଗ ହୋଇ ନ ଥିବା ମିଟର କିଭଳି ରିଡିଂ ଉଠିଲା ଓ କିଏ ରିଡିଂ ନେଲା। ତାହାର ଏକ ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ନିରୀହ, ଗରୀବ ଆଦିବାସୀଙ୍କୁ ନ୍ୟାୟ ଦେବା ପାଇଁ ସାଧାରଣରେ ଦାବି ହେଉଛି। ଅନ୍ୟପଟେ କଲମପୁର ବ୍ଲକ ଅଧୀନ ଗୁମାବାହାଲ ଜାନୀପଡାର ଜଣେ ବିଦ୍ୟୁତ୍ ଉପଭୋକ୍ତାଙ୍କ ମଧ୍ୟ ବିଦ୍ୟୁତ୍ ବିଲ ଆସିଥିବା ଅଭିଯୋଗ ହେଇଛି। ଏହାସହ ଏହି ପଡା ପାଇଁ ଗତ ୪ ବର୍ଷ ପୂର୍ବରୁ ଏକ ୧୦ କେଭି ବିଦ୍ୟୁତ୍ ଟ୍ରାନ୍ସଫର୍ମର ଯୋଗାଇ ଦିଆଯାଇଥିଲା। କିନ୍ତୁ ଏହା ଅଚଳ ହେତୁ ଅଦ୍ୟାବଧି କୌଣସି ଗ୍ରାହକ ଦିନକ ପାଇଁ ବିଦ୍ୟୁତ୍ ସଂଯୋଗ ପାଇନାହାନ୍ତି। ଏସବୁର ତଦନ୍ତ ପାଇଁ ଦାବି ହେଉଛି।

## ବୈଜ୍ଞାନିକ ପରାମର୍ଶଦାତା କମିଟି ବୈଠକ

ନୂଆପଡା ଅଫିସ,୫।୧୧

ସ୍ଥାନୀୟ କୃଷି ବିଜ୍ଞାନ କେନ୍ଦ୍ରରେ ବୈଜ୍ଞାନିକ ପରାମର୍ଶଦାତା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ କୃଷି ସମ୍ପ୍ରସାରଣ ନିର୍ଦ୍ଦେଶାଳୟ ଉପନିର୍ଦ୍ଦେଶକ ଡ. ମନୋରଞ୍ଜନ ମହାପାତ୍ର ସଭାପତିତ୍ୱ କରିଥିବାବେଳେ ଆଟାରୀ କୋଲକାତାର ପ୍ରମୁଖ ବୈଜ୍ଞାନିକ ଡ.ଏସ.କେ. ରଏ ମୁଖ୍ୟଅତିଥି, କୃଷି ବିଜ୍ଞାନ କେନ୍ଦ୍ର ନୂଆପଡା କାର୍ଯ୍ୟକ୍ରମ ଅଧିକାରୀ ଡ. ସ୍ୱାଗତିକା ଶ୍ରୀଚନ୍ଦନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବୈଠକରେ କୃଷି ବିଜ୍ଞାନ କେନ୍ଦ୍ରର ୨୦୧୮-୧୯ବର୍ଷର ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରାଯାଇ ୨୦୧୯-୨୦ବର୍ଷ ସକାଶେ କାର୍ଯ୍ୟାବଳୀ ସକାଶେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ବୈଠକରେ ଜିଲା କୃଷି ଉପନିର୍ଦ୍ଦେଶକ ଜାହେଦ ଖାନ, ଏପିଡି ଜଳ ଛାୟା ମିଶନ ନାରାୟଣ ପାତ୍ର, ଏଡିଏଚ ଖଡିଆଳ ସୁଦେଧ କୁମାର ଚୌଧୁରୀ, ଏଲଡିଏମ ଟିକେଲାଲ କୁମ୍ଭାର, ଭିଏଏସ ବେଲଟୁକୁରୀ ରଞ୍ଜନାମୟୀ ଶବର, ଏନ୍‌ଏଏଫ୍‌ସିସି ଲକ୍ଷ୍ମୀକାନ୍ତ ତ୍ରିପାଠୀ, ଓଏଲଏମ କୁଲେଶ୍ୱର ମାଝି ପ୍ରମୁଖ ଯୋଗଦେଇଥିଲେ। କୃଷି ବିଜ୍ଞାନ କେନ୍ଦ୍ର ସମସ୍ତ ବୈଜ୍ଞାନିକ, କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




ବୈଜ୍ଞାନିକ ପରାମର୍ଶ ଦାତା କମିଟି ବୈଠକରେ ମଞ୍ଚାସୀନ ଅତିଥିବୃନ୍ଦ।

■ ଅର୍ତ୍ତଲରେ ବହପୁଛେ କିଡ୍‌ନୀ ରୋଗ୍

# ୨ ବଛରେ ଗଲାନ ୭ ଜୀବନ୍, ୯ ଆକ୍‌ରାଁତ

ଭବାନୀପାଟଣା,୫।୧୧(ଡି.ଏନ୍.ଏ.)

କଳାହାଣ୍ଡି ଜିଲା ଭବାନୀପାଟଣା ସଦର ବ୍ଲକ ଅର୍ତ୍ତଲ ଗାଁରେ କିଡ୍‌ନୀ ରୋଗ୍‌ର ଆତଁକ୍ ଦେଖାଦେଇଛେ। ଦୁଇ ବଛର ଭିତରେ ଗାଁରେ କିଡ୍‌ନୀ ରୋଗ୍‌ରେ ୭ ଝନ୍‌କର ଜୀବନ୍ ଗଲାନ। ଏହେଦେ ବି ଗାଁର ୯ ଝନ୍ ରୁଗୀ ଜୀବନ୍ ମରନ୍ ସଂଗେ ଯୁଝୁଛନ୍। ସୂଚନା ଅନ୍‌ସାରେ ଅର୍ତ୍ତଲ ଗାଁରେ ୨ ବଛର ଭିତରେ କିଡ୍‌ନୀ ରୋଗ୍‌ରେ କୈକେୟୀ ମାଝି(୪୮), ଯୁବରାଜ ଯୋଷୀ(୩୭), ନଦୀ ପାଣିଗ୍ରାହୀ(୬୦), ମୋତିରାମ ପୁଟେଲ(୫୦), ଘନ ବାଗ(୩୫), ଘସେନ ବାଗ(୫୫) ଆର ଦୈତ ବିଶ୍ୱାଳ(୪୭) ପରମୁଖ ଉଚ ଚିକିଛା ସୁବିଧା ନାଇଁ ପାଇକରି ଆରପାରକେ ଚାଲିଯାଇଛନ୍। ସେନ୍‌ତା ଗାଁର କେଶବ ମାଝି, ଅଲେଖ ଠେଲା, କେଶବ ଠେଲା, କେଶରୀ ଗଉଡ଼, ଭାସ୍କର ପୁଟେଲ, କମ୍ବୁ ବାଗ, ପପି ନାୟକ, କରନପତି ନାଏକ, କାନ୍ତି ମାଝିଙ୍କ ପରମୁଖ ୯ ଝନ୍ ଏହେଦେ ରୋଗ୍‌ରେ ଆକ୍‌ରାଁତ ହେଇ ଜୀବନ୍ ମରନ୍ ସଂଗେ ଯୁଝୁଛନ୍। ଗାଁର ଜଗନ୍ନାଥ ମନ୍ଦିରପଡ଼ା ଆର ଚଚରାପଡ଼ାରେ ରହୁଥିବାର ଲୋକ୍ ଇ ରୋଗ୍‌ରେ ଆକ୍‌ରାଁତ ହେଉଥିବାର ଗାଁବାସୀ କହିଛନ୍। ଅଧିକା ଫ୍ଲୋରାଇଡ୍ ଥିବାର ପାଏନ୍ ବେଭାର ରୋଗ୍‌ର ମୁଖିଆ କାରନ୍ ବଲି ଗାଁରେ ଲୋକ୍ ଚରଚା କରୁଛନ୍। ସେନ୍‌ତା ପାସର ଉଦନ୍ତୀ ନଦୀରୁ ନିରମଲ ପିଇଲା ପାଏନ୍ ଯୁଗେଇ ଦେବାକେ ଗାଁବାସୀ ବାରବାର ପରଶାସନକେ ଗୁହାରି କରି ନିରାଶ ହେଇଥିବାର ଅଭିଯୋଗ କରିଛନ୍। ସେନ୍‌ତା ଇ ରୋଗ୍‌ର ପରତିକାର ଲାଗି ଜିଲା ସୁଆସ୍‌ତିଅ ବିଭାଗ କେହେନ୍‌ସି ପରକାର ପଦକ୍ଷେପ ନାଇଁ ନେବାର। ଯେନ୍‌ଥିରଲାଗି ଗାଁବାସୀକର ଭିତରେ ଅସନ୍‌ତୋଷ ବଢ଼ବାରେ ଲାଗିଛେ। ଇ ବାବ୍‌ଦେ ଆରଡବ୍ଲ୍ୟୁଏସ୍‌ଏସ୍ ଜେଇ ପ୍ରଭାସ ଚନ୍ଦ୍ର ମାଝିଙ୍କୁ ପଚରାଲାରୁ ଅର୍ତ୍ତଲ ଗାଁକେ ଉଦନ୍ତୀ ନଦୀରୁ ପାଏନ୍ ଯୁଗେଇ ଦେବାକେ ପଦକ୍ଷେପ ନିଆଯାଇଛେ ବଲି ସେ କହିଥିଲେ। ସେନ୍‌ତା ଇ ବାବ୍‌ଦେ ସିଡିଏମ୍‌ଓ ଡା.ବନଲତା ଦେବୀଙ୍କୁ ପଚରାଲାରୁ ଘଟନା ବାବ୍‌ଦେ ମୋର ପାସେ ସୂଚନା ନାଇଁଥାଇ। ଯେତେ ଜଲଦି ହେବା ଥିତି ପରଖିବାର ଲାଗି ଗାଁକେ ଗୁଟେ ଡାକ୍‌ତରୀଦଲ ପଠାଯିବା ବଲି ସେ କହିଥିଲେ।



ଆଜିର କାମ ଆସନ୍ତା କାଲିକୁ ବାକି ରଖି ନ ଥିବା ଲୋକ ଜୀବନରେ ସବୁବେଳେ ଆଗରେ ଥାଏ ଏବଂ ଏକ ଉଜ୍ଜ୍ୱଳମୟ ଭବିଷ୍ୟତ ସେହି କର୍ମବୀର ପାଇଁ ଅପେକ୍ଷା କରିଥାଏ।
- ଟମାସ କାର୍ଲାଇଲ୍



## ସଂକ୍ଷେପରେ

### ୧୯୯୫ ମାଟ୍ରିକ ବ୍ୟାଚ ବନ୍ଧୁମିଳନ

ଅମରପାଲି, ୫।୧୧ (ଡି.ଏନ.ଏ): ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଅମରପାଲି ହାଇସ୍କୁଲର ୧୯୯୫ ମାଟ୍ରିକ ବ୍ୟାଚ ବନ୍ଧୁମିଳନ ଠେଙ୍ଗୋଡ୍ୟାମଠାରେ ଅନୁଷ୍ଠିତ ହୋଇଯାଇଛି। ଶ୍ୟାମସୁନ୍ଦର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଉକ୍ତ ବ୍ୟାଚର ସମସ୍ତ ଛାତ୍ର ଯୋଗଦେଇଥିଲେ। ଏହି ଅବସରରେ ଅମରପାଲି ହାଇସ୍କୁଲର ଦିବଂଗତ ପ୍ରଧାନଶିକ୍ଷକ ଦାଶରଥୀ ହୋତା ଓ ମହତ ଦନାୟକ ଏବଂ ସହପାଠୀ ରବୀ ପଧାନ, ଶଙ୍କର୍ଷଣ ମିଶ୍ର ଓ ପ୍ରଦୀପ ଖେତୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ ସହ ନୀରବ ପ୍ରାର୍ଥନା କରାଯାଇଥିଲା । ଏହି ଅବସରରେ ପ୍ରତ୍ୟେକ ପୁରୁଣା ଦିନର ସ୍ମୃତି ଚାରଣ କରିଥିଲେ । ପରବର୍ତ୍ତୀ ବର୍ଷ ମାନଙ୍କରେ ସମସ୍ତେ ପରିବାର ସହିତ ବନ୍ଧୁମିଳନରେ ଯୋଗଦେବାକୁ ସ୍ଥିର କରାଯାଇଥିଲା । ଏହି ଅବସରରେ ଉକ୍ତ ବ୍ୟାଚର ଛାତ୍ରୀଛାତ୍ରଙ୍କ ସହିତ ସମନ୍ୱୟ ରକ୍ଷା ପାଇଁ ଏକ କମିଟି ଗଠନ କରାଯାଇଥିଲା । ଶ୍ୟାମସୁନ୍ଦର ପଣ୍ଡା ସଭାପତି, ବିନୟ ବିଶ୍ୱାଳ ଉପସଭାପତି, ପ୍ରଫୁଲ୍ଲ ସାହୁ ସମ୍ପାଦକ, ଅରୁଣ ରାଏଙ୍କୁ ସହସମ୍ପାଦକ ଭାବେ ଚୟନ କରାଯାଇଛି। ଏହା ସହିତ ଚଳିତ ବର୍ଷ ହାଇସ୍କୁଲ ତାର ରୌପ୍ୟଜୟନ୍ତୀ ପାଳନ କରୁଥିବା ବେଳେ ଏଥିରେ ସମସ୍ତେ ଆର୍ଥିକ ସହାୟତା ସହିତ ଉପସ୍ଥିତ ରହି ସମ୍ପୂର୍ଣ୍ଣ ସହଯୋଗ କରିବାକୁ ନିଷ୍ପତ୍ତି ନିଆଯାଇଛି । ଏଥିରେ ବିଦ୍ୟାଧର ସାହୁ, କୃଷ୍ଣଚନ୍ଦ୍ର ଖେତୀ, ରାଜେନ୍ଦ୍ର ଦନାୟକ, ଶଶାଙ୍କ ମିଶ୍ର, ଗୋପବନ୍ଧୁ ପାଣ୍ଡିଆ, ରଞ୍ଜିତ ପଧାନ ପ୍ରମୁଖ ମତବ୍ୟକ୍ତ କରିଥିଲେ ।

### କୋଶଳ ପ୍ରବାହର ବିଂଶତିତମ ବାର୍ଷିକୋତ୍ସବ

**ବଲାଙ୍ଗୀର ଅଫିସ, ୫।୧୧:** ବଲାଙ୍ଗୀର ସାମ୍ବାଦିକ ଭବନଠାରେ କୋଶଳ ପ୍ରବାହର ବିଂଶତିତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇ ଯାଇଛି। ଏହି ଅବସରରେ ପାଣି ଓ ବଲାଙ୍ଗୀର ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟଅତିଥି ଭାବେ କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା, ମୁଖ୍ୟବକ୍ତା ଭାବେ ପ୍ରଫେସର ଡ. ଶିବପ୍ରସାଦ ନନ୍ଦ ଯୋଗ ଦେଇଥିଲେ। ସଭାରେ କୋଶଳ ପ୍ରବାହର ସମ୍ପାଦକ ଆନନ୍ଦଚନ୍ଦ୍ର ସାହୁ ସଭାପତିତ୍ୱ କରିଥିଲେ । ଏହି ଅବସରରେ ବିଶିଷ୍ଟ କବି ଓ ଐତିହାସିକ ଶଶାଙ୍କ ଶେଖର ପଣ୍ଡା, କବି ତଥା ଅବସରପ୍ରାପ୍ତ ଯୁଗ୍ମ ନିର୍ଦ୍ଦେଶକ ପ୍ରଫେସର ବିନୋଦ ବିହାରୀ ଜାଲଙ୍କୁ କୋଶଳ ପ୍ରବାହ ସମ୍ମାନ ପ୍ରଦାନ କରାଯାଇଥିଲା । କବି ଦିଲୀପ କୁମାର ପଶାୟତଙ୍କୁ ଛନ୍ଦାଚରଣ ସ୍ମୃତି ସମ୍ମାନ, ସମ୍ବଲପୁର ବିଶ୍ୱବିଦ୍ୟାଳୟର ଯୁକ୍ତତିନି ବାଣିଜ୍ୟ ଟପ୍ପର ନେନ୍ସୀ ପୁରୋହିତଙ୍କୁ ଶିକ୍ଷା ଗୌରବ ସମ୍ମାନରେ ସମ୍ମାନିତ କରାଯାଇଥିଲା । ଏହି ଉତ୍ସବ ପାଇଁ ପୂର୍ବରୁ ଅନୁଷ୍ଠିତ ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସଭାକୁ ଦେବାଶିଷ ମିଶ୍ର ପରିଚାଳନା କରିଥିଲେ ଓ ଶ୍ୟାମପ୍ରସାଦ ଗୁରୁ ଶେଷରେ ଧନ୍ୟବାଦ ଦେଇଥିଲେ।

> ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଦାଦାଗିରି

# ଧରାପଡ଼ିଲେ ୩ ଅଭିଯୁକ୍ତ

**ବଲାଙ୍ଗୀର ଅଫିସ, ୫।୧୧**

ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲ ଭିତରକୁ ପଶି ଦୁଇଜଣ ସିକ୍ୟୁରିଟି ଗାର୍ଡଙ୍କୁ ମାଡ ମାରି ଫେରାର ହୋଇଯାଇଥିବା ୩ ଅଭିଯୁକ୍ତଙ୍କୁ ବଲାଙ୍ଗୀର ପୋଲିସ ମଙ୍ଗଳବାର ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ବଲାଙ୍ଗୀର ବରପାଲିପଡାର ରାହୁଲେଶ୍ୱର ପଧାନ (୨୧), ପ୍ରକାଶ ଗୁରୁ (୨୩) ଓ ଲୋଇସିଂହା ଥାନା କିରାବାହାଲ ଗାଁର ସୁଧାଂଶୁ ବଗର୍ତ୍ତୀ (୨୨)। ଗତ ୨ ତାରିଖ ରାତିରେ ଏହି ତିନି ଅଭିଯୁକ୍ତ ବଲାଙ୍ଗୀର ମେଡିକାଲ କଲେଜ ହସ୍ପିଟାଲକୁ ଏକ ମୋଟର ସାଇକଲରେ ଆସି ସେଠାରେ କାର୍ଯ୍ୟରତ ଥିବା ସିକ୍ୟୁରିଟି ଗାର୍ଡ ଅଶୋକ ବେହେରା ଓ ଗୋବିନ୍ଦ ସାଙ୍କୁ ଗାଳିଗୁଲଜ କରିବା ସହ ଜୀବନରେ ମାରିଦେବାର ଧମକ ଦେଇଥିଲେ। ବାରମ୍ବାର ମନା କରିବା ପରେ ମଧ୍ୟ ରାହୁଲ ଓ ତାଙ୍କର ଦୁଇ ସହଯୋଗୀ ଦୁଇ ସିକ୍ୟୁରିଟି ଗାର୍ଡଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ସହ ତାଙ୍କ କର୍ତ୍ତବ୍ୟ ସମ୍ପାଦନ କରିବାରେ ବାଧା ସୃଷ୍ଟି କରିଥିଲେ। ଏ ନେଇ ମେଡିକାଲ କଲେଜ ହସ୍ପିଟାଲ ସିକ୍ୟୁରିଟି ସୁପରଭାଇଜର ସୁବାସ ବେହେରା ବଲାଙ୍ଗୀର ମେଡିକାଲ କଲେଜ ହସ୍ପିଟାଲ ପରିସରସ୍ଥ ମେଡିକାଲ ବିଟ୍ ହାଉସରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ଟାଉନ୍ ଥାନାରେ ଏକ ମାମଲା (ନଂ. ୬୦୦/୨୦୧୯) ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଥିଲେ। ତିନି ଅଭିଯୁକ୍ତଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରାଯାଇଥିବା ସଦର ଏସ୍‌ଡିପିଓ ଶ୍ରୀମନ୍ତ ବାରିକ ଟାଉନ୍ ଥାନାରେ ମଙ୍ଗଳବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।



ମେଡିକାଲ କଲେଜ ହସପିଟାଲରେ ଦାଦାଗିରି କରୁଥିବା ଗିରଫ ତିନି ଅଭିଯୁକ୍ତ ।


ଲୋୟର ସୁକ୍‌ତେଲ ଜଳସେଚନ ପ୍ରକଳ୍ପ କାମ ଶୀଘ୍ର ଆରମ୍ଭ କରିବା ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦତ୍ତ ଦାବିପତ୍ରକୁ ବଲାଙ୍ଗୀର ଆକ୍ସନ କମିଟି ପକ୍ଷରୁ ଜିଲାପାଳ ଅରିନ୍ଦମ ଡାକୁଆଙ୍କୁ ପ୍ରଦାନ କରାଯାଉଛି । (ଫଟୋ–ସୁନୀଲ)

## କୃଷକ ଦକ୍ଷତା ବୃଦ୍ଧି ତାଲିମ ଶିବିର

**ଅମରପାଲି, ୫।୧୧ (ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ସ୍ଥିତ କୃଷି ସୂଚନା ପରାମର୍ଶ କେନ୍ଦ୍ର ସଭାଗୃହରେ କୃଷକ ଆଗ୍ରହୀ ଦଳ ଦକ୍ଷତା ବୃଦ୍ଧି ତାଲିମ ଶିବିର ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଡିଡିପି ଆତ୍ମା ସୁବର୍ଣ୍ଣପୁର ତୁଷାରରଞ୍ଜନ ମିଶ୍ର ଉକ୍ତ ଶିବିରକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ବ୍ଲକ କୃଷକ ଉପଦେଷ୍ଟା କମିଟି ଅଧ୍ୟକ୍ଷା ବନିତା ପଧାନ ସଭାପତିତ୍ୱ କରିଥିଲେ। ସମ୍ବଳବ୍ୟକ୍ତି ଭାବେ କାଳିନ୍ଦୀ ପରିଡା, ସହକାରୀ କୃଷି ଅଧିକାରୀ ତୁଷାରକାନ୍ତ ସାହୁ, ପ୍ରାଣୀ ଚିକିତ୍ସକ ଡା. ସୁବ୍ରତ କୁମାର ପୁରୋହିତ, ସୁଚିସ୍ମିତା ପଣ୍ଡା, ବ୍ଲକ ବୈଷୟିକ ପରିଚାଳକ ଜିତେନ୍ଦ୍ର ମେହେର ଯୋଗଦେଇଥିଲେ ।

## ରାମ ମନ୍ଦିରରେ ୫୬ ଭୋଗ ଲାଗି ହେଲା

**ଲୋଇସିଂହା,୫।୧୧(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ରୁଗୁଡିଖାଲ ମାନସ ବିହାର ରାମ ମନ୍ଦିରରେ ପ୍ରଭୁ ରାମଚନ୍ଦ୍ରଙ୍କଠାରେ ମଙ୍ଗଳବାର ଅଁଳା ନବମୀ ଉପଲକ୍ଷେ ୫୬ ଭୋଗ ଅର୍ପଣ କରାଯାଇଥିଲା। ମାନସ ଯଜ୍ଞ କମିଟି ଆନୁକୂଲ୍ୟରେ ତଥା ବିଶ୍ୱକର୍ମ କମିଟି ଓ ବଣିକସଂଘ ସହଯୋଗରେ ଏହି ସମାରୋହରେ ପାଳିତ ହୋଇଥିଲା । ଏହି ଅବସରରେ ସୁନ୍ଦରାକାଣ୍ଡ ପାରାୟଣ କରାଯାଇଥିଲା। ବାଦିବାହାଲ ଗ୍ରାମର ମହିଳା ବ୍ୟାସ ରୀନା ନାୟକ ପୁରାଣ ପଠନ କରିଥିଲେ। ପୁରାଣ ପଠନ ପରେ ୫୬ ବ୍ୟଞ୍ଜନ ଫଳମୂଳ ଓ ମିଠା ମହାପ୍ରଭୁଙ୍କଠାରେ ଲାଗି ହୋଇଥିଲା। ଉପସ୍ଥିତ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା । ପୂଜକ ଗିରିଚରଣ ମିଶ୍ର, ମାନସ ଯଜ୍ଞ କମିଟି ସଭାପତି ଭକ୍ତବନ୍ଧୁ ଅଶ୍ୱିନୀ କୁମାର ଶ, ବନମାଳୀ ବହିଦାର, ରାଜ କୁମାର ଦାଶ, ସାନନ୍ଦ ପଧାନ ପ୍ରମୁଖ ଏଥିରେ ସହଯୋଗ କରିଥିଲେ ।


ଅର୍ପଣଲାଗି ରଖାଯାଇଥିବା ୫୬ ଭୋଗ ।

## ଶିଶୁ ବିଦ୍ୟାମନ୍ଦିରରେ କୁଇଜ୍ ପ୍ରତିଯୋଗିତା

**ଅମରପାଲି, ୫।୧୧ (ଡି.ଏନ.ଏ)**

ବୀରମହାରାଜପୁରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଉପଖଣ୍ଡୀୟ ସାମ୍ବାଦିକ ସଂଘ ଆନୁକୂଲ୍ୟରେ ଏକ କୁଇଜ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ଖବରକାଗଜ ସମ୍ବନ୍ଧିତ ପ୍ରଶ୍ନର କୁଇଜ ପ୍ରତିଯୋଗୀତା ହୋଇଥିଲା । ସଦାଶିବ ଚାନ୍ଦ ଉକ୍ତ କୁଇଜ ପ୍ରତିଯୋଗୀତାକୁ ପରିଚାଳନା କରିଥିଲେ। ପ୍ରଧାନ ଆଚାର୍ଯ୍ୟ ବଳରାମ ପୂଜାହାରୀ ଓ ଗୁରୁମା ସୁଜାତା ଶତପଥୀ ଏଥିରେ ସହଯୋଗ କରିଥିଲେ। ସଚିତ କୁମାର ରଥ ପ୍ରଥମ, ଅଞ୍ଜଳି ସାହୁ ଦ୍ୱିତୀୟ ଓ ଅମନ ପୁରୋହିତ ତୃତୀୟ ସ୍ଥାନ ଅଧିକାର କରିଥିଲେ ।

ବୀରମୁଣ୍ଡାରେ ସରକାରୀ ଜମି ବିକ୍ରି ଅଭିଯୋଗ

## ଜିଲାପାଳଙ୍କୁ ଭେଟିଲେ ଗ୍ରାମର ମହିଳାମାନେ

**ବଲାଙ୍ଗୀର ଅଫିସ, ୫।୧୧**

ବଲାଙ୍ଗୀର ସହର ଉପକଣ୍ଠ ବୀରମୁଣ୍ଡା ଗାଁରେ ସରକାରୀ ଜମି ବିକ୍ରି କରାଯାଉଥିବା ନେଇ ଗ୍ରାମର ମହିଳାମାନେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ସଦର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ବୀରମୁଣ୍ଡା ଗାଁର ଭୂମିହୀନମାନଙ୍କୁ ୪ ଡିସମିଲ ଲେଖାଏଁ ସରକାରୀ ଜମି ଦିଆଯାଇଥିଲା । ଉକ୍ତ ପ୍ରଦତ୍ତ ସ୍ଥାନରେ ହିତାଧିକାରୀମାନେ ଘର କରି ରହୁଆସୁଛନ୍ତି । ସେହି ବସ୍ତିକୁ ଲାଗିକରି କିଛି ସରକାରୀ ଜମି ରହିଥିଲା। ସେହି ସରକାରୀ ଜମିକୁ ପଡାର ଜଣେ ବ୍ୟକ୍ତି ଜବରଦସ୍ତ ମାଧିଆପାଲି ଗ୍ରାମର ଜଣେ ବ୍ୟକ୍ତିଙ୍କୁ ବେଆଇନ୍ ଭାବେ ବିକ୍ରି କରିଦେଇଥିବା ଓ ସେହି ବ୍ୟକ୍ତି ଜଣକ ସେଠାରେ ଘର ତିଆରି ଆରମ୍ଭ କରିଦେଇଥିବା ମହିଳାମାନେ ଜିଲାପାଳଙ୍କୁ ଜଣାଇଛନ୍ତି । ତୁରନ୍ତ ଉକ୍ତ ସରକାରୀ ସ୍ଥାନକୁ ଖାଲି କରିବା ପାଇଁ ମହିଳାମାନେ ସଂଘବଦ୍ଧ ହୋଇ ମଙ୍ଗଳବାର ସଦର ଥାନାରେ ଲିଖିତ ଅଭିଯୋଗ କରିବା ପରେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଦରଖାସ୍ତ ଦେଇଥିଲେ । ଉକ୍ତ ଦରଖାସ୍ତ ପାଇବା ପରେ ଜିଲାପାଳ ଅରିନ୍ଦମ ଡାକୁଆ ଏ ଦିଗରେ ଶୀଘ୍ର ବିଧିବଦ୍ଧ ପଦକ୍ଷେପ ଗ୍ରହଣ କରିବାକୁ ଉପଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏ ସଂକ୍ରାନ୍ତୀୟ ଦାବିପତ୍ର ବଲାଙ୍ଗୀର ତହସିଲଦାରଙ୍କୁ ମଧ୍ୟ ପ୍ରଦାନ କରାଯାଇଥିବା ମହିଳାମାନେ ଜଣାଇଛନ୍ତି। ସହର ଉପକଣ୍ଠରେ ଏବେ ସରକାରୀ ଜମି ହଡପ କରି ଏହାକୁ ବିକ୍ରି କରାଯାଉଥିବା ନେଇ ମହିଳାମାନେ ଅଭିଯୋଗ କରିଛନ୍ତି।


ବୀରମୁଣ୍ଡା ଗ୍ରାମର ମହିଳାମାନେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଅଭିଯୋଗ କରିବାକୁ ଆସିଛନ୍ତି।

### ମୁଗ ଚାଷ ଫାର୍ମ ସ୍କୁଲ ଉଦ୍‌ଘାଟିତ

**ଅମରପାଲି, ୫।୧୧(ଡି.ଏନ.ଏ)**

ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ବାଗବରରେ ମୁଗ ଚାଷ କ୍ଷେତ୍ର ପରିଦର୍ଶନ ଓ ମୁଗଚାଷ ଫାର୍ମ ସ୍କୁଲ ଉଦ୍‌ଘାଟିତ ହୋଇଯାଇଛି । ବ୍ଲକ କୃଷକ ଉପଦେଷ୍ଟା କମିଟି ଅଧ୍ୟକ୍ଷା ବନିତା ପଧାନ ଏହାକୁ ଉଦ୍‌ଘାଟନ କରିଥିଲେ। ତୁଷାରରଞ୍ଜନ ମିଶ୍ର ମୁଗଚାଷ ବିହନ ବିଶୋଧନ, ଦ୍ୱିଗୁଣିତ ଆୟ ବୃଦ୍ଧି ସମ୍ପର୍କିତ ବୈଷୟିକ ଜ୍ଞାନ କୌଶଳ ପ୍ରଦାନ କରିଥିଲେ । ବିଟିଟି କନଭେନର କାଳିନ୍ଦୀ ପରିଡା ମୁଗ ଚାଷର ଉପକାରିତା, ଯବକ୍ଷାରଜାନ ନିବନ୍ଧନ ସମ୍ପର୍କରେ ଆଲୋକପାତ ଓ ମୃତ୍ତିକା ସ୍ୱାସ୍ଥ୍ୟ ପରୀକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ । ଏହାପରେ ବାଗବର ରାଜସ୍ୱ ଗ୍ରାମରେ ଚାଷୀ କିଷାନ ଦେହୁରୀଙ୍କ ୧ ହେକ୍ଟର ପରିମିତ କୃଷି କ୍ଷେତ୍ରରେ ମୁଗଚାଷ ପରିଦର୍ଶନ କରିଥିଲେ ସମସ୍ତ କୃଷି ବିଭାଗୀୟ ଅଧିକାରୀ ।

## ଗୋଦାମ ଘରୁ ଲୁହା ସାମଗ୍ରୀ ଚୋରି, ୬ ଗିରଫ

**ଲାଠୋର, ୫।୧୧ (ଡି.ଏନ.ଏ.)**

ଲାଠୋର ଥାନା ସଦର ଗ୍ରାମ ଲାଠୋର ହସ୍ପିଟାଲ ନିକଟରେ ଥିବା ଏକ ଗୋଦାମ ଘରୁ ସୋମବାର ରାତିରେ ଲୁହା ସାମଗ୍ରୀ ଚୋରି ହୋଇଥିଲା। ଚୋରମାନେ ଗୋଦାମ ଘରେ ଅବ୍ୟବହୃତ ଲୁହା ସାମଗ୍ରୀକୁ ଚୋରି କରି ନେଇଥିଲେ। ତେବେ ଗୋଦାମ ଗୃହ ମାଲିକ ଅର୍ଜୁନ ଅଗ୍ରୱାଲ ଉଠି ପଡିବାରେ ଏକ ସ୍କୁଟିରେ ଲଦି ଲୁହା ନେଉଥିବା ବେଳେ ସାହିଲ ଖାନ(୨୦)ଙ୍କୁ ଧରି ପୋଲିସକୁ ଖବର ଦେଇଥିଲେ। ଲାଠୋର ପୋଲିସ ସାହିଲଙ୍କୁ ଥାନାକୁ ଆଣି ପଚରାଉଚରା କରିଥିଲା। ତାଙ୍କ ସୂଚନା ଅନୁସାରେ ଯୁଗଳ କିଶୋର ସିନ୍ଧୁର(୨୩), ଆକାଶ ସୁନା(୨୪), ସୁରେଶ ଛତ୍ରିଆ(୨୪), ଅନୀଲ ମହାନନ୍ଦ(୨୪)ଙ୍କ ସମ୍ପୃକ୍ତ ଥିବା ଜଣାପଡିଥିଲା। ଚୋରି ସାମଗ୍ରୀକୁ ସେମାନେ ଗ୍ରାମର ରାଜକୁମାର ଅଗ୍ରୱାଲ (୪୫)ଙ୍କୁ ବିକ୍ରି କରାଯାଇଥିବା ପଚରାଉଚରାରୁ ଜଣାପଡିଥିଲା। ସାମଗ୍ରୀ କିଣିଥିବା ଯୋଗୁଁ ତାଙ୍କୁ ମଧ୍ୟ ପୋଲିସ ଥାନାକୁ ଆଣିଥିଲା। ଅର୍ଜୁନ ଅଗ୍ରୱାଲଙ୍କ ଏତଲାକୁ ଭିତ୍ତି କରି ଥାନାରେ ଦଫା ୩୫୭, ୩୮୦, ୩୪ରେ ଏକ ମାମଲା (ନଂ.୧୧୦/୧୯) ରୁଜୁ କରି ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଥିବା ଆଇଆଇସି ଧର୍ମେନ୍ଦ୍ର ଶାନ୍ତି ସୂଚନା ଦେଇଛନ୍ତି।



ଗିରଫ ଅଭିଯୁକ୍ତ ଓ ଜବତ ଚୋରି ସାମଗ୍ରୀ।

## ଡିଗ୍ରୀ କଲେଜରେ ବୃତ୍ତିଗତ ପରାମର୍ଶ ପ୍ରଶିକ୍ଷଣ ଶିବିର

**ଦେଓଗାଁ,୫।୧୧(ଡି.ଏନ.ଏ.)**

ଦେଓଗାଁ ପଞ୍ଚାୟତ ସମିତି ଡିଗ୍ରୀ କଲେଜରେ ମଙ୍ଗଳବାର ବୃତ୍ତିଗତ ପରାମର୍ଶ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । କଲେଜର ଅଧ୍ୟକ୍ଷ ରମେଶ ଚନ୍ଦ୍ର ପ୍ରଧାନୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ମଣ୍ଟୁ ରଞ୍ଜନ ସା ସଂଯୋଜନା କରିଥିଲେ। ଅତିଥି ଭାବେ ଡ.ଗିରିଶ ପ୍ରସାଦ ସ୍ୱାଇଁ ଯୋଗଦେଇ ରାଜ୍ୟ ତଥା ଜାତୀୟସ୍ତରରେ ସ୍ନାତକ ଛାତ୍ରୀଛାତ୍ରଙ୍କ ପାଇଁ ଉପଲବ୍ଧ ନିଯୁକ୍ତି ସୁଯୋଗ ଓ ସେଥିପାଇଁ ଆବଶ୍ୟକ ପ୍ରସ୍ତୁତି ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ।
ଚାହିଦା ଅନୁଯାୟୀ ଆତ୍ୟାଧୁନିକ ଦକ୍ଷତା ଓ କୌଶଳ ବିକାଶ ଛାତ୍ରୀଛାତ୍ରଙ୍କ ଧ୍ୟେୟ ହେବା ଉଚିତ ବୋଲି ସେ ମତପ୍ରକାଶ କରିଥିଲେ। ଶିବିରରେ କଲେଜର କଳା, ବାଣିଜ୍ୟ ଓ ବିଜ୍ଞାନ ପାଠ୍ୟକ୍ରମ ଅନ୍ତର୍ଗତ ୪ଶହରୁ ଉର୍ଦ୍ଧ୍ୱ ସ୍ନାତକ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଅଧାପିକା ଶାରଦା ଭଞ୍ଜଦେଓ, ଡ. ସୁରେଶ ପ୍ରସାଦ ଷଡଙ୍ଗୀ, ମହେଶ ମେହେର, ମଳୟ ରଞ୍ଜନ ରଣା, ମଞ୍ଜରୀ ପୋଢ଼, ସନତ ରଥ, ଅଙ୍କିତା ତ୍ରିପାଠୀ ପ୍ରମୁଖ ସହଯୋଗ କରିଥିଲେ।


ଦେଓଗାଁ ପଞ୍ଚାୟତ ସମିତି ଡିଗ୍ରୀ କଲେଜରେ ମଙ୍ଗଳବାର ବୃତ୍ତିଗତ ପରାମର୍ଶ ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ଛାତ୍ରୀଛାତ୍ର।

ଭୀମପାହାଡରେ ସମୀକ୍ଷା ବୈଠକ

## ବାବା ଗୌତମାନନ୍ଦଙ୍କୁ ନ ତଡିବାକୁ ଚେତାବନୀ

**ଦେଓଗାଁ, ୫।୧୧(ଡି.ଏନ.ଏ.)**

ଦେଓଗାଁ ବ୍ଲକ ମକୁନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ଭୀମ ପାହାଡ ପାଦଦେଶରେ ମଙ୍ଗଳବାର ଅପରାହ୍ନରେ ଏକ ବୈଠକ ଆୟୋଜିତ ହୋଇ ଯାଇଛି। ଏଥିରେ ଗିରି ଗୋବର୍ଦ୍ଧନ ପୂଜା ଉତ୍ସବର ସମୀକ୍ଷା କରାଯାଇଛି। ସେହିଭଳି ଭୀମ ପାହାଡର ବିକାଶ ଦିଗରେ ସମସ୍ତେ ଏକଜୁଟ ହୋଇ କାମ କରିବା ପାଇଁ ନିଷ୍ପତ୍ତି ହୋଇଛି। ଏଥିରେ ପ୍ରମୋଦ କୁମାର ବହିଦାର ସଭାପତିତ୍ୱ କରିଥିଲେ। ତେବେ ଉତ୍ସବ ସମୟରେ ଜଙ୍ଗଲ ବିଭାଗ ଜାଣିଶୁଣି ବିଦ୍ୟୁତ୍ କାଟ ଓ ପାଣି ବନ୍ଦ କରିବା ତଥା ପାହାଡରେ ଦୀର୍ଘବର୍ଷରୁ ରହିଆସୁଥିବା ବାବା ଗୌତମାନନ୍ଦ ଭାରତୀଙ୍କୁ ସ୍ଥାନ ଛାଡିବା ପାଇଁ ନିର୍ଦ୍ଦେଶ ଦେବା ନେଇ ବୈଠକରେ ତୀବ୍ର ନିନ୍ଦା କରାଯାଇଛି। ଏହି ପାହାଡରୁ ବାବାଙ୍କୁ ବିଭାଗ ଚାପ ପ୍ରୟୋଗ କରି ତଡିଲେ ଅଞ୍ଚଳବାସୀଙ୍କ ତରଫରୁ ଆନ୍ଦୋଳନ କରିବା ସହ ଜିଲା ବନବିଭାଗ କାର୍ଯ୍ୟାଳୟକୁ ଘେରାଉ କରାଯିବ ବୋଲି ବୈଠକରେ ଚେତାବନୀ ଦିଆ ଯାଇଛି। ଏହି ବୈଠକରେ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଲକ୍ଷ୍ମଣ କୁମାର ମେହେର, ବ୍ଲକ ଅଧ୍ୟକ୍ଷା ରୀନା ମେହେର, ସମାଜିକକର୍ମୀ ପୂର୍ଣ୍ଣଚନ୍ଦ୍ର ପଣ୍ଡା, ହୃଦାନନ୍ଦ ଗଡତ୍ୟା, ପବିତ୍ର ପଧାନ, କମିଟି ସମ୍ପାଦକ ତଥା ସରପଞ୍ଚ ବାଳକ ପଧାନ, ଉପସଭାପତି ଗୋବର୍ଦ୍ଧନ ସାହୁ, ବାବା ଗୌତମାନନ୍ଦ ଭାରତୀ ପ୍ରମୁଖ ଉପସ୍ଥିତ ଥିଲେ।


ଭୀମ ପାହାଡ ପାଦଦେଶରେ ଗିରି ଗୋବର୍ଦ୍ଧନ ପୂଜା ଉତ୍ସବର ସମୀକ୍ଷା ବୈଠକରେ ଉପସ୍ଥିତ କର୍ମକର୍ତ୍ତା ।



ବିଶ୍ରାମର ମାତ୍ରା ଯଦି ଅଧିକ ହୋଇଗଲା ତେବେ ସେହି ବିଶ୍ରାମ ହିଁ କଷ୍ଟଦାୟକ ହୋଇଉଠେ।
- ହୋମର



## ସଂକ୍ଷେପରେ



■ ଜିଲା ଭାଜପା ମହିଳା ମୋର୍ଚ୍ଚା

### ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

**ଭବାନୀପାଟଣା,୫।୧୧(ଡି.ଏନ.ଏ.)**
ସ୍ମିତାରାଣୀ ବିଶ୍ୱାଳ ହତ୍ୟାକାଣ୍ଡ ଓ କେନ୍ଦ୍ରାପଡ଼ା କ୍ରେଡିଟ କୋ-ଅପରେଟିଭ ସୋସାଇଟି ଯୌନ ନିର୍ଯାତନା ଅଭିଯୁକ୍ତ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିରେ କଳାହାଣ୍ଡି ଜିଲା ମହିଳା ମୋର୍ଚ୍ଚା ପକ୍ଷରୁ ମଙ୍ଗଳବାର କଳାହାଣ୍ଡି ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଛି। ମହିଳା ମୋର୍ଚ୍ଚା ଜିଲା ସଭାପତି କୁନ୍ତୀ ପାଳଙ୍କ ନେତୃତ୍ୱରେ ଶତାଧିକ ମହିଳା ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। କର୍ମଜୀବୀ ମହିଳାଙ୍କୁ ସୁରକ୍ଷା, କର୍ମସ୍ଥଳରେ ସୁରକ୍ଷା ପ୍ରଦାନ। ସ୍ମିତାରାଣୀ ବିଶ୍ୱାଳ ହତ୍ୟାକାଣ୍ଡ ଓ କେନ୍ଦ୍ରାପଡା କ୍ରେଡିଟ କୋ-ଅପରେଟିଭ ବ୍ୟାଙ୍କର ଯୌନ ନିର୍ଯାତନା ଅଭିଯୁକ୍ତ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରି ଏକ ଦାବିପତ୍ର ରାଜ୍ୟପାଳ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଛି।



■୧୦ରୁ କୁମାରସ୍ୱାମୀ ମହୋତ୍ସବ

### ଫୁଲ୍‌ମେ ମାଝିଙ୍କୁ ଦେବଗିରି ସମାଜ ସେବା ସମ୍ମାନ

**ଭବାନୀପାଟଣା/ସେରଗଡ଼, ୫।୧୧(ଡି.ଏନ.ଏ.)**
କଳାହାଣ୍ଡି ଜିଲା ନର୍ଲା ବ୍ଲକ୍ ଅନ୍ତର୍ଗତ ବୁଢ଼ୀପଦରଠାରେ ଆସନ୍ତା ୧୦ରୁ ୧୩ ତାରିଖ ଯାଏଁ ଦେବଗିରି ସାଂସ୍କୃତିକ ଅନୁଷ୍ଠାନର ୨୭ତମ ବାର୍ଷିକ ଉତ୍ସବ ତଥା କୁମାରସ୍ୱାମୀ ମହୋତ୍ସବ ଅନୁଷ୍ଠିତ ହେବ। ଏଥିରେ ଚଳିତ ବର୍ଷର ଦେବଗିରି ସମାଜସେବା ସମ୍ମାନ ପାଇବେ ଯୁବ ସାମାଜିକ କର୍ମୀ ସୁଶ୍ରୀ ଫୁଲ୍‌ମେ ମାଝି। ତାଙ୍କୁ ଏହି ଅବସରରେ ସମ୍ମାନିତ କରାଯିବ। ଏଥିସହ ଖୁବ୍‌ଶୀଘ୍ର ଅନ୍ୟାନ୍ୟ ସମ୍ମାନ ଘୋଷଣା କରାଯିବ ବୋଲି ଅନୁଷ୍ଠାନ ସମ୍ପାଦକ ସୁନୀଲ କୁମାର ଧଙ୍ଗଡ଼ାମାଝି ଏକ ପ୍ରେସ୍ ବିବୃତ୍ତିରେ ଜଣାଇଛନ୍ତି। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଅନେକ ବ୍ୟକ୍ତିଙ୍କୁ ମଧ ସମ୍ବର୍ଦ୍ଧନା ଦିଆଯିବ। ମହୋତ୍ସବ ଅବସରରେ ୪ ଦିନ ବ୍ୟାପି କୁମାର କାର୍ତ୍ତିକେୟଙ୍କ ପୂଜାର୍ଚ୍ଚନା ସହ ବିଭିନ୍ନ ଲୋକକଳା ପ୍ରଦର୍ଶନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ।

■ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ଗ୍ରାମବାସୀଙ୍କ ଦାବି

# ସମାଧାନ ନ ହେଲେ ଆନ୍ଦୋଳନ

**କୁନାଗଡ,୫।୧୧(ଡି.ଏନ.ଏ.)**

ସରକାର ଗ୍ରାମାଞ୍ଚଳ ଜନସାଧାରଣଙ୍କୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଇ ଦେବା ଉଦ୍ଦେଶ୍ୟରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ଗ୍ରାମ୍ୟ ଜଳ ଯୋଗାଣ ବିଭାଗର ଅପରାଗତା ତଥା ଦୂରଦୃଷ୍ଟି ଅଭାବରୁ ଯୋଜନା ସଫଳ ରୂପାୟନ ହୋଇପାରୁନାହିଁ। କଳାହାଣ୍ଡି ଜିଲା କୁନାଗଡ ବ୍ଲକ ଅନ୍ତର୍ଗତ ବଳଦିଆମାଲ ଗ୍ରାମରେ ଏଭଳି ଏକ ଉଦାହରଣ ଦେଖିବାକୁ ମିଳିଛି। ଏହି ଗ୍ରାମରେ ପାଖାପାଖି ୪ ହଜାରୁ ଉର୍ଦ୍ଧ୍ୱ ଜନସାଧାରଣବାସ କରୁଛନ୍ତି। ଗ୍ରାମରେ ଜଳ ଯୋଗାଣ ପାଇଁ ହାତୀ ନଦୀରୁ ପାଣି ସିଧାସଳଖ ପମ୍ପ ଜରିଆରେ ଉଠାଯାଇ ଟାଙ୍କିରେ ସଂଗ୍ରହ କରାଯାଇଥାଏ। ପରେ ପଡାକୁ ପଡା ପାଇପ ଯୋଗେ ଜଳ ଯୋଗାଣ କରାଯାଇଥାଏ। ଏଠାରେ ପାଣିକୁ ପ୍ୟୁରିଫିକେଶନ୍ କରି ପାଇପ୍ ଯୋଗେ ଜଳ ଯୋଗାଣ



ଗ୍ରାମରେ ଥିବା ଓଭରହେଡ ପାଣି ଟାଙ୍କି ।

ହେବା କଥା। ଏଠାରେ ତାହା ନ ହୋଇ ଅତି ଦୂଷିତ ମଇଳା ପାଣି ଗ୍ରାମରେ ଯୋଗାଣ କରାଯାଉଛି। ଫଳରେ ଏହା ବ୍ୟବହାର କରି ଜନସାଧାରଣ ମାରାତ୍ମକ ସଂକ୍ରମଣ ରୋଗର ଶିକାର ହେଉଥିବା ଅଭିଯୋଗ ହୋଇଛି। ଗତ

**ବଳଦିଆମାଲ ଗ୍ରାମ**

ବର୍ଷକ ତଳେ ଏହି ଗ୍ରାମରେ ଝାଡ଼ାବାନ୍ତି ହୋଇଥିଲା। ଏଥିରେ ଗ୍ରାମର ଅନେକ ଲୋକ ଝାଡ଼ାବାନ୍ତିର ଶିକାର ହୋଇ ଗୁରୁତର ଆକ୍ରାନ୍ତ ହୋଇଥିଲେ। ଏହାକୁ ନେଇ ସେତେବେଳେ ଗ୍ରାମରେ କୋଳୁଆ ଭୟ ମଧ ସୃଷ୍ଟି ହୋଇଥିଲା। ଦୂଷିତ ପାଣିର ସମାଧାନ କରିବା ପାଇଁ ଗ୍ରାମବାସୀ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅଭିଯୋଗ କରିଥିଲେ ହେଁ ଏହାର କୌଣସି ସୁଫଳ ମିଳୁନାହିଁ । ଏ ନେଇ ବିଭାଗୀୟ ଯନ୍ତ୍ରୀ ବିନୋଦ କୁମାର ସିଂଙ୍କୁ ପଚାରିବାରୁ ପ୍ୟୁରିଫିକେଶନ ପାଇଁ ଚେଷ୍ଟା ଚାଲିଛି। ଖୁବଶୀଘ୍ର ଏହାର ସମାଧାନ ହୋଇଯିବ ବୋଲି କହିଥିଲେ। ଏପଟେ ବିଶୁଦ୍ଧ ପାନୀୟ ଜଳ ଯୋଗାଣର ବ୍ୟବସ୍ଥା କରା ନ ଗଲେ ଗ୍ରାମବାସୀ ଆନ୍ଦୋଳନାତ୍ମକ କାର୍ଯ୍ୟପନ୍ଥା ଗ୍ରହଣ କରିବାକୁ ଚେତାବନୀ ଦେଇଛନ୍ତି ।

## ରୋଗୀ କଲ୍ୟାଣ ସମିତିର ବୈଠକ

**କେସିଙ୍ଗା,୫।୧୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ସହରସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ରୋଗୀ କଲ୍ୟାଣ ସମିତି ବୈଠକ ହସ୍ପିଟାଲ ପରିସରରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ବିରୋଧୀ ଦଳ ନେତା ତଥା ଭବାନୀପାଟଣା ନିର୍ବାଚନ ମଣ୍ଡଳୀ ବିଧାୟକ ପ୍ରଦୀପ୍ତ କୁମାର ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ନୂତନ ସଭ୍ୟାସଭ୍ୟ ଭାବେ ସରିତା ସିନ୍ଧୁର, ବଜରଙ୍ଗଲାଲ ଜୈନଙ୍କୁ ମନୋନୀତ କରାଯାଇଛି। ବାର୍ଷିକ ବିବରଣୀ ଆକାଉଣ୍ଟେଣ୍ଟ ବିଶ୍ୱଭୂଷଣ ପ୍ରଧାନୀ ପାଠ କରିଥିଲେ। ରୋଗୀ କଲ୍ୟାଣ ସମିତିର ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ୧୨ ଲକ୍ଷ ଟଙ୍କାର ବଜେଟ ଉପସ୍ଥାପନା କରାଯାଇଥିଲା। ଏଥି ସହିତ ମହାପ୍ରାୟଣ ସେବା, ଇନଭେଟର, ନିରାମୟ କାର୍ଯ୍ୟକ୍ରମରେ ୨୪ ଘଣ୍ଟା ଖୋଲା ରହିବା ସ୍ଥଳେ ୬ଘଣ୍ଟା କାର୍ଯ୍ୟ ଚାଲୁଥିବାରୁ ୨୪ ଘଣ୍ଟା ଖୋଲିବା, ହସ୍ପିଟାଲ ଭିତରେ ନୋ ପାର୍କିଂ, ଏମସିଏଚ ବିଲ୍ଡିଂର ମରାମତି ଆଦି ବିଷୟରେ ଆଲୋଚନା କରାଯାଇଥିଲା। ଏହି ବୈଠକରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସ୍ୱାସ୍ଥ୍ୟ ଅଧିକାରୀ ଡା. ସୁବାସ ଚନ୍ଦ୍ର ବେହେରା, ଡା. ହରେକୃଷ୍ଣ ଧଳ, ଡା. କୁଞ୍ଜବିହାରୀ ସାହୁ, ଏନଏସି ନିର୍ବାହୀ ଅଧିକାରୀ ବିଶ୍ୱମ୍ଭର ମିଶ୍ର, ବ୍ଲକ ଅଧକ୍ଷା ସୁକାନ୍ତି ବେହେରା ପ୍ରମୁଖ ହସ୍ପିଟାଲ କର୍ମଚାରୀ ଉପସ୍ଥିତ ଥିଲେ।




ରୋଗୀ କଲ୍ୟାଣ ସମିତିର ବୈଠକରେ ଉପସ୍ଥିତ ଅତିଥିଗଣ ।

■ ଆମପାଣିରେ କନିଷ୍ଠ ଖବରଦାତା ସଂଘର ବନ୍ଧୁ ମିଳନ

# ଏକତା ରଖିବା ପାଇଁ ଖବରଦାତାଙ୍କୁ ଆହ୍ୱାନ

**ଭବାନୀପାଟଣା/କୋକସରା, ୫।୧୧ (ସ୍ୱ.ପ୍ର./ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ କନିଷ୍ଠ ଖବରଦାତା ସଂଘ ପକ୍ଷରୁ ମଙ୍ଗଳବାର ଆମପାଣି ନିୟନ୍ତ୍ରିତ ବଜାର କମିଟି ପରିସରରେ ଖବରଦାତା ଏକତା ଓ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତ ଚକ୍ରଧର ବେଶ୍ରାଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲା ଭାଜପା ଯୁବମୋର୍ଚ୍ଚା ଉପସଭାପତି ତଥା କଳମପୁର ବ୍ଲକ ଜୋନ୍ ୧ ଜିଲା ପରିଷଦ ସଭ୍ୟ ବିଜୟଦେବ ସାହୁ, ମୁଖ୍ୟବକ୍ତା ଜିଲା ପେଷାଦାର ଖବରଦାତା ସଂଘ ସମ୍ପାଦକ ରଜନୀକାନ୍ତ ମିଶ୍ର, ସମ୍ମାନିତ ଅତିଥି ଭାବେ ବରିଷ୍ଠ ଖବରଦାତା ଇଙ୍ଗିତ କୁମାର ପଣ୍ଡା, ଲକ୍ଷ୍ୟଜ୍ୟୋତି ଜାଲ, ବିଜୟ କୁମାର ପଣ୍ଡା, ତାପସ ରାୟ, ଆମପାଣି ସରପଞ୍ଚ ଟିକିଚନ୍ଦ୍ର ଧଙ୍ଗଡାମାଝି, ଏଏସ୍‌ଆଇ ରମେଶ ଚନ୍ଦ୍ର ପଟ୍ଟନାୟକ, ଆଇନଜୀବୀ ପଞ୍ଚାନନ ବେଶ୍ରା, ଜିତେନ୍ଦ୍ର କୁମାର ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଖବରଦାତା ଏକତା ହୋଇ ରହିଲେ ସବୁ ପ୍ରତିକୂଳ ପରିସ୍ଥିତିକୁ ସାମ୍ନା କରିହେବ ବୋଲି ଅତିଥିମାନେ ମତଦେଇଥିଲେ। କାର୍ଯ୍ୟକ୍ରମରେ ସଂଘ ସଭାପତି ଚକ୍ରଧର ବେଶ୍ରା ମଞ୍ଚ ପରିଚାଳନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଚନ୍ଦ୍ର ଲହଜଲ, ବାଳକୃଷ୍ଣ ନାଏକଙ୍କ ସମେତ କଳାହାଣ୍ଡି ଧର୍ମଗଡ ଉପଖଣ୍ଡର କାର୍ଯ୍ୟରତ ଖବରଦାତାମାନେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ କୋକସରା ବ୍ଲକର ଖବରଦାତା ଯୋଗୀନ୍ଦ୍ର ବାରିକ, ହିରଣ୍ୟ ବେହେରା, ତ୍ରିନାଥ ବେଶ୍ରା, ବଂଶୀଧର ବେଶ୍ରା, ଧର୍ମେନ୍ଦ୍ର ଦାସ, ବସନ୍ତ ସରାବୁପ୍ରମୁଖ ସହଯୋଗ କରିଥିଲେ। ସଂଘ ସମ୍ପାଦକ ଜଗଦିଶ ନାଏକ ଧନ୍ୟବାଦ ଦେଇଥିଲେ ।




କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ବୃନ୍ଦ ।

## ମୁଖୀଗୁଡ଼ାରେ ଜଳଛାୟା ପ୍ରକଳ୍ପର ଉଦ୍‌ଘାଟିତ

**ମୁଖୀଗୁଡ଼ା,୫।୧୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୟପାଟଣା ବ୍ଲକ ମୁଖିଗୁଡା ଶୈଳଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିର ପରିସରରେ ଜଳଛାୟା ପ୍ରକଳ୍ପ ଉଦ୍‌ଘାଟନ ହୋଇଯାଇଛି। ଅତିଥି ଭାବେ ପାୱାର ଗ୍ରୀଡର ଏସ୍‌ଆରଜିଏମ୍‌ଡି ସାରାଙ୍ଗୀ, ଏସ୍‌ଆରଜିଏମ୍ ଏର୍‌ଆର ଜି. ରାଓ, କନସୁଲଟାଣ୍ଟ ପ୍ରଧାନ ବାବୁ, ଏସ୍‌ଆରଜିଏମ୍ ମାନସ ବାବୁ, ଡିଜିଏମ କେ ସୟ, ଡିଜିଏମ ପୋଇବାବୁ, ଏପ୍ରିସିଏଟ୍ କାର୍ଯ୍ୟାଳୟ ଡକ୍ଟର ଶ୍ରୀନାଥ ଦିକ୍ଷିତ ଥେମ ଲିଡର, ଆରଡିସି ଡକ୍ଟର ଗିରଶ ଚନ୍ଦ୍ର ଏସ୍‌ଆର ବୈଜ୍ଞାନିକ ଏବଂ ପ୍ରୋଜେକ୍ଟ ଲିଡର ଡକ୍ଟର ମହାଦେବ ରେଡ୍ଡି କନସୁଲଟାଣ୍ଟ, ଜୟପାଟଣା ତହସିଲଦାର ଟିକୁନୁ ପୁଟା, ଅତିରିକ୍ତ କୃଷି ଅଧିକାରୀ ରେଶମା ଲାକ୍ରା, ବରିଷ୍ଠ ଖବରଦାତା ଶେଷଦେବ ବେହେରା ଯୋଗଦେଇଥିଲେ। ଜଳଛାୟା ପ୍ରକଳ୍ପ ପ୍ରତ୍ୟେକ କାର୍ଯ୍ୟକ୍ରମକୁ ଆଗେଇ ନେବା ପାଇଁ ବିସ୍ତୃତ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମ ଜନ ସାହାଯ୍ୟ ସଂସ୍ଥାର ସମ୍ପାଦକ ସୀତାଦେବୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧନରେ ପରିଚାଳନା ହୋଇଥିଲା। ସ୍ଥାନୀୟ ପାୱାରଗ୍ରୀଡ ଓ ଜନସାହଯ୍ୟ ସଂସ୍ଥା ମିଳିତ ସହଯୋଗରେ ଅଞ୍ଚଳରେ ଜଳଛାୟା କମିଟି ଜରିଆରେ ଚାଷ ଓ ଚାଷୀଙ୍କ ସର୍ବବିଧି ଉନ୍ନତି କାରଣ ନିମନ୍ତେ ଯୋଜନା ପ୍ରସ୍ତୁତି ହୋଇଥିଲା । ପ୍ରାୟ ୩୦୦ରୁ ଉର୍ଦ୍ଧ୍ୱ ଜ୍ଞାନ ଆହୋରଣ କରିଥିଲେ। ଶୈଳଶ୍ରୀକ୍ଷେତ୍ର ଜଳଛାୟା କମିଟି ପ୍ରତ୍ୟେକ ସଦସ୍ୟ ଉପସ୍ଥିତ ରହିଥିବା ବେଳେ କମିଟି ସଭାପତି ଦୁର୍ଯ୍ୟୋଧନ ଚିନ୍ଦା, ସମ୍ପାଦକ ନବୀନ ମାଝି, କୋଷାଧକ୍ଷ ସୁକୁମାର ଶବରଙ୍କ ସମେତ ବନମାଳି ମାଝି, ସନ୍ତୋଷ କୁମାର ସାହୁ, ତୁଷାର ମିଶ୍ର ସହଯୋଗ କରିଥିଲେ । ଏପ୍ରିସିଏଟର ରେଡ୍ଡି ମଞ୍ଚ ପରିଚାଳନା କରିଥଲେ।

■ ବିଶ୍ୱନାଥପୁରଠାରେ ବିଶାଳ ଯାଦବ ସମ୍ମିଳନୀ

# ଶିକ୍ଷା, ସଂସ୍କାର ଯାଦବ ସମାଜକୁ ବିକଶିତ କରିବ




ଜିଲାସ୍ତରୀୟ ଯାଦବ ମହାସମ୍ମିଳନୀ ଓ ବାର୍ଷିକ ଅଧିବେଶନ ଅବସରରେ ଆୟୋଜିତ ଶୋଭାଯାତ୍ରା।

**ଭବାନୀପାଟଣା,୫।୧୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ବିଶ୍ୱନାଥପୁରଠାରେ ଏକ ବିଶାଳ ଜିଲାସ୍ତରୀୟ ଯାଦବ ମହାସମ୍ମିଳନୀ ଓ ବାର୍ଷିକ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଧର୍ମଗଡ଼ ବିଧାୟକ ମୌଷୁଧି ବାଗ ଯୋଗଦେଇ ଯାଦବ ସମାଜର ଗୌରବକୁ ପୁଣି ଫେରାଇ ଆଣିବାକୁ ହେଲେ ଶିକ୍ଷା, ସଂସ୍କାର ଉପରେ ଗୁରୁତ୍ୱ ଦେବା ସହିତ ଜାତିର ଉନ୍ନତି ପାଇଁ କୁସଂସ୍କାର ଓ ଅନ୍ଧବିଶ୍ୱାସକୁ ଦୂରେଇ ଦେବାକୁ ହେବ ବୋଲି କହିଛନ୍ତି। ଲାଞ୍ଜିଗଡ ବ୍ଲକ ଯାଦବ ସମିତି ପକ୍ଷରୁ ଆୟୋଜିତ ଏହି ବାର୍ଷିକ ଅଧିବେଶନରେ ମୁଖ୍ୟଅତିଥି ଭାବେ ବିଧାୟକ ବାଗଙ୍କ ସହିତ ମୁଖ୍ୟବକ୍ତା ଭାବେ କଳାହାଣ୍ଡି ଜିଲା ଯାଦବ ମହାସଭା ସଭାପତି ହରିଶଙ୍କର ବାଗ, ସମ୍ମାନିତ ବକ୍ତା ଭାବେ ଜିଲା ଯାଦବ ମହାସଭାର ସମ୍ପାଦକ ସୟ କୁମାର ଧଙ୍ଗଡାମାଝି, ସମ୍ମାନିତ ଅତିଥି ଭାବେ ଉତ୍କଳ ଯାଦବ ମହାସଭାର ଉପସଭାପତି ଧନେଶ୍ୱର ଭାଟି, ଜିଲା ଯାଦବ ମହାସଭାର ପୂର୍ବତନ ସଭାପତି ଡମ୍ବରୁଧର ଲହଜଲ, ଯାଦବ ମହାସଭାର ମହିଳାନେତ୍ରୀ ଇଲା ସଲମା, ବରିଷ୍ଠ ନେତା ଶିବ ହାତୀ, ଯୁବ ଯାଦବ ମହାସଭା ସଭାପତି ଗୋବିନ୍ଦ ବନଛୋର, ସମ୍ପାଦକ ଲିଙ୍ଗରାଜ ବେହେରା, ଯାଦବ ସଙ୍ଗଠକ ଟଙ୍କଧର ଭୋଇ, ଲକ୍ଷ୍ମଣ ବଛା, ଚନ୍ଦ୍ରଭାନୁ ହାତୀ, ପର୍ବତାରୋହୀ ଯୋଗବ୍ୟାସ ଭୋଇ, ଗାୟକ ଓ ଗୀତିକାର ସର୍ବେଶ୍ୱର ଭୋଇ, ଲୋକ କଳାକାର କମ୍ପୁଣି ବାଗ ପ୍ରମୁଖ ଯୋଗଦେଇଥିଲେ। ଲାଞ୍ଜିଗଡ ବ୍ଲକ ଯାଦବ ସମିତି ସଭାପତି ରଘୁବୀର ନାଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଅଧିବେଶନକୁ ଧବଳେଶ୍ୱର ଠେଲା ଓ ଈଶ୍ୱର ବଗର୍ତ୍ତି ପରିଚାଳନା କରିଥିଲେ। ଏହି ଅବସରରେ ଶୃଙ୍ଖଳିତ ସମାଜ, ଶିକ୍ଷା, ବଡ଼ି ଓ ଆଇନ, ସମାଜ ଗଠନରେ ନାରୀର ଭୂମିକା, ଲୋକ କଳା, ସଂସ୍କୃତି ଓ ପରମ୍ପାରିକ, ସାମାଜିକ ଏକତା ଓ ଭାତୃତ୍ୱ ସମ୍ପର୍କରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଏକ ବିଶାଳ ଶୋଭାଯାତ୍ରା ବିଶ୍ୱନାଥପୁର କଲେଜ ଛକରୁ ହସ୍ପିଟାଲ ଛକ ଦେଇ ସଭାସ୍ଥଳରେ ପହଞ୍ଚିଥିଲା। ଏଥିରେ କଳାହାଣ୍ଡି ଜିଲାର ନର୍ଲା, କେସିଙ୍ଗା, ଧର୍ମଗଡ, କୁନାଗଡ, କୋକସରା, ଭବାନୀପାଟଣା ସମେତ ରାୟଗଡା ଜିଲା ମୁନିଗୁଡା, ଅମ୍ବାଦଲା ଆଦି ଅଞ୍ଚଳରୁ ପନ୍ଦର ଶହରୁ ଉର୍ଦ୍ଧ୍ୱ ଯାଦବ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ବ୍ଲକ ସମିତି ଉପସଭାପତି ଶୋଭାବନ ଛତର, ସହସମ୍ପାଦକ କୁଶ ପୋଢ, କୋଷାଧକ୍ଷ ଲକ୍ଷ୍ମୀ ଚଣ୍ଡିଙ୍କ ସମେତ ଡିଲେଶ କୁମାର ନାଗ, ବୁନ୍ଧିଆ ବଗର୍ତ୍ତି, ଭାସ୍କର ଚନ୍ଦନ, ବଳରାମ ଗହୀର, ଯୋଗେଶ୍ୱର ଚଣ୍ଡି, ଯୁଧିଷ୍ଠିର ତାଣ୍ଡି ପ୍ରମୁଖ ସହଯୋଗ କରିଥିଲେ।

ଗୋପବନ୍ଧୁ ଗ୍ରାମୀଣ ଯୋଜନା ବନ୍ଦ ନ କରିବାକୁ ଦାବି

# ଜିଲା ସମିତି ସଭ୍ୟ ସଂଘ ଜିଲାପାଳଙ୍କ ଦ୍ୱାରସ୍ଥ

**ଭବାନୀପାଟଣା,୫।୧୧(ଡି.ଏନ.ଏ.)**

ପଞ୍ଚାୟତରେ ପଲ୍ଲୀସଭା ଓ ଗ୍ରାମସଭା କରାଯାଇ ଗ୍ରାମାଞ୍ଚଳରେ ପାନୀୟ ଜଳ, ବିଦ୍ୟୁତ ସଂଯୋଗ ଓ ଆଲୋକୀକରଣ ତଥା ରାସ୍ତା ନିର୍ମାଣ ପାଇଁ ଗୋପବନ୍ଧୁ ଗ୍ରାମୀଣ ଯୋଜନା ଜରିଆରେ ଅନୁଦାନର ଖର୍ଚ୍ଚ କରାଯାଇଥାଏ। ସରକାରଙ୍କ ପକ୍ଷରୁ ଏହି ଯୋଜନାରେ ଅନୁଦାନ ବନ୍ଦ କରି ଦିଆଯାଇ ଥିବାରୁ ବିଭିନ୍ନ ପ୍ରକଳ୍ପ ନିର୍ମାଣ କାମ ହୋଇପାରୁ ନାହିଁ। ଫଳରେ ଗ୍ରାମାଞ୍ଚଳରେ ଉନ୍ନୟନ କାର୍ଯ୍ୟ ଠପ୍ ହୋଇଯାଇଛି। ଏ ନେଇ କଳାହାଣ୍ଡି ଜିଲା ସମିତି ସଭ୍ୟ ସଂଘ ପକ୍ଷରୁ ସୋମବାର ଜିଲାପାଳ ଡ. ଗଭାଲି ପରାଗ ହର୍ଷଦଙ୍କୁ ସାକ୍ଷାତ କରି ରାଜ୍ୟ ପଞ୍ଚାୟତିରାଜ ବିଭାଗ ସଚିବଙ୍କୁ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ଭବାନୀପାଟଣା ବ୍ଲକ ଉପାଧ୍ୟକ୍ଷ ସଚ୍ଚିଦାନନ୍ଦ ମହାକୁଡଙ୍କ ନେତୃତ୍ୱରେ ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ତୁଳେଶ୍ୱର ନାଏକ, ଥୁଆମୂଳ ରାମପୁର ବ୍ଲକ ଉପାଧ୍ୟକ୍ଷ ଗୋବିନ୍ଦ ବାଣୁଆ, ସମିତି ସଭ୍ୟ ସୁନନ୍ଦା ସାହୁ, ହିମାଦ୍ରୀ ଛତ୍ରିଆ, ଲୋଚନଧର ମାଝି, ବିଶ୍ୱମ୍ଭର ମାଝି, ମାଧୁରୀ ନାଏକ, ରଏବାରୀ ମାଝି, ରଞ୍ଜିତା ମାଝି, ଲୋଚନ ମାଝି, ଚୈତନ୍ୟ ମାଝି ପ୍ରମୁଖ ଜିଲାପାଳଙ୍କ ସହ ଆଲୋଚନା କରି ଗୋପବନ୍ଧୁ ଗ୍ରାମୀଣ ଯୋଜାନା ଅନୁଦାନ ଅର୍ଥ ଜିଲାର ପ୍ରତ୍ୟେକ ବ୍ଲକକୁ ଯୋଗାଇ ଦେବା ପାଇଁ ଦାବି କରିଥିଲେ।



ଦାବିପତ୍ର ପ୍ରଦାନ ପାଇଁ ଆସିଥିବା ଜିଲା ସମିତି ସଭ୍ୟ ସଂଘ କର୍ମକର୍ତ୍ତା ।

■ ପ୍ରାଣୀଧନ ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତ

# ଆବଶ୍ୟକ ଷ୍ଟାଫ୍, ଡାକ୍ତର ଅଭାବ

**ଭବାନୀପାଟଣା, ୫।୧୧ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଭବାନୀପାଟଣା ପ୍ରାଣୀଧନ ଚିକିତ୍ସା କେନ୍ଦ୍ରଠୁ ଆରମ୍ଭ କରି ଏହା ସହିତ ସଂଲଗ୍ନ ସମସ୍ତ ଗୋଷ୍ଠି ପ୍ରାଣୀଧନ ଚିକିତ୍ସା କେନ୍ଦ୍ରରେ ଅନେକ ଅବ୍ୟବସ୍ଥା ରହିଥିବା ଦେଖିବାକୁ ମିଳିଛି । ସବୁଠି ଆବଶ୍ୟକ ଭିତ୍ତି ଭୂମିର ଅଭାବ ସହିତ ଆବଶ୍ୟକ ଷ୍ଟାପ୍ ଓ ଡାକ୍ତର ଅଭାବ ରହିଛି। ଏଥି ଯୋଗୁ ପ୍ରାଣୀ ଓ ପକ୍ଷୀମାନଙ୍କ ସ୍ୱାସ୍ଥ୍ୟ ସମସ୍ୟା ସମାଧାନ କରିବାରେ ବ୍ୟାପକ ଅନିୟମିତତା ଦେଖାଦେଉଥିବା ନଜରକୁ ଆସିଛି। ଜିଲାରେ ୧୩ଟି ପ୍ରାଣୀଧନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଅନେକ ଉପକେନ୍ଦ୍ର ତଥା ଏଲ୍.ଆଇ. ସେଣ୍ଟର୍ ରହିଛି। ଦୀର୍ଘ ଦିନରୁ ଉକ୍ତ ସ୍ୱାସ୍ଥ୍ୟ କେନ୍ଦ୍ରର ଅଫିସ୍ ଗୃହ ନିର୍ମାଣ ହୋଇଥିବା ବେଳେ ବର୍ତ୍ତମାନ କେତେକ ଘର ଭୁଷୁଡିବା ଅବସ୍ଥାରେ ଥିବା ବେଳେ ଅନେକ ବିଲ୍ଡିଂ ପରିତ୍ୟକ୍ତ ହୋଇ ଭୂତ କୋଠି ପାଲଟିଛି। ଏଥିରେ ଜିଲା ପ୍ରଶାସନ ପୁନରୁଦ୍ଧାର ପାଇଁ ପଦକ୍ଷେପ ନେଉ ନ ଥିବା ଯୋଗୁ ସାଧାରଣରେ ଅସନ୍ତୋଷ




ଭବାନୀପାଟଣା ପ୍ରାଣୀଧନ ଚିକିତ୍ସା କେନ୍ଦ୍ର।

ବୃଦ୍ଧି ପାଇବାରେ ଲାଗିଛି। ବିନା ମୂଲ୍ୟରେ ଗାଈ ଗୋରୁ ଛେଳି, ମେଣ୍ଢାଙ୍କୁ ଔଷଧ ଓ ସର୍ବନିମ୍ନ ଦେୟ ପୈଠ ପରେ ମିଳୁଥିବା ଭେକ୍ସିନ୍‌ଗୁଡିକୁ ଚଢା ଦରରେ ପଶୁଜନ୍ତୁଙ୍କ ମାଲିକଙ୍କଠାରୁ ଦେୟ ଆଦାୟ କରାଯାଉଥିବା ଅଭିଯୋଗ ଆସୁଛି। ଏହି ପରିପ୍ରେକ୍ଷୀରେ ଜିଲା ମୁଖ୍ୟାଳୟରେ ଠିକ୍ ଭାବେ ଷ୍ଟକ୍ ମେଣ୍ଟେନ୍ ନ କରି ଔଷଧ ଓ ଭେକ୍ସିନ ବିତରଣ କରାଯାଉଥିବାରୁ ଡାକ୍ତର ଓ ଏଲ୍‌ଆଇମାନେ ଅସାଧୁ ଉପାୟରେ ଜନସାଧାରଣଙ୍କୁ ଆର୍ଥିକ ଶୋଷଣ କରାଯାଉଛି। ଗାଈଗୋରୁଙ୍କୁ ସବୁଜ ଆହାର ଯୋଗାଇ ଦେବା ଆଳରେ ସରକାର ଘାସ ମଞ୍ଜି ବିତରଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଏହା ଠିକ୍ ଭାବେ କାର୍ଯ୍ୟକାରୀ ହେଉ ନ ଥିବା ଯୋଗୁ ସବୁଜ ଆହାର ନ ପାଇ ଗାଈ ଗୋରୁମାନେ ବିଭିନ୍ନ ପ୍ଲାଷ୍ଟିକ୍ ଓ କାଗଜ ଖାଇ ସ୍ୱାସ୍ଥ୍ୟ ହାନୀ ଘଟୁଥିବା ଦେଖିବାକୁ ମିଳିଛି। ଏଭଳି ଅନେକ ସମସ୍ୟା ଓ ଅବ୍ୟବସ୍ଥା ଭିତର ଦେଇ ଗତି କରୁଥିବା କଳାହାଣ୍ଡିର ପ୍ରାଣୀଧନ ସ୍ୱାସ୍ଥ୍ୟାବସ୍ଥା ଧୀରେ ଧୀରେ ବିପର୍ଯ୍ୟସ୍ତ ଆଡକୁ ଗତି କରୁଛି। କିନ୍ତୁ ଏଥିପ୍ରତି ପ୍ରଶାସନର ଦୃଷ୍ଟି ପଡୁ ନ ଥିବାରୁ ଅନେକ ପ୍ରାଣୀ ପ୍ରେମୀମାନଙ୍କ ମନରେ ବିତୃଷ୍ଣା ଭାବ ଜାଗ୍ରତ ହେଉଥିବା ଦେଖିବାକୁ ମିଳିଛି। ଜିଲାରେ କେନ୍ଦ୍ର ଓ ରାଜ୍ୟ ସରକାର ପ୍ରାଣୀଧନ ସୁରକ୍ଷା ସକାଶେ ବୀମା କରାଯାଉଛି ଏବଂ ଚାଷୀମାନଙ୍କଠାରୁ ଅର୍ଥ ସଂଗ୍ରହ କରାଯାଉଛି। କିନ୍ତୁ ବୀମା କରାଯାଇଥିବା ପ୍ରାଣୀର ମୃତ୍ୟୁ ହେବା ପରେ ବର୍ଷ ବର୍ଷ ଧରି ଆଜି ଯାଏଁ ଶହ ଶହ ପ୍ରାଣୀ ବୀମା ବକେୟା ରହିଛି। ଫଳରେ ଗୋପାଳକମାନେ କ୍ଷତିଗ୍ରସ୍ତ

**ଦେୟମୁକ୍ତ ଔଷଧ ସାଜିଛି ଉପୁରି ଉପାର୍ଜନର ଜରିଆ**

ହେବା ସହ ପ୍ରାଣୀ ଚିକିତ୍ସା ବିଭାଗ ପ୍ରତି ଅସନ୍ତୋଷ ପ୍ରକାଶ କରୁଛନ୍ତି। ଏ ସମ୍ପର୍କରେ ଜିଲା ମୁଖ୍ୟ ପ୍ରାଣୀଧନ ଅଧିକାରୀ ଚୈତନ୍ୟ ସେଠୀଙ୍କୁ ପଚାରିବାରୁ ସରକାରୀ ଅନୁଦାନ ଠିକ୍ ହିସାବରେ ଆସୁ ନ ଥିବା ଯୋଗୁ ଜିଲାରେ ପ୍ରାଣୀ ଧନ ଚିକିତ୍ସା କ୍ଷେତ୍ରରେ ଏଭଳି ନୈରାଶ୍ୟ ଜନକସ୍ଥିତି ରହିଛି । ଯଦିବା କେତେକ ଅସାଧୁ କର୍ମଚାରୀ ବିତରଣ କରାଯାଉଥିବା ମେଡିସିନ୍ ଓ ଭ୍ୟାକ୍ସିନ୍‌କୁ ନେଇ କାର୍ଯ୍ୟାଳୟ ପରିସରରେ ବ୍ୟବସାୟୀକ ଭିତ୍ତିରେ ଅର୍ଥ ଉପାର୍ଜନର ପନ୍ଥା ଅବଲମ୍ବନ କରୁଛନ୍ତି, ପ୍ରମାଣ ସହ ଦୃଷ୍ଟି ଗୋଚର ହୁଏ ତାହେଲେ ତାଙ୍କ ବିରୋଧରେ ଆଇନ୍‌ଗତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେଠୀ କହିଛନ୍ତି। ବାରମ୍ବାର ବୀମା ରାଶି ପ୍ରଦାନ ସକାଶେ ବୀମା କମ୍ପାନୀମାନଙ୍କୁ ପତ୍ରାଳାପ କରାଯାଉଥିଲେ ମଧ ସେମାନେ କର୍ଣ୍ଣପାତ କରୁ ନ ଥିବାରୁ ପ୍ରାଣୀଧନ ବିଭାଗ ଅନ୍ୟ ଉପାୟ ହୋଇ ହାତଟେକି ବସିଛି ବୋଲି ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସକ ପ୍ରକାଶ କରିଛନ୍ତି।



ସଫଳତା ହିଁ ଅନେକ ବିରାଟ ପ୍ରମାଦକୁ ଘୋଡ଼ାଇ ପକାଏ।
- ଜର୍ଜ ବର୍ଣ୍ଣାଡ ଶ'

## ସଂକ୍ଷେପରେ

### ଫାଇଲେରିଆ ନିରାକରଣ କର୍ମଶାଳା

**ବ୍ରଜରାଜନଗର, ୫।୧୧ (ଡି.ଏନ୍.ଏ.):** ବ୍ରଜରାଜନଗର ଅଞ୍ଚଳକୁ ଫାଇଲେରିଆ ମୁକ୍ତ କରିବା ଉଦ୍ଦେଶ୍ୟରେ ଖଲିଆକାନୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ବ୍ରଜରାଜନଗର ମହିଳା ମହାବିଦ୍ୟାଳୟ ପରିସରରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଖଲିଆକାନୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଡାକ୍ତର ବାସୁଦେବ ମୁର୍ମୁ, ଡା. ଅନୁଭବ କୁମାର, ମ୍ୟାଲେରିଆ ସୁପର ଭାଇଜର ସମ୍ବରୁ ରଣା, ବୃନ୍ଦାବନ ବେହେରା ଉପସ୍ଥିତ ରହି ଫାଇଲେରିଆ ମୁକ୍ତ ସଚେତନତା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ, ଉପକାରିତା ଓ ଅପକାରିତା ଉପରେ ଛାତ୍ରୀମାନଙ୍କୁ ଅବଗତ କରାଇଥିଲେ। ପରିଶେଷରେ ମହିଳା ମହାବିଦ୍ୟାଳୟର ଛାତ୍ରୀମାନେ ଝାରସୁଗୁଡ଼ା ଜିଲାକୁ ଫାଇଲେରିଆ ମୁକ୍ତ କରିବାକୁ ଶପଥ ନେଇଥିଲେ। ଅଧକ୍ଷ ଆର.ଏନ. ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଡିଏଭି ସ୍କୁଲ ଫି' ବୃଦ୍ଧିକୁ ନେଇ ଅଭିଭାବକଙ୍କ ବୈଠକ

# ସାତଦିନ ସମୟ ମାଗିଲେ କର୍ତ୍ତୃପକ୍ଷ

**ବ୍ରଜରାଜନଗର, ୫।୧୧ (ଡି.ଏନ୍.ଏ.)**

ବ୍ରଜରାଜନଗର ସହରାଞ୍ଚଳରେ ମହାନଦୀ କୋଇଲା କମ୍ପାନୀ ଅଧୀନରେ ଦୁଇଗୋଟି ଡିଏଭି ପବ୍ଲିକ ସ୍କୁଲ ଚାଲୁଅଛି। ବର୍ତ୍ତମାନ ସ୍କୁଲ କର୍ତ୍ତୃପକ୍ଷ ପୂର୍ବପେକ୍ଷା ତିନି ଗୁଣା ଫି ବୃଦ୍ଧି କରିଛନ୍ତି। ଏ ନେଇ ପୂର୍ବରୁ ମଧ ଅଭିଭାବକମାନେ ଆନ୍ଦୋଳନ କରିଥିଲେ। ମଙ୍ଗଳବାର ଶତାଧିକ ଅଭିଭାବକ ସ୍ଥାନୀୟ ଶିବ ମନ୍ଦିର ପରିସରରେ ଏକତ୍ରିତ ହୋଇ ଫି' ବୃଦ୍ଧିକୁ ନେଇ ଆଲୋଚନା କରିଥିଲେ। ସେମାନଙ୍କ ଅଭିଯୋଗ ଅନୁଯାୟୀ କୋଇଲା କମ୍ପାନୀ ବିଦ୍ୟାଳୟ କୋଠା ଠାରୁ ଆରମ୍ଭ କରି ଶିକ୍ଷକମାନଙ୍କର ଦରମା ମଧ ଦେଇଥାଏ। ବିଦ୍ୟାଳୟରେ ଅଧ୍ୟୟନରତ କମ୍ପାନୀ କର୍ମଚାରୀଙ୍କ ପିଲାଙ୍କୁ ଏହି ଫି'ରୁ ବାଦ୍ ଦିଆଯାଏ। କେବଳ ଅଣ କର୍ମଚାରୀଙ୍କ ପିଲାଙ୍କଠାରୁ ଫି' ନିଆଯାଇଥାଏ। ଏଠିକାର ବାସିନ୍ଦା ପ୍ରଦୂଷିତ ବାତାବରଣରେ ଜୀବନଯାପନ କରୁଥିବା ବେଳେ କମ୍ପାନୀ ତରଫରୁ ଅଣ କର୍ମଚାରୀଙ୍କ ପାଇଁ କ'ଣ କରାଯାଇଛି ବୋଲି ଅଭିଭାବକମାନେ ପ୍ରଶ୍ନ କରିଛନ୍ତି। ସମସ୍ୟା ସମ୍ପର୍କରେ ଅଭିଭାବକମାନେ ସ୍ଥାନୀୟ ବିଧାୟକ କିଶୋର ମହାନ୍ତି ଓ ବରଗଡ଼ ଏମ୍‌ପି ସୁରେଶ ପୂଜାରୀଙ୍କୁ ମଧ ଅଭିଯୋଗ କରିଛନ୍ତି। ଘଟଣା ସମ୍ପର୍କରେ ଇବ୍‌କ୍ଷେତ୍ର ମହାପ୍ରବନ୍ଧକ ମଧୁସୂଦନ ଶର୍ମାଙ୍କୁ ପଚାରିବାରୁ ସାତଦିନ ମଧ୍ୟରେ ସମସ୍ୟାର ସମାଧାନ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି।



ଅଭିଭାବକମାନେ ସ୍କୁଲ କର୍ତ୍ତୃପକ୍ଷଙ୍କୁ ସମସ୍ୟା ସମାଧାନ ପାଇଁ ଦାବିପତ୍ର ପ୍ରଦାନ କରୁଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆରେ ଛତୁ,**
**ପାଣି ପଇଲେ କେତେ ତୁ ମାତୁ ?**

ବର୍ଷା ହେଲେ ମାଟି ଓଦା ହୁଏ। ପାଳଗଦା ତଥା ବାଲିଆ ଜାଗା ଉପରେ ଛତୁ ଫୁଟେ। ବର୍ଷାଋତୁ ସରିଗଲେ ଆଉ ଛତୁ ଫୁଟେନି। ସମୟ ଓ ବେଳ ଉପରେ ସବୁକିଛି ନିର୍ଭର କରିଥାଏ। ପରୋକ୍ଷରେ ସମୟ ଟିକେ ଭଲ ପଡ଼ିଲେ କିଛି ମଣିଷ ଉତ୍‌ଫୁଲ୍ଲିତ ହୋଇଉଠନ୍ତି। ଅନ୍ୟ ଆଗରେ ନିଜର ବୃଥା ଦାମ୍ଭିକତା ଦେଖେଇ ହେଉଥିବା ବ୍ୟକ୍ତିଙ୍କ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଆଳୁ, ସାରୁ, ବୋଇତି କଖାରୁ**
**ଚିଙ୍ଗୁଡ଼ି ଶୁଖୁଆରୁ ପୁଞ୍ଜିଏ ପଡ଼ିଲେ**
**ତା' ମଜା କାଇଁକି ପଚାରୁ ?**

ଖାଦ୍ୟ ସହ ରୁଚିର ସମ୍ପର୍କ ରହିଥାଏ। ଖାଦ୍ୟ ସ୍ୱାଦଯୁକ୍ତ ହେଲେ ଖାଇବାର ମଜା ଦ୍ୱିଗୁଣିତ ହୋଇଯାଏ। ଆଳୁ, ସାରୁ, ବୋଇତି କଖାରୁ ସହ ଚିଙ୍ଗୁଡ଼ି ଶୁଖୁଆର ମିଶ୍ରଣ ପାଚିକୁ ଖୁବ୍ ସୁଆଦିଆ ଲାଗୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ସ୍ମାରକପତ୍ର

**ଝାରସୁଗୁଡ଼ା ଅଫିସ୍/ ଲଖନପୁର, ୫।୧୧(ଡି.ଏନ୍.ଏ.)**

- ସ୍ମିତାରାଣୀ ମୃତ୍ୟୁ ଘଟଣାର ସିବିଆଇ ତଦନ୍ତ ଦାବି
- ଭାଜପା ଜିଲା ମହିଳା ମୋର୍ଚ୍ଚାର ବିକ୍ଷୋଭ ପ୍ରଦର୍ଶନ

ରାଜ୍ୟରେ ମହିଳାଙ୍କ ପ୍ରତି ଦିନକୁଦିନ ଅତ୍ୟାଚାର ବଢ଼ିବାରେ ଲାଗିଛି। ମହିଳାଙ୍କୁ ସୁରକ୍ଷା ଦେବାରେ ସରକାର ବିଫଳ ହୋଇଛନ୍ତି। ପ୍ରତିବାଦ ସ୍ୱରୂପ ଭାଜପା ସାରା ରାଜ୍ୟରେ ଆନ୍ଦୋଳନ ଡାକରା ଦେଇଛି। ଏହି ଅବସରରେ ଭାଜପା ଜିଲା ମହିଳା ମୋର୍ଚ୍ଚା ପକ୍ଷରୁ ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ପୂର୍ବକ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲାପାଳ ସରୋଜ ସାମଲଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଏଥିରେ ଭାଜପା ଜିଲା ସଭାନେତ୍ରୀ ତଥା ପୂର୍ବତନ ବିଧାୟିକା ରାଧାରାଣୀ ପଣ୍ଡା, ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ମଞ୍ଜୁବାଳା ଗୁରୁ, କିରଣବାଳା ନାୟକ, ରିନା ପଟେଲ, ଟିକିନା ଧଳ, ବିଉଟି ଶ୍ରୀବାସ୍ତବ, ଜୟନ୍ତୀ ବରଗ୍ଗି, ମଞ୍ଜରୀ ପୃଷ୍ଟି ପ୍ରମୁଖ ସାମିଲଥିଲେ। ଏହି ସ୍ମାରକପତ୍ରରେ କିଛିଦିନ ତଳେ ଘଟିଥିବା ଯାଜପୁର ଜିଲା ଧର୍ମଶାଳା ବ୍ଲକ ହରିଦାସପୁର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ମିତାରାଣୀ ବିଶ୍ୱାଳଙ୍କ ମୃତ୍ୟୁ ରହସ୍ୟ। କେନ୍ଦ୍ରାପଡା କ୍ରେଡିଟ୍ କୋଅପରେଟିଭ୍ ବ୍ୟାଙ୍କରେ କାର୍ଯ୍ୟରତ ମହିଳା କର୍ମଚାରୀଙ୍କ ପ୍ରତି ବ୍ୟାଙ୍କ ସଭାପତି ତଥା ବିଜେଡି ନେତାଙ୍କ ଦୁର୍ବ୍ୟବହାରକୁ ନେଇ ସିବିଆଇ ତଦନ୍ତ କରାଯାଉ ବୋଲି ଭାଜପା ଦାବି କରିଛି । ସ୍ମିତାରାଣୀଙ୍କ ମୃତ୍ୟୁରେ ସ୍ଥାନୀୟ ସରପଞ୍ଚଙ୍କ ସ୍ୱାମୀ ରୂପେଶ ଭଦ୍ରାଙ୍କୁ ପୋଲିସ ଗିରଫ କରି ଚୁପ୍ ବସିଛି। ଏଥିରେ ସମ୍ପୃକ୍ତ ଅନ୍ୟମାନଙ୍କୁ ପୋଲିସ ଧରିବାରେ ବିଫଳ ହୋଇଛି। ଖୋଦ ଏସ୍‌ପି ଘଟଣାକୁ ଲୁଚାଇବା ପାଇଁ ସ୍ମିତାରାଣୀଙ୍କ ମୃତ୍ୟୁ ପ୍ରେମଜନିତ ବୋଲି କହି ଚରିତ୍ର ସଂହାର କରୁଛନ୍ତି। ଏହାକୁ ପଞ୍ଚାୟତବାସୀ ବିରୋଧ କରିଛନ୍ତି। ସେହିପରି କ୍ରେଡିଟ୍ କୋଅପରେଟିଭ୍ ବ୍ୟାଙ୍କ ସଭାପତି ପ୍ରମୋଦ ସାହୁଙ୍କ ବିରୋଧରେ ପୋଲିସ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଭାଜପା ଦାବି କରିଛି। ଏଦିଗରେ ଯଦି ସରକାର କୌଣସି ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ ନ କରନ୍ତି ତା'ହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ଜୋରଦାର କରାଯିବ ବୋଲି ଭାଜପା ଜିଲା ସଭାନେତ୍ରୀ ପଣ୍ଡା କହିଛନ୍ତି।



ଭାଜପା ଜିଲା ମହିଳା ମୋର୍ଚ୍ଚା ତରଫରୁ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

# କୁଲେମୁରା, ନିକ୍ତିମାଲରେ ଭାଜପାର ପଦଯାତ୍ରା

**ଲଇକେରା, ୫।୧୧(ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ଲଇକେରା ବ୍ଲକ କୁଲେମୁରା ଓ ନିକ୍ତିମାଲ ଗ୍ରାମରେ ଭାଜପା ପକ୍ଷରୁ ୧୫୦ ତମ ଗାନ୍ଧୀ ଜୟନ୍ତୀ ଅବସରରେ ଗାନ୍ଧୀ ସଂକଳ୍ପ ଯାତ୍ରା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କର୍ମୀମାନେ ଜାତୀୟ ପତାକା ଧରି ଗ୍ରାମରେ ପଦଯାତ୍ରା କରିବା ସହିତ ସରକାରଙ୍କ ଲୋକାଭିମୁଖୀ ଯୋଜନା, ପ୍ଲାଷ୍ଟିକ୍ ବର୍ଜନ ଓ ସ୍ୱଚ୍ଛ ଭାରତ ଗଠନ ଦିଗରେ ଲୋକଙ୍କୁ ସଚେତନ କରିଥିଲେ। ସଦସ୍ୟତା ମଣ୍ଡଳ ପ୍ରମୁଖ ପଙ୍କଜ ବେହେରା, ବରିଷ୍ଠ କର୍ମୀ ବାଞ୍ଛାନିଧି ସାହୁ, ନିଶିକାନ୍ତ ପଟେଲ, ଏକାଦଶିଆ ରଣା, ପଙ୍କଜ ଦାଶ, ନବୀନ ବରିହା ପ୍ରମୁଖଙ୍କ ନେତୃତ୍ୱରେ ବରଗଡ ଅନୁଷ୍ଠିତ ଏହି ପଦଯାତ୍ରାରେ ବରଗଡ଼ ଏମ୍‌ପି ସୁରେଶ ପୂଜାରୀ, ପୂର୍ବତନ ବିଧାୟିକା ରାଧାରାଣୀ ପଣ୍ଡା ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ସାଧାରଣ ସମ୍ପାଦକ ରଘୁନନ୍ଦନ ପଣ୍ଡା, ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ପ୍ରମୋଦ ସେନାପତି, ଜିଲା ଉପସଭାପତି ନରେଶ ନାଏକ, ଜିଲା ସମ୍ପାଦକ ପ୍ରେମସେନ ରାଏ, ରାଜ୍ୟ କୃଷକ ମୋର୍ଚ୍ଚା ସଦସ୍ୟ ଅରୁଣ ବେହେରା ପ୍ରମୁଖ ସାମିଲ ଥିଲେ।




ପଦଯାତ୍ରାରେ ଭାଜପା କର୍ମୀଙ୍କ ସହ ବରଗଡ଼ ଏମ୍‌ପି ସୁରେଶ ପୂଜାରୀ।



### ବନ୍ଧପାଲି ଶିବମନ୍ଦିରରେ ଅଁଳାନବମୀ ପାଳିତ

**ଲଇକେରା, ୫।୧୧(ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ଲଇକେରା ବ୍ଲକ ବନ୍ଧପାଲି ଗ୍ରାମ ଶୈବପୀଠରେ ମଙ୍ଗଳବାର ଅଁଳାନବମୀ ପାଳିତ ହୋଇଯାଇଛି। ଗ୍ରାମର ଶତାଧିକ ମହିଳା ପୁରୁଷ ଉପବାସ ରହି ଅଁଳାବୃକ୍ଷକୁ ପୂଜା କରିଥିଲେ। ଏହି ଅବସରରେ ସଂକୀର୍ତ୍ତନ୍ୟ ମଣ୍ଡଳୀ ଭଜନ କୀର୍ତ୍ତନ ପରିବେଷଣ କରିଥିଲେ। ଗ୍ରାମର ଶାନ୍ତିଲତା ନାଏକ, ସବିତା ପଟେଲ, ଝରଣା ମହାପାତ୍ର, ପ୍ରଭାମୟୀ ପଟେଲ, ଉର୍ମିଳା ପଟେଲ, ସରୋଜ ପଟେଲ, ଲିଲାସାଗର ଧୁରୁଆ, ସନ୍ତୋଷ ମହାପାତ୍ର, ଛଗନ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ପୂଜାର୍ଚ୍ଚନା ସହ ଭଜନ କୀର୍ତ୍ତନ କରିଥିଲେ।

### ଭୀମ ଭୋଇ କଲେଜରେ ଆଣ୍ଟି ର୍ୟାଗିଂ ସଚେତନତା କାର୍ଯ୍ୟକ୍ରମ

**ରେଢାଖୋଲ,୪।୧୧(ଡି.ଏନ.ଏ.)**

ସ୍ଥାନୀୟ ଭୀମ ଭୋଇ କଲେଜରେ ଆଣ୍ଟି ର୍ୟାଗିଂ ଓ ସେକ୍ସୁଆଲ ହାରାସମେଣ୍ଟ ଉପରେ ଛାତ୍ରୀଛାତ୍ରଙ୍କୁ ସଚେତନ କରାଯାଇଛି। କଲେଜ ଅଧ୍ୟକ୍ଷ ଡ. ବାଳାଦିତ୍ୟ ବିକାଶ ଶ୍ରୀ ଚନ୍ଦନ ସିଂ ଅଧ୍ୟକ୍ଷତା କରିଥିଲେ। ଅଧ୍ୟାପିକା ପଦ୍ମଜା ସିହ୍ନା, ସୁପ୍ରିୟା ମଲ୍ଲିକ, ଅକ୍ଷୟ କୁମାର କର, ଦିବ୍ୟଲୋଚନ ରାଉତ ପ୍ରମୁଖ ଯୋଗ ଦେଇ ଛାତ୍ରୀଛାତ୍ରଙ୍କୁ ର୍ୟାଗିଂ ଓ ଯୌନ ଉତ୍ପୀଡନ ପାଇଁ ଥିବା କଠୋର କାର୍ଯ୍ୟାନୁଷ୍ଠାନ ଉପରେ ବକ୍ତବ୍ୟ ରଖିଥିଲେ। ଏ ଦିଗରେ ସଚେତନ ହୋବାକୁ ପରାମର୍ଶ ଦେବା ସହ କଲେଜରେ ଏକ ସୁସ୍ଥ ବାତାବରଣ ପାଇଁ ସହାୟକ ହେବାକୁ କହିଥିଲେ।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

BUSINESS

Registration Free..Govt. Approved
ସିୟା ରାମ ରିଲାଏନ୍ସ JEO
କଂପାନୀ ଦ୍ୱାରା ନିଜର ଖାଲି ଜମି ଓ ଛାତ ଉପରେ 3G/4G ରେଡିଏସନ ଫ୍ରୀ ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 90,000/- ଟଙ୍କା ପାଆନ୍ତୁ । ଚାକିରି + ୨୦ ବର୍ଷର କୋଟ ଅଗ୍ରୀମେଣ୍ଟ
Plot No - 15/012, Devaraja Mohalla, Bangalore, Karnataka 570001
9529777097
9560376626

LOAN DHAMAKA
1) Mudra Loan
2) Term Loan
3) Cash Credit
4) Vehicle Loan
5) Housing Loan
6) Agriculture Loan
7) Used Car Loan
8) Mortgaged Loan
PD ASSOCIATE
91, Kharvela Nagar, BBSR
8895436156

BARSA FINANCE
ବ୍ୟବସାୟ, ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗୃହ ଋଣ ସମସ୍ତ ପ୍ରକାର LOAN
BARSA FINANCE
ଯୋଗାଇ ଦେଉଛି । ସୁଧ=1%
M = 7656825259, 7656825281
Add - 61/25, SEC-2, Pushp Vihar, Delhi - Laing, Sundargarh, Odisha

ASTROLOGY

ଆମଠାରୁ ଆଗେ କାମ କରିଥିବା ଲୋକଙ୍କୁ ଦାବି ମୁତାବକ ପୁରସ୍କାର
ଖୋଲା ଚ୍ୟାଲେଞ୍ଜ ତନ୍ତ୍ର ମନ୍ତ୍ର ସମ୍ରାଟ
ଘରେ ବସି 2 ଘଣ୍ଟାରେ ସମାଧାନ
ବାବା କମାଲ ଖାନ୍
ବଶୀକରଣ ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ସଉତୁଣୀ, ଶତ୍ରୁ ମୁକ୍ତି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମରେ ଧୋକା, ରୁଷିଥିବା ବ୍ୟକ୍ତିଙ୍କୁ ମନାଇବା, ବ୍ୟବସାୟ, ଛାଡ଼ପତ୍ରରେ ବାଧା, ସନ୍ତାନ କିମ୍ବା ବିଦେଶ ଯାତ୍ରାରେ ବିଘ୍ନ। ସବୁଠାରୁ ନିରାଶ ହୋଇଥିବା ବ୍ୟକ୍ତି ଫୋନ୍ କରନ୍ତୁ
9911786155
9911786154

BUSINESS
ଖାଲିଥିବା ଜମି ଓ ଛାତ ଉପରେ Bansal Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ ।
ଆଜି ହିଁ ସଂମ୍ପର୍କ କରନ୍ତୁ
242/4, Bannerghatta Main Rd, Mulimavu, Bengaluru, Karnataka 560076
Call / SMS Now
07376033092

FINANCE

ଶ୍ରୀରାମ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
ଧୋକେବାଜ ଙ୍କୁ ସାବଧାନ
Mahaveer Nagar, Lewis Road, Bangalore
08587970541
09499469559

FINANCE
All India ଋଣ ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୦% ସୁଧ ୫୦% ଛାଡ ଘରେବସି ପାଆନ୍ତୁ
Call / SMS Now
Janavi - 7566-888-563
Sagar - 7773-817-838
Manasi- 8827-505-029
Manisa- 7772-970-949
Sradha - 7583-808-884
Visakha- 8269-150-310
Vasundhara Mall, West Boring Canal Rd, Rajapur, Patna, Bihar 800001

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

EDUCATION

LAST DATE OF ADMISSION ON 10/11/2019
B.Ed
Acharya Nagarjuna University
Equivalent to Govt. of Odisha
FREE Practical, Study Material, Formfillup fees & Weekend Class
NIDT
B.Ed Academy Since 2001
B.J.B. Nagar, Lewis Road, Bhubaneswar
7978204082, 9438286091

ଭାରତର ନଂ. 1 କମ୍ପାନୀ
Hindusthan Tower Group
ଦ୍ୱାରା ନିଜର ଖାଲି ଜମି, ଛାତ, ଚାଷଜମି ଓ ହାଇୱେ ପାର୍ଶ୍ୱ ଜମିରେ
DIGITAL
ମଲ୍ଟିମିଡିଆ ଟାୱାର ଲଗାନ୍ତୁ।
ଆଡ୍‌ଭାନ୍ସ: 60 ଲକ୍ଷ
ଭଡ଼ା: 60 ହଜାର
94735-96956, 98070-64437
ADDRESS: T-51, GAUTAMPURI, DELHI

ଶୁଭଜନଲକ୍ଷ୍ମୀ ଫାଇନାନ୍ସ
ଗୃହ ଋଣ, ମାର୍କଶିଟ୍ ଋଣ, କୃଷି ଋଣ, ପର୍ସନାଲ ଋଣ, ଗ୍ରୁପ୍ ଋଣ, ମାତ୍ର 5 ବାର୍ଷିକ ସୁଧ ହାରରେ ।
ଯୋଗାଯୋଗ କରନ୍ତୁ
9899289162
9858323204
Dehradun, UK

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
Bhagyalaxmi Finance
Reg No. U6519TN198PLC00855
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗ୍ରୁପ୍, ବ୍ୟବସାୟ ଓ ସମସ୍ତ ଋଣ 2-3 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ 40% ରିହାତି
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି, ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
ମୋ. 7689936101
7310644390
Vishal Mansion, Mahatma Gandhi Road, UP

KUBER FINANCE
Kuber ଋଣ ଲିମିଟେଡ୍ ଭରସାର ପ୍ରତିକ ସରକାରୀ ସ୍ୱୀକୃତୀପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, କୃଷି ଆଧାରକାର୍ଡ ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ମାତ୍ର ୧ ଦିନରେ, 2% ସୁଧ 40% ଛାଡ । ଘରେ ବସି ପାଆନ୍ତୁ
ଖର୍ଚ୍ଚ ଲୋନ ପାସ ହେଲା ପରେ
Plot No-14/524, Chandini Chowk, Kolkata
Call or SMS Now
8146524009


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



DHARITRI Career appointment Every Wednesday and Saturday

ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ୬ ନଭେମ୍ବର, ୨୦୧୯



ଯେଉଁମାନେ କୌଣସି ମତ ପ୍ରକାଶ କରନ୍ତି ନାହିଁ, ସେମାନଙ୍କର ସଦ୍‌ଗୁଣର ମୂଲ୍ୟ ମନୁଷ୍ୟ ସମାଜ ପାଇଁ କିଛି ହେଲେ ନାହିଁ।
- ଆବ୍ରାହମ୍ ଲିଙ୍କନ



## ଜିଲାପାଳଙ୍କୁ ଭେଟିଲେ ଗ୍ରାମବାସୀ

**ସୁନ୍ଦରଗଡ଼, ୫।୧୧ (ଡି.ଏନ୍.ଏ)**

ଖଣିଖାଦାନ ଭରା ହେମଗିର ବ୍ଲକରେ ବିଭିନ୍ନ କମ୍ପାନୀ ଏବଂ କୋଇଲା ଖଣି ଆରମ୍ଭ ହେବା ପରେ ସ୍ଥାନୀୟ ଅଧିବାସୀ ଅନେକ ଆଶାବାନ୍ଧି ଥିବା ବେଳେ ବିଭିନ୍ନ କମ୍ପାନୀ ବାଲାଙ୍କ ଜୁଲୁମ ଓ ଅତ୍ୟାଚାର ଦ୍ୱାରା ସେମାନଙ୍କର ଆଶା ଧୂଳିସାତ ହୋଇଛି। ବର୍ତ୍ତମାନ ଏହି ବ୍ଲକ ଅନ୍ତର୍ଗତ କଲାମେଘା ଗ୍ରାମରେ କମ୍ପାନୀ ବାଲାଙ୍କର ଏଭଳି ଜୁଲୁମ ପ୍ରତିବାଦରେ ମଙ୍ଗଳବାର ସ୍ଥାନୀୟ ଗ୍ରାମବାସୀ ଜିଲାପାଳଙ୍କୁ ଭେଟିଛନ୍ତି। ଚୁଆବାହାଲ ଠାରୁ ମଝାପଡା ପର୍ଯ୍ୟନ୍ତ ଏନ୍‌ଟିପିସିର ରେଲଲାଇନ କାର୍ଯ୍ୟ କରୁଥିବା କମ୍ପାନୀ କାମ ଆରମ୍ଭ କରିବା ସମୟରେ ଗ୍ରାମସଭାରେ ପାରିପାର୍ଶ୍ୱିକ ଉନ୍ନତି ସହ ସ୍ଥାନୀୟ ବେକାର ଯୁବକଙ୍କୁ କାମ ଯୋଗାଇ ଦେବା ସହ ରାଜ୍ୟ ସରକାରଙ୍କ ସମସ୍ତ ନିୟମାବଳୀ ପାଳନ କରିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଏହି ପ୍ରତିଶ୍ରୁତି ପାଳନ କରିବାରେ ଭୁଲିଯାଇ ଓଲଟା ଗ୍ରାମବାସୀଙ୍କ ଉପରେ ବିଭିନ୍ନ ଜୁଲୁମ ଚଳାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗ୍ରାମର ଯୁବକମାନେ ଚାକିରୀ କିମ୍ବା କାମ କଥା କହିଲେ ସେମାନଙ୍କୁ ଧମକ ଓ ମିଥ୍ୟା କେଶର ଭୟ ଦେଖାଇ ଚୁପ୍ କରାଇ ଦେଉଛି । ଏହି କାର୍ଯ୍ୟ ଚାଲିଥିବାବେଳେ ସମ୍ପୃକ୍ତ କମ୍ପାନୀ ଜଙ୍ଗଲ ଓ ପରିବେଶ ଆଇନର ଉଲଘଂନ କରି ସଂରକ୍ଷିତ ଜଙ୍ଗଲରୁ ଲକ୍ଷଲକ୍ଷ ଟଙ୍କାର ମୂଲ୍ୟବାନ କାଠ, ମାଟି ଓ ମୋରମ ଆଦି ବାଲାଣ କରୁଛି । ଏହିସବୁ ସାମଗ୍ରୀ ପରିବହନ ଯୋଗୁ ଗ୍ରାମ୍ୟରାସ୍ତା ଖରାପ ହେଉଛି। ଏହି ସବୁ ସାମଗ୍ରୀ ପରିବହନ କରୁଥିବା ଟ୍ରକଗୁଡିକର ବେପାରୁଆ ଚାଳନା, କେତେକ ଗୁଣ୍ଡାଶ୍ରେଣୀୟ ଯୁବକଙ୍କୁ ଧରି ଗ୍ରାମରେ ଆତଙ୍କବାଦ ଚଳାଇଛି । କଲାମେଘା ଗ୍ରାମର ଗ୍ରାମବାସୀ ଓ ସୁନ୍ଦରଗଡ ଭାଜପାର କର୍ମକର୍ତ୍ତାଙ୍କ ସହ ଏକ ପ୍ରତିନିଧି ମଣ୍ଡଳୀ ଜିଲାପାଳ ନିଖିଲ ପଓ୍ୱନ କଲ୍ୟାଣଙ୍କୁ ସାକ୍ଷାତକରି ସମସ୍ତ ଘଟଣା ସମ୍ପର୍କରେ ଅବଗତ କରିଥିଲେ। ଏହି ପ୍ରତିନିଧି ମଣ୍ଡଳୀରେ ବିଧାୟିକା କୁସୁମ ଟେଟେଙ୍କ ପ୍ରତିନିଧି ସୁରେନ୍ଦ୍ର ସ୍ୱର୍ଣ୍ଣକାର ଗ୍ରାମବାସୀଙ୍କ ତରଫରୁ ଚୈତନ୍ୟ ପ୍ରଧାନ, ଯୁବ ନେତା ମନୀଷ ପଟେଲ, ସୁଶୀଲ ଗୁପ୍ତା, ମନୋଜ ପୁରୋହିତ, ଆନନ୍ଦ ଶେଖର ଦେଓ, ଭୀମସେନ ନାଏକ, ରାଜକୁମାର କିଷାନ, ଲକ୍ଷ୍ମୀକାନ୍ତ ପଟେଲ, ସୁଜିତ ପଟେଲ, ଶତ୍ରୁଘନ ପଟେଲ, କେଦାରନାଥ ସାହାଣୀ, ଶୋଭନ ହୋତା, ଅଂଶୁଲ ପଟେଲ, ନୀରଜ ପଟେଲ ପ୍ରମୁଖ ସାମିଲ ହୋଇ ଜିଲାପାଳଙ୍କ ସହିତ ଆଲୋଚନା କରିଥିଲେ।



ଜିଲାପାଳଙ୍କୁ କଲାମେଘା ଗ୍ରାମବାସୀ ଭେଟି ଆଲୋଚନା କରୁଛନ୍ତି।

## ୧୧୮ ଦିନର ପଦଯାତ୍ରା ପରେ ନୂଆଗାଁରେ ପହଞ୍ଚିଲେ ସତ୍ୟବ୍ରତ

ନୂଆଗାଁ, ୫।୧୧ (ଡି.ଏନ.ଏ)– ଓଡିଶାକୁ ସ୍ୱତନ୍ତ୍ର ରାଜ୍ୟପାହ୍ୟା, ମହାନଦୀ ଜଳ ସମସ୍ୟାର ସମାଧାନ ତଥା ପୋଲାଭରମ ପ୍ରକଳ୍ପକୁ ବନ୍ଦ କରିବା ଦାବିରେ ଜୁଲାଇ ୧୦ ତାରିଖରୁ ଯାଜପୁର ଜିଲା ବଡଚଣା ବ୍ଲକରୁ ପଦଯାତ୍ରା ଆରମ୍ଭ କରିଥିବା ଜନସଚେତନତା ମଞ୍ଚର ଆବାହକ ସତ୍ୟବ୍ରତ ଦାସ ମଙ୍ଗଳବାର ସୁନ୍ଦରଗଡ ଜିଲାର ନୂଆଗାଁ ବ୍ଲକକୁ ସଚେତନତାର ବାର୍ତ୍ତା ନେଇ ପହଞ୍ଚିଥିଲେ। ନୂଆଗାଁଠାରେ ପହଞ୍ଚିବା ପରେ ତାଙ୍କୁ ସମାଜସେବୀ ପ୍ରଦୀପ ସାହୁ, ଚାନ୍ଦୁ ସାହୁ, ଗଙ୍ଗା ଲୋହାର, ରାକେଶ ସାହୁ ତଥା ବ୍ଲକର କର୍ମଚାରୀମାନେ ତାଙ୍କୁ ସ୍ୱାଗତ କରିଥିଲେ । ପରେ ସତ୍ୟବ୍ରତ ନୂଆଗାଁ ବିଡିଓ ମାଧବ ପାଣିଗ୍ରାହୀଙ୍କୁ ସାକ୍ଷାତ କରି ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ତାଙ୍କର ଦାବିପତ୍ର ପ୍ରଦାନ କରିଥିଲେ । ବର୍ତ୍ତମାନ ସୁଦ୍ଧା ସତ୍ୟବ୍ରତ ୧୧୮ ଦିନ ପଦଯାତ୍ରା କରିଥିବା ବେଳେ ମୋଟ ୮୪ଟି ବ୍ଲକକୁ ଯାଇ ଓଡିଶାର ସ୍ୱାର୍ଥପାଇଁ ନିଜ ଅଭିଯାନ ଜାରି ରଖିଛନ୍ତି । ବର୍ତ୍ତମାନ ସୁଦ୍ଧା ସେ ୨୩୦୦ କିମି ପର୍ଯ୍ୟନ୍ତ ପଦଯାତ୍ରା କରି ସାରିଲେଣି । ତାଙ୍କର ଏଭଳି ଅଭିଯାନକୁ ନୂଆଗାଁ ବ୍ଲକ ପକ୍ଷରୁ ସ୍ୱାଗତ କରାଯାଇଛି ।




ନୂଆଗାଁ ବ୍ଲକରେ ସତ୍ୟବ୍ରତ।

### ଜାତୀୟ ରାଜପଥ ସମ୍ପ୍ରସାରଣ ନେଇ ଚିନ୍ତାରେ ଗ୍ରାମବାସୀ

## ଲାଠିକଟା ତହସିଲଦାରଙ୍କୁ ଦାବିପତ୍ର

**ରାଉରକେଲା ଅଫିସ,୫। ୧୧**

୧୪୩ ନଂ ଜାତୀୟ ରାଜପଥ ସମ୍ପ୍ରସାରଣ ନେଇ ରାସ୍ତାପାର୍ଶ୍ୱ ବାସିନ୍ଦା ଚିନ୍ତାରେ ପଡିଛନ୍ତି। ଦେଓଗାଁ ନିକଟରେ ଉଚ୍ଛେଦ ଆରମ୍ଭ କରାଯାଇଥିବା ବେଳେ ଏହା ଆଗକୁ ମାଡିବାରେ ଲାଗିଛି। ଇତିମଧ୍ୟରେ ଜଲଦା ଏ ବ୍ଲକ ପର୍ଯ୍ୟନ୍ତ ଉଚ୍ଛେଦ କାର୍ଯ୍ୟ ପହଞ୍ଚିଥିବା ବେଳେ ଖୁବଶୀଘ୍ର ଏହା ରାସ୍ତା ପାର୍ଶ୍ୱ ଜଲଦା ଗ୍ରାମର ସମସ୍ତ ଅଧିବାସୀଙ୍କ ଆବାସିକ ଘର ଭାଙ୍ଗିବ ବୋଲି ଆଶଂକା ପ୍ରକାଶ ପାଇଛି। ଏମିତି ଅବସ୍ଥାରେ ସ୍ଥାନୀୟ ସରପଞ୍ଚ ଜାଡ୍ରୁଶ ଓରାମ ଆଶଂକା ବ୍ୟକ୍ତ କରିଛନ୍ତି। ଏନେଇ ସ୍ଥାନୀୟ ବାସିନ୍ଦା ମଙ୍ଗଳବାର ଲାଠିକଟା ତହସିଲଦାରଙ୍କ ଉଦ୍ଦେଶ୍ୟରେ ଏକ ଦାବି ପତ୍ର ପ୍ରଦାନ କରିଛନ୍ତି। ଏଥିରେ କୁହାଯାଇଛି ଯେ, ଗରିବ ଆଦିବାସୀ ପରିବାରଙ୍କୁ କ୍ଷତିପୂରଣ ସହ ଥଇଥାନ ବ୍ୟବସ୍ଥା କର। ଏନ୍ୟଥା ବାସହରା ପରିବାର ନାନା ଦୁର୍ଦ୍ଦିନର ସମ୍ମୁଖୀନ ହେବ। ଛୋଟମୋଟ ବ୍ୟବସାୟ ସହ କୁଲି ମଜୁରି କରି ପରିବାର ଗୁଜୁରାଣ କରୁଥିବା ଶତାଧିକ ପରିବାର ଉଚ୍ଛେଦ ପର ଅବସ୍ଥା ସମ୍ମୁଖୀନ ହେବାକୁ ସକ୍ଷମ ନୁହଁନ୍ତି ବୋଲି ଜାଡ୍ରୁଶ କହିଛନ୍ତି। ଏଣୁ ଜିଲା ପ୍ରଶାସନ, ଏନଏଚଆଇ କର୍ତ୍ତୃପକ୍ଷ ଏ ବାବଦରେ ଚିନ୍ତା କରିବା ଆବଶ୍ୟକତା ରହିଛି। ଏହା ନହେଲେ ଏମାନଙ୍କ ଶାନ୍ତିପୂର୍ଣ୍ଣ ରହଣୀ ସମ୍ଭବ ହେବ ନାହିଁ ବୋଲି ଜାଡ୍ରୁଶ କହିଛନ୍ତି। ଘଟଣା ବାବଦରେ ତହସିଲଦାରଙ୍କ ସହ ବୁଧବାର ଆଲୋଚନା କରାଯିବ ବୋଲି ଜଲଦା ସରପଞ୍ଚ ଜାଡ୍ରୁଶ ସୂଚନା ପ୍ରଦାନ କରିଛନ୍ତି।




ଲୋକେ ଲାଠିକଟା ତହସିଲଦାରଙ୍କୁ ଦାବିପତ୍ର ଦେବାକୁ ଆସିଛନ୍ତି।

### ସଂକ୍ଷେପରେ

## ଅପହୃତା ନାବାଳିକା ଉଦ୍ଧାର: ଯୁବକ ଗିରଫ

ବାଲିଶଙ୍କରା, ୫।୧୧ (ଡି.ଏନ.ଏ)– ସୁନ୍ଦରଗଡ଼ ଜିଲା କିଞ୍ଜିରିକେଲା ଥାନା ଅନ୍ତର୍ଗତ ହୁର୍ମେ ଗ୍ରାମରେ ଜଣେ ନାବାଳିକା (୧୬)ଙ୍କୁ ଉଦ୍ଧାର କରାଯାଇଛି। ମଙ୍ଗରକୁଣ୍ଡା ଗ୍ରାମର ସୁଧିର ବାର୍ଲା (୨୩) ନାବାଳିକାଙ୍କୁ ଗଣେଶ ପୂଜା ଦେଖିବାକୁ ଡାକି କେଉଁଆଡେ ନେଇଯାଇଥିଲେ। ନାବାଳିକା ପରିବାର ଖୋଜାଖୋଜି କରି ନ ପାଇବାରୁ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପରେ ଯୁବକ ନାବାଳିକାଙ୍କୁ ଧରି ନିଜ ଗ୍ରାମ ମଙ୍ଗରକୁଣ୍ଡାକୁ ଆସିଥିଲେ । କୌଣସି ସୂତ୍ରରୁ ପୋଲିସ ଖବର ପାଇ ନାବାଳିକାକୁ ଉଦ୍ଧାର କରି ତାଙ୍କ ବାପା ମାଆଙ୍କୁ ଜିମା ଦେଇ ଯୁବକଙ୍କୁ ଗିରଫ କରିଥିଲେ। ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ପୋଲିସ ସୂତ୍ରରୁ ଜଣାପଡିଛି।



## ଧର୍ମପ୍ରାଣା ମହିଳାଙ୍କ ପରଲୋକ

କୁଆଁରମୁଣ୍ଡା,୫।୧୧(ଡି.ଏନ.ଏ.) କୁଆଁରମୁଣ୍ଡା ବ୍ଲକ ଅନ୍ତର୍ଗତ କୁଆଁରମୁଣ୍ଡାର ବନମାଳା ଦାସ (୭୬) ନାମ୍ନୀ ଜଣେ ଧର୍ମପ୍ରାଣା ମହିଳାଙ୍କର ସୋମବାର ପରଲୋକ ହୋଇଯାଇଛି। ମୃତ୍ୟୁ ଶଯ୍ୟା ନିକଟରେ ୪ ପୁଅ, ବୋହୂ, ନାତୁଣୀ, ନାତି ପ୍ରମୁଖ ଉପସ୍ଥିତ ଥିଲେ। ବନମାଳା କୁଆଁରମୁଣ୍ଡା ଓ ଏହାର ଆଖପାଖ ଅଞ୍ଚଳର ବିଭିନ୍ନ ସାମାଜିକ ଓ ଧାର୍ମିକ ଅନୁଷ୍ଠାନ ସହ ଜଡିତ ରହିବା ସହ ଗରିବ ଓ ଅସହାୟ ବ୍ୟକ୍ତିଙ୍କୁ ବିଭିନ୍ନ ସମୟରେ ସାହାଯ୍ୟ ମଧ୍ୟ କରୁଥିଲେ। ତାଙ୍କ ମର ଶରୀରକୁ କୁଆଁରମୁଣ୍ଡାରୁ ନିକଟସ୍ଥ ବେଦବ୍ୟାସସ୍ଥିତ ସ୍ୱର୍ଗଦ୍ୱାର ନିକଟକୁ ଏକ ଶୋଭାଯାତ୍ରାରେ ନିଆଯାଇଥିଲା। ସେଠାରେ ବଡ଼ପୁଅ ସତ୍ୟବ୍ରତ ମୁଖାଗ୍ନି ଦେଇଥିଲେ। ଏହି ସମୟରେ ମଝିଆ ପୁଅ ସୁବ୍ରତ, ଦେବବ୍ରତ ଓ ସାନପୁଅ ପ୍ରିୟବ୍ରତ ଉପସ୍ଥିତ ଥିଲେ। ମୃତ ବନଲତାଙ୍କ ମଝିଆ ପୁଅ ଦେବବ୍ରତ ଦାସ (ରାନୁ ଭାଇ) ରାଜ୍ୟ ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଘର ପୂର୍ବତନ ସଭାପତି ଥିଲା ବେଳେ ସାନପୁଅ ପ୍ରିୟବ୍ରତ ଦାସ ଆଠଗଡର ସହକାରୀ ଜିଲାପାଳଭାବେ କାର୍ଯ୍ୟ କରୁଛନ୍ତି।

## ନାବାଳିକା ବଳାତ୍କାର ଅଭିଯୋଗ ନାବାଳକଙ୍କୁ ପଠାଗଲା ସୁଧାର ଗୃହ

ବିଜେପୁର,୫।୧୧(ଡି.ଏନ.ଏ.): ବରଗଡ଼ ଜିଲା ବିଜେପୁର ଥାନା ଅଞ୍ଚଳରେ ଜଣେ ୪ବର୍ଷର ନାବାଳିକାଙ୍କୁ ବଳାତ୍କାର ଅଭିଯୋଗରେ ପୋଲିସ ଜଣେ ୧୭ବର୍ଷର ନାବାଳକଙ୍କୁ ମଙ୍ଗଳବାର କୋର୍ଟରେ ହାଜର କରି ରାଉରକେଲାସ୍ଥିତ ବାଳସୁଧାର କେନ୍ଦ୍ରକୁ ପଠାଇଛି। ଅଭିଯୋଗ ମୁତାବକ, ସୋମବାର ଅପରାହ୍ନରେ ନାବାଳିକା ଜଣକ ଘରେ ଏକୁଟିଆ ରହିଥିଲେ। ଏହାର ସୁଯୋଗ ନେଇ ନାବାଳକ ଜଣକ ଘରେ ପଶି ନାବାଳିକାଙ୍କୁ ବଳାତ୍କାର କରିଥିଲେ। ନାବାଳିକାଙ୍କ ମା' ଏହା ଜାଣି ପାଖ ପଡୋଶୀଙ୍କୁ ଜଣାଇଥିଲେ। ପରେ ଗାଁରେ ଏକ ସଭା ହୋଇଥିଲା। ଏଥିରେ କୌଣସି ସମାଧାନ ହୋଇପାରି ନ ଥିଲା। ଏନେଇ ନାବାଳିକାଙ୍କ ବାପା ବିଜେପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା(ନଂ. ୧୮୯/୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ମଙ୍ଗଳବାର ପୋଲିସ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଉଭୟଙ୍କ ଡାକ୍ତରୀମାଇନା କରାଯାଇଥିଲା। ପରେ ପୋଲିସ ନାବାଳକଙ୍କୁ ସୋହେଲା କୋର୍ଟରେ ହାଜର କରିଥିଲା। କୋର୍ଟରେ ଜାମିନ ଆବେଦନ ଖାରଜ ହୋଇଯିବାରୁ ପୋଲିସ ନାବାଳକଙ୍କୁ ରାଉରକେଲା ବାଳସୁଧାର ଗୃହକୁ ପଠାଯାଇଥିବା ପୋଲିସ କହିଛି।

## ଜୁଆଆଡ୍ଡା ଉପରେ ଚଢ଼ାଉ ୩ ଗିରଫ , ୮ ବାଇକ୍ ଜବତ

**ଅତାବିରା,୫।୧୧(ଡି.ଏନ୍.ଏ)**

ଅତାବିରା ଥାନା ପୋଲିସ ବୁଗବୁଗା ପଞ୍ଚାୟତ ଗରିଆଟିକ୍ରା ଗ୍ରାମରେ ଚାଲିଥିବା ଏକ ଜୁଆଆଡ୍ଡା ଉପରେ ଚଢ଼ାଉ କରିଥିଲା। ଚଢ଼ାଉ ବେଳେ ପୋଲିସ ଅଧିକାରୀମାନେ ଜୁଆଖେଳରେ ବ୍ୟବହୃତ ସାମଗ୍ରୀ, ୮ବାଇକ୍ ସହିତ ୩ଜଣଙ୍କୁ ଧରିବାରେ ସଫଳ ହୋଇଥିଲେ।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

BUSINESS

Registration Free..Govt. Approved
ସିୟା ରାମ ରିଲାଏନ୍ସ JEO
କଂପାନୀ ଦ୍ୱାରା ନିଜର ଖାଲି ଜମି ଓ ଛାତ ଉପରେ 3G/4G ରେଡିଏସନ ଫ୍ରୀ ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 90,000/- ଟଙ୍କା ପାଆନ୍ତୁ । ଚାକିରି + ୨୦ ବର୍ଷର କୋଟ ଅଗ୍ରୀମେଣ୍ଟ
Plot No - 15/012, Devaraja Mohalla, Bangalore, Karnataka 570001
9529777097
9560376626

LOAN DHAMAKA
1) Mudra Loan
2) Term Loan
3) Cash Credit
4) Vehicle Loan
5) Housing Loan
6) Agriculture Loan
7) Used Car Loan
8) Mortgaged Loan
PD ASSOCIATE
91, Kharvela Nagar, BBSR
8895436156

BARSA FINANCE
ବ୍ୟବସାୟ, ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗୃହ ଋଣ ସମସ୍ତ ପ୍ରକାର LOAN
BARSA FINANCE ଯୋଗାଇ ଦେଉଛି । ସୁଧ=1%
M = 7656825259 7656825281
Add - 61/25, SEC-2, Pushp Vihar, Delhi - Laing, Sundargarh, Odisha

ASTROLOGY

ଆମଠାରୁ ଆଗେ କାମ କରିଥିବା ଲୋକଙ୍କୁ ଦାବି ମୁତାବକ ପୁରସ୍କାର
ଖୋଲା ଚ୍ୟାଲେଞ୍ଜ ତନ୍ତ୍ର ମନ୍ତ୍ର ସମ୍ରାଟ
ଘରେ ବସି 2 ଘଣ୍ଟାରେ ସମାଧାନ
ବାବା କମାଲ ଖାନ୍
ବଶୀକରଣ ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ସଉତୁଣୀ, ଶତ୍ରୁ ମୁକ୍ତି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମରେ ଧୋକା, ରୁଷିଥିବା ବ୍ୟକ୍ତିଙ୍କୁ ମନାଇବା, ବ୍ୟବସାୟ, ଛାଡ଼ପତ୍ରରେ ବାଧା, ସନ୍ତାନ କିମ୍ବା ବିଦେଶ ଯାତ୍ରାରେ ବିଘ୍ନ। ସବୁଠାରୁ ନିରାଶ ହୋଇଥିବା ବ୍ୟକ୍ତି ଫୋନ୍ କରନ୍ତୁ
9911786155
9911786154

BUSINESS
ଖାଲିଥିବା ଜମି ଓ ଛାତ ଉପରେ Bansal Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
242/4, Bannerghatta Main Rd, Mulimavu, Bengaluru, Karnataka 560076
Call / SMS Now
07376033092

FINANCE

ଶ୍ରୀରାମ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
ଧୋକେବାଜ ଙ୍କୁ ସାବଧାନ
Mahaveer Nagar, Lewis Road, Bangalore
08587970541
09499469559

FINANCE
All India ଋଣ ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୦% ସୁଧ ୫୦% ଛାଡ ଘରେବସି ପାଆନ୍ତୁ
Call / SMS Now
Janavi - 7566-888-563
Sagar - 7773-817-838
Manasi- 8827-505-029
Manisa- 7772-970-949
Sradha - 7583-808-884
Visakha- 8269-150-310
Vasundhara Mall, West Boring Canal Rd, Rajapur, Patna, Bihar 800001

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

EDUCATION

LAST DATE OF ADMISSION ON 10/11/2019
B.Ed
Acharya Nagarjuna University
Equivalent to Govt. of Odisha
FREE Practical, Study Material, Formfillup fees & Weekend Class
NIDT
B.Ed Academy Since 2001
B.J.B. Nagar, Lewis Road, Bhubaneswar
7978204082, 9438286091

ଭାରତର ନଂ. 1 କମ୍ପାନୀ
Hindusthan Tower Group
ଦ୍ୱାରା ନିଜର ଖାଲି ଜମି, ଛାତ, ଚାଷଜମି ଓ ହାଇୱେ ପାର୍ଶ୍ୱ ଜମିରେ
DIGITAL
ମଲ୍ଟିମିଡିଆ ଟାୱାର ଲଗାନ୍ତୁ।
ଆଡ୍‌ଭାନ୍ସ: 60 ଲକ୍ଷ
ଭଡ଼ା: 60 ହଜାର
94735-96956, 98070-64437
ADDRESS: T-51, GAUTAMPURI, DELHI

ଶୁଭଜନଲକ୍ଷ୍ମୀ ଫାଇନାନ୍ସ
ଗୃହ ଋଣ, ମାର୍କଶିଟ୍ ଋଣ, କୃଷି ଋଣ, ପର୍ସନାଲ ଋଣ, ଗ୍ରୁପ୍ ଋଣ, ମାତ୍ର 5 ବାର୍ଷିକ ସୁଧ ହାରରେ ।
ଯୋଗାଯୋଗ କରନ୍ତୁ
9899289162
9858323204
Dehradun, UK

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
Bhagyalaxmi Finance
Reg No. U6519TN198PLC00855
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗ୍ରୁପ୍, ବ୍ୟବସାୟ ଓ ସମସ୍ତ ଋଣ 2-3 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ 40% ରିହାତି
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି, ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
ମୋ. 7689936101
7310644390
Vishal Mansion, Mahatma Gandhi Road, UP

KUBER FINANCE
Kuber ଋଣ ଲିମିଟେଡ୍ ଭରସାର ପ୍ରତିକ ସରକାରୀ ସ୍ୱୀକୃତୀପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, କୃଷି ଆଧାରକାର୍ଡ ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ମାତ୍ର ୧ ଦିନରେ, 2% ସୁଧ 40% ଛାଡ । ଘରେ ବସି ପାଆନ୍ତୁ
ଖର୍ଚ୍ଚ ଲୋନ ପାସ ହେଲା ପରେ
Plot No-14/524, Chandini Chowk, Kolkata
Call or SMS Now
8146524009

DHARITRI Career appointment Every Wednesday and Saturday


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଯେତେବେଳେ ଧର୍ମର ହାନି ହୁଏ, ଅଧର୍ମ ପ୍ରବଳ ହୁଏ, ସେତେବେଳେ ଭଗବାନ ସ୍ୱୟଂ ମାୟା ଭାବରେ ଶରୀର ଧାରଣ କରନ୍ତି। ଅଧର୍ମ ପ୍ରବଳ ଓ ଧର୍ମ ହୀନବଳ ହୋଇ ଆସିଲେ ଧର୍ମର ରକ୍ଷା ନିମିତ୍ତ ପୃଥିବୀରେ ଜନ୍ମ ଗ୍ରହଣ କରନ୍ତି।
- ବ୍ୟାସଦେବ



## ସଂକ୍ଷେପରେ

### ବଣାଇରେ ବିଏସ୍ଏନ୍ଏଲ୍ ସେବା ବାଧାପ୍ରାପ୍ତ

ବଣାଇ, ୫।୧୧(ସ୍ୱ.ପ୍ର) -ବଣାଇ ଅଞ୍ଚଳରେ ଏକମାତ୍ର ଭରସାଯୋଗ୍ୟ ଭାବେ ବିବେଚନା କରାଯାଉଥିବା ବିଏସ୍ଏନ୍ଏଲ୍ (ଭାରତ ସଞ୍ଚାର ନିଗମ ଲିମିଟେଡ୍) ସେବା ଗତ କିଛିଦିନ ହେବ ନିୟମିତ ବିଭ୍ରାଟ ହେବାରେ ଲାଗିଛି। ବିଶେଷକରି ନୂତନ ଭାବେ ରାଉରକେଲାରୁ ଗୁରୁଣ୍ଡିଆ ଦେଇ ପୂର୍ତ୍ତ ବିଭାଗ ରାସ୍ତା ପାର୍ଶ୍ୱରେ ଅପଟିକାଲ ଫାଇଭର କେବୁଲ ବିଛାଇ ଏ ଅଞ୍ଚଳକୁ ବିଏସ୍ଏନ୍ଏଲ୍ ସେବା ଯୋଗାଇ ଦେଇଛନ୍ତି। ତେବେ ଅଧିକାଂଶ ସମୟ ଏହି ରାସ୍ତା ପାର୍ଶ୍ୱରେ ଥିବା କେବୁଲଗୁଡିକରେ ତ୍ରୁଟି ରହୁଥିବାରୁ ଏଠାରେ ବାରମ୍ବାର ବିଭ୍ରାଟ ଲାଗି ରହୁଛି। ଫଳରେ ବହୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଏଠାରେ ବାଧାପ୍ରାପ୍ତ ହେଉଥିବା ବେଳେ ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଠାରେ ଦୀର୍ଘ ୨୦ଘଣ୍ଟା ଧରି ବିଏସ୍ଏନ୍ଏଲ୍ ସେବା ଠପ ହୋଇ ପଡିଥିବା ବେଳେ ଏହାର ସ୍ଥାୟୀ ପ୍ରତିକାର କରିବା ପାଇଁ ସ୍ଥାନୀୟ ଅଞ୍ଚଳର ଉପଭୋକ୍ତା, ବୁଦ୍ଧିଜୀବୀ ଦାବି ଜଣାଇଛନ୍ତି।

### ସଦ୍‌ଭାବନା ଭବନ ଉଦ୍‌ଘାଟିତ

ସୁନ୍ଦରଗଡ, ୫।୧୧ (ଡି.ଏନ୍.ଏ.) ସୁନ୍ଦରଗଡ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ନବନିର୍ମିତ ସମ୍ମିଳନୀ କକ୍ଷ ସଦ୍‌ଭାବନା ଭବନକୁ ସୋମବାର ଜିଲାପାଳ ନିଖିଲ ପୱନ କଲ୍ୟାଣ ଉଦ୍‌ଘାଟନ କରିଛନ୍ତି। ଏହି ନବନିର୍ମିତ ସଦ୍‌ଭାବନା ଭବନରେ ପ୍ରଥମ କରି ଅଭିଯୋଗ ଶୁଣାଣି କରାଯାଇଛି। ଚଜିଲାପାଳଙ୍କ ସମେତ ଏସ୍‌ପି ସୌମ୍ୟା ମିଶ୍ରା, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଭୈରବ ସିଂ ପଟେଲ, ଡିଏଫଓ ଡ. ଅରୁଣ ମିଶ୍ର ଅଭିଯୋଗ ଶୁଣାଣି କରିଥିଲେ। ୫୯ଟି ବ୍ୟକ୍ତିଗତ ଓ ୧୩ଟି ସାମୂହିକ ଅଭିଯୋଗ ଆସିଥିଲା। ତେବେ ରେଡକ୍ରସ ପାଣ୍ଠିରୁ ୯ଜଣ ଓ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଅହଲ୍ୟା ଜୟପୁରିଆ ଓ ଭରତ କୁମାର ନାଏକଙ୍କୁ ସହାୟତା ପ୍ରଦାନ କରାଯାଇଛି। ସଦର ବିଡିଓ ଅନାମିକା ସିଂଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ଏଥିରେ ଉପସ୍ଥିତ ଥିଲେ।

### ବିଦ୍ୟୁତ ସ୍ପର୍ଶରେ ଆସି ମହିଳା ମୃତ

ବାଲିଶଙ୍କରା, ୫।୧୧ (ଡି.ଏନ.ଏ)- କିଞ୍ଜିରକେଲା ଥାନା ବିରକାଳଡିହ ଗ୍ରାମରେ ସୋମବାର ୪ଟାରେ ଅଭାବନୀୟ ଘଟଣା ଘଟିଛି। ଉକ୍ତ ଗ୍ରାମର ପଦ୍ମମନୀ ଦଣ୍ଡସେନା (୪୨) ବିଲକୁ ଧାନ କାଟିବାକୁ ଯାଇଥିଲେ। ଧାନ କାଟି ଘରକୁ ଫେରୁଥିବା ସମୟରେ ତଳେ ପଡିଥିବା ବିଦ୍ୟୁତ ତାରରେ ଛନ୍ଦି ହୋଇଯାଇଥିଲେ। ତାଙ୍କୁ ଉଦ୍ଧାର କରି କିଞ୍ଜିରକେଲା ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଗୁରୁତର ହେବାରୁ ସୁନ୍ଦରଗଡ ମହକୁମା ଡାକ୍ତରଖାନା ନେଇଥିଲେ। ସେଠାରେ ଡାକ୍ତର ଦେଖି ମୃତ ଘୋଷଣା କରିଥିଲେ। କିଞ୍ଜିରକେଲା ପୋଲିସ ଶବ ଜବତ କରି ବ୍ୟବଚ୍ଛେଦ ଘର ଲୋକଙ୍କୁ ହସ୍ତାନ୍ତର କରିଛି।

# ୯୧ ସ୍କୁଲକୁ ଗାରିମା ପୁରସ୍କାର

ସବ୍‌ଡେଗା, ୫।୧୧ (ଡି.ଏନ.ଏ.)



ଅତିଥିଙ୍କ ସହ କୃତୀ ଛାତ୍ରୀଛାତ୍ର।

ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ସମସ୍ତ ଛାତ୍ରୀଛାତ୍ରଙ୍କୁ ନ୍ୟୁନତମ ଶିକ୍ଷା ଦକ୍ଷତା ହାସଲ କରାଯିବା ନିମନ୍ତେ ଓଡିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ତରଫରୁ ଉଜ୍ଜ୍ୱଳ ଓ ଉତ୍‌ଥାନ କାର୍ଯ୍ୟକ୍ରମ ମାଧ୍ୟମରେ ଶୈକ୍ଷିକ ଉନ୍ନତି ଆଣିବା ପାଇଁ ପ୍ରୟାସ ଜାରି ରହିଛି । ଏହି କାର୍ଯ୍ୟକ୍ରମକୁ ବଳିଷ୍ଠ ଓ ଅନ୍ୟମାନଙ୍କୁ ପ୍ରେରଣା ବୃଦ୍ଧି ପାଇଁ ବିଭାଗ ତରଫରୁ ପ୍ରଥମ କରି ବିଦ୍ୟାଳୟ, କ୍ଲଷ୍ଟର ଓ ବ୍ଲକସ୍ତରରେ ଉତ୍ତମ ପ୍ରଦର୍ଶନ ପାଇଁ ଗାରିମା ନାମକ ପୁରସ୍କାର ପ୍ରଚଳନ କରାଯାଇଛି। ଡିଆଇଇଟି ଦ୍ୱାରା ବ୍ଲକର ସମସ୍ତ ବିଦ୍ୟାଳୟକୁ ପରୀକ୍ଷା କରାଯାଇଥିଲା। ଡୁମ୍ବେରବାହାଲ କ୍ଲଷ୍ଟର ଅନ୍ତର୍ଗତ ସରକାରୀ ପ୍ରାଥମିକ ବିଦ୍ୟାଳୟ ଛତାସର୍ଗୀ, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମାଲିଡିହି, ସରକାରୀ ଉଚ୍ଚ ବିଦ୍ୟାଳୟ ହମିରପୁର, ସରକାରୀ ପ୍ରାଥମିକ ବିଦ୍ୟାଳୟ ଭଗପାଲି, ସରକାରୀ ପ୍ରାଥମିକ ବିଦ୍ୟାଳୟ ସୁଦର୍ଶନପୁର, ସରକାରୀ ପ୍ରାଥମିକ ବିଦ୍ୟାଳୟ ଫିଟିଙ୍ଗପଡା, ସରକାରୀ ଉପ୍ରା ବିଦ୍ୟାଳୟ ଡୁମ୍ବେରବାହାଲ, ସରକାରୀ ଉପ୍ରା ବିଦ୍ୟାଳୟ ତଲଯୋରା, ସରକାରୀ ପ୍ରାଥମିକ ବିଦ୍ୟାଳୟ ଭୁୟାଁପଡା ଓ ସରକାରୀ ଉପ୍ରା ବିଦ୍ୟାଳୟ ଡିଡିଗା ଆଦି ମୋଟ ୧୦ଟି ବିଦ୍ୟାଳୟ ଓ ଡୁମ୍ବେରବାହାଲ କ୍ଲଷ୍ଟର ସିଆରସିସି ଅର୍ଜୁନ ରୋହିଦାସ ଗାରିମା ପୁରସ୍କାର ପାଇଁ ମନୋନୀତ ହୋଇଛନ୍ତି । ସେହିପରି କରମଡିହି କ୍ଲଷ୍ଟର ୧୨ଟି ବିଦ୍ୟାଳୟରୁ ୧୧ଟି ବିଦ୍ୟାଳୟ ଓ କରମଡିହି ସିଆରସିସି ଲଙ୍କେଶ୍ୱର ନାଏକ, ସୁବଳୟା କ୍ଲଷ୍ଟରର ୧୧ଟି ବିଦ୍ୟାଳୟରୁ ୧୧ଟି ବିଦ୍ୟାଳୟ ଓ ସୁବଳୟା କ୍ଲଷ୍ଟର ସିଆରସିସି ଡିଲେଶ୍ୱର ଉର୍ଲଶାଳ, ସବ୍‌ଡେଗା କ୍ଲଷ୍ଟରର ୮ଟି ବିଦ୍ୟାଳୟ ମଧ୍ୟରୁ ସମସ୍ତ ୮ଟି ବିଦ୍ୟାଳୟ ଓ ସବଡେଗା କ୍ଲଷ୍ଟର ସିଆରସିସି ସୁଦାମା ମାଝି, ଯାଇସର କ୍ଲଷ୍ଟର ଅନ୍ତର୍ଗତ ୯ଟି ବିଦ୍ୟାଳୟ ମଧ୍ୟରୁ ସମସ୍ତ ୯ଟି ବିଦ୍ୟାଳୟ ଓ ଯାଇସର ସିଆରସିସି ମହେନ୍ଦ୍ର ତନ୍ତି, କୁରୁମକେଲ କ୍ଲଷ୍ଟରର ୯ଟି ବିଦ୍ୟାଳୟରୁ ୭ଟି ବିଦ୍ୟାଳୟ ଓ କୁରୁମକେଲ ସିଆରସିସି ସୁରେଶ ପୃଷେଠ, କୁମାଟୋଲି କ୍ଲଷ୍ଟରର ୧୦ଟି ବିଦ୍ୟାଳୟରୁ ୯ଟି ବିଦ୍ୟାଳୟ ଓ କୁମାଟୋଲି କ୍ଲଷ୍ଟର ସିଆରସିସି ପ୍ରଶାନ୍ତ କୁମାର ନାଏକ, ଟାଙ୍ଗର ଗାଁ କ୍ଲଷ୍ଟରର ୧୦ଟି ବିଦ୍ୟାଳୟରୁ ୭ଟି ବିଦ୍ୟାଳୟ ଓ ଟାଙ୍ଗର ଗାଁ ସିଆରସିସି ଧନେଶ୍ୱର ଡନସନା, ରାଜପୁର କ୍ଲଷ୍ଟର ୧୦ଟି ବିଦ୍ୟାଳୟ ମଧ୍ୟରୁ ୯ଟି ବିଦ୍ୟାଳୟ ଓ ରାଜପୁର କ୍ଲଷ୍ଟର ସିଆରସିସି ନରେନ୍ଦ୍ର ପୁରୋହିତ, ଲୁଲକା କ୍ଲଷ୍ଟର ୧୦ଟି ବିଦ୍ୟାଳୟ ମଧ୍ୟରୁ ସମସ୍ତ ୧୦ଟି ବିଦ୍ୟାଳୟ ଓ କୁଲକା କ୍ଲଷ୍ଟର ସିଆରସିସି ସଞ୍ଜୟ ଗରଡିଆ ଗାରିମା ପୁରସ୍କାର ପାଇଁ ମନୋନୀତ ହୋଇଛନ୍ତି । ପ୍ରକାଶ ଥାଉକି, ସବଡେଗା ବ୍ଲକର ମୋଟ ୯୯ଟି ସ୍କୁଲ ମଧ୍ୟରୁ ସମସ୍ତ ୯୯ଟି ବିଦ୍ୟାଳୟ ଏହି ପୁରସ୍କାର ପାଇଁ ଆବେଦନ କରିଥିଲେ। ତନ୍ମଧ୍ୟରୁ ୯୧ଟି ବିଦ୍ୟାଳୟ ଗାରିମା ପୁରସ୍କାର ପାଇଁ ଚୟନ ହୋଇଛନ୍ତି । ୧୦ଟି ଯାକ କ୍ଲଷ୍ଟର ଓ ସବଡେଗା ବ୍ଲକ ମୋଟ ଉପରେ ୯୧.୯୧ ପ୍ରତିଶତ ପାସ୍ କରି ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଛି। ଗାରିମା ପୁରସ୍କାର ପାଇଁ ସବଡେଗା ବ୍ଲକ ଶିକ୍ଷା ଅଧିକାରୀ ଅଜୟ କୁମାର ଏକ୍କା ମଧ ମନୋନୀତ ହୋଇଛନ୍ତି। ଜିଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ସମସ୍ତଙ୍କୁ ପୁରସ୍କୃତ କରାଯିବ।

## ସଡ଼କ ନିରାପଦ ସଚେତନତା କାର୍ଯ୍ୟକ୍ରମ




ସଡ଼କ ନିରାପଦ ସଚେତନତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଲେଫ୍ରିପଡା, ୫।୧୧(ଡି.ଏନ.ଏ)

ଲେଫ୍ରିପଡା ମହାବିଦ୍ୟାଳୟରେ ସୁନ୍ଦରଗଡ଼ ଆଞ୍ଚଳିକ ପରିବହନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସଡ଼କ ନିରାପଦ ସଚେତନତା କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଲେଫ୍ରିପଡା ଜୁନିୟର ମହାବିଦ୍ୟାଳୟର ଅଧ୍ୟକ୍ଷ ନରୋତ୍ତମ କାଲୋ ଅଧ୍ୟକ୍ଷତା କରିଥିଲେ। ସୁନ୍ଦରଗଡ ଆଞ୍ଚଳିକ ପରିବହନ ଅଧିକାରୀ ରାମ ନିବାସ ସିରିକା ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ବର୍ତ୍ତମାନ କ୍ଷେତ୍ରରେ ବିଭିନ୍ନ ଅସାବଧାନତା କାରଣରୁ ରାସ୍ତା ଦୁର୍ଘଟଣା ବଢିଚାଲିଥିବାବେଳେ ବହୁ ସଂଖ୍ୟାରେ ଜନସାଧାରଣଙ୍କ ଧନଜୀବନ କ୍ଷୟକ୍ଷତି ବଢିଚାଲିଛି। ତେଣୁ ଗାଡିଚାଳନା ସକାଶେ ହେଲମେଟ୍ ବ୍ୟବହାର କରିବା, ଦ୍ରୁତଗତିକୁ ବର୍ଜନ କରିବା, ଗାଡି ଚଳାଉଥିବା ସମୟରେ ମୋବାଇଲ ବ୍ୟବହାର ନ କରିବା, ଗାଡି ଚଳାଇବା ସମୟରେ ନିଶାଠାରୁ ଦୂରେଇ ରହିବା, ଚାରିଚକିଆ ଗାଡି ଚାଳନା ସମୟରେ ସିଟ୍ ବେଲ୍ଟ ବ୍ୟବହାର କରିବା ଇତ୍ୟାଦି ବିଭିନ୍ନ କ୍ଷେତ୍ରରେ ଉପସ୍ଥିତ ଛାତ୍ରୀଛାତ୍ରମାନଙ୍କୁ ଉଦ୍‌ବୋଧନ ଦେଇ ସଚେତନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟାପିକା ଡ.ସୁରେଖା ନାଏକ, ଅଧ୍ୟାପକ ଅକ୍ଷୟ ମହାନ୍ତି, ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ କାର୍ଯ୍ୟରତ କର୍ମଚାରୀ ଜିତେନ ପ୍ରଧାନ ପ୍ରମୁଖ ମଞ୍ଚାସୀନ ରହିଥିଲେ। ମହାବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ହେଲମେଟ୍ ବ୍ୟବହାର କରି ଗାଡିଚାଳନାର ନିରାପଦ ଦିଗରେ ଏକ ସଚେତନତା ସମ୍ବଲପୁରୀ ଗୀତ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟାପକ ଯୁବରାଜ ସା ମଞ୍ଚ ପରିଚାଳନା କରିଥିଲେ। ଏଥିରେ ଲେଫ୍ରିପଡା ଜୁନିୟର ଏବଂ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟାପିକା ଅଧ୍ୟାପକ ଛାତ୍ରୀଛାତ୍ର ସମସ୍ତେ ବହୁ ସଂଖ୍ୟାରେ ଯୋଗଦାନ କରିଥିଲେ।

### ବେଲସରା ଜୟଶଙ୍କର ସେବାଶ୍ରମରେ ଜିଲାସ୍ତରୀୟ ମହକ କାର୍ଯ୍ୟକ୍ରମ

## ଲୁପ୍ତ ସୃଜନ ଶକ୍ତି ପରିପ୍ରକାଶ ହୋଇପାରିବ

ଲେଫ୍ରିପଡା,୫।୧୧(ଡି.ଏନ.ଏ)

ଟାଙ୍ଗରପାଲି ବ୍ଲକ୍ ଅନ୍ତର୍ଗତ ବେଲସରା ଜୟଶଙ୍କର ସେବାଶ୍ରମଠାରେ ଜିଲା ଶିଶୁସୁରକ୍ଷା ସମିତି ପକ୍ଷରୁ ଜିଲା ସ୍ତରୀୟ ଶିଶୁ ମହୋତ୍ସବ 'ମହକ' ୨୦୧୯ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ଶିଶୁମଙ୍ଗଳ ସମିତିର ଅଧ୍ୟକ୍ଷ ରାମଚନ୍ଦ୍ର ବେହେରା ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ମହକ ମାଧ୍ୟମରେ ଶିଶୁମାନଙ୍କ ଭିତରେ ଲୁଚି ରହିଥିବା ସୃଜନ ଶକ୍ତିର ପରିପ୍ରକାଶ ହୋଇ ପାରିବ ବୋଲି ସେ କହିଥିଲେ। ଜିଲା ଶିଶୁସୁରକ୍ଷା ଅଧିକାରୀ ଶ୍ରୀବନ୍ତ ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇ କୁନିକୁନି ଶିଶୁଙ୍କ ମଧ୍ୟରେ ମହକ ଉତ୍ସବ ନୂଆଁ ଉନ୍ମାଦନା ଓ ଶିହରଣ ସୃଷ୍ଟି କରିଥାଏ। ଯାହାଦ୍ୱାରା ଏହି ଅବସରରେ ଶିଶୁମାନଙ୍କ ମେଧାଶକ୍ତି ଆପେ ଆପେ ପ୍ରସ୍ଫୁଟିତ ହୋଇଥାଏ ବୋଲି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଶିଶୁ ମଙ୍ଗଳ ସମିତିର ସଦସ୍ୟ ମହେନ୍ଦ୍ର କୁମାର ପଟେଲ, ଜୟଶଙ୍କର ସେବାଶ୍ରମର ପରିଚାଳନା କମିଟି ସଦସ୍ୟ ସୁନିଲ କୁମାର ମିଶ୍ର ପ୍ରମୁଖ ଯୋଗଦାନ କରି ଉଦ୍‌ବୋଧନ ଦେଇଥିଲେ। କାର୍ଯ୍ୟକ୍ରମରେ ଜୟଶଙ୍କର ସେବାଶ୍ରମ, ବନବାସୀ ବିଦ୍ୟାସଭା ଗୁରୁକୁଳ ବୈଦିକ ଆଶ୍ରମ, ବେଦବ୍ୟାସ ଏସ.ଓ.ଏସ. ଚିଲଡ୍ରେନ ଭିଲେଜ୍ ରାଉରକେଲା, ଲଭ୍ ସୋସାଇଟି କୁତ୍ରା, ସର୍ବଭୌତିକ, ଦେଓଭୂବନପୁର ଶିଶୁ ସେବାଶ୍ରମ, ଆଦୃତ, ଏକଲବ୍ୟ,ଏବଂ ସହଯୋଗ ଇତ୍ୟାଦି ଶିଶୁ ଯତ୍ନକାରୀ ଅନୁଷ୍ଠାନ ଭାଗ ନେଇଥିଲେ। ଶିଶୁମାନଙ୍କ ମଧ୍ୟରେ ନାଚ,ଗୀତ,ମେଧା ପ୍ରତିଯୋଗିତା ଇତ୍ୟାଦି ଆୟୋଜନ କରାଯାଇଥିଲା। ଶେଷରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା।



ଶିଶୁ ମହୋତ୍ସବ ମହକ କାର୍ଯ୍ୟକ୍ରମରେ ଜଣେ କୃତୀ ଛାତ୍ରଙ୍କୁ ପୁରସ୍କୃତ କରାଯାଉଛି।

### ଆର୍‌ଏସ୍‌ପି କ୍ୱାର୍ଟର୍ସରୁ ଚୋରି

ରାଉରକେଲା ଅଫିସ,୫।୧୧

ସେକ୍ଟର- ୧୯ ଥାନା ଅଞ୍ଚଳରେ ସୋମବାର ବିଳମ୍ବିତ ରାତିରେ ଏକ ଚୋରି ଘଟଣା ଘଟିଛି। ଦୁର୍ବୃତ୍ତମାନେ ବି/୧୭୧ ଘର ଆଜବେଷ୍ଟସ ଭାଙ୍ଗି ଭିତରେ ପଶି ଚୋରି କରିଛନ୍ତି। ଘର ମାଲିକ ଦମନ ତ୍ରିପାଠୀ ଭୁବନେଶ୍ୱର ଯାଇଥିବା ବେଳେ ଏଭଳି ଘଟଣା ଘଟିଛି। ଦୁର୍ବୃତ୍ତମାନେ ଆଲମିରା ଭାଙ୍ଗି ନଗଦ ଅର୍ଥ ସହ ସୁନା, ରୁପା ଅଳଙ୍କାର ଆଦି ଲୁଟି ନେଇଛନ୍ତି। ଏନେଇ ତ୍ରିପାଠୀ ସେକ୍ଟର ୧୯ ଥାନାରେ ରିପୋର୍ଟ କରିଛନ୍ତି। ପୋଲିସ ତଦନ୍ତ ଆରମ୍ଭ ରଖିଛି।

### ତିସ୍‌ହଜାରୀ ପୋଲିସର ଓକିଲଙ୍କ ଉପରେ ଆକ୍ରମଣ ନିନ୍ଦନୀୟ

ରାଉରକେଲା ଅଫିସ,୫। ୧୧

ନୂଆଦିଲ୍ଲୀର ତିସହଜାରୀ କୋର୍ଟ ପରିସରରେ ଆଇନଜୀବୀଙ୍କ ଉପରେ ପୋଲିସ ଆକ୍ରମଣକୁ ରାଉରକେଲା ଓକିଲ ସଂଘ ବର୍ବରତା ବୋଲି କହିଛି। ଏହାକୁ ସଂଘ ତୀବ୍ର ନିନ୍ଦା କରିଛି। ସାଧାରଣ ଜନତାଙ୍କୁ ନ୍ୟାୟ ଦେବାକୁ ଯାଇ ଓକିଲମାନେ କୋର୍ଟ ପରିସରରେ କାର୍ଯ୍ୟ କରିବା କିଛି ନୂଆ କଥା ନୁହେଁ। ଏମିତି ଅବସ୍ଥାରେ କୋର୍ଟ ପରିସରରେ ଓକିଲଙ୍କୁ ମାଡ ମରାଯିବା ଘଟଣା ଏକ କଳଙ୍କିତ ଅଧ୍ୟାୟ ବୋଲି କହିଛି ସଂଘ।

■ କୋଇଡା ରାସ୍ତା ଦୂରବସ୍ଥାରୁ ଜାମ

## ପ୍ରତିକାର ପାଇଁ ଦାବିପତ୍ର



କୋଇଡା ମହାବିଦ୍ୟାଳୟ ଛାତ୍ରୀଛାତ୍ର ଦାବିପତ୍ର ଦେବାକୁ ଆସିଛନ୍ତି।

ବଣାଇ, ୫।୧୧(ସ୍ୱ.ପ୍ର)

ବଣାଇ ଉପଖଣ୍ଡର କୋଇଡା ଅଞ୍ଚଳ ଖଣି ଖାଦାନରେ ଭରପୁର ରହିଥିବା ବେଳେ ମୁଖ୍ୟ ରାସ୍ତା ଶୋଚନୀୟ ହୋଇଛି। ଏଥିଯୋଗୁଁ ସବୁ ସମୟରେ ରାସ୍ତା ଜାମ ରହୁଛି। କୋଇଡା ବ୍ଲକ ମହକୁମାରେ ମହାବିଦ୍ୟାଳୟ ଥିବାବେଳେ ୧୧୬ଜଣ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ଏମାନେ ପ୍ରତିଦିନ ନିଜ ଘରୁ ମହାବିଦ୍ୟାଳୟକୁ ବିଭିନ୍ନ ଯାତ୍ରୀ ପରିବହନ ଗାଡିରେ ଯିବା ଆସିବା କରି ପାଠ ପଢୁଛନ୍ତି। ତେବେ କୋଇଡାରୁ କେ.ବଲାଙ୍ଗ ଦେଇ ଲହୁଣୀପଡା ଜାତୀୟ ରାଜପଥ ସହିତ କଲେଇପୋଷରୁ ଭାୟା ବରସୁଆଁ ଟେନସା ଦେଇ କୋଇଡାକୁ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗ ରାସ୍ତା ସବୁବେଳେ ଭାରିଯାନ ଯୋଗେ ଖଣିଜ ପଦାର୍ଥ ପରିବହନ ହେଉଥିବାରୁ ରାସ୍ତା ଜାମ ରହୁଛି। ଫଳରେ ଏହି ମହାବିଦ୍ୟାଳୟକୁ ଆସୁଥିବା କେ.ବଲାଙ୍ଗ, ରକ୍ସି, ଜାମୁଡିହି, ତୋଡା, କାଲଟା, କୁସୁମଡିହି, ବରସୁଆଁ, ଟେନ୍‌ସା ଅଞ୍ଚଳର ଛାତ୍ରୀଛାତ୍ର ରାସ୍ତା ଜାମ ଯୋଗୁ ଠିକ ସମୟରେ ମହାବିଦ୍ୟାଳୟରେ ପହଞ୍ଚି ପାରୁନାହାନ୍ତି। ଏପରିକି ସେମାନଙ୍କ ମହାବିଦ୍ୟାଳୟରେ ଉପସ୍ଥାନ ନିୟମିତ ଭାବେ ପଡି ପାରୁନାହିଁ। ଯଦ୍ୱାରା ସରକାରଙ୍କ ନୂତନ ନିୟମ ମୁତାବକ ୮୦% ଉପସ୍ଥାନ ନ ହେଲେ ସେମାନେ ଯୁକ୍ତ ଦୁଇ ପରୀକ୍ଷା ଦେବାରୁ ବଞ୍ଚିତ ରହିବେ। ଏଥିପାଇଁ ମହାବିଦ୍ୟାଳୟର ଅଧିକାଂଶ ଛାତ୍ରୀଛାତ୍ର ଉପସ୍ଥାନ ପୂରଣ କରି ନପାରିବାରୁ ସେମାନେ ପରୀକ୍ଷା କିପରି ଦେବେ ଚିନ୍ତାଗ୍ରସ୍ତ ହୋଇ ରହିଛନ୍ତି। ଏଥିପାଇଁ ମହାବିଦ୍ୟାଳୟର ୫୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ବଣାଇ ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଏହାର ତୁରନ୍ତ ପ୍ରତିକାର ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି। ସେହିପରି କାଲଟା ସ୍ଥିତ ସେଲ ପକ୍ଷରୁ ଛାତ୍ରୀଛାତ୍ର ସୁବିଧାରେ କୋଇଡା ମହାବିଦ୍ୟାଳୟକୁ ଯିବା ଆସିବା କରିବେ ଏଥିପାଇଁ ଏକ ମହାବିଦ୍ୟାଳୟ ବସ ଯୋଗାଇ ଦେବା ପାଇଁ ଅନ୍ୟ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏହାକୁ ବଣାଇ ସହକାରୀ ଉପଜିଲାପାଳ ରବୀନ୍ଦ୍ର କୁମାର ସେଠୀ ଗ୍ରହଣ କରି ତୁରନ୍ତ ଏହାର ସମାଧାନର ସୂତ୍ର ବାହାର କରିବେ ବୋଲି ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି।

■ ଯୁକ୍ତ ଦୁଇ ଫର୍ମ ପୂରଣ ପାଇଁ ଅତ୍ୟଧିକ ଫି' ଆଦାୟକୁ ଛାତ୍ରୀଛାତ୍ରଙ୍କ ବିରୋଧ

## ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ

ବଣାଇ, ୫।୧୧(ସ୍ୱ.ପ୍ର)

ବଣାଇ ବ୍ଲକ ଅନ୍ତର୍ଗତ ଘନଶ୍ୟାମପୁର ଗ୍ରାମଠାରେ ଥିବା ବାସୁଦେବ ଆବାସିକ ଯୁକ୍ତ ଦୁଇ ମହାବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କଠାରୁ ବର୍ତ୍ତମାନ ଫର୍ମ ପୂରଣ ସମୟରେ ସାରକାରଙ୍କ ଧାର୍ଯ୍ୟ ମୂଲ୍ୟଠାରୁ ଅତ୍ୟଧିକ ଟଙ୍କା ଆଦାୟ କରାଯାଉଛି। ଏହାର ପ୍ରତିବାଦ କରି ସୋମବାର ଛାତ୍ରୀଛାତ୍ର ବଣାଇ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଦାବିପତ୍ର ପ୍ରଦାନ କରିଥିବା ଜଣାପଡିଛି। ଏହି ମହାବିଦ୍ୟାଳୟରେ ୧୪୦ଜଣ ଯୁକ୍ତ ଦୁଇ ଛାତ୍ରୀଛାତ୍ର ଆଗାମୀ ଯୁକ୍ତ ୨ ପରୀକ୍ଷା ପାଇଁ ନିଜର ଫର୍ମ ପୂରଣ କରୁଛନ୍ତି। ଏଥିପାଇଁ ସରକାରଙ୍କ ଧାର୍ଯ୍ୟ ମୁତାବକ ୬ ଶହରୁ ୮ଶହ ମଧ୍ୟରେ ଖର୍ଚ୍ଚ ହେଉଥିବା ବେଳେ ବାସୁଦେବ ମହାବିଦ୍ୟାଳୟର ମୁଖ୍ୟ ବାସୁଦେବ ପାତ୍ର ପିଲାପ୍ରତି ୫ହଜାର ୫ଶହ ଟଙ୍କା ଦାବି କରୁଛନ୍ତି। ଏଥିପାଇଁ ପ୍ରତିବାଦ କଲେ ପରୀକ୍ଷା ଦେଇ ପାରିବ ନାହିଁ ବୋଲି ପରୋକ୍ଷରେ ଧମକ ଦେଇ ଆସୁଛନ୍ତି। ଛାତ୍ରୀଛାତ୍ର ଆଗାମୀ ଦିନରେ ନିଜର ଭବିଷ୍ୟତ ଅନ୍ଧକାରମୟ ହେବ ଭାବି ଚିନ୍ତିତ ହୋଇପଡ଼ିଛନ୍ତି। ଶତାଧିକ ଛାତ୍ରୀଛାତ୍ର ବଣାଇ ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ସହକାରୀ ଜିଲାପାଳ ରବୀନ୍ଦ୍ର କୁମାର ସେଠୀଙ୍କୁ ଏହାର ପ୍ରତିକାର କରିବା ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି। ଏ ବିଷୟରେ ତଦନ୍ତ କରାଯିବ ବୋଲି ସହକାରୀ ଜିଲାପାଳ ଛାତ୍ରୀଛାତ୍ରଙ୍କୁ ପ୍ରତିଶ୍ରୁତି ଦେଇଥିଲେ।




ବାସୁଦେବ ଆବାସିକ ମହାବିଦ୍ୟାଳୟ ଛାତ୍ରୀଛାତ୍ର ଦାବିପତ୍ର ଦେବାକୁ ଆସିଛନ୍ତି।

■ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ କ୍ଷୁଦ୍ରଶସ୍ୟ ଖାଦ୍ୟ ପ୍ରଦର୍ଶନୀ

## ମାଣ୍ଡିଆରେ ପ୍ରସ୍ତୁତ ବିଭିନ୍ନ ଖାଦ୍ୟ ପ୍ରଦର୍ଶିତ

ସୁନ୍ଦରଗଡ଼, ୫।୧୧ (ଡି.ଏନ୍.ଏ)

ସ୍ଥାନୀୟ ରାଣୀ ଜାନକୀ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟଠାରେ ସୋମବାର ଏକକ୍ଷୁଦ୍ର ଶସ୍ୟ ଖାଦ୍ୟ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ପାରମ୍ପାରିକ ଖାଦ୍ୟ ମାଣ୍ଡିଆରୁ ପ୍ରସ୍ତୁତ ବିଭିନ୍ନ ପୁଷ୍ଟିକର ଓ ସୁସ୍ୱାଦୁ ଖାଦ୍ୟ ମାଣ୍ଡିଆ ତିଖରୀ, ସୁପ୍, ଛତୁଆ, କେକ, ବିସ୍କୁଟ, ମିକଶ୍ଚର, ଇଡଲି, ରୋଜକେକ, ରୋଟି, ପରଟା, ଚକୁଳି, ରୁଟି, ପାଉଁରୁଟି ଆଦି ବିଭିନ୍ନ ଖାଦ୍ୟ ସାମଗ୍ରୀ ପ୍ରଦର୍ଶିତ ହୋଇଥିଲା। ବିଦ୍ୟାଳୟର ବିଜ୍ଞାନ ଶିକ୍ଷୟିତ୍ରୀ ସୁସ୍ମିତା ଯୋଶୀଙ୍କ ପ୍ରତ୍ୟକ୍ଷ ମାଗଦର୍ଶନରେ ଏହି ଖାଦ୍ୟ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ମାଣ୍ଡିଆରୁ ପ୍ରସ୍ତୁତ ଏହି ଖାଦ୍ୟ ସାମଗ୍ରୀର ପୌଷ୍ଟିକତା ଓ ଆଜିର ଆଧୁନିକ ପିଡିଫାଷ୍ଟ ଫୁଡ୍ ଖାଦ୍ୟ କବଳରୁ କିଭଳି ଏହି କ୍ଷୁଦ୍ରଶସ୍ୟ ଖାଦ୍ୟ ଆଡକୁ ମୁହାଁଇବେ ସେ ଦିଗରେ ଛାତ୍ରୀମାନେ ଅଭିଭାବକ ଓ ଅତିଥି, ଅନ୍ୟମାନଙ୍କୁ ବୁଝାଇଥିଲେ। ଜିଲା ଶିକ୍ଷା ଅଧିକାରୀ ରଞ୍ଜନ କୁମାର ଗିରି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଖାଦ୍ୟ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ। ଏଭଳି ଉଦ୍ୟମକୁ ପ୍ରଶଂସା କରି ଛାତ୍ରୀ, ଛାତ୍ର, ଅଭିଭାବକ ଓ ଜନସାଧାରଣଙ୍କ ମଧ୍ୟରେ ଏହା ନିଶ୍ଚିତ ଭାବେ ଏକ ସଚେତନତାର ବାର୍ତ୍ତା ଦେବ ବୋଲି ଆଶାବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲାଲିମା ଗ୍ଲୋରିଆ ଡୁଙ୍ଗଡୁଙ୍ଗ, ଜିଲା ବିଜ୍ଞାନ ନିରୀକ୍ଷକ ଗୋପୀନାଥ ନାଏକ, ଜିଲା ବିଜ୍ଞାନ ଜାତୀୟ କଂଗ୍ରେସ ସଂଯୋଜକ ସୁଧାଂଶୁ ଶେଖର ଚୌଧୂରୀ, ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟମାନେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ରୀ ଅପ୍ରା ବିପ୍ର ଓ ସଂଘମିତ୍ରା କୁଣ୍ଡୁ ଏହିପ୍ରକଳ୍ପର ଶୁଭାରମ୍ଭ କରିଥିଲେ। ରାଜ୍ୟସ୍ତରରେ ହେବାକୁ ଥିବା ପିଲାଙ୍କ ଜାତୀୟ ବିଜ୍ଞାନ କଂଗ୍ରେସ ୨୦୧୯ରେ ପ୍ରତିନିଧିତ୍ୱ କରିବା ପାଇଁ ଜିଲାରୁ ଏହି ବିଦ୍ୟାଳୟର ଛାତ୍ରୀ ଅପ୍ରା ବିପ୍ର ପ୍ରତିନିଧିତ୍ୱ କରିବା ପାଇଁ ମନୋନୀତ ହୋଇଛନ୍ତି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା ସାହାଣୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ସୁଜାତା ପଟେଲ, ଅନିତା ଦାସ, ଶ୍ୟାମା ପଟେଲ, ସାବନା ବେଗମ୍, ମିରାଣ୍ଡା ବାରା, ସ୍ୱାଗତିକା ପଣ୍ଡା, ସ୍ଥାନୀୟ ସାମାଜିକ ଅନୁଷ୍ଠାନ ସିଆଇଆର୍‌ଟିଡ଼ିର ସମ୍ପାଦକ ନଟକିଶୋର ମିଶ୍ର, ଅଶୋକ ଦାସ ପ୍ରମୁଖ ସହଯୋଗ କରିଥିଲେ।



ଛାତ୍ରୀମାନେ ମାଣ୍ଡିଆରୁ ପ୍ରସ୍ତୁତ ବିଭିନ୍ନ ଖାଦ୍ୟ ପ୍ରଦର୍ଶନ କରୁଛନ୍ତି।



କୌଣସି ଲୋକ ଦୀର୍ଘକାଳ ଧରି କ୍ଷମତାର ଅପବ୍ୟବହାର କରିପାରେ ନାହିଁ କି ପାରିବ ନାହିଁ।
- ସେନେକା



**ସଂକ୍ଷେପରେ**

## ସୁହୃଦ ସେବା ସଂଘର ୨୦ତମ ବାର୍ଷିକ ଉତ୍ସବ

**ରାଉରକେଲା ଅଫିସ, ୫।୧୧**

ସୁହୃତ ସେବା ସଂଘର ୨୦ତମ ବାର୍ଷିକୋତ୍ସବ ରବିବାର ସେକ୍ଟର-୧୫ ସ୍ଥିତ ରାଧାକୃଷ୍ଣ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଚିନ୍ମୟ ମିଶନର ବ୍ରହ୍ମଚାରୀ ଅନୁପ ଚୈତନ୍ୟ ଶାନ୍ତି ପାଠ କରାଇ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ପରେ ନୃସିଂହ ପାଣିଗ୍ରାହୀ, ଭଜନ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସଂଘର ସମ୍ପାଦକ ନୀଳମାଦବ ପାତ୍ର ନୂତନ ସେବକଙ୍କୁ ପରିଚିତ କରାଇବା ସହ ସଂଘର କାର୍ଯ୍ୟକ୍ରମ ଓ ଲକ୍ଷ୍ୟ ସମ୍ବନ୍ଧରେ ସୂଚନା ଦେଇଥିଲେ। ବ୍ରହ୍ମଚାରୀ ଅନୁପ ଚୈତନ୍ୟ ସୁହୃଦ ଶବ୍ଦର ବ୍ରାଖ୍ୟା ଓ ଅର୍ଥ ବୁଝାଇ କିପରି ନାମକରଣର ସାର୍ଥକତା ଅନୁସାରେ ବିନା ଆଶାରେ ସମସ୍ତ ଜୀବଜଗତର ଉପକାର ପାଇଁ ନିଜକୁ ନିୟୋଜିତ କରାଯାଇପାରିବ ତାହା ବୁଝାଇଥିଲେ। ସଂଘର ପୂର୍ବତନ ସଭାପତି ବିଶ୍ୱନାଥ ବେହେରା ସମସ୍ତଙ୍କୁ ଆନ୍ତରିକ ଅଭିଭାଦନ ପ୍ରଦାନ କରିଥିଲେ। ସଂଘର ସଭାପତି ପ୍ରଦୀପ ସାହୁ, ସେବା ପାଇଁ ନିଜର ହୃଦୟକୁ ଭାବପୂର୍ଣ୍ଣ ଶ୍ରଦ୍ଧା ନେଇ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ। ନୃସିଂହ ପାଣିଗ୍ରାହୀ ସଭା ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ନନ୍ଦପଡ଼ା କୁଷ୍ଠାଶ୍ରମରୁ ଆସିଥିବା ୫୦ ଜଣ ନାରାୟଣଙ୍କୁ ଫୁଲଚନ୍ଦନ ଦେଇ ଅନ୍ନବସ୍ତ୍ର ପ୍ରଦାନ କରାଯାଇଥିଲା। ଏହାସହ କୁଷ୍ଠ ରୋଗର ନିରାକରଣ ପାଇଁ ଏକ ପ୍ରାଥମିକ ଉପଚାରବାକ୍ସ ପ୍ରଦାନ କରାଯାଇଥିଲା। ସୁକାନ୍ତ ଶତପଥିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## କ୍ରିୟାଯୋଗ ଧାନକେନ୍ଦ୍ର ବାର୍ଷିକୋତ୍ସବ ୯ରୁ

**ରାଉରକେଲା ଅଫିସ, ୫।୧୧-**

ଜଗଦା ଠାରେ ଥିବା କ୍ରିୟାଯୋଗ ଧାନ କେନ୍ଦ୍ର ବାର୍ଷିକୋତ୍ସବ ନେଇ ବ୍ୟାପକ ପ୍ରସ୍ତୁତି କରାଯାଇଛିଏହାର ୩୬ତମ ବାର୍ଷିକୋତ୍ସବକୁ କିପରି ସରସ ସୁନ୍ଦର କରାଯାଇ ପାରିବ ସେନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି। ଯୋଗାଚାର୍ଯ୍ୟ ବେଣୁଧର ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ୯ରୁ ୧୨ ଚାରି ଦିନ ଧରି ଏହି କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏଥିରେ ରାଜଯୋଗ, କର୍ମ ଯୋଗ, ଭକ୍ତି ଓ ଜ୍ଞାନଯୋଗ ସମ୍ପର୍କରେ ଆଲୋଚନା କରାଯିବ। କ୍ରିୟାଯୋଗ ବଳରେ ଜଣେ କିପରି ଆରୋଗ୍ୟ, ଦୀର୍ଘାୟୁ, ସ୍ୱାସ୍ଥ୍ୟବାନ, ସିଦ୍ଧିପ୍ରାପ୍ତ ଓ ଗୁରୁକୃପା ଲାଭ କରିପାରିବ ସେନେଇ ଏଥିରେ ମାର୍ଗ ଦର୍ଶନ କରାଯିବ। ଏଥିରେ ବାବା ପରମହଂସ ଆତ୍ମାନନ୍ଦଜୀ ଉପସ୍ଥିତ ରହି ଶ୍ରଦ୍ଧାଳୁଙ୍କୁ ଆଧାତ୍ମିକ ମାର୍ଗଦର୍ଶନ କରାଇବେ ବୋଲି ତ୍ରିପାଠୀ ପ୍ରକାଶ କରିଛନ୍ତି।

### ■ ୨ ଅସହାୟ ମହିଳାଙ୍କ ଦୁଃଖ

# ରାଶନ କାର୍ଡ ନାହିଁ, ଭତ୍ତା ମିଳୁନି

**ରାଉରକେଲା ଅଫିସ,୫। ୧୧**

ସରକାର ଅସହାୟ, ବୃଦ୍ଧାବୃଦ୍ଧ ଓ ଭିନ୍ନକ୍ଷମଙ୍କ ପାଇଁ ନାନା ପ୍ରକାର ଯୋଜନା କରିଛନ୍ତି। ତଥାପି ପ୍ରକୃତ ଲୋକଙ୍କ ପାଖରେ ତାହା ପହଞ୍ଚିପାରୁନି। ଫଳରେ କିଏ ପରିବାର ହରାଇ ବେସାହାରା ହୋଇପଡୁଛି ତ ଆଉ କିଏ ନିଜ ଜୀବନ ଜୀବିକା ପାଇଁ ହାଟ ବଜାର ବୁଲି ସଂଘର୍ଷ କରିବାକୁ ବାଧ୍ୟ ହେଉଛନ୍ତି। ସେମିତି ୨ ମହିଳାଙ୍କୁ ଭେଟିଥିଲେ ଆମ ଖବରଦାତା। ନାଁ ତାଙ୍କର ଫ୍ରାନ୍‌ସିସ୍ ସୋରେନ। ବୟସ ୫୫। ମନ୍ଦିରା ଡ୍ୟାମ ନିର୍ମାଣ ସମୟରେ ସବୁ ଜମି କମ୍ପାନୀ ହାତକୁ ଚାଲିଗଲା ପରେ ତାଙ୍କ ଦୁଃଖ ବି ଯେମିତି ଆକାଶ ଛୁଇଁଛି। ଏ ନେଇ ସେ କୁହନ୍ତି, ଜମି ହରାଇବା ପରେ ଆମ ପରିବାରକୁ ଦୁର୍ଦ୍ଦିନ ଘୋଟି ଆସିଛି। ସେହି ଚିନ୍ତାରେ ସ୍ୱାମୀ ଶଯ୍ୟାଶାୟୀ ହେଲେ। ଜମି ବାଡି ଗଲା। କାମ ଧନ୍ଦା ମିଳିଲାନି। ଛୋଟ ପିଲାମାନେ ପାଠ ନ ପଢି ଘରେ ବସିଲେ। ଏମିତି ସମୟରେ





ଟ୍ରାଫିକ୍ ମାର୍କେଟରେ ଶୁଖୁଆ ବିକି ପରିବାର ପୋଷୁଛନ୍ତି ଫ୍ରାନ୍‌ସିସ୍ ସୋରେନ ଏବଂ ସାଓମେନ ଟପ୍ପୋ।

ଆଜକୁ ୪ବର୍ଷ ତଳେ ସ୍ୱାମୀ ଆର ପାରିକୁ ଚାଲିଗଲେ। ଝିଅ ଭଲ ପାଇ ଜଣେ ଯୁବକଙ୍କ ସହ କୁଆଡେ ଚାଲିଗଲା। ଏବେ ସାନ ପୁଅ ୧୦ମ ଶ୍ରେଣୀରେ ପଢୁଛି। ତା'ପାଇଁ ହାଟବଜାର ବୁଲି ଶୁଖୁଆ ବିକିବାକୁ ପଡୁଛି ବୋଲି କହିଛନ୍ତି ମନ୍ଦିରା ଡ୍ୟାମ ଅନ୍ତର୍ଗତ ବାଙ୍କିବାହାଲ ଗାଁର ଏହି ବିଧବା ମହିଳା ଫ୍ରାନ୍‌ସିସ୍ ସୋରେନ। ବିଧବା ଭତ୍ତା ପାଇବାକୁ ଏକାଧିକ ଥର ବିଭାଗୀୟ ଅଧିକାରୀଙ୍କୁ ନେହୁରା ହେଇଛି। ତଥାପି ମିଳୁନି। ସରକାର ଦେଉଥିବା ଚାଉଳ ଗଣ୍ଡାକରେ ଜୀବନ ବିତୁଛି। ଶୁଖୁଆ ବିକି ପ୍ରତିଦିନ ୨୦ରୁ ୩୦ ଟଙ୍କା ଲାଭ ମିଳୁଛି। ସେଥିରେ ତେଲ ଲୁଣ ସଂସାର ଚଳୁଛି ବୋଲି କୁହନ୍ତି ଫ୍ରାନ୍‌ସିସ୍। ଏପରି ପରିସ୍ଥିତିରେ ସାନ ଝିଅକୁ ପାଠ ପଢ଼ାଇବା ସମ୍ଭବ ହେଲାନି। ତାକୁ ବିବାହ କରାଇବାକୁ ପାଖରେ ଟଙ୍କା ନାହିଁ। ଶୁଣୁଛି ମନ୍ଦିରା ଡ୍ୟାମ ଜମିହରାଙ୍କୁ କୁଆଡେ ଚାକିରି ମିଳିଛି। ହେଲେ ଆମ ଜମି ବଦଳରେ କିଏ ଚାକିରି କଲା ସେକଥା ବୁଝାପଡୁନି ବୋଲି କହିଛନ୍ତି ରାଉରକେଲା ଟ୍ରାଫିକ ମାର୍କେଟରେ ଶୁଖୁଆ ବିକୁଥିବା ଫ୍ରାନ୍‌ସିସ୍। ସେମିତି ଆଉ ଜଣେ ଅସହାୟ ବୃଦ୍ଧା ହେଲେ ସାଓମେନ ଟପ୍ପୋ((୭୦)। ସେ ବି ଶୁଖୁଆ ବିକି ନିଜ ଗୁଜୁରାଣ ମେଣ୍ଟାଉଛନ୍ତି। ଷ୍ଟିଲସିଟିର ହାର୍ଟ କୁହାଯାଉ ଥିବା ଡିଲକ୍ସ ଲେନ୍‌ରେ ରୁହନ୍ତି ସେ। ନୂଆଗାଁ ଗୁଡଗୁଡା ଅଞ୍ଚଳର ମୂଳ ବାସିନ୍ଦା ସାଓମେନଙ୍କ ସ୍ୱାମୀ ତାଙ୍କୁ ତରୁଣ ବୟସରେ ହିଁ ଛାଡି ଆରପାରିକୁ ଚାଲିଗଲେ। ଝିଅଟିଏ ବାହା ସରିଛି। ଏବେ ତାଙ୍କ ପାଖରେ ଆଉ କେହି ନାହାଁନ୍ତି। ଡିଲକ୍ସ ଲେନ୍‌ରେ ରହୁଥିବା ଭାଇ ଭାଉଜ କେବେଠୁ ସଂସାର ଛାଡି ଚାଲି ଗଲେଣି। ଭତ୍ତା ଟଙ୍କା ଓ ବ୍ୟବସାୟରୁ ଯାହା ମିଳେ ସେଥିରେ ତାଙ୍କୁ ଭାତ ଗଣ୍ଡାଏ ମିଳେ। ସରକାର ଯଦି ରାଶନ କାର୍ଡ ଖଣ୍ଡେ ଦିଅନ୍ତେ ତା'ହେଲେ କିଛି ମାତ୍ରାରେ ଉପକାର ମିଳନ୍ତା ବୋଲି ସାଓମେନ କହିଛନ୍ତି।

## ଦେଶୀ ମଦ ଜବତ , ୪ ଗିରଫ

**ରାଉରକେଲା ଅଫିସ, ୫।୧୧**

ରାଉରକେଲା ଅବକାରୀ ବିଭାଗ ପକ୍ଷରୁ ମଙ୍ଗଳବାର ଲାଠିକଟା ଓ ରଘୁନାଥପାଲି ଥାନା ଅଞ୍ଚଳରେ ଚଢ଼ାଉ କରାଯାଇ ଦେଶୀ ମଦ ଜବତ କରାଯାଇଛି। ଏହା ସହ ଜଣେ ମହିଳାଙ୍କ ସମେତ ୪ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଏହି ଚଢ଼ାଉରେ ଅଭିଯୁକ୍ତଙ୍କ ପାଖରୁ ୧୮୦ ଲିଟର ଦେଶୀରନ୍ଧା ମଦ, ୧୭ଲିଟର ଦେଶୀ ପାଉଚ ମଦ ଜବତ କରାଯିବା ସହ ୨୨୫୦ କେଜି ମହୁଲ ପୋଚକୁ ଅବକାରୀ ବିଭାଗ ପକ୍ଷରୁ ନଷ୍ଟ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ଲାହାଡେରା (ମାନକୋ) ଅଞ୍ଚଳର ମାୱା ତିର୍କୀ ଓ ଲାଙ୍ଗୁ ତିର୍କୀ, ରୁପାଟୋଲା ଗ୍ରାମର ଦଲଗୋ ସମାସୀ ଏବଂ ନୟାଡେରା ଗ୍ରାମର ରାଇମାନି ସମିଆ। ଏହି ଚଢ଼ାଉରେ ଅବକାରୀ ଅଧିକାରୀ ଅରୁଣ ପାଢ଼ୀ,ମିହିର ସେଠୀ ଓ ଅବନୀ ମହାପାତ୍ର ପ୍ରମୁଖ ସାମିଲ ଥିଲେ।



ଜବତ ମଦ ସହ ଗିରଫ ଅଭିଯୁକ୍ତ।

## ଦକ୍ଷିଣ ପୂର୍ବ ରେଳପଥ ବିଭାଗୀୟ ଅଧିକାରୀଙ୍କୁ ଦାବିପତ୍ର



ଦକ୍ଷିଣ ପୂର୍ବ ରେଳପଥ ମହାପ୍ରବନ୍ଧକଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**ରାଉରକେଲା ଅଫିସ,୫।୧୧**

ଦକ୍ଷିଣ ପୂର୍ବ ରେଳବାଇ ମହାପ୍ରବନ୍ଧକଙ୍କ ରାଉରକେଲା ଆଗମନ କାଳରେ ସୋମବାର ଭାଜପା ପ୍ରତିନିଧି ମଣ୍ଡଳୀ ତାଙ୍କୁ ରେଳ ଷ୍ଟେଶନ ଠାରେ ସାକ୍ଷାତ କରି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବା ସହ ଏକ ଦାବି ପତ୍ର ପ୍ରଦାନ କରିଛନ୍ତି। ଏଥିରେ କୁହାଯାଇଛି ଯେ ଷ୍ଟିଲ ସିଟିର ବର୍ଦ୍ଧିତ ଜନସଂଖ୍ୟାକୁ ଭିତ୍ତିକରି ରେଳବାଇ ତାର ଆଭିମୂଖ୍ୟ ପରିବର୍ତ୍ତନ କରିବା ଆବଶ୍ୟକ। ଆଲୋଚନା କାଳରେ କୁହାଯାଇଥିଲା ଯେ, ରାଉରକେଲା ଭୁବନେଶ୍ୱର ଇଣ୍ଟରସିଟି ଗୋଟିଏ ପରିବର୍ତ୍ତେ ଦୁଇ ଯୋଡା ଟ୍ରେନ ପ୍ରଚଳନ କରାଯିବା ଆବଶ୍ୟକ ରହିଛି। କୋଣାର୍କ ଟକିଜ ନିକଟରୁ ବାସନ୍ତୀ କଲୋନୀ ଯାଏ ସଂଯୋଗ କରିଥିବା ରାସ୍ତା ପ୍ରସସ୍ତୀକରଣ ନେଇ ରେଳବାଇ ଜାଗା ପ୍ରଦାନ କରୁ। ଛପରା ରାଞ୍ଚି ମୌର୍ଯ୍ୟ ଏକ୍ସପ୍ରେସକୁ ରାରାଉରକେଲା ପର୍ଯ୍ୟନ୍ତ ସମ୍ପ୍ରସାରଣ କରିବାକୁ ଭାଜପା ପ୍ରତିନିଧି ମଣ୍ଡଳୀ ଦାବି କରିଥିଲେ। ସହରବାସୀଙ୍କ ସୁବିଧା ଓ ୫ଟି ଜିଲାବାସୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ଭଦ୍ରକ ରାଉରକେଲା ଇଣ୍ଟରସିଟି ଏକ୍ସପ୍ରେସ ଚଳାଚଳ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଷ୍ଟେଶନ ପ୍ରବେଶ ଓ ପ୍ରସ୍ଥାନ ପଥ ଅଲଗା କରିବାକୁ ପ୍ରତିନିଧି ମଣ୍ଡଳୀ ପ୍ରସ୍ତାବ ଦେଇଥିଲେ। ସବୁ ପ୍ଲାଟଫର୍ମରେ ବିଦ୍ୟୁତଚାଳିତ ସିଡି ସଂଯୋଗ କରାଯାଉ। ରେଳ ଷ୍ଟେଶନର ସମ୍ପ୍ରସାରଣ ସହ ଆଧୁନିକୀକରଣ ଉପରେ ଅଲୋଚନା କରଯାଇ ଥିଲା। ପାର୍କିଂ ସ୍ଥଳରେ ଗାଡି ଗୁଡିକରୁ ଆଦାୟ କରାଯାଇଥିବା ଫି ହ୍ରାସ ନେଇ ପ୍ରତିନିଧି ଦଳ ଆଲଚୋନା କରିଥିଲେ। ଏଥିରେ ଜିଲା ସଭାପତି ଜଗବନ୍ଧୁ ବେହେରା, ମୁଖପାତ୍ର ଭଗବାନ ରାଉତ, ଦିଲ୍ଲୀପ ଦାସ, ଅଙ୍କୁଶ ବର୍ମା, ସରୋଜ ଦାସ, କେଦାର ମହାନ୍ତି, ଲୁଲୁ ପାତ୍ର, ଓମପ୍ରକାଶ ଖଣ୍ଡେଲୱାଲ ପ୍ରମୁଖ ଉପସ୍ଥିତ ଥିଲେ।

## ମନ୍ତ୍ରୀଙ୍କ ସହ ପାନପୋଷ କ୍ରୀଡା ସଙ୍ଗଠନ କର୍ମକର୍ତ୍ତାଙ୍କ ଆଲୋଚନା

**ରାଉରକେଲା ଅଫିସ,୫। ୧୧**

ପାନପୋଷ କ୍ରୀଡା ସଙ୍ଗଠନ ସମ୍ପାଦକ ତଥା ଜଣାଶୁଣା କୀଡା ସଙ୍ଗଠକ ସୁଶାନ୍ତ ବେହେରା ରାଜ୍ୟ କୀଡା ମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କୁ ଭୁବନେଶ୍ୱର ଠାରେ ସାକ୍ଷାତ କରି କ୍ରୀଡା ଓ କ୍ରୀଡାବିତଙ୍କ ସର୍ବାଙ୍ଗୀନ ବିକାଶ ନେଇ ଆଲୋଚନା କରିଛନ୍ତି। ଏହି ଅବସରରେ ସେ ପାନପୋଷ କ୍ରୀଡା ଛାତ୍ରାବାସ ଅନ୍ତେବାସୀଙ୍କ ଦୀର୍ଘ ସମସ୍ୟା ନେଇ ଆଲୋଚନା କରିଛନ୍ତି। ଏଠାରେ ଆବଶ୍ୟକ ରହିଥିବା ଜଣେ ଫିଡିଓଥିରାପିଙ୍କ ନିଯୁକ୍ତି, ଖେଳ ପଡିଆରେ ଏକ ଦର୍ଶକ ଗ୍ୟାଲେରୀ ନିର୍ମାଣ, ଛାତ୍ରାବାସରେ ଏକ ସମ୍ମିଳନୀ କକ୍ଷ ସମ୍ପର୍କରେ ଏକ ସକାରାତ୍ମକ ଆଲୋଚନା କରଯାଇଛି। ଅନ୍ତେବାସୀଙ୍କ ନିମନ୍ତେଏକ ସାଇକ୍ଲି ଷ୍ଟାଣ୍ଡ ପାଇଁ ମଧ ବେହେରା ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। କେବଳ ରାଉରକେଲା ନୁହେଁ, ରାଜ୍ୟର ବିଭିନ୍ନ ସ୍ଥାନରେ ରହିଥିବା କ୍ରୀଡା ଛାତ୍ରାବାସର ଉନ୍ନତି କରଣ ସହ ଉପରୋକ୍ତ ସୁବିଧା ପ୍ରଦାନ ପାଇଁ ସେ ଦାବି କରିଛନ୍ତି। କୀଡାବିତଙ୍କ ଭତା ବୃଦ୍ଧି ନେଇ ବେହେରା ମତବ୍ୟକ୍ତ କରିଥିବା ବେଳେ ଏଥିରେ ସମସ୍ତ ଯୋଗ୍ୟ ଖେଳାଳିଙ୍କୁ ସାମିଲ କରିବାକୁ ଦାବି କରିଛନ୍ତି। ଏହି ଅବସରରେ ସେ ସାଇକେଲ ଓ ହକି ଖେଳାଳିଙ୍କ ବିକାଶ ନେଇ ମନ୍ତ୍ରୀଙ୍କୁ କେତେକ ପ୍ରସ୍ତାବ ପ୍ରଦାନ କରିଥିଲେ। ଆଗାମୀ ଦିନରେ ସୁନ୍ଦରଗଡ ଆସି କ୍ରୀଡା ଭିତ୍ତିଭୂମି ତଦାରଖ ନେଇ ବେହେରା ମନ୍ତ୍ରୀଙ୍କୁ ଅମନ୍ତ୍ରଣ କରିବାରୁ ସେ ଏହାକୁ ଗ୍ରହଣ କରିଛନ୍ତି। ମନ୍ତ୍ରୀଙ୍କ ସକାରାତ୍ମକ ଚିନ୍ତା ସୁନ୍ଦରଗଡ ଜିଲ୍ଲା କ୍ରୀଡାବିତଙ୍କ ବିକାଶରେ ସହାୟକ ହେବ ବୋଲି ବେହେରା ଆଶା ବ୍ୟକ୍ତ କରିଛନ୍ତି।

### ■ ତାଳଚେର-ବିମଳାଗଡ଼ ରେଳପଥ ପ୍ରସଙ୍ଗ

# ୫୦ବର୍ଷ ପରେ ବି କାମ ଅଟକି ରହିଛି

**ରାଉରକେଲା ଅଫିସ, ୫।୧୧**

ତାଳଚେର-ବିମଳାଗଡ଼ ରେଳପଥ ନିର୍ମାଣ ପାଇଁ ସଂଗ୍ରାମ ସମିତି ପକ୍ଷରୁ ୧୯୬୯ ମସିହାରୁ ଆନ୍ଦୋଳନ ଚାଲିଛି। ଏହାପରେ ବି ଏହି ରେଳପଥ ନିର୍ମାଣ ସମ୍ପୂର୍ଣ୍ଣ ହୋଇପାରିନାହିଁ। ଏଥିପାଇଁ କେନ୍ଦ୍ର ସରକାର ବୈମାତୃକ ମନୋଭାବ ପୋଷଣ କରୁଥିବା ବେଳେ ରାଜ୍ୟ ସରକାର କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବା ସଂଗ୍ରାମ ସମିତି ପକ୍ଷରୁ ଅଭିଯୋଗ କରାଯାଇଛି। ରେଳମନ୍ତ୍ରୀମାନେ ଏଥିପ୍ରତି ଗୁରୁତ୍ୱ ଦେଇ ନାହାଁନ୍ତି। ଏ ନେଇ ରାଜ୍ୟ ସରକାର ମଧ ଅନୁରୂପ ଭାବେ ଦାୟୀ। ରେଳ ମନ୍ତ୍ରାଳୟକୁ ପ୍ରସ୍ତାବ ଦେଲା ବେଳେ ଯଥାର୍ଥତା ନ ଦେଖାଇ କେବଳ ଅଧିକ ଟଙ୍କା ମାଗୁଛନ୍ତି। ଫଳରେ ଉକ୍ତ ପ୍ରକଳ୍ପ କାମ ଅଟକି ରହିଛି ବୋଲି ସମିତିର କର୍ମକର୍ତ୍ତା କହିଛନ୍ତି। ତାଳଚେର ବିମଳାଗଡ ସଂଗ୍ରାମ ସମିତି ଏ ନେଇ ବିଭିନ୍ନ ସମୟରେ ଦାବି, ସ୍ମାରକପତ୍ର, ଆନ୍ଦୋଳନ ଚଳାଇ ରଖିଛି। ଫଳ ସ୍ୱରୂପ ବିଭିନ୍ନ ସମୟରେ କିଛି କିଛି ଅର୍ଥ ମଞ୍ଜୁର କରାଯାଉଛି। ମାତ୍ର ଦୀର୍ଘ ୫୦ ବର୍ଷ ଭିତରେ ଆବଶ୍ୟକ ଜମି ଅଧିଗ୍ରହଣ ସମ୍ଭବ ହୋଇ ପାରିନି। ସଂଗ୍ରାମ ସମିତିର ସଦସ୍ୟମାନେ ୨ ବିଧାୟକଙ୍କ ସହ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଏ ନେଇ ଆଲୋଚନା କରିଥିଲେ। ମୁଖ୍ୟମନ୍ତ୍ରୀ ମଧ୍ୟ ଗୁରୁତ୍ୱ ଉପଲବ୍ଧି କରି ବିହିତ ବ୍ୟବସ୍ଥା କରିଥିଲେ। ସୁନ୍ଦରଗଡ, ଦେବଗଡ ଓ ଅନୁଗୋଳ ଜିଲାପାଳମାନଙ୍କୁ ଜମି ଅଧିଗ୍ରହଣ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହା ପରେ ଜମି ଅଧିଗ୍ରହଣ କାର୍ଯ୍ୟରେ ଅଫିସରମାନେ ତତ୍ପରତା ଦେଖାଇ ଥିଲେ। ଜମି ଅଧିଗ୍ରହଣ ପାଇଁ ଅଫିସର ଓ କର୍ମଚାରୀ ଅଭାବ ଥିବାରୁ ଏଥିପାଇଁ ଅଭିଜ୍ଞ ଓ ଦାୟିତ୍ୱବାନ ଅବସରପ୍ରାପ୍ତ ରେଭିନ୍ୟୁ ଅଫିସରଙ୍କୁ ନିଯୁକ୍ତି କରାଯାଇଥିଲା। ହେଲେ ସୁନ୍ଦରଗଡ଼ ଜିଲା ପାଇଁ ଯେଉଁ ଅଫିସରଙ୍କୁ ଦାୟିତ୍ୱ ଦିଆଯାଇ ଥିଲା ସେ ତତ୍ପରତା ପ୍ରକାଶ କରୁ ନ ଥିବା ଅଭିଯୋଗ ହୋଇଥିଲା। ପରେ ସଂଗ୍ରାମ ସମିତି ପକ୍ଷରୁ ସେହି ଅଫିସରଙ୍କ ବଦଳି ସହ ଆଉ ଜଣେ ନୂଆ ଅଫିସରଙ୍କୁ ଦାୟିତ୍ୱ ଦେବାକୁ ଜିଲାପାଳଙ୍କୁ ଅନୁରୋଧ କରିଥିଲା। ଜିଲାପାଳ ନୂତନ ଅଧିକାରୀ ଅଶୋକ ସିଂହଙ୍କୁ ନିଯୁକ୍ତି ଦେଇଥିଲେ। ଏହା ପରେ ଉକ୍ତ ପ୍ରକଳ୍ପ କାମ କିଛି ଆଗେଇ ଥିବା ବେଳେ ତାଙ୍କ ହାତରୁ ଆର୍ଥିକ କ୍ଷମତା କାଢି ନିଆଯାଇ ବଣାଇ ଉପଜିଲାପାଳଙ୍କୁ ଦିଆଯାଇଥିଲା। ସେଥିରେ ବି କିଛି ଅସୁବିଧା ନ ଥିଲା। ହେଲେ ଇତିମଧ୍ୟରେ ବଣାଇ ତହସିଲଦାର ଯିଏ ଏ ସମସ୍ତ କାର୍ଯ୍ୟର ମୁଖ୍ୟ ଯୋଗସୂତ୍ର ଥିଲେ ତାଙ୍କୁ ହଠାତ୍ ବଦଳି କରି ଦିଆଗଲା। ତାଙ୍କ ସ୍ଥାନରେ କାହାରିକୁ ଏ ପର୍ଯ୍ୟନ୍ତ ପୋଷ୍ଟିଂ କରାଯାଇ ନାହିଁ। ଅନ୍ୟପକ୍ଷେ ସିଂହଙ୍କ ଦାୟିତ୍ୱ ଗତ ୩୧ ତାରିଖରୁ ଶେଷ କରି ଦିଆଯାଇଛି। ତାଙ୍କ ସ୍ଥାନରେ କାହାରିକୁ ନିଯୁକ୍ତି ମିଳିନି। ସଂଗ୍ରାମ ସମିତି ପକ୍ଷରୁ, ରେଳବାଇ ମନ୍ତ୍ରୀଙ୍କ ସହ ମୁଖ୍ୟମନ୍ତ୍ରୀଙ୍କୁ ଏ ସଂକ୍ରାନ୍ତରେ ସ୍ମାରକପତ୍ର ଦିଆଯାଇଛି। ଆସିଥିବା ଟଙ୍କା ଖର୍ଚ୍ଚ ନ ହୋଇ ଫେରି ଯାଇଛି। ଏ ସଂକ୍ରାନ୍ତରେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ସଙ୍ଗଠନ ପକ୍ଷରୁ ଅନୁରୋଧ କରାଯାଇଛି।

## ରେଳବାଇ ମ୍ୟାନେଜରଙ୍କ ସହ ଆଲୋଚନା



ଦକ୍ଷିଣପୂର୍ବ ରେଳପଥ ଜିଏମଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**ରାଉରକେଲା ଅଫିସ,୫।୧୧**

ଦକ୍ଷିଣ ପୂର୍ବ ରେଳପଥ ମ୍ୟାନେଜର ସଞ୍ଜୟ ମହାନ୍ତିଙ୍କ ରାଉରକେଲା ଗସ୍ତ ଅବସରରେ ତାଙ୍କୁ ଡେଭଲପମେଣ୍ଟ ଷ୍ଟିୟରିଂ କମିଟି କର୍ମକର୍ତ୍ତା ଭେଟି ସୋମବାର ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଆବାହକ ସୁବ୍ରତ ପଟ୍ଟନାୟକଙ୍କ ସମେତ ଏଥିରେ ସଭ୍ୟ ରମେଶ ବଳ, ବିମାନ ମାଇତି ଶ୍ରୀମନ୍ତ ବେହେରା, ଦଲଜିତ ସିଂ, ଅରୁଣ ସିଂ ଓ ଛବି ମହାନ୍ତି ପ୍ରମୁଖ ସୌଜନ୍ୟମୂଳକ ସାକ୍ଷାତ କରି ରାଉରକେଲା ରେଳ ଷ୍ଟେସନ ଓ କେତକ ଜରୁରି ରେଳ ସେବା ବାବଦରେ ଦୃଷ୍ଟି ଅକର୍ଷଣ କରିଥିଲେ। ଏନେଇ ପୂର୍ଣ୍ଣ ସହଯୋଗ କରାଯିବ ବୋଲି ମହାନ୍ତି ତାଙ୍କ ଉତ୍ତରରେ କହିଛନ୍ତି।



ଆର୍‌ଏସ୍‌ପି ସ୍ୱଚ୍ଛତା ଅଭିଯାନରେ ସାମିଲ ହୋଇଥିବା ଅଧିକାରୀ , ଛାତ୍ରୀଛାତ୍ର ଓ ଜନସାଧାରଣ।

# ଆର୍‌ଏସ୍‌ପି ପକ୍ଷରୁ ସ୍ୱଚ୍ଛତା ଅଭିଯାନ

**ରାଉରକେଲା ଅଫିସ, ୫।୧୧**

ରାଉରକେଲା ଇସ୍ପାତ କାରଖାନା ପକ୍ଷରୁ ମଙ୍ଗଳବାର ଇସ୍ପାତ ମାର୍କେଟ ଓ ଏହାର ଆଖପାଖ ଅଞ୍ଚଳରେ ଆୟୋଜିତ ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମରେ କର୍ମଚାରୀ, ସିଆଇଏସ୍‌ଏଫ୍, ଛାତ୍ରୀଛାତ୍ର ଏବଂ ରାଉରକେଲାବାସୀ ଭାଗ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ଆର୍‌ଏସ୍‌ପି ସିଇଓ ଦୀପକ ଚଟ୍ଟରାଜ ମୁଖ୍ୟଅତିଥି ଭାବେ ଯୋଗଦେଇ ସମସ୍ତଙ୍କୁ ନିଜର ପାରିପାର୍ଶ୍ୱକୁ ପରିଷ୍କାର ପରିଚ୍ଛନ୍ନ ରଖିବା ପାଇଁ ଆହ୍ୱାନ ଜଣାଇଥିଲେ। ଏହି ଅଭିଯାନରେ କାର୍ମିକ ଓ ପ୍ରଶାସନ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ରାଜବୀର ସିଂ, କାର୍ଯ୍ୟ ବିଭାଗର ଗୌତମ ବାନାର୍ଜୀ, ସାମଗ୍ରୀ ପରିଚାଳନା ବିଭାଗର ଦିଲୀପ ମହାପାତ୍ର, ପ୍ରକଳ୍ପ ବିଭାଗର ପଙ୍କଜ କୁମାର, ସ୍ୱାସ୍ଥ୍ୟସେବା ବିଭାଗର ଭାରପ୍ରାପ୍ତ ନିର୍ଦ୍ଦେଶକ ଡ. ଏସ୍.ଏସ୍.ପତି, ବିତ୍ତ ଓ ଲେଖା ବିଭାଗର ପ୍ରବୀଣ ନିଗମ ପ୍ରମୁଖଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଯୋଗଦେଇଥିଲେ। ସହର ଇଞ୍ଜିନିୟରିଂ ବିଭାଗର ଜିଏମ୍ ବି. ସିଂହ ସମସ୍ତ ଅଂଶଗ୍ରହଣକାରୀଙ୍କୁ ଶପଥପାଠ କରାଇଥିଲେ। ଏହି ଅଭିଯାନରେ ଅଂଶଗ୍ରହଣକାରୀ ୮ଟି ଦଳରେ ବିଭକ୍ତ ହୋଇ ଇସ୍ପାତ ମାର୍କେଟର ବିଭିନ୍ନ ଭାଗ, ବଜାରର ପରିପାର୍ଶ୍ୱ, ଫୁଡକୋର୍ଟ, ମାଛ ଓ ପନପରିବା ବଜାର, ଗଜପତି ମାର୍କେଟ ଓ କବି ସମ୍ରାଟ ପଲ୍ଲୀ ଅଞ୍ଚଳରେ ସଫେଇ କରିଥିଲେ। ଛାତ୍ରୀଛାତ୍ରମାନେ ପ୍ଲାକାର୍ଡ ଧରି ଏକ ପଦଯାତ୍ରାରେ ଇସ୍ପାତ ମାର୍କେଟକୁ ଆସିଥିଲେ। ଇସ୍ପାତ ମାର୍କେଟରେ ଦୈନିକ ଶତାଧିକ ଲୋକଙ୍କ ଆଗମନକୁ ଦୃଷ୍ଟିରେ ରଖି ଏହି ଅଭିଯାନ ଆୟୋଜିତ ହୋଇଥିଲା। ସୂଚନାଯୋଗ୍ୟ ଯେ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ପାଳନ ଉପଲକ୍ଷେ ରାଉରକେଲା ଇସ୍ପାତ କାରଖାନା ବିବିଧ କାର୍ଯ୍ୟକ୍ରମ ମାନ ଆୟୋଜିତ କରୁଛି। ଶିଳ୍ପ ସହରକୁ ସ୍ୱଚ୍ଛ ସୁନ୍ଦର ଗଢ଼ି ମହାତ୍ମାଙ୍କ ସ୍ୱଚ୍ଛ ଭାରତର ସ୍ୱପ୍ନକୁ ସାକାର କରିବା ଦିଗରେ ସହାୟକ ହେବା ଜୟନ୍ତୀ ପାଳନର ଅନ୍ୟ ଏକ ପ୍ରମୁଖ ଅଂଶ ଅଟେ।

### ■ କର୍ମଜୀବୀ ମହିଳାଙ୍କ ସୁରକ୍ଷା ଦାବି

# ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ଦାବିପତ୍ର

**ରାଉରକେଲାଅଫିସ, ୫।୧୧**

କର୍ମଜୀବୀ ମହିଳାଙ୍କ ସୁରକ୍ଷା ଦାବିରେ ରାଉରକେଲା ଭାରତୀୟ ମହିଳା ମୋର୍ଚ୍ଚ ପାନପୋଷ ଶାଖା ପକ୍ଷରୁ ମଙ୍ଗଳବାର ରାଉରକେଲା ଏଡିଏମ୍‌ଙ୍କ ଜରିଆରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ କୁହାଯାଇଛି ଯେ, ଧର୍ମଶାଳା ଭିଏଲଡବ୍ଲୁ ସ୍ମିତାରାଣୀ ବିଶ୍ୱାଳଙ୍କ ହତ୍ୟାକାଣ୍ଡ, କେନ୍ଦ୍ରାପଡା ଯୌନ କେଳେଙ୍କାରୀ ଅଭିଯୁକ୍ତଙ୍କ ବିରୋଧରେ ଦୃଢ କାର୍ଯାୟନୁଷ୍ଠାନ କାହିଁକି ନିଆଯାଇନି ପ୍ରଶ୍ନ କରାଯାଇଛି। ଓଡିଶାରେ ମହିଳା ଅସୁରକ୍ଷିତ ହୋଇ ପଡିଥିବା ବେଳେ ସରକାର ନିଦା ବିଷ୍ଟୁ ସାଜିଛନ୍ତି। ରାଜ୍ୟର ଏଭଳି ଅନେକ ଘଟଣାରେ ସରକାର ଚୁପ ବସିଛନ୍ତି। ଏହା ଦ୍ୱାରା ମହିଳାଙ୍କ ଚରିତ୍ର ସଂହାର ହେଉଛି ବୋଲି ଭାଜପା ମହିଳା ମୋର୍ଚ୍ଚା ଅଭିଯୋଗ କରିଛି। ବିଭିନ୍ନ ଘଟଣାରେ ସମ୍ପୃକ୍ତ ଅପରାଧି ଖୋଲାମେଲା ବୁଲୁଥିବା ବେଳେ ସରକାର ଏମାନଙ୍କୁ ସୁରକ୍ଷା ଦେବା ଅତ୍ୟନ୍ତ ଲଜ୍ଜାକର ବିଷୟ। କେନ୍ଦ୍ରାପଡା ଘଟଣାରେ ପ୍ରମୋଦ ସାହୁଙ୍କୁ ଗିରଫ କରି ପୋଲିସ ଘଟଣାକୁ ଚାପି ଦେବାକୁ ବସିଛି। ଏହାକୁ କସ୍ମିନକାଳେ ବରଦାସ୍ତ କରାଯିବନି। ରାଜ୍ୟବ୍ୟାପି ମହିଳାଙ୍କୁ ନେଇ ତୀବ୍ରତର ଆନ୍ଦୋଳନ କରାଯିବ ବୋଲି ଏହି ଦାବିପତ୍ରରେ କୁହାଯାଇଛି।



ଭାଜପା ମହିଳା ମୋର୍ଚ୍ଚା କର୍ମକର୍ତ୍ତା ଦାବିପତ୍ର ଦେବାକୁ ଯାଉଛନ୍ତି।